ଅକ୍ଟୋବର ୨୦୨୨ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website : www.rebatee.in



## ପୂଜାପ୍ରସଙ୍ଗ

## ମାତୃଶକ୍ତି


SHINE BRIGHT
WITH THE
TRUE SHAKTI WITHIN
Mehers®
Woman.God's most beautiful creation.
7.5% FLAT DISCOUNT*
*Conditions Apply
Sanket mh'22
SRIYA SQUARE, PH: 2380826, 2380830
G-51, CHANDRASEKHARPUR, MOB.: +91 8249681032, BHUBANESWAR

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୧୨ଶ ସଂଖ୍ୟା, ଅକ୍ଟୋବର ୨୦୨୨ ■ Vol-4, Issue : 12, October 2022



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**

Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**

Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

# ସୂ ଚୀ ପ ତ୍ର

। ୪ର୍ଥ ବର୍ଷ । ୧୨ଶ ସଂଖ୍ୟା । ଅକ୍ଟୋବର ୨୦୨୨ ।

ରେବତୀ
ଆମ ମାଟିର ସ୍ୱର

୧୧ ସମ୍ପାଦକୀୟ : ପାରିବାରିକ ମାତୃଶକ୍ତି : ସୁବାସିନୀ ଜେନା













୭
ବିଶେଷ ମତ : ହରିହାଟ ବନାମ...: ଡକ୍ଟର ଶିଶିର ବେହେରା

୧୨
ପ୍ରସଙ୍ଗ-୧ : ମାତୃ ରୂପେଣ ସଂସ୍ଥିତା : ପ୍ରଜ୍ଞାଶ୍ରୀ ରଥ

୨୦
ପ୍ରସଙ୍ଗ-୨ : ଶକ୍ତି ସ୍ୱରୂପିଣୀ ଦୁର୍ଗା : ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ


୨୭
ମାନନୀୟେଷୁ : ବର୍ଣ୍ଣିଳ ବିଭୂତି : ରବି ପଣ୍ଡା

୪୦
ଘଟଣା ଚରିତ୍ର : ଶିଖାର ନାଁ ସୂର୍ଯ୍ୟ : ଅଜୟ ସ୍ୱାଇଁ

୪୫
ସ୍ଥାନ-କାଳ-ପାତ୍ର : ଭୀମ ଭୋଇଙ୍କ ଭୂଇଁ : ଭୀମ ପୃଷ୍ଟି

୫୩
ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ

୫୪ ଦ୍ୱି-ପ୍ରଚ୍ଛଦ : ଅର୍ପିତା ଦାସ
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ବଂଶୀଧର ଷଡ଼ଙ୍ଗୀ
୫୮ : ହରପ୍ରସାଦ ଦାସ
୫୯ : ଫନୀ ମହାନ୍ତି
୬୦ : ଶ୍ରୀଦେବ
୬୨ : ଅମରେନ୍ଦ୍ର ଖଟୁଆ
: ସୁଶୀଲ କୁମାର ପାଣିଗ୍ରାହୀ
୬୩ : ସେନାପତି ପ୍ରଦ୍ୟୁମ୍ନ କେଶରୀ
୬୪ : ହରିଷ୍ଚନ୍ଦ୍ର ବେହେରା
୬୫ : ବିଜନ ରାୟ
: ସଦାଶିବ ଦାଶ
୬୬ : ବଂଶୀଧର ଚୌଧୁରୀ
: ଅଶୋକ କୁମାର ମହାନ୍ତି
୬୭ : ମମତା ଦାଶ
୬୮ : ପୀତାମ୍ବର ତରାଇ
୬୯ : ସୁଷମା ମିଶ୍ର
: ଦୀପ୍ତି ଦାସ
୭୦ : ସୁକୁମାର ଦାସ
୭୧ : ବୈକୁଣ୍ଠନାଥ ସାହୁ
୭୨ : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ
୭୩ : ସ୍ୱରୂପ ମହାପାତ୍ର










୭୪ କଥା-କାହାଣୀ-୧ : **ବିଜୟ ନାୟକ**

୮୦ ପଛ-ଝର୍କା : **ନେତାଜୀ ଅଭିନନ୍ଦନ**

୮୩ କଥା-କାହାଣୀ-୨ : **ପ୍ରଶାନ୍ତ ଦାସ**

୮୮ କଥା-କାହାଣୀ-୩ : **ଅଶ୍ୱିନୀ କୁମାର ମହାନ୍ତି**

୯୪ ପୁଷ୍ପବିତାନ : **ଶ୍ୱେତା ରାଉତ**








## ନିୟମିତ ବିଭାଗ


ରୋଷେଇଶାଳ:

୧୦୦ : **ରଷିକା ରୁଚିରମ୍ୟା**

୧୦୨ : **ରୋନାଲିସା ପଣ୍ଡା**

୧୦୪ : **ଗୀତିକା ବିଶ୍ୱାଳ**

୧୦୬ ଶେଷପୃଷ୍ଠା : **ସୃଜନଶୀଳତା ଓ ମାତୃଶକ୍ତି : କୃଷ୍ଣ କୁମାର ମହାନ୍ତି**






ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**

ପ୍ରଚ୍ଛଦ ମଡେଲ୍ : **ଅର୍ଚ୍ଚିତା ସାହୁ,** ଅଭିନେତ୍ରୀ

ଉଚ୍ଚତା : **୫ ଫୁଟ୍ ୮ ଇଞ୍ଚ୍**

ବୃତ୍ତି : **ଫିଲ୍ମ ଅଭିନେତ୍ରୀ**

ଶିକ୍ଷା : **ବି.ଟେକ୍, ଏମ୍‌ବିଏ**

ପ୍ରଚ୍ଛଦ ଫଟୋଗ୍ରାଫି : **ବିକାଶ ଫଟୋଗ୍ରାଫି**

ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ,** ସୋନପୁର

ମେକ୍‌ଅପ୍ : **ବିଧାନ**


ହେୟାର୍ ଷ୍ଟାଇଲ୍ : **ଜୁଲିଆ**

ଜୁଏଲାରୀ : **ସାକ୍ଷୀ ଜୁଏଲ୍‌ସ୍, ଏସ୍‌ପ୍ଲାନେଡ୍**

କଷ୍ଟ୍ୟୁମ୍ : **ଜୁବିସ୍ ଡିଜାଇନର୍ ହାଉସ୍**

ସ୍ଥାନ : **ଭୁବନେଶ୍ୱର**


**ମଲାଟ କଥା :** ପାର୍ବଣର ମାହେନ୍ଦ୍ର ମୁହୂର୍ତ୍ତରେ ଦେବୀଙ୍କୁ ଆବାହନର ପ୍ରସ୍ତୁତି ସବୁଠି । ବର୍ଷରେ ଏ ଏକ ଏମିତି ସମୟ, ଯାହାକୁ ଅପେକ୍ଷା କରିଥାନ୍ତି ଆବାଳବୃଦ୍ଧବନିତା । ଶରତର ଶାରଦୀୟ ଶୋଭାରେ ପୃଥିବୀ ସଜେଇ ହୋଇଥିବା ବେଳେ ମାଆ ଦୁର୍ଗାଙ୍କ ଆଗମନ ମନରେ ଭରିଦିଏ ଆନନ୍ଦ ଓ ଆଲୋକର ଉତ୍ସାହ । ସହର, ଜନପଦ ସର୍ବତ୍ର ଆରମ୍ଭ ହୁଏ ଦେବୀଙ୍କ ପୂଜାବିଧି । ଏହା ଶକ୍ତି ଉପାସନାର ପର୍ବ । ଏହି ପର୍ବର ଶେଷଦିନଟିକୁ ଦଶହରା ବା ବିଜୟା ଦଶମୀ ବୋଲି କୁହାଯାଏ । ଦେବୀ ଦୁର୍ଗା ଦୁଃଖନାଶିନୀ । ତେଣୁ ଦେବୀଙ୍କୁ ଆବାହନୀ ଆରାଧନା ଆମର ଏଥରର ପ୍ରଚ୍ଛଦ ।









## ପ୍ରତିଟି ପ୍ରଚ୍ଛଦ ହେଉଛି ଚିତ୍ତାକର୍ଷକ

● ଓଡ଼ିଆ ଗହ୍ଵର ଆଦ୍ୟ ସ୍ୱର 'ରେବତୀ' ଯେପରି କୋଟି କୋଟି ସାହିତ୍ୟାନୁରାଗୀଙ୍କ ହୃଦୟକୁ ମହିମା ମଣ୍ଡିତ କରିଛି, ସେହିପରି ପତ୍ରିକା ଜଗତରେ 'ରେବତୀ ଆମ ମାଟିର ସ୍ୱର'କୁ ସୁଧାମୟ କରିଛି, ପାଠକ ମହଲରେ । ସୌନ୍ଦର୍ଯ୍ୟମୟୀ ଓ ପ୍ରତିଭା ସମ୍ପନ୍ନ ଲଳନା, ଚିତାକର୍ଷକ କୁରୁଛନ୍ତି ପ୍ରତିଟି ପ୍ରଚ୍ଛଦ । ଏଥିସହିତ ମନଛୁଆଁ ପ୍ରାରମ୍ଭିକ ପୃଷ୍ଠା, ସରସ ସୂଚୀପତ୍ର, ଶ୍ରେଷ୍ଠ ବିଚାରକ ପାଠକୀୟ ଅଭିମତ 'ମତଅମତ', ସାରଗର୍ଭକ 'ବିଶେଷ ମତ' ଓ ସର୍ବୋପରି ସମ୍ଭ୍ରାନ୍ତ ସମ୍ପାଦକୀୟ ପୃଷ୍ଠା, 'ରେବତୀ'କୁ ଗୁଣାତ୍ମକ ପତ୍ରିକା ଭାବରେ ପ୍ରଦର୍ଶିତ କରୁଛି । ମୁଁ ଭାବୁଛି, କେବଳ ପୂଜା ସଂଖ୍ୟା ନୁହେଁ, ପ୍ରତି ସଂଖ୍ୟାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରି ଆସୁଥିବା 'ରେବତୀ'ର କର୍ମକର୍ତ୍ତାମାନଙ୍କ କମନୀୟ ଚିନ୍ତା ଚେତନା ନିକଟରେ ନିଶ୍ଚୟ ଅଜାଡ଼ି ହୋଇ ପଡୁଥିବ ପାଠକୀୟ ପ୍ରଶଂସା । ଏଥିରେ ଓଡ଼ିଆ ଘରର ଓଜସ୍ୱିନୀ ପରମ୍ପରା ଓ ଆଧ୍ୟାତ୍ମିକ ପୁସ୍ତକ ତଥା ପୁରାଣ ବର୍ଣ୍ଣିତ ୩୩ କୋଟି ଦେବଦେବୀଙ୍କ ମହାନ ତୀର୍ଥକ୍ଷେତ୍ର ଓ ପର୍ବପର୍ବାଣିକୁ ନେଇ ମଣ୍ଡିତ ହେଉଥିବା ବହୁମୂଲ୍ୟ ପୃଷ୍ଠାଗୁଡ଼ିକ ଓଡ଼ିଶାରେ ସାଂସ୍କୃତିକ ଚେତନା ସୃଷ୍ଟି କରିବାରେ ଅନନ୍ୟ ଭୂମିକା ଗ୍ରହଣ କରିଛି, ଏଥିରେ ଦ୍ୱିମତ ନାହିଁ । ଏଥିସହିତ ସମାଜର ସୁସ୍ଥ ସ୍ଥିତିକୁ କବିତାର ସୁମଧୁର ଧାରା ପତ୍ରିକାର ଗୁରୁତ୍ୱକୁ ବହୁଗୁଣିତ କରୁଛି । ଖାଦ୍ୟ ଆହରଣର ଶେଷରେ ଅମୃତମୟ କ୍ଷୀରିର ଆସ୍ୱାଦନ ଯେପରି ମନରେ ଆନନ୍ଦ ଭରିଦିଏ, ସେହିପରି ନିରାମିଷ ରାନ୍ଧଣା ସାଙ୍ଗକୁ ସାମ୍ପ୍ରତିକ 'ଶେଷପୃଷ୍ଠା'ର ମହକ ବାସ୍ତବରେ ନିଆରା ।

**ଦୀପ୍ତି ଖଣ୍ଡୁଆଳ,** ପଦ୍ମ ଅରଣ୍ୟ, ସିହା,
ଏରସମା, ଜଗତସିଂହପୁର-୭୫୪୧୩୯,
ଫୋନ:୯୯୩୮୧୪୫୫୩୪

## ନିୟମଗିରିର ନିୟତି ଲେଖା ଭଲ ଲାଗିଲା

● 'ନିୟମଗିରିର ନିୟତି ଡଙ୍ଗରିଆର ଜୀବନ-ଗୀତି' ଶୀର୍ଷକ ଦ୍ୱିତୀଚନ୍ଦ୍ର ସାହୁଙ୍କ ଏତେ ସୁନ୍ଦର ଲେଖା ପଢ଼ି ବିମୁଗ୍ଧ ହେଲି । ଗୋଟିଏ ବର୍ଷ ଚାକିରି ସେଠି କରିବାର ଦୁର୍ଲ୍ଲଭ ସୁଯୋଗ ପାଇଛି । କୁରୁଲି, ଖମ୍ଭେସୀ ସବୁ ବୁଲିଛି । ସେମାନଙ୍କ ସରଳତା, ଆତିଥେୟତା ମୁଁ ମୋ ଜୀବନରେ କେବେ ବି ଭୁଲିବିନି । ସେହି ବିଷୟଟି ପଢ଼ିଲା ବେଳେ ଗତ ପନ୍ଦର ବର୍ଷ ତଳର ସ୍ମୃତି ସଜଳ ହୋଇ ଉଠିଲେ । ସାହୁ ସାର୍‌ଙ୍କ ଲେଖା ସତରେ ହୃଦୟସ୍ପର୍ଶୀ ।

**ପ୍ରଭାତମଞ୍ଜରୀ ବେହେରା,**
ଭଞ୍ଜନଗର, ଗଞ୍ଜାମ, ଫୋନ:୮୬୫୮୧୪୮୯୩୯




## 'ଶବ୍ଦର ସନ୍ଥ ସୀତାକାନ୍ତ' ଉପସ୍ଥାପନାଟି ଏକ ଅମୂଲ୍ୟ ଉପହାର

● 'ରେବତୀ'ର ସେପ୍ଟେମ୍ବର ସଂଖ୍ୟା ପଢ଼ି ମୁଗ୍ଧ ହୋଇଛି । ପ୍ରତିଟି ଲେଖାରେ ଏଇ ପତ୍ରିକାର ମୌଳିକ ଆବେଦନ ପାଠକଙ୍କୁ ଆକର୍ଷିତ କରିବାର ବିଶେଷ ସମ୍ଭାବନା ରଖେ । ଡକ୍ଟର ଶିଶିର କୁମାର ବେହେରାଙ୍କ 'ବିଶେଷ ମତ'ରେ ପ୍ରଖ୍ୟାତ ଯୁବ କଥାକାର କନ୍‌ହେଇଲାଲ ଦାସଙ୍କ ସଂପର୍କରେ ତାଙ୍କ ଗଳ୍ପକଳା, ଶୈଳୀ ଓ ଭାବବସ୍ତୁର ଚମତ୍କାର ଉଲ୍ଲେଖ ପ୍ରତିଫଳିତ ହୋଇଛି । ଶିଶିର ବେହେରାଙ୍କ ମନନଶୀଳ ଆଲୋଚନା 'ରେବତୀ'ର ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ବିଶିଷ୍ଟ କଥାଶିଳ୍ପୀ ଭୀମ ପୃଷ୍ଟି ଓ ଉଦୟ ନାରାୟଣ ଦାସଙ୍କ କନ୍‌ହେଇଲାଲ୍‌ଙ୍କ ଉପରେ ଲିଖିତ ଆଲେଖ୍ୟର ପୃଷ୍ଠଭୂମି ଉପରେ ଏହା ପର୍ଯ୍ୟବସିତ । ପତ୍ରିକାର ସମ୍ପାଦିକା ସୁବାସିନୀ ଜେନାଙ୍କ ସମ୍ପାଦକୀୟରେ ସାଂସାରିକ ଜୀବନଚର୍ଯ୍ୟାରେ ହରିହାଟର ଗୁରୁତ୍ୱକୁ ବେଶ୍ ଅନୁଭବି ହୁଏ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ଓ ନିଷ୍ଠାର ପରିପ୍ରେକ୍ଷୀରେ । 'ଶେଷପୃଷ୍ଠା'ର ସମ୍ପାଦକୀୟରେ କୃଷ୍ଣ କୁମାର ମହାନ୍ତିଙ୍କ ଭାବଗର୍ଭକ 'ସୃଜନଶୀଳତା ଓ ହରିହାଟ'ର ମହତ୍ତ୍ୱ ବେଶ୍ ଆଚ୍ଛନ୍ନ କରେ ମନକୁ । ସୃଜନକଳାର ପ୍ରେକ୍ଷାପଟ୍ଟରେ ଧାର୍ମିକ ଚେତନାର ଗୁରୁତ୍ୱକୁ କେହି ଅସ୍ୱୀକାର କରିପାରିବେ ନାହିଁ । ସୃଜନଶୀଳତା ଏକ ଈଶ୍ୱରୀୟ ଅବଦାନ ଓ ଅଦୃଶ୍ୟ ଶକ୍ତିର ବରଦାନ ବୋଲି କହିବା ଯଥାର୍ଥ ମନେହୁଏ । 'ଶବ୍ଦର ସନ୍ଥ ସୀତାକାନ୍ତ'ଙ୍କ ସର୍ଜନା, ସମ୍ମାନ, ପୁରସ୍କାର ଜୀବନଦୃଷ୍ଟି, କାବ୍ୟଚେତନା ଓ ଗୌତମ ଜେନାଙ୍କ ସହ ଆଳାପ ପାଠକଙ୍କ ପାଇଁ ଏକ ଅମୂଲ୍ୟ ଉପହାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଶୁଭ ନାରାୟଣ ସ୍ୱାଇଁଙ୍କ 'ଶୀତଳ ଷଷ୍ଠୀ' ପରି ସାଂସ୍କୃତିକ ଓ ଧାର୍ମିକ ପର୍ବର ମହାନତା ଉପରେ ଆଲେଖ୍ୟଟି ବେଶ୍ ଚିତ୍ତାକର୍ଷକ ହୋଇଛି । ନାଏଗ୍ରା ଜଳ ପ୍ରପାତର ଶୋଭନୀୟ ଦୃଶ୍ୟରାଜି ଓ ମନୋଜ୍ଞ ଭ୍ରମଣର ଅପାର ଆନନ୍ଦ ପାଠକଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି ଆଶା । ଦ୍ୱିତୀଚନ୍ଦ୍ର ସାହୁଙ୍କ ଡଙ୍ଗରିଆ କନ୍ଧଙ୍କ ଉପରେ ଲିଖିତ ଜୀବନ କାହାଣୀଟି ଭାବସମୃଦ୍ଧ ହୋଇଛି । ପ୍ରତିଥର ପରି 'ଦ୍ରୌପଦୀ' ଧାରାବାହିକ କବିତାର ଅନ୍ତରଙ୍ଗ ଆବେଦନ ତଥା ସମକାଳ କବିତାର ମନ୍ମୟ ସାହିତ୍ୟ ପୃଷ୍ଠା ତନ୍ମୟ ଆନନ୍ଦ ପ୍ରଦାନ କରେ । ଏଥର ସମକାଳ ୧୧ଟି କବିତାର ଭାବବିନ୍ୟାସ, ଶୈଳୀ, ଶବ୍ଦର ଚିତ୍ରାୟନ ମୋତେ ଖୁବ୍ ସ୍ପର୍ଶ କରିଛି ସୃଜନକଳାର ପୃଷ୍ଠଭୂମିରେ । ସୁପ୍ରସିଦ୍ଧ କବି, ପ୍ରାବନ୍ଧିକ ଓ ଜୀବନୀକାର ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ' ସବୁଥର ପରି ଭାବାପ୍ଲୁତ କରିଦିଏ ମନକୁ । ଗୋପବନ୍ଧୁ ଦାସଙ୍କ ଉପରେ ରଚିତ ଏଇ ଚରିତ ଉପନ୍ୟାସଟିରେ ଏଥର ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଓ ସତ୍ୟବାଦୀ ବନବିଦ୍ୟାଳୟ ଉପରେ ପବିତ୍ରମୋହନଙ୍କ ଲେଖକୀୟ ଦୃଷ୍ଟିଭଙ୍ଗୀ ଓ ରଚନାଶୈଳୀ ବେଶ୍ ପ୍ରଶଂସନୀୟ । କବି ଶ୍ୱେତା ରାଉତଙ୍କ 'ପୁଷ୍ପବିତାନ' ଧାରାବାହିକରେ ଏ ସଂଖ୍ୟାରେ ପବିତ୍ର ଓ ସୁନ୍ଦର ଫୁଲ 'ଅଶୋକ' ସଂପର୍କରେ ଲେଖିକାଙ୍କ ପ୍ରସାରିତ ଦୃଷ୍ଟିକୋଣକୁ ପ୍ରଶଂସା ନକରି ରହି ହୁଏ ନାହିଁ । ସଂଗୀତ ଶିରୋମଣି ଶ୍ୟାମାମଣି ଦେବୀଙ୍କ ମଧୁର ସଂଗୀତ ଓ ଜୀବନର ଧାରାକୁ ମନୋଜ୍ଞ ଭାବରେ ରୂପାୟନ କରିଛନ୍ତି ଶୁଭଶ୍ରୀ ନାୟକ । ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ରେଖାଚିତ୍ର' ଏଥର ମଧ୍ୟ ପୂର୍ବ ଧାରାବାହିକ ପରି ମହତ୍ତ୍ୱପୂର୍ଣ୍ଣ ହୋଇପାରିଛି ।

**ସୌଭାଗ୍ୟବନ୍ତ ମହାରଣା, ଶିବମ୍ କଲୋନୀ, ସମ୍ବଲପୁର, ଫୋନ: ୭୦୦୮୮୨୧୪୧୩**

## ଶ୍ୟାମାମଣି ଦେବୀଙ୍କ ଆଲେଖରୁ ବହୁ କଥା ତାଙ୍କ ଜୀବନ ସଂପର୍କରେ ଜାଣି ହେଲା

● 'ରେବତୀ'ର ସେପ୍ଟେମ୍ବର ୨୦୨୨ ସଂଖ୍ୟାର ଦୁଇଟି ଯାକ ପ୍ରଚ୍ଛଦ ଆକର୍ଷଣୀୟ । ଉଭୟ ସମ୍ପାଦକୀୟ ଏବଂ 'ଶେଷପୃଷ୍ଠା'ରେ ହରିହାଟକୁ ନେଇ ଆଲୋଚନା ଖୁବ୍ ପ୍ରାସଙ୍ଗିକ । ସେଥିରେ ଯେତେଗୁଡ଼ିଏ ଉତ୍ତମ ଗୁଣ ଏବଂ ଆଚରଣର ଉପସ୍ଥାପନା କରାଯାଇଛି ସେସବୁ ଆଦର୍ଶ ସାମାଜିକ ଜୀବନ ନିମନ୍ତେ କେବଳ ଉପଯୋଗୀ ନୁହଁ ଅପରିହାର୍ଯ୍ୟ । କିନ୍ତୁ ପ୍ରଶ୍ନ ହେଉଛି ସାମ୍ପ୍ରତିକ ବିଶୃଙ୍ଖଳିତ ପରିବେଶରେ ସେସବୁ ଆସିବ କେଉଁଠୁ ! ପ୍ରାଚୀନ ଗୁରୁକୁଳ, ଗାଁ ଭାଗବତ ଟୁଙ୍ଗି ତ ଆଉ ନାହିଁ ସଦ୍‌ଚିନ୍ତନ ସଂରଚିତ କରିବାକୁ ଜନ ମାନସରେ । ମୋ ମତରେ ଯଦି ପ୍ରତି ଗ୍ରାମରେ ଗୋଟିଏ ଗୋଟିଏ ଆଦର୍ଶ ପାଠାଗାର ପ୍ରତିଷ୍ଠିତ ହୋଇ ପାରନ୍ତା ହୁଏତ ଗ୍ରାମ୍ୟ ଜୀବନ ପଶା, ତାସ୍, ଜୁଆ, ମଦ ଗଞ୍ଜେଇରୁ କେତେକାଂଶରେ ମୁକ୍ତ ହୋଇପାରନ୍ତା । ସାହିତ୍ୟ ସୃଜନ ପ୍ରତି ଲୋକଙ୍କ ଆଦର ବଢ଼ନ୍ତା । ସମାଜରେ କିଛି ପରିବର୍ତ୍ତନ ଆସନ୍ତା । ଅନ୍ୟ ବିଭାଗ ଗୁଡ଼ିକ ରୁଚିପୂର୍ଣ୍ଣ ହେବା ସହ ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ଏବଂ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ନେଇ ଆଲେଖ୍ୟ ମାଧ୍ୟମରେ ସେମାନଙ୍କ ଜୀବନ ଏବଂ କୃତି ସମ୍ବନ୍ଧରେ ଅନେକ କିଛି ଜାଣିବାର ସୁଯୋଗ ମିଳିଲା । କବିତା ଗୁଡ଼ିକ ଉଚ୍ଚକୋଟୀର । ସାମଗ୍ରୀକ ଭାବେ ରେବତୀ ମାସ ପରେ ମାସ ସୁଖପାଠ୍ୟ ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,**
୧୦୧- ପ୍ରକାଶଦୀପ ଟାୱାର, ଜୟଦୁର୍ଗାନଗର,ଭୁବନେଶ୍ୱର-୦୬, ଫୋନ-୯୯୬୮୨୮୦୮୯୬

# 'ହରିହାଟ' ବନାମ ସମ୍ପାଦକୀୟ ଛାଟ


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




▲ ଶିଶିର ବେହେରା

ସାହିତ୍ୟ ସାଧନା ଏକ ପବିତ୍ର କର୍ମ । ଏହି କର୍ମରେ ନିଯୁକ୍ତ ହେଲେ ଲେଖକର ଅହଂକାର, ଆତ୍ମବଡ଼ିମା, ଆସ୍ଫାଳନ ଏବଂ ହୀନମନ୍ୟତା ସ୍ୱତଃ ଦୂରୀଭୂତ ହୋଇଯାଏ । କାଗଜ ଦେହରେ କାଳି-କଲମରେ ସାହିତ୍ୟ ଲେଖିହୁଏନା । ବରଂ ଦେଶ ଓ ଦଶ ଲାଗି ମାନ୍ୟତା ଲାଭ କରେ । ସୃଜନରେ ସର୍ଜନଶୀଳତା ହିଁ ପ୍ରମୁଖ ଅଂଶ । ଏହି ସର୍ଜନଶୀଳତାର ଅଭାବ ଲକ୍ଷିତ ହେଲେ ତାହା କେବଳ ରଚନା ପାଲଟି ଯାଏ । ତେଣୁ ସାହିତ୍ୟିକ ହେବା ପାଇଁ ଚେଷ୍ଟାକୃତ ଉଦ୍ୟମ ଅପେକ୍ଷା ବିଭୁଦତ୍ତ ଆଶୀର୍ବାଦ ଏବଂ ସ୍ୱକୀୟ ସାଧନା-ସିଦ୍ଧି ଅଧିକ ଶ୍ରେୟ । ଅନୁଭୂତି-ଅଭିଜ୍ଞତା ସହ ଜୀବନ ଓ ଜଗତକୁ ଦେଖିବାର ମୌଳିକ ଦୃଷ୍ଟି ହିଁ ଲେଖକକୁ ଅନୁପ୍ରେରିତ କରେ ସାହିତ୍ୟ କର୍ମରେ ନିୟୋଜିତ ହେବା ଲାଗି । ଜଗତ ପ୍ରତି ମିତ୍ରଦୃଷ୍ଟି, ଜଗଜ୍ଜନ ପ୍ରତି ଆନ୍ତରିକତା ଏବଂ ପ୍ରେରଣ-ଗ୍ରହଣରେ ଉଦାରତା ସାହିତ୍ୟିକର ପ୍ରାଥମିକ ପରିଚୟ । ଏହିତକ ପୁଞ୍ଜି ଲେଖକର, ସାହିତ୍ୟିକର, ଯାହାକୁ ନେଇ ସେ ବଞ୍ଚି ରହେ ଅନନ୍ତ କାଳବକ୍ଷରେ, ପାଠକର ହୃଦ-କୁଟୀରରେ । ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ପାଣିପାଗକୁ ନେଇ ଚଳିତ 'ରେବତୀ' ସେପ୍ଟେମ୍ବର ୨୦୨୨ ସଂଖ୍ୟାରେ ପତ୍ରିକାର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ଚିନ୍ତାଶୀଳ ଆଲେଖ 'ସୃଜନଶୀଳତା ଓ ହରିହାଟ' ମୋ ଆଲୋଚନାର ପ୍ରସଙ୍ଗ ।


ପାଠକେ ଲକ୍ଷ୍ୟ କରିଛନ୍ତି କୃଷ୍ଣ ମହାନ୍ତିଙ୍କ ଦ୍ୱୈତ ସତ୍ତାକୁ । ପ୍ରଥମତଃ ଜଣେ କବି ଭାବରେ କୋମଳ-କୁହୁକ ଫାଶରେ ପାଠକକୁ ମୋହାବିଷ୍ଟ କରାଇ ଦେଉଥିବା ଏବଂ ଚିନ୍ତାଧାରାରେ ନୂଆପଣ ଯୋଗାଇ ଦେବାର ଆବେଗପ୍ରାଣ କବିଶିଳ୍ପୀ ସେ । କିନ୍ତୁ ଦ୍ୱିତୀୟ ସତ୍ତାରେ ସେ ଜଣେ ସମ୍ପାଦକ, ସମୀକ୍ଷକ, ସମାଲୋଚକ । ଏହି କ୍ଷେତ୍ରରେ ସେ ନିଷ୍ଠୁର ସତ୍ୟ ଓ ବାସ୍ତବତାର ବ୍ୟାଖ୍ୟାକାର । 'ରେବତୀ'ର ପ୍ରତିଟି ସଂଖ୍ୟାରେ ତାଙ୍କ ସମ୍ପାଦକୀୟ ପାଠକର ଚୈତନ୍ୟକୁ ଜାଗ୍ରତ କରାଇ ଆସିଛି । ସିଧାସଳଖ ଆମ ସୃଜନଶୀଳତା, କର୍ତ୍ତବ୍ୟ ଅଧିକାର, ଦାୟିତ୍ୱବୋଧ ସଂପର୍କରେ ସୂଚନା ଦେଇ ସଚେତନତା ସୃଷ୍ଟି କରିଛନ୍ତି । ସେଥିଲାଗି ପତ୍ରିକାର ସମ୍ପାଦକୀୟ ପ୍ରତିଥର ଆମ ପାଇଁ ନୂତନ ଉତ୍ସାହ ସୃଷ୍ଟି କରେ । ସେପ୍ଟେମ୍ବର ସଂଖ୍ୟାରେ 'ସୃଜନଶୀଳତା ଓ ହରିହାଟ' ସମ୍ପର୍କରେ ଶ୍ରୀଯୁକ୍ତ ମହାନ୍ତିଙ୍କ ସମ୍ପାଦକୀୟ ଛାଟ ସାହିତ୍ୟ କର୍ମରେ ନିଯୁକ୍ତ ଏବଂ ସାହିତ୍ୟିକଙ୍କ ପାଇଁ ମାନସମନ୍ଥନର ତୀର୍ଯ୍ୟକ୍ ଆହ୍ୱାନ । ପ୍ରତୀକାତ୍ମକ ଭାବରେ 'ହରିହାଟ'କୁ ପ୍ରୟୋଗ କରି ତା'ର ବହୁମୁଖୀ ଆବେଦନ ସଂପର୍କରେ ଅବଗତ କରାଇଛନ୍ତି । ସୃଜନଶୀଳ କର୍ମରେ ହରିହାଟର ଆବଶ୍ୟକତା ଏବଂ ଏହାର କଲ୍ୟାଣମୁଖୀ ଆବେଦନ ହୋଇଛି ଆଲେଖର ଇସ୍ତାହାର ।

'ହରିହାଟ' ଆମ ଓଡ଼ିଆ ଜାତୀୟ ଜୀବନରେ ଓତଃପ୍ରୋତ ଏକ ଆନ୍ତରିକ-ଅନୁଷ୍ଠାନ । ଗ୍ରାମାଞ୍ଚଳରେ ଲୋକସମ୍ପର୍କ, ଆଧ୍ୟାତ୍ମିକ ଜାଗରଣ, ଭକ୍ତିଭାବ ପ୍ରତିଷ୍ଠା, ସର୍ବୋପରି, ସୁସ୍ଥ ସମାଜ ପାଇଁ ଅନୁକୂଳ ପରିବେଶ ନିର୍ମାଣ ଥିଲା ଏହାର ଉଦ୍ଦେଶ୍ୟ । 'ହରି' ଥିଲେ ମାଧ୍ୟମ ମାତ୍ର । ହରିନାମ ସଂକୀର୍ତ୍ତନ ମଧ୍ୟରେ ସାମାଜିକ ଦୁଃଖ ଜଞ୍ଜାଳକୁ ଭୁଲି ବିଭୁନାମାମୃତ ପାନ ସହ ସକଳ ଜୀବାତ୍ମାଙ୍କ ସଙ୍ଗଲାଭରେ ମାନସିକ ଶାନ୍ତିଲାଭ କରିବାର ସର୍ବୋତ୍କୃଷ୍ଟ ସୁଯୋଗ ଥିଲା ହରିହାଟ । ଏଥିରେ ହରିଙ୍କ ସଂପର୍କିତ ଏବଂ ହରିଙ୍କ ଲୀଳା ଆଧାରିତ ବିବିଧ ପୁରାଣ, ଭଜନ, ଜଣାଣକୁ ପର୍ଯ୍ୟାୟକ୍ରମେ ଗାନ କରା ଯାଉଥିଲା ।

ଜଗନ୍ନାଥ ଦାସଙ୍କ 'ଭାଗବତ', ଅଚ୍ୟୁତାନନ୍ଦଙ୍କ 'ହରିବଂଶ', ଗୋପାଳଙ୍କ ଓଗାଳ, ଲଉଡ଼ିଗୀତ, ରାସସଂଗୀତ ସହ ବହୁ ସନ୍ଥ ଓ ଲେଖକଙ୍କ ଜଣାଣ, ଭକ୍ତିଗୀତଟିଏ ଗାନ କରାଯାଉଥିଲା । ସମବେତ ଦର୍ଶକ ଏହି ହାଟରେ ଯୋଗ ଦେଇ ନିଜର ଚେତା-ଚୈତନ୍ୟକୁ ଶୁଦ୍ଧ କରୁଥିଲେ । ହରିପ୍ରେମରେ ତଲ୍ଲୀନ ହୋଇ ଭେଦଭାବ ଭୁଲି ସକଳେ ପ୍ରସାଦସେବନ କରି କୃତାର୍ଥ ହେଉଥିବା ହାଟ ବସାଇବାର ମୂଳ ଉଦ୍ଦେଶ୍ୟ ଥିଲା ହରିଗୁଣ ଗାନ । ତାହା ଭାବରେ, ଭକ୍ତିରେ, ଶ୍ରଦ୍ଧାରେ, ପ୍ରେମରେ, ଯୋଗଦାନରେ ଏବଂ ଅବଦାନରେ ପ୍ରକାଶ ପାଉଥିଲା । ମାତ୍ର, କୃଷ୍ଣବାବୁଙ୍କ ସୃଜନର ହରିହାଟ କିନ୍ତୁ ମିଥ୍-ପ୍ରତୀକ-ଚିତ୍ରକଳ୍ପର ଅନୁଷଙ୍ଗ ଭିତରେ ଏକ ବୃହତ୍ତର ଆହ୍ୱାନ ଓ ସତ୍ୟ ପ୍ରତି ଯୋଡ଼ିହେବାର ଏକ ସୃଜନଛାଟ । ସଂପ୍ରତି କିପରି ଅସୂୟା ଓ ପରନିନ୍ଦା ସୃଜନଶୀଳତା ଭଳି ପବିତ୍ର କର୍ମକୁ କଳୁଷିତ କରୁଛି ତାହାର ଏକ ପରିଚୟ ଦେଖିଛନ୍ତି ସେ । ମହତୋତ୍ତର ଲକ୍ଷ୍ୟ ସାଧନ ଯେଉଁ କର୍ମର ଲକ୍ଷ୍ୟ; ସେହି ପଥର ଯାତ୍ରୀ ହୋଇ କିମ୍ବା ଯାତ୍ରାଭିଳାଷୀ ବ୍ୟକ୍ତିଗଣ କିପରି କର୍ତ୍ତବ୍ୟଚ୍ୟୁତ ହେଉଛନ୍ତି । ସେ ସଂପର୍କରେ ସେ ଚିନ୍ତା ବ୍ୟକ୍ତ କରିଛନ୍ତି । ଏହା କେବଳ କୃଷ୍ଣ ମହାନ୍ତିଙ୍କ ଖେଦ ନୁହେଁ, ସୃଜନପ୍ରାଣ ବ୍ୟକ୍ତିମାନଙ୍କର ମଧ୍ୟ ଏହା ସମ-ବେଦନା । ସମ୍ପାଦକଙ୍କ ଅଭିବ୍ୟକ୍ତି ହେଉଛି- "ସାହିତ୍ୟ ସାଧନା କ୍ଷେତ୍ରରେ ଲିପ୍ତ ଆମେ ସମସ୍ତେ ଅନେକ ସମୟରେ ସଂଘବଦ୍ଧ ବା ଗୋଷ୍ଠୀବଦ୍ଧ ହୋଇ ଏକତ୍ର ବସାଉଠା କରୁଛୁ । ସେସବୁକୁ 'ଖଟି'ର ଆଖ୍ୟା ଦେଇ ଏକ ହାଲ୍‌କା ମାନସିକତାରେ ଆମେ ଗ୍ରହଣ କରୁଛୁ । ସେସବୁ ଖଟିରେ ହେଉଛି କିନ୍ତୁ ଚାହା ପିଆ ଓ ଚୁଗୁଲି କରିବା । ଫଳରେ ଉପସ୍ଥିତ ଲେଖକଙ୍କ ମାନସିକତାରେ ଏକ ଛଦ୍ମ ଆନନ୍ଦ ଉତ୍ପନ୍ନ ହେଉଛି । ଅପରକୁ ନିନ୍ଦା କରି ଆନନ୍ଦ ନେବାର ବାଟଟିଏ ସେ ପାଇ ଯାଉଛି ।" (ରେବତୀ- 'ଶେଷପୃଷ୍ଠା')

କିନ୍ତୁ ପ୍ରଶ୍ନ ଉଠେ, କାହିଁକି ଏପରି ମାନସିକତା ? ସୃଜନକର୍ମରେ ଅପର ପ୍ରତି ହିଂସା, ଆନନ୍ଦର, ବିଦ୍ୱେଷ କଦାପି ଶୋଭନୀୟ ନୁହେଁ । କୌଣସି ସୃଜନଶୀଳ ଲେଖକ ଏହାକୁ ସ୍ୱୀକାର ମଧ୍ୟ କରିବେ ନାହିଁ । କାରଣ, ସାହିତ୍ୟ ହେଉଛି ହୃଦୟାନୁଭୂତିର ଭାଷାଗତ ରୂପାୟନ । ଆବେଗ ଓ ଚେତନାର ଶବ୍ଦରୂପ । କାବ୍ୟ-କବିତାରେ ତାହା ଛନ୍ଦମୟ ହୋଇ ସଜ୍ଜିତ ହୋଇପାରେ । ପ୍ରତିଟି

▶କୃଷ୍ଣ କୁମାର ମହାନ୍ତି



ଲେଖକ ନିଜର ସାଧ୍ୟମତେ ଏହି ଶବ୍ଦବିଦ୍ୟାକୁ ଆୟତ୍ତ କରିଥାନ୍ତି । ଏହାର ଅର୍ଥ ନୁହେଁ ଯେ, ସେମାନେ କ୍ଷୁଦ୍ର, ନିମ୍ନ, ଛୋଟ, ସାନ ଲେଖକ । ଏହି ବିଭାଗୀକରଣର ଅଧିକାର କେଉଁଠାରୁ ଆସିଲା, କିଏ ଦେଲା ଏମାନଙ୍କୁ ? ଛୋଟ ସାହିତ୍ୟିକ- ବଡ଼ ସାହିତ୍ୟିକ ବୋଲି କିଛି ନାହିଁ । ସକଳେ ନିଜର ସୃଜନଶୀଳ ପ୍ରତିଭାକୁ ପ୍ରଦର୍ଶିତ କରିବା ପାଇଁ ଚେଷ୍ଟା କରିଥାନ୍ତି । ପୁନଶ୍ଚ, ସାହିତ୍ୟରେ ପ୍ରତିଟି ରୁଚିର ପାଠକ ଅଛନ୍ତି । ଲେଖୁଥିବା ସ୍ରଷ୍ଟା ଜଣକର ସାହିତ୍ୟ ପ୍ରୀତି ଓ ଅନୁରାଗଟି ବଡ଼କଥା । ତାହା କେତେ ଉଚ୍ଚକୋଟୀର, କେତେ ଉନ୍ନତ, ସେ ବିଷୟର ବିଚାରକ ହେଉଛନ୍ତି ପାଠକ । କାଳବକ୍ଷରେ କେବଳ ଉଚ୍ଚାଙ୍ଗ କୃତି ବଞ୍ଚି ରହିନାହିଁ; ବହୁ ସାମାନ୍ୟ- ସାଧାରଣ ବୋଲା ଯାଇଥିବା କୃତିକୁ ମଧ୍ୟ ବୃହତ୍ତର ଚିନ୍ତାଧାରାରେ ବିଚାର କରାଯାଇଛି । ସାହିତ୍ୟ ମଧ୍ୟ ଏକ ନାନ୍ଦନିକ ବିଭାଗ । ସକଳ ବର୍ଗ ନିଜ ଅନୁସାରେ ଏଥିରୁ ଆନନ୍ଦ ଗ୍ରହଣ କରିଥାନ୍ତି । ସେମାନଙ୍କ ଶକ୍ତି-ସାମର୍ଥ୍ୟାନୁସାରେ ସୃଜନକର୍ମରେ ଲିପ୍ତ ରହନ୍ତି । ଏହାର ଅର୍ଥ ନୁହେଁ, ସେମାନେ ସାହିତ୍ୟିକ ନୁହନ୍ତି ! ଦୁଃଖର କଥା ବଡ଼ ସାହିତ୍ୟିକ ବୋଲାଉଥିବା ବ୍ୟକ୍ତିବର୍ଗ ଏହିମାନଙ୍କୁ ତାଚ୍ଛଲ୍ୟ ଓ ହେୟ କରି ଆସିଥାନ୍ତି । ମାତ୍ର, ସେମାନଙ୍କ ସଭାସମିତି, ବକ୍ତୃତା ଓ ପୁସ୍ତକ ଚର୍ଚ୍ଚାରେ ଏହିମାନେ ଯେ ପ୍ରମୁଖ ଉପଭୋକ୍ତା, ତାହାକୁ ଭୁଲିଯାନ୍ତି । ପୃଥିବୀରେ ସକଳ ଗ୍ରନ୍ଥ ଓ ଜ୍ଞାନ ଭଣ୍ଡାରକୁ କେହି ଆୟତ୍ତ କରିନାହାନ୍ତି । କିଞ୍ଚିତ୍ ସାଧନାଲବ୍ଧ ଜ୍ଞାନ ହିଁ ଆଲୋକିତ କରିଛି ତାହାଙ୍କର ଏକ ନିର୍ଦ୍ଦିଷ୍ଟ ଚେତନାକୁ । ନିଜ ଢୋଲ ନିଜେ ପିଟିବା ଏବଂ ଆତ୍ମଘୋଷିତ ସାହିତ୍ୟିକ ବୋଲାଇଲେ କେହି ସାହିତ୍ୟିକ ହୋଇପାରନ୍ତି ନାହିଁ, ବରଂ ଲୋଡ଼ା ସୃଜନଦୀପ୍ତ ସାଧକ ମନଟିଏ । ଜଣକ ପ୍ରତି ଜଣକର ଦାୟିତ୍ୱ ମଧ୍ୟ ରହିଛି ଏଥିରେ । ଲେଖାର ଉଦ୍ଦେଶ୍ୟ ଭିନ୍ନ ହେଲେ ହେଁ ଉଭୟେ ସମଗୋତ୍ରା । ଏକ ଆରକୁ ଉତ୍ସାହିତ କରିବେ, ପରମାର୍ଜିତ, ସଂହତ ସୃଜନ ପାଇଁ ପ୍ରେରଣା ଦେବେ । ତେଣୁ ବୟୋଜ୍ୟେଷ୍ଠ ତଥା ଅଭିଜ୍ଞ ଲେଖକମାନେ ବୟୋକନିଷ୍ଠଙ୍କୁ ପଢ଼ିବାର ଆବଶ୍ୟକତା ରହିଛି । ସେମାନଙ୍କ ପ୍ରତିଭାକୁ ପରିପୁଷ୍ଟ କରିବା ପାଇଁ ସୁଚିନ୍ତିତ ମତାମତ,ଗଠନମୂଳକ ପ୍ରସ୍ତାବ ଦେବା ମଧ୍ୟ ଅନୁକୂଳ ହୋଇ ପାରିବ । ଅନୁରୂପ ଭାବରେ ନବପ୍ରଜନ୍ମର ଲେଖକ କିମ୍ବା ନୂଆକରି ସର୍ଜନାରେ ମନୋନିବେଶ କରିଥିବା ଯୁବ ବା ନବୀନ ମାନେ ପୂର୍ବସୂରୀ ଏବଂ ଅଗ୍ରଜଙ୍କୁ ଯଥାମାନ୍ୟ ଦେବେ । ଅତୀତରୁ ଏଯାବତ୍ ଗତିଶୀଳ ସାହିତ୍ୟ ସ୍ରୋତକୁ ଯେଉଁମାନେ ସ୍ରୋତସ୍ୱିନୀ କରିଛନ୍ତି, ସେହିମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବେ । ଏହା ହିଁ ଯଥାର୍ଥ ସାହିତ୍ୟ କର୍ମ । ଅନ୍ୟକୁ ପୀଡ଼ା ଦେଇ, ଅନ୍ୟର ଚରିତ୍ର ହନନ କି ବ୍ୟକ୍ତିଗତ କୁତ୍ସାରଟନା କରିବା କଦାପି ଜଣେ ଉତ୍ତମ ସୃଜନଶୀଳ ବ୍ୟକ୍ତିର ପରିଚୟ ହୋଇନପାରେ । ସାହିତ୍ୟରୁ ଥିବା ବ୍ୟକ୍ତିଟି ପ୍ରଥମେ ଅନ୍ୟ ପ୍ରତି ଉଦାର, ସମଭାବ ଓ ମାନବିକ ପ୍ରୀତିରେ ବିଶ୍ୱାସ ରଖିବ । କାହାର ରଚନା ଶ୍ରେଷ୍ଠ, କାହାର ନିକୃଷ୍ଟ ତାହାର ବିବେଚନା କରିବେ ପାଠକ ଏବଂ ନିରବଧି କାଳ । ନିଜ ଢୋଲ ନପିଟି ନିଜ କର୍ମ ପ୍ରତି ଅଧିକ ମନଯୋଗୀ ହୋଇପାରିଲେ ସୃଜନ ପ୍ରତିଭାଟି ଅଧିକ ବିକଶିତ ହୋଇପାରିବ ।

ଅବଶ୍ୟ ସ୍ୱୀକାର୍ଯ୍ୟ, ସମାଲୋଚନା ରହିବା ଅନିବାର୍ଯ୍ୟ । କୌଣସି କୃତିର ମୂଲ୍ୟାୟନ ପାଇଁ ତା'ର ସମୀକ୍ଷା, ସମାଲୋଚନା, ବିଚାର ବିଶ୍ଲେଷଣ ଜରୁରୀ । କିନ୍ତୁ, ତାହା ଯେପରି ଶୃଙ୍ଖଳିତ ଭାବରେ ସମାହିତ ହେବ, ସେଥିପ୍ରତି ସଜାଗ ରହିବା ଉଚିତ୍ । ଉଭୟ ଦୋଷ ଓ ଗୁଣର ଆଲୋଚନା ପୂର୍ବକ ଉକ୍ତ କୃତିଟିର ମୂଲ୍ୟାଙ୍କନ କରାଯିବା ସୁସ୍ଥ ସମାଲୋଚନାର ଲକ୍ଷଣ । ବରାଦିଆ ଲେଖା, ଉଦ୍ଭଟ ପରିକଳ୍ପନା ଓ ଯଶପ୍ରାର୍ଥୀ ମସ୍ତିଷ୍କ ଚାଳନା ସମୟ ଢେଉରେ ବହିଯିବ । ଦିବଂଗତ କଥାକାର ଦେବାଶିଷ ପାଣିଗ୍ରାହୀ କହନ୍ତି- "ମସ୍ତିଷ୍କପ୍ରସୂତ ବା ବରାଦିଆ ସାହିତ୍ୟରେ କେବଳ କାୟା ଥାଏ, ଆତ୍ମା-ଅନ୍ତରାତ୍ମା ନଥାଏ । ହୃଦୟରୁ ଲେଖିଲେ ଯାଇ ସେ ଲେଖା ଅନ୍ୟର ହୃଦୟକୁ ପ୍ରସରିଯାଏ ।" **(ଜୀବନ ସଂପର୍କ ସାହିତ୍ୟ)**

କିଏ କାହିଁକି ଲେଖିବ, କ'ଣ ଲେଖୁଛି ସେ ସଂପର୍କରେ ଅଧିକ ଧ୍ୟାନ ନଦେଇ ସାହିତ୍ୟ କର୍ମରେ ନିଜକୁ ସଂଶ୍ଳିଷ୍ଟ କରିବା ଅଧିକ ଶ୍ରେୟ । ସମାଲୋଚକ ଭାବରେ ସେହିସବୁ କୃତିର ମୂଲ୍ୟାୟନ ହେଉ । ମାତ୍ର ବ୍ୟକ୍ତିଗତ ସ୍ତରକୁ ଓହ୍ଲାଇବାର ହୀନକୌଶଳ ସେଥିରେ ବ୍ୟବହୃତ ନହେଉ । ହରିହାଟରେ ସମସ୍ତଙ୍କ ମିଳନ ହେଉ । କେହି କୀର୍ତ୍ତନରେ ଆନନ୍ଦ ପାଆନ୍ତୁ । କେହି ଶ୍ରବଣରେ, କେହି ସଂଦର୍ଶନରେ, କେହି ପରସ୍ପରକୁ ସଂଖୋଳିବାରେ ଆନନ୍ଦିତ ହେଉଥାନ୍ତୁ । ବିବିଧ ରସଗ୍ରାହୀ ହୋଇ ହରିହାଟକୁ ସାର୍ଥକ କରୁଥାନ୍ତୁ । ଅନେକ ଲେଖୁଛନ୍ତି, ଲେଖିବେ, ଲେଖିବା ମଧ୍ୟ ଜରୁରୀ । ହେଲେ ସେମାନଙ୍କ ଆନନ୍ଦାତ୍ମାକୁ ଦୁଃଖିତ କରାଇବାରେ ଆଉ ଜଣେ ସାହିତ୍ୟିକ ବାହାରି ନପଡୁ । ନୀତିନିଷ୍ଠତା ଏହାର ମୂଳମନ୍ତ୍ର । ତେବେ ଯାଇ ନୈତିକତାର ପରବର୍ତ୍ତନ ଆସିବ । କୃଷ୍ଣ କୁମାର ମହାନ୍ତି ଏହି ଚେତନାଟିକୁ ଉତ୍‌ଖାରିଛନ୍ତି, କହିଛନ୍ତି- "ନୀତିନିଷ୍ଠ ନହୋଇ ଆମେ ନୈତିକ ମାନକୁ ଖୋଜିଲେ ପାଇବା କେଉଁଠୁ ? ଜଣେ ସ୍ରଷ୍ଟା ଆଉ ଜଣେ ସ୍ରଷ୍ଟାର ଉପସ୍ଥାପନକୁ ସହି ପାରୁ ନଥିଲା ଭଳି ଏକ ଜଘନ୍ୟ ପରିବେଶ ଭିତରେ ଆମେ ଲେଖକମାନେ ଘାଣ୍ଟି ହେଉଛୁ ପରା ! ଏହା ହିଁ କ'ଣ ଆମ ନୈତିକତା ? ଏହା ହିଁ କଣ ସାହିତ୍ୟ ଆମକୁ ଶିଖାଏ ।" **(ସୃଜନଶୀଳତା ଓ ହରିହାଟ)**

ବୁଦ୍ଧିଜୀବୀ ବୋଲାଇବା ଅପେକ୍ଷା ବୁଦ୍ଧିସେବୀ ହେବା ହିଁ ସ୍ରଷ୍ଟାର ନୈତିକ ମୂଲ୍ୟବୋଧ । ଅନ୍ୟକୁ କୋଳେଇ ନେବାର ବିଦ୍ୟା ହିଁ ସାହିତ୍ୟ, 'ମଦ୍‌ଆତ୍ମା ସର୍ବଭୂତାତ୍ମା' ହିଁ ସାହିତ୍ୟ ନିଜକୁ ବଡ଼ କରି ଅନ୍ୟକୁ ଛୋଟ କରିବାର ଅପକୌଶଳ କେବଳ ଜଣେ ନିନ୍ଦୁକର କାର୍ଯ୍ୟ ହୋଇପାରେ । ଭକ୍ତକବି ଦୀନକୃଷ୍ଣ ଏହି ଗୋତ୍ରକୁ କହିଛନ୍ତି- 'କରିଛି ତାଙ୍କୁ ବହି ବିଧାନ / ପରନିନ୍ଦାରେ ନେବାକୁ ଦିନ ।' ସୃଜନର ହରିହାଟରେ ସକଳେ ସମ୍ମିଳିତ ହୁଅନ୍ତୁ, ସଭିଙ୍କ ବିନ୍ଦୁବାରି ମିଶି ପ୍ରବଳ ସ୍ରୋତସ୍ୱିନୀହେଉ, ପାଠକମାନେ ସେହି ସ୍ରୋତରେ ନିଜକୁ ଅଭିସ୍ନାତ କରାନ୍ତୁ । ଏହା ହିଁ ଧ୍ୟେୟ ହେଉ । ସେଥିପାଇଁ ପ୍ରଖ୍ୟାତ ଲେଖକ ଉଇଲିୟମ ଫକ୍‌ନର କହିଛନ୍ତି- "କୌଣସି ଲେଖକଙ୍କ ଲେଖାର କୌଶଳକୁ ନେଇ କେହି ଅଧିକ ଉଚ୍ଚାଟିତ ହୋଇଉଠିଲେ ତାଙ୍କୁ ବରଂ ଅସ୍ତ୍ରୋପଚାର କିମ୍ବା ଇଟା ଗଢ଼ିବା କାର୍ଯ୍ୟରେ ଲଗାଇଦିଅ । ସାହିତ୍ୟ ସୃଷ୍ଟିରେ କାରିଗରୀ ବିଦ୍ୟାର ଅବକାଶ ନାହିଁ, ଏ କ୍ଷେତ୍ରରେ ସିଧାସଳଖ ବା ସୁନିର୍ଦ୍ଦିଷ୍ଟ ବାଟ ମଧ୍ୟ ନାହିଁ । ଜଣେ ନବୀନ ଲେଖକ ଥିଓରି ଅନୁସରଣ କରିବାକୁ ଗଲେ, ନିଜକୁ ହିଁ ବୋକା ବୋଲି ପ୍ରମାଣିତ କରିବ । ନବୀନ ଲେଖକଙ୍କୁ ଶିକ୍ଷାନେବାକୁ ହେବ ନିଜର ଭୁଲ୍ ବା ତ୍ରୁଟିରୁ, ଯେଉଁଠାରୁ ଠକିବ ସେହିଠାରୁ ଶିଖିବ ସେ ।"

ସୃଜନଶୀଳତାର ହରିହାଟରେ ସମସ୍ତେ ଏକତ୍ରିତ ହୁଅନ୍ତୁ । ହରିପ୍ରାପ୍ତି ଭଳି ସାହିତ୍ୟାନନ୍ଦର ବିମଳ ସୁଖଲାଭ ସଭିଙ୍କ ଉଦ୍ଦେଶ୍ୟ ହେଉ । ବ୍ୟକ୍ତିଭେଦ, ଲିଙ୍ଗଭେଦ, ବୟୋଭେଦରେ ସୃଜନପ୍ରତିଭା ଚିହ୍ନିତ ନହେଉ । ନୀତି-ନୈତିକତା ବଜାୟ ରହୁ । ସାହିତ୍ୟ ସାଧନା ଭଳି ପବିତ୍ର କର୍ମ କଲାବେଳେ ସମସ୍ତେ ସମଭାବାପନ୍ନ ହୁଅନ୍ତୁ । ପ୍ରତିଭା ହିଁ ପ୍ରଭାବଶାଳୀ, କାଳ-କଷଟିରେ ହେବ ପରୀକ୍ଷିତ । ହେଲେ ନିଜକୁ ସେହି ସର୍ଜନାର ଦେବ କାର୍ଯ୍ୟରେ ନିୟୋଜିତ ରଖିପାରିଲେ ହିଁ ସୃଜନଶୀଳତାର ବିକାଶ ଘଟିବ । 'ରେବତୀ'ର ସମ୍ପାଦକୀୟ 'ସୃଜନଶୀଳତା ଓ ହରିହାଟ' ମାଧ୍ୟମରେ କୃଷ୍ଣ କୁମାର ମହାନ୍ତି ଆମ ସମସ୍ତଙ୍କୁ ଏହିସଚେତନ ବାର୍ତ୍ତା ପ୍ରଦାନ କରିଛନ୍ତି ।


SMILE GOLD JEWELLERS
SG
SMILE GOLD
JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR,9438019696,9438029797

## ‘ରେବତୀ’ରେ ଭାନୁ ଶଙ୍କର ମହାନ୍ତିଙ୍କ ଗଳ୍ପଟି ଜୀବନ ଜିଇଁବାର କଳା ଶିଖାଇଲା

● ପତ୍ରିକା ପ୍ରିୟ ପାଠକଟିଏ ପାଇଁ ସେପ୍ଟେମ୍ବର ମାସର ‘ରେବତୀ’ରେ କ’ଣ ନାହିଁ ? ମନ, ହୃଦୟକୁ ଛୁଇଁଗଲା ଭଳି ସବୁକିଛି ଅଛି ଏହି ଶହେ ଆଠ ପୃଷ୍ଠାର ସୁନ୍ଦର ମନଲୋଭା ପତ୍ରିକାଟିରେ । ସବୁ ଥର ପରି ଏଥର ବି ‘ରେବତୀ’ ଆଣି ଆସିଥିଲା ମନ ମୁଗ୍ଧକର ଗଳ୍ପ, କବିତା, ଧାରାବାହିକ ଉପନ୍ୟାସ,ଫିଚର, ଭ୍ରମଣ କାହାଣୀ, ଆମ ପର୍ବପର୍ବାଣି, ଆତ୍ମଜୀବନୀ, ଆଇନ କାନୁନ,ଫ୍ୟାସନ୍ ଓ ରୋଷେଇଶାଳର କଥା ।

ମୁଁ ଗଳ୍ପରୁ ଆରମ୍ଭ କରିଥିଲି ମୋର ପଢ଼ା । ଗାଳ୍ପିକ ଭାନୁ ଶଙ୍କର ମହାନ୍ତିଙ୍କ ଗଳ୍ପ ‘ରଙ୍ଗାଭାଇ କଣ ଖୋଜୁଛ’ ଏକ ଚମତ୍କାର ଗଳ୍ପ । ମଣିଷର ଜୀବନ ଯାତ୍ରା ତା’ର ଜନ୍ମରୁ ଆରମ୍ଭ ହୋଇଯାଇଥାଏ । ସେ ଯାତ୍ରା ଶେଷ ହୁଏ ବୋଧେ ଜୁଇରେ । ତେବେ ସେ ଯାତ୍ରାର ଉଦ୍ଦେଶ୍ୟ କ’ଣ ମୁଠାଏ ଚିତା, ଦୁଇ ମୁଠା ମାଟି, ନା ଆଉ କିଛି ? ହଁ ତାହା ହିଁ ବୋଧେ ଏଇ ଗଳ୍ପର ଅନ୍ତସ୍ୱର । ଗଳ୍ପର ମୁଖ୍ୟ ଚରିତ୍ର ରଙ୍ଗାଭାଇ ନିଜ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଚିଠିଟିଏ ଛାଡିଯାଇ ନିଖୋଜ ହେଇଯାଇଛନ୍ତି । ସେ ନିଖୋଜ ହେଇଛନ୍ତି କିଛି ଗୋଟେ ଖୋଜିବା ଉଦ୍ଦେଶ୍ୟରେ । ଘରେ ବୃଦ୍ଧା ବାପା, ମାଆ, ଅନୂଢ଼ା ଭଉଣୀ, ଗରିବ ଭାଇ ଆଦିଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ଯାଇ ଜୀବନର କି ଅର୍ଥ ଖୋଜୁଛନ୍ତି ରଙ୍ଗାଭାଇ ? ରଙ୍ଗାଭାଇଙ୍କ ଅନୁପସ୍ଥିତିରେ ମାଆ ତାଙ୍କର ପାଗଳୀ ହେଇଯାଇଛନ୍ତି । ଘରର ପରିସ୍ଥିତି ବହୁତ ବିଗିଡି ଯାଇଛି । ତଥାପି ରଙ୍ଗା ଫେରୁନାହାନ୍ତି । ଜୀବନର ଅର୍ଥକୁ ଖୋଜି ଚାଲିଛନ୍ତି । ରଙ୍ଗାଭାଇ ସତରେ ଜୀବନର ଅର୍ଥ ଖୋଜୁଛନ୍ତି ନା ନିଖୋଜ ହେଇଯାଇ ଭୀରୁ ଭଳି ଜୀବନର ସବୁଯାକ ବାଧା ବିଘ୍ନରୁ ନିଜକୁ ଦୂରେଇ ରଖୁଛନ୍ତି ? ଏ ପ୍ରଶ୍ନ କରିଛନ୍ତି ଗାଳ୍ପିକ । ରଙ୍ଗାଭାଇ ଫେରୁନାହାଁନ୍ତି । ତାଙ୍କ ମାଆଙ୍କ ପାଗଳାମୀ ବଢ଼ିବାରେ ଲାଗିଛି । ସେ ରଙ୍ଗାଙ୍କ ଶିକ୍ଷକଙ୍କ ଘରକୁ ଆସି ନିଜର ପାଗଳାମୀ ଆରମ୍ଭ କରିଦେଇଛନ୍ତି । ଭାତ ହାଣ୍ଡିର ଗରମ ପାଣିରେ ଜୋତା ଫୁଟାଉଛନ୍ତି । ରାତିରେ ଘରୁ ବାହାରି ଯାଇ ଆକାଶର ତାରାଙ୍କ ଉପରକୁ ଢେଲା ପଥର ପକାଇବାର ବୃଥା ପ୍ରୟାସ କରୁଛନ୍ତି । ଶିକ୍ଷକଙ୍କ ପତ୍ନୀଙ୍କୁ ଗାଳି ଗୁଲଜ କରୁଛନ୍ତି । ତାଙ୍କର ଏ ପାଗଳାମୀ ଦେଖି ଶିକ୍ଷକଙ୍କ ପତ୍ନୀ ଯଦିଓ ସାମାନ୍ୟ ଚିଡ଼ି ଯାଇଛନ୍ତି,ତଥାପି ତାଙ୍କ ଉପରେ କ୍ରୋଧ ନକରି ଅବିଚଳିତ ଭାବେ ରଙ୍ଗାମାଆଙ୍କର ସକାଳର ଦାନ୍ତଘସା ଖିଆପିଆର ସୁବିଧା ପାଇଁ କାମରେ ଲାଗି ପଡିଛନ୍ତି । ରଙ୍ଗାଭାଇଙ୍କ ଶିକ୍ଷକ ମଧ୍ୟ ରଙ୍ଗାମାଆର ପାଗଳାମୀରେ ଆଦୌ ବିଚଳିତ ନହୋଇ ତାଙ୍କୁ ନିଜର ଅବୁଝା ମାଆଟିଏ ଭାବି ନିର୍ବିକାର ଚିତ୍ତରେ ତାଙ୍କର ସେବା, ଯତ୍ନ କରିବା ସହ ନିଜର ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରୁଛନ୍ତି । ଏସବୁକୁ ଲକ୍ଷ୍ୟ କରି ଗାଳ୍ପିକ ଭାନୁ ଶଙ୍କର କହିଛନ୍ତି, “ରଙ୍ଗା ଭାଇ ତୁମେ ଯୋଉ ଚିଜଟି ଖୋଜୁଛ ତାହା ତ ଏଇ ହାତ ପାହାନ୍ତରେ ଅଛି । କେତେ ଦିନ ଆଉ ଏଇ ହାତ ପାହାନ୍ତାରେ ଥିବା ଚିଜଟିକୁ ଖୋଜି ବୁଲୁଥିବ ?”

ସତରେ ସଂସାରରେ ରହି, ସବୁ ବାଧାବିଘ୍ନକୁ ସ୍ୱଭାବିକ ଭାବେ ଗ୍ରହଣ କରି ଜୀବନର ଯାତ୍ରାରେ ଆଗେଇ ଯିବା ହିଁ ତ ପ୍ରକୃତ ଜିଇଁବା । ଗାଳ୍ପିକଙ୍କର ଏହି ଗଳ୍ପ ଜୀବନକୁ ଆହୁରି ପାଖରୁ ଦେଖେଇ ଦେଲା, ଜିଇଁବାର କଳା ଶିଖେଇ ଦେଲା । ସୁନ୍ଦର ଗଳ୍ପଟି ପଢ଼ିବାର ସୁଯୋଗ ଦେଇଥିବାରୁ ‘ରେବତୀ’କୁ ଓ ଗାଳ୍ପିକ ଭାନୁ ଶଙ୍କର ମହାନ୍ତିଙ୍କୁ ହୃଦୟରୁ ଧନ୍ୟବାଦ ଓ ଶୁଭେଚ୍ଛା ।

ପର୍ବପର୍ବାଣିରେ ଶୁଭ ନାରାୟଣ ସ୍ୱାଇଁଙ୍କର ‘ଶୀତଳଷଷ୍ଠୀ’, ଓଡିଶାର ଏକ ନିଆରା ସୁନ୍ଦର ପର୍ବ ବିଷୟରେ ଅବଗତ କରାଏ । ଯଦିଓ ଶୀତଳଷଷ୍ଠୀ ପର୍ବ ବିଷୟରେ ମୋର ଆଗରୁ ଧାରଣା ଥିଲା, କିନ୍ତୁ ଏ ଆଲେଖ୍ୟ ପଢି ଏ ପର୍ବ ସମ୍ବନ୍ଧରେ ସବିଶେଷ ଜାଣିଲି । ଦେବ ଦମ୍ପତିଙ୍କ ଏହି ନିଆରା ବିବାହର ପରମ୍ପରାରେ ଥିବା ରୀତିନୀତି ଓ ବିଧିକୁ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ଲେଖକ । ଶିବ, ପାର୍ବତୀଙ୍କ ବିବାହରେ ଥାଳ ଉଠା, ପାତ୍ର ପେଣ୍ଡି, ଗୁଆ ଗୁଣ୍ଡା, ମଙ୍ଗନ, ବରାନୁଗମନ, ବାଟ ବରଣ, ବିବାହ ଓ ପାଣିଗ୍ରହଣ ଆଦି ବିଷୟରେ ପଢି ଖୁବ୍ ଭଲ ଲାଗିଲା ।



▶ଲୋପାମୁଦ୍ରା ମିଶ୍ର

ଭ୍ରମଣ କାହାଣୀରେ ଅଛି ‘ନାଏଗ୍ରା ଜଳ ପ୍ରପାତ’, ଲେଖିଛନ୍ତି ଗାଳ୍ପିକା ସୁଷମା ପରିଜା । ନାଏଗ୍ରା ଜଳ ପ୍ରପାତ ଯିଏ ଯାଇ ନାହାଁନ୍ତି ବା ଯିବାକୁ ଚାହିଁ ନାହାଁନ୍ତି, ଏ ଆଲେଖ୍ୟ ପଢିଲା ପରେ ନିଶ୍ଚୟ ଥରେ ଯିବାକୁ ଇଚ୍ଛା କରିବେ । ‘ମାନନୀୟେଷୁ’ରେ ‘ଶବ୍ଦର ସନ୍ଥ ସୀତାକାନ୍ତ’ । ସୀତାକାନ୍ତଙ୍କ ଉପରେ ପ୍ରସ୍ତୁତ ହେଇଥିବା ଫିଚର୍‌କୁ କେହି ନପଢି ପତ୍ରିକାଟିକୁ ଥାକରେ ସାଇତି ପାରିବେ ! ଏ କଥା ମୋର ବିଶ୍ୱାସ ହୁଏନି । ‘ରେବତୀ’ର ଏଇ ସଂଖ୍ୟାର ‘ମାନନୀୟେଷୁ’ରେ ସୀତାକାନ୍ତଙ୍କ ବିଷୟରେ ଅନେକ କିଛି ନୂଆ କଥା ଜାଣିବାର ସୁଯୋଗ ପାଇଲି । ସେଥିପାଇଁ ‘ରେବତୀ’କୁ ଧନ୍ୟବାଦ । କବିତା କଥା ମନକୁ ଆସିଲେ ଏଇ କଥା ମୋର ଚିରଦିନ ପାଇଁ ମନେ ରହିବ- “କବିତା ଏକ ଭିନ୍ନ ଓ ଜୀବନ୍ତ ପୃଥିବୀ”, ଯାହା ସୀତାକାନ୍ତ କହିଛନ୍ତି ।

“ମୁଁ ବିଭାଜନକୁ ସହି ପାରୁନଥିବା ଜଣେ ଅଯୋଗ୍ୟ ଅଭାଜନ”, କବି ବାଦଲ ମହାନ୍ତିଙ୍କ ‘ମାଟି ଦେବୀ’ କବିତାର ଧାଡିଟିଏ ଯାହା ହୃଦୟକୁ ଛୁଇଁଗଲା । ଏଥର ‘ରେବତୀ’ରେ ପ୍ରକାଶିତ ସବୁଯାକ କବିତା ଖୁବ୍ ଭଲ ଲାଗିଲା । ସମସ୍ତ ସ୍ରଷ୍ଟାଙ୍କୁ ଶୁଭେଚ୍ଛା ।

ସଂଗୀତର ସୁରତରଙ୍ଗିଣୀ ଶ୍ୟାମାମଣିଙ୍କ ଉପରେ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି ଶୁଭଶ୍ରୀ ନାୟକ । ଶ୍ୟାମାମଣିଙ୍କ ବ୍ୟକ୍ତିତ୍ୱ, କୃତି, ଯଶ,ଖ୍ୟାତି ସମ୍ବନ୍ଧରେ ଅନେକ କଥା ଜାଣିହେଲା ଏଇ ଆଲେଖ୍ୟରୁ ।

‘ରେବତୀ’ର ରୋଷେଇଶାଳ ମୋର ଏକ ପ୍ରିୟ ବିଷୟ । ଯେମିତି ୟୁଟ୍ୟୁବ୍‌ରେ ମୁଁ ଅନେକ ରାନ୍ଧଣା ଚ୍ୟାନେଲ୍ ଦେଖିବାକୁ ଭଲ ପାଏ ଓ ନୂଆ ରୋଷେଇ ଶିଖିବାକୁ ଚେଷ୍ଟା କରେ, ସେହିଭଳି ‘ରେବତୀ’ର ଏଇ ରୋଷେଇ ପୃଷ୍ଠାରୁ କିଛି ନୂଆ ରୋଷେଇ ଶିଖିବାକୁ ପ୍ରତି ମାସ ‘ରେବତୀ’ ପାଇଲେ ମୁଁ ଶେଷ ପୃଷ୍ଠା ଆଡ଼କୁ ଆଖି ବୁଲେଇ ନିଏ । ଏଥର ରୋଷେଇରେ ରଶ୍ମିତା ରୁଚିରମ୍ୟାଙ୍କ ଓଟ୍ସ ଚିଲା ଶିଖିଲି ଓ ଏହା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା ଜାଣିଲି । ରୋନାଲିସା ପଣ୍ଡାଙ୍କ ତିନି ପ୍ରକାର ତାଳ ପିଠାର ରୋଷେଇ ପ୍ରଣାଳୀ ଭଲ ଲାଗିଲା । ଗୀତିକା ବିଶ୍ୱାଳଙ୍କ ‘ଅଣ୍ଡା ଲବାବ୍‌ଦାର୍’କୁ ମୁଁ ମୋ ରୋଷେଇଶାଳରେ ନିଶ୍ଚୟ ପ୍ରସ୍ତୁତ କରିବାକୁ ଚେଷ୍ଟା କରିବି ।

ଶେଷରେ ପଢ଼ିଲି ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦକୀୟ । ସମ୍ପାଦକୀୟରେ ସମ୍ପାଦକ କୃଷ୍ଣ ସାର୍ ବିଶିଷ୍ଟ କବି ପବିତ୍ର ମୋହନ ଦାଶଙ୍କ ପ୍ରଶ୍ନ – “ସାରସ୍ୱତ ସାଧନା ଆମ ଜୀବନର ନୈତିକ ମୂଲ୍ୟବୋଧକୁ ବଢ଼େଇବାର ସହାୟକ ହୋଇଛି କି ?” ଉପରେ ଅଧିକ ଆଲୋଚନା କରିଛନ୍ତି । କୃଷ୍ଣ କୁମାର ମହାନ୍ତିଙ୍କର ଏହି ଆଲୋଚନାଟି ସହ ମୋର ସାମାନ୍ୟ ମତଭେଦ ଥିଲେ ମଧ୍ୟ ମୋତେ ଏହା ବେଶ୍ ପ୍ରଭାବିତ କଲା । ସାହିତ୍ୟିକଙ୍କ ନୈତିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେକ୍ଷିତ ଏଥରର ସମ୍ପାଦକୀୟଟି ନିଶ୍ଚିତ ଭାବେ ଏକ ଚିନ୍ତା ଉଦ୍ରେକକାରୀ ଆଲୋଚନା ।

**ଲୋପାମୁଦ୍ରା ମିଶ୍ର,**
**ନନ୍ଦିପୁର, ଦଶରଥପୁର, ଯାଜପୁର**

## ରେବତୀ ଚିତ୍ରମୟ ରୁଚିବୋଧର ପରିଚୟ ଦିଏ

● ‘ରେବତୀ’ର ପ୍ରତେକଟି ପୃଷ୍ଠା ନୂତନ ସାହିତ୍ୟ ରୁଚିର ବିଭାବରେ ବିଭୂଷିତା । ପ୍ରତ୍ୟେକଟି ଦିଗ ଓଡ଼ିଆ ପତ୍ରିକା କ୍ଷେତ୍ରରେ ସଦା ସଂଗ୍ରହଣୀୟ ଓ ଏକାନ୍ତ ଭାବେ ମୌଳିକ । ଏକ ରୁଚିପୂର୍ଣ୍ଣ ତଥା ସମ୍ଭାବନାମୟ ସମ୍ପାଦକୀୟ । ଚିରକାଳ ଓଡ଼ିଆ ସାହିତ୍ୟକୁ ନବ୍ୟ ଦିଶା ପ୍ରଦାନ କରୁଥିବ । ବିଶେଷ କରି ବିଭିନ୍ନ ଅଂଚଳର ସଂସ୍କୃତି, ଐତିହ୍ୟ, ଇତିହାସ, ଭୌଗୋଳିକତା ଉପରେ ଆଲେଖ୍ୟ ଏଇ ପତ୍ରିକାର ଏକ ଉଜ୍ଜ୍ୱଳମୟ ଦିଗ । ପ୍ରତ୍ୟେକ ଲେଖାକୁ ସଜାଇ ପରିବେଷଣ କରିବା ଆପଣଙ୍କ ଚିତ୍ରମୟ ରୁଚିବୋଧର ପରିଚୟ ଦିଏ । ‘ରେବତୀ’ ସମ୍ପର୍କରେ ଯେତେ ଲେଖିଲେ ବି ଅସମ୍ପୂର୍ଣ୍ଣ ରହିବ ।

**ସଦାଶିବ ଦାଶ,** ସାଲେପୁର, କଟକ

# ପାରିବାରିକ ମାତୃଶକ୍ତି

ଆମେ 'ମାତୃଶକ୍ତି'ର ମହାନତାରେ ପ୍ରତିପାଳିତ ହୋଇଥାଉଁ । ସକଳ ଶକ୍ତିର ଆଧାର ହିଁ ଏହି ମାତୃଶକ୍ତି । କହିବାକୁ ଗଲେ ସମଗ୍ର ସଂସାରର ପରିଚାଳିକା ଏହି ମାତୃଶକ୍ତି । ସୃଷ୍ଟି, ପାଳନ ଓ ସଂହାର ଭିତରେ ବିଦ୍ୟମାନ ଏହି ମାତୃଶକ୍ତିକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଯୁଗେ ଯୁଗେ ମାତୃଶକ୍ତି ପରିବାରରୁ ଦେଶ ଯାଏଁ ମୂଲ୍ୟଭିତ୍ତିକ ବୃହତ୍ତର କ୍ଷେତ୍ର ପ୍ରସ୍ତୁତ କରିପାରେ- ଏ କଥା ଆମେ ସମସ୍ତେ ଜାଣୁ । ଆମେ ଯେଉଁ ପରିବାର ଭିତରେ ବସବାସ କରୁ ତାହା ମଧ୍ୟ ମାତୃଶକ୍ତିର ଆଧାର । ମାତୃଶକ୍ତିକୁ ଆମେ ନାରୀଶକ୍ତି ଭାବେ ଅଭିହିତ କରିପାରିବା । ଯେଉଁ ପରିବାରରେ ନାରୀଶକ୍ତିର ପ୍ରଭାବ ଯେତିକି ଅଧିକ ସେ ପରିବାରରେ ସୁଖଶାନ୍ତି ସମୃଦ୍ଧି ସେଇ ଅନୁପାତରେ ବିରାଜିତ । କାରଣ ଗୋଟିଏ ପରିବାରକୁ ପାଳିବା ପୋଷିବା କ୍ଷେତ୍ରରେ ଯେଉଁ ନାରୀଟିଏର ତ୍ୟାଗ ଓ ନିଷ୍ଠା ସନ୍ନିହିତ, ସେଇ ନାରୀଟିକୁ ଆମେ ପରିବାର ଭିତରେ ସମସ୍ତେ ସମ୍ମାନ ଦେଖାଇବା ଜରୁରୀ । ପରିବାରକୁ ଶୃଙ୍ଖଳିତ ବାଟରେ ଆଗେଇ ନେବା ପାଇଁ ଯେଉଁ ନାରୀଟି ରାତିଦିନ ଏକ୍ କରିଥାଏ, ତା'ର ସେବାର କୌଣସି ବିକଳ୍ପ ନାହିଁ । କେବଳ ସୃଷ୍ଟିକର୍ତ୍ତ୍ରୀ ବା ପାଳନକର୍ତ୍ତ୍ରୀ ଭାବେ ନାରୀ ଯେ ପରିବାରରେ ବିଦ୍ୟମାନ ତାହା ନୁହେଁ । କୌଣସି ବିପଦ ଆପଦ ଆସିଲେ ତାର ସାମ୍ନା କରିବା ପାଇଁ ମଧ୍ୟ ସେ ଆଗେଇ ଆସିଥାଏ । କେବଳ ସେତିକି ନୁହେଁ, ସଂହାରକାରିଣୀ ଭାବେ ମଧ୍ୟ ନାରୀଶକ୍ତିର ଆକଳନ ଆମେ କରିଥାଉଁ ।

ଦୁର୍ଗତିନାଶିନୀ ଭାବେ ମାଆ ଦୁର୍ଗାଙ୍କୁ ଆରାଧନା କରିବା ମୂଳରେ ସେଇ ମାତୃଶକ୍ତିର ଆହ୍ୱାନ କରାଯାଏ । ଦୁରାଚାରୀ, ପାପୀ ମହିଷାସୁରର ଅତ୍ୟାଚାରରେ ଅତିଷ୍ଠ ହେବା ପରେ ହିଁ ମାଆ ଦୁର୍ଗାଙ୍କୁ ସାଜିବାକୁ ପଡ଼ିଥିଲା ସଂହାରକାରିଣୀ । ତାଙ୍କରି ମାତୃଶକ୍ତିର ପରାକ୍ରମ ପାଖରେ ମହିଷାସୁର ମଧ୍ୟ ହାର୍ ମାନିଥିଲା ।  ଏହି କାରଣରୁ ଆମେ ପ୍ରତ୍ୟେକ ପରିବାରରେ ନାରୀଟିଏକୁ ମାଆ ରୂପରେ ପାଇଥାଉ । ସେଇ ମାଆଙ୍କର ଶକ୍ତିକୁ ଆମେ ସମ୍ମାନ କରିବା ସହ ମାତୃଶକ୍ତିର ଯଥୋଚିତ ଆବାହନ କରିବା ଉଚିତ । ଯେଉଁ ପରିବାରରେ ନାରୀର ସମ୍ମାନ ଯେତେ ଅଧିକ, ସେ ପରିବାର ସେତେ ସମୁନ୍ନତ ଓ ସେତେ ଶିକ୍ଷିତ ବୋଲି ଆମେ କହିପାରିବା ।

ଏମିତିରେ ଭାରତୀୟ ସଂସ୍କୃତିରେ ମାତୃଶକ୍ତିକୁ ପ୍ରାଣଶକ୍ତିର ମାନ୍ୟତା ଦିଆ ଯାଇଥାଏ ଏବଂ ଏହାର ସ୍ଥାନ ସର୍ବୋଚ୍ଚ ବୋଲି ବିବେଚିତ ହୁଏ । ନବରାତ୍ରୀରେ ଛୋଟ ଛୋଟ ଝିଅମାନଙ୍କୁ ପୂଜା କରାଯିବାର ବିଧି ରହିଛି । ସେମାନଙ୍କୁ ମାଆ ଦୁର୍ଗାଙ୍କ ସ୍ୱରୂପ ମନେ କରାଯାଇ ପୂଜା କରାଯାଏ । ଏହି ରୀତିନୀତି ଆମ ସମାଜରେ ସଂସ୍କାର ସ୍ଥାପନ କରିବା ସହ କନ୍ୟାଙ୍କୁ ସମ୍ମାନ ଦେବାର ଏକ ପରମ୍ପରା ସୃଷ୍ଟି କରିଥାଏ । ଜୀବନର ପ୍ରବାହ, ଆମର ପ୍ରାଣଶକ୍ତିର ସ୍ରୋତ ହିଁ ଏହି ମାତୃଶକ୍ତି ଅଟେ । ବ୍ରହ୍ମାଣ୍ଡର ପ୍ରତିଟି ତତ୍ତ୍ୱରେ ମାତୃଶକ୍ତି ନିହିତ ଏବଂ ପ୍ରତିଟି ତତ୍ତ୍ୱରେ ମାତୃଶକ୍ତି ହିଁ ସୃଜନକର୍ତ୍ତା । ସେଇଥିପାଇଁ ହିନ୍ଦୁଧର୍ମରେ ମାତୃଶକ୍ତିକୁ ସଚ୍ଚିଦାନନ୍ଦମୟର ବ୍ରହ୍ମସ୍ୱରୂପ ମଧ୍ୟ କୁହା ଯାଇଥାଏ । ଏହା ବିନା କୌଣସି ବି ଈଶ୍ୱରୀୟ ତତ୍ତ୍ୱର ଉଦ୍‌ଭବ ସମ୍ଭବ ହୁଏନା । ମାତୃଶକ୍ତି ସୁତରାଂ ଆଦ୍ୟଶକ୍ତି । ମାତୃଶକ୍ତିର ଚାରୋଟି ସ୍ୱରୂପକୁ ଆମେ ସ୍ମରଣ ରଖିବା ଉଚିତ ।  ସେଗୁଡ଼ିକ ହେଲା, ଗୀତା, ଗଙ୍ଗା, ଗାୟତ୍ରୀ ଓ ଗୋମାତା । ଆମେ ସମସ୍ତେ ଆଦ୍ୟଶକ୍ତି ମାଆ ଭଗବତୀଙ୍କ ସନ୍ତାନ ଅଟୁ । ମନୁଷ୍ୟର କୌଣସି ଭାବନା ଯାହା ସମାଜରେ ଭେଦଭାବ ସୃଷ୍ଟି କରୁଥାଏ, ମନୁଷ୍ୟକୁ ମନୁଷ୍ୟ ଠାରୁ ଦୂରେଇଥାଏ, ତାହା ଭାଷାବାଦ, ଅଞ୍ଚଳବାଦ ବା ଜାତିବାଦ ଭାବରେ ହେଉନା କାହିଁକି, ଏସବୁକୁ ପ୍ରଶ୍ରୟ ଦେବା ଅନୁଚିତ । ମାଆ ଭଗବତୀଙ୍କ ଚେତନାର ଅଂଶ ଆମେସବୁ । ଆମ ଭିତରେ ଏକ ପ୍ରାଣ, ଏକ ଶକ୍ତି ବିଦ୍ୟମାନ । ଆମର କୌଣସି ପ୍ରକାର ଭେଦଭାବ, ମାଆ ଭଗବତୀଙ୍କୁ  ହିଁ କଷ୍ଟ ଦେବ- ଏ କଥା ଆମେ ସ୍ମରଣ ରଖିବା ଉଚିତ । କାରଣ ମାଆ ଭଗବତୀ ଆମକୁ ପ୍ରାଣଶକ୍ତି ପ୍ରଦାନ ପୂର୍ବକ ଏହି ପବିତ୍ର ଧରାବକ୍ଷକୁ ପ୍ରେରଣ କରିଛନ୍ତି ପାରସ୍ପରିକ ପ୍ରେମଭାମ ଓ ଭାଇଚାରାର ଅନୁପମ ସନ୍ଦେଶ ସର୍ବତ୍ର ବିତରଣ କରିବା ପାଇଁ । ଏହି ନବରାତ୍ରୀ ଅବସରରେ ନବଶକ୍ତିରେ ପରିପୂରିତ ହୋଇ ଜନମାନସ ପାଇଁ କିଛି କରିପାରିଲେ  ସମାଜର  କଲ୍ୟାଣ ହେବ- ଏହା ମନରେ ଭାବିବା ଉଚିତ । ପାରିବାରିକ ଦାୟଦାୟିତ୍ୱ ଭିତରେ ଏହି ପବିତ୍ର ଦଶହରା ସମୟରେ ନାରୀଶକ୍ତିର ସମ୍ମାନ ପୂର୍ବକୁ ନିଜ ଭିତରେ ନବଶକ୍ତି ଉତ୍ପନ୍ନର ମାର୍ଗ ତିଆରି କରି ପାରିଲେ, ମନୁଷ୍ୟ ଜନ୍ମ ସାର୍ଥକ କେବଳ ହେବ ନାହିଁ, ମାଆ ଭଗବତୀର ସନ୍ତାନ ଭାବରେ ଆମେ ମାତୃଶକ୍ତିର କଲ୍ୟାଣମୟ ପରିସୀମାରେ ରହି ପାରିବୁ । ଏହି ପ୍ରକାର ଏକ ବିଚାରଧାରା ଆମ ଭିତରେ ସୃଷ୍ଟି କରିବା ପାଇଁ ଦୁର୍ଗାପୂଜ ଅବସର ଆସେ ଓ ଆମକୁ ସ୍ମରଣ କରାଇଦିଏ ଯେ, ସମାଜରେ ନାରୀଶକ୍ତିର ସମ୍ମାନ ବିନା ତିଷ୍ଠି ରହିବା ସମ୍ଭବ ନୁହେଁ । କୌଣସି ନାରୀର ଅଭିଶାପ ପ୍ରାପ୍ତ ହାଇ ବଞ୍ଚିବା ଅପେକ୍ଷା ସେଇ ନାରୀର କୃପାଧନ୍ୟ ହୋଇ ବଞ୍ଚିବାର ଶ୍ରେୟସ୍କରତା ବିଷୟରେ ଆମେମାନେ ଧ୍ୟାନ ଦଲେ ପରିବାର ଓ ସମାଜ ଭିତରେ ଏକ ନବଶକ୍ତିର ଆବିର୍ଭାବ ହେବ । ସେଇ ଶକ୍ତି ହିଁ ସବୁର ମୂଳପିଣ୍ଡ । ସୁତରାଂ ଆସନ୍ତୁ ଆମ ଭିତରର ଅନ୍ତର୍ଶକ୍ତିକୁ ଜାଗ୍ରତ କରାଇବା ଏବଂ ପ୍ରତିଟି ନାରୀ ଭିତରେ ମଧ୍ୟ ଏହି ଶକ୍ତିକୁ ବିକଶିତ କରାଇବାରେ ସହାୟକ ହେବା, ଯଦ୍ୱାରା ନାରୀଟିଏ ପ୍ରତିଟି ବିକୃତ ମାନସିକତାର ସାମ୍ନା ସାହସ ଓ ଧୈର୍ଯ୍ୟର ସହ କରିପାରିବ । ଜଣେ ନାରୀ ବିନା କୌଣସି ବି ବ୍ୟକ୍ତି-ଜୀବନ ସୃଜିତ ହୋଇପାରିବ ନାହିଁ । ଯେଉଁ ପରିବାରରେ ନାରୀ ନାହିଁ, ସେଠାରେ ପୁରୁଷଟିଏ ନା ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ପାରେ, ନା ଅଧିକ ସମୟ ବଞ୍ଚିପାରେ । ତେଣୁ ନାରୀଶକ୍ତିର ସମ୍ମାନ କରିବା ଆମମାନଙ୍କର ଧ୍ୟେୟ ହେଉ । ପ୍ରତିଟି ପରିବାରରେ ଏଇ ଚିନ୍ତା ଓ ଚେତନାକୁ ପ୍ରତିରୋପଣ କରିପାରିଲେ, ଏକ ଉତ୍ତମ ସମାଜ ଗଢ଼ି ଉଠିବ- ଏଥିରେ ସନ୍ଦେହ ନାହିଁ ।


ଶାରଦୀୟ ଦୁର୍ଗୋତ୍ସବ ଅବସରରେ ଆମର ପ୍ରିୟ ପାଠକପାଠିକା, ବିଜ୍ଞାପନଦାତା, ପତ୍ରିକା ବିକ୍ରେତା ବନ୍ଧୁ ଓ ଶୁଭାକାଂକ୍ଷୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ସହିତ ସମସ୍ତଙ୍କ ସହଯୋଗ କାମନା କରୁଛି ।



ସମ୍ପାଦିକା

ପ୍ରସଙ୍ଗ - ୧

# ମାତୃ ରୂପେଣ ସଂସ୍ଥିତା



# ତ୍ୱମୀଶ୍ୱରୀଦେବୀ ଚରାଚରସ୍ୟ


**ପ୍ରଜ୍ଞାଶ୍ରୀ ରଥ**

ମାର୍ଫତ: ଇଂ. ପ୍ରକାଶ କୁମାର ନନ୍ଦ, ବି-୨୦୧, ଡୁମୁଡୁମା, ଫେଜ୍-୬, ଏଚ୍.ଆଇ.ଜି.ଫ୍ଲାଟ୍ସ୍ (ଓଏସ୍ଏଚ୍ବି), ଭୁବନେଶ୍ୱର-୭୫୧୦୧୯, ଫୋନ:୮୧୧୪୩୫୧୨୧୦


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ପାହି ପାହି ଆସୁଛି ଆଶ୍ୱିନର ସଜସକାଳ । ଭୂଇଁରେ ଲୋଟୁଚି ସହସ୍ର ସହସ୍ର ସଜଶେଫାଳିର ନାରଙ୍ଗୀ ବୃନ୍ତରେ ଥିବା ଶୁଭ୍ର ପାଖୁଡ଼ାମାନ । ନଈପଠାରେ ଶିହରି ଉଠୁଚି ଉର୍ଦ୍ଧ୍ୱାୟିତ କାଶତଣ୍ଡିର ଶ୍ୱେତଚାମର । ଆକାଶ ନିର୍ମେଘ, ନୀଳମୟ, ନୀଳିମାମୟ । ପୃଥିବୀକୁ ଓହ୍ଲାଇ ଆସୁଚି ମହାପାର୍ବଣର ଋତୁ । ବାଜୁଚି ବାଜାବାଜଣା, ଜଳୁଚି ଅଖଣ୍ଡ ଦୀପ, ମହାବେଦୀ ଉପରେ ପବିତ୍ର ଜଳ ଛିଞ୍ଚୁଚନ୍ତି ଋତ୍ୱିକ୍‌ଗଣ, ମୃଣ୍ମୟୀ ମା'ଙ୍କର ଅଙ୍ଗ ନିର୍ମାଣ ପାଇଁ ଚିତ୍ରକର ଧରିଛନ୍ତି ଅୟୁତ ବର୍ଣ୍ଣବିଭା । ଯିଏ ଚରାଚର ବିଶ୍ୱର ଅଧିଷ୍ଠାତ୍ରୀ, ତାଙ୍କୁ ଗଢ଼ିବେ କେଉଁ ମାଟିରେ ! କେଉଁ ରଙ୍ଗର ବସନ ପିନ୍ଧିବେ ମା' ! କେଉଁ ଅଳଙ୍କାରରେ ଖଞ୍ଜିଦେବେ ମଣିମୁକ୍ତା ପରି ସାରା ସଂସାରର ଆର୍ତ୍ତି: "ମା ଗୋ ! ହାତ ଯାଉନାହିଁ ଆଙ୍କିବାକୁ ତୋର ଆଖି ।" ସହସ୍ର ଚକ୍ଷୁ ଦେଇ ଦେଖୁଛନ୍ତି ବିଶ୍ୱବାସୀ । ଉଦାତ୍ତ କଣ୍ଠରେ ଗାଉଛନ୍ତି କେହି :

"ଏ ତତ୍ତେ ବଦନଂ ସୌମ୍ୟଂ ଲୋଚନତ୍ରୟ ଭୂଷିତମ୍  
ପାତୁନଃ ସର୍ବଭୀତିଭ୍ୟଃ କାତ୍ୟାୟନୀ ନମୋଽସ୍ତୁତେ ।"  
(ପ୍ରସନ୍ନବଦନା ଦେବି ତ୍ରିନେତ୍ରଶୋଭିତେ  
ସର୍ବ ଭୟରକ୍ଷୀ କାତ୍ୟାୟନୀ ନମୋଽସ୍ତୁତେ)

ମା'ଙ୍କର ତିନିନୟନ: ସତ୍ତ୍ୱ, ରଜଃ, ତମ । ସର୍ବଦା ସାଧୁଜନଙ୍କର ରକ୍ଷା ପାଇଁ ମା'ଙ୍କର ସତ୍ତ୍ୱମୟୀ ଚକ୍ଷୁ ଉଦ୍ଦୀପିତ । ଜଗତକଲ୍ୟାଣ ଓ ଜଗତପାଳନ ପାଇଁ ଉଜ୍ଜ୍ୱଳ ରଜଃରାଗ ରଞ୍ଜିତ ଚକ୍ଷୁ । ଆଉ ଦୁଷ୍ଟଦଳନ, ପାପନାଶନ ପାଇଁ ମହାମାୟାଙ୍କର ଅଙ୍ଗାରରଞ୍ଜିତ ତୃତୀୟନେତ୍ର ।

ଯେ ଜଗତ୍ ପାଳନ କାରିଣୀ ଜନନୀ, ସେ ହିଁ ମହାବିନାଶର ହେତୁ । ପରମକଲ୍ୟାଣୀ, ପରମଯୋଗିନୀ ପୁଣି ପ୍ରଳୟରୂପିଣୀ । ମହାଶକ୍ତି, ମହାଉର୍ଜା, ମହାତେଜା, ମହାମେଧା, ମହାକ୍ଷମା ଆଦି ପାଞ୍ଚଟି ଉଜ୍ଜ୍ୱଳ ଜ୍ୟୋତି ମା'ଙ୍କ ରୂପରାଶିରେ ।

ମହାଶକ୍ତି ହେଉଛନ୍ତି ଆତ୍ମା ଓ ପରମାତ୍ମାଙ୍କର ନିର୍ମଳ ଜ୍ୟୋତି । ତାଙ୍କର ନାମ ଓ ରୂପ ଅନନ୍ତ । ବିନୟ, ଧୈର୍ଯ୍ୟ, ପ୍ରେମ, ଅନୁକମ୍ପା, ପ୍ରଜ୍ଞା, ଶାନ୍ତି, ମାଧୁର୍ଯ୍ୟ ଇତ୍ୟାଦି ଅନେକ ରୂପରେ ପରିଭାଷିତ ।

ଧୀ, ଶ୍ରୀ, କାନ୍ତି, କ୍ଷମା, ଶାନ୍ତି, ଶ୍ରଦ୍ଧା, ମେଧା, ଧୃତି, ସ୍ମୃତି, କାନ୍ତି ମଧ୍ୟ ମା'ଙ୍କର ଅନ୍ୟନାମ । ଦେବୀ ଭାଗବତରେ ବର୍ଣ୍ଣିତ ମା'ଙ୍କର ଅର୍ଗଳ ସ୍ତୋତ୍ରରେ ପ୍ରକମ୍ପିତ ଦିଗ୍‌ବିଦିଗ:

"ଓଁ ଜୟନ୍ତୀ ମଙ୍ଗଳା କାଳୀ ଭଦ୍ରକାଳୀ କପାଳିନୀ  
ଦୁର୍ଗା କ୍ଷମା ଶିବାଧାତ୍ରୀ ସ୍ୱାହା, ସ୍ୱଧା ନମୋଽସ୍ତୁତେ  
ଜୟ ତ୍ୱଂ ଦେବି ଚାମୁଣ୍ଡେ ଜୟ ଭୂତାର୍ତ୍ତିହାରିଣୀ  
ଜୟ ସର୍ବଗତେ ଦେବି କାଳରାତ୍ରି ନମୋଽସ୍ତୁତେ ।"

ଜୟ, ବିଜୟ, ଧାତ୍ରୀ, ଲଜ୍ଜା, କୀର୍ତ୍ତି, ଦୟା ପ୍ରଭୃତି ଦେବୀଙ୍କର ଅନେକ ରୂପ ବୋଲି ଦେବୀ ଭାଗବତ କହନ୍ତି ।

ବ୍ରହ୍ମାଙ୍କର ସୃଜନଶକ୍ତି, ବିଷ୍ଣୁଙ୍କର ପାଳନଶକ୍ତି, ଶିବଙ୍କର ସଂହାରଶକ୍ତି, ସୂର୍ଯ୍ୟଙ୍କର ପ୍ରକାଶଶକ୍ତି, ପୃଥିବୀର ଧୈର୍ଯ୍ୟଶକ୍ତି, ଅଗ୍ନିର ଉଷ୍ଣତା, ବାୟୁର ଶୀତଳତା, ଜଳର ତରଳତା ତଥା ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ପଦାର୍ଥରେ ପ୍ରବାହିତ ଶକ୍ତି ବା ଉର୍ଜା, ସେହି ଅନନ୍ତ ମହାଶକ୍ତିର ଅଂଶବିଶେଷ । ମହାଶକ୍ତିଙ୍କର ମହାପୂଜା ମହା ଆଡ଼ମ୍ବରରେ ପାଳିତ ହେବା ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସେହି ଦିବ୍ୟଶକ୍ତି ପାଖରେ ନିଜକୁ ସମର୍ପି ଦିଅନ୍ତି, ମା'ଙ୍କ ନିକଟରେ ସମସ୍ତେ ନିଜ ନିଜ କୌଳିକ ବୃତ୍ତିର ସବୁ ଉପାଦାନମାନଙ୍କୁ 'ସଜ' ବସାଇ ଦିଅନ୍ତି । ବ୍ରାହ୍ମଣଙ୍କ ପୋଥି, କ୍ଷତ୍ରିୟଙ୍କ ଅସ୍ତ୍ର, ବୈଶ୍ୟ ସମ୍ପ୍ରଦାୟ ତାଙ୍କର ହିସାବକିତାବ ଖାତା, ଶୂଦ୍ରମାନେ ନିଜ ନିଜ କୁଳବେଉସାର ଉପକରଣମାନ ମା'ଙ୍କ ପାଖରେ ଥୋଇ ଯୋଡ଼ହସ୍ତରେ ପ୍ରାର୍ଥନା କରନ୍ତି: "ହେ ମା, ପ୍ରସନ୍ନ ହୁଅ, ଅଭୟ ବର ପ୍ରଦାନ କର, ଅବଶିଷ୍ଟ ଆୟୁଷକୁ ତୁମ ଆଶୀର୍ବାଦରେ ଭୟଶୂନ୍ୟ କର, ସବୁ ବିପଦରୁ ଉଦ୍ଧାର କର ।".

ଆବହମାନ କାଳରୁ ବିଶ୍ୱାସ ରହିଛି ଯେ ପ୍ରତି ପ୍ରଭାତରେ ଯିଏ ଦୁର୍ଗାନାମ ସ୍ମରଣ କରେ, ତା'ର ବିପଦସବୁ ଅନାୟାସେ ଘୁଞ୍ଚିଯାଏ । ଯେମିତି ସୂର୍ଯ୍ୟୋଦୟ ପରେ ଅନ୍ଧାର ନଷ୍ଟ ହୁଏ ।

"ପ୍ରଭାତେ ଯଃ ସ୍ମରେନିତ୍ୟଂ ଦୁର୍ଗା ଦୁର୍ଗାକ୍ଷର ଦ୍ୱୟମ୍  
ଆପଦଃ ତସ୍ୟ ନଶ୍ୟନ୍ତି ତମଃ ସୂର୍ଯ୍ୟୋଦୟେ ଯଥା ।"

## ଦୁର୍ଗାଙ୍କର ସ୍ୱରୂପ କ'ଣ

ପରମାତ୍ମାଙ୍କର ସତ୍, ଚିତ୍, ଆନନ୍ଦ ନାମକ ତ୍ରିଶକ୍ତି ହେଉଛନ୍ତି ଦୁର୍ଗା । ସେ ଅପ୍ରକଟ ଅବସ୍ଥାରେ ଥିବାବେଳେ ଜୀବ ହୋଇଥାଏ ଶବ, ସେ ପ୍ରକଟ ହେବା ମାତ୍ରେ ଶବ ହୁଏ ଜୀବ । ଅର୍ଥାତ୍ ନିଷ୍ପ୍ରାଣ ଭିତରେ ପ୍ରାଣଶକ୍ତିର ସଂଚାରଣ ହେବା ହିଁ ଦୁର୍ଗାଭାବ ।



▶ ଲେଖିକା ପ୍ରଜ୍ଞାଶ୍ରୀ ରଥ

ଆଦ୍ୟାଶକ୍ତି ମୌଳିକ ଭାବରେ ପ୍ରତ୍ୟେକ ପ୍ରାଣୀ ଓ ଉଦ୍ଭିଦ ଭିତରେ ବିଦ୍ୟମାନ, ତାଙ୍କୁ ବିଶେଷ ଭାବରେ ଅନୁଭବ କରିବାର ମାଧ୍ୟମ ମଧ୍ୟ ସେ ନିଜେ ହୁଅନ୍ତି। ସେ ଆପଣାକୁ ସଂଧନୀ, ସମ୍ବିତ୍ ଓ ହ୍ଲାଦିନୀ ଶକ୍ତି ମାଧ୍ୟମରେ ପ୍ରକଟ କରେଇ ଥାଆନ୍ତି।



ଜୀବ ନିଜର ପରମ ସନାତନ ଭାବ, ସତ୍ୟ, ସତ୍ତା ଓ ମହତ, ଯାହା ସାହାଯ୍ୟରେ ବ୍ରହ୍ମପ୍ରକାଶ କରେ, ତାହା 'ସଂଧନୀ' ଶକ୍ତି।

ଯାହାଦ୍ୱାରା ପରମେଶ୍ୱର ଚେତନା, ଜ୍ଞାନ ଓ ପ୍ରେରଣା ତଥା ପ୍ରକାଶ ପ୍ରଦାନ କରିବା ସମ୍ଭବ ହୁଏ, ତାହା ହିଁ 'ସମ୍ବିତ' ଶକ୍ତି।

ଯାହାଦ୍ୱାରା ପରାତ୍ପର ପୁରୁଷ ସ୍ୱୟଂ ପ୍ରକାଶ ହୋଇ ପ୍ରିୟଜନଙ୍କୁ ପରମାନନ୍ଦ ସାକ୍ଷାତ ଅନୁଭୂତି ପ୍ରଦାନ କରିବା ସମ୍ଭବ ହୁଏ, ତାହା 'ହ୍ଲାଦିନୀ' ଶକ୍ତି।

ଶକ୍ତି ସମସ୍ତ ଜଗତର ଆତ୍ମା ଅଟେ। ପ୍ରାକୃତିକ ଶକ୍ତି ସାକାର ରୂପେ ଓ ଆତ୍ମିକ ଶକ୍ତି ନିରାକାର ରୂପେ ସଂସାରକୁ ପରିଚାଳିତ କରନ୍ତି।

ପ୍ରାକୃତିକ ଶକ୍ତିର ସାକାର ରୂପ ହେଉଛି ମା', ଜନନୀ, ପ୍ରାଣଦାତ୍ରୀ। ରକ୍ତମାଂସର ନାରୀଟିଏ କେମିତି ଆଦ୍ୟାଶକ୍ତିଙ୍କୁ ନିଜ ଭିତରେ ଧାରଣ କରିଥାଏ, ତାର ଏକ ସୁନ୍ଦର ଉଦାହରଣ ଆମେ ଦେଖିବାକୁ ପାଉ ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ବିରଚିତ ଏଇ ଶ୍ଳୋକରେ:

"ଆସ୍ତାଂ ଯାବତୀୟଂ ପ୍ରସବ ସମୟେ ଦୁର୍ବାର ଶୂଳବ୍ୟଥା
ନୈରୁଚ୍ୟେ ତନୁଶୋଷଣଂ ମଳମୟୀ ଶଯ୍ୟାଂ ଚ ସାମ୍ବତ୍ସରୀ
ଏକସ୍ୟାପି ନ ଗର୍ଭଭାର ଭରଣଂ କ୍ଳେଶସ୍ୟ ଶସ୍ୟାଃ କ୍ଷମୋ ଦାତୁଂ ନିଷ୍କୃତିମ୍ ଉନ୍ନତୋଽପି ତନୟଃ
ତସ୍ୟୈ ଜନନ୍ୟୈ ନମଃ।"

(ମାତା ପ୍ରସବ ସମୟରେ ଭୟଙ୍କର ଶୂଳବ୍ୟଥା ସହନ କରନ୍ତି। ଶିଶୁ ଗର୍ଭରେ ଥିବା ବେଳେ ଖାଇବାପିଇବାରେ ଅତ୍ୟନ୍ତ ଅରୁଚି ଅନୁଭବ କରନ୍ତି, ଫଳରେ ତାଙ୍କର ଦେହ ଶୁଖିଯାଏ। ପ୍ରସବ ପରେ ଶିଶୁର ମଳମୂତ୍ରପୂର୍ଣ୍ଣ ଶଯ୍ୟାରେ ବର୍ଷବର୍ଷ ଧରି ଶୋଇବାକୁ ପଡ଼େ। ମଙ୍ଗଳମୟୀ ମାତାଙ୍କର ଏ ସମସ୍ତ ତ୍ୟାଗକୁ ପୁତ୍ରକନ୍ୟା ବିସ୍ମରଣ କଲେ ସୁଦ୍ଧା ଗର୍ଭଭାର ବହନ କରିବାର ମହାନ୍ ଉପକାର ପାଇଁ ପୁତ୍ରକନ୍ୟା ସଦୈବ ତାଙ୍କ ଠାରେ ଋଣୀ ରହନ୍ତି। ଜୀବନରେ ସେହି ଋଣ ପରିଶୋଧ କରିହୁଏ ନାହିଁ: ତେଣୁ ହେ ଜନ୍ମଦାତ୍ରୀ ଜନନୀ....କୃତଜ୍ଞତାର ନିଦର୍ଶନ ସ୍ୱରୂପ ତୁମକୁ କୋଟି କୋଟି ନମସ୍କାର ଜଣାଉଛି)

ଜଗତରେ ଆତଯାତ ହେଉଥିବା କ୍ଷଣଭଙ୍ଗୁର ଶରୀର ଧାରଣ କରିଥିବା ଗର୍ଭଧାରିଣୀ ଜନନୀଙ୍କ ପାଇଁ ଋଗ୍‌ବେଦରେ ସ୍ପନ୍ଦିତ ହୋଇଛି ଗୋଟିଏ ଋଗୁ (ଋଗ୍ ବେଦର ଶ୍ଳୋକମାନଙ୍କୁ ଋଗୁ କୁହାଯାଏ)

"ଅହଂ କେତୁ ଅହଂ ମୂର୍ଦ୍ଧା
ଅହମୁଗ୍ରା ବିବାଚନୀ
ମମେଦନୁ କ୍ରତୁଂ ପତିମ୍
ସେହାନାୟା ଉପାଚରେତ୍।"

(ମୁଁ ନାରୀ, ମାନବ ସମାଜର ପତାକା, ମୋର ସଦ୍‌ଗୁଣ, ଶିଷ୍ଟାଚାର, କର୍ତ୍ତବ୍ୟବୋଧ ଆମ ପରିବାରର କୀର୍ତ୍ତି ବିସ୍ତାର କରେ। ମୁଁ ବୀରାଙ୍ଗନା ଓ ସଂକଳ୍ପବତୀ। ମୁଁ ବ୍ୟାଖ୍ୟାନ କଳାରେ ପ୍ରବୀଣା। ମୁଁ ପରିବାରର ମସ୍ତକ ତୁଲ୍ୟ। ମୁଖକୁ ଦେଖି ମନୁଷ୍ୟକୁ ଚିହ୍ନିବା ପରି ମୋର ବିଚାର ଓ ବ୍ୟବହାରରୁ ପରିବାରର ପରିଚୟ ମିଳେ। ମୋର ପତି ସର୍ବଦା ମୋ ପରାମର୍ଶକୁ ଗ୍ରହଣ କରନ୍ତି)

ଆତ୍ମିକ ଶକ୍ତିର ଦୁଇଟି ସତ୍ତା, ଯଥା : ବିଦ୍ୟା ଓ ବିଦ୍ୟା। ଭାରତୀୟ ବାଙ୍ମୟରେ ଏହି ତତ୍ତ୍ୱର ଗହନ ସମାବେଶ ହୋଇଛି। କେନୋପନିଷଦ୍ କୁହନ୍ତି :

"କବିଦ୍ୟାଂ ତାବିଦ୍ୟାଂ ଚ ଯସ୍ତଦ୍‌ବେଦୋଭୟଂ ସହ / ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା ବିଦୟଽମୃତ ମଶ୍ନୁତେ।"

ବୃହଦାରଣ୍ୟକ ଉପନିଷଦ୍ କୁହନ୍ତି:

"ତସ୍ୟ ଶକ୍ତି ପରା ବିଷ୍ଣୋର୍ଜଗତ୍ କାର୍ଯ୍ୟ ପରିକ୍ଷମା
ଭାବାଭାବସ୍ୱରୂପା ସା ବିଦ୍ୟାବିଦ୍ୟେତି ଗୀୟତେ।"

ପୁଣି ଦେବୀ ଭାଗବତରେ ଉଲ୍ଲେଖ ଅଛି:

"କବିଦ୍ୟାଽ ବିଦ୍ୟେତି ଦେବ୍ୟା ଦ୍ୱେରୂପେ ଜାନୀହି ପାଥବ / ଏକୟା ମୁଚ୍ୟତେ ଜନ୍ତୁରନ୍ୟୟା ବାଧ୍ୟତେ ପୁନଃ।"

ପରାଶକ୍ତି ଅବିଦ୍ୟା ରୂପରେ ଜୀବକୁ ସଂସାରରେ ଆବଦ୍ଧ କରି ରଖେ ଓ ବିଦ୍ୟା ରୂପରେ ଜୀବକୁ ମୁକ୍ତି ପ୍ରଦାନ କରେ। ମୋଚନ କରିବା, ବା ବନ୍ଧନମୁକ୍ତ କରିବା ବିଦ୍ୟା ଅଟେ।

"ସା ବିଦ୍ୟା ଯା ବିମୁକ୍ତୟେ।"

ଶକ୍ତି କେବଳ ଏହି 'ମୋଚନ' କର୍ମଟି କରିପାରନ୍ତି। ନିର୍ଗୁଣ ବ୍ରହ୍ମଙ୍କର ଏ ସାମର୍ଥ୍ୟ ନାହିଁ। ଏଣୁ ମୁକ୍ତି ଦେବା ବିଷୟରେ ଶକ୍ତିଙ୍କ କର୍ତ୍ତୃତ୍ୱ ସ୍ୱୀକୃତ। ଶିବ ବା ନିରାକାର ବ୍ରହ୍ମ ଶକ୍ତିଯୁକ୍ତ ହେଲେ ହିଁ ନିର୍ବାଣ ଦେଇପାରନ୍ତି। ଗୋଟିଏ ସୁନ୍ଦର ଶ୍ଳୋକ ମନେପଡ଼ି ଯାଉଛି:

"ଚିତାଭସ୍ମଲେପୋ ଗରଳମଶନଂ ଦିକ୍‌ପଟଧରୋ
ଜଟାଧାରୀ କଣ୍ଠେ ଭୁଜଗପ୍ରତିହାରୀ ପଶୁପତିଂ
କପାଳୀ ଭୂତେଷୁଭଜତି ଜଗଦୀଶୈକ ପଦବୀମ୍



ଭବାନୀ ତ୍ୱତ୍ ପାଣିଗ୍ରହଣ ପରିପାଟୀ ଫଳମିଦଂ ।" **(ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ)**

(ଚିତାର ପାଉଁଶ ବୋଳି ହୋଇଥିବା, ଗରଳ ପାନ କରୁଥିବା, ଗଜଚର୍ମ ଧାରଣ କରିଥିବା, ଜଟାଧାରଣ କରି କଣ୍ଠରେ ସର୍ପ ପିନ୍ଧିଥିବା ସେହି ପଶୁପତିଙ୍କୁ ଭୂତଗଣ ଜଗଦୀଶ ବୋଲି ସମ୍ବୋଧନ କରନ୍ତି କେବଳ ସେ ଆପଣଙ୍କର ପାଣିଗ୍ରହଣ କରିଥିବାରୁ ଗୋ ଭବାନୀ)



ଲୌକିକ ମତରେ ଦୁର୍ଗା ସକଳ ଦେବତାଙ୍କ ତେଜସମ୍ଭୂତ ଅନଳରୁ ଜାତ, ଅଯୋନିସମ୍ଭବା, ଅପ୍ରତିମ ସୁଷମାର ଅଧିକାରିଣୀ ମହାମାୟା, ଯାହାଙ୍କୁ ଦଶଟି ହାତ ଓ ବିବିଧ ଅସ୍ତ୍ର ମିଳିଥିଲା । ଏ ଦଶହସ୍ତ ଧାରିଣୀ ଶକ୍ତିସ୍ୱରୂପିଣୀ ଜନନୀ ହେଉଛନ୍ତି ଆଳସ୍ୟ ଓ ପାପର ଧ୍ୱଂସକାରିଣୀ । ପ୍ରାଣୀମାନଙ୍କ ମଧ୍ୟରେ ଆଳସ୍ୟର ପ୍ରତୀକ ହେଉଛି ମହିଷ ବା ମଇଁଷି । ଯେ ପଙ୍କରେ ଲୋଟିବାକୁ ସୁଖ ପାଏ । ଦିବ୍ୟ ଜନନୀ ତାଙ୍କର ଦିବ୍ୟଶକ୍ତି ପ୍ରହାର ପୂର୍ବକ ଆଳସ୍ୟ ଓ ପାପ ପଙ୍କରୁ ଜୀବକୁ ମୁକ୍ତି ପ୍ରଦାନ କରନ୍ତି । ଦୁର୍ଗାଙ୍କୁ ଉପାସନା କରୁଥିବା ସାଧକଙ୍କୁ ଚତୁର୍ଦ୍ଦିଗ ଦୁର୍ଗାମୟ ଦିଶେ ।

"ଭୂପନି ଦୁର୍ଗା, ଭୁବନାନି ଦୁର୍ଗା
ନରାଃ ସ୍ତ୍ରିୟଶ୍ଚା ପି ସୁରସୁରାଷ୍ଟ
ଯଦ୍ ସିଦ୍ଧି ଦୃଶ୍ୟଂ ଖଳୁ ସୈବ ଦୁର୍ଗା
ଦୁର୍ଗା ସ୍ୱରୂପାଦ ପରଂ ନ କିଞ୍ଚିତ୍ ।"

(ପୃଥିବୀ ଆଦି ପଞ୍ଚଭୂତ ଦୁର୍ଗା, ଚତୁର୍ଦ୍ଦଶ ଭୁବନଯାକ ଦୁର୍ଗା, ପୁରୁଷ, ସବୁ ଦୁର୍ଗା । ସଂସାର ଯାକରେ ସବୁ ଦୃଶ୍ୟ ହିଁ ଦୁର୍ଗା । ତାଙ୍କ ବ୍ୟତୀତ ଆଉ କିଛି ନାହିଁ ।)



## ମାତୃଶକ୍ତିର ଆବାହନର ପ୍ରଥମ ପ୍ରେରଣା

ଭାରତୀୟ ପୁରାଣଶାସ୍ତ୍ର ଓ ଐତିହାସିକଙ୍କ ମତରେ ସ୍ୱୟଂ ଭଗବତୀ ସର୍ବଜନନୀ ହିଁ ମାତୃକା ପୂଜା ପାଇଁ ଜଗତକଲ୍ୟାଣୀ ରୂପ ଧାରଣ କରି ଭକ୍ତମାନଙ୍କୁ ସର୍ବଦା ରକ୍ଷା କରିବାର ପ୍ରତିଶ୍ରୁତି ଦେଇଥିଲେ ।

ମୌର୍ଯ୍ୟ ଯୁଗରେ ପଶ୍ଚିମ ଓ ଉତ୍ତର ଭାରତରେ ରୁଦ୍ର ଶିବଙ୍କ ସହ ଶକ୍ତିପୂଜା, ପୂର୍ବ ଭାରତରେ ଯନ୍ତ୍ରପୂଜା ଓ ଦକ୍ଷିଣଭାରତରେ କୁମାରୀ ପୂଜା ପ୍ରଚଳିତ ହୋଇଥିଲା । ଗୁପ୍ତସାମ୍ରାଜ୍ୟ କାଳରେ ଭାରତର ସାମାଜିକ ଓ ଧାର୍ମିକ ଜୀବନରେ ଯେଉଁ ନୂତନ ଚିନ୍ତାଧାରା ପ୍ରବର୍ତ୍ତିତ ହୋଇଥିଲା ତାହା ହର୍ଷବର୍ଦ୍ଧନଙ୍କ ବେଳକୁ ସର୍ବତୋ ଭାବେ ଏକ ନୂତନ ମାର୍ଗରେ ପରିଚାଳିତ ହେଲା । ରାଜ୍ୟ ଜୟ ଠାରୁ ଆରମ୍ଭ କରି ବ୍ୟକ୍ତିଗତ ଅଭିଳାଷର ପରିପୂରଣ ପାଇଁ ତନ୍ତ୍ର, ମନ୍ତ୍ରମୟୀ ଦେବୀଙ୍କର ସହାୟତା ଅବଶ୍ୟମ୍ଭାବୀ ହୋଇ ପଡ଼ିଲା । ଗୁପ୍ତୋତ୍ତରକାଳୀନ ପୁରାଣରେ ଶାକ୍ତ ମତବାଦ ବ୍ୟାପକ ଭାବରେ ସ୍ଥାନ ପାଇବା ସଂଗେ ସଂଗେ ରାଜକୀୟ ପୃଷ୍ଠପୋଷକତା ଲାଭ କରି ଶାକ୍ତ ଧର୍ମଧାରା ଭାରତର ସମସ୍ତ ଧର୍ମମତବାଦ ସହିତ ସାଧାରଣ ଜନତାଙ୍କୁ ମଧ୍ୟ ପ୍ରଭାବିତ କରିଥିଲା । ଶ୍ରୀମଦ୍ ଶଙ୍କରାଚାର୍ଯ୍ୟଙ୍କ ସମୟ ବେଳକୁ ଶାକ୍ତ ଚିନ୍ତାଧାରା ସୁପ୍ରତିଷ୍ଠିତ ହେବା ସଂଗେ ସଂଗେ ଏଥିରେ ବେଦାଚାର, ବୈଷ୍ଣବାଚାର, ଶୈବାଚାର, ଦକ୍ଷିଣାଚାର, ବାମାଚାର, ସିଦ୍ଧାନ୍ତାଚାର ଓ କୌଳାଚାର ଭାବରେ ସାତ ଗୋଟି ଶାଖା ସଂପ୍ରଦାୟ ସୃଷ୍ଟି ହୋଇଥିଲା । ଫଳରେ ପରବର୍ତ୍ତୀ କାଳରେ ରଚିତ ପୌରାଣିକ ଓ ତାନ୍ତ୍ରିକ ସ୍ମୃତିଗୁଡ଼ିକରେ ଶକ୍ତିଦେବୀଙ୍କର ବୈଦିକ ରୂପ, ସୌମ୍ୟ ଓ ଉଗ୍ରରୂପ, ଜନନୀ, ଭଗିନୀ, ଦୁହିତାଦି ସ୍ୱରୂପର ସଂପୂର୍ଣ୍ଣ ଉପଲବ୍ଧ ହୁଏ ।

ତ୍ରିଶକ୍ତି, ଷଣ୍ମାତୃକା, ସପ୍ତମାତୃକା, ଅଷ୍ଟମାତୃକା, ଅଷ୍ଟଚଣ୍ଡୀ, ନବ କାତ୍ୟାୟନୀ, ନବଶକ୍ତି, ଦଶମହାବିଦ୍ୟା, ଷୋଡ଼ଶ ବିଦ୍ୟା, ଷୋଡ଼ଶ ମାତୃକା, ଅଷ୍ଟାଦଶ ମାତୃଗଣ, ସପ୍ତବିଂଶ ବିଦ୍ୟା, ପଞ୍ଚାଶତ୍ ବିଷ୍ଣୁଶକ୍ତି, ପଞ୍ଚାଶତ୍ ରୁଦ୍ରଶକ୍ତି ଏବଂ ଚତୁଷଷ୍ଠୀ ବା ଚଉଷଠି ଯୋଗିନୀଙ୍କ ରୂପ ପରିକଳ୍ପନା ଓ ଉପାସନା ପ୍ରବର୍ତ୍ତିତ ହେଲା । ଜୈନ ଓ ବୌଦ୍ଧଧର୍ମର ଦେବୀମାନେ ମଧ୍ୟ ହିନ୍ଦୁଧର୍ମୀୟିତ ହୋଇ ଉପାସନାର ସ୍ଥାନ ଗ୍ରହଣ କରିନେଲେ । ଏହାବ୍ୟତୀତ ଉପାସନାର ପ୍ରକାର ଓ ଉପାସକର ବିଶ୍ୱାସ, ଲୋକାଚାର ଓ ବେଦାଚାର ଶକ୍ତିଗୋଷ୍ଠୀର ମିଶ୍ରଣ ହେତୁ ଆଞ୍ଚଳିକ ବିଭିନ୍ନତା ସହ ଅନେକ ଶକ୍ତିଦେବୀଙ୍କର ଅଭ୍ୟୁଦୟ ଘଟିଲା ।



ଦେବୀଙ୍କର ପୂଜା ଆରାଧନାରେ ବୈଦିକ ପଦ୍ଧତି ସହ ତାନ୍ତ୍ରିକ ପଦ୍ଧତିର ସଂଯୋଜନ କରାଗଲା । ଶକ୍ତି ଉପାସନାର ଆନୁସଙ୍ଗିକ ଅନୁଷ୍ଠାନ ରୂପେ ନ୍ୟାସ, ମୁଦ୍ରା, ଚକ୍ର, ଯନ୍ତ୍ର, ମନ୍ତ୍ର, ମଣ୍ଡଳ ଆଦି ବିଶେଷ ପ୍ରାଧାନ୍ୟ ଲାଭ କଲା ।

ଦେବୀ ସତୀଙ୍କର ପୁରାଣ ପ୍ରସିଦ୍ଧ କାହାଣୀ ଭାରତୀୟ ଦେବୀପୀଠ ଗୁଡ଼ିକର ମୂଳଭିତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଇତିହାସ, ପୁରାଣ ଓ କାବ୍ୟନାଟକାଦିରେ ଦକ୍ଷକନ୍ୟା ସତୀ ଶିବଙ୍କର ପତ୍ନୀ ଭାବରେ କୈଳାସ ପର୍ବତରେ ରହୁଥିଲେ । ଦକ୍ଷ ପ୍ରଜାପତି ଗୋଟିଏ ଯଜ୍ଞର ଆୟୋଜନ କରି ସେଥିରେ କନ୍ୟା ଜାମାତା ସତୀ ଓ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ପିତୃକୁଳ ପ୍ରତି ମୋହଗ୍ରସ୍ତ ସତୀଦେବୀ ଶିବଙ୍କ ଆଦେଶକୁ ଅମାନ୍ୟ କରି ଦକ୍ଷ ଯଜ୍ଞରେ ପହଞ୍ଚିଲେ ଓ ସେଠାରେ ଦକ୍ଷ ଜାଣିଶୁଣି ସତୀଙ୍କୁ ଅପମାନିତ କଲେ ଓ ପ୍ରବଳ ଶିବନିନ୍ଦା ସହିନପାରି ଦେବୀ ସତୀ ଯଜ୍ଞକୁଣ୍ଡକୁ ଡେଇଁପଡ଼ି ଆତ୍ମାହୁତି ଦେଲେ । ଶୋକବିହ୍ୱଳ ଶିବ ସତୀଙ୍କ ମୃତ ଶରୀରକୁ କାନ୍ଧରେ ପକାଇ ଅତ୍ୟନ୍ତ ଶୋକାକୁଳ ହୋଇ ତ୍ରିଭୁବନ ପରିକ୍ରମା କରି ମହାତାଣ୍ଡବ ଆରମ୍ଭ କଲେ । ଦେବଗଣଙ୍କ ଆକୁଳ ପ୍ରାର୍ଥନା ପରେ ମହାକାଳ ଶିବଙ୍କୁ ନିଜର ସ୍ୱରୂପ ଓ ସୃଷ୍ଟିର ନିୟମ ସମ୍ପର୍କରେ ଅବଗତ କରାଇବାକୁ ଯାଇ ମହାବିଷ୍ଣୁ ନିଜ ସୁଦର୍ଶନ ଚକ୍ରରେ ଦେବୀଙ୍କର ମୃତ ଶରୀରକୁ ଖଣ୍ଡବିଖଣ୍ଡିତ କରି ଇତଃସ୍ତତ ଫିଙ୍ଗିଦେଲେ । ଏହି ଖଣ୍ଡ ଗୁଡ଼ିକ ମୋଟାମୋଟି ୫୧ଟି ଶକ୍ତିପୀଠ ଭାବରେ ସ୍ୱୀକୃତ ଓ ପୂଜିତ ହେଉଛନ୍ତି । ତନ୍ମଧ୍ୟରୁ ୧୮ଟି ମହାଶକ୍ତିପୀଠ ଭାବରେ ଗୃହୀତ ।

୧. ଦେବୀଙ୍କର ହୃଦ୍‌ଭାଗ ଶ୍ରୀଲଙ୍କାର ତ୍ରିଙ୍କୋମାଳି ଠାରେ ପଡ଼ିଅଛି । ଆରାଧ୍ୟ ଦେବୀ ଶଙ୍କରୀ
୨. ଦେବୀଙ୍କର ଡାହାଣ ହାତ ଶାରଦା, କାଶ୍ମୀରରେ ପଡ଼ିଅଛି । ଏଠି ଆରାଧ୍ୟା ଦେବୀ ମା' ଶାରଦା ।
୩. ଦେବୀଙ୍କର ନାକ ପଡ଼ିଅଛି ବାରଣାସୀରେ । ଆରାଧ୍ୟା ଦେବୀ ମା' ବିଶାଳାକ୍ଷୀ
୪. ବିହାରର ଗୟା ଠାରେ ଦେବୀଙ୍କର ସ୍ତନ ପଡ଼ିଅଛି । ଆରାଧ୍ୟା ଦେବୀ ମା ସର୍ବମଙ୍ଗଳା
୫. ହିମାଚଳ ପ୍ରଦେଶର କାଙ୍ଗଡ଼ା ଠାରେ ଦେବୀଙ୍କର ଶିର ପଡ଼ିଅଛି । ଆରାଧ୍ୟ ଦେବୀ ମା ଜ୍ୱାଳାମୁଖୀ ।
୬. ପ୍ରୟାଗରାଜ ଠାରେ ମା'ଙ୍କର ଆଙ୍ଗୁଳିମାନ ପଡ଼ିଅଛି । ଆରାଧ୍ୟା ଦେବୀ ମା' ମାଧବେଶ୍ୱରୀ ।
୭. ଆନ୍ଧ୍ରପ୍ରଦେଶର ଦ୍ରାକ୍ଷରାମମ୍ ଠାରେ ମା'ଙ୍କର ବାମ ଗାଲଟି ପଡ଼ିଅଛି । ଆରାଧ୍ୟା ଦେବୀ ମା' ମାଣିକ୍ୟମ୍ବା ।
୮. ଆସାମର ଗୌହାଟୀ ଠାରେ ମା'ଙ୍କର ଜନନାଙ୍ଗ ପଡ଼ିଅଛି । ଆରାଧ୍ୟା ଦେବୀ ମା' କାମାକ୍ଷା ।
୯. ଓଡ଼ିଶାର ଯାଜପୁର ଠାରେ ମା'ଙ୍କର ନାଭି ପଡ଼ିଅଛି । ଆରାଧ୍ୟା ଦେବୀ ମା' ବିରଜା ।
୧୦. ଆନ୍ଧ୍ରପ୍ରଦେଶର ପିଥାପୁରମ୍ ଠାରେ ମା'ଙ୍କର ପୃଷ୍ଠଦେଶ ପଡ଼ିଅଛି । ଆରାଧ୍ୟା ଦେବୀ ମା' ପୁରୁହସ୍ତିକା ।
୧୧. ସାହାରନପୁର, ଉତ୍ତରପ୍ରଦେଶରେ ମା'ଙ୍କ ଶିରର ଅଂଶ ପଡ଼ିଅଛି । ଆରାଧ୍ୟା ଦେବୀ ଶାକୁମ୍ଭରୀ ଦେବୀ ମା' ।
୧୨. ମହାରାଷ୍ଟ୍ରର କୋହ୍ଲାପୁର ଠାରେ ମା'ଙ୍କର ଚକ୍ଷୁ ପଡ଼ିଅଛି । ଆରାଧ୍ୟା ଦେବୀ ଆଈ ଅମ୍ବାବାଈ ।
୧୩. ଶ୍ରୀଶୈଳମ୍ ଠାରେ ମା'ଙ୍କର ବେକ ପଡ଼ିଅଛି । ଆରାଧ୍ୟା ଦେବୀ ମା ଭ୍ରମରାମ୍ବିକା ।
୧୪. ଆଲମ୍ପୁର, ଜିଲ୍ଲା ଗଡ଼ୱାଲ ଠାରେ ମା'ଙ୍କର ଦାନ୍ତ ପଡ଼ିଅଛି । ଆରାଧ୍ୟା ଦେବୀ ଯୋଗମ୍ବା / ଜୋଗଲୁମ୍ବା ଥାଲୀ ।
୧୫. ମାହୁର ମହାରାଷ୍ଟ୍ରର ମା'ଙ୍କର ବାମହସ୍ତ ପଡ଼ିଅଛି । ଆରାଧ୍ୟା ଦେବୀ ଏକ ବୀରିକା ।
୧୬. ମୈସୁର, କର୍ଣ୍ଣାଟକରେ ଦେବୀଙ୍କର କେଶପାଶ ପଡ଼ିଅଛି । ଆରାଧ୍ୟା ଦେବୀ ଚାମୁଣ୍ଡେଶ୍ୱରୀ ।
୧୭. ପ୍ରଦମୁନି, ପଶ୍ଚିମବଙ୍ଗରେ ମା'ଙ୍କର ପେଟ ପଡ଼ିଅଛି ଆରାଧ୍ୟା ଦେବୀ ମା ଶୃଙ୍କଳା ।
୧୮. କାଞ୍ଚିପୁରମ୍, ତାମିଲ୍‌ନାଡୁରେ ମା'ଙ୍କର ନିମ୍ନଉଦର ପଡ଼ିଅଛି । ଆରାଧ୍ୟା ଦେବୀ କାମାକ୍ଷୀ ଅମ୍ମାନୀ ।




ଏହା ବ୍ୟତୀତ ମାତାଙ୍କର


ANJANEYA MEDIA
PRESENTS
TITLI
WITH YOU FOREVER
STORY & DIRECTED BY
S. K. MURALIDHARAN
PRODUCED BY PRABHAT KUMAR PRADHAN & SISIRA CHANDRA DAS
DIALOGUES DEBIDUTA MOHANTY MUSIC PREM ANAND D.O.P BHAGAWAT SINGH CHOREOGRAPHER AMIT & PANKAJ EDITOR CHANDRA SEKHAR MISHRA
PUBLICITY DESIGNS THE M FACTOR STILLS CROS X PHOTOGRAPHY
COMING SOON

ବ୍ରହ୍ମରନ୍ଧ୍ର ବା ମସ୍ତିଷ୍କ ପଡ଼ିଅଛି ପାକିସ୍ଥାନ ଅନ୍ତର୍ଗତ ହିଙ୍ଗଲାହ ଠାରେ । ହିମାଚଳ ପ୍ରଦେଶର ନୈନାଦେବୀ ମନ୍ଦିରରେ ଦେବୀଙ୍କର ଡାହାଣ ଆଖି, ତ୍ରିପୁରାର ତ୍ରିପୁରସୁନ୍ଦରୀ ମନ୍ଦିରରେ ଡାହାଣ ପାଦ, ରାଜମହେନ୍ଦ୍ରୀର କୋଟି ଲିଙ୍ଗେଶ୍ୱର ଘାଟରେ ଡାହାଣ ଗାଲ, ନେପାଳର ଗୁହ୍ୟେଶ୍ୱରୀ ମନ୍ଦିରରେ ଦୁଇ ଆଣ୍ଠୁ, ରାଜସ୍ଥାନର ଗାୟତ୍ରୀ ପର୍ବତଶ୍ରେଣୀ ଅଜମେର୍ ଠାରେ ମଣିବନ୍ଧ ପଡ଼ିଥିବାରୁ ମା ମଣିବନ୍ଧା, ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ମା'ଙ୍କ ମୁକୁଟ ପଡ଼ିଥିବାରୁ ମା କିରୀଟେଶ୍ୱରୀ ଭାବରେ ପୂଜିତା । ନାସିକର ଗୋଦାବରୀ ତଟରେ ମା'ଙ୍କର ଥୋଡ଼ି ପଡ଼ିଥିବାର ଦେବୀ ଭଦ୍ରକାଳୀ ରୂପେ ପୂଜିତା ।

ଉପରୋକ୍ତ ବର୍ଣ୍ଣନାରୁ ଦେବୀଙ୍କର ମାନବୀ ଶରୀରର କଳ୍ପନା ଏକ ଆବେଗିକ ସମ୍ବନ୍ଧ ସୃଷ୍ଟି କରେ । ମା'ଙ୍କ ଦିବ୍ୟଶରୀରର ଅଂଶ ବିଶେଷ ପଡ଼ି ଦିବ୍ୟଧାମ ସୃଷ୍ଟି ହେବା ଭକ୍ତମାନଙ୍କୁ ଅତ୍ୟନ୍ତ ଶୁଦ୍ଧ ସାତ୍ତ୍ୱିକ ଭାବରେ ପୂଜା ଆରାଧନା ପାଇଁ ପ୍ରେରଣା ଯୋଗାଏ ।

ଆମେ ଯଦି ଉତ୍କଳୀୟ ପରମ୍ପରା ବିଷୟରେ ଜାଣିବାକୁ ଚାହିଁବା ତେବେ ଏହା ଜାଣି ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ ଯେ ଦକ୍ଷଯଜ୍ଞ କାହାଣୀର ପ୍ରବର୍ତ୍ତନ ପୂର୍ବରୁ ମଧ୍ୟ ତତ୍କାଳୀନ ଉଡ୍ଡୀୟାନ ବା ଆଧୁନିକ ଓଡ଼ିଶାରେ ତନ୍ତ୍ରୋକ୍ତ ଦେବୀପୂଜା ମହା ସମାରୋହରେ ଚାଲିଥିଲା । ତାରା, କାଳୀ, ଚାମୁଣ୍ଡା ପ୍ରଭୃତି ରୂପରେ ଦେବୀ ତାନ୍ତ୍ରିକ ପୀଠ ଗୁଡ଼ିକରେ ପୂଜିତ ହେଉଥିଲେ । ଉଦୟଗିରି, ଲଳିତଗିରି, ରତ୍ନଗିରି ଓ ଅଳତିଗିରି ପର୍ବତରେ ଏହି ଦେବୀମାନଙ୍କର ଶୂନ୍ୟପୀଠ ଥିଲା । ବୌଦ୍ଧପୀଠମାନଙ୍କରେ ଭୂତପ୍ରେତ, ରାକ୍ଷସ, ସର୍ପ ଆଦି ଭୟରୁ ମୁକ୍ତି ପାଇବା ପାଇଁ 'ଧାରିଣୀ ଉପାସନା' ସହିତ କେତେକ ବୀଜମନ୍ତ୍ରର ପ୍ରବର୍ତ୍ତନ ହେଲା । ଏହି ସମୟରେ ବସୁବନ୍ଧୁଙ୍କର 'ଲଙ୍କାବତାର' ଗ୍ରନ୍ଥର ପରିକଳ୍ପନା ଓ ରୂପାୟନ ହୋଇଥିଲା । ସାଧନାରେ ସିଦ୍ଧି ପାଇଁ ସୁଦ୍ରମଣ୍ଡ ଦୀକ୍ଷା, ଅଭିଷେକ, ଉପଦେଶ ଓ ସମାଧି ସହିତ ବଶୀକରଣ, ସ୍ତମ୍ଭନ, ମୋହନ,






ଉଚ୍ଚାଟନ, ବିଦ୍ୱେଷଣ, ମାରଣ ଆଦି ଷଟ୍ ଆଭିଚାରିକ କର୍ମ ତଥା ମଦ୍ୟ, ମତ୍ସ୍ୟ, ମାଂସ, ମୁଦ୍ରା ଓ ମୈଥୁନ ଆଦି ପଞ୍ଚ ମ'କାର ସାଧନା ଉପରେ ବିଶେଷ ପ୍ରାଧାନ୍ୟ ଦିଆ ଯାଇଥିଲା । ଏହାର ଦୂରୁପଯୋଗ ଫଳରେ ବୌଦ୍ଧ ମହାଯାନର ମୂଳନୀତି ଓ ଆଦର୍ଶ ଚିରକାଳ ପାଇଁ ତନ୍ତ୍ରଯାନରେ ବିଲୀନ ହୋଇଗଲା ।

ଭୌମକର ଯୁଗରେ ମାତୃକା ଉପାସନା ଓଡ଼ିଶାର ଶାକ୍ତ ଚିନ୍ତାଧାରାରେ ପ୍ରାଧାନ୍ୟ ଲାଭ କରିଥିଲା । ଓଡ଼ିଶାର ପ୍ରାଚୀନତମ ମାତୃକାମନ୍ଦିର ଭୁବନେଶ୍ୱର ବା ତତ୍କାଳୀନ ଏକାମ୍ରକ୍ଷେତ୍ରରେ ପ୍ରତିଷ୍ଠିତ । ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତାବ୍ଦୀ ମଧ୍ୟରେ ନିର୍ମିତ କିଛି ମନ୍ଦିରରେ ମାତୃକା ଉପାସନାର ପ୍ରମାଣ ମିଳେ । ସପ୍ତମାତୃକା, ଅଷ୍ଟମାତୃକା, ନବମାତୃକା ଓ ଦଶମାତୃକା ଉପାସନା ସହ ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା ଚାମୁଣ୍ଡାଙ୍କର ଉପାସନା ଓଡ଼ିଆ ଶକ୍ତିପୂଜନର ବୈଶିଷ୍ଟ୍ୟ । ମାତୃକାମାନଙ୍କର ସ୍ୱରୂପ ସମ୍ପର୍କରେ 'ଅମରକୋଷ' କହନ୍ତି:

"ବ୍ରାହ୍ମୀ ଚ ବୈଷ୍ଣବୀ ଐନ୍ଦ୍ରୀରୌଦ୍ରୀ ବରାହୀ ତଥା / କୌବରୀ ଚୈବ କୌମାରୀ ମାତରଃ ସପ୍ତକୀର୍ତ୍ତିତା ।"

ବ୍ରାହ୍ମୀ, ବୈଷ୍ଣବୀ,ଐନ୍ଦ୍ରୀ, ରୌଦ୍ରୀ, ବରାହୀ, କୌମାରୀଙ୍କ ମନ୍ଦିର ଓଡ଼ିଶାରେ ଦେଖାଯାଏ । କୌବରୀଙ୍କର କୌଣସି ମୂର୍ତ୍ତି ବା ମନ୍ଦିର ଅଦ୍ୟାବଧି ଆବିଷ୍କୃତ ହୋଇନାହିଁ ।

ଦେବୀ ଉପାସନାର ପ୍ରମୁଖ ଗ୍ରନ୍ଥ 'ଦେବୀ ମାହାତ୍ମ୍ୟ'ରେ ସପ୍ତମାତୃକା ହେଉଛନ୍ତି:

"ବ୍ରାହ୍ମୀ ମାହେଶ୍ୱରୀ ଚୈବ କୌମାରୀ ବୈଷ୍ଣବୀ ତଥା / ବରାହୀ ଚ ତଥୈନ୍ଦ୍ରାଣି ଚାମୁଣ୍ଡା ସପ୍ତମାତୃକା ।"

ଏହି ସପ୍ତମାତୃକାଙ୍କର ଉପାସନା ପୀଠ ରୂପେ ଯାଜପୁର, ପୁରୀ, ବେଲଖଣ୍ଡି, ଟିଟିଲାଗଡ଼, ଖିଚିଂ, ଧର୍ମଶାଳା, କୁଣ୍ଡେଶ୍ୱର, ସେରଗଡ଼, ଘୋଡ଼ାଳା, ବାଣପୁର, କଟୁଆଳ, ବିରଜାରେ ଇତ୍ୟାଦି ପ୍ରସିଦ୍ଧ ।

ଦେବୀ ଆରାଧନା ପୂର୍ବକ ସାଧକ ଆବାହନ କରେ:



"ମାର୍ତଭୈରବୀ ଭଦ୍ରକାଳୀ ବିଜୟେ / ବରାହୀ ବିଶ୍ୱାଶ୍ରୟେ / ଶ୍ରୀବିଦ୍ୟେ କମଳେ ମହେଷୀ ବଗଳେ / କାମ୍ୟେ ଶିବା ମେ ରମେ / ମାତଙ୍ଗୀସ୍ତ୍ରିପୁରେ ପରାପୂରତରେ / ସ୍ୱର୍ଗାପବର୍ଗ ପ୍ରଦେ / ଦାସୋଽହଂ ଶରଣାଗତଂ କରୁଣୟା / ବିଶ୍ୱେଶ୍ୱରି ପାହି ମାଂ ।"

ଦେବୀ ମଙ୍ଗଳମୟୀ ଭାବରେ ମଙ୍ଗଳା ଓ କରାଳବଦନ ଧାରିଣୀ କପାଳିନୀ କାଳୀ, ଖଡ୍‌ଗଖର୍ପର ଧାରିଣୀ ମହିଷମର୍ଦ୍ଦିନୀ ପୁଣି ଉଗ୍ରରୂପା ଚଣ୍ଡିକା, ମହାରୂପା ଚାମୁଣ୍ଡା, ଭୟରୁ ତ୍ରାହି କରିବା ଶକ୍ତି ଯାହାଙ୍କର ସେ ନିଜେ ମହାରୂପ ଓ କରାଳ ବେଶ ହୋଇଥିବା ଅଧିକ ସଙ୍ଗତ ।

ମହା ଅସୁରମାନଙ୍କୁ ବା ଅନେକ ଇନ୍ଦ୍ରିୟଗତ ରିପୁକୁ ଧ୍ୱଂସ କରିବା ପାଇଁ ମା'ଙ୍କର ଉଗ୍ର କରାଳ ଚାମୁଣ୍ଡା ରୂପ । ତନ୍ତ୍ର ମତରେ:

"ଓଁ ଐ ହ୍ରୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ..." ତିନିଥର ଉଚ୍ଚାରଣ କରି ତାଙ୍କର ଆବାହନ କରାଯାଏ । ଏକାଦଶ ଚଣ୍ଡୀ ବା ଚର୍ଚ୍ଚିକା ଭାବରେ ମା ବାଙ୍କୀ ପୀଠରେ ପୂଜିତା । ଚର୍ଚ୍ଚିକା ମାତାଙ୍କର ଧ୍ୟାନମନ୍ତ୍ର ଶୁଣାଯାଉ ।

"ଧ୍ୟାୟେତ୍ ଖଡ୍‌ଗଧରାଂ ବରାଭୟକରାଂ / ମୁଣ୍ଡାକ୍ଷରମାଳାଂ ଶିରାଂ / ସର୍ପଶକ୍ତିକରାଂ ରଣାସୁରାଂ / ଶବାରୂଢ଼ାଞ୍ଚ ବୀରାସନାମ୍ / ଦନ୍ତାଶକ୍ତିମ୍ କନିଷ୍ଠାକାମ୍ କରାଳବଦନାମ୍ / ଦିଗ୍‌ବାସିନୀ ଚର୍ଚ୍ଚିକାମ୍ ।"

କେବଳ ଚର୍ଚ୍ଚିକା କାହିଁକି, ଭୁବନେଶ୍ୱର ବୈତାଳ ମନ୍ଦିରର ଦେବୀ କପାଳିନୀ, ମୋହିନୀ, କଟକ ଜିଲ୍ଲା ଅସୁରେଶ୍ୱରର ହରଚଣ୍ଡୀ, ବାଣପୁର ଭଗବତୀ, ବିରଜାଈ, ମୟୂରଭଞ୍ଜର ଖିଚିଂ ଠାରେ ଦେବୀ କୀଚକେଶ୍ୱରୀ, ଝଙ୍କଡ଼ର ଋଶାଣେଶ୍ୱର ମନ୍ଦିରସ୍ଥ ଚାମୁଣ୍ଡା ଦେବୀଙ୍କର ଧ୍ୟାନମନ୍ତ୍ର ମଧ୍ୟ ଏହିଭଳି ।

ଦେବୀଙ୍କର ସଂହାରିଣୀ ରୂପ ହେଉଛନ୍ତି ମହାକାଳୀ । ସେ ଉଭୟ ଭୋଗ ଓ ମୋକ୍ଷର ଦାତ୍ରୀ ମହାକଲ୍ୟାଣୀ ଓ ପରମ ବୈଷ୍ଣବୀ । ଅସୁର ସଂଗ୍ରାମ ଜନିତ କ୍ରୋଧରେ ମା' କରାଳବଦନୀ ଓ ନୃମୁଣ୍ଡମାଳିନୀ, ଅସୁରସଂହାର ଓ ରକ୍ତବୀର୍ଯ୍ୟର ରକ୍ତପାନ ପରେ ମା'ଙ୍କ ଉଗ୍ରରୂପକୁ ଶାନ୍ତ କରିବା ପାଇଁ ସ୍ୱୟଂ ମହାକାଳ ଶିବ ତାଙ୍କ ପାଦ ତଳେ ପଡ଼ିଗଲେ । ଉଗ୍ର ଆବେଶରେ ତାଙ୍କ ବକ୍ଷଦେଶରେ ମା'ଙ୍କ ପାଦ ବାଜିବାକ୍ଷଣି ସେ ତତ୍‌କ୍ଷଣାତ୍ ଜିହ୍ୱା ସମ୍ବରଣ କରି ନିଅନ୍ତେ କରାଳ ଜିହ୍ୱ, ଉଗ୍ରଲୋଚନରୁ ସୌମ୍ୟଦର୍ଶନା ପାଲଟିଲେ ।

ମାତୃମୂର୍ତ୍ତିର ବର୍ଣ୍ଣନା କରିବା ଯୋଗୀଋଷିଙ୍କ ପକ୍ଷରେ ହିଁ ସମ୍ଭବ । ସାଧାରଣ



ମଣିଷ ପାଇଁ ମା' ଦ୍ୱିଭୁଜା, ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା ହେଲେ ବି କରୁଣାମୟୀ ଦିବ୍ୟଜନନୀ ।

ରୋଗ, ଦୁଃଖ, ଭୟ, ଆତଙ୍କ, ଦୁଷ୍ଟଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ ଦେବୀଙ୍କର ସତତ ଆରାଧନା କରାଯାଏ । ଦେବୀ ମଧ୍ୟ ଅନୁରୂପ ଭାବରେ କାଳେ କାଳେ ଭକ୍ତର ମନୋବାଞ୍ଛା ପୂରଣ ନିମିତ୍ତ ପ୍ରତିଶ୍ରୁତିବଦ୍ଧ । ଦେବୀ ଭାଗବତରେ ଦେବୀ ସ୍ୱୟଂ କହିଛନ୍ତି:

"ଇତ୍‌ଥଂ ଯଦା ଯଦା ବାଧା ଦାନିବୋତ୍‌ଥା ଭବିଷ୍ୟତି
ତଦା ତଦା ବତୀର୍ଯ୍ୟାମି କରିସ୍ୟାମ୍ ଅରିସଂକ୍ଷୟମ୍ ।"

(ଏହିପରି ରିପୁ ଯେତେବେଳେ ବା ଉଠିବେ, ଜଗତରେ ସର୍ବଜୀବେ ପୀଡ଼ନ କରିବେ ସେତେବେଳେ ହେବି ମୁହିଁ ଅବତୀର୍ଣ୍ଣ ଭବେ । ରିପୁ ନାଶି ମୁହିଁ ଶାନ୍ତି ଦେବି ସର୍ବେ ।)

ଶେଷରେ ଆବାହନ, ସଂସ୍ଥାପନ, ସକଳୀକରଣ, ଧେନୁମୁଦ୍ରା, ମହାମୁଦ୍ରା ପୂର୍ବକ ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ନୈବେଦ୍ୟ, ତାମ୍ବୁଳ, ମନ୍ତ୍ର, ତନ୍ତ୍ର, ପୂଜା, ଆରାଧନା, ଧ୍ୟାନ, ଯୋଗ, ଅଭିଯୋଗ, ଅଭିମାନ, ଉଦ୍‌ଯାପନର ପର୍ବ । ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ହେଉ, ଦେବୀପୀଠ ଗୁଡ଼ିକର ମହାରୂପା ଦିବ୍ୟରୂପ ହେଉ ଅବା ଗୃହୀଜନର ଗୃହାଭ୍ୟନ୍ତରର କଳସ, ମାଟିଘଟ ହେଉ- ଦେବୀ ପାର୍ବଣର ଶେଷ ଯାମିନୀରେ ଫେରି ଯାଆନ୍ତି ପୁଣିଥରେ ଆସିବା ପାଇଁ ।

ମା' ପାଖରେ ସନ୍ତାନର ଅଳି କଣ ସରେ ! ମା' ପାଖରେ ସନ୍ତାନର ଅଭିମାନ, ଅଭିଯୋଗ କଣ ସରେ ! ମା'କୁ ବିଦାୟ ଦେବାବେଳେ ବାଜେ ଯେଉଁ କରୁଣ ରାଗିଣୀ ସେଥିରେ ଝଂକୃତ ହୁଏ କ୍ଷମାଯାଚନାର ସ୍ୱର-

"ମସ୍ତମ ପାତକୀ ନାସ୍ତି ପାପଘ୍ନୀ ତ୍ୱତ୍ ସମାନହି
ଏବଂ ଜ୍ଞାତ୍ୱା ମହାଦେବୀ, ଯଥାଯୋଗ୍ୟଂ ତଥା କୁରୁ ।"

(ହେ ଜନନୀ, ମୋ ଠାରୁ କେହି ପାପୀ ନାହିଁ ତୋ ଠାରୁ କେହି ଆଉ ପାପନାଶିନୀ ନାହିଁ । ଏହା ଜାଣି ଏ ଅଧମ ସନ୍ତାନ ଯାହାର ଯୋଗ୍ୟ ଦଣ୍ଡ ଅଥବା କ୍ଷମା, ତାହା ହିଁ ପ୍ରଦାନ କର)



# ଶକ୍ତି ସ୍ୱରୂପିଣୀ ଦୁର୍ଗା

# ଶାକ୍ତ ଉପାସନାରେ ଦୁର୍ଗା ମାଧବ


**ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ**

କୃପାସିନ୍ଧୁ ମଣ୍ଡପ, ନିଆଳୀ, କଟକ-୭୫୪୦୦୪
ଫୋନ:୯୪୩୭୩୦୦୪୩୬


ଫଟୋ ସୌଜନ୍ୟ : ଲେଖିକା

ଉତ୍କଳୀୟ ପରଂପରାରେ ଦୁର୍ଗାମାଧବ ଉପାସନା ଶାକ୍ତ ଓ ବୈଷ୍ଣବ ଦର୍ଶନର ସମନ୍ୱୟର ବାର୍ତ୍ତା ବହନ କରିଥାଏ । ଦୁର୍ଗାଙ୍କ ସହ ମାଧବଙ୍କର ସଂଯୋଗ ବାସ୍ତବରେ ଏକ ରହସ୍ୟମୟ ବ୍ୟତିକ୍ରମ । ବିଶେଷକରି ପରମ ବୈଷ୍ଣବପୀଠ ପୁରୁଷୋତ୍ତମ କ୍ଷେତ୍ରରେ ଦୁର୍ଗା ମାଧବଙ୍କ ପବିତ୍ର ଆରାଧନାରେ ତନ୍ତ୍ରଧାରାର ଏକ ସୂକ୍ଷ୍ମତତ୍ତ୍ୱର ପରିପ୍ରକାଶ ହୋଇଥାଏ ।

ଦୁର୍ଗା ହେଉଛନ୍ତି ସକଳ ଶକ୍ତିର ଆଧାର । ଏଇ ବିଶ୍ୱ ବ୍ରହ୍ମାଣ୍ଡରେ ଯିଏ ସର୍ବମୟୀ କର୍ତ୍ତ୍ରୀ ଅଧିଷ୍ଠାତ୍ରୀ ଦେବୀ, ସେ ହେଉଛନ୍ତି ଦୁର୍ଗା । ତାଙ୍କର ଅଣୁମାତ୍ର ଶକ୍ତିରେ ଏ ଜଗତ ଶକ୍ତିମନ୍ତ ହୋଇ ଚଳଚଞ୍ଚଳ ହୋଇପାରିଛି ।

ତତ୍ତ୍ୱମାଳାରେ ବର୍ଣ୍ଣିତ ଅଛି ଯେ ଶ୍ରୀକୃଷ୍ଣ ଦୁର୍ଗାଙ୍କ ସମ୍ବନ୍ଧରେ ପିତା ନନ୍ଦଙ୍କୁ କହିଛନ୍ତି, "ଦୁର୍ଗା ଆଦିଭୂତା ନାରାୟଣୀ ଶକ୍ତି । ମୋର ସେହି ଶକ୍ତି ସୃଷ୍ଟି, ସ୍ଥିତି, ପ୍ରଳୟ କାରିଣୀ । ମୋର ସେହି ଶକ୍ତି ବଳରେ ବ୍ରହ୍ମାଦି ଦେବତାମାନେ ବିଶ୍ୱସଂସାର ଜୟ କରିଥାନ୍ତି । ସେହି ଶକ୍ତିରୁ ଏ ସଂସାରର ଉତ୍ପତ୍ତି ହୋଇଛି । ମୋର ସେହି ଶକ୍ତି ହିଁ ଦୟା, ନିଦ୍ରା, କ୍ଷୁଧା, ତୃଷ୍ଣା, ତୃପ୍ତି, ଶ୍ରଦ୍ଧା, କ୍ଷମା, ଶାନ୍ତି, ଧୃତି, ତୃଷ୍ଟି, ପୁଷ୍ଟି ଓ ଲଜ୍ଜା ସ୍ୱରୂପିଣୀ । ସେହି ଶକ୍ତି ହିଁ ଗୋଲକରେ ରାଧିକା, ବୈକୁଣ୍ଠରେ ଲକ୍ଷ୍ମୀ, କୈଳାସରେ ସତୀ ଓ ହିମାଳୟରେ ପାର୍ବତୀ ବୋଲି କଥିତା । ସେ ହିଁ ବହ୍ନିରେ ବାହିକା ଶକ୍ତି ରୂପରେ, ଭାସ୍କରଙ୍କ ପ୍ରକାଶ ଶକ୍ତି ରୂପରେ ଓ ଚନ୍ଦ୍ରଙ୍କ ଠାରେ ଶୋଭାଶକ୍ତି ଭାବେ ବିରାଜିତ । ସେ ବ୍ରାହ୍ମଣଙ୍କର ବ୍ରହ୍ମଣ୍ୟ ଶକ୍ତି, ଦେବତାଙ୍କର ଦେବଶକ୍ତି, ତପସ୍ୱୀଙ୍କର ତପଶକ୍ତି, ମୁକ୍ତ ପୁରୁଷଙ୍କ ପାଇଁ ବିଦ୍ୟା ରୂପିଣୀ ଓ ସଂସାରୀମାନଙ୍କ ପାଇଁ ମାୟା ସ୍ୱରୂପା... ! ଦୁର୍ଗା ଶକ୍ତି ହିଁ ସର୍ବଶକ୍ତି ସ୍ୱରୂପିଣୀ... !"

ଏବଂ ମାଧବ ହେଉଛନ୍ତି ଶ୍ରୀ ବିଷ୍ଣୁଙ୍କର ଅନ୍ୟତମ ନାମ ବିଶେଷ । ଶାସ୍ତ୍ରଜ୍ଞମାନେ 'ବିଷ୍ଣୁ' ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି ଯିଏ ବିଶ୍ୱବ୍ୟାପ୍ତ ଅର୍ଥାତ୍ ସଚରାଚର ପ୍ରାଣୀଙ୍କ ମଧ୍ୟରେ ଯାହାଙ୍କର ଅସ୍ତିତ୍ୱ ନିହିତ, ସେ ହିଁ ବିଷ୍ଣୁ । ଏହି ପରିଦୃଶ୍ୟମାନ ଚରାଚର ବିଶ୍ୱର ସେ ସର୍ବମୟ କର୍ତ୍ତା । ସର୍ବଭୂତରେ ସେ ବ୍ରହ୍ମ ଭାବରେ ବ୍ୟାପ୍ତ ।

ଅତଏବ ଶ୍ରୀ ମାଧବ ଏବଂ ମା' ଦୁର୍ଗାଙ୍କର ମିଳିତ ଉପାସନା ଶାକ୍ତ ଓ ବୈଷ୍ଣବ ପରମ୍ପରାର ମିଳନପର୍ବର ଏକ ଶୁଭ ଦିଗନ୍ତର ଉନ୍ମୋଚନ କରିଥାଏ । ତତ୍ତ୍ୱ ଦୃଷ୍ଟିରୁ ଅନୁଧ୍ୟାନ କଲେ, ବସ୍ତୁତଃ ଶିବ ଓ ବିଷ୍ଣୁଙ୍କ ମଧ୍ୟରେ କୌଣସି ତତ୍ତ୍ୱଭେଦ ନାହିଁ । ଉଭୟେ ଏକ ଓ ଅଭିନ୍ନ ଓ ଦୁର୍ଗା ତାଙ୍କର ଶକ୍ତିସ୍ୱରୂପା ।

ଭାରତୀୟ ଧର୍ମ ଓ ଦର୍ଶନ ନିଗମ ଓ ଆଗମ ମୂଳକ । ନିଗମ ହେଉଛି ବେଦ ଓ ଆଗମ ହେଉଛି ତନ୍ତ୍ର । ତତ୍ତ୍ୱ ବିଚାରରେ ନିଗମ ଓ ଆଗମ - ଉଭୟର ମହତ୍ତ୍ୱ ରହିଛି । ଭାରତୀୟ ପ୍ରାଜ୍ଞ ମନିଷୀ ଏବଂ ସାଧକମାନେ ଆପଣାର ଜ୍ଞାନ ଓ ସିଦ୍ଧ ବଳରେ ବେଦର 'ମନ୍ତ୍ର' ସମୂହକୁ ଦର୍ଶନ କରିପାରୁଥିଲେ, ଯେଉଁଥିରୁ ବୈଦିକ ଦର୍ଶନର ଅୟମାରମ୍ଭ ହୋଇଥିଲା । କିନ୍ତୁ ବୈଦିକ କାଳର ବହୁ ପୂର୍ବରୁ ତନ୍ତ୍ରଧାରାର ପ୍ରଚଳନ ଓ ତାନ୍ତ୍ରିକ ପଦ୍ଧତିରେ ଉପାସନାର ଧାରା ଏ ଦେଶର ଧର୍ମ ଓ ଦର୍ଶନକୁ ଗଭୀର ଭାବେ ପ୍ରଭାବିତ କରିଥିବାର କୁହାଯାଇଥାଏ ।

ତନ୍ତ୍ରର ସମୟକୁ ପ୍ରଜ୍ଞା ସୂଚକ ଏକ ପ୍ରବୁଦ୍ଧ କାଳ ବୋଲି ବିଚାର କରାଯାଇଥାଏ । କାରଣ ତନ୍ତ୍ର ସାଧନ ଦ୍ୱାରା ସାଧକ ଏଇ ରହସ୍ୟମୟ ସୃଷ୍ଟିର ଭେଦ ଜାଣିବାରେ ସମର୍ଥ ହୋଇଥାଏ । ସାଧନମାର୍ଗ ମଧ୍ୟ ଦେଇ ଗତି କରି ସେ ପରଂବ୍ରହ୍ମଙ୍କୁ ଶୂନ୍ୟ ଆବାସସ୍ଥଳୀର ଦର୍ଶନ କରେ । ତେଣୁ ତତ୍ତ୍ୱଦର୍ଶୀ ପ୍ରାଜ୍ଞ ମନୀଷୀ ଓ ସାଧକ ମାନେ ଶାକ୍ତ ଭାବଧାରାରେ ଅନୁପ୍ରାଣୀତ ହୋଇ ନିଜର ଚେତନା ଲବ୍ଧ ବିଦ୍ୟା ଦ୍ୱାରା ଏକଦା ଶକ୍ତି ଉପାସନାରେ ସମର୍ପିତ ଥିଲେ ଓ ଆଦ୍ୟାଶକ୍ତି ଦେବୀଙ୍କର ମହିମାଗାନରେ ଶତମୁଖର ଥିଲେ ।

ପ୍ରକୃତି ଓ ପୁରୁଷଙ୍କର ଦୁର୍ଲ୍ଲଭ ସଂଯୋଗରୁ ଏହି ସୃଷ୍ଟି, ଏହାର ସ୍ଥିତାବସ୍ଥା ଓ ବିଲୟର ସଂରଚନା ବୋଲି ତତ୍ତ୍ୱଦର୍ଶୀ ସାଧକମାନଙ୍କର ବିଶ୍ୱାସ ଥିଲା । ଶିବ-ଶକ୍ତି ତଥା ଭୈରବ ଓ ଭୈରବୀଙ୍କର ଉପାସନା ଏହି ସୃଷ୍ଟିତତ୍ତ୍ୱର ରହସ୍ୟ ଉନ୍ମୋଚନ କରିବାରେ ପରମ ସହାୟକ ମାର୍ଗ ହୋଇଥିବାରୁ ଏକଦା ସମଗ୍ର ଭାରତବର୍ଷରେ ଶକ୍ତି ଉପାସନା ତଥା ତନ୍ତ୍ରଧାରା ବିକାଶ ଲାଭ କରିଥିଲା ।

ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଉକ୍ତିରେ- "ଯେଉଁ ବିଶ୍ୱଶକ୍ତି ଜଗତ୍‌ବ୍ୟାପିନୀ, ତାହା ହିଁ ମହାଶକ୍ତି ବା ସମଷ୍ଟିଶକ୍ତି । ଚେତନା ହିଁ ସେହି ଶକ୍ତିର ଉନ୍ନତ ବିକାଶ ଏବଂ ଜ୍ଞାନ, ବୁଦ୍ଧି ପ୍ରଭୃତି ସେହି ଚେତନାର ଉନ୍ନତ ପରିପ୍ରକାଶ । ଆଉ ସେହି ଶକ୍ତି ହିଁ ବୁଦ୍ଧିଜୀବୀ ପ୍ରାଣୀ-ସମାଜର ବଳ, ବୀର୍ଯ୍ୟ, ବିଦ୍ୟା, ବୁଦ୍ଧି, ଧନସଂପଦ, ଶୌର୍ଯ୍ୟ ଓ ଐଶ୍ୱର୍ଯ୍ୟ ।

ସାଧାରଣ ମାନବ ହୃଦୟରେ ସେ କେବଳ ଶକ୍ତି ରୂପରେ ହିଁ ପ୍ରକଟିତ ହୁଅନ୍ତି । ସାଧାରଣ ମାନବର ହୃଦୟ ଓ ଅନ୍ୟ କୌଣସି ପ୍ରକାରରେ ପରମାତ୍ମାଙ୍କୁ ଅନୁଭବ କରିପାରେ ନାହିଁ । ତେଣୁ ଆର୍ଯ୍ୟ ଋଷିମାନେ ତାଙ୍କୁ ସର୍ବୈଶ୍ୱର୍ଯ୍ୟ ମଣ୍ଡିତା ମହାଶକ୍ତି ରୂପରେ ପ୍ରଦର୍ଶନ କରିଛନ୍ତି । ଏହି ଶକ୍ତି ରୂପିଣୀ ପରମାତ୍ମା ବିଶ୍ୱଲୀଳାରେ ଲିପ୍ତ ଅଛନ୍ତି ।



▲ଲେଖିକା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ

ଏହା ହିଁ ଶକ୍ତିତତ୍ତ୍ୱର ମହିମା ।

ଭାରତବର୍ଷର ବିଭିନ୍ନ ସ୍ଥାନରେ ଶକ୍ତିପୀଠ ରହିଥିଲେ ମଧ୍ୟ ବିଶେଷ ଭାବରେ ଚାରୋଟି ପୀଠକୁ ପ୍ରାଧାନ୍ୟ ଦିଆଯାଇଛି । ପ୍ରଥମଟି ହେଉଛ ଓଡ୍ର, ଦ୍ୱିତୀୟଟି ନୀଳଶୈଳ ବା ଜଳନ୍ଧର ପୀଠ, ତୃତୀୟରେ ପୂର୍ଣ୍ଣଗିରି ଓ ଚତୁର୍ଥଟି କାମରୂପ ପୀଠ ।

ତେଣୁ ଓଡ୍ର ବା ଏହି ଓଡ୍ରାଖ୍ୟ ଏକ ପ୍ରସିଦ୍ଧ ଶକ୍ତିପୀଠ ରୂପେ ପରିଗଣିତ ହୁଏ, ଯାହାର ପଶ୍ଚିମରେ ଓଡ୍ରେଶ୍ୱରୀ ବା ପୀଠେଶ୍ୱରୀ ହେଉଛନ୍ତି 'ବିମଳା' ଓ ଏହି ପ୍ରସିଦ୍ଧ ତନ୍ତ୍ରପୀଠଟିର ପୀଠାଧୀଶ ହେଉଛନ୍ତି ଶ୍ରୀଜଗନ୍ନାଥ ।

'ମହାପୀଠ ନିରୂପଣମ୍' ଗ୍ରନ୍ଥରେ ଏହିମତେ ବର୍ଣ୍ଣନା କରାଯାଇଛି: "ଉତ୍କଳେ ନାଭିଦେଶେଚ ବିରଜା କ୍ଷେତ୍ରମୁଚ୍ୟତେ । ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବ ।"

ପୁଣି 'କାଳିକାପୁରାଣ'ରେ ଲେଖା ଯାଇଅଛି: "ପୂଜିୟେତ୍ କର୍ଣ୍ଣିକା ମଧ୍ୟେ ବାସୁଦେବଂତୁ ନାୟକମ୍, ବିମଳା ନାୟିକା ତସ୍ୟ ବାସୁଦେବସ୍ୟ କୀର୍ତ୍ତିତା ।"

ତେଣୁ ବିମଳା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଶକ୍ତି । ଶାକ୍ତ ବିଚାରରେ ଶ୍ରୀଜଗନ୍ନାଥ ଶିବ ବା ଭୈରବ । ମାଧବ ତାଙ୍କର ଆଦ୍ୟରୂପ । ତେଣୁ ମାଧବଙ୍କ ସହିତ ଦୁର୍ଗାଙ୍କର ସମନ୍ୱୟ ତନ୍ତ୍ର ମତରେ ଏକ ଶ୍ରେଷ୍ଠ ଉପାସନା ରୂପେ ଆଦୃତ । ଏହି ଦାକ୍ଷିଣାଚାରର ବିଶେଷ ପରମ୍ପରାଟି କେବଳ ଶାକ୍ତମାନଙ୍କ ଦ୍ୱାରା ସ୍ୱୀକୃତ ନୁହେଁ ବରଂ ଶୈବ, ଶାକ୍ତ ଓ ବୈଷ୍ଣବ ସଂପ୍ରଦାୟ ଦ୍ୱାରା ସ୍ୱୀକୃତ ହୋଇ ଧର୍ମଧାରାରେ ଏକ ମହନୀୟତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ପରଂବ୍ରହ୍ମ ହିଁ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର ସଂରଚନା ଲାଗି ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ରୂପେ କଥିତ ହୋଇଥାନ୍ତି । ବସ୍ତୁତଃ ବ୍ରହ୍ମ ଏକ । ଜଗତର ସ୍ଥିତି ନିମନ୍ତେ ତାଙ୍କୁ ସଗୁଣ ଓ ନିର୍ଗୁଣ ଭେଦରେ ନାନାଦି ରୂପ ଗ୍ରହଣ କରିବାକୁ ପଡ଼ିଥାଏ ।



'ଶକ୍ତି' ହେଉଛନ୍ତି ଏହାଙ୍କ ଠାରୁ ଅଭିନ୍ନ 'ମାୟାଶକ୍ତି' ପରମେଶ୍ୱର ଓ ମହାଶକ୍ତିଙ୍କର ସଂଯୋଗ ହିଁ ସୃଷ୍ଟିର ମୂଳତତ୍ତ୍ୱ । 'ଶକ୍ତିଅଙ୍କ'ରେ ଶକ୍ତିତତ୍ତ୍ୱର ବ୍ୟାଖ୍ୟା କରିବାକୁ ଯାଇ କୁହାଯାଇଛି ଯେ ଯିଏ ଶୁଦ୍ଧତତ୍ତ୍ୱ ପୂର୍ଣ୍ଣ ଏଇ ବିରାଟ ବ୍ରହ୍ମାଣ୍ଡର ଆଧାର ଅଟନ୍ତି, ତାଙ୍କୁ ପୁଂସତ୍ୱ ଦୃଷ୍ଟିରେ 'ଚିତ୍' ଆଉ ସ୍ତ୍ରୀତ୍ୱ ଦୃଷ୍ଟିରେ 'ଚିତି' କୁହାଯାଏ ।

ତେଣୁ ଶୁଦ୍ଧଚେତା ଓ ଶୁଦ୍ଧ ଚିତି– ଏହା ଗୋଟିଏ ତତ୍ତ୍ୱର ଦୁଇଟି ନାମ କେବଳ । ମାୟାରେ ପ୍ରତିବିମ୍ବିତ ହୋଇ ତାଙ୍କୁ ଯେତେବେଳେ ପୁରୁଷ ରୂପରେ ଉପାସନା କରାଯାଏ ସେତେବେଳେ ତାଙ୍କୁ ଈଶ୍ୱର, ଶିବ ଅଥବା ଭଗବାନ ଆଦି ନାମରେ ଉପାସନା କରାଯାଏ । ଆଉ ଯେତେବେଳେ ସ୍ତ୍ରୀ ରୂପରେ ଉପାସନା କରାଯାଏ ତାଙ୍କୁ ଈଶ୍ୱରୀ, ଦୁର୍ଗା, ଭଗବତୀ ଆଦି କୁହାଯାଇଥାଏ ।

ଏହି ଭାବରେ ଶିବ-ପାର୍ବତୀ, ରାଧା-କୃଷ୍ଣ, ବିଷ୍ଣୁ-ଲକ୍ଷ୍ମୀ ପରସ୍ପର ଅଭିନ୍ନ ଭାବରେ ବିବେଚିତ ହୁଅନ୍ତି ।

'ପରମାର୍ଥ ପୟୋଧି'ରେ ପୁରୁଷର ସ୍ୱରୂପ ବର୍ଣ୍ଣନା କରି ଲେଖା ଯାଇଛି– ପୁରୁଷ ଦ୍ରଷ୍ଟା, ପୁରୁଷ ଚେତନା ସ୍ୱରୂପ, ପୁରୁଷ ସ୍ୱୟଂସିଦ୍ଧ । ଅତଏବ ପୁରୁଷ ସହ ପ୍ରକୃତିଙ୍କର ସହାବସ୍ଥାନ ତଥା ଆତ୍ମିକ ମିଳନ ଜଗତର ସୃଷ୍ଟି, ସ୍ଥିତି, ସଂହାରର କାରଣ । କେହି କାହାରି ଠାରୁ ଭିନ୍ନ ନୁହଁନ୍ତି ଅଥବା କୌଣସି ନିର୍ଦ୍ଦିଷ୍ଟ ଧର୍ମ ଭିତରେ ସୀମାବଦ୍ଧ ନୁହଁନ୍ତି ।

'ଶ୍ରୀମଦ୍ ଭଗବତ ଗୀତା'ରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି:

"ମମଯୋନିର୍ମହଦ୍ ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍
ସମ୍ଭବଃ ସର୍ବଭୂତାନାଂ ତତୋଭବତି ଭାରତ ।"
"ସର୍ବଯୋନିସୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତିଯାଃ
ତାସାଂ ବ୍ରହ୍ମ ମହଦ୍ ଯୋନିରହଂ ବୀଜପ୍ରଦଃପିତା ।"

ହେ ଅର୍ଜୁନ ! ମୋର ଶକ୍ତିରୂପ ଯୋନି ହିଁ ଗର୍ଭସଂଚାରର ସ୍ଥାନ ଅଟେ । ମୁଁ ହିଁ ସେହି ଯୋନିରେ ଚେତନାରୂପକ ବୀଜ ସ୍ଥାପନ କରିଥାଏ । ଏହି ଦୁଇଟିର ସଂଯୋଗରେ ସଂସାର ଉତ୍ପନ୍ନ ହୁଏ । ଅତଏବ ବ୍ରହ୍ମ ଏବଂ ଶକ୍ତି ଗୋଟିଏ ବିନ୍ଦୁରେ ସମ୍ମିଳିତ ଏକ ବିଶୁଦ୍ଧ ଚେତନା ।

ଏବଂ ଦୁର୍ଗାଙ୍କ ସହ ମାଧବଙ୍କ ସହାବସ୍ଥାନ ତଥା ସଂଯୋଗ ଏହି ଚେତନାର ଦିବ୍ୟ ପ୍ରତିଫଳନ । 'ଦୁର୍ଗା'ହିଁ ଅଷ୍ଟଧା ବିଭକ୍ତ ହୋଇ ଅଷ୍ଟଚଣ୍ଡୀ ରୂପେ ପ୍ରଖ୍ୟାତ । ଦୁର୍ଗା ହିଁ କୃଷ୍ଣଙ୍କର ଲୀଳା ସଂଗିନୀ ରୂପେ ଅଷ୍ଟସଖୀ ଭାବେ ନାମିତ । ସେ ହିଁ ପରମବ୍ରହ୍ମଙ୍କର ଇଚ୍ଛାଶକ୍ତି । କାରଣ ଏହି ଜୀବକୁଳକୁ ଜନ୍ମ ତଥା କର୍ମର ବନ୍ଧନରୁ ମୁକ୍ତ କରି ମୁକ୍ତିର ମାର୍ଗ ପ୍ରଦର୍ଶନ କରାଇବାରେ ମହତ୍ କାର୍ଯ୍ୟଟି କେବଳ ମା'ଙ୍କ ଦ୍ୱାରା ସଂପନ୍ନ ହୋଇଥାଏ ଏବଂ ତା' କେବଳ ଭଗବାନଙ୍କ ଇଚ୍ଛାରେ ।

ତେଣୁ ଦୁର୍ଗାଙ୍କ ସହିତ ଏକାଗ୍ର ଭାବେ ବିଷ୍ଣୁ ତଥା ଗୋବିନ୍ଦ ତଥା ମାଧବଙ୍କୁ ପରିକଳ୍ପନା କରି ଭକ୍ତ ଭକ୍ତି ନିବେଦନ କରେ:

"ସୃଷ୍ଟି, ସ୍ଥିତି, ପ୍ରଳୟ ସାଧନ, ଶକ୍ତିରେକା, ଛାୟେବ ସଦସ୍ୟ
ଭୁବନାନି ବିବର୍ତ୍ତି ଦୁର୍ଗା
ଇଚ୍ଛାନୁରୂପ ମପି ଯସ୍ୟଚ ଚେଷ୍ଟିତେସା
ଗୋବିନ୍ଦମାଦି ପୁରୁଷଂ ତମହଂ ଭଜାମି ।"

ଅର୍ଥାତ୍ ସୃଷ୍ଟି, ସ୍ଥିତି, ପ୍ରଳୟ ସାଧିକା ତଥା ଚିତ୍ ଶକ୍ତିର ଛାୟା ସ୍ୱରୂପା ଯେଉଁ ଦୁର୍ଗା ସେ ଜଗତରେ ପୂଜିତା । ସେ ଯାହାଙ୍କର ଇଚ୍ଛାରେ ଚେଷ୍ଟିତା ସେହି ଗୋବିନ୍ଦଙ୍କୁ ମୁଁ ଭଜନ କରୁଅଛି ।

ତେଣୁ ପରଂବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସ୍ୱୟଂ କ୍ରିୟାଶକ୍ତି ଓ ଦୁର୍ଗା ତାଙ୍କର ଇଚ୍ଛାଶକ୍ତି । ଏହି ଦୁହିଁଙ୍କର ସମ୍ମିଳିତ ଶକ୍ତି ଜଗତକୁ ମଙ୍ଗଳ ପ୍ରଦାନ କରିଥାଏ ।

Ohm
PVC HDPE Pipes & Fittings

OHM PIPES PVT. LTD.




"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

ଶାସ୍ତ୍ର ପୁରାଣରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଏକଦା ପ୍ରସିଦ୍ଧ ତନ୍ତ୍ରପୀଠ ରୂପେ ପ୍ରସିଦ୍ଧି ଲାଭ କରିଥିଲା ଓ ସମୟାନ୍ତରରେ ଏହା ଶୈବ, ଶାକ୍ତ ଓ ବୈଷ୍ଣବ ପୀଠର ମିଳନ କ୍ଷେତ୍ର ରୂପେ ପ୍ରତିପାଦିତ ହେଲା ।

ଏହି ଚିନ୍ତାଧାରାକୁ ଆଧାର କରି ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନାର ସୂତ୍ରପାତ ହୋଇଅଛି । ପୁରାଣ କଥାକୁ ଗଲେ ଦେଖାଯାଏ ଯେ ରାଜା ଗାଲମାଧବ ଓ ରାଜା ଇନ୍ଦ୍ରଦ୍ୟୁମ୍ନ- ଦୁହିଁଙ୍କର ପାବନକ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର । ରାଜା ଗାଲମାଧବ ଥିଲେ ପରମଶାକ୍ତ ଓ ରାଜା ଇନ୍ଦ୍ରଦ୍ୟୁମ୍ନ ଥିଲେ ପରମ ବୈଷ୍ଣବ । ଏହି ଦୁଇ ରାଜାଙ୍କର ଧର୍ମଭାବନା ଓ ପରଂପରାର ସମନ୍ୱୟ ଘଟିଛି ଶ୍ରୀକ୍ଷେତ୍ରର ଦୁର୍ଗାମାଧବ ଉପାସନାର ତାନ୍ତ୍ରିକ ପରଂପରା ଭିତରେ ।

ଶ୍ରୀମନ୍ଦିରର ଦକ୍ଷିଣ ପଶ୍ଚିମ କୋଣରେ ଦୁର୍ଗା-ମାଧବଙ୍କ ନିମିତ୍ତ ଏକ ସ୍ୱତନ୍ତ୍ର ମନ୍ଦିର ରହିଥିଲେ ମଧ୍ୟ ବିଶେଷ ଭାବରେ ପୀଠେଶ୍ୱରୀ ମହାମାୟା ବିମଳା ହିଁ ଦୁର୍ଗା ଭାବରେ ଓ ଶ୍ରୀଜଗନ୍ନାଥ ମାଧବ ଭାବରେ ଉପାସିତ ହୋଇଥାନ୍ତି ।



ଇତିହାସର ଉଲ୍ଲେଖ ଅନୁସାରେ ସୋମବଂଶୀ ରାଜା ଯଯାତିଙ୍କ ପୌତ୍ର ଇନ୍ଦ୍ରରଥ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ପଶ୍ଚିମରେ ଏକ ଦେବୀ ମନ୍ଦିର ନିର୍ମାଣ କରିଥିଲେ । ଏହାର ଅଧିଷ୍ଠାତ୍ରୀ ଦେବୀ ଥିଲେ ବିମଳା । ଏହା ଥିଲା ଶ୍ରୀକ୍ଷେତ୍ରର ପ୍ରଥମ ଦେବୀ ମନ୍ଦିର । ଏହି କାରଣରୁ ବିମଳା ଏହାର ଅଧିଷ୍ଠାତ୍ରୀ ଦେବୀ ।

ମହାମାୟା ମାତା ବିମଳାଙ୍କର ସ୍ତୁତିଗାନ କରି 'ବିମଳାସପର୍ଯ୍ୟା'ରେ ବର୍ଣ୍ଣନା କରାଯାଇଛି:



"ରଜତଗିରି ସଂକାଶା, ଚନ୍ଦ୍ରମୌଳି ପରେଶା
ମଣିମୟ ମୁକୁଟାଢ୍ୟା ସ୍ମିତହାସା ସୁକେଶା
କନକଖଚିତ ବାସ ରତ୍ନମୌକ୍ତୈୟ ହୀରା
ପରିହିତ ଗଳଦେଶେ ଦୀପ୍ତ ନକ୍ଷତ୍ରମାଳା
ପିୟୁଷ କଳସହସ୍ତାଂ ମାଳିକାଢ୍ୟା କରାବଜୈଃ
ଧବଳ କମଳ ପୀଠାରୂଢ଼ା କୈବଲ୍ୟଦାତ୍ରୀ
ପଦସରସିଜିବନ୍ଦେ ବିମଳେ ତ୍ୱାଂ ନମାମି ।"

କ୍ଷେତ୍ରେଶ୍ୱରୀ ମା' ବିମଳା ପ୍ରସ୍ଫୁଟିତ ପଦ୍ମ ଉପରେ ବିରାଜିତା । ସେ ଚତୁର୍ଭୁଜା । ତାଙ୍କର ଚତୁର୍ଭୁଜରେ ରହିଛି ଜପମାଳା, ନାଗପାଶ, ମନୁଷ୍ୟ ଓ ଅମୃତ କଳସ । ସେ ଧବଳକମଳ ପୀଠ ଉପରେ ଦଣ୍ଡାୟମାନ । ସେହି ବିମଳାଙ୍କୁ ମୁଁ ପ୍ରଣାମ କରୁଛି ।

ଏହି ଦେବୀଙ୍କର ଦୁଇ ପାର୍ଶ୍ୱରେ ଦୁଇଟି ନଗ୍ନ ଓ ଉଗ୍ର ଦେବୀମୂର୍ତ୍ତି ବିରାଜିତା । ଦେଖିଲେ ସ୍ୱତଃ ଉପଲବ୍ଧି ହୁଏ ଯେ ଏହା ତାନ୍ତ୍ରିକ ମୂର୍ତ୍ତିର ପ୍ରତୀକ । ଏହାଛଡ଼ା ମା' ବିମଳାଙ୍କର ଜଗମୋହନରେ ୪୪ଟି ଯୋଗିନୀ ଚିତ୍ର ରହିଛି ଓ ବିମଳାଙ୍କ ସହିତ ଶ୍ରୀକ୍ଷେତ୍ରରେ ଆଠଟି ଶକ୍ତିପୀଠ ରହିଛି । ସେହି ପୀଠଗୁଡ଼ିକର ଆରାଧ୍ୟା ଦେବୀମାନେ ହେଲେ ବିମଳା, ବାଟମଙ୍ଗଳା, ଦକ୍ଷିଣକାଳିକା ବା କାଳରାତ୍ରୀ, ହରଚଣ୍ଡୀ, ସର୍ବମଙ୍ଗଳା, ଆଲାମଚଣ୍ଡୀ, ଅର୍ଦ୍ଧଶୋଷିନୀ, ମରୀଚିକା ।

'ବାମଦେବ ସଂହିତା' ଅନୁସାରେ :

"ରୁଦ୍ରାଣି ବଟମୂଳେ ତୁ ମଙ୍ଗଳା ବିମଳା ତଥା
ଶଂଖସ୍ୟ ପୃଷ୍ଠଭାଗେତୁ ସଂସ୍ଥିତା ସର୍ବମଙ୍ଗଳା
ଅର୍ଦ୍ଧାଶିନୀ ତଥାଂଲମ୍ବା କୌବେର ଦିଶି ସଂସ୍ଥିତ ।
କାଳରାତ୍ରୀ ଦକ୍ଷିଣାସ୍ୟଂ ପୂର୍ବସ୍ୟଂତୁ ମରୀଚିକା
କାଳୋତ୍ର୍ୟାସ୍ତଥା ପଶ୍ଚାତ୍ ଚଣ୍ଡରୂପା ବ୍ୟବସ୍ଥିତା
ଅଷ୍ଟାରିଷ୍ଟ ସ୍ୱରୂପୈସ୍ତୁ ରକ୍ଷିତଂ କ୍ଷେତ୍ରମୁତ୍ତମମ୍ ।"

ଏହି ଆଠଟି ଦେବୀଙ୍କ ମଧ୍ୟରେ ପ୍ରମୁଖ ଦେବୀ ଭାବେ ବିମଳା ସ୍ୱୀକୃତ ।

ଶାରଦୀୟ ଦୁର୍ଗାପୂଜା ସମୟରେ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀର ନିଶାର୍ଦ୍ଧରେ ଶ୍ରୀମନ୍ଦିର ଭିତରେ ବିମଳାଙ୍କ


SMILE GOLD
Agarbati
JHPPL
SMILE
AN ISO 9001:2008 Certified
Since : 20years
Our Product
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ନିକଟରେ ବଳିପ୍ରଦାନ କରାଯାଇଥାଏ ।

କେଉଁ ପୁରାତନ କାଳରୁ ତନ୍ତ୍ରକ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କରିଥିବା ଶ୍ରୀକ୍ଷେତ୍ର ଏକ ପ୍ରସିଦ୍ଧ ବୈଷ୍ଣବକ୍ଷେତ୍ର ରୂପେ ପରିଗଣିତ ହେଲା ପରେ ମଧ୍ୟ ବିମଳାଙ୍କ ନିକଟରେ ଯେଉଁ ତାନ୍ତ୍ରିକ ରୀତିନୀତି ଚଳି ଆସୁଥିଲା ସେଥିରେ ବିଶେଷ ପରିବର୍ତ୍ତନ ହୋଇପାରିଲା ନାହିଁ ।

ଦୁର୍ଗା-ମାଧବ ଉପାସନା ଏହାର ଏକ ପ୍ରତୀକାତ୍ମକ ରୂପରେଖ । ଶ୍ରୀ ଜଗନ୍ନାଥ ହେଉଛନ୍ତି ନିଖିଳ ଜଗତର କର୍ତ୍ତା । ବୈଷ୍ଣବୀୟ ଚିନ୍ତାଧାରାରେ ସେ ମାଧବ ଭାବରେ ଉପାସିତ । ତନ୍ତ୍ରଧାରାର ଚିନ୍ତାଧାରାରେ ସେ ପରମଶିବ ବା ପରମଭୈରବ । ବିମଳା ହେଉଛନ୍ତି ତାଙ୍କର ଭୈରବୀ । ସେ ହିଁ ଦୁର୍ଗା- ସେ ହିଁ ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ।

'ବିମଳାକଳ୍ପ'ରେ ଉଲ୍ଲେଖ ଅଛି- "ସୃଷ୍ଟିରୂପ ମହାଶକ୍ତି ମଣିପୁର ନିବାସିନୀ / ବିମଳା ସା ପରାଶକ୍ତିଃ ଉଡ୍ଡୀୟାନ୍ ସୁରେଶ୍ୱରୀ / ଅନୁଜ୍ଞା ଦେହୀ ହେ ଦେବୀ ବହିଯୋଗେ ମମାମ୍ବିକେ / ମାଧବଃ ଭୈରବ ସାକ୍ଷାତ ପ୍ରଣତୋସ୍ମି ବିଗତପଟେ ।"



ଶ୍ରୀକ୍ଷେତ୍ରରେ ଶାରଦୀୟ ଦୁର୍ଗାପୂଜା ମା' ବିମଳା ବା ଦୁର୍ଗାଙ୍କର ଏକ ବିଶେଷ ଉତ୍ସବ । ଏହି ଶାରଦୀୟ ଦୁର୍ଗୋତ୍ସବ ଶ୍ରୀକ୍ଷେତ୍ରରେ ଦିବସବ୍ୟାପୀ ପାଳିତ ହୋଇଥାଏ । ଶ୍ରୀକ୍ଷେତ୍ରରେ ଅଧିଷ୍ଠାତ୍ରୀ ଦେବୀ ବିମଳା ଦୁର୍ଗା ଭାବରେ ଉପାସିତ ହୁଅନ୍ତି । ଏହାଙ୍କର ବିଜେ ପ୍ରତିମା ହେଉଛନ୍ତି କନକଦୁର୍ଗା ।

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଏହି ଷୋଳପୂଜା ଅନୁଷ୍ଠିତ ହୋଇଥାଏ । ୧୦୮ ଗରା ଜଳରେ ମା'ଙ୍କର ଅଭିଷେକ ହୁଏ । ନୂତନ ବସ୍ତ୍ର ଓ ବେଶ ବିମଣ୍ଡିତା ହୋଇ ଦେବୀ ଦୁର୍ଗା ବିଜେ ହୁଅନ୍ତି ଓ ରତ୍ନବେଦୀ ଉପରେ ସ୍ଥିତ ଶ୍ରୀଜଗନ୍ନାଥଙ୍କ ଆଦ୍ୟରୂପ ମାଧବଙ୍କ ବିଗ୍ରହଙ୍କୁ ଭଦ୍ରାସନରେ ଦୁଇଟି ଆଜ୍ଞାମାଳ ସହ ବିଜେ କରାଇଥାନ୍ତି । ମାଧବ ଓ ଦୁର୍ଗା ଏକତ୍ର ରୁଦ୍ଧା ହୁଅନ୍ତି ବା ମିଳିତ ହୁଅନ୍ତି । ଏହାପରେ ଦୁର୍ଗା-ମାଧବ ପାଲିଙ୍କିରେ ବିଜେ ହୋଇ ପ୍ରଥମ ଆଠଦିନ ବିମଳାଙ୍କ ମନ୍ଦିରକୁ ଯାତ୍ରା କରନ୍ତି । ସେଠାରେ ଶୀତଳ ମଣୋହି ଓ ବନ୍ଦାପନା ହୁଏ । ଶ୍ରୀଜଗନ୍ନାଥଙ୍କର ରାତ୍ରି ଚନ୍ଦନ ପରେ ବିମଳାଙ୍କ ମନ୍ଦିରରୁ ପୁନଶ୍ଚ ବାହୁଡ଼ାବିଜେ କରିଥାନ୍ତି ।

ନବମୀ ଠାରୁ ଶ୍ରୀ ଶ୍ରୀ ଦୁର୍ଗା ମାଧବଙ୍କର ରୀତିରେ ପରିବର୍ତ୍ତନ ହୋଇଥାଏ । ନବମୀ ଠାରୁ ଦୁର୍ଗାମାଧବ ଦୋଳମଣ୍ଡପସାହି ସ୍ଥିତ ନାରାୟଣୀଙ୍କ ମନ୍ଦିରକୁ ବିଜେ କରନ୍ତି । ନାରାୟଣୀଙ୍କ ମନ୍ଦିରରେ ମଧ୍ୟ ଅନୁରୂପ ନୀତି ପାଳିତ ହେଇଥାଏ ଓ ମହାପ୍ରଭୁଙ୍କ ରାତ୍ରି ଚନ୍ଦନ ଲାଗି ପରେ ଶ୍ରୀ ଦୁର୍ଗା-ମାଧବ ପାଲିଙ୍କିରେ ଭଣ୍ଡାରଘରକୁ ବିଜେ ହୁଅନ୍ତି ।


ଦଶରା ପର୍ଯ୍ୟନ୍ତ ୧୬ଦିନ ଧରି ଏହି ରୀତିରେ ଦୁର୍ଗାମାଧବଙ୍କର ଉପାସନା ହୋଇଥାଏ । ଦଶହରାଦିନ ଜଗନ୍ନାଥ ବଲ୍ଲଭରୁ ଫେରି ଦୁର୍ଗା ଓ ମାଧବ ସ୍ୱସ୍ୱ ସ୍ଥାନରେ ବିରାଜମାନ କରନ୍ତି । ଏହିଦିନ ଶ୍ରୀଜଗନ୍ନାଥଙ୍କର ଦଶହରାପର୍ବ ପାଳିତ ହୁଏ । ଏହାକୁ ଶାକ୍ତ ଗୁଡ଼ିଚା କୁହାଯାଏ । ଶ୍ରୀମନ୍ଦିରର ଏହି ମହନୀୟ ଦୁର୍ଗୋତ୍ସବଟି ଶାକ୍ତ ଓ ବୈଷ୍ଣବୀୟ ପରମ୍ପରାର ଏକ ସମନ୍ୱୟ ପର୍ବ ବୋଲି ଧରିନିଆଯାଏ ।

ତନ୍ତ୍ରଧାରାର ପ୍ରଥା ଅନୁସାରେ ଏଇ ପବିତ୍ର ବିଷ୍ଣୁ କ୍ଷେତ୍ରଟିରେ ପାଳିତ ହେଉଥିବା ପର୍ବର ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଗଭୀର ନିଶୀଥରେ ବଳିପ୍ରଥାର ପ୍ରଚଳନ ଅଛି । ସେହି ତିନିଦିନ ମା' ଉଗ୍ରମୁଖୀ ହୋଇଥାନ୍ତି । ଶ୍ରୀ ଜଗନ୍ନାଥଙ୍କର ପ୍ରସାଦ ଏପରିକି ପାନ ମଧ୍ୟ ମା'ଙ୍କୁ ଅର୍ପଣ କରାଯାଏ ନାହିଁ । ଏହି ସମୟରେ ଦୁର୍ଗା ମାଧବ ମଧ୍ୟ ଅନୁପସ୍ଥିତ ରହିଥାନ୍ତି । ଦଶମୀ ଦିନ ଶ୍ରୀମନ୍ଦିରରେ ପାଳିତ ହୁଏ ବିଜୟୋତ୍ସବ । ମହା ଆଡ଼ମ୍ବରରେ ତିନି ପ୍ରଭୁ ଘଣ୍ଟ, ଛତା, କାହାଳି ଆଦି ସହ ପଟୁଆର ନେଇ ତିନିରଥ ବେଢ଼ା ପ୍ରଦକ୍ଷିଣ କରନ୍ତି ଓ ରତ୍ନସିଂହାସନରେ ବିଜେ ହୁଅନ୍ତି ।

ଦୁର୍ଗାଙ୍କ ସହ ମାଧବଙ୍କର ଏହି ଅନନ୍ୟ ଉପାସନାର ପରମ୍ପରା ପ୍ରାଚୀ ଉପତ୍ୟକା ସ୍ଥିତ ପ୍ରସିଦ୍ଧ ମାଧବାନନ୍ଦଙ୍କ ମନ୍ଦିରରେ ମଧ୍ୟ ପାଳିତ ହୋଇଥାଏ ମା' ବିମଳାଙ୍କର ଶରତକାଳୀନ ଷୋଳପୂଜା ପରି ଏଠାରେ ମଧ୍ୟ ପାଳିତ ହୁଏ ଷୋଳଦିନ ବ୍ୟାପୀ ଦଶହରା ପର୍ବ ଯାହାର ବୈଶିଷ୍ଟ ହେଉଛି ଦୁର୍ଗା-ମାଧବ ଉପାସନା । ଅଷ୍ଟଧାତୁ ନିର୍ମିତ ଅର୍ଦ୍ଧାଙ୍ଗ ପୁରୁଷ ଓ ଅର୍ଦ୍ଧାଙ୍ଗ ନାରୀ ଶରୀର ବିଶିଷ୍ଟ ଅର୍ଦ୍ଧନାରୀଶ୍ୱର ପ୍ରତିମା ଦୁର୍ଗାମାଧବ ରୂପେ ଏଠାରେ ଆରାଧିତ ହୋଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ମନ୍ଦିର ବ୍ୟତୀତ ଏହା ଓଡ଼ିଶାର ଏକମାତ୍ର ବିଷ୍ଣୁମନ୍ଦିର, ଯେଉଁଠାରେ ଶାକ୍ତ ଓ ବୈଷ୍ଣବ ପରଂପରାର ମିଳିତ ନିଦର୍ଶନ ସ୍ୱରୂପ ଦୁର୍ଗା-ମାଧବ ପୂଜା ପାଇଥାନ୍ତି । ମନେହୁଏ ଏକଦା ଶ୍ରୀମନ୍ଦିରର ଶାକ୍ତ ଓ ବୈଷ୍ଣବୀୟ ସମ୍ୱଳିତ ଏହି ଉପାସନାର ଧାରା ମାଧବ ମନ୍ଦିରରେ ମଧ୍ୟ ଅନୁସୃତ ହେଉଥିଲା ।

ଶାସ୍ତ୍ରାନୁମତେ ଶ୍ରୀ ଜଗନ୍ନାଥଙ୍କ ପ୍ରଳୟାନ୍ତ ଶୟନ କାଳରେ ଏକମାତ୍ର ମହାମାୟା ବିମଳା ବା ଦୁର୍ଗା ହିଁ ଜାଗ୍ରତ ରହିଥାନ୍ତି । ତେଣୁ କ୍ରିୟାଶୀଳ ପ୍ରକୃତି ରୂପିଣୀ ଜଗଜ୍ଜନନୀ ହିଁ ପରଂବ୍ରହ୍ମଙ୍କର ଇଚ୍ଛାଶକ୍ତି ବଳରେ କ୍ଷଣକୁ କ୍ଷଣ ପରିବର୍ତ୍ତିତ ଏଇ ସଂସାର ତଥା ମହାବିଶ୍ୱର ସର୍ଜନା, ସ୍ଥିତାବସ୍ଥା ଓ ପ୍ରଳୟରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି ମହାମାୟା ଦୁର୍ଗା ଓ ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ବା ଶ୍ରୀ ଶ୍ରୀ ମାଧବଙ୍କ ଉପାସନା । ତେଣୁ ଭକ୍ତ ମାନସରେ ସିଦ୍ଧି ଓ ଶୁଦ୍ଧ ଚେତନାର ଶାଶ୍ୱତ ମାର୍ଗ ଦର୍ଶନରେ ସହାୟକ ହୋଇଥାଏ । ତେଣୁ ଏହା କେବଳ ଶାକ୍ତ ଓ ବୈଷ୍ଣବ ଧାରାର ସମନ୍ୱୟର ବାର୍ତ୍ତା ବହନ କରେନାହିଁ,ବରଂ ପ୍ରତିଟି ଉତ୍କଳୀୟଙ୍କ ହୃଦୟରେ ଭକ୍ତିଭାବର ଏକ ଗଭୀର ରେଖା ଅଙ୍କନ କରିବା ସହିତ ଉତ୍କଳୀୟ ପରିବାରର ମାଙ୍ଗଳିକ କର୍ମମାନଙ୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ଉପାସନା କଲେ ମନୁଷ୍ୟ ସୁଖ ଶାନ୍ତି ଭୋଗ କରିଥାଏ ଓ ସର୍ବବିଘ୍ନ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଉତ୍କଳର ପ୍ରତିଗୃହରେ ଶୁଭକର୍ମରେ ଦୁର୍ଗାମାଧବଙ୍କର ପୂଜା କରାଯିବା ବିଧି ଅଦ୍ୟାବଧି ପ୍ରଚଳିତ ।

# ବର୍ଣ୍ଣିଳ ବିଭୂତି



# ବିଭୂଷିତ ବିଭୂତି

**ରବି ପଣ୍ଡା**

ପ୍ଲଟ୍ ନଂ-୯/୩୫୩୪
କପିଳ ପ୍ରସାଦ, ଭୁବନେଶ୍ୱର-୭୫୧୦୦୨
ଫୋନ:୯୪୩୭୨୭୫୮୦୮

ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ
ଫଟୋ ସୌଜନ୍ୟ : ରବୀନ୍ଦ୍ର ବିଶ୍ୱାଳ

**ପ୍ରେମର ପ୍ରତିଭୂ ସେ । ପ୍ରଣୟର ପାଦଟୀକା ବି । ଓଡ଼ିଆ କଥାସାହିତ୍ୟର ସେ ହେଲେ ବିଶିଷ୍ଟ ଲେଖକ ବିଭୂତି ପଟ୍ଟନାୟକ । ଏକାଧାରରେ କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା, ସ୍ତମ୍ଭଲେଖ, ଆତ୍ମଜୀବନୀ ଓ ଭ୍ରମଣ କାହାଣୀ, ସବୁଥିରେ ସେ ଲେଖନୀ ଚାଳନା କରି ନିଜ ପରିଚୟକୁ କରିଛନ୍ତି ପରିପୁଷ୍ଟ । ଅଧ୍ୟାପନାରୁ ଅବସର ନେବା ପରେ ବି ଥମି ଯାଇନି ତାଙ୍କ ଲେଖାଲେଖିର ଆଗ୍ରହ । ଲେଖିବା ପାଇଁ ବଞ୍ଚୁଥିବା (ବଞ୍ଚିବା ପାଇଁ ଲେଖନ୍ତି ନାହିଁ ସେ) ଏବଂ ଅମରତ୍ୱରେ ବିଶ୍ୱାସ କରୁନଥିବା ସେ ଏମିତି ଜଣେ ଲେଖକ, ଯାହାଙ୍କୁ ନ ଜାଣିଥିବା ଲୋକ ବିରଳ । ତାଙ୍କ ଜନ୍ମ ମାସ ହେଉଛି ଏଇ ଅକ୍ଟୋବର । ତାଙ୍କ ଜନ୍ମଲଗ୍ନକୁ ସ୍ମରଣୀୟ କରିବା ଲାଗି 'ରେବତୀ'ର ଏଇ ନମ୍ର ପ୍ରୟାସ ।**



◄ ଲେଖକ ଓ ପତ୍ନୀ

ଆଷାଢ଼ ଆକାଶରେ ଅବିଶ୍ୱାସୀ ମେଘର ଆସ୍ତରଣ । ଯେକୌଣସି ମୁହୂର୍ତ୍ତରେ ବି ଅଚାନକ ବର୍ଷିଯିବାର ସଂଭାବନା । ସେମିତି ଏକ ମେଘଓହଳା ପୂର୍ବାହ୍ନରେ ଆମେ ଯେଉଁଠି ପହଞ୍ଚିଲୁ, ତାହା କେବଳ ବୃକ୍ଷଲତା ସୁଶୋଭିତ ଚିତ୍ରଟିଏ ପରି ପରିଚ୍ଛନ୍ନ ଦୁଇ ମହଲା ଘରଟିଏ ନଥିଲା, ତାହା ଥିଲା ଓଡ଼ିଆ କଥାସାହିତ୍ୟକୁ ତାଙ୍କର ଅପୂର୍ବ ସୃଜନଶୀଳତାରେ ବିପୁଳାୟତନ ଦେଇଥିବା ଅବିକଳ୍ପ **ବିଭୂତିଙ୍କ** ବାସଭବନ । ହଁ ଆମେ କହୁଛୁ ବିଶିଷ୍ଟ ଲେଖକ **ବିଭୂତି ପଟ୍ଟନାୟକଙ୍କ** କଥା । ଅଦିନମେଘର ଛାଇରେ ନିଜ ଜୀବନାନୁଭବର କାନ୍‌ଭାସ୍ ଆଙ୍କିଥିବା ସ୍ରଷ୍ଟାଙ୍କ ସହିତ ଏକ ବର୍ଷାବତୁରା ପାଗରେ ଭେଟ ହେବା ଥିଲା ସତେ ଯେମିତି ବିଧିନିର୍ଦ୍ଦିଷ୍ଟ । ପୂର୍ବ ନିର୍ଦ୍ଧାରିତ ସମୟରେ ଆମେ ପହଞ୍ଚିଥିଲୁ ଲୁଇସ୍ ରୋଡ୍‌ରେ ଥିବା ତାଙ୍କ ବସାଘରେ । ମୋ ସହିତ ଥିଲେ **'ରେବତୀ'** ପରିବାର ପକ୍ଷରୁ **ରବୀନ୍ଦ୍ର ବିଶ୍ୱାଳ ।**

କୈଶୋର ଓ ଯୌବନର ବହୁ ମେଘରାତି କଟିଛି ତାଙ୍କ ଉପନ୍ୟାସ ପଠନର ରୋମାଞ୍ଚ ଭିତରେ । ଯୌବନ ସହିତ ପ୍ରେମକୁ ଏତେ ନିବିଡ଼ ଭାବେ ଯୋଡ଼ିବାର ଯେଉଁ ରମଣୀୟ କାରିଗରୀଟି ସେ ତାଙ୍କ ଉପନ୍ୟାସ ମାନଙ୍କରେ କରିଛନ୍ତି, ତାହା କୌଣସି ଔପନ୍ୟାସିକ କରିନାହାନ୍ତି । ପ୍ରେମ-ପ୍ରଣୟ, ପ୍ରତିଶ୍ରୁତି ଓ ପ୍ରତାରଣା ଆଦି ପ୍ରେମ ସର୍ବସ୍ୱ ଆବେଗ ଓ ଆକାଂକ୍ଷାକୁ ଯେଉଁଭଳି ଭାବରେ ସେ ଭାଷାରୂପ ଦିଅନ୍ତି, ତାହା ହେଇଯାଏ ପ୍ରେମିକ-ପ୍ରେମିକାଙ୍କ ଚିଠିପତ୍ରର ଆବେଗିକ ଭାଷା । ବହୁ ତରୁଣ-ତରୁଣୀ ନିଜର ମନକଥା ଉପନ୍ୟାସର ଉଦ୍ଧୃତାଂଶରୁ ସଂଗ୍ରହ କରନ୍ତି । ଗଣ ଚେତନାରେ ପ୍ରେମର ପ୍ରାଚୁର୍ଯ୍ୟ ପ୍ରତିଷ୍ଠା କରିବାରେ ତାଙ୍କର ଅବଦାନ କମ୍ ନୁହେଁ । ପ୍ରେମର ବହୁ ସ୍ୱରୂପର ସେ ଉଦ୍‌ଘାଟକ । ପ୍ରେମ-ଗ୍ରସ୍ତ ମନସ୍ତତ୍ତ୍ୱର ବହୁ ଗହନ କଥାର ସେ ଉପସ୍ଥାପକ । ମଣିଷମନର ଗହୀର କଥାକୁ ଯିଏ କହିପାରେ, ହୃଦୟର ଆବେଗକୁ ଯେ ଛଳଛଳ ଭାଷାରେ ବ୍ୟକ୍ତ କରିପାରେ ପାଠକ ସେଠି ଛନ୍ଦିବାନ୍ଧି ହେଇ ରହିଯାଏ ଏସବୁ କୋମଳତା ତ କେବଳ ପ୍ରେମିକ ପଣରେ ସମ୍ଭବ । ତେଣୁ ତ ସେ କହନ୍ତି ପ୍ରେମର ଏକ ଅଲୌକିକ ଶକ୍ତି ଅଛି । ସେହି ଶକ୍ତି ବଳରେ କ୍ଷୀଣକାୟ ପ୍ରେମିକ-ପ୍ରେମିକା ସମୁଦ୍ରଗିରି ଲଙ୍ଘନ କରି ପାରନ୍ତି । ସପ୍ତସାଗର ପାରି ହେଇ ପାରନ୍ତି । ଏହି ଅଲୌକିକ ଶକ୍ତିର ସତ୍ତାକୁ ଅନୁଭବ କରିବା ପାଇଁ ପ୍ରତି ମଣିଷ ଅନ୍ତତଃ ଜୀବନରେ ଥରେ ପ୍ରେମରେ ପଡ଼ି କ୍ଷତବିକ୍ଷତ ହେବା ଦରକାର । ଯେଉଁମାନେ ଏଭଳି ପ୍ରକୃତ ପ୍ରେମରେ ପଡ଼ିନାହାନ୍ତି, ସେମାନେ ଜୀବନର ଏକ ମହତ୍ତର ଅନୁଭୂତିରୁ ବଞ୍ଚିତ ହୋଇଛନ୍ତି ।

ପ୍ରେମକୁ ସେ ଦେଇଛନ୍ତି ଦିବ୍ୟତା, ଦେଇଛନ୍ତି କୌଳିକ୍ୟ । ରୋମାଣ୍ଟିକ ଭାବପ୍ରବଣତା ସହ ବାସ୍ତବତାର ସମନ୍ୱୟରେ ସେ ଯେଉଁ ବିପୁଳ ସାହିତ୍ୟ ସୃଷ୍ଟି କରିଛନ୍ତି ତାହା ଓଡ଼ିଆ ସାହିତ୍ୟର ରୋମାଣ୍ଟିଜିମ୍ ଠାରୁ ଉତ୍ତର ଆଧୁନିକତା ଯାଏଁ ପ୍ରଲମ୍ବିତ ।

"ଆମେ ଗୋଟେ ଦୁଃସ୍ଥ ସମୟ ଓ ପ୍ରଦୂଷିତ ପୃଥିବୀରେ ବାସ କରୁଛେ ।" କଥା ଆରମ୍ଭ କରି ସେ କହନ୍ତି, "ତା'ରି ଭିତରେ ଏ ମରଣଶୀଳ ପୃଥିବୀରେ, ସମସ୍ତ ବିଡ଼ମ୍ୱନ ସତ୍ତ୍ୱେ ସବୁଠାରୁ ରମଣୀୟ ତଥା ସ୍ମରଣୀୟ ଦୃଶ୍ୟ ହେଉଛି ଦୁଇଜଣ ନାରୀ ଓ ପୁରୁଷ ଆତ୍ମମଗ୍ନ ଭାବରେ ଗୋଟିଏ ପୁଷ୍ପିତ କୃଷ୍ଣଚୂଡ଼ା ଗଛମୂଳେ ଘାସର ଗାଲିଚା ଉପରେ ମୁହଁକୁ ମୁହଁ ଯୋଡ଼ି ମୃଦୁ ସ୍ୱରରେ ଭାବ ବିନିମୟ କରୁଥିବାର ମୁଦ୍ରା । ପୃଥିବୀର ରୋଗ ଶୋକ, ଦୁଃଖ, ଦୈନ୍ୟକୁ ଉପେକ୍ଷା କରି ସେମାନଙ୍କର ସେହି ଆବେଗମୟ ଆତ୍ମବିସ୍ମରଣର କୌଣସି ବିକଳ୍ପ ନାହିଁ ।"

ସତକଥା । ନାରୀପୁରୁଷର ସଂକୀର୍ଣ୍ଣ ଦୈହିକତାକୁ ଅତିକ୍ରମ ନକଲେ ମାନବବାଦୀ ଚେତନାକୁ ସ୍ପର୍ଶ କରିବା ସମ୍ଭବ ନୁହେଁ । ବିଭୂତୀୟ ପ୍ରେମ ଏହି ଉତ୍ତରଣର କଥା କହେ । 'ନାୟିକାର ନାମ ଶ୍ରାବଣୀ', 'କେଶବତୀ କନ୍ୟା', 'ସତୀ-ଅସତୀ', 'ତୃତୀୟ ପୁରୁଷ' ଓ 'ପ୍ରେମିକା' ଆଦି ଉପନ୍ୟାସରେ ସେ ପ୍ରେମର ମହତ୍ତର ଉପଲବ୍ଧି ସହିତ ସାମାଜିକ ଅଗ୍ରଗତିର ସ୍ୱରକୁ ମଧ୍ୟ ମୁଖର କରିଛନ୍ତି ।

ଅନ୍ୟପକ୍ଷରେ ଷଷ୍ଠ-ସପ୍ତମ ଦଶକରେ ଯେଉଁ ନାରୀ ହାତରେ ସେ ଲୁହା ଖଡ଼ିକା, ଡାଲିଚଟୁ କାଢ଼ିନେଇ କଲମ କିମ୍ବା ତୂଳୀ ଧରାଇ ଦେଇଥିଲେ, ଅଷ୍ଟମ ଦଶକରେ ସେଇ ନାରୀ ହାତରେ ଆଗ୍ନେୟାସ୍ତ୍ର ଧରାଇ ଦେଇଥିଲେ । କାରଣ ସେ ଭଲ କରି ବୁଝିଥିଲେ ଦେଶର ଅର୍ଥନୈତିକ ସଙ୍କଟ ଗଭୀରରୁ ଗଭୀରତର ହେଲାବେଳେ ସେ ସଙ୍କଟର ଜଟିଳ ଆବର୍ତ୍ତ ମଧ୍ୟରୁ ନିଜକୁ ଓ ନିଜର ଶ୍ରେଣୀକୁ ଉଦ୍ଧାର କରିବାକୁ ହେଲେ ନୀତିହୀନ ରାଜନୀତି ଆଉ ଅବିଶ୍ୱାସ ସମୟରେ ନିଜ ପାଖରେ ସତ୍ ହୋଇ ରହିବାକୁ ଚାହିଁଲେ- ନାରୀକୁ ତାର ବାହୁର ମାଂସ ପେଶୀକୁ ଟାଣ କରିବାକୁ ହିଁ ହେବ । ନାରୀ ଚରିତ୍ରର ଏଇ ପରିବର୍ତ୍ତନ ମଧ୍ୟରେ ହିଁ ସେ ଲକ୍ଷ୍ୟ କରିଛନ୍ତି ଆମ

ସମାଜ ଜୀବନର ବିବର୍ତ୍ତନ ।

ବିଭୂତି ପଟ୍ଟନାୟକଙ୍କ ସାମ୍ନାସାମ୍ନି ବସି ନାରୀ ଆଉ ପ୍ରେମକୁ ନେଇ ଏତେକଥା ଭାବିଯିବାର ଅବଶ୍ୟ କାରଣ ଅଛି । ମୁଁ ବା ମୋର ସମସାମୟିକଙ୍କ ଠାରୁ ଏଯାବତ୍ ଯେକୌଣସି ପାଠକ ପାଠିକା ଉପନ୍ୟାସ ପାଠ କରୁଥିଲା ବେଳେ କିଏ ବା ନିଜକୁ ନାୟକ କିମ୍ବା ନାୟିକା ଭାବୁନଥିବ ! ସେଥିପାଇଁ ପ୍ରେମରେ ଥିବା ଅବଶ୍ୟ ଜରୁରୀ । ଏବେକା ସମୟ ଠାରୁ ଆମ ସମୟର କଥା ଟିକେ ନିଶ୍ଚୟ ତୀବ୍ର ଓ ତୀକ୍ଷ୍ଣ । ସେ ସମୟକୁ ଚାଲିଗଲେ ଗୋଟେ ରମଣୀୟ ବହୁରଙ୍ଗୀ ପୁଷ୍ପିତ ଉଦ୍ୟାନରେ ବିଚରଣ କଲା ଭଳି ଅନୁଭବ ହୁଏ । ଏ କଥା ସେ ସମୟର ସବୁଠାରୁ ଚର୍ଚ୍ଚିତ, ବହୁ ପଠିତ, ଏକମାତ୍ର ପ୍ରେମାନୁରାଗୀ ରୋମାଞ୍ଚକ ସ୍ରଷ୍ଟାଙ୍କୁ ସାମ୍ନାରେ ପାଇଲେ ଭାବାନ୍ତର ହେବା ଅସ୍ୱାଭାବିକ ଆଦୌ ନୁହେଁ ।




ଆମ କଥୋପକଥନର ଖିଅ ଲମ୍ବୁଥିଲା । ତାରି ଭିତରେ ସେ ପ୍ରଗଲ୍ଭ ହେବା ଆରମ୍ଭ କରିଥିଲେ । ମୋ ସହିତ ଥିବା ରବୀନ୍ଦ୍ର ବାବୁ ସେତେବେଳକୁ ତାଙ୍କ କ୍ୟାମେରାରେ ବିଭୂତି ସାର୍‌ଙ୍କ ଫଟୋ ବିଭିନ୍ନ ଆଙ୍ଗେଲ୍‌ରୁ ନେବା ଆରମ୍ଭ କରିଥିଲେ । ଆମେ ଭୁଲି ଯାଇଥିଲୁ ଆମେ ଓଡ଼ିଶାର ଅନ୍ୟତମ ସର୍ବୋଚ୍ଚ ପଠିତ ଲେଖକ ବିଭୂତି ପଟ୍ଟନାୟକଙ୍କ ଘରେ ବସିଛୁ । କାରଣ ଏତେ ବଡ଼ ଜଣେ ଲେଖକ, ଆମ ସହ ଗପିବା ବେଳେ ଏତେ ସାଧାରଣ ହୋଇପାରନ୍ତି, କେହି ନଦେଖିଲେ ବିଶ୍ୱାସ ହେବନି !

ଜୀବନ ତାଙ୍କର ଏକ ଦୀର୍ଘ ଯାତ୍ରାପଥ । ଏଥିରେ ସ୍ତରେ ସ୍ତରେ ସଂଚିତ ଅଛି ଓଡ଼ିଶାର ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାହିତ୍ୟିକ ଅନୁଭୂତିର ବହୁଚର୍ଚ୍ଚିତ ଓ ଚମକପ୍ରଦ ଘଟଣାମାନଗ । ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟର ଇତିହାସ ଜୀବନ୍ତ ହୋଇଉଠେ ତାଙ୍କ ବକ୍ତବ୍ୟରେ । 'ଜୀବନପଥ ମୋ ଭରିଚ କେତେମତେ' ଆତ୍ମଜୀବନୀରେ ସେ ତାଙ୍କ ସମୟର ବହୁ ସ୍ମରଣୀୟ କଥା ଉଲ୍ଲେଖ କରିଥିଲେ ହେଁ ଯେପରି ଲାଗେ କଥା ସରିନାହିଁ । ସତରେ କ'ଣ ଗୋଟେ ଲେଖକର କଥା ସରେ ? ସୃଜନଶୀଳତାର ଅସରନ୍ତି କଥା ଭିତରୁ ନିଜ ଜୀବନର ବହୁ ଅନୁଭବ ବ୍ୟକ୍ତ ହେଇଗଲା ପରେ ବି ଜନଜୀବନର ବହୁ କଥା ଅବ୍ୟକ୍ତ ରହିଯାଏ । ତେଣୁ ତ ଲେଖକ ସବୁଦିନ ଅସଂପୂର୍ଣ୍ଣ ଓ ଅସନ୍ତୁଳିତ ।

ବିଭୂତି ପଟ୍ଟନାୟକଙ୍କ ବିପୁଳ ସୃଷ୍ଟି ସମ୍ଭାର ଅଚିନ୍ତନୀୟ ଓ ଅନତିକ୍ରମ୍ୟ । ପରିମାଣାତ୍ମକ ଦୃଷ୍ଟିରୁ ଦେଖିଲେ ଅସମ୍ଭବ ଲାଗେ ସତରେ । ତାଙ୍କ ପ୍ରକାଶିତ

# ମୁଁ ଅମରତ୍ୱରେ ବିଶ୍ୱାସ କରେନାହିଁ




**▲ଆପଣ ଶତାଧିକ ଉପନ୍ୟାସ ଓ ଅସଂଖ୍ୟଗଳ୍ପ ଲେଖିଛନ୍ତି । ଉଭୟରେ ମଧ୍ୟ ଯଶସ୍ୱୀ ଓ ପୁରସ୍କାର ପ୍ରାପ୍ତ, ତେବେ ଆପଣ ଅଧିକ କେଉଁ ସୃଜନରେ ସନ୍ତୁଷ୍ଟ ?**


● ହାଇସ୍କୁଲରେ ପଢୁଥିବା ବେଳେ କବିତା ମାଧ୍ୟମରେ ହିଁ ମୋର ଭାବ ପ୍ରକାଶ କରିବାକୁ ଚେଷ୍ଟା କରିଥିଲି । ଗଳ୍ପ କିମ୍ବା ଉପନ୍ୟାସ ଲେଖିବାର ସାହସ କିମ୍ବା ସାମର୍ଥ୍ୟ ମୋର ନଥିଲା । କିନ୍ତୁ ଘଟଣାକ୍ରମେ ସେଇ ହାଇସ୍କୁଲରେ ପଢ଼ିଲା ବେଳେ ହିଁ ମୁଁ ଗୋଟିଏ ଛୋଟ ରହସ୍ୟ ଉପନ୍ୟାସ ଏବଂ ଦୁଇ ତିନିଟି ଗଳ୍ପ ମଧ୍ୟ ଲେଖିଥିଲି । କିନ୍ତୁ ତାର କୌଣସି ସାହିତ୍ୟିକ ମୂଲ୍ୟ ଥିଲା ବୋଲି ମୋର ମନେ ହୁଏନାହିଁ ।

ପ୍ରଥମ ସିରିୟସ ଗଳ୍ପ ଲେଖିଥିଲି ଖ୍ରୀଷ୍ଟ କଲେଜ ଛାତ୍ରମାନଙ୍କ ମଧ୍ୟରେ ହେଉଥିବା କ୍ଷୁଦ୍ରଗଳ୍ପ ପ୍ରତିଯୋଗୀତାରେ ଅଂଶ ଗ୍ରହଣ ପାଇଁ । ମୋ ଉପର ଶ୍ରେଣୀରେ ପଢୁଥିବା ବୟସ୍କ ଛାତ୍ର ନାଟ୍ୟକାର ରାଜ କିଶୋର ପଟ୍ଟନାୟକ, ନଦିୟା ବିହାରୀ ମହାନ୍ତି ଏବଂ ଅବନୀ କୁମାର ବରାଳ ସେ ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଏହାସତ୍ତ୍ୱେ ମୋ 'ବଜ୍ରଦୃଷ୍ଟି' ଗଳ୍ପ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲା ଏବଂ ଏଥିପାଇଁ ମତେ **Oxford Student Dictionary** ପୁରସ୍କାର ସ୍ୱରୂପ ମିଳିଥିଲା । ଏହି ସଫଳତା ମତେ କବିତା ସହିତ କ୍ଷୁଦ୍ରଗଳ୍ପ ରଚନା ପାଇଁ ପ୍ରରୋଚିତ କରିଥିଲା । ୧୯୫୪ ମସିହାରେ 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା ମୋର କ୍ଷୁଦ୍ରଗଳ୍ପ 'ନାରୀ ଓ ପୁରୁଷ' । ଏହାପରେ ମୁଁ ଆଉ ପଛକୁ ଫେରି ଚାହିଁନାହିଁ । ଏହି ଗଳ୍ପ ରଚନା ପାଇଁ ୧୯୫୬ ମସିହାରେ ରବିବାର, ପ୍ରଜାତନ୍ତ୍ର ଗଳ୍ପ ପୁରସ୍କାର, ୧୯୯୨ ମସିହାରେ 'ଝଙ୍କାର' ଗଳ୍ପ ପୁରସ୍କାର ଏବଂ ଶେଷରେ ୨୦୧୫ ମସିହାରେ ମୋର କ୍ଷୁଦ୍ରଗଳ୍ପ ସଂକଳନ 'ମହିଷାସୁରର ମୁହଁ' ପାଇଁ ମତେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାରରେ ସମ୍ମାନିତ କରାଯାଇଛି । 'ସମାନ୍ତର ସରଳରେଖା', 'ବଇଦାସର

ପୁସ୍ତକର ସଂଖ୍ୟା ତାଙ୍କର ଏବର ବୟସ ଠାରୁ କାହିଁ କେତେ ଗୁଣ ଅଧିକ । କେତେ ଦିନ କେତେ ସମୟ ଦେଲେ ଏତେ ବହି ଲେଖିହେବ ଭାବିବା ଯେତେ ବଡ଼ କଥା ନୁହେଁ ବଡ଼କଥା ହେଉଛି ନିଜ ଚିନ୍ତା, ଚେତନା ଓ ଭାବନାକୁ ନ ଦୋହରାଇ ନୂଆ ନୂଆ ଘଟଣା, ଚରିତ୍ର, କାହାଣୀର ନିର୍ମାଣ କରିବା । ଅନ୍ୟ ବିଭାଗ କଥା ଛାଡ଼ି କେବଳ ଉପନ୍ୟାସ କଥା ଦେଖିଲେ ତାଙ୍କର ସର୍ବମୋଟ ପ୍ରକାଶିତ ଉପନ୍ୟାସ ସଂଖ୍ୟା ୧୦୫ । ୧୯୫୦ ମସିହାରେ ପ୍ରଜାତନ୍ତ୍ର ମୀନା ବଜାରରେ ପ୍ରକାଶ ପାଇଥିଲା ତାଙ୍କର ପ୍ରଥମ କବିତା 'ଗାଆଁ ଟାଉଟର' । ୧୯୫୪ 'ଝଙ୍କାର'ରେ ପ୍ରଥମ ଗପ 'ନାରୀ ପୁରୁଷ' । ୧୯୫୫ରେ 'ଜନସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା ପ୍ରଥମ ଉପନ୍ୟାସ 'ଶେଷବସନ୍ତ' । ୧୯୫୪ରୁ ୨୦୨୧ ମସିହା ଭିତରେ କେବଳ କଥାସାହିତ୍ୟ ଦୃଷ୍ଟିରୁ ଦେଖିଲେ ପ୍ରକାଶିତ ଉପନ୍ୟାସ ସଂଖ୍ୟା ୧୦୫ ଓ ଗଳ୍ପ ସଂକଳନ ସଂଖ୍ୟା ୩୩ । ମୋଟ ୧୩୮ । କିଶୋର ଉପନ୍ୟାସ, ଭ୍ରମଣ କାହାଣୀ, କବିତା, ଜୀବନୀ ଓ ଆତ୍ମଜୀବନୀ ଆଦି ମୋଟ ମିଶାଇଲେ ସଂଖ୍ୟା ହେବ ୧୭୩ । ଏପରି ବିପୁଳାୟତନର ସାର୍ଥକ ସୃଜନ ସଂଖ୍ୟା ତାଙ୍କୁ ଓଡ଼ିଆ ସାହିତ୍ୟରେ ଅନତିକ୍ରମ୍ୟ କରିବ ନିଶ୍ଚୟ ।




ଝଡ଼, ବର୍ଷା ବତାସ ସଂତ୍ରସ୍ତ ଏକ ଘନଘୋର ଅନ୍ଧାର ରାତିର ନିରନ୍ଧ୍ରତା ଭିତରେ ଜନ୍ମ ନେଇଥିଲେ ଏହି ଯୋଗଜନ୍ମା ଲେଖକ, ଯେ ଆଜି ଓଡ଼ିଆ କଥା ସାହିତ୍ୟକୁ ଉଜ୍ଜ୍ୱଳମୟ କରିଥିବା ଗୋଟିଏ ଦେଦୀପ୍ୟମାନ ଦୀପଶିଖା । ଦାରିଦ୍ର୍ୟ, ଅସହାୟତା ଓ ଏକ ସମ୍ଭାବନାହୀନ ଭବିଷ୍ୟତକୁ ଆଧାର କରି ଗଢ଼ି ଉଠିଥିବା ଜୀବନ ତାଙ୍କୁ ଯେ ପରବର୍ତ୍ତୀ ସମୟରେ ଲକ୍ଷ ଲକ୍ଷ ଓଡ଼ିଆ ପାଠକଙ୍କ ଶ୍ରଦ୍ଧାଧନ୍ୟ କରି ଐଶ୍ୱର୍ଯ୍ୟମୟ କରିବ, ଏ କଥା ଅଦୃଷ୍ଟ ଭାଗ୍ୟ ହିଁ ତାଙ୍କ କପାଳରେ ଲେଖି ଦେଇଥିଲା ପୂର୍ବରୁ ।




କବିତା ଥିଲା ତାଙ୍କ ଆଦ୍ୟ ସୃଜନର ପ୍ରଥମ ପ୍ରେମ । ଠାକୁର ଘରେ ଭାଗବତ ବୋଲିବା ଭିତରେ ପଦ୍ୟ ରଚନାର ଛନ୍ଦ ଏବଂ କବିତା ରଚନାର ଶବ୍ଦ ସଂଯୋଜନା ତାଙ୍କ ଅଜ୍ଞାତସାରରେ ସେ ଶିଖି ଯାଇଥିଲେ । ଅବଚେତନରେ କବିତା ଲେଖିବାର ଅନୁରାଗ ତାଙ୍କ ଭିତରେ ସୃଷ୍ଟି ହୋଇ ଯାଇଥିଲା । ନବମ ଶ୍ରେଣୀର ଛାତ୍ର ଥିଲା ବେଳେ ତାଙ୍କର ପ୍ରଥମ କବିତା **ପ୍ରଜାତନ୍ତ୍ର** 'ମୀନାବଜାର' ପୃଷ୍ଠାରେ ପ୍ରକାଶ ପାଇଥିଲା । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କର ଲେଖକୀୟ ପ୍ରତିଭାର ଶୁଭାରମ୍ଭ ହୋଇ ଯାଇଥିଲା । କବିତା 'ଗାଁ ଟାଉଟର' ମୀନା ବଜାରରେ ପ୍ରକାଶ ପାଇଲା ପରେ ସେ ଖୁବ୍ ଉତ୍ସାହିତ ହୋଇ ପଡ଼ିଥିଲେ । କିନ୍ତୁ କବି ମନସ୍କତାରୁ ତାଙ୍କୁ ଓହରେଇ ଆଣିଲେ ଓଡ଼ିଶା ଗଡ଼ଜାତ ଆନ୍ଦୋଳନର

ବଳଦ' କିମ୍ବା ନିକଟରେ ପ୍ରକାଶିତ 'ଉଡ଼ାଜାହାଜ' ଗଳ୍ପ ଲେଖି ମୁଁ ଯେଉଁ ଆତ୍ମସନ୍ତୋଷ ଲାଭ କରିଛି, ଅନେକ ଉପନ୍ୟାସ ଲେଖି ତାହା ପାଇନାହିଁ ।

ଫକୀରମୋହନ ଜୀବନର ଧୂସର ଅପରାହ୍ଣରେ ଯେଉଁ ଚାରିଖଣ୍ଡ ଉପନ୍ୟାସ ଲେଖିଥିଲେ- 'ଲଛମା', 'ଛମାଣ ଆଠଗୁଣ୍ଠ', 'ମାମୁଁ' ଓ 'ପ୍ରାୟଶ୍ଚିତ' - ଓଡ଼ିଆ ସାହିତ୍ୟରେ ତାହା ଯୁଗାନ୍ତକାରୀ ସୃଷ୍ଟି ଭାବରେ ଯେପରି ଚିହ୍ନିତ ହୋଇ ରହିଛି, ସେହିପରି ଆଦ୍ୟ ଯୌବନରେ ଲିଖିତ, ୧୯୬୦ରୁ ୧୯୬୫ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ମୋର ଚାରିଖଣ୍ଡ ଉପନ୍ୟାସ 'ଏଇ ଗାଆଁ ଏଇ ମାଟି', 'ଚପଳଛନ୍ଦା', 'ନାୟିକାର ନାମ ଶ୍ରାବଣୀ' ଏବଂ 'ବଧୂ ନିରୁପମା'- ଏବେ ସୁଦ୍ଧା ଓଡ଼ିଆ କଥାସାହିତ୍ୟର ସ୍ମରଣୀୟ ସୃଷ୍ଟି ଭାବରେ ବିବେଚିତ ହୋଇଛି । ୧୯୫୭ ମସିହା ପୂଜାସଂଖ୍ୟା 'ଜନସାହିତ୍ୟ'ରେ ପ୍ରକାଶିତ ମୋର 'ଏଇ ଗାଁ ଏଇ ମାଟି' ଉପନ୍ୟାସ ପଢ଼ି ପାରଳାଖେମୁଣ୍ଡିରୁ ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ ମତେ ଗୋପୀନାଥ ମହାନ୍ତିଙ୍କ ଯୋଗ୍ୟ ଉତ୍ତରାଧିକାରୀ ଭାବରେ ଉଲ୍ଲେଖ କରି ଯେଉଁ ଚିଠି ଲେଖିଥିଲେ- ପରବର୍ତ୍ତୀ କାଳରେ ତାହା ମତେ ଉପନ୍ୟାସ ଲେଖିବା ପାଇଁ ଶକ୍ତି ଓ ସାହସ ଆଣି ଦେଇଥିଲା । ସେହିପରି ୧୯୬୧ ମସିହାରେ ପ୍ରକାଶିତ 'ଚପଳଛନ୍ଦା' ଉପନ୍ୟାସକୁ ସାମ୍ୟବାଦୀ ସାହିତ୍ୟିକ ଗୁରୁଚରଣ ପଟ୍ଟନାୟକ ଏବଂ ପ୍ରଗତିଶୀଳ କାବ୍ୟ ଆନ୍ଦୋଳନର ପୁରୋଧା ସଚ୍ଚି ରାଉତରାୟ ରାଜତନ୍ତ୍ର ଏବଂ ସାମ୍ରାଜ୍ୟବାଦୀ ବିରୋଧୀ ପ୍ରଥମ ଓଡ଼ିଆ ଉପନ୍ୟାସ ଭାବରେ ଆଖ୍ୟାୟିତ କରିବା ଥିଲା ଓଡ଼ିଆ ଉପନ୍ୟାସରେ ଦିଗ ପରିବର୍ତ୍ତନର ସୂଚନା । କଟକର ବସ୍ତି ଜୀବନ ଉପରେ ଆଧାରିତ 'ନାୟିକାର ନାମ ଶ୍ରାବଣୀ', ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ଉପନ୍ୟାସ 'ବଧୂ ନିରୁପମା' ମୋର ଏକମାତ୍ର ଆଦର୍ଶବାଦୀ ଉପନ୍ୟାସ ।


କବିତାକୁ ପ୍ରଥମରୁ ନିଜ ଭାବ ପ୍ରକାଶର ମାଧ୍ୟମ ଭାବରେ ବାଛି ଦେଇଥିଲେ ମଧ୍ୟ ବୃହତ୍ତର ସମାଜଜୀବନ ଚିତ୍ର ଅଙ୍କନ କରିବା ପାଇଁ ମତେ ଗଳ୍ପ-ଉପନ୍ୟାସକୁ ବାଛି ନେବାକୁ ହୋଇଛି । କ୍ଷୁଦ୍ର ଗଳ୍ପ ମୋ ପାଇଁ ସମୟ ଶିଳ୍ପ ରୂପ ଏବଂ ଉପନ୍ୟାସ ହେଉଛି ସମୟ ସହିତ ତାଳମେଳ ରଖି ବଦଳି ଯାଉଥିବା ଜୀବନ ଓ ଜଗତର ଛବିକୁ ଧରି ରଖିବା ପାଇଁ ବଳିଷ୍ଠ ମାଧ୍ୟମ । କ୍ଷୁଦ୍ର ଗଳ୍ପ ଏବଂ ଉପନ୍ୟାସ ଉଭୟ ହେଉଛନ୍ତି ମୋ ସୃଜନଶୀଳତାର କଳାତ୍ମକ ପରିପ୍ରକାଶ ।

**▲ସହିତ୍ୟ ଜୀବନ ସହିତ ସଂପୃକ୍ତ କିନ୍ତୁ ଜୀବନର ମୌଳିକ ଆବଶ୍ୟକତା ପୂରଣରେ ସମର୍ଥ କି ?**

● ଜୀବନର ମୌଳିକ ଆବଶ୍ୟକତା ଜଣେ ସୁଖଲୋଭୀ ସଂସାରୀ ମଣିଷ ପାଇଁ ଯାହା, ଜଣେ ସଂସାରୀ-ସନ୍ୟାସୀ ପାଇଁ ଜୀବନର, ମୌଳିକ ଆବଶ୍ୟକତା ଠିକ୍ ତାହା ନହୋଇପାରେ । ଜଣେ ସାହିତ୍ୟ-ତପସ୍ୱୀ ପାଇଁ ଜୀବନର ମୌଳିକ ଆବଶ୍ୟକତା ହେଉଛି ଅନାବିଳ ସାରସ୍ୱତ ଆନନ୍ଦ । ସାହିତ୍ୟ ସର୍ଜନା ପାଇଁ ଆତ୍ମମଗ୍ନ ଥିଲାବେଳେ ମୁଁ ଏହି ଅନାବିଳ ଦିବ୍ୟ ଆନନ୍ଦ ଉପଲବ୍ଧି କରେ ବୋଲି ଏ ପରିଣତ ବୟସରେ କଲମ ଥୋଇଦେବା କଥା ଭାବିଲେ ମୁଁ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରେ ।

**▲ଆପଣଙ୍କ ସୃଜନ ସମ୍ଭାର ଦେଖିଲେ ସମୟକୁ ଆକଳନ କରା ଯାଇପାରେ ନାହିଁ । କେମିତି ଲେଖନ୍ତି ?**

● ସବୁବେଳେ ଇଚ୍ଛା କରି ମୁଁ ଗଳ୍ପ ଉପନ୍ୟାସ ଲେଖେ ନାହିଁ । ମୋର ପାଠକ, ପତ୍ରପତ୍ରିକାର ସମ୍ପାଦକ ଏବଂ ପୁସ୍ତକ ପ୍ରକାଶକମାନେ ମୋ ଠାରୁ ଗଳ୍ପ ଉପନ୍ୟାସ ଲେଖାଇ ନିଅନ୍ତି । ୨୦୧୭ ମସିହାରେ ପ୍ରକାଶିତ ମୋ ଆତ୍ମଜୀବନୀ




We Make

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com



ଗାନ୍ଧି ସାରଙ୍ଗଧର ଦାସ । ସେ ଥିଲେ ସୋସାଲିଷ୍ଟ୍ ପାର୍ଟିର ପାର୍ଲିଆମେଣ୍ଟ୍‌ରେ ପାର୍ଟିର ଦଳପତି ଓ ସୋସାଲିଷ୍ଟ୍ ପାର୍ଟିର ମୁଖପତ୍ର ସାପ୍ତାହିକୀ 'କୃଷକ'ର ସମ୍ପାଦକ । ସେ ରାଜନୀତି, ସାମ୍ବାଦିକତା ସହିତ ଏ ଉପନ୍ୟାସ ଆଦି ଲେଖିବା କାର୍ଯ୍ୟକୁ ନାପସନ୍ଦ କରୁଥିଲେ । ଥରେ ସେ ବିଭୂତି ବାବୁଙ୍କୁ ପରିହାସ କରି କହିଲେ, କୃଷକ ହେଉଛି ଏ ଦେଶର ପ୍ରକୃତ ଶିଳ୍ପୀ । ପଡ଼ିଆ ମାଟିର କ୍ଷେତରେ ଲଙ୍ଗଳ ମୁନରେ ସେ ଯେଉଁ କବିତା ଲେଖେ, ତାର କୌଣସି ବିକଳ୍ପ ନାହିଁ ।

ବିଭୂତି ବାବୁ ଡରିଡରି ଉତ୍ତର ଦେଇଥିଲେ, କୃଷକର ସୁନେଲି କବିତାରେ ଲୋକଙ୍କ ପେଟ ଭରେ, କିନ୍ତୁ ମନ ତୃପ୍ତ ହୁଏ ନାହିଁ । ଚିନ୍ତାଧାରା ପ୍ରସାରିତ ହୁଏ ନାହିଁ । ସେଥିପାଇଁ ଅନ୍ୟ ଶିଳ୍ପୀକୁ କାଗଜରେ କଲମ ଚଳାଇବାକୁ ହୁଏ ।

ଏକଥା ଶୁଣି ସାରଙ୍ଗଧର ବାବୁ ଟିକେ ଟିକେ ଅସନ୍ତୁଷ୍ଟ ସ୍ୱରରେ କହିଲେ, 'କୃଷକ ପ୍ରେସ୍‌ରେ ବସି କୃଷକମାନଙ୍କ ସଂପର୍କରେ ଲେଖା ଯାଇପାରେ ନାହିଁ । ସେଥିପାଇଁ କଲମଧାରୀକୁ ଲଙ୍ଗଳଧାରୀମାନଙ୍କ ପାଖକୁ ଯିବାକୁ ପଡ଼େ ।'

ସାରଙ୍ଗଧର ବାବୁଙ୍କ ଏ କଥା ବିଭୂତିବାବୁଙ୍କ ମର୍ମସ୍ଥଳରେ ବିନ୍ଧ କଲା । ସେତେବେଳେ ସାରଙ୍ଗଧର ବାବୁ 'ଲଣ୍ଡା ଦେହୁରୀ' ଛଦ୍ମନାମରେ ଖାଣ୍ଟି ସରଳ ଗ୍ରାମୀଣ ଓଡ଼ିଆ ଭାଷାରେ ନିଜ ଭାବକୁ ପ୍ରକାଶ କରୁଥିଲେ । ଏଭଳି ଭାଷା କେବଳ ସାମାଜିକ ସଂପର୍କର ଅଭିଜ୍ଞତାରୁ ହାସଲ କରାଯାଇପାରେ । ଏ କଥା ବୁଝିଲା ପରେ ବିଭୂତି ବାବୁଙ୍କର ହୃଦ୍‌ବୋଧ ହେଲା ଅନୁଭୂତିର ଗଭୀରତା ନଥିଲେ କଳ୍ପନାର ପକ୍ଷୀ ବେଶୀ ଦୂର ଉଡ଼ିପାରେ ନାହିଁ ।

ସେହି ସମୟରେ କୃଷକ ପ୍ରେସ୍‌ର ମ୍ୟାନେଜର ବଂଶୀଧର ଭୂୟାଁ 'ଜନସାହିତ୍ୟ' ନାମକ ଏକ ଉପନ୍ୟାସ ପତ୍ରିକା ମାସିକ ସେହି ପ୍ରେସ୍‌ରୁ ବାହାର କରୁଥିଲେ । ସେ ବିଭୂତି ବାବୁଙ୍କୁ ପୂଜା ବିଶେଷାଙ୍କ ପାଇଁ ଏକ ସଂପୂର୍ଣ୍ଣ ଉପନ୍ୟାସ ଲେଖିବାକୁ କହିଲେ । ସେ ଉପନ୍ୟାସର ଉପାଦାନ ସଂଗ୍ରହ କରିବାକୁ ସେ ତାଙ୍କ ଜଗତସିଂହପୁର ଅଞ୍ଚଳର ଗାଁ ଗଣ୍ଡା, ବିଡ଼ିଓ ଅଫିସ, ମଠ ମନ୍ଦିର ସବୁଆଡ଼େ ବୁଲି ଅଭିଜ୍ଞତା ହାସଲ କରିଥିଲେ । ତାକୁ ଆଧାର କରି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ଗ୍ରାମ୍ୟ ଜୀବନକୁ ନେଇ ଲେଖିଲେ ପ୍ରଥମ ଉପନ୍ୟାସ 'ଏଇ ଗାଁ ଏଇ ମାଟି' ।

ଏ କଥା ଉଲ୍ଲେଖନୀୟ ଯେ, ବିଭୂତି ବାବୁ ସେ ସମୟରେ ଖ୍ରୀଷ୍ଟ କଲେଜର ଛାତ୍ର ଥିଲେ । ସେହି କଲେଜ୍‌ର ମାଗାଜିନରେ ତାଙ୍କର ପ୍ରଥମ ଗପ 'ବଜ୍ରଦୃଷ୍ଟି' ପ୍ରକାଶ ପାଇ ଓଡ଼ିଆ ସାହିତ୍ୟ ସମାଜ ତରଫରୁ ଆୟୋଜିତ କ୍ଷୁଦ୍ରଗଳ୍ପ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ତାଙ୍କ ଭିତରେ ଗପ ଲେଖିବାର ସାହସ ଓ ଦମ୍ଭପଣ ଆସିସାରିଥିଲା ।

'ଜୀବନପାତ୍ର ମୋ ଭରିଛ କେତେମତେ' ପୁସ୍ତକରେ ମୋର ଦୁଇଟି ଅସଂପୂର୍ଣ୍ଣ ଉପନ୍ୟାସ 'କାଳ ଅକାଳ'ର ପ୍ରଥମ ଭାଗ ଏବଂ 'ଉତ୍ତାଳ ସମୟର ଇତିକଥା'ର ଶେଷଭାଗ ଏ ଜୀବନରେ ଆଉ ଲେଖି ପାରିବି ନାହିଁ ବୋଲି ଉଲ୍ଲେଖ କରିଥିଲି । 'କାଳ ଅକାଳ' ଉପନ୍ୟାସର ପ୍ରଥମ ଭାଗ ୧୮୬୬ ରୁ ୧୮୮୬ ମସିହା- ଏହି ୨୦ ବର୍ଷର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଜୀବନ ସଂପର୍କରେ ଆବଶ୍ୟକୀୟ ତଥ୍ୟ ଉପଲବ୍‌ଧ ନହେବା ଯୋଗୁଁ ମୁଁ ଏ ଉପନ୍ୟାସ ଲେଖି ପାରିବି ନାହିଁ ବୋଲି ଆତ୍ମଜୀବନୀରେ ଉଲ୍ଲେଖ କରିଥିଲି । କିନ୍ତୁ 'ପ୍ରମେୟ' ଦୈନିକୀର ସମ୍ପାଦକ ବନ୍ଧୁ ଗୋପାଳକୃଷ୍ଣ ମହାପାତ୍ର 'ପ୍ରମେୟ' ରବିବାର ପାଇଁ ଧାରାବାହିକ ଭାବରେ ଗୋଟିଏ ବର୍ଷ ଲାଗି ଏକ ଉପନ୍ୟାସ ଲେଖିଦେବା ଲାଗି ଚାପ ପ୍ରୟୋଗ କରିବା ଫଳରେ ଏକ ପ୍ରକାର ବାଧ୍ୟ ହୋଇ ମତେ 'କାଳ ଅକାଳ' ଉପନ୍ୟାସର ପ୍ରଥମ ଭାଗ ଲେଖିବାକୁ ହେଲା । କଥାଥିଲା ୫୨ଟି ପରିଚ୍ଛେଦରେ ଏ ଉପନ୍ୟାସ ଶେଷ ହେବ । କିନ୍ତୁ ୨୦୨୦-୨୧ ମସିହାରେ କରୋନା ମହାମାରୀ ସଂକ୍ରମଣ ଯୋଗୁଁ ଗୃହବନ୍ଦୀ ହୋଇ ରହିବା ଫଳରେ ଆହରିତ ତଥ୍ୟ ଆଧାରରେ ଏ ଉପନ୍ୟାସ ବାସ୍ତରି ପରିଚ୍ଛେଦରେ ଶେଷ ହେଲା । ୧୮୬୬ରୁ ୧୮୮୬ ମସିହାର କାଳଖଣ୍ଡ ଉପରେ ଆଧାରିତ ଏହି ଉପନ୍ୟାସ ଏକ ସ୍ୱୟଂସଂପୂର୍ଣ୍ଣ ଉପନ୍ୟାସ, ଛଅ ଶହରୁ ଅଧିକ ପୃଷ୍ଠାର ଏହି ଉପନ୍ୟାସ ମୋର ସର୍ବୋତ୍କୃଷ୍ଟ ଉପନ୍ୟାସ ବୋଲି ମୋର ବିଶ୍ୱାସ । କେବଳ ଦୈନିକ 'ପ୍ରମେୟ'ର ସମ୍ପାଦକ ନୁହନ୍ତି ଓଡ଼ିଶାର ବିଭିନ୍ନ ଅଞ୍ଚଳର ପାଠକମାନେ ଏ ଉପନ୍ୟାସ ମୋ ହାତ ଧରି ଲେଖାଇ ନେଇଛନ୍ତି ।




ବିଭୂତି ପଟ୍ଟନାୟକଙ୍କ ସହ ରବୀନ୍ଦ୍ର ବିଶ୍ୱାଳ

▲ **ଗଳ୍ପ ଉପନ୍ୟାସ ରଚନା ପାଇଁ ଅନୁଭୂତି ଓ କଳ୍ପନାର ଆବଶ୍ୟକତା ଥାଏ, କିନ୍ତୁ ଆଲୋଚନା ଓ ସ୍ତମ୍ଭଲିଖନ ପାଇଁ ଯେଉଁ ବୌଦ୍ଧିକ ଚିନ୍ତନର ଆବଶ୍ୟକତା ଥାଏ ତା ପାଇଁ ଅଧ୍ୟୟନ ବି ଜରୁରୀ, ପଢ଼ନ୍ତି କେତେବେଳେ ?**

● ୧୯୫୬ ଐତିହାସିକ ସୀମା ଆନ୍ଦୋଳନର ନେତୃତ୍ୱ ସହଜତାର ସହିତ ନେବାପରେ ମତେ ଉତ୍କଳ ପ୍ରଜାସୋସିଲିଷ୍ଟ୍ ପାର୍ଟିର ସକ୍ରିୟ ସଭ୍ୟପଦ ମିଳିଥିଲା । ସୋସାଲିଷ୍ଟ୍ ପାର୍ଟି ସାପ୍ତାହିକ ମୁଖପତ୍ର 'କୃଷକ'ର ସମ୍ପାଦନା ଠାରୁ ଆରମ୍ଭ କରି ସୋସାଲିଷ୍ଟ୍ ଛାତ୍ର, ଯୁବ ସଂଗଠନର କର୍ମକର୍ତ୍ତା ଭାବରେ କାର୍ଯ୍ୟ କରିବା ଫଳରେ ମାର୍କ୍ସବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲି । ଏହି ମାର୍କ୍ସବାଦୀ ଚିନ୍ତା ଓ ଚେତନା କେବଳ ମୋ ସାହିତ୍ୟ ଭାବନାକୁ ପ୍ରଭାବିତ କରିନଥିଲା, ବ୍ୟକ୍ତିଗତ ଜୀବନକୁ ମଧ୍ୟ ଅଭିମନ୍ତ୍ରିତ କରିଥିଲା । ଓଡ଼ିଶା ସୋସିଲିଷ୍ଟ୍ ପାର୍ଟିର ନେତା

ଅତ୍ୟନ୍ତ ଉତ୍ସାହର ସହ ଆଉ ଗୋଟେ ଗପ 'ନାରୀ ଓ ପୁରୁଷ' ଲେଖି ସମ୍ମାନଜନକ 'ଝଙ୍କାର' ପତ୍ରିକାକୁ ପଠାଇ ଦେଲେ । କିଛିଦିନ ପରେ ତାହା ମଧ୍ୟ ପ୍ରକାଶ ପାଇଲା, ଯାହା ସେ ଆଦୌ ଆଶା କରିନଥିଲେ ।




କିନ୍ତୁ ଏଇ ଦୁଇଟି ଗପ ତାଙ୍କର ସୃଜନ ସାମର୍ଥ୍ୟକୁ ପ୍ରମାଣିତ କଲା ଓ ସେ କବିତା ଛାଡ଼ି କଥାସାହିତ୍ୟ ଭିତରକୁ ପ୍ରବେଶ କଲେ । ପରେ ଅବଶ୍ୟ ତାଙ୍କର 'ସେ ଏକ ପ୍ରଗଳ୍ଭା ନଦୀ ଓ ଅନ୍ୟାନ୍ୟ କବିତା' ନାମରେ ଖଣ୍ଡିଏ କବିତା ସଂକଳନ ପ୍ରକାଶ ପାଇଛି । ସେ ସେହି କବିତା ସଂକଳନ ସଂପର୍କରେ କହନ୍ତି: ବହୁ ନିର୍ଜନ ମୁହୂର୍ତ୍ତର ସହଚର, ଶୋକାକୁଳ ସମୟର ସାନ୍ତ୍ୱନା ଆଉ ଆବେଗ ଆଲୋଡ଼ିତ ସ୍ମୃତିର ଚାରଣ ସଂଗୀତ- ଏଇ କବିତା ।

ଉପନ୍ୟାସ କ୍ଷେତ୍ରକୁ ବିଭୂତି ବାବୁଙ୍କ ପ୍ରବେଶ ସମୟକୁ ଫକୀରମୋହନଙ୍କ ପରବର୍ତ୍ତୀ କାଳର ଯଶସ୍ୱୀ ଉପନ୍ୟାସକାର ଯଥା କାଳିନ୍ଦୀଚରଣ, କାହ୍ନୁଚରଣ, ଗୋପୀନାଥ, ନିତ୍ୟାନନ୍ଦ ଓ ରାଜକିଶୋର ଓଡ଼ିଆ ଉପନ୍ୟାସର ଏକ ସୁଦୃଢ଼ ଭିତ୍ତିଭୂମି ପକାଇ ସାରିଥିଲେ । ଏ ସମୟ ବିଗତ ଶତାବ୍ଦୀର ପଞ୍ଚମ ଦଶକ କଥା ।

ଆରମ୍ଭ ହେଲା ତାଙ୍କର କଥାଯାତ୍ରା । ଉପନ୍ୟାସ, ଗଳ୍ପର ଏକ ଭବ୍ୟ କୋଣାର୍କ ନିର୍ମାଣ କରିବାକୁ ଓଡ଼ିଆ ସାହିତ୍ୟ ଯେପରି ତାଙ୍କ ଭଳି ଜଣେ ସଫଳସ୍ଥପତିଙ୍କୁ ଅପେକ୍ଷା କରିଥିଲା । ତାଙ୍କର ସେହି ପ୍ରଥମ ଉପନ୍ୟାସ 'ଏଇ ଗାଁ, ଏଇ ମାଟି' ପଢ଼ି ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ଲେଖିଲେ, ମୋର ମନେ ହୋଇଥିଲା, ଶ୍ରୀ ଗୋପୀନାଥ ମହାନ୍ତିଙ୍କ ପରେ ଓଡ଼ିଶାରେ ଆଉ ଉପନ୍ୟାସ ପ୍ରତିଭା ଜନ୍ମ ହୋଇନି । ମାତ୍ର ତମେ ମୋ ଭିତରେ କି ବିରାଟ ଆଶା ଜାଗ୍ରତ କରିଦେଲ ବିଭୂତି ! ତମ ଭିତରେ କି ବିରାଟ ଔପନ୍ୟାସିକ ପ୍ରତିଭା ଲୁଚି ରହିଚି ! ଉତ୍କଳ ସରସ୍ୱତୀ ଦରିଦ୍ରା- ମାତ୍ର ତୁମେ ତା'ର ଯୋଗ୍ୟତମ ପୁତ୍ର ହୁଅ ।

ସତରେ ଏ ଯୋଗ୍ୟତା ବହୁ ଭାବରେ ହାସଲ କରିଛନ୍ତି ସ୍ରଷ୍ଟା ବିଭୂତି ପଟ୍ଟନାୟକ । ଓଡ଼ିଆ କଥାସାହିତ୍ୟକୁ ଏକ ବିପୁଳ ପାଠକ ଗୋଷ୍ଠୀ ଦେବାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ବୟସ ନିର୍ବିଶେଷରେ ପଲ୍ଲୀ ଠାରୁ ଦିଲ୍ଲୀ ଯାଏଁ ତାଙ୍କ ଉପନ୍ୟାସର ପାଠକ ସଂଖ୍ୟା ଅଗଣନ । ଏତେ ପାଠକୀୟ ଲୋକପ୍ରିୟତା କ୍ୱଚିତ ଲେଖକଙ୍କ ଭାଗ୍ୟରେ ଜୁଟିଥାଏ । ତାଙ୍କ ଉପନ୍ୟାସର କଥା ପରିଧି ଏକ ସୁବିସ୍ତୃତ ପଟ୍ଟଭୂମି ଉପରେ ଠିଆ ହୋଇଥାଏ । ସମାଜ ଓ ଜୀବନର ବିଭିନ୍ନ ପ୍ରସଙ୍ଗକୁ ତାଙ୍କ ସୃଷ୍ଟିରେ ଏତେ ସୂକ୍ଷ୍ମ ଓ ସାବଲୀଳ ଢଙ୍ଗରେ ଯୋଡ଼ି ଥାନ୍ତି ଯେ ସେଥିରେ ପାଠକଟି ନିଜ ମାଟିର ବାସ୍ନା ପାଇବା ସହ ନିଜକୁ ମଧ୍ୟ ପାଇଥାଏ । ସେଥିପାଇଁ ତାଙ୍କ ଉପନ୍ୟାସ ସବୁ ପାଠକ ପାଠିକାମାନଙ୍କର ଆପଣାର ଓ ଆକର୍ଷଣୀୟ । ନିଜ କାଳଖଣ୍ଡକୁ ସେ ସଠିକ୍ ଭାବେ ପଢ଼ିଥାଆନ୍ତି ଓ




ସାରଙ୍ଗଧର ଦାସ, କିଶନ ପଟ୍ଟନାୟକ, ବାଙ୍କ ବିହାରୀ ଦାସ ପ୍ରମୁଖ ଯେପରି ମୋ ସାମ୍ବାଦିକ ଓ ସାହିତ୍ୟ ଭାବନାକୁ ପ୍ରଭାବିତ କରିଥିଲେ ଅଶୋକ ମେହେଟ୍ଟା, ମଧୁ ଦଣ୍ଡବତେ, ଚନ୍ଦ୍ରଶେଖର, ପ୍ରେମରଞ୍ଜନ ପ୍ରମୁଖ ସର୍ବଭାରତୀୟ ନେତା ସେହିପରି ମୋ ରାଜନୈତିକ ଚେତନାକୁ ପ୍ରସାରିତ କରିଥିଲେ । ଏହିସବୁ ଅପୂର୍ବ ଅଭିଜ୍ଞତା ରାଜନୈତିକ ସ୍ତମ୍ଭରଚନା ପାଇଁ ମତେ ବହୁ ଭାବରେ ସହାୟତା କରିଛି ।

**▲ଆପଣଙ୍କ ସୃଜନର ପ୍ରାରମ୍ଭିକ ସମୟ ଠାରୁ ଏଯାବତ୍ ଅବଧି ଭିତରେ ବହୁ ସାମାଜିକ ରାଜନୈତିକ ଓ ଭୌତିକ ପରିବର୍ତ୍ତନକୁ ଆପଣ ଲକ୍ଷ୍ୟ କରିଛନ୍ତି ଓ ଲେଖିଛନ୍ତି ମଣିଷ କେଉଁଭଳି ପରିବର୍ତ୍ତନକୁ ଆପଣ ପ୍ରଶଂସା ବା ନିନ୍ଦା କରିବେ ?**

● ପ୍ରତି ମଣିଷ ବଞ୍ଚି ରହିବା ପାଇଁ ଖାଆନ୍ତି, କିନ୍ତୁ ଯେଉଁମାନେ ଖାଇବା ପାଇଁ ବଞ୍ଚନ୍ତି ସେମାନଙ୍କୁ ମୁଁ ସହ୍ୟ କରିପାରେ ନାହିଁ ।

**▲ଆପଣ ଯେତେ ଚରିତ୍ର, ଯେତେ ଘଟଣାସବୁ ଲେଖି ସାରିଲେଣି, ଅବଶିଷ୍ଟ କିଛି ରହିଗଲା ବୋଲି ଭାବନ୍ତି କି ? ଆପଣଙ୍କ ପ୍ରାକ୍ ପ୍ରସ୍ତୁତିଟି କିପରି ଥାଏ ?**

● ସମୟର ପରିବର୍ତ୍ତନ ସହ ମଣିଷର ଚରିତ୍ରର ପରିବର୍ତ୍ତନ ଘଟେ, ଆମେ କଲେଜ୍‌ରେ ପଢ଼ିଲା ବେଳେ ଟିଭି ନଥିଲା, ମୋବାଇଲ୍ ଫୋନ୍ ଥିଲା, କଂପ୍ୟୁଟର, ଲାପଟପ୍ ନଥିଲା । କିନ୍ତୁ ଆମର ନାତି, ନାତୁଣୀମାନେ ସ୍ମାର୍ଟଫୋନ, ଲ୍ୟାପଟପ୍, ନହେଲେ ଚାରିଆଡ଼ ଅନ୍ଧାର ଦେଖନ୍ତି । ଇଲେକଟ୍ରୋନିକ ମିଡ଼ିଆ, ସ୍ମାର୍ଟଫୋନ୍, ଲାପଟପ୍ କେବଳ ଜୀବନ ଓ ଜୀବିକାକୁ ବଦଳାଇ ଦେଇନି, ସେମାନଙ୍କ ଜୀବନର ଘଟଣାର ଗତିପଥ ମଧ୍ୟ ବଦଳାଇ ଦେଇଛି । ତେଣୁ ଏ ନୂତନ ପ୍ରଜନ୍ମର ନୂଆ ମଣିଷ ଏବଂ ସେମାନଙ୍କ ଜୀବନରେ ଘଟୁଥିବା ଘଟଣା, ଦୁର୍ଘଟଣାକୁ ଲକ୍ଷ୍ୟ କଲେ, ନୂଆ ଗଳ୍ପ, ଉପନ୍ୟାସର ଥିମ୍ ଆପେ ଆପେ ମନକୁ ଆସିଯାଏ । ଏଥିପାଇଁ ପୂର୍ବ ପ୍ରସ୍ତୁତିର ପ୍ରୟୋଜନ ହୁଏ ନାହିଁ ।

**▲ପ୍ରେମକୁ ନେଇ ଆପଣଙ୍କର ବହୁ ଚମତ୍କାର ଲେଖକୀୟ ଅଭିବ୍ୟକ୍ତି ଅଛି, ବ୍ୟକ୍ତିଗତ ଅନୁଭୂତି କିଛି ଅଛି କି ? (କ୍ଷମା କରିବେ)**

● ପ୍ରେମ ଏକ ହୃଦୟ ଘଟିତ ବ୍ୟାପାର, ଆଦୌ ଶାରୀରିକ ନୁହେଁ, ପ୍ରେମିକା ହୁଅନ୍ତୁ, କି ପାଠିକା ହୁଅନ୍ତୁ, ନାରୀକୁ ସମ୍ମାନ କରିବା ପ୍ରତି ପୁରୁଷର କର୍ତ୍ତବ୍ୟ ବୋଲି ମୁଁ ମନେକରେ । ବ୍ୟକ୍ତିଗତ ଜୀବନରେ ପତ୍ନୀଙ୍କୁ ପ୍ରେମ ଓ ପ୍ରେମିକାକୁ ସମ୍ମାନ କରିବା ମୁଁ ସାରଙ୍ଗଧର ଦାସ ଓ ତାଙ୍କର ପ୍ରେମିକା ପତ୍ନୀ ଫ୍ରିଡ଼ାଙ୍କ ଠାରୁ ମୁଁ ଶିକ୍ଷା କରିଛି ।


**▲ଆପଣଙ୍କ ଲେଖକୀୟ ଜୀବନ ଭିତରେ ଅସଂଖ୍ୟ ପ୍ରଶ୍ନର ଉତ୍ତର ଦେଇ ସାରିଥିବେ, ଏବେ ବି ସେ ଧାରା ବନ୍ଦ ନାହିଁ । ସାକ୍ଷାତକାରର ଅନୁଭୂତି ଆପଣଙ୍କର ଅଜସ୍ର । ଆପଣ ତଥାପି ଭାବନ୍ତିକି ଆହୁରି ବହୁ ପ୍ରଶ୍ନ ଆପଣଙ୍କୁ ପଚରା ଯାଇନାହିଁ ?**

● ସାକ୍ଷାତକାର ନେଇଥିବା ପ୍ରତ୍ୟେକ ପ୍ରଶ୍ନକର୍ତ୍ତା ନିଜେ ଜାଣିଥିବା ବିଷୟରେ ମତେ ପ୍ରଶ୍ନ କରନ୍ତି, ସେଥିରୁ ଅଧିକାଂଶ ପ୍ରଶ୍ନ ମୋ ଗଳ୍ପ, ଉପନ୍ୟାସ ସଂପର୍କରେ । କିନ୍ତୁ ମୁଁ ଯେ ମୋ 'କହି ଜାଣିଲେ କଥା ସୁନ୍ଦର' ପୁସ୍ତକ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମ ଶିଶୁସାହିତ୍ୟ ପୁରସ୍କାର ପାଇଥିଲି ଏବଂ 'ନୌକା ନଗରୀର ନୀଳପରୀ' ଏବଂ 'ଖରାବର୍ଷାର ଖେଳ' ନାମକ ଦୁଇଟି ମୌଳିକ କିଶୋର ଉପନ୍ୟାସ ଲେଖିଛି, ସେ ବିଷୟରେ କେହିକେବେ ପ୍ରଶ୍ନ କରିନାହାନ୍ତି । ଏପରିକି ୧୯୬୮-୬୯ ମସିହାରେ ୟୁନିଭର୍ସିଟି ଇଭିନିଂ କଲେଜ୍‌ରେ ଏବଂ ପିଏସ୍‌ସି

# ବିଭୂତିଙ୍କ ସଂପର୍କରେ କିଛି ତଥ୍ୟ କିଛି ସତ୍ୟ

▶କ୍ଲାସ ନାଇନ୍ କିମ୍ବା ଟେନ୍‌ରେ ପଢ଼ିବା ବେଳେ ସେ ଲେଖିଥିଲେ ଏକ ରହସ୍ୟ ଉପନ୍ୟାସ, 'ସର୍ବହରାର ଅଟ୍ଟହାସ୍ୟ' । ତାହା ତାଙ୍କର କଲେଜ୍ ଜୀବନ ଆରମ୍ଭ ବେଳେ ୧୯୫୪ ମସିହାରେ କଟକରୁ ପ୍ରକାଶିତ ହୋଇଥିଲା । ଏଥିପାଇଁ ସେ ସମୟରେ ସେ ପାଇଥିଲେ ଚାଳିଶ ଟଙ୍କା ରୟାଲିଟି ।

▶୧୯୫୭ ମସିହାରେ ଷଢ଼େଇକଳା, ଖରସୁଁଆଙ୍କୁ ଓଡ଼ିଶାରେ ନମିଶାଇବାରୁ ଯେଉଁ ସୀମା ଆନ୍ଦୋଳନ ହୋଇଥିଲା, ସେଥିରେ ସେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେତେବେଳେ ସେ ଥିଲେ ଖ୍ରୀଷ୍ଟ କଲେଜ ଛାତ୍ର ୟୁନିୟନର ସଭାପତି ଓ ନିଖିଳ ଉତ୍କଳ ଛାତ୍ର ୟୁନିୟନର ସାଧାରଣ ସମ୍ପାଦକ । ସେ ଗିରଫ ହୋଇ ପୋଲିସ ଅତ୍ୟାଚାରର ସମ୍ମୁଖୀନ ହୋଇଥିଲେ । ଏହି ଐତିହାସିକ ସୀମା ଆନ୍ଦୋଳନ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା ।



▶ନବମ ଶ୍ରେଣୀରେ ପଢ଼ିଲା ବେଳେ ତାଙ୍କର ଏକ କବିତା 'ଗାଁ ଟାଉଟର' ପ୍ରଜାତନ୍ତ୍ର ମୀନାବଜାର ପୃଷ୍ଠାରେ ଛପା ହୋଇଥିଲା । ତାଙ୍କ ଗାଁର ଜଣେ ମକଦ୍ଦମାଖୋର ମାମଲତକାର ଟାଉଟର ଶ୍ରେଣୀର ଲୋକ ସେ କବିତା ତାଙ୍କୁ ନେଇ ଲେଖାଯାଇଚି ବୋଲି ଅଭିଯୋଗ କରି ଥାନା, ଫାଣ୍ଡି କୋର୍ଟ କଚେରୀ ପର୍ଯ୍ୟନ୍ତ ଯିବାକୁ ଧମକ ଦେଲେ । ଥାନାରେ ମଧ୍ୟ ତାଙ୍କର ପ୍ରଭାବ ଥିଲା । ଗାଁ ମଠଦାଣ୍ଡରେ ନିଶାପ ବସିଲା । ଏତେ ଝମେଲାକୁ ଗଲେ ପୁଅର କ୍ଷତି ହେବ ବୋଲି ତାଙ୍କର ଶିକ୍ଷକ ପିତା ନିଶାପରେ କ୍ଷମା ମାଗିଲେ । ଏହାପରେ ବିଭୂତିଙ୍କ ଉପରେ ଯେ ବାପାଙ୍କର ଗାଳିମାଡ଼ ବର୍ଷିବ, ଏହା ଆଶଙ୍କା କରିଥିଲେ । କିନ୍ତୁ ନିଶାପରୁ ଫେରିବା ବାଟରେ ବାପା ତାଙ୍କ ମୁଣ୍ଡ ଆଉଁସି ଦେଇ କହିଲେ, "ତୁ ଠିକ୍ ଲେଖିଛୁ । ଏଣିକି ବେଶି ବେଶି ଲେଖ୍ ।" ଏଇ କଥା ପଦକୁ ତାଙ୍କୁ ହଜାର ହଜାର ମାଇଲ ଅନ୍ଧକାରର ସୁଡ଼ଙ୍ଗ ଅତିକ୍ରମ କରି ଆଲୋକର ସ୍ୱର୍ଗୋଦ୍ୟାନରେ ପହଞ୍ଚାଇ ଦେଇଥିଲା । ତାପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି ।

▶ସେ ଓଡ଼ିଆ ଭାଷାର ଏକମାତ୍ର ଲେଖକ ଯିଏ ନିଜ ରୟାଲିଟି ଉପଲବ୍ଧ ଅର୍ଥରୁ ଆୟକର ଦେଉଥିଲେ । ତାଙ୍କର ପ୍ରେମିକା, ବଧୂ ନିରୁପମା, ନାୟିକାର ନାମ ଶ୍ରାବଣୀ, ଛପଳଛନ୍ଦା ଉପନ୍ୟାସରୁ ୨୦ରୁ ଅଧିକ ସଂସ୍କରଣ ପ୍ରକାଶିତ ହୋଇସାରିଛି ।

▶ସେ ଥରେ ପୁରୀ, ଜଗନ୍ନାଥ ଦର୍ଶନରେ ଯାଇଥାନ୍ତି । ହଠାତ୍ ଜଣେ ପଣ୍ଡା ତାଙ୍କୁ ଦେଖି ପାଖକୁ ଆସି କହିଲା, "ଆସନ୍ତୁ, ମୁଁ ଆପଣଙ୍କୁ ଦର୍ଶନ କରାଇ ଦେବି ।" ତାଙ୍କ ସହ ଯାଇ ଦର୍ଶନ ପରେ ପଣ୍ଡା ଜଣକ ମାଳପୁଆ ପୁଳେ ମଧ୍ୟ ବାନ୍ଧିଦେଲେ । ବିଭୂତି ତାଙ୍କୁ କିଛି ପଇସା ଦେବାକୁ ବାହାରିବାରୁ ସେ କହିଲେ, "ମୁଁ ଆପଣଙ୍କୁ ବହୁତ ପଢ଼ିଛି । ବହୁତ ଖୁସି ଦେଇଛନ୍ତି ଆପଣ । ଆପଣଙ୍କ ଠୁଁ ପଇସା ନେବି ? ମୁଁ ଆପଣଙ୍କୁ ଜାଣେ । ଆପଣ ବିଭୂତି ପଟ୍ଟନାୟକ ।"

ପାଇଲା ପରେ ୧୯୭୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ସରକାରୀ କଲେଜରେ ଓଡ଼ିଆ ଭାଷାସାହିତ୍ୟର ପ୍ରାଧ୍ୟାପକ ଥିଲି, ସେସବୁ ସଂପର୍କରେ କେହି କେବେ ପ୍ରଶ୍ନ ପଚାରି ନାହାନ୍ତି ।

**▲ଏ ସମୟରେ ଲେଖାଯାଉଥିବା ଗଳ୍ପ ଉପନ୍ୟାସ ସଂପର୍କରେ ଆପଣଙ୍କ ମୋଟାମୋଟି ଧାରଣାଟି କ'ଣ ? ଆପଣ କେତେ ଆଶାବାଦୀ ?**

● ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ, ଉପନ୍ୟାସର ଲେଖକମାନଙ୍କ ମଧ୍ୟରୁ ଅନେକ ସୁଖପାଠ୍ୟ ଗଳ୍ପ ଉପନ୍ୟାସ ଲେଖୁଛନ୍ତି । କିନ୍ତୁ ସେମାନଙ୍କ ଗଳ୍ପ ଉପନ୍ୟାସ ପାଠକମାନଙ୍କ ମନକୁ ପାଇଥିଲେ ମଧ୍ୟ ହୃଦୟକୁ ସ୍ପର୍ଶ କରିପାରୁ ନାହିଁ । କଥାବସ୍ତୁର ଭାବବସ୍ତୁ (ଥିମ୍) ଅପେକ୍ଷା ଶୈଳୀ ଓ ବାକ୍ ଚାତୁର୍ଯ୍ୟ ଉପରେ ସେମାନେ ଅଧିକ ଗୁରୁତ୍ୱ ଦେବା ଫଳରେ, ମନେ ହେଉଛି, ସେମାନେ ପାଠକର ହୃଦୟ ଠାରୁ ଦୂରରେ ରହି ଯାଉଛନ୍ତି । ସେଥିପାଇଁ ଏକବିଂଶ ଶତାବ୍ଦୀରେ ମଧ୍ୟ ବିଂଶ ଶତାବ୍ଦୀର ସପ୍ତମ ଦଶକରେ ଗାଳ୍ପିକ, ଔପନ୍ୟାସିକ ସାଂପ୍ରତିକ ଓଡ଼ିଆ କଥାସାହିତ୍ୟରେ ପ୍ରାଧାନ୍ୟ ବିସ୍ତାର କରି ରହିଛନ୍ତି ।

**▲ଜୀବନପାତ୍ର ମୋ ଭରିଚ କେତେ ମତେ' ପରେ ଆପଣ ସତରେ କ'ଣ ସେତିକି ଭରାପାତ୍ରରେ ସନ୍ତୁଷ୍ଟ ?**

● 'ଜୀବନ ପାତ୍ର ମୋ ଭରିଛ କେତେ ମତେ' ମୋ ଅଶୀ ବର୍ଷ ଜୀବନର ଅନ୍ତରଙ୍ଗ ସତ୍ୟପାଠ । ଅଶୀ ବର୍ଷ ପରେ ମଧ୍ୟ ମୋ ଜୀବନ ସ୍ରୋତ ପ୍ରବହମାନ । ବନ୍ଧୁ ମନୋଜ ଦାସଙ୍କ ପରାମର୍ଶ ମାନି ଆଉ ନୂଆ କିଛି ନଲେଖି, ଯାହା ଲେଖି ସାରିଛି ତାକୁ ଆବଶ୍ୟକ ସ୍ଥଳେ ସଂଶୋଧନ କରି ପରବର୍ତ୍ତୀ ପିଢ଼ିର ପାଠକମାନଙ୍କ ପାଇଁ ଡିଜିଟାଲ୍ ଫର୍ମରେ ସାଇତି ରଖିବାକୁ ତାଙ୍କ ପରାମର୍ଶ ମୁଁ ଗ୍ରହଣ କରିପାରି ନାହିଁ, ମୁଁ ଅମରତ୍ୱରେ ବିଶ୍ୱାସ କରେ ନାହିଁ । ଜୀବନ ପାତ୍ର ଅପୂର୍ଣ୍ଣ ରହିଲେ ବି ମୋର ଦୁଃଖ ନାହିଁ, ଲେଖିବା ପାଇଁ ମୁଁ ବଞ୍ଚିଛି । ବଞ୍ଚିବା ପାଇଁ ଲେଖିବାରେ ମୁଁ ବିଶ୍ୱାସ କରେନାହିଁ ।

**▲ଆପଣଙ୍କ ଅଜସ୍ର ସୃଷ୍ଟିସମ୍ଭାର ଭିତରେ ଆପଣଙ୍କ ଚିନ୍ତା ଚେତନାର ପୁନଃକଥନ ବା ରିପିଟେସନ୍ କେବେ ହୋଇଛି କି ? ଆପଣଙ୍କ ସୃଜନ ଆରମ୍ଭ ଠାରୁ କେଉଁ ସମୟଟି ଆପଣଙ୍କ ଲେଖକୀୟ ଦର୍ଶନକୁ ସବୁଠୁ ଅଧିକ ସଫଳ କରିଛି ବୋଲି ଆପଣ ଭାବନ୍ତି ?**

● ମୁଁ ଆରମ୍ଭ କଲାବେଳେ ଉପନ୍ୟାସଟିକୁ ଯେପରି ଭାବରେ ଲେଖିବି ବୋଲି ଭାବିଥାଏ, ଶେଷ ହେଲା ପରେ ମନେହୁଏ ଠିକ୍ ସେହିପରି ଲେଖି ପାରିଲି ନାହିଁ । ଏହି ଅସନ୍ତୋଷ, ଅତୃପ୍ତି ମୋତେ ନୂଆ ଉପନ୍ୟାସ ଲେଖିବା ପାଇଁ ପ୍ରେରଣା ଦିଏ । ହିନ୍ଦୁ କୋର୍ଡ଼ ବିଲ୍ ପାଶ୍ ହେଲାପରେ ବିବାହ ବିଚ୍ଛେଦକୁ ନେଇ 'ଛାୟା ଚନ୍ଦ୍ରିକା' ଉପନ୍ୟାସ ଲେଖିଲି । କିନ୍ତୁ ବିବାହ ବିଚ୍ଛେଦ ଯନ୍ତ୍ରଣାକୁ ଯେପରି ଭାବରେ ଫୁଟାଇବାକୁ ଚାହିଁଥିଲି ଉପନ୍ୟାସ ଶେଷ ହେଲା ପରେ ଦେଖିଲି ତାହା କରିପାରି ନାହିଁ । କାହାଣୀ ଭିନ୍ନ ମୋଡ଼ ନେଇଛି । ସେଥିପାଇଁ ସେଇ ଗୋଟିଏ ଥିମ୍‌କୁ ନେଇ ଆଉ ଏକ ଉପନ୍ୟାସ ହେଲା । ସେ ଉପନ୍ୟାସର ନାମ ଥିଲା 'ପାପପୁଣ୍ୟ' । ବିବାହ ବିଚ୍ଛେଦ ଉଭୟ ଉପନ୍ୟାସର ଭାବବସ୍ତୁ ଏକ ହେଲେ ମଧ୍ୟ କଥାବସ୍ତୁ ସଂପୂର୍ଣ୍ଣ ଭିନ୍ନ । 'ଛପଳଛନ୍ଦା' ସବୁ ସମୟର ମୋର ଶ୍ରେଷ୍ଠ ଉପନ୍ୟାସ ବୋଲି ମୋର ଧାରଣା ।





www.bharatmasala.in
THE TASTE OF NEW INDIA
JBSPL
BHARAT™
MASALA
ଭାରତର ସର୍ବବୃହତ କ୍ରାୟୋଜେନିକ୍ ସ୍ପାଇସ୍ ଗ୍ରାଇଣ୍ଡିଂ ପ୍ଲାଣ୍ଟ ଏବେ ଭାରତ ମସଲା ରେ
କ୍ରାୟୋଜେନିକ୍ ସ୍ପାଇସ୍ ଗ୍ରାଇଣ୍ଡିଙ୍ଗ ପ୍ଲାଣ୍ଟରେ (-190° ରେ) ପ୍ରସ୍ତୁତ ମସଲାର ବୈଶିଷ୍ଟ୍ୟ
ଶିଳବଟା ମସଲାର ପ୍ରାକୃତିକ ସ୍ୱାଦ, ରଙ୍ଗ ଓ ବାସ୍ନା
ଖଣ୍ଡ ରହିତ କ୍ଷୁଦ୍ର, ସୁକ୍ଷ୍ମ ମସଲା ଦାନା
ବାଷ୍ପଶୀଳ ଓ ଇଥରୀୟ ତୈଳ ସୁକ୍ଷିତ
ସ୍ୱଳ୍ପ ମସଲାର ଆବଶ୍ୟକତା
ଗୁଣ୍ଡରହିତ ଓ ସ୍ୱାସ୍ଥ୍ୟ ବର୍ଦ୍ଧକ
THE TASTE OF NEW INDIA
ସବୁ ଗୃହୀଣିଙ୍କ ପ୍ରଥମ ପସନ୍ଦ ଭାରତ ମସଲା
ସେଇ ପୁରୁଣା ଶିଳବଟା ମସଲାର ମଜାନିଅନ୍ତୁ...
GARAM MASALA
Turmeric Powder
JHAL LAL
Meat
available at
amazon
snapdeal
E-mail: jbspl@bharatmasala.in | Toll Free : 1800 345 11135 | Web : www.bharatmasala.in

# ମତ ମନ୍ତବ୍ୟରେ ବିଭୂତି



ଓଡ଼ିଆ କଥା ସାହିତ୍ୟର ସଂପର୍କ ପରିସରକୁ ବ୍ୟାପକତର କରିବା ଦିଗରେ ବିଭୂତିବାବୁଙ୍କ ଅବଦାନ ସଂପର୍କରେ ସମୀକ୍ଷା ହୋଇଛି ଏବଂ ଆହୁରି ଅଧିକ ହେବ । କିନ୍ତୁ ଜଣେ ବିବେକୀ ଏବଂ ବିନମ୍ର ଗୁଣଗ୍ରାହୀ ଭାବରେ ସେ ମୋ ଦୃଷ୍ଟିରେ ମହତ୍ ।

**● ମନୋଜ ଦାସ**



ବିଭୂତି ପଟ୍ଟନାୟକ ଓଡ଼ିଆ ପାଠକର ପ୍ରିୟତମ ଔପନ୍ୟାସିକ । ଏହି ଔପନ୍ୟାସିକଙ୍କ ଲୋକପ୍ରିୟତା ଏକ କିମ୍ବଦନ୍ତୀୟ ଶିଖରରେ ଦଣ୍ଡାୟମାନ । ପ୍ରେମ ଗଳ୍ପର ସୌଦାଗର ବେଶ ତାଙ୍କର ପରିଚିତ ବେଶ । କିନ୍ତୁ ସାମାଜିକ ରାଜନୈତିକ ଗଳ୍ପର ବେଶ ତାଙ୍କର ପ୍ରକୃତ ବେଶ । କାରଣ ଜୀର୍ଣ୍ଣ ବସ୍ତ୍ର ଭିତରେ ସେ ଲୁଚାଇ ରଖି ପାରନ୍ତି ଏଭଳି ମାରଣାସ୍ତ୍ର, ଯାହା ପ୍ରେମକୁ ମଧ୍ୟ ଧ୍ୱଂସ କରି ଦେଇପାରେ ।

**● ହର ପ୍ରସାଦ ଦାସ**



ନାଟକୀୟ ଆରମ୍ଭ ଉତ୍କଣ୍ଠାମୟ ଗତି ଏବଂ ହୃଦୟ ସଂବେଦୀ ପରିଣାମର ରୂପ ଧର୍ମକୁ ନେଇ ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ଓଡ଼ିଶାର ବାଙ୍ମୟ କଥା ସାହିତ୍ୟ ପରମ୍ପରାରେ ଯେତିକି ଗଣପ୍ରିୟ ସେତିକି ସ୍ମରଣୀୟ ଭାବ ପିଣ୍ଡ ନିର୍ମାଣରେ ବେଶ୍ ଦୃଷ୍ଟାନ୍ତଶୀଳ ।

**● ଡ. ସନ୍ତୋଷ ତ୍ରିପାଠୀ**



ଓଡ଼ିଆ ଗଳ୍ପ ସାହିତ୍ୟର ବସନ୍ତ କୋକିଳ କଥାଶିଳ୍ପୀ ବିଭୂତି ପଟ୍ଟନାୟକ । ସାମାଜିକ ବାସ୍ତବତା ସହିତ ରୋମାଣ୍ଟିକ ଭାବଚେତନା ତାଙ୍କ ଗଳ୍ପର ମୂଳବିନ୍ଦୁ ହେଲେ ହେଁ ଯୁବ ମାନସିକତାର ପ୍ରେମକୁ ଭାବନା ଏବଂ ମଣିଷର ଅବଚେତନ ମନର ଗଭୀର ରହସ୍ୟବୋଧର ଜଣେ ଚମତ୍କାର ବ୍ୟବଚ୍ଛେଦକାରୀ । ବିଶେଷକରି ଓଡ଼ିଆ କଥାସାହିତ୍ୟକୁ ପଲ୍ଲୀର ଅବଗୁଣ୍ଠନବତୀଙ୍କ ଠାରୁ ଆରମ୍ଭ କରି ସହରୀ ସଭ୍ୟତାରେ ଜୀବନ ବଞ୍ଚୁଥିବା ମଣିଷ ନିକଟରେ ପହଞ୍ଚାଇବା କ୍ଷେତ୍ରରେ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ।

**● ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ**



ପରିମାଣ ଦୃଷ୍ଟିରୁ ସୁମାରି କଲେ ବିଭୂତି ପଟ୍ଟନାୟକଙ୍କ କଥାଜଗତ ଅନ୍ୟ ସମସ୍ତ କଥାଶିଳ୍ପୀଙ୍କ ଠାରୁ ହେବ ସର୍ବାଧିକ । ଗଳ୍ପରେ ହେଉ କି ଉପନ୍ୟାସରେ ସବୁଠି ବାରି ହୋଇପଡ଼େ ବିଭୂତିଙ୍କ ଆଧିପତ୍ୟ । ଓଡ଼ିଆ କଥାସାହିତ୍ୟର ଜଗତରେ ସେ ହେଉଛନ୍ତି ସର୍ବଶ୍ରେଷ୍ଠ ରୋମାଣ୍ଟିକ କଥାଶିଳ୍ପୀ । କଳାତ୍ମକ ଦିଗ ଓ ଦୃଷ୍ଟିକୋଣରୁ ତାଙ୍କର ପ୍ରତିଟି କଥା ସାହିତ୍ୟ ହେଉଚି ସଫଳ ପୁଣି ଅନବଦ୍ୟ । ତେବେ ବିଭୂତିଙ୍କ ପ୍ରତିଭାର ଶେଷ୍ଠତା ଏବଂ ସିଦ୍ଧିର ପ୍ରମାଣ ପରିଲକ୍ଷିତ ହୋଇଥାଏ ତାଙ୍କ ସ୍ୱଳ୍ପରଚନାମାନଙ୍କରେ । ଜଣେ ଅଦ୍ୱିତୀୟ ସଫଳ ସ୍ରଷ୍ଟା ଭାବରେ ତାଙ୍କର ସ୍ଥାନ ହେଉଛି ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ।

**● ଡକ୍ଟର ବେଣୁଧର ପାଢ଼ୀ**



ଓଡ଼ିଶାରେ ଏଭଳି ଖଣ୍ଡିଏ ଗାଁ ନାହିଁ ଯେଉଁଠି ଶ୍ରୀ ବିଭୂତି ପଟ୍ଟନାୟକଙ୍କ ନାଁ ଶୁଣିଥିବା ଜଣେ ଲୋକ ନାହାନ୍ତି । ଓଡ଼ିଆ ଭାଗବତର କବି ଶ୍ରୀ ଜଗନ୍ନାଥ ଦାସଙ୍କ ପରି ବିଭୂତି ପଟ୍ଟନାୟକ ଓଡ଼ିଶାରେ ଅତ୍ୟନ୍ତ ଲୋକପ୍ରିୟ । ଜଗନ୍ନାଥ ଦାସ ଯେମିତି ଗଣକବି, ବିଭୂତିବାବୁ ସେମିତି ଗଣ ଲେଖକ, ସାମାଜିକ ବାସ୍ତବତାର ରୂପକାର ।

**● ଗୌରହରି ଦାସ**



ମୋର ସଦ୍ୟତମ ଗଳ୍ପ ସଂକଳନ 'କଥା ଶୁଭେ ଲଥା ଲୁଚିଯାଏ' ତାଙ୍କୁ ଉତ୍ସର୍ଗ କରି ଲେଖିଛି, ଯାହାଙ୍କର ଉପନ୍ୟାସମାନ ପଢ଼ି କିଶୋର ବୟସରେ ଗଳ୍ପ ରଚନା କରିବାକୁ ପ୍ରେରଣା ପାଇଥିଲି ଓଡ଼ିଆ କଥା ସାହିତ୍ୟ ଜଗତର ସେହି ସର୍ବାଧିକ ଲୋକପ୍ରିୟ ସ୍ରଷ୍ଟା, ମୋର ପୂଜାସ୍ପଦ ଶ୍ରୀଯୁକ୍ତ ବିଭୂତି ପଟ୍ଟନାୟକଙ୍କୁ ମୁକ୍ତ ତଥା ଦୃଢ଼ ସ୍ୱରରେ ମୁଁ କହିବାକୁ ଚାହେଁ ଯେ ଅଗଣିତ ପାଠକ ସୃଷ୍ଟି କରିବା ସହିତ ନୂଆଲେଖକମାନଙ୍କୁ ଉତ୍ସାହ ଓ ସମର୍ଥନ ଦେବା ଦିଗରେ ସେ ନିର୍ବିକଳ୍ପ ଅଟନ୍ତି

**● ସଦାନନ୍ଦ ତ୍ରିପାଠୀ**

ତାଙ୍କୁ ବାଦ୍ ଦେଇ ଓଡ଼ିଆ ଉପନ୍ୟାସର କଳ୍ପନା ମଧ୍ୟ ସମ୍ଭବ ନୁହେଁ । ଓଡ଼ିଆ ଉପନ୍ୟାସର ସବୁଠୁ ମହାନ ପରଂପରା ପାଖରେ ପହଞ୍ଚିବାକୁ ହେଲେ ବିଭୂତି ବାବୁଙ୍କ ବାଟ ଦେଇ ଯିବାକୁ ଓଡ଼ିଆ ପାଠକ ବାଧ୍ୟ । କାହ୍ନୁଚରଣ ମହାନ୍ତିଙ୍କ ପରେ ଓଡ଼ିଆ ଲୋକପ୍ରିୟ ଉପନ୍ୟାସର ଶ୍ରେଷ୍ଠତମ ମହାନାୟକ ସେ । ଅସରନ୍ତି କଥା ଓ କାହାଣୀର ସେ ଚଳନ୍ତି ବର୍ଣ୍ଣବୋଧ ।

**● ଓଡ଼ିଆ ଡଟ୍ କମ**

# ବିଭୂତି ପଟ୍ଟନାୟକଙ୍କ ସାରସ୍ୱତ ସମ୍ଭାର

## ଉପନ୍ୟାସ

୦୧. ଶେଷ ବସନ୍ତ- ୧୯୬୨ (ପ୍ରଥମେ 'ଜନସାହିତ୍ୟ' ପତ୍ରିକାରେ ୧୯୫୫ ମସିହାରେ ପ୍ରକାଶିତ), ୦୨.ପ୍ରିୟ ବାନ୍ଧବୀ-୧୯୫୫, ୦୩.ପ୍ରେମ ଓ ପୃଥିବୀ- ୧୯୫୭, ୦୪.ଟୋପାଏ ସିନ୍ଦୂର ଦିପଟ ଶଙ୍ଖା- ୧୯୫୮, ୦୫. ଦିନଯାଏ ଚିହ୍ନ ରହେ- ୧୯୫୯, ୦୬. କଳାବତୀ-୧୯୫୯, ୭.ଗାରେ କଜ୍ଜ୍ୱଳ ଧାରେ ଲୁହ-୧୯୬୦, ୦୮. ହେ ବନ୍ଧୁ ବିଦାୟ-୧୯୬୦, ୦୯. ପ୍ରଥମ ସକାଳ-୧୯୬୧, ୧୦. ଚପଳ ଛନ୍ଦା-୧୯୬୧, ୧୧. ଏଇ ଗାଁ ଏଇ ମାଟି- ୧୯୬୨, ୧୨. ଚହଲା ପାଣିର ଢେଉ-୧୯୬୨, ୧୩. ତୁମେ ତୃଷ୍ଣାର ଜଳ-୧୯୬୨, ୧୪. ଉଜାଣି ଯମୁନା-୧୯୬୨, ୧୫. ନିଃସଙ୍ଗ ବିହଙ୍ଗୀ- ୧୯୬୩, ୧୬. କେଶବତୀ କନ୍ୟା-୧୯୬୩, ୧୭. ଏକତ୍ର- ୧୯୬୪ (ପ୍ରିୟ ବାନ୍ଧବୀ, ପ୍ରେମ ଓ ପୃଥିବୀ, ପରପୁରୁଷ ଏକତ୍ର) । ୧୮. ନାୟିକାର ନାମ ଶ୍ରାବଣୀ-୧୯୬୪, ୧୯. ଏଇ ମନ ବୃନ୍ଦାବନ-୧୯୬୪, ୨୦. ବଧୂ ନିରୂପମା-୧୯୬୫, ୨୧. ତୃତୀୟ ପୁରୁଷ-୧୯୬୬, ୨୨. ଚତୁର୍ଥୀ-୧୯୬୬, (ପ୍ରଥମ ସକାଳ, ଶେଷ ବସନ୍ତ, ନିଃସଙ୍ଗ ବିହଙ୍ଗୀ, ଅଗ୍ନି ପତଙ୍ଗ ଏକତ୍ର), ୨୩. ଏକାନ୍ତ ଆଦିମ-୧୯୬୬, ୨୪. ଛାୟା ଚନ୍ଦ୍ରିକା-୧୯୬୭, ୨୫. ସୁଲତାନା-୧୯୬୭, ୨୬. ନିଃସଙ୍ଗ ନକ୍ଷତ୍ର-୧୯୬୮, ୨୭. ଅନ୍ଧକାରର ସିଡ଼ି-୧୯୬୮, ୨୮. ଦଗ୍ଧ ଫୁଲବନ-୧୯୬୮, ୨୯. ପାପପୁଣ୍ୟ-୧୯୬୮, ୩୦. ସ୍ନାୟୁର ସହରରେ ଶାନ୍ତିଭଙ୍ଗ-୧୯୬୮, ୩୧. ଶୂନ୍ୟ ପଞ୍ଜୁରିର ପକ୍ଷୀ-୧୯୬୯, ୩୨. ପର ପୁରୁଷ-୧୯୬୯, ୩୩. ସମୟର ଶୋକ-୧୯୭୦, ୩୪. ଅଶୋକ ବନର ସୀତା-୧୯୭୦, ୩୫. ଅରଣ୍ୟ ରୋଦନ-୧୯୭୧, ୩୬. ବିଦାୟ ବେଳା-୧୯୭୧, ୩୭. କାଳ ବୈଶାଖୀ-୧୯୭୨, ୩୮. ମାୟାବୀ ହୃଦୟ-୧୯୭୩, ୩୯.ନଷ୍ଟ ଚରିତ୍ର-୧୯୭୪, ୪୦, ଦ୍ୱିତୀୟ ଈଶ୍ୱର-୧୯୭୫, ୪୧. ଶେଷ ରାତିର ସୂର୍ଯ୍ୟ- ୧୯୭୭, ୪୨. ନଦୀ ନାରୀ ନକ୍ଷତ୍ର-୧୯୭୭, ୪୩. ମଧ୍ୟାହ୍ନର ଦିବାରାତ୍ରି-୧୯୭୭, ୪୪. ଘନ କୁହୁଡ଼ିର ଦିନ-୧୯୭୭, ଭାଙ୍ଗିଗଲା-୧୯୭୮, ୪୬. କୌଣସି କୁଳବଧୂ-୧୯୭୮, ୪୭. ଦେବକୀର କାରାବାସ-୧୯୭୮, ୪୮.ସତୀ ଅସତୀ-୧୯୭୯, ୪୯. ଭୋକଶୋଷର ସହର-୧୯୭୯, ୫୦. ହସ କାନ୍ଦର ଛନ୍ଦ-୧୯୭୯, ୫୧. ନାଗଫେଣୀ-୧୯୭୯, ୫୨. ଓଦା ମାଟିର ସ୍ୱର୍ଗ- ୧୯୭୯, ୫୩. ବର୍ଣ୍ଣମାଳା-୧୯୮୦, ୫୪. ନଦୀ-ସମୁଦ୍ର-୧୯୮୦, ୫୫. ଆଗ୍ନେୟଗିରିରେ ବଣଭୋଜି-୧୯୮୦, ୫୬. ଛବିର ମଣିଷ-୧୯୮୦, ୫୭. ରାଗ ଅନୁରାଗ-୧୯୮୦, ୫୮. ରାଣୀ ମହୁମାଛି-୧୯୮୧, ୫୯. କେଉଁ ଏକ ଫୁଲର ସ୍ମୃତିରେ-୧୯୮୧, ୬୦, ଅସବର୍ଣ୍ଣ-୧୯୮୨, (ଏସ୍.କୁମାରଙ୍କ ଦ୍ୱାରା ଅନୁଦିତ ହୋଇ ମାଲାୟାଲମ ଭାଷାରେ 'ବିଶାଳ କେରଳମ୍' ପତ୍ରିକାରେ ୧୯୯୧-୯୨ ମସିହାରେ ଧାରାବାହିକ ଭାବରେ ପ୍ରକାଶିତ), ୬୧. ସୁନାର ହରିଣ-୧୯୮୨, ୬୨. ସୂର୍ଯ୍ୟମୁଖୀ-୧୯୮୩, ୬୩. ଅଶ୍ୱମେଧର ଘୋଡ଼ା-୧୯୮୩, (ଓଡ଼ିଶା ସାହିତ୍ୟ ଏକାଡେ଼ମୀ ଦ୍ୱାରା ପୁରସ୍କୃତ), ୬୪. ସଂଧ୍ୟାରାଗ-୧୯୮୩, ୬୫.ପ୍ରେମିକା-୧୯୮୩, ୬୬. ଶେଷ ଅଭିନୟ-୧୯୮୪, ୬୭.ବନ୍ଦୀ ଯାଯାବର-୧୯୮୪, ୬୮. ମରୀଚିକା-୧୯୮୫, ୬୯. ଏକାକିନୀ କୁନ୍ତଳା-୧୯୮୫, ୭୦. ଅପୂର୍ଣ୍ଣ ପ୍ରତିମା-୧୯୮୭, ୭୧. ସୁଡ଼ଙ୍ଗ ଶେଷରେ ସୂର୍ଯ୍ୟୋଦୟ-୧୯୮୭, ୭୨. ଦୀପତଳର ଦୃଶ୍ୟ-୧୯୮୮, ୭୩. ଅଗ୍ନିପତଙ୍ଗ-୧୯୮୯, ୭୪. ବଉଳ ଫୁଲର ବାସ୍ନା-୧୯୮୧, ୭୫. ସେଦିନ ଚୈତ୍ରମାସ-୧୯୯୦, ୭୬. ଧୂଳିଘର-୧୯୯୨, ୭୭. ସଂଧ୍ୟାଦୀପର ଶିଖା-୧୯୯୨, ୭୮. କାଗଜ ବାଘ-୧୯୯୩, ୭୯. ଅଶ୍ରୁମୁଖୀ-୧୯୯୩, ୮୦. ସ୍ୱପ୍ନର ସୌଦାଗର-୧୯୯୫, ୮୧. ଆଦିମ ଅରଣ୍ୟ-୧୯୯୫, ୮୨. ପ୍ରିୟ ପୁରୁଷ-୧୯୯୬, ୮୩-ସମୟ ଅସମୟ-୧୯୯୭, ୮୪. ନିଦ ନାହିଁ-୧୯୯୮, ୮୫. ଦିନକାଳ-୧୯୯୮, ୮୬. ଅଠାକାଠି-୧୯୯୯, ୮୭. ଜୀବନ ସଉଦା-୨୦୦୦, ୮୮. ତୃଷ୍ଣାର ତ୍ରିଭୁଜ-୨୦୦୦, (ତୃଷ୍ଣାର ତ୍ରିଭୁଜ, କାଗଜ ବାଘ, ସୁନାର ହରିଣ ଏକତ୍ର), ୮୯. ଏକ ନୂତନ ଗ୍ରାମର ଜନ୍ମ-୨୦୦୨, ୯୦. ଜଟିଳ ସଂପର୍କ- ୨୦୦୨, ୯୧. ଆକାଶ କୁସୁମ-୨୦୦୩, ୯୨. ପ୍ରଥମ ପ୍ରେମ-୨୦୦୩, (ପ୍ରେମ ଓ ପୃଥିବୀ, ପ୍ରିୟ ବାନ୍ଧବୀ, ପର ପୁରୁଷ ଏକତ୍ର), ୯୩. ମିଛମାୟା-୨୦୦୪, ୯୪. ଦେଖାହେବ ଅନ୍ୟଦିନ-୨୦୦୪, ୯୫. ବୈଦେହୀ ବିଦ୍ରୋହ-୨୦୦୬, ୯୬. ଯୁଗଳବନ୍ଦୀ- ୨୦୦୬, (ଉଜାଣି ଯମୁନା, ଚହଲା ପାଣିର ଢେଉ ଏକତ୍ର), ୯୭. ଅଚିହ୍ନା ଆକାଶ-୨୦୦୭, ୯୮. ମାୟା ମୃଗୟା-୨୦୦୮, ୯୯. ଷଷ୍ଠୀ-୨୦୦୮, (ଶେଷ ବସନ୍ତ, ଟୋପାଏ ସିନ୍ଦୂର ଦିପଟ ଶଙ୍ଖା, କେଉଁ ଏକ ଫୁଲର ସ୍ମୃତିରେ, ଅଗ୍ନି ପତଙ୍ଗ, ଦ୍ୱିତୀୟ ଈଶ୍ୱର, ନାଗଫେଣୀ ଏକତ୍ର), ୧୦୦. ଭଲ ଝିଅମାନେ ଭୁଲନ୍ତି ନାହିଁ-୨୦୧୩, (ଭଲ ଝିଅମାନେ ଭୁଲନ୍ତି ନାହିଁ, ସଂଶପ୍ତକ, ଚିତ୍ରପ୍ରତିମା ଏକତ୍ର), ୧୦୧. ତିନୋଟି ତାରାର ଆକାଶ-୨୦୧୩(ସ୍ୱପ୍ନର ସୌଦାଗର, ତୁମେ ତୃଷ୍ଣାର ଜଳ, ଅଶୋକ ବନର ସୀତା ଏକତ୍ର) ୧୦୨. ୫ଟି ଉପନ୍ୟାସ-୨୦୧୩ (ନଦୀ-ସମୁଦ୍ର, ମରୀଚିକା, ଆଗ୍ନେୟ ଗିରିରେ ବଣଭୋଜି, ବର୍ଣ୍ଣମାଳା, ଶେଷ ରାତିର ସୂର୍ଯ୍ୟ ଏକତ୍ର), ୧୦୩. ଅଠର ବର୍ଷ ବୟସ-୨୦୧୫ (ଅଠର ବର୍ଷ ବୟସ, ବିସ୍ଫୋରଣର ଶକ୍ତି, ତ୍ରିକୋଣ ଭୂମି, ଅଜ୍ଞାତବାସ ଓ ଝଡ଼ର ପକ୍ଷୀ ଏକତ୍ର), ୧୦୪. କଫି ବଗିଚାରେ ରାତି-୨୦୨୦, ୧୦୫. ନୂତନ ଦ୍ରୌପଦୀ-୨୦୨୧ (ନୂତନ ଦ୍ରୌପଦୀ, ମେଘମହ୍ଲାର, ଭଙ୍ଗା ଆଇନା ଏକତ୍ର)

## ସଂକଳକ ଓ ସମ୍ପାଦକ

| | | |
|---|---|---|
| ୧. | ସମସାମୟିକ ଓଡ଼ିଆ ଗଳ୍ପମାଳା | ୨୦୦୦ |
| ୨. | ନୀଳ ମାଷ୍ଟରାଣୀ ଓ ଅନ୍ୟାନ୍ୟ ଗଳ୍ପ (ଗୋଦାବରୀଶ ମହାପାତ୍ରଙ୍କ ତିରିଶଟି ଗଳ୍ପର ନିର୍ବାଚିତ ସଂକଳନ) | ୨୦୧୧ |
| ୩. | ମୁହାଁମୁହିଁ କଥାବାର୍ତ୍ତା | ୨୦୦୫ |
| ୪. | ସ୍ୱାଧୀନୋତ୍ତର ଓଡ଼ିଆ କ୍ଷୁଦ୍ରଗଳ୍ପ (ଚତୁର୍ଥ ଭାଗ) | ୨୦୧୭ |

## ଅନୁବାଦ

୧. ସେଇ ସମୟ ( ୨ୟ ଭାଗ)
(ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ଅକାଦେମି ପୁରସ୍କାର ପ୍ରାପ୍ତ ଉପନ୍ୟାସ, ଦ୍ୱିତୀୟ ଭାଗ)

## ହିନ୍ଦୀରେ ଅନୁବାଦ

୧. ବିଭୂତି ପଟ୍ଟନାୟକ୍ କି ଚୁନି କାହାନିୟାଁ ୨୦୦୨
(ପନ୍ଦରଟି ଓଡ଼ିଆ ଗଳ୍ପର ହିନ୍ଦି ଅନୁବାଦ)
ଅନୁବାଦକ: ଡକ୍ଟର ଶେଖ ସଇଦ୍

## ଅହମିୟା ଅନୁବାଦ

୧. ସତୀ ଅସତୀ (ଉପନ୍ୟାସ) ଅନୁବାଦକ:
କବିତାଦତ୍ତ ଗୋସ୍ୱାମୀ

## ବଙ୍ଗଳାରେ ଅନୁବାଦ


୧. ଆଦିମ ଅରଣ୍ୟ ୨୦୦୦
(ଅନୁବାଦ ଅମିୟ ଚକ୍ରବର୍ତ୍ତୀ)

## ଇଂରାଜୀରେ ଅନୁବାଦ

୧. Selected Stories: Bibhuti Patnaik
Translated by : Ashok.K.Mohanty

## ଗଳ୍ପ ସଂକଳନ

| | | |
|---|---|---|
| ୧. | ଉଣେଇଶି ଶହ ପଞ୍ଚାବନ | ୧୯୫୭ |
| ୨. | ନିମ୍ନଗାମୀ ମନ | ୧୯୬୨ |
| ୩. | ଲଳିତ ଲବଙ୍ଗଲତା | ୧୯୬୪ |
| ୪. | ରାଜକନ୍ୟା ଓ କୃଷ୍ଣ ସର୍ପ କଥା | ୧୯୭୦ |
| ୫. | ମନ ନିର୍ଜନ | ୧୯୭୦ |
| ୬. | ଅନେକ ତାରାର ରାତ୍ରି | ୧୯୭୧ |
| ୭. | ଅନ୍ୟ ଏକ ଭାରତବର୍ଷ | ୧୯୭୫ |
| ୮. | ଭଲଝିଅ, ଖରାପ ଝିଅ | ୧୯୭୬ |
| ୯. | କେତେ ଯେ ବସନ୍ତ ସତେ | ୧୯୭୮ |
| ୧୦. | ନୀଳ ଆଖିର ନଦୀ | ୧୯୮୦ |
| ୧୧. | ସ୍ମୃତିର ସୁଦେଷ୍ଣା | ୧୯୮୧ |



୧୨. ଗ୍ରହଣ ୧୯୮୨
୧୩. ନିର୍ବାଚିତ ଗଳ୍ପ ୧୯୮୨
୧୪. ମନ ଭଲ ନାହିଁ ୧୯୮୩
୧୫. ଶ୍ରେଷ୍ଠ ଗଳ୍ପ ୧୯୮୫
(ହର ପ୍ରସାଦ ଦାସଙ୍କ ଦ୍ୱାରା ସମ୍ପାଦିତ)
୧୬. ଆଖି ବୁଜିଦେଲେ ସତ୍ୟଯୁଗ ୧୯୯୧
୧୭. ରାଜକନ୍ୟାର ଦୁଃଖ ୧୯୯୫
୧୮. କଳିକାଳ ୧୯୯୬
୧୯. ଅଦିନ ଶ୍ରାବଣ ୧୯୮୫
୨୦. ଜୀବନର ଜଟିଳତା ୧୯୯୭
୨୧. କିଛି ଜ୍ୟୋସ୍ନା କିଛି ଅନ୍ଧକାର ୧୯୯୯
୨୨. ପ୍ରେମ ଗଳ୍ପ ୨୦୦୦
୨୩. ଈର୍ଷାର ଈଶ୍ୱରୀ ୨୦୦୦
୨୪. ଅଳକାର ପ୍ରେମିକ ୨୦୦୨
୨୫. ଯେ ଦରଜା ଖୋଲିଲା ସେ ଗାୟତ୍ରୀ ୨୦୦୩
୨୬. ନିଷିଦ୍ଧ ପଲ୍ଲୀର ନାୟିକା ୨୦୦୩
୨୭. ଗଳ୍ପ ସମଗ୍ର (ପ୍ରଥମ ଭାଗ) ୨୦୦୬
(ଉଣେଇଶି ଶହ ପଞ୍ଚାବନ, ନିମ୍ନଗାମୀ ମନ, ଲଳିତ ଲବଙ୍ଗ ଲତା, କେତେ ଯେ ବସନ୍ତ ସତେ, ରାଜକନ୍ୟା ଓ କୃଷ୍ଣ ସର୍ପ କଥା ଏକତ୍ର)
୨୮. ଗଳ୍ପ ସମଗ୍ର (ଦ୍ୱିତୀୟ ଭାଗ) ୨୦୦୭
(ମନ ନିର୍ଜନ, ଅନେକ ତାରାର ରାତ୍ରି, ଅନ୍ୟ ଏକ ଭାରତବର୍ଷ, ନୀଳ ଆଖିର ନଦୀ, ସ୍ମୃତିର ସୁଦେଷ୍ଣା ଏବଂ ଗ୍ରହଣ ଏକତ୍ର)
୨୯. ଜଗନ୍ନାଥର ଜମିବାଡ଼ି ୨୦୦୭
୩୦. ମଧ୍ୟାହ୍ନର ଅନ୍ଧକାର ୨୦୦୭
୩୧. ମହିଷାସୁରର ମୁହଁ ୨୦୦୯
(କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କାର ପ୍ରାପ୍ତ)
୩୨. ଅନ୍ୟପୂର୍ବା ୨୦୧୦
୩୩. ଅନ୍ୟ ଉଦ୍ୟାନର ଫୁଲଗଛ ୨୦୧୨
୩୪. ଅରଣ୍ୟ ଅଗ୍ନି ଓ ଅନ୍ୟାନ୍ୟ ୨୦୧୩
୩୫. ଝିଅ ଜନ୍ମ ୨୦୧୪

## ଆତ୍ମ ଜୀବନୀ

୦୧. ଜୀବନ ପାତ୍ର ମୋ ଭରିଛ କେତେ ମତେ ୨୦୧୭

## ଭ୍ରମଣ କାହାଣୀ

୧. ତୀରେ ତୀରେ ତୀର୍ଥ ୧୯୮୯
୨. ଦ୍ୱାରକା ଦର୍ଶନ ୧୯୯୧
୩. ଭ୍ରମଣ କାହାଣୀ ସମଗ୍ର ୨୦୧୨
(ଦୂର ସୁଦୂରର ଡାକ, ତୀରେ ତୀରେ ତୀର୍ଥ ଏବଂ ଦ୍ୱାରକା ଦର୍ଶନ ଏକତ୍ର)
୪. ଅକସ୍ମାତ ଆମେରିକା ୨୦୦୮

## କିଶୋର ଉପନ୍ୟାସ

୧. ନୌକା ନଗରୀରର ନୀଳପରୀ ୧୯୭୩
୨. ଖରାବର୍ଷାର ଖେଳ ୧୯୭୪
୩. ଏକ ଏକ ଦୁଇ ୨୦୦୭
(ନୌକା ନଗରୀର ନୀଳପରୀ ଓ ଖରାବର୍ଷାର ଖେଳ ଏକତ୍ର)-

## ସାହିତ୍ୟ ସମାଲୋଚନା

୧. ସାହିତ୍ୟର ସୂଚୀପତ୍ର ୧୯୭୬
୨. ସାଂପ୍ରତିକ ସାହିତ୍ୟ ୧୯୭୯
୩. ଓଡ଼ିଆ ଉପନ୍ୟାସର ସମାଜତାତ୍ତ୍ୱିକ ରୂପରେଖ ୧୯୯୧
୪. ବିଶ୍ୱ ସାହିତ୍ୟର ବିଶ୍ୱକର୍ମା ୧୯୯୪
୫. ଆଧୁନିକ କଥା ସାହିତ୍ୟ ୨୦୧୦

## ବିବିଧ ପ୍ରସଙ୍ଗର ସ୍ତମ୍ଭ ରଚନା

୧. ସ୍ମୃତି ସ୍ୱପ୍ନ ସ୍ୱାଧୀନତା ୧୯୯୪
୨. ଈଶ୍ୱରଙ୍କ ଉତ୍‌ଥାନ ପତନ ୨୦୦୦
୩. ଅଦିନ ବର୍ଷା ୨୦୦୧
୪. ଶତାବ୍ଦୀର ସ୍ୱପ୍ନ ଭଙ୍ଗ ୨୦୦୨
୫. ଅରୁନ୍ଧତୀରୁ ଅମୀର ଖାନ୍ ୨୦୦୭

## ଜୀବନାଲେଖ୍ୟ ଏବଂ ଅନ୍ୟାନ୍ୟ

୧. ବିପ୍ଳବୀ ସାରଙ୍ଗଧର ଦାସ ୨୦୦୫
୨. ଭାରତ ବିଭାଜନ ୨୦୦୭
୩. ଗାନ୍ଧି ମହାତ୍ମ୍ୟ ୨୦୧୨


## କବିତା ସଂଚୟନ

୧. ସେ ଏକ ପ୍ରଗଲ୍‌ଭା ନଦୀ ୧୯୬୩
୨. ସେ ଏକ ପ୍ରଗଲ୍‌ଭା ନଦୀ ଓ ଅନ୍ୟାନ୍ୟ କବିତା ୨୦୦୯

## ସାରସ୍ୱତ ପୁରସ୍କାର ଓ ସମ୍ମାନ

୧. ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ୧୯୮୫
(‘ଅଶ୍ୱମେଧର ଘୋଡ଼ା’ ଉପନ୍ୟାସ ପାଇଁ)
୨. ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରଦତ୍ତ ଝଙ୍କାର ପୁରସ୍କାର ୧୯୯୦
(ଗଳ୍ପ ପାଇଁ) ଓ ବିଷୁବ ପୁରସ୍କାର- ୧୯୯୪
୩. ପ୍ରାଚୀନ କଳା ପରିଷଦ, କଲିକତା ପ୍ରଦତ୍ତ ସାହିତ୍ୟ ସମ୍ମାନ ୧୯୯୨
(ଓଡ଼ିଶା ସାହିତ୍ୟକୁ ବିଶେଷ ଅବଦାନ ପାଇଁ)
୪. ପ୍ରଥମ ଉତ୍କଳ ସାହିତ୍ୟ ସମାଜ ପୁରସ୍କାର ୧୯୯୩
(ଉପନ୍ୟାସ ପାଇଁ)
୫. ରଜତକମଳ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୧୯୯୮
(‘ମାୟାମିରିଗି’ର କାହାଣୀ ଓ ସଂଳାପ ପାଇଁ)
୬. ଶାରଳା ପୁରସ୍କାର ୧୯୯୯
(ସାମଗ୍ରିକ କୃତି ପାଇଁ)
୭. ସାହିତ୍ୟ ଭାରତୀ ସମ୍ମାନ ୨୦୦୮
(ସାମଗ୍ରିକ ସାହିତ୍ୟ କୃତି ପାଇଁ)
୮. ଆମେରିକା ଓଡ଼ିଶା ସମାଜ ତରଫରୁ ଆୟୋଜିତ ଆନ୍ତର୍ଜାତିକ ପୁରସ୍କାର ୨୦୧୪
(ଜୀବନବ୍ୟାପୀ ସାଧନା ପାଇଁ)
୯. କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ୨୦୧୫
(‘ମହିଷାସୁରର ମୁହଁ’ ଗଳ୍ପ ସଂକଳନ ପାଇଁ)
୧୦.ଓଡ଼ିଶା ସାହିତ୍ୟ ଏକାଡ଼େମୀର ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ୨୦୧୬
୧୧.ଶ୍ରେଷ୍ଠ ରାଜ୍ୟ ଚଳଚ୍ଚିତ୍ର କାହାଣୀ ପୁରସ୍କାର
(‘ମାୟାମିରିଗ’, ‘ବଧୂ ନିରୂପମା’, ‘ହାକିମବାବୁ’, ‘ଶୀତରାତି’ ଓ ‘ଗାରେ ସିନ୍ଦୂର ଧାରେ ଲୁହ’ ପାଇଁ)
୧୨. ଫିଲ୍ମ କ୍ରିଟିକ୍ ପୁରସ୍କାର
(ଟେଲିଫିଲ୍ମ ‘ଛବିର ମଣିଷ’ କାହାଣୀ ପାଇଁ)
ଓ ଆହୁରି ଅନେକ ।

# ବିବିଧ ବିଭୂତି



**ବିଭୂତିଙ୍କ ସୃଜନ ପ୍ରେରକ :** ଯେଉଁ ଈଶ୍ୱର ଏ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା ସେ ଅଦୃଶ୍ୟ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ ନାହିଁ । କିନ୍ତୁ ମୋ ହୃଦୟରେ ଅନ୍ୟ ତିନିଜଣ ଈଶ୍ୱର ସବୁବେଳେ ବିଦ୍ୟମାନ ଥାଆନ୍ତି, ସେ ତିନିଜଣ ହେଲେ ମାର୍କ୍ସ, ଗାନ୍ଧୀ ଏବଂ ଶ୍ରୀ ଜଗନ୍ନାଥ । ପତିତମାନଙ୍କ ଉତ୍ଥାନ ଓ ଭେଦଭାବହୀନ ଏକ ସାମ୍ୟ ସମାଜ ସଂସ୍ଥାପନ ହିଁ ଏଇ ଈଶ୍ୱରତ୍ରୟୀଙ୍କ ଧର୍ମ । ସେହି ତ୍ରିମୂର୍ତ୍ତି ହିଁ ମୋ ସବୁଗଳ୍ପ ଉପନ୍ୟାସର ପ୍ରେରଣାର ଉତ୍ସ ।


**ବିଭୂତି ତାଙ୍କ ଜନ୍ମ ସଂପର୍କରେ କହନ୍ତି:** ମୁଁ ତ ଝଡ଼ର ଶିଶୁ । ବିପଦକୁ ଅବଲୀଳାକ୍ରମେ ଅତିକ୍ରମ କରିଯିବାକୁ ତ ମୋର ଜନ୍ମ । ସାମ୍ନାରେ ପାହାଡ଼ ପ୍ରାୟ ଏହି ବିପଦକୁ ଦେଖି ଭୟ ପାଇଗଲେ ପାହାଡ଼ ଆରପଟେ ଥିବା ଫୁଲ ବଗିଚା, ସୋରିଷଫୁଲର ହଳଦିଆ ଗାଲିଚା ଦେଖିବି କେମିତି ?

**ଗୋଟିଏ ବର୍ଣ୍ଣର ବିଭ୍ରାଟ:** ବିଭୂତି ପଟ୍ଟନାୟକଙ୍କ ଗ୍ରାମର ମୂଳ ନାମ ଦିଗେଶ୍ୱର । ଗ୍ରାମର ଇଷ୍ଟ ଦେବତା ଦିଗେଶ୍ୱର ମହାଦେବଙ୍କ ନାମାନୁସାରେ ଏହା ଥିଲା । କିନ୍ତୁ ବ୍ରିଟିଶ୍ ଶାସନକାଳର ବନ୍ଦୋବସ୍ତ ସମୟରେ ଇଂରାଜୀରେ DIGESWAR ଲେଖିଲା ବେଳକୁ କେଉଁ ଇଂରେଜ କର୍ମଚାରୀର ଅନ୍ୟମନସ୍କତାରୁ DI ପରେ N ପଶି ରେକର୍ଡ଼ିଂ ହୋଇଗଲା । ପରବର୍ତ୍ତୀ ସମୟରେ ପଟ୍ଟା, ପାଉତି, ସାର୍ଟିଫିକେଟ୍‌ରେ ଡିଙ୍ଗେଶ୍ୱର ଭାବେ ଏକ ଆଭିଧାନିକ ଅର୍ଥ ବିବର୍ଜିତ ଶବ୍ଦ ଭାବେ ପ୍ରଚଳିତ ହୋଇ ଆସୁଛି ।

**କବିତା ଲେଖା ସମ୍ପର୍କରେ କହନ୍ତି :** ଯଦି ମୁଁ କବିତା ଭିନ୍ନ ଆଉ କିଛି ଲେଖିନଥାନ୍ତି ତାହାହେଲେ ମୁଁ ଏକ ଅସଂପୂର୍ଣ୍ଣ ମଣିଷଟିଏ ହୋଇ ରହି ଯାଇଥାଆନ୍ତି । 'ଚପଳଛନ୍ଦା', 'ବଧୂନିରୁପମା', 'ଛବିର ମଣିଷ' କିମ୍ବା 'ଆକାଶ କୁସୁମ'ର ଔପନ୍ୟାସିକ ଭାବରେ ମୋର ପରିଚୟ ଅଜ୍ଞାତ ରହି ଥାଆନ୍ତା । କେହି ଶୁଣନ୍ତୁ କି ନଶୁଣନ୍ତୁ, କବିତାରେ ମୋ ନିଜକଥା ଅନବରତ କହି ଚାଲିଥାନ୍ତି । ମୋର ଗଳ୍ପ ଉପନ୍ୟାସ ପଢ଼ିବା ପାଇଁ ଉତ୍କଣ୍ଠିତ, ଉଦ୍‌ଗ୍ରୀବ ପାଠକ ପାଠିକାମାନଙ୍କ ଦୀର୍ଘଶ୍ୱାସରେ ସମ୍ଭବତଃ ଗଗନ ପବନ ଭାରାକ୍ରାନ୍ତ ହୋଇ ଉଠି ଥାଆନ୍ତି ।

**ବିଭୂତିଙ୍କ କ୍ଷୋଭ:** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଜଣେ ତିନିଶହ ପୃଷ୍ଠାରୁ ଖୁବ୍ ବେଶି ହେଲେ ତିନିହଜାର ପୃଷ୍ଠାର କବିତା ଲେଖି ଜଣେ ସମସ୍ତ ସାହିତ୍ୟ ପୁରସ୍କାର ପକେଟ୍‌ରେ ଭର୍ତ୍ତି କରୁଥିଲା ବେଳେ ବ୍ୟକ୍ତି ବିଭୂତି ପଟ୍ଟନାୟକ କଥାଟା ବିଭୂତି ପଟ୍ଟନାୟକଙ୍କୁ ବେଳେବେଳେ ପଚାରି ପାରନ୍ତି, କବିତା ଲେଖା ଛାଡ଼ି ଜଣେ ସାହିତ୍ୟ ଶ୍ରମିକ ଭାବରେ ପଚାଶ ଷାଠିଏ ହଜାର ପୃଷ୍ଠାର ଗଦ୍ୟ ରଚନା କରି ନିଜ ଆୟୁଷ କ୍ଷୟ କରିବା କ'ଣ ଦରକାର ଥିଲା ?

# ବିଭୂତିଙ୍କ ଇତିବୃତ୍ତ



ନାମ: **ବିଭୂତି ପଟ୍ଟନାୟକ**
ଜନ୍ମ: **୨୫ ଅକ୍ଟୋବର ୧୯୩୬**
ଗ୍ରାମ: **ଡିଙ୍ଗେଶ୍ୱର, ଜଗତସିଂହପୁର**
ପିତା: **ସ୍ୱର୍ଗତ ଗୁଣମଣି ପଟ୍ଟନାୟକ**
ମାତା: **ତୁଳସୀ ଦେବୀ**
ପତ୍ନୀ: **ସୁରପ୍ରଭା ପଟ୍ଟନାୟକ**
ଶିକ୍ଷା: **ସ୍ନାତକୋତ୍ତର (ଇତିହାସ)୧୯୬୦**
**ସ୍ନାତକୋତ୍ତର (ଓଡ଼ିଆ) ୧୯୬୬**
**ପି.ଏଚ୍.ଡି (ଓଡ଼ିଆ ଉପନ୍ୟାସର ସମାଜତାତ୍ତ୍ୱିକ ରୂପରେଖ) ୧୯୮୯**
ବୃତ୍ତି: **୧୯୭୦ରେ ବିଜେବି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଯୋଗଦାନ କରି ୧୯୯୫ରେ ପ୍ରାଧ୍ୟାପକ ଭାବରେ ଅବସର ଗ୍ରହଣ ।**
ଠିକଣା: **୩-ଏଚ୍, ଲୁଇସ୍ ରୋଡ୍, ବିଜେବି ନଗର, ଭୁବନେଶ୍ୱର-୧୪**

ସଚେତନ ଭାବେ ଲେଖି ଥାଆନ୍ତି । ପାଠକର ଅନ୍ତରଙ୍ଗ ଭାଷାକୁ ନେଇ ଗଢ଼ା ଯାଇଥିବା ଲେଖାର ଭାବ ପାଠକ ପାଇଁ ଅପହଞ୍ଚ ହେଇ ନଥାଏ । ତେଣୁ ତାଙ୍କୁ ଗଣଲେଖକ କହିଲେ ଅତ୍ୟୁକ୍ତି ହେବ ନାହିଁ, କାରଣ ଓଡ଼ିଶାର ଯେଉଁ କୋଣର ଜଣେ ସାଧାରଣ ଲୋକକୁ ଜଣେ ଲେଖକର ନାଁ ପଚାରିଲେ ସେ ପ୍ରଥମେ ବିଭୂତି ପଟ୍ଟନାୟକଙ୍କ ନାମ ହିଁ ଉଚ୍ଚାରଣ କରିବ । ଦୀର୍ଘ ସାତଆଠ ଦଶନ୍ଧି ଧରି ଜନସାହିତ୍ୟ ଭିତରେ ଅଛନ୍ତି, ଜନଗଣଙ୍କ ଭିତରେ ଅଛନ୍ତି ।

ଉପନ୍ୟାସ ପରି ଗଳ୍ପ କ୍ଷେତ୍ରରେ ମଧ୍ୟ ତାଙ୍କ ପ୍ରସିଦ୍ଧି ତୁଙ୍ଗ । ଜନଜୀବନର ଅପୂର୍ବ ରୂପକାର ଓଡ଼ିଆ ସାହିତ୍ୟକୁ ଭେଟି ଦେଇଛନ୍ତି ଅଜସ୍ର ଗପ । ତାଙ୍କ ଲେଖାଗୁଡ଼ିକରେ ଘଟଣା ଓ ଚରିତ୍ରକୁ ସେ କାଳୋତୀର୍ଣ୍ଣ କରିବାର ଯେଉଁ ଚମକପ୍ରଦ ପ୍ରୟୋଗ ଓ ପ୍ରୟାସ କରନ୍ତି ତାହା ଶତ ପ୍ରତିଶତ ସଫଳ ହୋଇଥାଏ । ତେଣୁ ତାଙ୍କୁ ସାମାଜିକ ବାସ୍ତବତାର ସଫଳ ରୂପକାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଭୂତି ପଟ୍ଟନାୟକ ଜଣେ ବହୁବର୍ଣ୍ଣା ସଫଳ ସ୍ରଜକ । ହାତ ମାଟି ଛୁଇଁଲେ ସୁନା ହେଇଗଲା ପରି ଓଡ଼ିଆ ସାହିତ୍ୟର ଗଳ୍ପ ଉପନ୍ୟାସ, ଫିଚର୍, କବିତା, କିଶୋର ଉପନ୍ୟାସ, ପ୍ରବନ୍ଧ ଓ ସମାଲୋଚନା, ଅନୁବାଦ, ସଂକଳନ, ଭ୍ରମଣ କାହାଣୀ, ଜୀବନୀ, ଆତ୍ମଜୀବନୀ, ସବୁଠି ସେ ସଫଳ ଓ ଛାଡ଼ିଛନ୍ତି ସ୍ୱର୍ଣ୍ଣିମ ସ୍ୱାକ୍ଷର । ରାଜନୀତି, ସଂଗଠନ, ସମ୍ପାଦନାରେ ମଧ୍ୟ ସେ ଅପୂର୍ବ ସିଦ୍ଧିର ସବ୍ୟସାଚୀ । ତାଙ୍କ ଆତ୍ମଜୀବନୀ, 'ଜୀବନପାତ୍ର ମୋ ଭରିଚ କେତେମତେ' ପାଠ କଲେ ତାଙ୍କ ଉତ୍ତୁଙ୍ଗ ଶୀର୍ଷତା ସଂପର୍କରେ ବହୁକଥା ଜାଣି ହେବ, ଏଠି ସେ ପରିସର ନାହିଁ ।

ଅସରନ୍ତି କାହାଣୀର ରୂପକାର ଆଳାପରେ ବି ଆତ୍ମିକ ଓ ପ୍ରଗଳ୍‌ଭ । କଥାରେ କଥାରେ କଟି ଗଲା କେତେ ସମୟ, ଜଣା ପଡ଼ିଲାନି । ଦି' ଅସରା ବର୍ଷା ବି ହେଇ ଗଲାଣି ଏହା ଭିତରେ, ଜଣାନାହିଁ । ଆମେ ଉଠିଲୁ ଏଥର ।

ପାହାଚ ଦେଇ ତଳକୁ ଓହ୍ଲେଇଲା ବେଳକୁ ବର୍ଷାଧୁଆ ପରିବେଶଟି ବେଶ୍ ରୋମାଞ୍ଚକର ଲାଗୁଥିଲା । ଗଛପତ୍ରରୁ ଟପ୍‌ଟପ୍ ଝରି ପଡୁଥିଲା ବର୍ଷାବୁନ୍ଦା: ବିଭୂତିଙ୍କ କେଉଁ ବିପ୍ରଲବ୍ଧା ନାୟିକା ଆଖିରୁ ଅଭିମାନର ଲୁହ ଟୋପା ପରି ।

ବିଭୂତି ସେମିତି ବିଭୂଷିତ ହେଇ ଥାଆନ୍ତୁ ଚିରକାଳ ଭାସ୍ୱର ଓ ଅବିନଶ୍ୱର ।




# ଶିଖାର ନାଁ ସୂର୍ଯ୍ୟ

# ଲେନ୍ସ୍ ପଛର ନାୟକ
# ସୂର୍ଯ୍ୟ ଦେଓ

**ଅଜୟ ସ୍ୱାଇଁ**
ସାଇ ରେସିଡେନ୍ସି, ୫୫, ସୂର୍ଯ୍ୟନଗର,
ଭୁବନେଶ୍ୱର-୭୫୧୦୦୩
ଫୋନ:୮୨୪୯୩୧୮୦୮୮

ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ



ଏହା ଭିତରେ ଗୁଡ଼େ ସମୟ ବିତିଗଲାଣି । ହିସାବ କଲାରୁ ହେଲା ତିରିଶ୍ ବର୍ଷ । ତିରିଶ୍ ବର୍ଷ ତଳେ ଏମିତି ନଥିଲା ଭୁବନେଶ୍ୱର । ଏମିତି ନଥିଲା ସଂପର୍କ । ଏମିତି ନଥିଲା ସହରବଜାର । କୋଠାବାଡ଼, ସକାଳ, ସଂଜ, ଜହ୍ନରାତି ଠିକ୍ ଥିଲା । ଜହ୍ନରାତିକୁ ବୁଡ଼େଇ ଦେବା ପରି ଏତେ ଆଲୁଅ ନଥିଲା । ଏତେ ଆପାର୍ଟମେଣ୍ଟ୍, ବହୁତଳ କୋଠା, ଇଣ୍ଟରନେଟ୍, ଗାଡ଼ିମଟର ନଥିଲା । ତଥାପି ଥିଲା ଅନେକ ବିସ୍ତୀର୍ଣ୍ଣ ପଡ଼ିଆ, ମାଣ ସାରୁଗଛ ଭର୍ତ୍ତି ଦଲୁଆ ଦହ । ତଥାପି ବର୍ଷା ରାତିରେ ଶୁଭୁଥିଲା ବେଙ୍ଗରଡ଼ି, ଝିଙ୍କାରିର ଝିଁଝିଁ ... । ଖଣ୍ଡଗିରି, ପଟିଆ ଆଡୁ ବିଲୁଆର ହୁକେ ହୋ... ।

ସେଇବେଳେ ଶୁଣା ହେଉଥିଲା: ଏ ରାତେଁ... ଏ ମଉସମ୍ ନଦୀକା କିନାରା...ଏ ଚଂଚଲ୍ ହାଓ୍ୱା...ତଲତ୍ ହେମୁନ୍‌ଙ୍କ ମହମବତୀ ଶିଖା ପରି ଥରଥର କଣ୍ଠରେ । ପାଖରେ ଥିଲା ସୂର୍ଯ୍ୟ । ପାଖରେ ଥିଲା ଗୋଟେ ଗୀତ ବାଜୁବାଜୁ ଅଧାରୁ କ୍ୟାସେଟ୍ ରିଲ୍ ଗୁଡ଼େଇ ପକଉଥିଲା ଟେପ୍ ରେକର୍ଡ଼ର୍ । ପାଖରେ ଥିଲା ଅନେକ ଗୀତର ସିଡ଼ି । ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତିଙ୍କ ଠୁ ସଏଗଲ୍, ଅଖ୍ତର୍ ବାଇ, ହେମନ୍ତ କୁମାର, ଲତା, ଆଶାଙ୍କ ଯାଏଁ ।

ମୋଟାମୋଟି ଆମେ ସେତେବେଳେ ଗୀତ ଗାଉଥିଲୁ, ଗୀତ ପିଉଥିଲୁ ଓ ଗୀତରେ ବଂଚୁଥିଲୁ । ମୁଁ ସେତିକିବେଳୁ ଲକ୍ଷ୍ୟ କରିଥିଲି ସୂର୍ଯ୍ୟର ଭିତରେ ଲୁଚି ରହିଚି ଗୋଟେ କଲମ୍ବସ୍ । ଯିଏ ସବୁବେଳେ ଆବିଷ୍କାର କରିବାକୁ ଚାହୁଁଛି ଅନେକ କିଛି ।

ସୂର୍ଯ୍ୟ ସେତେବେଳେ ବୋଧେ 'ଧରିତ୍ରୀ'ରେ କାମ କରୁଥିଲା । ଗପ, କବିତା ବି ଲେଖୁଥିଲା । ସେତେବେଳେ ଆମ ପାଖେ ମୋବାଇଲ୍ ଫୋନ୍ ନଥିଲା । ତଥାପି ଅଫିସ୍ ଛୁଟି ହେଲେ, ସେ ପୁରୁଣା ବସ୍‌ଷ୍ଟାଣ୍ଡ୍ ଖଟିକୁ ଚାଲି ଆସେ । ତାପରେ ଆମେ କୁଆଡ଼େ ନା କୁଆଡ଼େ ପଳେଇଯାଉ । କେବେ କୋଣାର୍କ, କେବେ ପୁରୀ, କେବେ ତପନ ଭାଇ (ତପନ ପଟ୍ଟନାୟକ)ଙ୍କ ସାଙ୍ଗରେ ବାଲୁଗାଁ, କେବେ ଦେବ୍ରାଜ୍‌ଙ୍କ ସାଥିରେ ବାଙ୍କି । ଅନେକ ସମୟରେ ଆମେ ଦୟାନଈ କୂଳର ଆମ ଗାଁକୁ ଚାଲି ଆସୁ । ମୋର ଥାଏ ଗୋଟେ ବଜାଜ୍ ସୁପର୍ ସ୍କୁଟର୍ । ଯାହାକୁ ଦେବ୍ରାଜ୍ ଲେଙ୍କା କୁହନ୍ତି 'ତୁରସ୍କର ଘୋଡ଼ା' । ଆମେ ସେଇ ଘୋଡ଼ାରେ ପାରିଧିକୁ ଯାଉ । ସ୍ୱପ୍ନର ଜଲ୍‌ସାଘର ଗଢୁ...ପୁଣି ଭାଙ୍ଗୁ । ଯା ଭିତରେ ସେ ଆଉ ଜଣଙ୍କ ପ୍ରେମରେ ପଡ଼ି ସାରିଥାଏ । ସେ ହେଲେ ଅକ୍ଷୟ ମହାନ୍ତି । ତା' ଚେତନ, ଅବଚେତନ, ଗପ ଓ କବିତାର ସେ ନାୟକ ହେଇ ସାରିଥାନ୍ତି । ସେ ତାଙ୍କୁ ଡାକେ ଆର୍ଯ୍ୟଭାଇ । (ଅକ୍ଷୟ ମହାନ୍ତି, ଖୋକାଭାଇ ଓ ତାଙ୍କ ନିଜଗପ ଓ ଆତ୍ମଜୀବନୀରେ ଆର୍ଯ୍ୟ ଦାସ ବୋଲି ଜଣାଶୁଣା) ସେତେବେଳେ (ଏବେବି) ଅକ୍ଷୟ ମହାନ୍ତି ଆଧୁନିକ ଓଡ଼ିଆ ଗୀତର ଉଜ୍ଜ୍ୱଳ ତାରକା । ତାଙ୍କ ପ୍ରଭାମଣ୍ଡଳର ଆଲୁଅରେ ଅନେକ ଗୀତିକାର, ସଂଗୀତଜ୍ଞ ଆଲୋକିତ । ସୂର୍ଯ୍ୟ ମାନସିଂପାଟଣା, ମସ୍ତରାମ ମଠ ପାଖ 'ବିଚିତ୍ରବର୍ଣ୍ଣା'କୁ ରୀତିମତ ଯାଏ ଓ ଅକ୍ଷୟ ମହାନ୍ତିଙ୍କୁ ଭେଟେ । ମୁଁ ବି ଅକ୍ଷୟ ମହାନ୍ତିଙ୍କ ଭକ୍ତ । ଏଣେ ସୂର୍ଯ୍ୟ ଆଉ ମୁଁ ତାଙ୍କ ପ୍ରଭାମଣ୍ଡଳର ଆଲୁଅରେ ଜଳକା । ଏଣୁ ଆମ ପାଖେ ତାଙ୍କର ଅନେକ ଗୀତର ରେକର୍ଡ଼, କେସେଟ୍, ଅକ୍ଷୟ ମହାନ୍ତିଙ୍କ ଗୀତ ରିହର୍ସଲର ସିଡି ବି ସୂର୍ଯ୍ୟ ଆଣି ମତେ ଦିଏ ।



▲ ଲେଖକ ଅଜୟ ସ୍ୱାଇଁ

ଯା ଭିତରେ ମୋର ପ୍ରିୟ ଲେଖକ ଦେବ୍ରାଜ ଲେଙ୍କା ବି ସୂର୍ଯ୍ୟକୁ ଭଲ ପାଇ ବସିଲେଣି, ତା'ର ଏଇ ଗୀତପ୍ରେମ ଯୋଗୁଁ । ସେତେବେଳକୁ ମାର୍କେଟ ବିଲ୍‌ଡିଂରେ ଥିବା ତାଙ୍କ ବହି ଦୋକାନରେ ହେଇ ସାରିଲାଣି 'ବଡ଼ା ସାହେବ୍' ଟେଲର୍ ଦୋକାନ । ଏଣୁ ଦେବ୍ରାଜ୍ ଲେଙ୍କା କେତେବେଳେ ତାଙ୍କ କଟକ ଘରେ, (ତାଙ୍କ ଘର ବି ମାନସିଂପାଟଣା, ଠିକ୍ ଅକ୍ଷୟ ମହାନ୍ତିଙ୍କ ଘର ପାଖେ) କେତେବେଳେ କୁଶପଙ୍ଗୀ, ବାଙ୍କୀରେ ରୁହନ୍ତି ଓ ଭୁବନେଶ୍ୱର ଆସିଲେ ପୁରୁଣା ବସ୍‌ଷ୍ଟାଣ୍ଡ୍ ଖଟିରେ

ମତେ ଓ ସୂର୍ଯ୍ୟଙ୍କୁ ଖୋଜନ୍ତି । ଆମେ ସାଙ୍ଗ ହୋଇ ସୂର୍ଯ୍ୟର ନୂଆ ଭଡ଼ା ନେଇଥିବା ଘରକୁ ଯାଉ । (ବୋଧେ ବମିଖାଲ କି ଝାରପଡ଼ା ଆଡ଼େ) । ସେ ଘର ଗୋଟେ ସାରୁବଣ ଭିତରେ । ସେଇଠି ମୁଁ ଚିକେନ୍ ରାନ୍ଧେ । ସୂର୍ଯ୍ୟ ତା'ର ଧତରା କ୍ୟାସେଟ୍ ପ୍ଲେୟାରରେ ଗୀତ ଶୁଣାଏ ।

"ଗଲିକେ ମୋଡ୍ ପେ...ଶୁନା ସା କୋଇ
ଦର୍‌ୱାଜା...
ତରସ୍‌ତି ଆଖୌଁ ସେ ରାସ୍ତା କିସିକା
ଦେଖେଗା...
ନିଗାହ୍ ଅଉର୍ ତଲକ୍
ଯାକେ ଲୌଟ୍ ଆଏଗି...
କରୋଗେ ଯାଦ୍ ତୋ...
ହର୍ ବାତ୍ ଯାଦ୍ ଆଏଗି..."

ବାହାରେ ସାରୁପତ୍ରରେ ବର୍ଷାର ଟପ୍‌ଟପ୍ ଗୀତ ସହିତ ବେଙ୍ଗମାନଙ୍କର ...ତୁହା ।

ଗୀତ ବନ୍ଦ ।

ହଠାତ୍ ଗୀତ ବନ୍ଦ ।

ଦେବ୍ରାଜ୍ ଲେଙ୍କାଙ୍କ ଗର୍ଜନ: ହଇବେ....କ'ଣ ହେଲା ?

ସୂର୍ଯ୍ୟ: କିଛି ନାହିଁ ସାର୍, ଠିକ୍ ହେଇଯିବ ସାଙ୍ଗେ ସାଙ୍ଗେ । ସୂର୍ଯ୍ୟ ବିଧାଏ ଦେବ କ୍ୟାସେଟ୍ ପ୍ଲେୟାରକୁ । ପୁଣି ଗୀତ ଚାଲୁ ।

ଏମିତି ବିତୁଥାଏ ସମୟ । ବିଧା ମରା ଜୀବନ । ତଥାପି କେଜାଣି କେମିତି ଗୋଟେ ମାଦକତା ଥାଏ ବଂଚିବାରେ । ସବୁ ଅଭାବ, ଅସୁବିଧା ଭିତରେ ବି ଘୋଡ଼ା ପିଠିରେ ଦୌଡୁଥାଏ ସ୍ୱପ୍ନ ।

ସୂର୍ଯ୍ୟ ଚାକିରୀ କରୁଥାଏ । ପ୍ରଚୁର ସିଗାରେଟ୍ ପିଉଥାଏ । ଭଡ଼ାଘର ଚେଞ୍ଜ୍ କରୁଥାଏ । ସେ ନେଉଥିବା ସବୁ ଭଡ଼ାଘରର ଥାଏ, ଗୋଟେ ଗୋଟେ ଅଲଗା କାହାଣୀ । ବମିଖାଲରେ ସେ ଗୋଟେ ଆପାର୍ଟମେଣ୍ଟରେ ଘରଭଡ଼ା ନେଇଥାଏ, ପାଞ୍ଚତାଲାରେ । ସେଠି କିନ୍ତୁ ଲିଫ୍ଟ ନଥାଏ । ପାହାଚ ଚଢ଼ି ତା' ରୁମ୍‌କୁ ଯିବାକୁ ହୁଏ । ସୂର୍ଯ୍ୟର ଭଡ଼ାଘର, ଆମର ଖଟି । ମୁଁ ଯେତେବେଳେ ପ୍ରଥମେ ସେହି ଘରକୁ ଯାଏ, ଦେଖେ, ସେ ରୁମ୍‌ର ଉପରେ ଟଣା ହେଇଛି ଗୋଟେ ସୂତା ଓ ସେଥିରେ ଓହଳିଛି ଦୁଇଟା ବ୍ଲେଡ୍ । ମୁଁ ଏହାର କାରଣ ପଚାରିବାରୁ ସୂର୍ଯ୍ୟ କହିଲା: ଘର ମାଲିକର ତା'ସ୍ତ୍ରୀ ସହ ପଡୁନି । ସେ ଅଲଗା ରହୁଛି । କୋଉ ଜ୍ୟୋତିଷ କହିଛି ସୂତାରେ ଏ ଦୁଇଟା ମନ୍ତୁରା ବ୍ଲେଡ୍ ବନ୍ଧା ହେବ । ଯେଉଁଦିନ ଏ ଦୁଇଟା ଯାକ ଅଲଗା ଅଲଗା ବ୍ଲେଡ୍ ଲାଗିଯିବ, ସେଦିନ ତା' ସ୍ତ୍ରୀ ତା' ପାଖକୁ ଫେରି ଆସିବ । ସବୁଦିନ ସକାଳେ, ଘର ମାଲିକ କାଳେ ଦେଖି ଯାଉଛି, ବ୍ଲେଡ୍ ଦି'ଟା ପାଖାପାଖି ହେଲେଣି କି ନାହିଁ । ହାଃ ହାଃ ହାଃ... ସୂର୍ଯ୍ୟ



ସେ ଘର ଛାଡ଼ିବା ଯାଏଁ ବି ସେ ଦୁଇଟ ବ୍ଲେଡ୍ ପରସ୍ପର ଲାଗି ନଥିଲେ । (ଆହା ! ବିଚରା ଘର ମାଲିକ !)

ପୁଣି ଗୋଟେ ଭଡ଼ାଘରେ, ଦୁଇଟା ରୁମ୍ ଥିଲା । ଗୋଟେ ବଖରାରେ ତ ସୂର୍ଯ୍ୟ ରହୁଥିଲା, ଆଉ ଗୋଟେ ବଖରାରେ ଥିଲା ଗୋଟେ ଭୂତ । ସେ ଭୂତକୁ ସୂର୍ଯ୍ୟ କେବେ ଦେଖି ନଥିଲା । ତାକୁ ଦେଖିଥିଲା ସୂର୍ଯ୍ୟର ଜଣେ ବିବାହିତା ପ୍ରେମିକାର ପାଞ୍ଚବର୍ଷର ପୁଅ । ହାଃ ହାଃ ହାଃ.. ଥାଉ ସେ କଥା ପରେ ।

ଯା ଭିତରେ ସୂର୍ଯ୍ୟର କେତେ ଗୁଡ଼େ ଗପ 'କଥା' ପରି କିଛି ପତ୍ରପତ୍ରିକାରେ ପ୍ରକାଶିତ ହେଲାଣି । ହେଲେ ଏ ଗପଲେଖାରେ ତା'ର ମନ ନଥାଏ । 'ଧରିତ୍ରୀ', 'ସମ୍ବାଦ'ରେ ସେ ସିନେମାକୁ ନେଇ ଅନେକ ଫିଚର୍ ଲେଖେ, ବୋଧେ ଏଥିରେ ସେ ଆତ୍ମସନ୍ତୋଷ ପାଏ । ଗୀତର ପ୍ରେମ ପରି ସେ ଓଡ଼ିଆ ସିନେମାର ପ୍ରେମରେ ପଡ଼ିଯାଏ । ଜଣେ ଫିଲ୍ମ ଜର୍ଣ୍ଣାଲିଷ୍ଟ ହିସାବରେ ସେତେବେଳକୁ ଲୋକପ୍ରିୟ ହେବାକୁ ଆରମ୍ଭ କଲାଣି । ଏହିସବୁ ଫିଚରକୁ ନେଇ 'ଭଙ୍ଗାରୁଜା ସମୟ'(୨୦୦୫) ବୋଲି ଗୋଟେ ବହି ବି ପ୍ରକାଶିତ ହେଲାଣି । ତା'ର ଗୋଟେ ଅନୁଦିତ ଉପନ୍ୟାସ 'ଗୋଲି' (୨୦୦୬) ବି ପ୍ରକାଶିତ ହଲାଣି । ତାର ଫିଚର୍ ସିନେମା ସଂପର୍କିତ ସବୁ ଲେଖା ଦସ୍ତାବିଜ୍ ମୁଁ ପଢ଼ିଛି, ମତେ ସେ ସବୁ ବହୁତ ଭଲ ଲାଗେ । ସେସବୁ ପଢିଲେ ଲାଗିବ, ତୁମେ ଯେମିତି ଏକ କାବ୍ୟ ଉପନ୍ୟାସ ପଢୁଛ । ପୁଣି ଏ ଭିତରେ ସେ ବହୁ ପୁରୁଣା ସିନେମାର ଗୀତର ଅଡ଼ିଓ, ଭିଡ଼ିଓ ଓ ଦସ୍ତାବିଜ ସଂଗ୍ରହରେ ଲାଗି ପଡ଼େ । ଏଥିପାଇଁ ସେ ବହୁତ କଷ୍ଟ କରେ । ଯାହା ପାଖରେ କିଛି ତଥ୍ୟ ବା ରେକର୍ଡ଼ ଥାଏ, ତା'ପାଖରେ ପହଞ୍ଚେ । ବହୁତ ଜାଗାରେ ସେ ଅପଦସ୍ତ ହୋଇଛି । ଗାଳି ଖାଇଛି । କେଉଁ ସ୍ୱର୍ଗତଃ ପ୍ରଯୋଜକଙ୍କ ପୁଅର ଗୋଡ଼ ମୋଡ଼ିଛି । ଫଜେରା ନଫାଟୁଣୁ କାହା ଦୁଆର ଠକ୍ ଠକ୍ କରିଛି ଓ ତାଙ୍କର ବିରକ୍ତିକୁ ହଜମ୍ କରିଛି ।

ହେଲେ ବିଧାମରା ଜୀବନ ବଞ୍ଚୁଥିବା ସୂର୍ଯ୍ୟ ଏସବୁରେ ହାରି ଯାଇ ନାହିଁ । ପଛଘୁଞ୍ଚା ଦେଇ ନାହିଁ । ଏଥିପାଇଁ ସେ ତାର ଦରମା ଟଙ୍କା ଖର୍ଚ୍ଚ କରି ଦେଇଛି । ଏଥିପାଇଁ ସେ ତା'ର ନୂଆ ହୀରୋହୋଣ୍ଡା ମଟର ସାଇକେଲକୁ ବନ୍ଧକ ଦେଇ ଦିନକୁ ଦଶ ପର୍ସେଣ୍ଟ ସୁଧରେ ପାଞ୍ଚ ହଜାର ଟଙ୍କା ଆଣି ଆଉ ଶୁଝିନପାରି ମଟର ସାଇକେଲ୍ ହରେଇଛ । ତଥାପି ସାଇକେଲ୍‌ରେ, ବସ୍‌ରେ ନହେଲେ ପାଦରେ ଚାଲିଚାଲି ଲୋକଙ୍କ ପାଖରେ ପହଞ୍ଚିଛି । ତା' କାମରେ ସେ କିନ୍ତୁ ଥକି ପଡ଼ିନାହିଁ, ହାରି ଯାଇନାହିଁ । ୨୦୦୮ରେ ପ୍ରକାଶ ପାଇଛି 'ଓଡ଼ିଆ ସିନେମାର ରୂପ ରୂପାନ୍ତର' । ଏ ବହି ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର ଲାଭ କରିଛି,










ପରେ ପରେ ୨୦୧୧ରେ 'ଝୁରାମନ ଝରାଗୀତି'ରେ ସେ ଓଡ଼ିଆ ସିନେମା ଗୀତର ନିର୍ଭୁଲ ଲେଖା ପ୍ରକାଶିତ କରିଛି ।

ତା'ପରେ ତିନି/ଚାରି ବର୍ଷର ଲମ୍ବା ନୀରବତା । ଏ ଭିତରେ ସୂର୍ଯ୍ୟ ସହ ପ୍ରାୟ ଦେଖା ହୁଏ ନାହିଁ । ବେଳେ ବେଳେ ସିନେମାର କୌଣସି ଗୀତ / ଗୀତିକାର, ଗାୟକଗାୟିକାଙ୍କ ଉପରେ କିଛି ସନ୍ଦେହ ହେଲେ ସୂର୍ଯ୍ୟକୁ ଫୋନ୍ କରେ । ସିନେମା ଗୀତର ଚଳନ୍ତି encyclopedia ବୋଲି ମୁଁ ତାକୁ କହେ । ଆମେ ଟିକେ ଗପୁ । ତା'ର ପରିବାର, ସୋନୁ ଓ ସୁଗୁନ୍ କଥା । ତାର ଜନ୍ମ ଗାଁ ଲୁତୁର୍‌ପଙ୍କ କଥା, ଆମ ଘର କଥା ।

ତା'ପରେ କିଛିଦିନ ପୁଣି ଚୁପ୍‌ଚାପ୍ । ତା'ଭିତରେ ସୂର୍ଯ୍ୟ ଓ Film Journalist Association ମାନେ ପୁରୁଣା ଓଡ଼ିଆ ସିନେମାର Screening କରନ୍ତି । ସେହି ସିନେମାର କଳାକାର,




ସଂଗୀତଜ୍ଞ ଗାୟକ, ଗାୟିକା, Technician ମାନଙ୍କୁ ସମ୍ବର୍ଦ୍ଧିତ କରନ୍ତି । ଲାଗେ, ସୂର୍ଯ୍ୟ ଥକି ଯାଇ ନାହିଁ । କ'ଣ ନା କ'ଣ କାମରେ ସେ ଲାଗିଛି । ଲୁପ୍ତ ହେବାକୁ ଯାଉଥିବା କିନ୍ତୁ ପୁରୁଣା ଓଡ଼ିଆ ସିନେମାର ପୁନଃଉଦ୍ଧାର କରିବାରେ ଲାଗିଛି । ଗୁଡ଼ାଏ ନଷ୍ଟ ହୋଇ ଯାଇଥିବା ରିଲ୍‌ସ୍‌କୁ ନେଇ ଲାବୋରୋଟରୀରେ ପରୀକ୍ଷା ନିରୀକ୍ଷା କରୁଛି, କିନ୍ତୁ ସାହିତ୍ୟିକଙ୍କର documentary ତିଆରି କରିଛି । ଏଥିପାଇଁ ଯାହା ସେ ପାରିଶ୍ରମିକ ପାଏ, ତାହା ସମୁଦ୍ରକୁ ଶଂଖେ ପରି । ଅନ୍ୟ ଭାଷାରେ କହିଲେ, ସମୁଦ୍ରକୁ ଶଂଖେ ।

ପୁଣି ଦୀର୍ଘ ୩/୪ବର୍ଷର ନୀରବତା ପରେ ୨୦୧୫ରେ ପ୍ରକାଶ ପାଏ ସୂର୍ଯ୍ୟର ବହି, 'ଓଡ଼ିଆ ସିନେମା ଗୀତ' (୧୯୩୬-୧୯୬୯) । ଏଥିରେ ସେ ନିର୍ଭୁଲ ଭାବେ ୩୩ବର୍ଷର ଓଡ଼ିଆ ଚଳଚ୍ଚିତ୍ରର ଗୀତ ସବୁକୁ ସ୍ଥାନିତ କରିଛି । ଏ ବହି ତା'ର ଏବେ ଓଡ଼ିଆ ସିନେମା ଗୀତର ଏକମାତ୍ର ନିର୍ଭୁଲ୍ ଦସ୍ତାବିଜ୍ ବୋଲି କୁହାଯିବ ।

ଏବେ ଏବେ ତାର 'କାଲି ପାଇଁ କାଲିର ସିନେମା' ବହି (୨୦୨୦) ଜାତୀୟ ପୁରସ୍କାର ଲାଭ କରିଛି । ଏଥିପାଇଁ ତାକୁ ଅନେକ ସମ୍ବର୍ଦ୍ଧନା ମିଳିଛି । ହେଲେ ରାଜ୍ୟ ସରକାର ଖେଳାଳିମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା, ଗାଡ଼ି ଓ ପ୍ଲଟ୍ ପୁରସ୍କାର ଦେଉଥିବା ବେଳେ ସୂର୍ଯ୍ୟ ପରି ନିଃସ୍ୱାର୍ଥପର ଗବେଷକକୁ କେବଳ ଟୁଇଟର୍‌ରେ ପ୍ରଶଂସାଟିଏ ମିଳିଛି । ଟଙ୍କାଟିଏ ଆର୍ଥିକ ସାହାଯ୍ୟ ମିଳିବା ବୋଧରେ କେହି ଚିନ୍ତା ବି କରିନାହାନ୍ତି ।

ସୂର୍ଯ୍ୟ ଏ ଭିତରେ ଏହି ଗବେଷଣା ପାଇଁ ଫେଲୋସିପ୍ ପାଇଛି । ପିଏଚ୍‌ଡି ଗବେଷଣା ମଧ୍ୟ କରୁଛି । ଏବେ ବି ଖଟିକୁ ଆସୁଚି । ଆମେ ସାଙ୍ଗ ହୋଇ ଚା' ପିଉଚୁ । ପୁରୁଣା, ନୂଆ ସିନେମା ଉପରେ କଥା ହେଉଛୁ । ତଥାପି ମୁଁ ଲକ୍ଷ୍ୟ କରୁଛି, ସୂର୍ଯ୍ୟ ମୁହଁରେ ଉଦାସ ବାଦଲର ଛାଇ । ମନେ ହେଉଛି, ସୂର୍ଯ୍ୟ ଏତେ ବେଶୀ ଖୁସି ନାହିଁ । ଏବେ ଏବେ ତାର ପ୍ରକାଶ ପାଇଛି ୧୯୭୦ରୁ ୧୯୭୮ ଭିତରେ ମୁକ୍ତିଲାଭ କରିଥିବା ଓଡ଼ିଆ ସିନେମା ଗୀତର ବହି 'ଓଡ଼ିଆ ସିନେମା ଗୀତ ୧୯୭୦-୭୮' । ସୂର୍ଯ୍ୟକୁ ଦେଖିଲେ ମନେ ହେଉଛି ୧୯୩୬ ରୁ ୨୦୨୨ ଯାଏଁ ଏକ ଲମ୍ବା ରାସ୍ତାର ପଥିକ ସାଜିଥିବା ସୂର୍ଯ୍ୟ ଦେଓ କ୍ରମଶଃ ଥକି ପଡୁଛି କି ? ବୀତସ୍ପୃହ ହେଇ ପଡୁଛି କି ?



କିନ୍ତୁ ସୂର୍ଯ୍ୟର ମୁହଁରୁ ଏମିତି ଭାବ ଠଉରେଇବା ବଡ଼ କଷ୍ଟ କାମ । ନିଜ ଦୁଃଖ, ଅବସୋସ୍ ଲୁଚେଇବାରେ ମାହିର୍ ସୂର୍ଯ୍ୟ ଦେଓ । ଏବେବି ପୁରୁଣା, ନୂଆ ଏଲ୍‌ପି ରେକର୍ଡ଼ ହେଉ କି ସିଡି ହେଉ, ସଂଧାନ ପାଇଲେ, ସେଠି ସୂର୍ଯ୍ୟ ନିଶ୍ଚେ ପହଂଚିବ ହିଁ । ସେ ବେଦବନ୍ଧୁ ମିଶ୍ର (ପୁରୁଣା, ନୂଆ ଓଡ଼ିଆ ରେକର୍ଡ଼, ସିଡ଼ି ଇତ୍ୟାଦିର ବହୁତ ବଡ଼ ସଂଗ୍ରାହକ) ହୁଅନ୍ତୁ ବା କୋରାପୁଟ ଜୟପୁରର ରେକର୍ଡ଼ ଦୋକାନୀ ସିମାଦ୍ରୀ ହୁଅନ୍ତୁ, ସବୁ ଗୀତ ଓ ସିନେମା ପାଗଳଙ୍କ ସହ ସଂପର୍କରେ ଅଛି ସୂର୍ଯ୍ୟ । ମତେ ଏବେ କିଛି ପୁରୁଣା LP ଓ EP ରେକର୍ଡ଼ ପାଇଁ କିଛି ଲୋକଙ୍କର ଠିକଣା ଓ ଫୋନ୍ ନମ୍ବର ସେ ଯୋଗାଡ଼ କରି ଦେଇଛି ।

ମୋର ଗୀତମନସ୍କତା ପାଇଁ ମୁଁ ଅନେକ ଲୋକଙ୍କ ପାଖରେ ଋଣୀ, ତା ଭିତରୁ ସୂର୍ଯ୍ୟ ଅନ୍ୟତମ । ଗୀତ ପାଇଁ ତାର ଯେଉଁ Passion, ମୁଁ ସେମିତି କ୍ୱଚିତ୍ ଲୋକଙ୍କ ଠି ଦେଖିଛି ।

ତା'ର ଅବଶିଷ୍ଟ ଜୀବନ ଗୀତ ଓ ଗବେଷଣାରେ କଟୁ ।



# ଭୀମ ଭୋଇଙ୍କ ଭୂଇଁ



# ଭୀମ ଭୋଇଙ୍କୁ ଖୋଜି ଖୋଜି

## ସାହିତ୍ୟ ପାଇଁ କୁହୁକ ଯାତ୍ରା


**ଭୀମ ପୃଷ୍ଟି**

କାଏମା, ଧର୍ମଶାଳା, ଯାଜପୁର-୭୫୫୦୦୮
ଫୋନ: ୯୪୩୭୫୩୧୩୯୭


ଫଟୋ ସୌଜନ୍ୟ : ଲେଖକ

**ଉପନ୍ୟାସର ଅଙ୍କୁରୋଦ୍‌ଗମ ହେଲେ ହିଁ କଥାଶିଳ୍ପୀ ଭାବେ ସୁନାମ ଅର୍ଜିଥିବା ଭୀମ ପୃଷ୍ଟି ଖୋଜାଲୋଡ଼ାରେ ବାହାରି ପଡ଼ନ୍ତି । କଣ ଖୋଜନ୍ତି ସେ ? କଣ ଆବିଷ୍କାର କରନ୍ତି ? ହଁ, ସ୍ଥାନ, କାଳ, ପାତ୍ର ଖୋଜିବାରେ ବାହାରି ପଡ଼ନ୍ତି ସେ । ଟିକେ ପାଖରୁ ଦେଖନ୍ତି ଚରିତ୍ରକୁ, ଟିକିଏ ପରଖନ୍ତି ସେଇ ସ୍ଥାନର ବିଶେଷତ୍ୱକୁ, ଟିକିଏ ଟିପିନିଅନ୍ତି ସମୟର ସ୍ୱାକ୍ଷରକୁ ନିଜ ମନ ସିଲଟରେ । ଏଥର ଭୀମ ଭୋଇଙ୍କୁ ଖୋଜିଛନ୍ତି ଆଉ ଜଣେ ଭୀମ, ଆମ ପାଇଁ ।**



▶ଲେଖକ ଭୀମ ପୃଷ୍ଟି



ଦେହତ୍ୟାଗୀ କବିଙ୍କୁ ସଶରୀରରେ ପାଇବା ଆକାଶ କଇଁଆ କଥା । ହେଲେ ତାଙ୍କ ଅସ୍ତିତ୍ୱଟାକୁ ଅନୁଭବ କରିବା ବି କାଠିକର ପାଠ ।

ମୋର ଧାରଣା ଥିଲା ଯୋରନ୍ଦାରେ ସେ ଅଛି । ସେଠି ସେ ପୂଜ୍ୟ । ଅନେକ ଦିନରୁ ଯୋରନ୍ଦା ମେଳାକୁ ଯିବା ପାଇଁ ମୋ ଭିତରେ ଗୋଟିଏ ପିପାସା ଥିଲା ।

ଦିନେ ଆମ ଗାଁର ସୁକାନ୍ତ ସାହୁ ମୋ ଆଖିରେ ସ୍ୱପ୍ନର ଅଞ୍ଜନ ଲଗାଇ ଦେଲା । ମେଳାକୁ ନେଇ ମୋ ମନରେ ଆବେଗର ହଳେ କୁହୁକ ଡେଣା ଖଞ୍ଜି ଦେଲା ।

ସୁକାନ୍ତ କହିଲା, "ଯିବା ।"

ମୁଁ କହିଲି, "ଯିବା ।"

ଦୁହେଁ ଗାଁରୁ ବାହାରି ପଡ଼ିଲୁ । ସାଙ୍ଗରେ ପୁରୁଣା ବଜାଜ୍ ସୁପର ସ୍କୁଟର୍ । ମେଳାକୁ ପହଞ୍ଚିବାକୁ ସର୍ଟକଟ୍ ରାସ୍ତା ଧରିଲୁ । ଦୈତାରୀ-ପାରାଦୀପ ହାଇୱେର ଚଢ଼େଇଧରା ଛକରୁ ପେଙ୍ଗୁଆ ଗାଁ ରାସ୍ତା ଦେଇ ଢେଙ୍କାନାଳ ରାସ୍ତାରେ ସ୍କୁଟର୍ ଛୁଟେଇ ଦେଲୁ ।

ଦିନ ଶେଷରେ ଭଙ୍ଗା ଦଦରା, ଖାଲଖମା ଦଶ କିଲୋମିଟର ରାସ୍ତା ସାରି ଯେତେବେଳେ ଜଙ୍ଗଲୀ ରାସ୍ତା ଦେଇ ଚାଲିଲୁ ବନ୍ଦ ହୋଇଗଲା ସ୍କୁଟର୍ । ସ୍କୁଟର୍‌ର ପଗ୍ ସର୍ଟ । କିଟ୍ ବ୍ୟାଗ୍‌ରେ ଦ୍ୱିତୀୟ ପ୍ଲଗ୍ ନଥାଏ । ଅସଜ ପ୍ଲଗ୍‌କୁ ବହୁ ସମୟ ସଫାସଫି କରିବା, ଶୁଖିଲା ପତ୍ରରେ ନିଆଁ ଲଗାଇ ସଫା କରିବା ପରେ ସ୍କୁଟର୍‌ରେ ଫିଟ୍ କଲା ପରେ ମଧ୍ୟ ଷ୍ଟାର୍ଟ ହେଲାନି ସ୍କୁଟର୍ ।

ସେହି ଜଙ୍ଗଲୀ ରାସ୍ତାରେ ଅନ୍ଧାରରେ ଆମେ ତିନିଜଣ । ମୁଁ । ସୁକାନ୍ତ । ଆଉ ଆମ ଅସଜ ସ୍କୁଟର୍ ।

ଜଙ୍ଗଲୀ ପିଚୁ ରାସ୍ତାରେ ଆମ ତିନିଜଣଙ୍କ ଚାରିପାଖରେ ମାୟାବୀ ଜହ୍ନରାତି । ଆୟୁର୍ବେଦିକ ବାସ୍ନାରେ ଚହଟୁଥିଲା ଚଉଦିଗ । ଅଜଣା ବଣଫୁଲର ସୁବାସରେ ଭରି ରହିଥିଲା ସାହସ । ଯେତେ ରାତି ହେଉ, ଯେତେ କଷ୍ଟ ପଡୁ ଆମେ ଯୋରନ୍ଦାରେ ପହଞ୍ଚିବୁ । ସେଇ ଉଠାଣି ଗଡ଼ାଣି ଜଙ୍ଗଲୀ ନିର୍ଜନ ରାତିରେ ସ୍କୁଟର୍ ଠେଲିଠେଲି ସୁକାନ୍ତ ଓ ମୁଁ ମେଳା ନିଶାରେ ଆଗକୁ ଆଗକୁ ଚାଲିଥାଉ ।

ଏମିତି ସାତ ଆଠ କିଲୋମିଟର ସ୍କୁଟର୍ ଠେଲା । ଦିଶିଲା ଦୂର ଅନ୍ଧାରୀ ଆକାଶ କୋଣରେ ଗଛପତ୍ରର ସିଲହଟ୍ ଉପର ଆଲୁଅର ଫୁଆରା । ଧୀରେ ଧୀରେ ପାଖେଇ ଆସିଲା ଲାଉଡସ୍ପିକର୍‌ର ମିଶାମିଶି ସ୍ୱର । ମେଳା ପାଖାପାଖି ଆମେ । ଯୋରନ୍ଦାର ନାଟିମା ବଜାର ଦେଇ ଚାଲିଥାଉ । କ୍ଳାନ୍ତ, ଅବସନ୍ନ ଆମେ ଓ ଆମ ସ୍କୁଟର୍ ଗୋଟିଏ ଗ୍ୟାରେଜ୍‌ରେ ଦେଇ ମେଳାରେ ଘୂରି ବୁଲିଲୁ ବଡ଼ମଠ, ନାଟିମା ମଠ, ମାତା ମଠ । କେଉଁ ମଠରେ ଭକ୍ତଙ୍କ ଗହଳି ଚହଳି ତ କେଉଁ ମଠରେ ଧୂନି ପାଖରେ ଚାଲିଥାଏ ଭୀମଭୋଇଙ୍କ ଖଞ୍ଜଣି ଭଜନ ।

ପିଲାଦିନେ ଗାଁରେ ଦେଖିଥିବା ସେ ବାବାମାନଙ୍କ ଗେରୁଆ ପୋଷାକ ତଳର ଜୀବନଚିତ୍ର ମୋର ମନେ ପଡ଼ିଲା । ସେ ବଲ୍କଳଧାରୀ କି କୌପୁନି ପିନ୍ଧା ଜଟାଜୁଟ ତାଳପତ୍ର ଛତ୍ର ଧରା ଓଡ଼ିଶାର ଗାଁ ଗହଳିରେ ପରିଭ୍ରମଣ କରୁଥିବା, ନିଜ ଦର୍ଶନରେ କୁମ୍ଭାଟିଆ ଯୋଗୀମାନେ । ସଂସାର ଛଡ଼ା ପୁଣି ସଂସାର ସଜଡ଼ା ପାଇଁ ଖରା ବର୍ଷା ଶୀତରେ ଖୋଲା ଦେହରେ ବୁଲୁଥିବା

ମହିମା ଗୋସେଇଁମାନେ - ମୋ ପିଲାଦିନରେ ଆମ ଗାଁଦାଣ୍ଡରେ ସେମାନଙ୍କ ପଟୁଆର । ଜଣେ ବୟସ୍କ ବକ୍କଳଧାରୀ ବାବାଙ୍କୁ ଦଶବାର ଜଣ କୌପୁନୀଧାରୀ ଶିଷ୍ୟ ଠେଲାଗାଡ଼ିରେ ଗାଁକୁ ଗାଁ ଠାକୁର ପରି ବୁଲାଉଥିବା ଦୃଶ୍ୟ ମନେପଡ଼ିଲା । ଗାଁର କେଉଁ ଭକ୍ତାଘରେ ପତ୍ରଦୋନାରେ ପଖାଳ ଖିଆ ଓ ରାତିରେ ଧୂନି ଜଳା ଓ ଭୀମ ଭୋଇଙ୍କ ଖଞ୍ଜଣି ଭଜନରେ ଗାଁର ନିସ୍ତବ୍ଧତା ଚହଲୁଥିଲା । ଭୋର୍‌ଭୋର୍ ଏମାନଙ୍କ ଗାଧୁଆ ପାଧୁଆ, ସୂର୍ଯ୍ୟପ୍ରଣାମ ଓ ଦଣ୍ଡବୈଠକ । ଏମାନଙ୍କର ଘିଅମଖା ଜଙ୍ଗଲୀ ଓ ଚାଷୀ ଭଳି ବଳିଷ୍ଠ ଚେହେରା । ଅଲେଖ ନିରଞ୍ଜନର ନାରାରେ ପିଲାଦିନ ଗାଁଦାଣ୍ଡ ଗେରୁଆମୟ ।

ଗେରୁଆ ପୋଷାକ ତଳେ ଦର୍ଶନ, ତୁଣ୍ଡରେ ଭୀମ ଭୋଇଙ୍କ ଭଜନ - ମୋ ଜାଣିବାରେ ସେମାନଙ୍କ ଜୀବନ ଓ ଜଗତ ଯାଦୁକରୀ ଦୁନିଆଁ ଠୁ କମ୍ ନ ଥିଲା । ମୋ ହାତରେ ଯୋରନ୍ଦା ମେଳା ଓ ଭୀମ ଭୋଇର ସ୍ୱପ୍ନ ଧରେଇ ଦେଇ ସୁକାନ୍ତ ତା'ର ବୃତ୍ତିଗତ, ସାହିତ୍ୟିକ ଦୁନିଆଁ ଭବାନୀପାଟଣା ଚାଲିଗଲା । ବିନା ସୁକାନ୍ତରେ ପୁଣି ତା' ପର ବର୍ଷ ଦୁଇତିନି ଦିନ ପାଇଁ ଯୋରନ୍ଦା ମେଳାରେ ଘୂରି ବୁଲିଲି । ଦିନରେ ଘୂରାଫେରା ବିଭିନ୍ନ ମଠ, ବାବା, ଭକ୍ତ ମେଳରେ । ଗାଁରୁ ଆସିଥିବା ଭକ୍ତାଙ୍କ ସହ ରାତିରେ କେଉଁ ଧର୍ମଶାଳା ଚଉଡ଼ା ସିମେଣ୍ଟ ବାରଣ୍ଡାରେ ଚାଦର ବିଛେଇ ଓ ଚାଦର ଘୋଡ଼େଇ ହୋଇ ଘମାଘୋଟ ନିଦରେ ଶୋଇଯାଏ । ଖରାବେଳେ ଭକ୍ତାଙ୍କ ସହିତ ମିଶି ଅରୁଆ ଅନ୍ନ, ଡାଲମା ପଙ୍ଗତରେ ବସେ ।

ଯୋରନ୍ଦାରେ ଦେଖିଲି ଗୋଟିଏ ଛୋଟ ଗୁମ୍ଫା ଭଳି ମଠରେ ଜଣେ ଯୁବ ବାବା ନିଜ ଗୁରୁଙ୍କ ଠୁ ବକ୍କଳଟିଏ ପାଇନଥିବା ଦୁଃଖରେ ସଂସାରର ଅସାରତା ଉପରେ କହୁଥିଲେ । ଖଞ୍ଜଣି ଧରି ଭୀମ ଭୋଇ ଭଜନରେ ସେ ତାଙ୍କର କଷ୍ଟସବୁ ଛାତିରୁ ହୁଗୁଳା କରୁଥିଲେ । ଆଖିରୁ ବୋହି ଯାଉଥିଲା ଧାର ଧାର ଲୁହ । ଆଉ ଜଣେ ଯୁବ ବାବା ଦିଲ୍ଲୀର ଜେଏନ୍‌ୟୁରେ ଏମ୍‌ଏ ପଢୁଥିଲେ । ତା'ର ଅଳ୍ପ ଦାଢ଼ି ଆଉ ଗେରୁଆ ପୋଷାକ ପିନ୍ଧି ସେ ଗର୍ବିତ ପୋଷ୍ଟ ଗ୍ରାଜୁଏସନର ଛାତ୍ରଟି ନିଜ ଗୁରୁଙ୍କ ପଇସାରେ ପାଠ ପଢୁଥିବାର ଗୌରବରେ ସେ ମେଳାରେ ଅଲଗା ଦିଶୁଥିଲେ ।

କେଉଁ ମଠରେ ଚାଲିଥିଲା ଫୁସୁରୁଫାସର - ଏ ବର୍ଷ କେଉଁ ବାବା ବକ୍କଳ ପାଇଲେ ସେ କେମିତି ତାଙ୍କ ଗୁରୁଙ୍କୁ ତେଲାତେଲି କରି ଟଙ୍କାପଇସା ଖର୍ଚ୍ଚ କରି ବକ୍କଳ ପାଇଲେ । ତା'ଠୁ ସିନିୟର ଶିଷ୍ୟ ବକ୍କଳ ନପାଇ ପଛରେ ରହିଗଲେ । ଯୋରନ୍ଦାରେ ବକ୍କଳଧାରୀ ଓ କୌପୁନୀଧାରୀ ଭିତରେ ଦ୍ୱନ୍ଦ୍ୱ କମ୍ ନ ଥିଲା । ଚାଲିଥିଲା ଦୁଇଟା ଶୂନ୍ୟମନ୍ଦିରରେ ଜଣେ ଅଲେଖଙ୍କ ପାଇଁ ଦୀପଟେକା, ଝାଡ଼ ଦର୍ଶନ । ମହିମା ପୋଷାକ ଆଢୁଆଳରେ ଚାଲିଥିଲା ବକ୍କଳଧାରୀ ଓ କୌପୁନୀ ଧାରୀଙ୍କର ମଠବାଡ଼ି, ସୀମାସରହଦ, ପଇସାପତ୍ର, ଅଧିକାରକୁ ନେଇ ବାବାଜୀ ବାବାଜୀ ଭିତରେ ଉଚ୍ଚବାଚ, ମାଡପିଟ୍ ଶାନ୍ତିକମିଟି ତିଆରି । କୋର୍ଟ କଚେରୀର ପାଲା ।

ସେମାନଙ୍କ ଦର୍ଶନର ଦ୍ୱନ୍ଦ୍ୱ, ଗୁରୁ ହେବାର ଭାରିପଣ, ଆଚାରତରିକା ସବୁ ଆମ ସାଧାରଣ ସାଂସାରିକ ଜୀବନରେ ଘଟୁଥିବା ଘଟଣା ଭଳି ଥିଲା । ବକ୍କଳ ଆଉ କୌପୁନୀ ଏହି ଦୁଇଟି ପୋଷାକ ପାଇଁ ସେମାନେ ଦୁଇ ଦଳ ହୋଇଯାଇଥିଲେ, ହେଲେ କେହି ଛାଡ଼ି ପାରିନଥିଲେ ଭୀମଭୋଇଙ୍କୁ ।

ସେମାନେ ଏକ ଅଲେଖଙ୍କ ପାଇଁ ଦୁଇଟା ମନ୍ଦିର କରିଦେଲେ । ଭୀମଭୋଇ ଭଜନ କି ଦର୍ଶନକୁ ଭାଗ କରି ପାରିଲେନି, ଭୋଗ କରି ଚାଲିଲେ ।

ମେଳାରେ ଦେଖା ହେଲେ କୋଡ଼ିଏ କି ପଚିଶ ଜଣ ଭୀମ ଭୋଇ ବୟସର ଯୁବ ବାବାଜୀ । ସେମାନେ କୌପୁନୀ କି ବକ୍କଳ ପୋଷାକର ନିକିତି ତଉଲର ଧାର ଧାରନ୍ତି ନାହିଁ । ସେମାନେ ମଠର ଆୟବ୍ୟୟ ହିସାବ ବୁଝନ୍ତି ନାହିଁ । ଭଣ୍ଡାର ଘର ଚାବିକାଠି ରଖିବା ସେମାନଙ୍କ ପାଇଁ ବୋଝ । ସେମାନେ ପ୍ରବଚନ ଦେବେ ନାହିଁ । ଜ୍ୟୋତିଷ କରିବେ ନାହିଁ । ଯାହା ମିଳିଲା ଖାଇଲେ । ସେମାନେ କବି, ଲେଖକ । ପାଣ୍ଡୁଲିପି ପରେ ପାଣ୍ଡୁଲିପି ସେମାନେ ଭର୍ତ୍ତି କରୁଥାନ୍ତି । ସେ ଅଲେଖ ଯୁବ ସନ୍ନ୍ୟାସୀମାନେ ସବୁ ଠିକ୍ ଭୀମ ଭୋଇ ପରି ସୃଜନ ସୃଷ୍ଟିରେ ତନ୍ମୟ ।

ଭୀମ ଭୋଇଙ୍କର ଅସ୍ତିତ୍ୱ ଖୋଜାଣରେ କଷ୍ଟପୂର୍ଣ୍ଣ ମୋର ଯାତ୍ରା । ଏଥର ଯୋରନ୍ଦା ନୁହେଁ - ରେଢ଼ାଖୋଲ ।



ରେଢାଖୋଲ ଛକରେ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି

ରାତି ସାଢ଼େ ଚାରିଟାରେ ରେଢ଼ାଖୋଲ ଛକରେ ଓହ୍ଲେଇଦେଲା କଟକ-ସମ୍ବଲପୁର ବସ୍ । ବସ୍ ଅଟକିବା ପରେ ସିଟ୍ ତଳେ ଅଣ୍ଡାଳି ଖୋଜି ପାଇଲି ନାହିଁ ମୋର ପଟେ ଜୋତା । ଅନ୍ୟକୁ ଖୋଜି ଆସିଥିବା ଲୋକର ଏମିତି ଛୋଟମୋଟ ଚିଜ ଯାତ୍ରାପଥରେ ହଜେ । ଫିଙ୍ଗିଦେଲି ଆରପଟକ ଜୋତା । ଫୁଙ୍ଗୁଳା ପାଦରେ ରେଢ଼ାଖୋଲ ଛକରେ ଘୂରି ବୁଲିଲି । ରାତ୍ରିବେଳା ବସ୍ ପ୍ୟାସେଞ୍ଜରଙ୍କ ପାଇଁ ଖୋଲା ଥିଲା ଚା' ଦୋକାନ । ସେତେବେଳେ କୁଙ୍କୁରାକାଙ୍କୁଡ଼ି ଶୀତ । ଭୋର୍‌ରୁ ସେଠି ମିଳିଗଲା ଅଧାଗ୍ଲାସ୍ ଗରମ ଚା' । ରେଢ଼ାଖୋଲ ଛକ ଉପରେ ନିୟନ୍ ଲାଇଟ୍ ତଳେ ଉଚ୍ଚା ଆସ୍ଥାନରେ ଛିଡ଼ା ହୋଇଥିଲା ଭୀମ ଭୋଇ ।

ସ୍ଥପତିର କଳ୍ପନାରେ ତିଆରି ତା'ର ହଟାକଟା ଚେହେରାରେ କାବିକ୍ୟ ବିନମ୍ରତା । ସବୁସମୟର ଯୁବ ବିପ୍ଲବୀ କବି ଭଳି ତା'ର ଛିଡ଼ା ହେବାର ଭଙ୍ଗୀ – 'ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ / ତେଣୁ କରି ସିନା ପ୍ରାଣୀଙ୍କ ବିକଳ ସହି ନପାରିବି ମୁହିଁ' – ଏହି ଧାଡ଼ି ଉପରେ ଯେପରି ଛିଡ଼ା ହୋଇଛି ଗୋଟିଏ ଜାତିର ମାନସିକତା ।

ରେଢ଼ାଖୋଲରେ ସକାଳ ହୋଇଆସୁଥିଲା । ଯେଉଁଠି ମୋ ଫୁଙ୍ଗୁଳା ପାଦ ଥାପୁଥାଏ, ସେଠି ତା'ର ପାଦଚିହ୍ନ । ଦେଢ଼ଶହ ବର୍ଷ ତଳେ ରେଢ଼ାଖୋଲ ମାଟି ଆସ୍ତରଣ ତଳେ କେଉଁଠି ଲୁଚି ରହିଛି ତା' ପାଦର ଧୂଳି ଦାଗ ? ସେ ମୂର୍ତ୍ତିଟାକୁ ନିଠେଇ ନିଠେଇ ଦେଖୁଥାଏ । ଏ ମୂର୍ତ୍ତିର ପ୍ରତୀକ ଠାରୁ ତା'ର ଅସ୍ତିତ୍ୱ ଆଡ଼କୁ ମୋର ଯାତ୍ରା । ରେଢ଼ାଖୋଲ ଛକ ଠାରୁ କଟିକଟା ମହାନଦୀ ଘାଟ ପର୍ଯ୍ୟନ୍ତ ଯିବାକୁ ଥିବା ରାସ୍ତା । ନେବା ପାଇଁ ମିନିଟ୍ରକ୍ ଡାଲାରେ ତମ୍ବୁ ଟଣା ହୋଇ ଛିଡ଼ା ହୋଇଥିଲା ଗୋଟିଏ ଯାତ୍ରୀବୁହା ଗାଡ଼ି । ଭରପୂର ଯାତ୍ରୀ ଗହଳି ଭିତରେ ସେଠି ଖୋଜିନେଲି ଛିଡ଼ା ହେବାକୁ ଫୁଟେ ଦେଢ଼ଫୁଟ ଜାଗା । ରେଢ଼ାଖୋଲ-କଟିକଟା ରାସ୍ତାରେ ମଧୁପୁର ଛକରେ ଓହ୍ଲେଇଲି । ଏ ଭୀମ ଭୋଇର ଗାଁ । ତା'ରି ଭଣିତାରେ ଏ ଗାଁର କଥା –



କନ୍ଧରାରେ ଥିବା ଭୋକଶୋଷରେ ଭୀମ ଭାଇ ରାତି ବିତାଉଥିବା ଡୁମୁରିବଣ



ରେଢାଖୋଲ ରାଜାଙ୍କ ଦ୍ୱାରା ଦଣ୍ଡିତ ହୋଇ ଚାରିକାଠିଆ ଭାବେ ରହିଥିବା ଜେଲଖାନା



କନ୍ଧରାରେ ଥିବା ଭୀମ ଭୋଇ ପଢ଼ିଥିବା କୂପ

'ଜନନୀ ଉଦର ଗୋପ ମଧୁପୁର ପାଶୋରି ନଯାଏ ଚିତ୍ତୁ / ମାତୃ ଗର୍ଭଗତେ ପାଠ ପଢ଼ିଥିଲି ଟିକେ ଟିକେ ଅଛି ହେତୁ ।'

ଭୀମ ଭୋଇର ଗାଁ ଚଉଦିଗେ ଶୀତ ସକାଳର ଉଷୁମ ଖରା, ଜଙ୍ଗଲୀ ହାଓ୍ୱାରେ ଭରି ରହିଥିଲା ଫୁର୍ତ୍ତି । ମଧୁପୁର ଛକରୁ ଗାଁ ଦେଇ ମାଇଲିଏ ଚାଲି ପୁରୁଣା ସାହିର ଢିଅ ଉପରେ ଛିଡ଼ା ହେଲି । ଭୀମ ଭୋଇର ସେ ଘର ନଥିବା ପୁରୁଣା ଢିଅ ଉପରେ ଗୋଟିଏ ବରଗଛରେ ନିମ୍ବଗଛ କୋଳେଇ ହୋଇ ବଢୁଥିଲା । ଦୁଇ ପ୍ରଜାତି ଗଛର ଏ ସହାବସ୍ଥାନ ଦେଖି ମୋର ମନେ ହେଲା – ନିମ୍ବ ଗଛ ଯଦି ଭୀମ ଭୋଇ, ବରଗଛ କ'ଣ ତେବେ ମହିମା ଗୋସେଇଁ ?

ଏକଦା ଭୀମ ଭୋଇ ରହିଥିବା ଏ ଗାଁରେ ଅଳ୍ପ ଦୂରରେ ବହି ଯାଉଥିବା କେରାଣ୍ଡି ଜୋର । ପାଖରେ ବିଶାଳ ତାଳବଣ । ତାଳ ବାହୁଙ୍ଗାରେ ଝୁଲୁଥିଲା ଶହଶହ ବାୟା ଚଢ଼େଇର ବସା । ବସାରୁ ଆକାଶ, ଆକାଶ ଆଡ଼େ ଉଡୁଥିବା ସେ ଅସଂଖ୍ୟ ବାୟା ଚଢ଼େଇଙ୍କ କିଚିରି ମିଚିରି ଗୀତରେ ମନେ ପଡ଼ିଗଲା – ଏଇ ତାଳବଣରେ କେଉଁ ମା' ତା'ର କଅଁଳା ଛୁଆକୁ ପକେଇ ଦେଇ ଚାଲିଗଲା । ତାଳବଣରେ କୁଆଁ କୁଆଁ ରଡୁଥିବା ଭୀମ ଭୋଇଙ୍କୁ ତୋଳି ଆଣିଲା ଏ ମଧୁପୁରର ଦନେଇ ଭୋଇ – ଆଣି ତା' ସ୍ତ୍ରୀ ଗୁରୁବାରୀକୁ ପାଳିବାକୁ ଦେଲା । ଏହି ତାଳବଣରୁ ମିଳିଥିବା ଭୀମ ଭୋଇ ଏ ଢିଅ ଉପରେ ଥିବା ଘରେ ବଢ଼ିଲା । ମୁଁ ସେଇ ଢିଅ ଉପରେ ଛିଡ଼ା ହୋଇଥିଲି । ଲିଭିଯାଇ ନଥିବା ଚିତ୍ର ପରି ସେ ପରିବେଶ । କିମ୍ବଦନ୍ତୀ ଓ କବିତା ଯେପରି ସେଠି ଚହଲୁଥିଲା । ତା'ରି ଭିତରେ ଚହଲୁଥିଲା ସେ ଛାୟା ଶିଶୁ ।

କୁହାଯାଏ ଗୋଟିଏ ବର୍ଷ କେରାଣ୍ଡ ଜୋରରେ ବନ୍ୟା ଆସି ମଧୁପୁରର ଏ ପୁରୁଣା ସାହିକୁ ଭସେଇ ନେଲା । ଏ ସାହିର ଲୋକ ମଧୁପୁର ଛକକୁ ଉଠିଗଲେ । ସେହି ଛକ ପାଖରେ ନୂଆ ମଧୁପୁର ସାହିର ଗୋଟିଏ ମାତ୍ର ଭୋଇ ପରିବାର । ସେଇଟା ଭୀମ ଭୋଇର ପରିବାର । ମୁଁ ସେହି ପୁରୁଣା ମଧୁପୁରର ଭୀମ ଭୋଇର ଶୂନ୍ୟ ଘରଢ଼ିଅରୁ ହଟି ଆସି ନୂଆ ମଧୁପୁର ଭୀମଭୋଇର ପରିବାରର ଦର୍ଜା ପାଖରେ ଛିଡ଼ା ହେଲି ।

ସେ ଘରେ ଗୋଟେ ରାତି ବିତେଇଲି । ଦି'ଧାଉଡ଼ିଆ କୁମ୍ଭାରତିଆରି ଟାଇଲ ଛପର ଘର । ଭୀମ ଭୋଇ ନାଁ କହିବାରୁ ସେ ଘରେ ମୋତେ ମିଳିଲା ଖରାବେଳେ ବକ୍ତେ ଭାତ, ଖମ୍ବଆଳୁ ତରକାରୀର ଝୋଳ । ଘରର ଗୋଟେ ପରସ୍ତରେ ଥିବା କବାଟ ଝରକା ନଥିବା ଅନ୍ଧାରିଆ ବଖରାରେ ଖଜୁରୀ ପତ୍ରର ସପ, ଢାଳେ ପାଣି, ନିଆଁ

ଉହ୍ଲେଇଟିଏରେ ମିଳିଗଲା ଭୀମ ଭୋଇର ଘରେ ରାତିଟିଏ ରହିବାର ଥାନ।

ମିଞ୍ଜିମିଞ୍ଜି ଡିବିରି ଆଲୁଅରେ ଗପିଲା ସେ ଘରର ବଡ଼ଭାଇ ଏକାଦଶୀ ଭୋଇ – "ଭୀମ ଭୋଇର ବାପା ମା' ଜଣା ନାହିଁ। ଆମରି ପରିବାରର ଦନେଇ ଭୋଇ ତାକୁ ତାଳବଣରୁ ପାଇଲା। ଦନେଇ ଭୋଇ କିଛି ଦିନ ପରେ ମଲା। ଦନେଇର ସାନ ଭାଇ ଧନେଶ୍ୱର ତା'ର ବିଧବା ଭାଉଜ ଗୁରୁବାରୀକୁ ବାହା ହେଲା। ଆମରି ଘରେ ଭୀମ ଭୋଇ ବଡ଼ ହୋଇ ନ' ଦଶ ବର୍ଷ ବୟସରେ ଏ ଘର ଛାଡ଼ିଲା। ସିଆଡ଼େ କାଙ୍କଣପଡ଼ା, କନ୍ଧରାରେ ଗଉଁତିଆ ଘରେ ବାରମାସିଆ ହୋଇ ରହିଲା। ତା'ପରେ ଖଲିଆପାଲିରେ ଭୀମ ଭୋଇ ମହାପ୍ରଭୁ ହୋଇଗଲା।"

ସେ ଘରେ ଖଞ୍ଜଣି ନ ଥିଲା କି ତାଳପତ୍ର ଛତ୍ରୀ ନ ଥିଲା। ସେମାନେ ଗେରୁଆ ଭକ୍ତ ନ ଥିଲେ। ଦାରିଦ୍ର୍ୟର ସୀମାରେଖା ତଳେ ରହିଥିଲା ସେ ପରିବାର। ବଡ଼ ଭାଇ ଏକାଦଶୀ ଭୋଇ ଅଳ୍ପ ବିଲବାଡ଼ି ଯାହା ଥିଲା ତାହା ଦେଖାଶୁଣା କରୁଥିଲା। ସାନଭାଇ ମିଲୁ ଭୋଇ ଦିନମଜୁରିଆ। ଅଭାବ, ଅନାଟନ, ଅଶିକ୍ଷା ଓ ସେମାନଙ୍କର ଅସୁନ୍ଦର ଅବସ୍ଥା ମତେ ଜଳଜଳ ଦିଶୁଥିଲା। ଅଭାବରୁ ଭୀମ ଭୋଇ ଘରଦ୍ୱାର ଛାଡ଼ି ଗଉଁତିଆ ଘରେ ସାଜିଥିଲା ଗାଈ ଚରାଳୀ। ବାରମାସିଆ। ଦେଢ଼ଶହ ବର୍ଷ ଧରି ଭୀମ ଭୋଇର ଏ ପରିବାରରେ ବଞ୍ଚିବାର ଚମତ୍କାରିତାର ଅନ୍ତ ନ ଥିଲା।


ଫେରିଲା ବେଳେ ମଜୁରିକୁ ବାହାରିଥିବା ମିଲୁ ଭୋଇ କହିଦେଇ ଗଲା – "ଆମେ ଖଟିବୁ ଖାଇବୁ, ଖଞ୍ଜଣି ବଜେଇ ଭୀମ ଭୋଇ ଗୀତ ଗାଇବାକୁ ଆମକୁ ଟାଇମ୍ କାଇଁ?"

ମୁଁ ଏବେ ଯିବି କୁଆଡ଼େ? କଦଳୀଗଡ଼ ଛକରେ କନ୍ଧରା ଟୁଙ୍ଗୀର ମହିମା ବାବା ଆନନ୍ଦ ବାବାଙ୍କ ସହ ଦେଖା ହେଲା। ସେ କହିଲେ– "ଯିବ ଭୀମ ଭୋଇଙ୍କ ଅସଲ ଜାଗା?" ତାଙ୍କ ପଛେ ପଛେ ଚାଲିଲି। ମଧୁପୁରରୁ କଦଳୀଗଡ଼ ଛକରୁ ଘୁଙ୍ଗିନାଳୀ ଗାଁ ଦେଇ ମହୁଲମୁଣ୍ଡା ଗାଁ ପାର ହୋଇ କାଙ୍କଣପଡ଼ା ଗାଁ। ସାତ ଆଠ କିଲୋମିଟର ଜଙ୍ଗଲିଆ ପାଦଚଲା ରାସ୍ତା। ଏଇ ଚଲାଚଲି କାମରେ ମହିମା ବାବାଜୀମାନେ ଅଭ୍ୟସ୍ତ। ହେଲେ ବାବାଜୀ ପଛରେ ଧାଇଁ ମୁଁ ଧଇଁସଇଁ।

କାଙ୍କଣପଡ଼ା ଗାଁର ପ୍ରଥମ ମୁଣ୍ଡରେ ଗଉଁତିଆ ଚୈତନ୍ୟ ପଧାନଙ୍କ ଘର। ଗଉଁତିଆର ପୁଅ ନବଘନ, ତା'ପୁଅ ଲକ୍ଷ୍ମଣ, ତା' ପୁଅ କପିଳେଶ୍ୱର ପଧାନର ଏ ଘର। ଚୈତନ୍ୟ ପଧାନଙ୍କ ସମୟରେ ଏ ଘରେ ଭୀମ ଭୋଇ ବାରମାସିଆ ଥିଲା। ଗୋଟେ ଘର ନଥିବା ଢିଅ ଉପରେ ଭୁଶୁଡ଼ି ପଡ଼ିଥିବା ଗୋଟିଏ ପୁରୁଣା ଟୁଙ୍ଗୀ। ଏଇଟା ଚୈତନ୍ୟ ପଧାନର ଭାଗବତ ଟୁଙ୍ଗୀ ଥିଲା। ଦିନସାରା ଗାଈ ଚରେଇ ଆସି ଏଇ ଟୁଙ୍ଗୀରେ ସନ୍ଧ୍ୟାବେଳେ ଭୀମ ଭୋଇ ଶୁଣୁ ଥିଲା ଭାଗବତ। ତା' ମନରେ ଓ ହୃଦୟରେ ତିଆରି ହୋଇଥିଲା କବିତାର ମହାଭାବ। ଅଧରାତିରେ ଗଉଁତିଆ ଘରେ ଢିଙ୍କିଶାଳରେ ଧାନ କୁଟିଲା ବେଳେ ଢିଙ୍କିର ପାହାର ଓ ମନେରଖିଥିବା ଭାଗବତର ପଦରେ ଭୀମ ଭୋଇଙ୍କ ସ୍ୱର କାଙ୍କଣପଡ଼ାର ନିର୍ଜନ ରାତିକୁ ଦୁଲୁକାଇ ଦେଉଥିଲା।

ଫେରିଲା ବେଳେ ଆନନ୍ଦ ବାବା ପ୍ରସ୍ତାବ ଦେଲେ – "ଯିବ। ଭୀମ ଭୋଇଙ୍କ ଚାକ୍ଷୁଷ୍ୟ ପ୍ରମାଣ ଜାଗା ଦେଖିବ?"

ଚାକ୍ଷୁଷ୍ୟ ପ୍ରମାଣ ମାନେ ଅସ୍ତିତ୍ୱର ଗୋଟେ ନିବିଡ଼ ଅବସ୍ଥିତି ତ। ସେଇ ଅବସ୍ଥିତିଟା ପାଖରେ ମୋତେ ପହଞ୍ଚିବାର ଅଛି। ଆନନ୍ଦ ବାବାଙ୍କ ସହ କାଙ୍କଣପଡ଼ାରୁ ପୁଣି ଜଙ୍ଗଲ ରାସ୍ତା ଦେଇ କଦଳୀଗଡ଼ ଛକ, ସେହି ମହାନଦୀ ଘାଟ ଆଡ଼େ କଟିକଟା ରାସ୍ତା। ମୁଖ୍ୟ ରାସ୍ତାରୁ କନ୍ଧରା ଗାଁକୁ ରାସ୍ତା ପଡ଼ିଥିଲା।



ଭୀମ ଭୋଇ ମିଳିଥିବା ମଧୁପୁର ପୁରୁଣା ସାହି ନିକଟସ୍ଥ ତାଳବଣ



କନ୍ଧରାରେ ଭୀମ ଭୋଇ ରହିଥିବା ଗୌନ୍ତିଆ ଘରର ୯୦ ବର୍ଷର ଗୌନ୍ତିଆଣୀ ମଧବୀଲତା

ଗାଁ ଆରମ୍ଭରେ ଚୂନଧଉଳା କୂଅ ଚାରିପାଖରେ ଚାନ୍ଦିନୀ। ଆନନ୍ଦ ବାବା କହିଲେ– "ଏ ହେଉଛି ଭୀମ ଭୋଇଙ୍କ ଅସଲ ଜାଗା। କନ୍ଦରାର ଗଉଁତିଆ ଘରେ ସେ ଗାଈଆଳ ଥିଲେ। ଏଇ କୂଅରେ ପଡ଼ିଥିଲେ। ମହିମା ଗୋସେଇଁ ତାଙ୍କୁ ଏ କୂଅରୁ ଉଦ୍ଧାର କଲା ପରେ ଭୀମ ଭୋଇ ଏଇ କନ୍ଧରା ଗାଁରେ ତାଙ୍କର ପ୍ରଥମ ଭଜନ ରଚିଲେ – ବନ୍ଦନା ପାଦପଦ୍ମକୁ ଧ୍ୟାୟୀ / ଅରୂପାନନ୍ଦକୁ ଧ୍ୟାୟୀ, ସ୍ୱାମୀ ପୟରକୁ।"

ସେହି କନ୍ଧରା ଗାଁରେ ରହିଗଲି ଆନନ୍ଦବାବାଙ୍କ ମଠରେ ସାତ ଆଠ ଦିନ। ଦିନେଦିନେ ଅଧରାତିରେ ଟୁଙ୍ଗୀରୁ ବାହାରି ପଡ଼େ। ଭୀମ ଭୋଇ ପଡ଼ିଥିବା ସେଇ କୂଅଟା ଉପରେ ବସେ। ଜ୍ୟୋତ୍ସ୍ନାଲୋକର ଭୌତିକତାରେ ଚହଲୁଥାଏ ସେଇ କୂଅ ଭିତରର କଳା ଗୁମର ପାଣି। ସେ ଆଖପାଖରେ ଭୀମ ଭୋଇର ବସାଉଠା ଚଳପ୍ରଚଳ ଜାଗା। କୂଅ ଦକ୍ଷିଣକୁ ଡୁମୁରି ବଣ। ସେଇ ଛୋଟ ଛୋଟ ବୁଦୁବୁଦିକିଆ ଜଙ୍ଗଲରେ ଧୁନି ଜାଳି ରାତିରେ ବେଳେବେଳେ ଶୋଇ ଯାଉଥିଲା ଭୀମ ଭୋଇ। ଅଧା ପେଟ, ମଶା କଷ୍ଟ, ଅନିଦ୍ରାରେ ତା' ଭିତରେ ତିଆରି ହୋଇଥିଲା ପ୍ରତିବାଦ। ତା' ପୀଡ଼ା ସବୁ ପାଲଟି ଯାଉଥିଲା ପଦ।

କୂଅ ପଶ୍ଚିମ ପାଖରେ ବହି ଯାଉଥିଲା ସାନ କେରାଣ୍ଡି ଜୋର। ଏଇ ନଈକଡ଼ ଚାରଣ ଭୂମିରେ ଗାଈ ଚରାଉଥିଲା ଭୀମ ଭୋଇ। ଏଇ ନଈ ପାଣିରେ ମେଣ୍ଟାଉଥିଲା ତା' ଭୋକ ଓ ଶୋଷ। ଏଇ ନଈର ଜୀବନକୁ ନେଇ ସୃଜିଲା ପଦ – "ବୁଲୁ ଥାଇ ବନେ ଦିନ ପ୍ରତିଦିନ ବସ୍ତାକୁ ସଙ୍ଗତେ ଧରି / କ୍ଷୁଧା ତୃଷ୍ଣା କଲେ ଜୀବନ ବିକଳେ ପିଉଥାଏ ଝର ପାଣି।"



ମଧୁପୁରରେ ଭୀମ ଭୋଇଙ୍କ ବଂଶଜ ମିଲୁ ଭୋଇର ପରିବାର

କାଙ୍କଣପଡ଼ାରୁ ଆସି କନ୍ଧରାରେ କୃଷ୍ଣ ଗଉଁତିଆ ଘରେ ଭୀମ ଭୋଇ ବାରମାସିଆ ହୋଇ ରହିଲା। ସେଇ ଗଉଁତିଆ ଘରେ ବସିଥିଲି ମୁଁ। କୃଷ୍ଣ ପୁଅ ସଦାନନ୍ଦ, ତା' ପୁଅ ଏକାଦଶୀର ପୁଅ ଗଙ୍ଗାଧରର ପୁଅ ତ୍ରିପୁରାରୀର ଘରେ। କୃଷ୍ଣ ଗଉଁତିଆଙ୍କ ସମୟରେ ଭୀମ ଭୋଇ ଏ ଘରେ ଥିଲେ। ଏ ଘରେ ମୁଁ ଭାତ ଖାଇଲା ବେଳେ ମୋ ହାତ ଅଟକି ଗଲା। ସେଇ ଘରର ୭୫ କି ୮୦ ବର୍ଷର ଗଉଁତିଆଣି ସହି ପାରିଲେନି ଖାଇବା ପାଖରେ ମୋର ହାତଟେକା। ତାଙ୍କ ନାଁ ମାଧବୀ ଲତା। ବେକତଳର ଚିତ୍ତାକୁଟାର କୁଟିକମ। ମୁଣ୍ଡରେ ଦରପାଚିଲା ତେଲ ଜରଜର ସମ୍ବଲପୁରୀ ବାଙ୍କଖୋସା। ଭୀମ ଭୋଇ ପାଇଁ ସେ ବୁଢ଼ୀ ହୋଇପଡ଼ିଲା ଭାବପ୍ରବଣ – "ମୋ ଗୋସେଇଁ ଶାଶୂଙ୍କ ଠୁ ଶୁଣିଛି ତାଙ୍କ ସ୍ୱାମୀ ଆଉ ଭୀମ ଭୋଇ ଏକା ବୟସର। ଅନ୍ଧ ହେଲେ କ'ଣ ହେବ ତାଙ୍କ ଗୀତ ଶୁଣି ଗାଈମାନେ ଗୁହାଳରୁ ବାହାରୁଥିଲେ, ଜଙ୍ଗଲରେ ଚରୁଥିଲେ ଓ ଗୁହାଳକୁ ଫେରି ଆସୁଥିଲେ। ଦିନରେ ଗାଈ ଚରେଇବେ, ରାତିରେ ଧାନ କୁଟିବେ। ବାଉଁଶ ଗଜା ଛେଚିବେ। ଜୋରରୁ ମାଛ ଧରି ଆଣିବେ। ସେ ଏମିତିଆ ଗୀତ ସବୁ ଫାନ୍ଦିଲେ ଯେ ଲୋକମାନେ ତାଙ୍କୁ ଗାଳିମନ୍ଦ କଲେ। ଟେକା ମାରିଲେ। ରେଢ଼ାଖୋଲ ରାଜା ତାକୁ ଚାରିକାଠିଆରେ ବାନ୍ଧି ଅନ୍ଧାରୀ ଜେଲଖାନାରେ ପୂରେଇ ଦେଲେ। ମାଡ଼ଗାଳି, ଜେଲ୍ ଅସହ୍ୟ ହେବାରୁ ଦିନେ କନ୍ଧରା ଛାଡ଼ି ଚାଲିଗଲେ। ନହେଲେ ଏ ରାଜା ଲୋକ ତାକୁ ଜିଅନ୍ତା ମାରି ଦେଇଥା'ନ୍ତେ।"

ମୁଁ ବି ଦିନେ ଭୀମ ଭୋଇଙ୍କ ଜଖମ ଜାଗା କନ୍ଧରା ଛାଡ଼ିଲି। ଛିଡ଼ା ହେଲି ମହାନଦୀ କୂଳ ଡଙ୍ଗା ଘାଟରେ। ରେଢ଼ାଖୋଲରୁ ଅତ୍ୟାଚାରିତ, ବିତାଡ଼ିତ ହୋଇ ଏଇ ମହାନଦୀ କୂଳରେ ଦିନେ ଭୀମ ଭୋଇ ଛିଡ଼ା ହୋଇଥିଲା। ଆତ୍ମାର ଅପମାନ, ଜର୍ଜରିତ କ୍ରୋଧରେ ଶପଥ ନେଲା ଭଳି ଆଞ୍ଜୁଳାଏ ମହାନଦୀ ଜଳ ତୋଳିନେଇ ଗାଇଲା– "ବସିଥାଇ କୂଳ ମହାନଦୀ ଜଳ ଛୁଇଁଅଛି ସତ୍ୟ କରି / ଧର୍ମକୁ ଲଂଘିବେ ଅପଥ୍ୟେ ଗମିବେ ଏଣୁ ହେବେ ହତଶିରୀ।"

ମହାନଦୀରେ ଡଙ୍ଗାରେ ପାରିହୋଇ ବୌଦ। ମୁଁ ଯେପରି ଭୀମ ଭୋଇଙ୍କ ପଦଯାତ୍ରାକୁ ପଛ କରି ଚାଲିଛି। ନଈ ଏ ପାରିରେ ଭୀମ ଭୋଇ ହେଲା ଲାଞ୍ଛିତ, ଅପମାନିତ ଓ ଜୀବନ ପ୍ରତି ଭୟଭୀତ। ନଈ ସେପାରିରେ ଭୀମ ଭୋଇ ହେଲା ଲୋକପ୍ରିୟ, ପ୍ରେମିକ ଓ ବିଦ୍ରୋହୀ। ଯେଉଁ ଅଞ୍ଚଳରେ ପହଞ୍ଚିଲା ସବୁଠି ତାକୁ ଦେଖିବାକୁ ଥାଟ ପଟାଳି। ସବୁଠି ପୂଜ୍ୟ ଓ ସମ୍ମାନିତ। ମୁଁ ଚାଲିଛି ଭୀମ ଭୋଇଙ୍କୁ ପିଛାକରି ବୌଦରୁ ବିନିକା, ଗୁଲୁଣ୍ଡା, ଶଙ୍କରା, ଭୂର୍ଷାବାଲି – ଗାଁକୁ ଗାଁ। ଶେଷକୁ ବୁଲିବୁଲି ଭୀମ ଭୋଇ ପହଞ୍ଚିଛି ଖଲିଆପାଲି। ମୁଁ ବି ଚାଲିଲି ଖଲିଆପାଲି।

ସୋନପୁରରୁ ବସ୍ ଧରି ମହୁଲବୁରେଇ ଜଙ୍ଗଲ ପାଖରେ ଛକରୁ ଓହ୍ଲେଇ ଚାରି ପାଞ୍ଚ କିଲୋମିଟର ବୁଦୁବୁଦୁକିଆ ଜଙ୍ଗଲ ରାସ୍ତା ଚାଲି ଖଲିଆପାଲି। କିଛି ଦୂରରୁ ଦିଶିଲା ପତାକା ନଥିବା ଭୀମ ଭୋଇର ସମାଧି ମନ୍ଦିର। ପାଖକୁ ଆସି ଦେଖିଲି ମନ୍ଦିର ଉପରେ ଦୁଇଟି ପାରା ଗୋଧୂଳିରେ ସାରୁଥିଲେ ଶେଷ କଥାବାର୍ତ୍ତା। ସେ ପାରା ଦୁଇଟି କିଏ? ସେ କ'ଣ ଭୀମ ଭୋଇ ଆଉ ଜଣେ ଅନ୍ନପୂର୍ଣ୍ଣା?

ତା' ଚଉଷଠୀ ହାତ ଉଚ୍ଚା ସମାଧିର ୨୧ଟା ପାହାଚ ତଳେ ମୁଁ ଛିଡ଼ା ହୋଇଥିଲି। ଦେଢ଼ଶହ ବର୍ଷ ଭିତରେ ଓଡ଼ିଶାର କୌଣସି କବିର ଏତେବଡ଼ ଭବ୍ୟ ସମାଧି ମନ୍ଦିର କାଇଁ?

ଅଧରାତିରେ ମୁଁ ରହିଥିବା ମନ୍ଦିର ଟ୍ରଷ୍ଟର ଗେଷ୍ଟହାଉସ୍‌ରୁ ନିଦରୁ ଉଠି ସମାଧିମାନଙ୍କ ପରିସରରେ ବୁଲେ। ବୁଡ଼ି ଯାଉଥିବା ଜହ୍ନର ଚଉଦିଗେ ଅସ୍ତରଙ୍ଗ ଆଲୁଅ ଭିତରେ ସମାଧିମାନଙ୍କ ଭିତରୁ ଯେପରି ବାହାରି ଆସୁଥିଲେ ଭୀମ ଭୋଇର ସାରାଟା ସାରା ପରିବାର। ଏଇ ଅସ୍ତିତ୍ୱଗୁଡ଼ିକର ଭାବନା ଭିତରେ ଅଧ ରାତିରେ ଏକ ଅଲୌକିକତାରେ ମୁଁ ଯେପରି ନିଜ ଭିତରେ ଢଳଢଳ ଅବସ୍ଥା।

ଭୀମ ଭୋଇ ଓ ଅନ୍ନପୂର୍ଣ୍ଣାଙ୍କର ସମାଧି ମନ୍ଦିରର ପାହାଚ ତଳକୁ ବାସୁ ପଣ୍ଡା ଓ ହରି ପଣ୍ଡାର ଦୁଇଟି ସମାଧି। ଏ ଦୁଇ ଭାଇ ସମ୍ବଲପୁରରେ ଚାଟଶାଳୀ କରି ପାଠ ପଢ଼ାଉଥିଲେ। ଭୀମ ଭୋଇର 'ଗୁରୁଗୀତା' ତାଳପତ୍ର ପାଣ୍ଡୁଲିପି ପଢ଼ି ଏ ଦୁଇଜଣ ଶିକ୍ଷକତା ଛାଡ଼ି ଖଲିଆପାଲି ଆସି ଭୀମ ଭୋଇର ଶରଣାଗତ ହେଲେ। ଭୀମ ଭୋଇ ସ୍ଫୁରୁଥିବା ପଦର ଏମାନେ ଶ୍ରୁତ ଲେଖକ ହେଲେ। ଭୀମ ଭୋଇର ଆଶୁକବିତାକୁ ତାଳପତ୍ରରେ ଲେଖି ବାସୁ ପଣ୍ଡା ଓ ହରି ପଣ୍ଡା ହୋଇଗଲେ ଭୀମ ଭୋଇର ଦୁଇ ଆଖି।




ପାଖରେ ଆଉ ଦୁଇଟି ଛୋଟ ସମାଧି ମନ୍ଦିର । ଭୀମ ଭୋଇର ପୁଅ କପିଳେଶ୍ୱର । ଆଉ ଗୋଟିଏ ଭୀମ ଭୋଇର ଝିଅ ଲାବଣ୍ୟବତୀର ସମାଧି । ଲାବଣ୍ୟବତୀକୁ ସମସ୍ତେ ଏଠି 'ନନୀ' ବୋଲି ଡାକନ୍ତି । ଷୋଳ ସତର ବୟସରେ କପିଳେଶ୍ୱର, ସାତ ଆଠ ବର୍ଷ ବୟସରେ ନନୀର ମୃତ୍ୟୁରେ ଭୀମ ଭୋଇର ବାପ କଷ୍ଟଟା କ'ଣ ହୋଇଥିବ ମୁଁ ଅନୁଭବ କରୁଥିଲି । କପିଳେଶ୍ୱରର ମା' ସୁମେଧା, ଲାବଣ୍ୟବତୀର ମା' ରୋହିଣୀର ବୁକୁଫଟା ଚିତ୍କାର ସେଇ ପୁରୁଣା କାନ୍ଦଣା ମୋତେ ରାତିରେ ସେଇ ନିର୍ଜନତା ଭିତରେ ଆନମନା କରୁଥିଲା ।

ସୁମେଧା ଓ ରୋହିଣୀଙ୍କ ସମାଧି ମନ୍ଦିର ପାଖରେ ଛିଡ଼ା ହେଲି । ଖଲିଆପାଲିରେ ଏଇ ଦୁଇ ଅନୁଗତା ନାରୀପାଖରେ ଦୁର୍ବଳ ଥିଲା ଭୀମ ଭୋଇ । ଭଲ ରୋଷେଇ କରି ଆଦର ଯତ୍ନରେ ଖାଇବା ପିଇବା କଥା କରୁଥିଲା ସୁମେଧା । ପ୍ରେମମୟୀ ଲାଜୁକୀ ଆବେଗରେ ବଶ କରି ରଖିଥିଲା ରୋହିଣୀ । ସେମାନେ ପାଇଲେ ମା' ହେବାର ଗୌରବ । ହେଲେ ସୁବର୍ଣ୍ଣା ଓ ସରସ୍ୱତୀମାନେ ପାଇ ପାରିଲେନି ଭୀମ ଭୋଇର ସାନ୍ନିଧ୍ୟ । ମେଣ୍ଟାଇ ପାରିଲେନି ଦେହ ଭୋକ । ସେ ଦୁଇ ନାରୀ ତଥାପି ଭୀମ ଭୋଇର ସେବିକା ହୋଇ ବରି ନେଲେ ଗାଇଗୋଠ, ଚାଷବାଡ଼ି ଜାଗାରେ ସେବିକାର ଜୀବନ । ଭୀମ ଭୋଇର ସେଇ ଫାର୍ମହାଉସ୍‌ରେ ସେମାନଙ୍କର ସମାଧି ।

ଭୀମ ଭୋଇର ବାଇଶି ତେଇଶି ବର୍ଷ ବୟସ୍କ ଆଶୁ କବିର କବିତା ଓ ବ୍ୟକ୍ତିତ୍ୱର ମୋହରେ ମହୁମାଛି ପରି ଖଲିଆପାଲିକୁ ପଶି ଆସୁଥିଲେ ବହୁ ନାରୀ । ତା' ଭିତରେ ଥିଲା ଗୋଟିଏ ଚାଉଳରେ ଗଢ଼ା ଅନ୍ନପୂର୍ଣ୍ଣା । କବିତା ସୃଜନରେ ସେ ପ୍ରେରଣା । ଭୀମ ଭୋଇର ସମ୍ମାନ ପାଇଁ ସେ ଆୟୋଜନ କରୁଥିଲେ ବିଭିନ୍ନ ମହୋତ୍ସବ । ଅନ୍ନପୂର୍ଣ୍ଣା ସିନା ମା' ହୋଇ ପାରିଲେନି । ହେଲେ ଭୀମ ଭୋଇର ସ୍ତ୍ରୀ, ସେବାକାରିଣୀ, ଶ୍ରୁତଲିଖନକାର ଭାବେ ସେ ହୋଇ ଉଠିଲେ ଖଲିଆପାଲି ମଠର ସର୍ବମୟ କର୍ତ୍ତ୍ରୀ । ଧୀରେଧୀରେ ଭୀମ ଭୋଇର ନିଷ୍ପତ୍ତିରେ ସେ ନେଲେ ସିଂହଭାଗ । ଭୀମ ଭୋଇଙ୍କ ଅନ୍ତେ ଅନ୍ନପୂର୍ଣ୍ଣାଙ୍କ ନିର୍ଦ୍ଦେଶରେ ଚାଲିଲା ମଠ, ଚାଷବାଡ଼ିର ନିୟନ୍ତ୍ରଣ । ଖଲିଆପାଲିରେ ବଢ଼େଇଥିଲେ ଯେଉଁ ଶିଷ୍ୟଶିଷ୍ୟା ଓ ଅନୁଗତ । ଅନ୍ନପୂର୍ଣ୍ଣାଙ୍କ ଅନ୍ତେ ତାଙ୍କ ଅନୁଗତମାନେ ଭୀମ ଭୋଇଙ୍କ ସମାଧି ଜାଗାରେ ଅନ୍ନପୂର୍ଣ୍ଣାଙ୍କୁ ସମାଧି ଦେଇଦେଲେ । ଭୀମ ଭୋଇଙ୍କ କବିତା ଲେଖିବା ଜାଗା ଯେଉଁଠି ତିଆରି ହୋଇଛି 'ପାଦୁକା ମନ୍ଦିର' । ଅନ୍ନପୂର୍ଣ୍ଣାର ଅନୁଗତମାନେ ଭୀମ ଭୋଇଙ୍କ ପାଦୁକା ପାଖରେ ଅନ୍ନପୂର୍ଣ୍ଣାଙ୍କ ପାଦୁକା ବସେଇ ଦେଲେ ।

ସବୁ ଯୁଗରେ ସେଲିବ୍ରେଟିମାନଙ୍କ ରୋଚକ ପ୍ରେମକଥା ଠୁ କମ୍ ନ ଥିଲା ଭୀମ ଭୋଇର ରୋମାଞ୍ଚକର ପ୍ରେମ କଥା । ଶିଷ୍ୟ, ସନ୍ତାନ, ସ୍ତ୍ରୀ ଓ ଅନୁଗତ – ସମସ୍ତଙ୍କ ସମାଧି ଏଇଠି ପାଖାପାଖି । ଜିଇଁ ଥିଲା ବେଳେ ଏକାଠି, ମରିଗଲା ପରେ ଏକାଠି ।

ଖଲିଆପାଲିରେ କେଉଁଠି ନା କେଉଁଠି ଭୀମ ଭୋଇଙ୍କ ଅସ୍ତିତ୍ୱର ଝଲକାଏ ଆଶ୍ୱସ୍ତିରେ ସେଠି ମତେ ପନ୍ଦର କୋଡ଼ିଏ ଦିନ ରଖାଇ ଦେଲା । ଏଇଠାରେ ଦିନେ 'ଦେବୀମଣ୍ଡପ'ରେ ଚଉଡ଼ା ମାଙ୍କଡ଼ପଥର ପାହାଚ ଉପରେ ବସିଥାଏ । କବିପୂଜାର ସେଇ ସ୍ମରଣୀୟ ଦିନ ସବୁ ମନେପଡ଼ିଗଲା । ପ୍ରତ୍ୟେକ ମାସର ଚତୁର୍ଦ୍ଦଶୀ ପୂର୍ଣ୍ଣିମା ରାତିରେ ଭୀମ ଭୋଇକୁ ଟୁଙ୍ଗୀରୁ ଦେବୀ ମଣ୍ଡପକୁ ହାନ୍ଦୋଳରେ ବସାଇ ପହଣ୍ଡି ବିଜେ କରି ଆଣୁଥିଲେ । ଏଇ ଦେବୀ ମଣ୍ଡପରେ ବସାଇ ତାକୁ ମହାପ୍ରଭୁ ଭାବେ ଆରାଧନା କରୁଥିଲେ । ହଳଦୀ ପାଣିରେ ଭୀମ ଭୋଇର ପାଦ ଧୋଇ ଦେଉଥିଲେ । ମହିମା ଧର୍ମ ଦର୍ଶନର ନିୟମ ବାହାରେ ଭୀମ ଭୋଇର ଜୀବନ ଓ ଜଗତ ଖଲିଆପାଲିରେ ବ୍ୟତିକ୍ରମ ଥିଲା । ମହିମା ଧର୍ମରେ ପୂଜାର ଗୁରୁତ୍ୱ ନ ଥିଲା ବେଳେ କବି ଭୀମ ଭୋଇକୁ ପୂଜାର ଯୋଗ୍ୟ କରିଦେଲେ ।

ଭୀମ ଭୋଇ ଘୋଡ଼ାରେ ଚଢ଼ି ଖଲିଆପାଲି ପ୍ରଦକ୍ଷିଣ କରୁଥିଲା – ତାକୁ 'ଭୀମରାଜା' ବୋଲି ଲୋକେ କହି ମାନ୍ୟ କରୁଥିଲେ । ଭୀମ ଭୋଇ ବେଳର ଗାଈ ଗୁହାଳ ଚାଷଜମିକୁ ନେଇ ବତିଶ ଏକର ଜମିରେ ଫାର୍ମ ହାଉସ ରହିଛି । ତାକୁ ବୁଝାବୁଝି କରୁଥିବା ବାବାଙ୍କ ଟୁଙ୍ଗୀରେ ଦୁଇଦିନ ଦୁଇରାତି କଟାଇଲି । ଭୀମ ଭୋଇ ଥିଲା ବେଳେ ତାଙ୍କ ଅନୁଗତମାନେ ଗାଈ ଦାନ କରୁଥିଲେ । ତାଙ୍କ ସମୟରେ ହଜାରେ ଗାଈଗୋରୁ ଥିଲେ । ଏବେ ଗାଈଗୋରୁ ଶହେ ଭିତରେ ରହିଛନ୍ତି । ଭୀମ ଭୋଇ ବେଳେ ଯେମିତି ଥିଲା ତାଙ୍କ ଅତିପ୍ରିୟ ଫାର୍ମହାଉସ ଏବେ ସେମିତି ଅଛି । ସେମିତି ଅଛି ସଯତ୍ନ ହେପାଜତରେ ଓ ସବୁଜିଆ ଜୀବନମୟତାରେ ।

ଭୀମ ଭୋଇର ଜନ୍ମ ଜାଗା ମଧୁପୁର । ତା'ର ଦୀକ୍ଷା ଜାଗା କାଙ୍କଣପଡ଼ା, ତା' ଉତ୍ଥାନ ଜାଗା କନ୍ଧରା, ତା' ସମାଧି ଜାଗା ଖଲିଆପାଲି । ସବୁଠି ସେ ଥିଲା ଓ ଅଛି ।

ଦିନେ ଭୋର୍‌ରୁ ଖଲିଆପାଲିକୁ ପଛ କଲି । ମୋ ପଛରେ ରହିଗଲା ଭୀମ ଭୋଇର ଜୀବନଯାପନର ଜଳଜଳ ଅସ୍ତିତ୍ୱର ଛାଇସବୁ । ମୋ ଆଗରେ ମୋତେ ବାଟକଢ଼େଇ ନେଇଗଲା– 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ'– ଏ ଓଡ଼ିଆ ବିଶ୍ୱକବିର ଚିରନ୍ତନ ଧାଡ଼ି ।

ଅଙ୍ଗନଇ ପାର୍ ହୋଇ ମହୁଲବୁରେଇ ଜଙ୍ଗଲ ରାସ୍ତା ପାର୍ ହୋଇ ସୋନପୁରରେ ପହଞ୍ଚିଲା ପର୍ଯ୍ୟନ୍ତ ମୋ ଛାତି ଭିତରେ ଉଷ୍ଣତା, ମସ୍ତିଷ୍କରେ ତା'ର କମ୍ପନ । ମୋର ଲେଖା ଚାଲିଥିବା 'ଓଁ' ଉପନ୍ୟାସର ଲେଖା ଭିତରେ ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହେଲା ଖଲିଆପାଲି ।

ଲୋକାଲ ବସ୍‌ରେ ସୋନପୁରରୁ ବୌଦ, ସେଠୁ ବସ୍ ଧରି ତିନିମୁହାଣୀ ଛକରେ ଓହ୍ଲେଇଲା ବେଳକୁ ବେଳବୁଡ଼ । ତିନିମୁହାଣୀ ଛକରେ ବୌଦ ଆଡ଼େ, ଫୁଲବାଣୀ ଆଡ଼କୁ, କଟକ-ଭୁବନେଶ୍ୱର ଆଡ଼କୁ ତିନୋଟି ରାସ୍ତା ପଡ଼ିଥିଲା । ତିନିମୁହାଣୀରୁ କଟକ ଆଡ଼କୁ ଯିବାକୁ ମିଳିଗଲା ଗୋଟେ ଲାଇନ ଟ୍ରକ୍ । ମୋ ସହିତ ଚାରିପାଞ୍ଚ ଜଣ ବାଟଯାତ୍ରୀ ଟ୍ରକ୍‌ର କ୍ୟାବିନ୍ ଭିତରକୁ ଉଠିଗଲୁ । ଦୁଇ ପାଖରେ ଅନ୍ଧାରୀ ଜଙ୍ଗଲ । ଛୋଟ ଘାଟି ରାସ୍ତାରେ ଟ୍ରକ୍ ଗଡ଼ିଗଲା । ମାତ୍ର ଦଶ ମିନିଟ୍ ଟ୍ରକ୍ ଘାଟିକୁ ଉଠିଛି 'ଏଇ ଓଲଟିଲା', 'ଓଲଟିଲା' କହୁକହୁ, ବଙ୍କାଣୀ ରାସ୍ତାକଡ଼କୁ ଧୀର ଓଲଟି ପଡ଼ିଲା ଟ୍ରକ୍ ଓ ଉପରପଟ ଗୋଟେ କଡ଼ ହୋଇ ସ୍ଥିର ହୋଇଗଲା । କ୍ୟାବିନ୍ ଭିତରେ ଆମେ ପରସ୍ପର ସହ ଧକ୍କାଖାଇ ଗାଡ଼ିର କଳକବ୍‌ଜା ବାଜି ଆମେ ଲହୁଲୁହାଣ । ଆଖି ପିଛୁଳାକେ ଦୁର୍ଘଟଣା । ଆଖି ଖୋଲିଲା ପରେ ମରଣମୁହଁରୁ ବର୍ତ୍ତିଗଲା ପରର ଅବିଶ୍ୱାସ । କ୍ୟାବିନ୍ ଭିତରୁ ଆମକୁ ଅନ୍ୟମାନେ ଟେକାଟେକି କରି ଟ୍ରକ୍ ତଳକୁ ଓହ୍ଲେଇ ଆଣିଲେ ।

ମୁହଁ ଅନ୍ଧାରରେ ସେ ରାସ୍ତା କଡ଼ର ଗଛ ମୂଳେ, ଏଠି ସେଠି ଖଣ୍ଡିଆଖାବରା ହୋଇ କଷ୍ଟ ଭୋଗୁଥିଲେ ଆହତ ଯାତ୍ରୀ । ଜଣେ ସ୍ତ୍ରୀ ଲୋକ ସଂଜ୍ଞା ହରେଇ ପଡ଼ିଥିଲା । ପାଣି ଆଣ, ପାଣି ଆଣ ବୋଲି କିଏ ଚିତ୍କାର କରୁଥିଲା । ହାତ



ଭୀମ ଭୋଇଙ୍କ ପରିବାରର ବର୍ତ୍ତମାନ ଘର

ଭାଙ୍ଗି ରାହା ଧରି କାନ୍ଦୁଥିଲା ଶିଶୁ । "କୁଆଡ଼େ ଗଲୁରେ ଦିବାକର ?" ଅନ୍ଧାରରେ ନାତିକୁ ଡାକୁଥିଲା ତା' ବୁଢ଼ୀମା' । ମରଣ ମୁହଁରୁ ବର୍ତ୍ତି ଯାଇଥିବା ଯୋଗୁ ଚାଲିଥିଲା ଏତେ ସବୁ ଖୋଜାଲୋଡ଼ା । କିଛି ସମୟ ପରେ କଟକ ଆଡ଼କୁ ଯାଉଥିବା ଗୋଟେ ଲାଇନ୍‌ଟ୍ରକ୍‌କୁ ଅଟକେଇଲେ ଦଳେ ଲୋକ । ଆମ କେତେଜଣଙ୍କୁ ଟେକାଟେକି କରି ଟ୍ରକ୍ କ୍ୟାବିନ ଭିତରକୁ ଉଠାଇ ଦେଲେ । ପୁଣି ଘାଟି ରାସ୍ତାରେ ଗଡ଼ି ଚାଲିଲା ଟ୍ରକ୍ । ମୋ ଆଖି ଉପର କପାଳରେ ମାଡ଼ ହୋଇ ଫୁଲି ଯାଇଥିଲା । ଗୋଡ଼ ଓ କହୁଣୀରୁ ରକ୍ତ ଝରୁଥିଲା । ପୁଣି କ'ଣ ଏ ଟ୍ରକ୍ ଓଲଟିବ ? ଯନ୍ତ୍ରଣା ଓ ଭୟରେ ଆମେ କୁଙ୍କୁରିକାଙ୍କୁରି ହୋଇ ବସିଥାଉ । କିଛି ସମୟ ପରେ ଓହ୍ଲେଇ ଗଲେ ବାଟ ପାସେଞ୍ଜର । ଟ୍ରକ୍ କ୍ୟାବିନ ଭିତରେ ରହିଗଲୁ ଆମେ ତିନିଜଣ । ଡ୍ରାଇଭର । ହେଲ୍‌ପର୍ ଆଉ ମୁଁ ।



ଭୀମ ଭୋଇଙ୍କ ଅସଲ ଜାଗା ଦେଖାଇଥିବା ମହିମା ସନ୍ୟାସୀ ଆନନ୍ଦବାବା

ରାସ୍ତା କଡ଼ରେ ଢାବାଟେ ଦେଖି ଡ୍ରାଇଭର ଟ୍ରକ୍ ରୋକିଲା । ତା' କ୍ଲିନର୍‌କୁ ଡାକିଲା । ଡାକ୍ତର ଓ ମେଲ୍ ନର୍ସ ପରି ଦୁହେଁ ମୋ ଚିକିତ୍ସାରେ ଲାଗିଗଲେ । ଡ୍ରାଇଭର୍ ଫାଷ୍ଟଏଡ୍ ବକ୍ସରୁ ବାହାର କଲା ତୁଳା, ଗଜ ଓ ଔଷଦ । ମୋ କ୍ଷତକୁ ସଫା କରି ଔଷଦ ଲଗାଇ ପଟି ଚଢ଼େଇ ଦେଲା । ଢାବାରୁ ପେଟ ଭର୍ତ୍ତି କରି ଖାଇବାକୁ ଦେଇ, ଖୁଆଇ ଦେଲା ଦି'ଟା ଟାବ୍‌ଲେଟ୍ । ଢାବାର ଦଉଡ଼ିଆ ଖଟ ଦେଖାଇ କହିଲା – "ଶୋଇଯାଅ ।" ମୋ ଉପରେ ତା' ନିଜର କମ୍ବଳ ଘୋଡ଼େଇ ଦେଲା ।

ସକାଳେ ମୋତେ ଉଠେଇଲା । ନିତ୍ୟ କର୍ମ ସାରି ଜଳଖିଆ ଦେଇ ମୋତେ ତା' ଟ୍ରକ୍‌କୁ ଉଠେଇ ନେଲା । ନ୍ୟାସନାଲ ହାଇୱେରେ ଗାଡ଼ି ଛୁଟେଇ ଦେଲା । ମୋ ଗାଁକୁ ଯିବା ରାସ୍ତା କଡ଼ରେ ମୋତେ ଓହ୍ଲେଇ ଦେଇ ଷ୍ଟିଅରିଂ ପାଖରେ ହାତ ହଲେଇଲା । ଝଲମଲ ଖରାକାଟି ହାଇୱେର ଯିବା ଆସିବା ଟ୍ରକ୍ ଭିତରେ ସେ ମିଳେଇ ଗଲା ।

ସେ କିଏ ଥିଲା ? ସେ ଟ୍ରକ୍ ଡ୍ରାଇଭର ନା ଭୀମ ଭୋଇ ? ସତରେ ସେ କିଏ ଥିଲା ?


## ଓଡ଼ିଶା ସାହିତ୍ୟ ଏକାଡେମୀ

ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ଏକାଡେମୀର କେତେକ ମର୍ଯ୍ୟାଦାବନ୍ତ ପ୍ରକାଶନ

| | | | |
|---|---|---|---|
| ୧. ସଙ୍ଗୀତ ସାଗର | ସଂ: | ଦାମୋଦର ପଟ୍ଟନାୟକ | ଟ ୫୦୦.୦୦ |
| ୨. କବିସୂର୍ଯ୍ୟ ଚରିତ | ସଂ: | ବୃନ୍ଦାବନ ନାୟକ | ଟ ୧୫୦.୦୦ |
| ୩. ପରିବେଶ ଓ ସାହିତ୍ୟ | ସଂ: | ବିଜୟ କେତନ ପଟ୍ଟନାୟକ ଓ ହରିପଦ ଶତପଥୀ | ଟ ୫୦୦.୦୦ |
| ୪. ଅଷ୍ଟାଦଶୀ | ଅ: | ଶଙ୍କର୍ଷଣ ପଣ୍ଡା | ଟ ୧୬୦.୦୦ |
| ୫. ଓଡ଼ିଶାର ପୁରାତତ୍ତ୍ୱ | | ସ୍ନିଗ୍ଧା ତ୍ରିପାଠୀ | ଟ ୧୭୦.୦୦ |
| ୬. ଘୋଡ଼ାନାଚ | ସଂ: | ଲକ୍ଷ୍ମୀକାନ୍ତ ତ୍ରିପାଠୀ | ଟ ୧୨୦.୦୦ |
| ୭. ଦାନ୍ତେଙ୍କ ଡିଭାଇନ୍ କମେଡି | ଅ: | ଶକୁନ୍ତଳା ବଳିଆରସିଂହ | ଟ ୨୫୦.୦୦ |
| ୮. ନିଃସଙ୍ଗ ଯୋଦ୍ଧା | ଅ: | ବାସନ୍ତୀ ମହାନ୍ତି | ଟ ୩୨୦.୦୦ |
| ୯. ବଳରାମ ଦାସ ଲକ୍ଷ୍ମୀ ପୁରାଣ | ସଂ: | ସୁଦର୍ଶନ ଆଚାର୍ଯ୍ୟ ଓ ଭାଗ୍ୟଲିପି ମଲ୍ଲ, ଗୌରାଙ୍ଗଚରଣ ଦାଶ | ଟ ୧୫୦.୦୦ |
| ୧୦. ଶାରଦା ପ୍ରସାଦ ମିଶ୍ରଙ୍କ ଗଳ୍ପ | ସଂ: | ବିଜୟାନନ୍ଦ ସିଂହ ଓ ଅରବିନ୍ଦ ରାୟ | ଟ ୬୦୦.୦୦ |
| ୧୧. ରାମ ନାଟକ | ସଂ: | ଲିଙ୍ଗରାଜ ନାହାକ | ଟ ୨୦୦.୦୦ |
| ୧୨. ଏଇଠି ନର୍କ, ଏଇଠି ସ୍ୱର୍ଗ | ଅ: | ଇନ୍ଦୁଲତା ମହାନ୍ତି | ଟ ୧୫୦.୦୦ |
| ୧୩. ଅରଣ୍ୟର ଅଧିକାର | ଅ: | ଅମିୟବାଳା ପଟ୍ଟନାୟକ | ଟ ୨୨୫.୦୦ |
| ୧୪. ନୀଳମାଧବ ପାଣିଗ୍ରାହୀ ରଚନାବଳୀ | | ଶ୍ୟାମସୁନ୍ଦର ଧର ଓ ଦୀପ୍ତିରଞ୍ଜନ ସେଠ | ଟ ୮୦୦.୦୦ |
| ୧୫. ବୃନ୍ଦାବନ ନାଥଶର୍ମା ରଚନା ସମଗ୍ର | ସଂ: | ଫଣୀନ୍ଦ୍ରଭୂଷଣ ନନ୍ଦ | ଟ ୮୦୦.୦୦ |
| ୧୬. ଓଡ଼ିଶାରେ ଲୋକଧର୍ମର ପରମ୍ପରା | | ଅରବିନ୍ଦ ପଟ୍ଟନାୟକ | ଟ ୮୦୦.୦୦ |
| ୧୭. କବିଶେଖର ଚିନ୍ତାମଣି ଗ୍ରନ୍ଥାବଳୀ | | ଅପୂର୍ବ ରଞ୍ଜନ ରାୟ | ଟ ୬୦୦.୦୦ |
| ୧୮. ହରିଶ୍ଚନ୍ଦ୍ର ବଡ଼ାଳ ଗ୍ରନ୍ଥାବଳୀ (ପ୍ରଥମ ଭାଗ) | | ଅରବିନ୍ଦ ଗିରି | ଟ ୫୦୦.୦୦ |
| ୧୯. ବିଭୂତି ଭୂଷଣ ତ୍ରିପାଠୀଙ୍କ ଗଳ୍ପ ସମଗ୍ର | ସଂ: | ସଂ. ଡକ୍ଟର ରମେଶ ଚନ୍ଦ୍ର ପାଣି | ଟ ୬୫୦.୦୦ |
| ୨୦. Rebellion | Tr. | Narasingh Chandra Das | ଟ ୧୦୦.୦୦ |
| ୨୧. Subaltern Voice | | Pabitra Mohan Nayak | ଟ ୧୨୦.୦୦ |

ସ୍ୱତନ୍ତ୍ର ରିହାତି

୫୦୦/- ପର୍ଯ୍ୟନ୍ତ ମୂଲ୍ୟର ପୁସ୍ତକ ପାଇଁ - ୨୦%   ୨୦୦୧/- ରୁ ଊର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ପାଇଁ - ୪୦%

୫୦୧/- ରୁ ୨୦୦୦/- ମୂଲ୍ୟର ପୁସ୍ତକ ପାଇଁ - ୩୦%   ୫୦୦୦/- ରୁ ଊର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ପାଇଁ - ୫୦%

ହୃଷୀକେଶ ମଲ୍ଲିକ, ସଭାପତି   ସଂଗ୍ରାମ ଜେନା, ଉପ-ସଭାପତି   ପ୍ରବୋଧ କୁମାର ରାଉତ, ସଚିବ

# ଶ୍ରେଷ୍ଠ ଯୁବ ଉଦ୍ୟୋଗୀ ସମ୍ମାନ ପାଇଲେ ପ୍ରତୀକ ଜେନା



ବାଲେଶ୍ୱର: ବାଲେଶ୍ୱର ହାଇଲାଣ୍ଡ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରତୀକ ଜେନା ପାଇଛନ୍ତି ଚଳିତ ବର୍ଷର 'ସର୍ବୋତ୍ତମ ଯୁବଉଦ୍ୟୋଗୀ ସମ୍ମାନ'। ସେପ୍ଟେମ୍ବର ୨୫ତାରିଖ ରବିବାର ସନ୍ଧ୍ୟାରେ ବୈଦ୍ୟୁତିକ ଗଣମାଧ୍ୟମ ନିୟୁଜ - ୧୮ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରର ହୋଟେଲ ମେ ଫେୟାର୍ ଠାରେ ଆୟୋଜିତ ଆତ୍ମନିର୍ଭର ଓଡ଼ିଶା 'ବିଜିନେସ୍ ଲିଡର୍‌ସିପ୍ ଆୱାର୍ଡ - ୨୦୨୨' କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କ ଶିକ୍ଷା ଓ ଶକ୍ତି ବିଭାଗର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦାନ କରି ଶ୍ରୀ ଜେନାଙ୍କୁ ଆୱାର୍ଡ ପ୍ରଦାନ କରିଥିଲେ। ଏଭଳି ସଫଳ ଉଦ୍ୟୋଗୀ ମାନେ ହିଁ ଆତ୍ମନିର୍ଭର ଓଡ଼ିଶା ନିର୍ମାଣ ବା ବିକାଶ କ୍ଷେତ୍ରରେ ପ୍ରମୁଖ ଭାଗୀଦାର ସାଜିବା ଫଳରେ ରାଜ୍ୟରେ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇ ପାରୁଛି ବୋଲି ମନ୍ତ୍ରୀ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ ହାଇଲାଣ୍ଡ ଆଗ୍ରୋ ଲିମିଟେଡ୍‌ର ମେନେଜିଂ ଡାଇରେକ୍ଟର ଶ୍ରୀ ଜେନା ୧୬ବର୍ଷ ବୟସରୁ ନିଜର ବ୍ୟବସାୟିକ କ୍ୟାରିଅର୍ ଆରମ୍ଭ କରି ଏବେ ଦେଶର ଜଣେ ଜଣାଶୁଣା ଉଦ୍ୟୋଗୀ ପାଲଟିଛନ୍ତି। ଏତେ କମ ବୟସରେ ତାଙ୍କର ଏଭଳି ସଫଳତା ନିଶ୍ଚିତ ଭାବରେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବା ସହିତ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀ ଜେନା ନିୟୁଜ - ୧୮କୁ ଧନ୍ୟବାଦ ଦେବା ସହ ସି-ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ଓ ରପ୍ତାନି ଉଦ୍ୟୋଗ ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ପ୍ରାୟ ୩୦୦୦ରୁ ଅଧିକ ମହିଳାଙ୍କୁ କର୍ମସଂସ୍ଥାନ ଯୋଗାଇଦିଆଯାଇ ପାରିଛି ବୋଲି କହିବା ସଙ୍ଗେ ସଙ୍ଗେ ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଏବଂ ଦେଶର ମୁଦ୍ରା ଭଣ୍ଡାରରେ ବୈଦେଶିକ ମୁଦ୍ରାର ଅଭିବୃଦ୍ଧିରେ ଆମେ ସହାୟକ ହୋଇ ପାରିଛୁ ବୋଲି ସେ କହିଥିଲେ।

# 'ଠାକୁରାଣୀ' ଓଡ଼ିଆ ସାହିତ୍ୟର ଏକ ଅଭିନବ କାବ୍ୟ




କଟକ: 'ଠାକୁରାଣୀ' ଓଡ଼ିଆ ସାହିତ୍ୟର ଏକ ଅଭିନବ କାବ୍ୟ। କୌଣସି ନିର୍ଦ୍ଦିଷ୍ଟ କାହାଣୀ ବା ଘଟଣାପ୍ରବାହ ନ ଥାଇ କେବଳ ଅନୁଭବ ଓ କଳ୍ପନାକୁ ନେଇ ଦୁଇ ଶହ ପୃଷ୍ଠାର ଏକ ଦୀର୍ଘ କବିତା ରଚନା କରିବା ବାସ୍ତବିକ୍ ଏକ ବିସ୍ମୟ ଭଳି ମନେହୁଏ। ନବାଗତ କବି ପ୍ରଦୀପ୍ତ ନନ୍ଦ ଏଭଳି ଏକ ସୃଜନଶୀଳ ଚମତ୍କାରିତା ପାଠକ ସମାଜରେ ଆଦୃତ ହେବ ନିଶ୍ଚୟ। ସ୍ଥାନୀୟ ଶତାବ୍ଦୀ ଭବନ ଠାରେ ଆୟୋଜିତ 'ଠାକୁରାଣୀ'ର ଉନ୍ମୋଚନ ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ କହିଥିଲେ ଯେ କବି ପ୍ରଦୀପ୍ତ ନନ୍ଦଙ୍କ 'ଠାକୁରାଣୀ' କାବ୍ୟ ଆମର ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ପୃଷ୍ଠଭୂମି ଉପରେ ରଚିତ। ପୁରୁଷର ପ୍ରକୃତି ପ୍ରତି ସମର୍ପଣ ଭାବକୁ ଉପଜୀବ୍ୟ କରି 'ଠାକୁରାଣୀ' କାବ୍ୟ ରଚନା କରାଯାଇଛି। ଆମ ସମସ୍ତଙ୍କ ଘରେ ଘରେ ଗୋଟିଏ ଲେଖାଏଁ ଠାକୁରାଣୀ ଅଛନ୍ତି। ରକ୍ତମାଂସର ଏହି ଠାକୁରାଣୀ ଦିବ୍ୟ ଚେତନାର ପ୍ରତୀକ। ଆମର ପୁରୁଷ କୈନ୍ଦ୍ରିକ ସମାଜରେ ଆମେ ଅନେକ ସମୟରେ ନାରୀକୁ ଅବହେଳା କରିଥିଲେ ହେଁ ନାରୀ ଯେ ସମସ୍ତ ସୃଷ୍ଟିର ଊର୍ଦ୍ଧ୍ୱରେ, ଏହା କେହି ଭୁଲିଯିବା ଉଚିତ୍ ନୁହେଁ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ କବି ତଥା ପ୍ରାବନ୍ଧିକ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ 'ଠାକୁରାଣୀ'କୁ ଓଡ଼ିଆ କାବ୍ୟଧାରାରେ ଏକ ଉତ୍କୃଷ୍ଟ କାବ୍ୟ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ବକ୍ତା ଅଧ୍ୟାପିକା ଡକ୍ଟର ନୀଳିମା ପ୍ରିୟଦର୍ଶିନୀ କହିଥିଲେ ଯେ ସାହିତ୍ୟ ଜଗତରେ 'ଠାକୁରାଣୀ' ଭଳି ଏକ ଦୀର୍ଘ କାବ୍ୟ ରଚନା କରି ସେ ଜଣେ ସଫଳ କବିର ସ୍ୱୀକୃତି ଲାଭ କରିଛନ୍ତି। ପ୍ରାରମ୍ଭରେ 'ଠାକୁରାଣୀ' ପୁସ୍ତକର ପ୍ରକାଶକ ତଥା ଶ୍ରଦ୍ଧା ପବ୍ଲିକେଶନ୍‌ର ମୁଖ୍ୟ କବି ସମରେନ୍ଦ୍ରନାଥ ମହାପାତ୍ର ସ୍ୱାଗତ ସମ୍ଭାଷଣ ଦେଉଥିବା ବେଳେ ଆକାଶବାଣୀର ଅବସରପ୍ରାପ୍ତ ଘୋଷକ ବସନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନ୍ୟତମ ପ୍ରକାଶକ ତଥା ଲେଖକ ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଅର୍ପିତା ଦାସ
ଉଚ୍ଚତା : ୫ ଫୁଟ୍ ୫ ଇଞ୍ଚ୍
ବୃତ୍ତି : ଅଧ୍ୟୟନ
ଶିକ୍ଷା : ବିପିଇଡ଼ି ପ୍ରଥମ ବର୍ଷ
ପ୍ରବୃତ୍ତି : ମଡେଲିଂ ଓ ନାଚ
ପ୍ରଚ୍ଛଦ ଫଟୋଗ୍ରାଫି : ପପୁ ବେହେରା, ମିଡ଼ିଆ କ୍ରିଏସନ ଫଟୋଗ୍ରାଫି
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : ଶାଇନ୍ ଏଣ୍ଡ ଗ୍ଲୋ, ବାଲେଶ୍ୱର
ସ୍ଥାନ : ବେତନଟୀ, ମୟୂରଭଞ୍ଜ

ଲେଣ୍ଡର

# ଅକ୍ଟୋବର - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ପର୍ବପର୍ବାଣି**

୦୨/୧୦/୨୦୨୨ : ସପ୍ତମୀ
୦୩/୧୦/୨୦୨୨ : ମହାଷ୍ଟମୀ
୦୫/୧୦/୨୦୨୨ : ଦଶହରା
୦୯/୧୦/୨୦୨୨ : ଗଜଲକ୍ଷ୍ମୀ ପୂଜା ଓ ଉତ୍କଳମଣି ଗୋପବନ୍ଧୁ ଓ ମହମ୍ମଦ ଜୟନ୍ତୀ
୧୭/୧୦/୨୦୨୨ : ଗର୍ଭଣା ସଂକ୍ରାନ୍ତି

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

# ଦ୍ରୌପଦୀ-୨୦

## ପ୍ରଫୁଲ୍ଲ କୁମାର ମହାନ୍ତି

(ଦ୍ରୌପଦୀର ବରଣମାଳା)

ବାଦ୍ୟ ସମ୍ଭାରର ମଙ୍ଗଳ ଧ୍ୱନିରେ
କମ୍ପିତ କାମ୍ପିଲ୍ୟର ଦୃପ୍ତ ନରନାରୀ
ପୁରବାସୀ ସ୍ୱୟମ୍ବର ରଙ୍ଗଭୂମି
ଗୁଞ୍ଜରିଲା ଆନନ୍ଦର ମୁଗ୍ଧ ବିଳାସରେ
ଦ୍ରୁପଦ ଦମ୍ପତି ମନ୍ତ୍ରୀ ଋଷିକୁଳ ସମସ୍ତ ଅତିଥି
ନୃତ୍ୟରତା ବାରାଙ୍ଗନା ଦାସୀ ପରିଚାରୀ
ପ୍ରଣମିଲେ ଫେରନ୍ତା ସୂର୍ଯ୍ୟକୁ
କୃତଜ୍ଞ ମଣିଷର ଭକ୍ତି ଶ୍ରଦ୍ଧାଞ୍ଜଳି:

ଅସଫଳ ଅହଂକାରୀ ରାଜା ଗୋଳ କଲେ
କୁରୁ ଶିବିରରେ ହେଲା କିଛି ଧମକ ଚହଳ
ଧୃଷ୍ଟଦ୍ୟୁମ୍ନ ମଧ୍ୟସ୍ଥିରେ ଶାନ୍ତ ହେଲା
ପରାଜିତ ମୁକୁଟର ସବୁ କୋଳାହଳ ।

ଦ୍ରୌପଦୀ ଅପେକ୍ଷା କଲେ ବରମାଳା ହାତେ
ଏ କଣ ! କାହିଁକି ଆସୁନାହିଁ ସ୍ୱୟଂବର ଜିତା
ଘେନିବାକୁ ପ୍ରାପ୍ୟ ତାର ବିଜୟ ମାଳିକା ?
କୃଷ୍ଣ ଚେତାଇ ଦେଲେ ରାଜା ଦ୍ରୁପଦଙ୍କୁ
କର୍ତ୍ତବ୍ୟ କରନ୍ତୁ ରାଜା ପାଛୋଟି ଆଣନ୍ତୁ
ଆର୍ଯ୍ୟାବର୍ତ୍ତ ଶ୍ରେଷ୍ଠ ଧନୁର୍ଦ୍ଧର ନିଜ ଜାମାତାକୁ
ଆଣନ୍ତୁ ସସମ୍ମାନେ ମଞ୍ଚ ଉପରକୁ
ଦ୍ରୁପଦ ଗଲା ପରେ ସହାସେ ଶ୍ରୀକୃଷ୍ଣ
କହିଲେ ସଖୀ ମୋର କାହିଁକି ବିରସ
ମୁଖମଣ୍ଡଳରେ କାହିଁକି ସନ୍ଦେହର ଛାୟା
ଭାବୁଛ କି ସନ୍ନ୍ୟାସୀ ବ୍ରାହ୍ମଣ ସାଥେ କେମିତି କଟିବ
ଛନ୍ଦମୟୀ ଦ୍ରୌପଦୀର ସତେଜ ଜୀବନ ?
ସନ୍ଦେହ ଦୂର କର ସେ ହିଁ ଅର୍ଜ୍ଜୁନ
ଆନନ୍ଦରେ ବରିନିଅ ନୂଆ ଜୀବନକୁ
ଆଜିଠୁ ଆରମ୍ଭ ହେଲା କହିଥିଲି ଯାହା
ଭୂମିକାର ବିବର୍ତ୍ତନ ବହୁରଙ୍ଗ ଭରା
ପୂର୍ଣ୍ଣିମା ଅମାବାସ୍ୟା ସଂପୂର୍ଣ୍ଣ ଜୀବନ ।

ଦ୍ରୌପଦୀର ମୁହଁ ଉଜଳିବା ବେଳେ
ଫୁଲ ପାଖୁଡ଼ାର ବର୍ଷା ବେଗରେ
ମଙ୍ଗଳ ଶଙ୍ଖର ବିଭୋର ଛନ୍ଦରେ
ଦ୍ରୁପଦ ଧୃଷ୍ଟଦ୍ୟୁମ୍ନ ପହଞ୍ଚିଲେ
ବିଜେତାର ହାତ ଧରି ମଞ୍ଚ ସମୀପରେ
ପୁରୋହିତ ସମବେତ ଆଶିଷ ମନ୍ତ୍ରରେ ।

ଦ୍ରୌପଦୀର ହୃଦୟରେ ବାତ୍ୟା
ଚଞ୍ଚଳ ମନରେ ପ୍ରଶ୍ନର କଣ୍ଟାବାଣ
ତଥାପି ସ୍ଥିର ହାତରେ ହସିଲା ଆଖିରେ
ଦ୍ରୌପଦୀ ପିନ୍ଧାଇଲେ ଅର୍ଜ୍ଜୁନ ଗଳାରେ
ମନ୍ତ୍ରପୂତ ଫୁଲମାଳ ବିନା ସଙ୍କୋଚରେ
ସମର୍ପଣ ମୁଦ୍ରାରେ ଭାର ଭାର ହସ ବାଣ୍ଟି
କାମ୍ପିଲ୍ୟର ସବୁରି ହାତରେ ।

କିନ୍ତୁ ଏ କି ଶିହରଣ ତନ୍ତ୍ରୀ ତନ୍ତ୍ରୀରେ
ଦୃଶ୍ୟକାବ୍ୟ ପରି ଏ କି ପଟୁଆର
ଦ୍ୱିଅର୍ଥକ ଆଶା ନିରାଶାର !
ଅର୍ଜ୍ଜୁନ ଆଖିରେ ଦେଖି ହଠାତ୍ ବିଜୁଳି
ଚକ୍ଷୁ ମିଳନର ନୀରବ ଜ୍ୟୋତିରେ
ମଧୁବନର ଅଶୁଣା କାକଳୀରେ
ଢେଉଭଙ୍ଗା ଶବ୍ଦରେ କାନମନ ତାବ୍‌ଜା ହେଲା
ତଥାପି କାହିଁକି ବୋହିଗଲା
ଗଙ୍ଗାଧାର ଉଚ୍ଛୁଳା ଉଚ୍ଛୁଳା !
ବେକପୂର୍ଣ୍ଣ ସ୍ୱୟଂବର ମାଳା ପିନ୍ଧି ସାରି
ଅର୍ଜ୍ଜୁନ କହିଲେ ଧୀରେ : ପାଞ୍ଚାଳ କୁମାରୀ
ତୀର ବିନ୍ଧି ଜିଣିଛି ମୁଁ
ମନ ବିନ୍ଧି ଜିଣ ମତେ
କୁହୁଡ଼ି ହଟିବା ଯାକେ ଧୈର୍ଯ୍ୟ ନହାରି ।

ଆସ ଦ୍ରୌପଦୀ ହାତ ଧରି କହିଲେ ଅର୍ଜ୍ଜୁନ
ଏକ ହୋଇ ଗଢିବା ଆମେ
ଅନେକ ପୃଥିବୀ ଦୀପ୍ତ ଭୈରବୀ ପରି
ପରିବାର ସୀମା ଡେଇଁ
ମଣିଷର ମନ ଭେଦି




କ୍ଷମତା ନଉକା ଡେଇଁ
ସ୍ୱାଭିମାନୀ ଜୀବନର ପଥେ
ଦୁଇ ସ୍ୱାଧୀନ ମନ ଆତ୍ମାଭିମାନ
ଅକ୍ଷତ ରହିବ ଆମ ସୃଜନ କଳାରେ-
ଅବଶ୍ୟ ଜଣାନାହିଁ ମୁକ୍ତ ଇଚ୍ଛାର
ଶକ୍ତିଗତିର ହିସାବ ପ୍ରତିରୋଧର ଅନୁଭବ
ତଥାପି ଭେଟିବା ମିଶି ମୁହୂର୍ତ୍ତର ସମ୍ଭାବନା
କୋମଳ କଠିନ ରୁଦ୍ର ଯାହା ହେଉ ପଛେ
ସବୁକୁ ଆବୋରି ନେଇ ଗଢ଼ିବା କାହାଣୀ
ଇତିହାସ ପୃଷ୍ଠାରେ ଓହ୍ଲାଇବା ଶକ୍ତିରେ
ଅସୀମର ତ୍ରାସ ମଧ୍ୟେ
ବଞ୍ଚିବାର ମଧୁର ବିଶ୍ୱାସ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି



◀ ପ୍ରଫୁଲ୍ଲ କୁମାର ମହାନ୍ତି



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

# ବନ୍ଧନୀ

## ବଂଶୀଧର ଷଡ଼ଙ୍ଗୀ

ସବୁବେଳେ ବନ୍ଧନୀ ଭିତରେ ରହି
ସବୁକାମ କରି ଆସିଛି ଏପର୍ଯ୍ୟନ୍ତ
ବନ୍ଧନୀ ବାହାରକୁ ଯାଇ
କିଛି କରିବାକୁ ଇଚ୍ଛା ହେଲେ ବି
ଆଉ ଉପାୟ ନାହିଁ
ବୟସ ଗଡ଼ିଗଲାଣି ତ
ଆଉ ସାହସ କୁଳଉନି

ଗାଆଁମୁଣ୍ଡ ମଶାଣି କୋଚିଲାଗଛ ମୂଳରେ
କେତେଟା ଖପୁରି ନ ପୋଡ଼ି ରହିଯାଇଚି
ସେସବୁରେ ବର୍ଷା ପାଣି
ଜମିଯାଉଚି ଯେ
ଜହ୍ନରାତିରେ କୁନି ଜହ୍ନର
ଛାଇ ପଡ଼ି ବେଶ୍ ସୁନ୍ଦର ଦିଶୁଚି
ଏସବୁ କଥା ମଧ୍ୟ ସେଇ ବନ୍ଧନୀ ଭିତରର


ଅନେକ ସମୟରେ ଅନେକ କଥା
କହି ହୁଏନା
ସେସବୁ ବି ରହିଯାଏ ବନ୍ଧନୀ ଭିତରେ

କେନାଲ ବନ୍ଧ ଆରପଟୁ
କିଏ ଜଣେ ଚାଲି ଚାଲି ଆସୁଚନ୍ତି
ସେ କଣ ଚିହ୍ନା ଲୋକ କି
ଯଦି ହେଇଥାନ୍ତି ସେ ମଧ୍ୟ ହେବେ ବନ୍ଧନୀ ଭିତରର

ଦର୍ପଣ ସାମ୍ନାରେ ମୁଁ ଠିଆ ହେଇଚି
ହେଲେ ସେ ପ୍ରତିଫଳନ
ଠିକ୍ ମୋର ନୁହେଁ ବରଂ ଓଲଟା
ତେବେ ସବୁକଥାକୁ ଓଲଟା ଦେଖିଲେ
ସେସବୁ କଣ ଆସିଯିବ ବନ୍ଧନୀ ଭିତରକୁ

ପରଦା ଆଢୁଆଳରେ
କିଏ ଲୁଚିଥିଲା ଭଳି ମନେହୁଏ
ସେ ମୁଁ ନୁହେଁ ତ
ବନ୍ଧନୀ ଭିତରର
ଦର୍ପଣ ସାମ୍ନାରେ
ଠିଆ ହେଇଥିବା ସେଇଲୋକ ।

♥ 'କବିତାଘର', ଗୁହାଳପଡ଼ା, ନିମାପଡ଼ା, ପୁରୀ-୭୫୨୧୦୬,
ଫୋନ : ୮୯୧୭୨୭୦୫୫୬



▲ଫଟୋ ବଂଶୀଧର ଷଡ଼ଙ୍ଗୀ

# ନାତାଲିଆ ଓ ମୁଁ

## ହରପ୍ରସାଦ ଦାସ

ଅରାଏ ମରୁଭୂମିର ଚାପା ଦୀର୍ଘଶ୍ୱାସ ଭଳି ଓହ୍ଲେଇଗଲା ବେନ୍ ଗୁରିଅନ୍ ବିମାନ ବନ୍ଦରରେ
ଏଆର୍-ଇଣ୍ଡିଆ ଉଡ଼ାଣ
ପ୍ରାର୍ଥନାର ଶୀତଳ ରାତି ଭଳି ଲମ୍ବି ଆସିଲା ଶୁଭ୍ର ହାତ ତମର !

ବିସ୍ଫୋରଣରୁ ବର୍ତ୍ତିଥିବା ତମର ସୁନ୍ଦର ଅବଶେଷକୁ
ସାଉଁଟି ଧରି ମୁଁ କହିଲି ଲୁହରେ ଭିଜି ଆହୁରି
ଓଦା, ଆହୁରି ମାଟିଆ ହେଇଯାଇଥିବା, ତମେ ନବୁଝୁଥିବା ମୋ ଓଡ଼ିଆରେ:
ଓଃ ନାତାଲିଆ, ତମରି ହସରେ ବଞ୍ଚିରହୁ ହସ ପୃଥିବୀର !

ଆତଙ୍କର ପହରାରେ ତମ ସହରର ପାର୍ଥନାଘର
ଦିଶୁଥିଲା ବନ୍ଦିନୀ ପରୀ ଭଳି ଭୟାତୁର, କିନ୍ତୁ ସୁନ୍ଦର !

ମୁଁ ତୁମକୁ କହିପାରିଲିନି ମୋ ସହରର
ସବୁ ମନ୍ଦିରର ଦେହରେ ହାତପାଦ ହରାଇଥିବା ପରୀମାନଙ୍କର ଭିତରେ କିନ୍ତୁ
ହସ ଚାପି ରହନ୍ତି ଈଶ୍ୱର ଓ ତାଙ୍କ ପରିବାର !

ଦିଅ ମତେ ପ୍ଲାଷ୍ଟିକ୍ ବ୍ୟାଗ୍ ଭିତରେ ବଢୁଥିବା ତମର ବାମନ ବନସ୍ପତି, ଦିଅ ଖରା ରଙ୍ଗର କଟାକ୍ଷ ତମର, ଦିଅ
ଅର୍ଦ୍ଧ-ଆଲିଙ୍ଗନ ତମ ଡାହାଣ ହାତର !
ଥୁଅ ତମର ଅଚଳ ବାଁ ହାତର ଥଣ୍ଡା ଓଜନ ମୋ କାନ୍ଧରେ, ଦେଖାଅ
ଦୂରର ଲୋହିତ ଆକାଶରେ ଉଡ଼ାଣ ଜ୍ୱଳନ୍ତ ଚିଲର !

ନାତାଲିଆ, ଆମ ପୃଥିବୀର ଇତିହାସ
ଆଉଥରେ ଲେଖିବ କିଏ ମୁଁ ଜାଣେନି, କେବଳ ଜାଣେ,
ଆମେ ନଥିବା କି ନଥିବ ଆଜିର ବର୍ଣ୍ଣନା ସେଥିରେ
ଥିବେ କିନ୍ତୁ ଅସଂଖ୍ୟ ପ୍ରାର୍ଥନାଘର, ଥିବେ ଅନେକ ଆହତ ପରୀ
ଓ ଥିବେ ଅନ୍ତତଃ ଜଣେ ସୁଖୀ, ଗୃହସ୍ଥ ଈଶ୍ୱର
ଯାହାବି ହେଉ ପରିଣତି, ଅରାଏ ମରୁଭୂମି ପାଇଁ ଯୁଦ୍ଧ ମଣିଷର !

♥ ବାଗର୍ଥ, ଏନ୍-୨/୨୬, ଆଇ.ଆର.ସି.ଭିଲେଜ
ଭୁବନେଶ୍ୱର-୭୫୧୦୧୫,
ଫୋନ:୭୯୭୮୮୯୬୯୮୪





ଚିତ୍ର : ଶିଳ୍ପୀ ଉତ୍ତମା ଜେନା

ମୁଁ ଥାଏ କି ନଥାଏ ମୋ ପଂଚପ୍ରାଣରେ
ଏହି ଦ୍ୟାବା ପୃଥିବୀରେ ।

ବିଷାଦ ଅପନୋଦନର ଅଭୟ କବଚ
ଦିଅ ମତେ ଈଶ୍ୱର ପରମେଶ୍ୱର ।
ନିତ୍ୟ ନୂତନତାରେ
ଉନ୍ମୀଳିତ କର ମତେ
ବିସ୍ତୃତରୁ ବିସ୍ତୃତତର କର ।

ତମେ ଈଶ୍ୱର ହୁଅ କି, ଅଣଈଶ୍ୱର
ହୁଅ ମୋର ଆପତ୍ତି ନାହିଁ
ନିର୍ଭେଜାଲ ନିରୋଳ ମହାପ୍ରେମରେ
ସୁଗଂଧିତ ମହମହ ମଧୁରିମାରେ ଉଦ୍ଦୀପିତ
କର ମତେ ଉନ୍ମୁଖ କର
ଛଳକପଟର ଚକ୍ରବ୍ୟୁହରୁ
ବିମୁକ୍ତ କରି ମତେ ତଲ୍ଲୀନ କର
ହେ ମହିମମୟ ପରମ ଅବିନଶ୍ୱର,
ପ୍ରିୟତମ ଇଚ୍ଛାମୟ ଈଶ୍ୱର ।

‘ପୁଷ୍ପଧନୁ’, ୨୨୦/୨୦୩୯, ବମିଖାଲ, ଦୁର୍ଗା ମଣ୍ଡପ ପାଖ,
ଭୁବନେଶ୍ୱର-୭୫୧୦୧୦, ଫୋନ:୯୯୩୭୯୬୧୮୭୮

# ଅଜାତଶତ୍ରୁ

ଫନୀ ମହାନ୍ତି

ମୋହବନ୍ଧର ମାୟାଜାଲରୁ ମୁକ୍ତ
କରି ମତେ ନୂଆ ଜୀବନ୍ୟାସ
ଦିଅ ଈଶ୍ୱର,
ନିଶ୍ଚିହ୍ନ ହୋଇଯିବାକୁ ମୁଁ ଚାହେଁ
ସଚରାଚର ବିଶ୍ୱବ୍ରହ୍ମାଣ୍ଡରେ, ଭୂମିରେ
ଭୂମାରେ ଘଟରେ ପଟରେ
ଅଘଟନ ପଟନ ପଟିୟସୀ
ମାୟାବର୍ତ୍ତର ମାୟାଂଧକାରରେ
ମଧୁର ପ୍ରେମରେ ।

ଅନୌପଚାରିକତାରେ ଅଣଲୋଡ଼ାରେ
ଅନାଗ୍ରହରେ ମୋର ହୋଇ କିଛି ହିଁ
ନ ରହୁ ଯେ ଭବଭୂମିରେ
ମୋର ଆତ୍ମ ପରିଚୟ
ଅସ୍ମିତା ସ୍ୱାଭିମାନ ମୋ
ନିଟୋଳ ପୁରୁଷକାର ବରଂ ବିନଷ୍ଟ
ହୋଇଯାଉ ବାକିଥିବା କାଳକାଳ ଯାଏଁ ଦିଅର୍ଥରେ ।

କିନ୍ତୁ, ଲକ୍ଷ୍ୟଭ୍ରଷ୍ଟ ନହେଉ ଗାଂଡିବ
ଲକ୍ଷ୍ୟଚ୍ୟୁତ ନହେଉ ନିକ୍ଷିପ୍ତ ଶରଜାଳ
ମୋ ଅଦଢ଼ ହୃଦୟର
ଭାଗ୍ୟ ଓ ଭବିଷ୍ୟ,



କବି ଫନୀ ମହାନ୍ତି

# ଜାଇଚିହ୍ନ

## ଶ୍ରୀଦେବ

ଅଛ ଅଛ ପ୍ରଜାପତି ମନ ମୋର ଖୁବ୍ ଖୋଲା ଖାଲିପାଦ,
ଧୂସର ଗୋଇଠି-ଗୋଡ଼ ପିଚାଫୁଙ୍ଗୁଲା ଫଟାପେଣ୍ଟ, ବିନାବଟନ୍ ସାର୍ଟ ଓ
ସିମେଣ୍ଟବୁରାର ବସ୍ତାନି, ଭଙ୍ଗାସ୍ଲେଟ୍ ମୋ ସ୍କୁଲ୍‌ଦିନ । ଅର୍ଜିତ
ସ୍ୱାଧୀନଭାରତ ଶିକ୍ଷାର ଥିଲା ଏଇ ଚିହ୍ନ ।

ତତ୍‌କାଳେ ମୋ ଦେଶର ଜି.ଡି.ପି କେତେ ଥିଲା, ମନେ ନାହିଁ ।
ପାରା ଉଡ଼ିଗଲା ଫର୍ ।

ଆମ ବାପାମାନଙ୍କର କେତେ ଥିଲା ମୁଣ୍ଡପିଛା ଆୟ
କହି ପାରିବିନି ମୁଁ । ମୂଷାଗାତରେ ଭୋର୍ ।

କେଉଁ ସତୀସ୍ୱାଧୀକୁ ସାକ୍ଷୀ ରଖି ମିଛିମିଛିକା ଭୁଲ୍ ବୁଝାମଣା ଚୁକ୍ତି କଲେ
ବାପ-ଗୋସାପ । ଚଉଦପୁରୁଷ ।
ଆଜକୁ ୭୫ବର୍ଷ ତଳର ଆମ ଦେଶର ସ୍ୱାଧୀନ ଗୋଧିଚମ । ପାଉଁଶ ଗାଦିରେ ମ୍ୟାଜିକ୍,
ସଂଗ୍ରାମୀ ଶ୍ରମିକ କଟାମୁଣ୍ଡ ତଳେ ଥୁଆ ମୁକ୍ତ ସ୍ୱାଧୀନତାର ଏକତୋଳା ସୁନା !
ଫିର୍‌ହାଲ୍ ଫିକାଫିକା ସିଲଭର୍ ସ୍କ୍ରିନ୍‌ରେ ଫେରିବାଲୀର
ମୁକୁଳାବେଣୀ ହୁଏ ସଂହାର, ସତୀତ୍ୱର ଚୂନା ।

ପାନଛେପ ପିଚ୍‌କରି ପକେଇଲା ପରି ରାସ୍ତାକୁ
ଓଦାଳିଆ ସୂର୍ଯ୍ୟକିରଣ ସକାଳର ଖଇରିଆରଙ୍ଗ ଥିଲା ପୂର୍ବାହ୍ନ ସେଦିନ
ଭାରି ମିଂଜିମିଂଜି, ପେଙ୍କୁଆ । ଫେର୍ ଚୋସ୍ତ ଚୋସ୍ତ ଦ୍ୱିପ୍ରହର ଏବଂ ଶୂନ୍ୟଗୋଧୂଳିର ଖବର ।

ସାମ୍ନାରେ : କେତେଦିନ ଧରି ଚୂଳ କାଟି ନଥିବା ପିଲାଟିର ମଥା ପରି
ସ୍କୁଲ୍ ହତା ଓ ବଗିଚା । ପଛରେ : ହଷ୍ଟେଲ ।
ଟିକେ ମେଘ ହେଲେ ଯେଉଁଠି ଖସ୍ରିପଡ଼େ ଚେପ୍‌ଟା କଲେଇକରା କୀଟଖିଆ ଇତିହାସ ।
ଅଠଲାମାଟିର ଗଡ଼ିଆଘାଟ, ଯେତିକି ପ୍ରେମମୟ ତା'ଠୁ ଅବଶ୍ୟ
ସ୍ମରଣୀୟ ଖଟା ଆମ୍ବଗଛ ।

ଆଉଗୋଟେ ଥାଏ ଖାଲ । ଥ୍ରିଲର୍-ଥିଏଟର୍ ଜୋନ୍ ।
କଲ୍‌କତି ମୁକ୍ତମଞ୍ଚ ଡାଞ୍ଜାରେ ସେଠି ନାଟ ହୁଏ ହୋ, ନିର୍ଧୁମ୍ ନାଟ !
ଆଜି କାହିଁଗଲେ ମଳିଚିଆ ଗାଁଗଣ୍ଡା ଲୋକ ! ମନେପଡୁନି କଂସାକବାଟ ?
ବକ୍‌ସି ଜଗବନ୍ଧୁ, ପଳାତକ ? ? ଲୁହା ଶିକୁଳୀ ଓ ଭାନୁମତୀର ଖେଳ ? ?

ଆଖିଛୁଇଁ ସତ କହୁଚି ! ତାରା ଖସିଲା ପରି ଦିଶନ୍ତି
ତାରକସି ଚକ୍‌ମକି ସ୍ୱର ଓ ମୁହଁମଣ୍ଡାଣି ।
ରାଣ ଖାଇ କହୁଚି : ଶାଢ଼ିକାନି । ଓଢ଼ଣୀ ।
ପୁଅମାନେ ଗୋଟିଏ ଚାଉଳରେ ଗଢ଼ା ଝିଅ ପରି
ମର୍ଦମାନେ ପେଟ୍ରୋମାକ୍ସରେ ଭାରି ତୋଫାତୋଫା ଦିଶନ୍ତି । ଆଜିକାଲି
ବାସ୍ନାହୀନ ହଳଦୀଗୋରା କନିଅର ଫୁଲର ସେମିତି ନାହିଁ କାଟ୍‌ତି !

କାହାଁନ୍ତି, କାଆଡ଼େ ଗଲେ ସେ ଥ୍ୟାଟ୍‌ରାଜ୍ ସାହାବ୍ ? ଆରପାରିରେ !
ଲଣ୍ଠନ ସଂଜକୁ ଘେରି ଦଫେ ଝଡ଼ିପୋକ ଆମ ଛୁଆଙ୍କ ଭିତରେ
କାହିଁକି ଝିଣ୍ଟିକା ପରି ଶୁଙ୍ଗ ଭିଡ଼ିଛନ୍ତି ଶିଖେଇବାକୁ ସମୁଦ୍ର ପହଁରା–
ଅଛିଣ୍ଡା ଅଙ୍କକଷାରେ, ନିର୍ଜୁଆର ମୁହାଁଣମୁହଁରେ ଚବର ଚବର ପଖିଆଘେରା ସଲସଲ ସୌକୀନ୍ ସଂଜରେ ।



ଫଟୋ: ଶ୍ରୀଦେବ



▲ ଚିତ୍ର : ଶିଳ୍ପୀ ଯୁଗଳ ସରକାର

ଅଙ୍କକୁ ସଂସ୍କୃତ ଭାବି ଘୋଷିଲେ ଖୋଲିଯାଏ କି ପାଠବାକ୍ସ, ଥାକଥାକ । ସିନ୍ଦୂକ ରହସ୍ୟ !
ଏଲଜେବ୍ରା, ତ୍ରିଗୋନମେଟ୍ରିକ୍ ଫର୍ମୁଲା, ଶବ୍ଦରୂପ-ଧାତୁରୂପ ପରି, ହେଇ ଶୁଣ୍ ପ୍ରହ୍ଲାଦ ! !
କୁଆ ଓ କୋଇଲିଙ୍କ 'ମିତ୍ରଲାଭ'ଗପ ଶୁଭିଲାଣି ସ୍ୱର୍ଗରୁ । ସ୍କେଲିଟନ୍ ଓହଳା ବିଜ୍ଞାନଗାରକୁ ଜ୍ୱର ।

କିଏ ସେ କାନ୍ଦୁଚି ସେଠି ଶିର୍ଷାଗଛ ମୂଳରେ, ସାହାଡ଼ାସୁନ୍ଦରୀ, ପିଶାଚୁଣୀ ? ?
ଲୁହପୋଛି ଠିଆହୁଅ ବେଧଡ଼କ, ବୋଲିଲେଣି ସାହିତ୍ୟସାର୍
ଯୁବବାଣୀ ବେତାରରୁ ଜନଗଣ( ?)ଙ୍କ ଜାତୀୟ ସଂଗୀତ ।
ନାଇଁହୋ ! ସତୁରୀଦଶକର : ଖୋକାଭାଇ ଆର୍ଯ୍ୟଦାସଙ୍କ ପ୍ରେମଗପ ।

ଅଙ୍କ ଘୋଷିଲେ ଦଫାରଫା ହୁଏନିରେ ପାଠ । ପଚାର ପଚାର-
ଭାସ୍କର, ପୁରନ୍ତମ, ଯଦୁନାଥ, ମହେନ୍ଦ୍ର, ମନୋରଞ୍ଜନଙ୍କୁ । ମେଘ ନ ଥାଇ ଲଙ୍ଗଳମୂନରେ ବିଲ ଚିରିଲେ
ଚାଷ ଫଳେ କି ଖରା ? କହ କୁଶାନନ୍ଦ ! ବିନା ଗୁଳିରେ ଫୁଟେକି ବୋର୍ଡରରେ ବନ୍ଧୁକ, ଉତ୍ତମ ଦାସ !
କେଉଁ ଗୁଣସୂତ୍ର କେଉଁ ଉପପାଦ୍ୟକୁ ନେଇ ଗାମୁଛାକାନିରେ ଖୁଦଭଜା ବାନ୍ଧି
ଯାଉଚି ସୁଦାମା, କାହାକୁ ଖୁଆଇବାକୁ ? ?

ନା' ଠିକ୍ ବେଳେ ବର୍ଷୁଚି ବର୍ଷା । ନା' ଠିକ୍ ବେଳେ ଫୁଟୁଚି ଧାନ ।
ଆକାଶରୁ ଖସୁଚି ନିଆଁର ଉଲ୍‌କା -
ଲକ୍ଷ୍ମଣ-ରାଜେନ୍ଦ, ବ୍ରଜ-ହରିହର ? ଥକ୍‌କା ନବ, ହାଇ ମାରିବ, ପବନ ସଂଚିବ ? ?
ପାରୁଚ ତ ଆଞ୍ଜୁଳାପାତି ଧର ଧର । ଉଧାର ଆଣିଥିବା
ନୀଳକଣ୍ଠଙ୍କୁ ଫେରେଇଦିଅ ଖେଳମାନଙ୍କର ଉଷ୍ମ ଅଭିମାନ । ଲକ୍ଷେ ତାରାଙ୍କ ଛାଇରେ ଭାଗ୍ୟ ଅଣ୍ଡାଳି ସେଠି, ନିଅ ଥକ୍‌କା ।
ଏଠି ଖାଲି ଖସୁଚି ନିଆଁର ଉଲ୍‌କା ।

ତେବେ ବି, ଆମ ସ୍କୁଲ ପ୍ରସାରିତ କରିଚି ବର୍ଷବର୍ଷ ଛେନାଛେନା ଜହ୍ନରାତିର ବାହୁ
କପାକାଠିର ସରୁସରୁ ଆଙ୍ଗୁଳି, ଆଙ୍ଗୁଳିଅଗ ନଖରେ ରଙ୍ଗଣୀଫୁଲର ନେଲ୍‌ପଲିସ୍
ତା' ଉପରେ ନିଜ ବଢ଼ନ୍ତା ବୟସର ଜଳଛବି । ମୋ ସ୍କୁଲ୍ କଜ୍ଜଳମଖା ଆଖିପତା ମୁଦି
ହାତଯୋଡ଼ି ପ୍ରାର୍ଥନା ଗାଇଚି ମୁରୁକି ମୁରୁକି ହସୁଥିବା ଫଟୋଫ୍ରେମ୍ ଭିତରେ ପୂଜ୍ୟଯୋଗ୍ୟମାନଙ୍କୁ ।
ନତଜାନୁ ପ୍ରଣମିଚି ଗୋପବନ୍ଧୁ, ଗାନ୍ଧିଙ୍କୁ ।

ମୂର୍ଚ୍ଛପକା ସୁବର୍ଣ୍ଣସକାଳ ଦେଖି ମୋ ସ୍କୁଲ୍ ଶିଖଉଚି ବୁଣିବାକୁ ସ୍ମୃତିସ୍ନାତା ପ୍ରେମ ସପ୍ତରତ୍ନ
ବାଣ୍ଟିବାକୁ ବାସ୍ନା ନୂଆଜହ୍ନର ଆକାଶ । ବାଡ଼ିଖଣ୍ଡେ ଧରି
ଗେରୁଆ ଗାମୁଛାରେ ସେପଟୁ ଶୁଭିଲାଣି ବାବୁନନାଙ୍କ ସ୍ୱର ଖଞ୍ଜଣି, ପହଞ୍ଚିଲାଣି ସର୍ବଶେଷ ବାଇଶି ପାହାଚ ।

ତୁ ଏକ୍‌ଲା ନୋହୁଁରେ ଗୌତମୀ ! ତୋ ସହ ସ୍ମୃତି ଅଛି ।
କ୍ୟାଲେଣ୍ଡର୍ ତାରିଖର ଦିନ, ମାସ, ବର୍ଷ ବି ଜୀଇଁଛି । ସ୍କୁଲ୍ ଅଛି ! ସ୍କୁଲ୍ ପୋଖରୀର ରକ୍ତକଇଁ ।
ପାପୁଲିଏ ବହିର ବିଶ୍ୱାସ ପୁଣି ଫର୍ଦ୍ଦ ଫର୍ଦ୍ଦ ଅଛି ଲାଲ୍‌ଫଗୁଣର ଚିଠି ।

ଦେଖ୍ ଗୌତମୀ ! ତୋ ପ୍ରତିବିମ୍ବ । ତୋ ଚାରିଚଉତା ମାଇଲଖୁଣ୍ଟର ମଲା ସମୟ ।
ରାସ୍ତାପାଖ ଦାରୁଦୁର୍ବା, ଅରଖ ଓ ଅର୍ଜୁନ । ଘା' ଶୁଖେଇବାକୁ
ଟୋପା ଟୋପା ଲୁହ ତିଆରି କର, ଖୁସିର ଚୌରାରେ-
ଗଡ଼ିଯାଉ ଗାଲରୁ ଗଣ୍ଡକୁ । ଗଣ୍ଡରୁ ଓଠ ଚୌହଦୀକୁ ।
ଛାତି ଭିତରେ ଫଗୁଆକୁ । ଫଗୁଆ ଭିତର ପୁଣି ଫଗୁଆକୁ ।
ଚରୈବେତୀ, ଚରୈବେତୀ । ବର୍ଷ ବର୍ଷ । ଅପ୍ରମେୟ ଅସୁମାରି ଦିନ ।
ଓଠ ତଳେ ରହିଥାଉ ହେଇ
କଳାଜାଇ ଚିହ୍ନ ।

♥ ସମ୍ପାଦକ : ଚନ୍ଦ୍ରଭାଗା, ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୩, ଫୋନ:୯୪୩୭୧୨୩୮୨୩

# ପୁରୁଷର ଲୋକକଥାରେ

## ଅମରେନ୍ଦ୍ର ଖଟୁଆ

ନୁଚେଇ ଦେଇଥାଏ ତୁମ ମୁହଁ
ଭୋକର କାନ୍ଥରେ, ପ୍ରତ୍ୟାଖ୍ୟାନର ପଲସ୍ତରାରେ ।

ନିରବତା ଝୁଣି ଖାଉଥାଏ ଅପେକ୍ଷାରେ ଅନେକ
ରତୁଙ୍କୁ, ତମ ନ ଥିବାର ବର୍ଷବର୍ଷରେ ।

ପ୍ରତ୍ୟେକ ଥର ତମେ ନାରୀ, କାରଣ ନଦେଇ
ସ୍ୱପ୍ନଙ୍କୁ ରଙ୍ଗମୟ କରି ଅନୁପ୍ରବେଶ କର
ମୋ ରକ୍ତମାଂସର ନିବିଡ଼ ସୁଗଂଧକୁ ଇଚ୍ଛାମୟ କରି ।

ତାପରେ ଏମିତି ଅନ୍ୟର ଯୌବନରେ, ଅନ୍ୟର
ଠିକଣାରେ, ଅନ୍ୟର ପ୍ରଜ୍ଜ୍ୱଳିତ ଦେହରେ

ମୋରି ବୟସକୁ କବିତାମୟ କର ବିଶୃଂଖଳାରେ ।
ପ୍ରତି ସୁରରେ ତମକୁ ପାଇବାର ଅଶୁଦ୍ଧ ହୁଳହୁଳି

ମୋ ହାତରେ ତମ ନାରୀତ୍ୱର ଲାବଣ୍ୟ ଖୋଜେ
ତମକୁ ପାଇବାର ଅନ୍ୟାୟୀ ଅସାମର୍ଥ୍ୟରେ ।

ପ୍ରେମରେ, ରମଣରେ, ନାରୀ ସଂଗରେ, ପୁରୁଷର
ଭୟଙ୍କର ଭୋକରେ, ଅପେକ୍ଷାର ବେଳ ଗଡ଼ିବାରେ
ଖୋଜିବାର ପୁଲକରେ, ପାଇବାର ଚୁମ୍ବକୀୟ ହଲଚଲରେ ।

ସବୁଆଡ଼େ ତମର ପ୍ରତିଛବି, ପରିଚିତି ନଥାଇ, ଠିକଣା
ନଥାଇ, ଅଥଚ ମୁଁ ଏମିତି ପାଗଳପଣ ସହ ପୁରୁଷର
ସଂଧିଘୋଷଣା କରିସାରିଥାଏ, ଆରଣ୍ୟକ ଯୁଗଳବନ୍ଦୀରେ ।

♥ ଏନ୍-୧୯୪, ଗ୍ରେଟର କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮
ଫୋନ:୯୯୧୦୯୦୭୯୯୯

# ନିଜକୁ ଖୋଜୁନି ଆଉ

## ସୁଶୀଲ କୁମାର ପାଣିଗ୍ରାହୀ

ନିଜକୁ ଖୋଜିବା
ବନ୍ଦ କରିଦେଇଛି ଏବେ
ଭୁଲ୍ ବୁଝନି
ମୋ ମୁଠାରେ
ଚାପି ହେଇ ରହିନି ଏ ପୃଥିବୀ
କି ପାଇଯାଇନି ସରଗକୁ
ନିଶ୍ଚୁଣୀ ।


ବୀଜ ଅଙ୍କୁରିବା ଦେଖି
ବୀଜଟିଏ ହେବାର ଇଚ୍ଛା
ଆଉ ନାହିଁ ଏବେ

ହଜିଯିବାକୁ ଚାହେଁ ପ୍ରେମରେ
ହଜିଗଲେ ପ୍ରେମରେ
ହଜିଗଲା ଲାଗେ ନାହିଁ
ମାଟିରେ ବି ପାଦ
ଚେର ହେଇ ଗଭୀରତାକୁ
ମୁହାଏଁ ନାହିଁ

କିଛି ତ
ପାଇବାକୁ ନଥାଏ
ଆଉ କିଏ
ନିଜକୁ ଖୋଜେ ?

ନିଜକୁ ଖୋଜିବା
ବନ୍ଦ କରିଦେଇଛି ଏବେ
ଏହା ବି ଏକ ବିଦ୍ରୋହ
ନିଜ ବିରୁଦ୍ଧରେ ।

♥ କଲ୍ୟାଣୀ ରେସିଡେନ୍ସି, ୨୦୩, ବ୍ଲକ-ସି,
ଜଲାନ୍ ଗଳି, ଫାର୍ମରୋଡ଼୍, ସମ୍ବଲପୁର-୨
ଫୋନ:୮୧୪୪୨୨୮୨୦୨



▲ଫଟୋ ଅମରେନ୍ଦ୍ର ଖଟୁଆ



▲ଫଟୋ ସୁଶୀଲ କୁମାର ପାଣିଗ୍ରାହୀ



▲ ଚିତ୍ର : ଶିଳ୍ପୀ ପ୍ରତିଭା ମିଶ୍ର

# ବର୍ଷା ଋତୁ

## ସେନାପତି ପ୍ରଦ୍ୟୁମ୍ନ କେଶରୀ

କୋଉ ବାଟ ଦେଇ ଗଛରେ ନାଉ ହୁଅନ୍ତି
ଖରା ରଙ୍ଗର କନିଅର
କୋଉ ପଡିଆରେ ଆଣ୍ଠେଇ ପଡି
ମୁଣ୍ଡିଆ ମାରୁଥାଏ ମେଘ
ତାର ସାବନା ମୁହଁକୁ ଦେଖି
ଇଚ୍ଛା ହୁଏନି କି ଗୋଟେ ଗାଢ଼ ଚୁମା ଦେବାକୁ ?

ସାବନା ରଙ୍ଗ ମୋର ସବୁଠୁ ପ୍ରିୟ ।
ନିଜ ଅଜାଣତେ ମୁଁ ପ୍ରେମରେ ପଡିଯାଏ
ସାବନି ଝିଅଟେ ଦେଖିଲେ
ଛାଡ଼, ସୁନାଗୋରି କନିଅର
କୁଆଡୁ ଆସି ଗଛରେ ଫୁଲେଇ ହୁଏ କେଜାଣି
ମୋର ଜାଣିବାର ଉପାୟ ନଥାଏ ।

ସେ କଣ କେବେ କାହାକୁ ପ୍ରେମ କରିଥିବ ?
ମୋର ବିଶ୍ୱାସ ହୁଏନା ।
କନିଅର ଫୁଲକୁ ଭଲପାଏ
କୋଉ ପ୍ରେମିକ ନା କୋଉ ପ୍ରେମିକା ?
କେଜାଣି ମେଘ କଣ ଭାବୁଥିବ !

ସେଦିନ ଖରାବେଳେ ବନ୍ଦ ଥିଲା ଘରର ସବୁ କବାଟ
କିନ୍ତୁ ବଗିଚା ଥିଲା ଫାଙ୍କା
ଗଛମାନେ ଗୀତ ଗାଉଥିଲେ କି
ଖରାରେ ଝୁଲାଉଥିଲେ କେଜାଣି

ନିଜ ନିଜର ଛାଇରେ ଛିଡା ହେଇ
ରାସ୍ତା ଘାଟ ଭାରି ଫାଙ୍କା ଫାଙ୍କା ଦିଶୁଥିଲା ।

ମୁଁ ଥିଲି ମୋ କୋଠରୀ ଭିତରେ
ଟାଣ ଖରାକୁ ଡରି ।
ବାହାରକୁ କଣ ଯିବା ସହଜ ଥିଲା ?
ଗୋଟେ ଅଜଣା ଭୟ ଏମିତି ଡରାଉଥିଲା
ଯେମିତି କେତେବେଳେ ମୂର୍ଚ୍ଛା ହେଇ ତଳେ ଲୋଟି ପଡିବ ହୃଦୟ
ପ୍ରେମ ଖୋଜୁ ଖୋଜୁ
କନିଅର ଫୁଲ କିନ୍ତୁ
ଦାଉ ଦାଉ ସୁନା ପରି ଚମକୁଥିଲା ।

କେବେ କାହାଠୁ ପ୍ରେମ ନପାଇ
ତଥାପି ସେ ଥିଲା ଅତ୍ୟନ୍ତ ହସକୁରି
ପାଦର ପାଉଁଜିର ରୁଣୁଝୁଣୁ ଶବ୍ଦରେ
ନିଜେ ହିଁ ଝୁମୁଥିଲା ନିଜ ଭିତରେ
ଗୀତ ପଛରେ ଚାଲୁଥିବା ପାଗଳ ମନଟି ପରି
ପାଶୋରି ଦେଉଥିଲା ବାଟ ଘାଟର ଠିକଣା ।

କାହାକୁ ମୁଁ କାହିଁକି ପଚାରିବି
ମୁଁ ପ୍ରେମରେ ନା ସନ୍ନ୍ୟାସରେ
ସବୁ ଛାଡ଼ିଛୁଡ଼ି ଆସିଲା ପରେ
ଗୋଟେ ନିର୍ଜନ ଖୋଲା ପଡିଆକୁ
ମୋର କାହାକୁ କିଛି କହିବାର ଇ ନଥିଲା ।
ଯୋଉଠି ସାମାନ୍ୟ ପିମ୍ପୁଡିଟିଏ ଘାସ ଉପରେ
ଖୋଜୁଥାଏ ଜୀବନକୁ ସଳଖେଇ ଦେବାର ବାଟ
ପାଗଳ ବର୍ଷା ଋତୁରେ ।

♥ ସାଇ ସର୍ଜନା, ଜଗନ୍ନାଥ କଲୋନୀ,
ବାଲିକୁଦା, କଟକ-୭୫୩୦୧୧, ଫୋନ: ୯୪୩୮୨୭୫୩୨୩



▲ ଚିତ୍ର ସେନାପତି ପ୍ରଦ୍ୟୁମ୍ନ କେଶରୀ

# ଭୋର୍ ପକ୍ଷୀ ଡାକିଦେଲେ


## ଡକ୍ଟର ହରିଶ୍ଚନ୍ଦ୍ର ବେହେରା

ଭୋର୍ ପକ୍ଷୀ ଡାକିଦେଲେ
କବାଟ ଖୋଲିଦିଏ ବୋଉ
ବାଉଁଶ ବତାର କବାଟ ମୋତେ କେଁ କାଁ କରେ ନାହିଁ
ଗୋଟେ କାଠର କବାଟ କରିବେ କରିବେ ଭାବୁ ଭାବୁ
ଆରପାରିକୁ ଚାଲିଗଲେ ବାପା

ଚୋରଙ୍କ ଲାଗି କିଛି ତ ନ ଥିଲା ଲୁହ ଛଡ଼ା
ଥରେ ପାଣ ସାହିରୁ କେଇଟା ଚୋର ଆସିଥିଲେ
ଅଧାଅଧି ରାତି
ଶିକାରୁ ମାଛ, ହାଣ୍ଡିରୁ ପଖାଳ ଖାଇ ହାକୁଟି ମାରି
ଫେରି ଯାଇଥିଲେ ଗୋଟେ ପେଟରା ମୁଣ୍ଡେଇ

ପେଟରାରେ କେଇଟା ବାସି ଲୁଗା
ବୋଉ ସାଇତି ଥିଲା ଗନ୍ଧ କର୍ପୂର ଦେଇ
ସଧବା ଶାଢ଼ିତକ
କେଉଁ କାମରେ ବା ଲାଗିଥାନ୍ତା ବିଧବା ବୋଉର !

ଦୁଃଖର ଚେହେରା ଦେଖିଛି ପିଲାଦିନେ
ବୋଉର କୃତାଞ୍ଜଳିପୁଟରେ ନୈବେଦ୍ୟ ଦେବା ବେଳେ
ବାଡ଼ି ପଟ ଚାଳିଆରେ
ଢ଼ିଙ୍କିରେ ଧାନ କୁଟିଲା ବେଳେ
ଧାନବିଡ଼ା ମୁଣ୍ଡେଇ ସରୁ ହିଡରେ ବିଲରୁ ଫେରିବା ବେଳେ



▲ ଚିତ୍ର : ଶିଳ୍ପୀ ଇପ୍‌ସିତା ଦେ

୧୯୪୩ ଦୁର୍ଭିକ୍ଷ ଭିତରେ ପିଲାଟିଏ ଆସିଲା ଯେ
କ୍ଷୀର ଟିକିଏ ନ ପାଇ ମରିଗଲା ଦିନ କେଇଟାରେ
କାନ୍ଦିବାକୁ ବି ଲୁହ ବୁନ୍ଦେ ନ ଥିଲା ଆଖିରେ

ମାଇଲ୍ ମାଇଲ୍ ବାଲୁଚର ଖାଁ ଖାଁ ମନ ଭିତରେ
କେଉଁ ମାୟା ଲଗେଇ ଦେଲା ଦି'ବର୍ଷର ବାପ ଛେଉଁଣ୍ଡ ଛୁଆ
ଗୋଟେ ନୁଖୁରା ସଳିତା ପରି ଜାଳିଦେଲା ନିଜକୁ

କ'ଣ ଆଉ ମାଗିବାର ଥିଲା ଠାକୁରଙ୍କୁ
ଶଙ୍ଖା ସିନ୍ଦୂର ନେଇଯିବା ପରେ
ଆଖିର ପିତୁଳା ପରି ବକଟେ ପୁଅ
ବଂଚି ପଡ଼ିଥାଉ ସଂସାରରେ ଏତିକି କେବଳ ।

♥ କଲ୍ୟାଣନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର-୭୫୬୦୦୧
ଫୋନ:୯୪୩୭୮୧୩୭୦୮



▲ ଚିତ୍ର : ଡକ୍ଟର ହରିଶ୍ଚନ୍ଦ୍ର ବେହେରା

## ମହାପ୍ରୁ ପ୍ରକଟ ହୁଅ

**ବିଜନ ରାୟ**

ତୋଫା ଆଲୁଅର ପଟୁଆରରେ
ବେଳେବେଳେ ଖୁବ ଅସତର୍କ ଲାଗେ
ବରଂ କିଟିମିଟି ଅନ୍ଧାରଟା ବହୁତ ଭଲ ଥିଲା
କାହାର ଦର୍ପିତ ଆଖିର ଶାଣିତ କଟାକ୍ଷ
ଭେଦିବାର ଭୟ ନଥିଲା !

ଆପଣାର ଦୃଶ୍ୟ ଶ୍ରାବ୍ୟ ଛବି ଓ କଥାକୁ ନେଇ
ଘଷି ମାଜି ରଙ୍ଗ ଦେଇ
ହାଟରେ ବାଟରେ ଦେଖେଇ ଶୁଣେଇ
ସ୍ଥିତି ଓ ପରିସ୍ଥିତିକୁ ସଜାଡୁଥିବା ଓ ଉଜାଡ଼ିଥିବା
ମଙ୍ଗୁଆଳ ମାନଙ୍କୁ ଭାରି ଡର !

କାହାକୁ ବା ବୁଝେଇ ହେବ
ଏଠି ବି ଅବୋଲକରା ମାନେ
ଏବଂ ବିଧବା ମା'ର ଏକୋଇର ବଳା ଅନନ୍ତାମାନଙ୍କୁ
ସମୟ ଛାପକୁ ପିଠିରେ ଛାପି
ବଳି ପଡ଼ିବାକୁ ପଡ଼େ
ସୀମା ସରହଦରେ
ତ କେବେ ଗାଁ ଦାଣ୍ଡରେ
ଅଥବା କେବେ ପୁଣି
ମାଟି ବାଲି ବସ୍ତାରେ ବାନ୍ଧୁଥିବା ବନ୍ଧ ତଳେ !

ସମାନ ଅଲୁଅ ସବୁଠି ପଡ଼େ
ସମାନ ପବନ ସବୁଠି ବହେ
ସମାନ ପାଣି ସମସ୍ତେ ପିଅନ୍ତି
ସମାନ ମାଟିରେ ସମସ୍ତେ ବଢ଼ନ୍ତି
ସମାନ ଭୋକକୁ ସମାନ ଖାଦ୍ୟ
ତଥାପି ବି ଅସମାନତା !

ହେ ମହାପ୍ରୁ ଅଦୃଶ୍ୟ ଈଶ୍ୱର
ପ୍ରକଟ ହୁଅ କି ନହୁଅ
ଥରେ ତ କହିଦିଅ
ବଳି ପଡୁଥିବା ବଳି ପକାଉଥିବା ଏବଂ
ବଳି ଖାଉଥିବା ସଭିଙ୍କ ଠାରେ
ତମେ ସତରେ ବିଦ୍ୟମାନ !

♥ ପ୍ଲଟ୍ ନମ୍ବର: ସିଏଚ୍‌ପି-୬୦, କାନନ ବିହାର
ଭୁବନେଶ୍ୱର-୭୫୧୦୩୧,ଫୋନ: ୯୪୩୮୧୪୧୩୬୪



## ନିଶବ୍ଦେ କୋଇଲି

**ସଦାଶିବ ଦାଶ**

ଶବ୍ଦର ସଂସାର ମଧ୍ୟେ ନିଶବ୍ଦ ଜଂଜାଳ
ସ୍ଥାବର ଜଂଗମ କୀଟେ ଆତଯାତ ଜନ୍ମ ଠାରୁ ମରଣ ପର୍ଯ୍ୟନ୍ତ ।

ଏଇ କୋଇଲିର ସ୍ୱରଲୟତାଳ ଅମୋଘ ଅମାପ
ଅଦୃଶ୍ୟ ତା ସମାଗମ ସକଳ ଅଦୃଶ୍ୟ
ଅନୁଭବି ହୁଏ ତାର ଚିରସ୍ରୋତା ଶବ୍ଦଚର୍ଯ୍ୟା ଅମଂଦ ଗାମିନୀ
ଆପେ ଆପେ ପ୍ରବେଶ ଶରୀର ମଧ୍ୟେ
କ୍ଷଣକରେ ଫେରିଆସେ ଚିରାୟତ ପ୍ରାଣ ମଂଦାକିନୀ ।

ବସିବାକୁ ରାହା ସାହା ଖୋଜେ ନାହିଁ, ବନ୍ଧୁର ଅର୍ଚ୍ଚନା
ଲୁଚି ଲୁଚି କୋଇଲିର ସ୍ୱର ପରି ସୃଷ୍ଟି କରେ ଅବନା ତରଂଗ
ପବନର ଏଇ ଖେଳେ ଦୋଳୁଥାଏ ନିଶବ୍ଦେ କୋଇଲି
ଆଗମ ନିଗମ ପଥେ ଦୃଶ୍ୟମାନ ଜୀବନର ଅମୋହୀ ସଂଳାପ ।

କେହି କେବେ ମାପିନାହିଁ କୋଇଲିର ସ୍ୱର ସାରେଗାମା
ଭଲପାଏ ସମସ୍ତଙ୍କୁ ନାହିଁ ଶତ୍ରୁ, ମିତ୍ର ଭେଦାଭେଦ
ନିଶବ୍ଦେ କୋଇଲି ଏଠି ଯାଏ ଆସେ ବଂଚାଏ ସେ ସମଗ୍ର ଜଗତ ।

ଯେତେ ଯାଏ ଏଇ ଶବ୍ଦ ନିରାଧାରେ ଶୁଭୁଥାଏ ବ୍ରହ୍ମର କମଳେ
କି ଅଗମ୍ୟ ସେ; ବର୍ଣ୍ଣମାଳା ସପ୍ତବର୍ଣ୍ଣା ପ୍ରାଣ ବୃଉଚିତ୍ର ।
ସବୁଜ ସଜାଗ ଥାଏ କାନ୍ତିମୟ ସଦା ପ୍ରସ୍ଫୁଟିତ
ଔତ୍ରଲେଖ ତା ଭରିଥାଏ ପ୍ରାଣିବିଂଦୁ ଅଦୃଶ୍ୟ ଅମୃତ ।

ଥରେ ମାତ୍ର ନଶୁଭିଲେ ଏଇ ଶବ୍ଦ ସବୁ ଏଠି ଅଚଳ ଅଥଳ
କେଉଁ ଭାବେ କେତେ ସୂକ୍ଷ୍ମ, କୀଟ ମଧ୍ୟେ ରହେ ତା ଆସ୍ଥାନ
ମଣିଷ କେବଳ ଏଠି ଅନୁଭବେ ତାସ୍ୱରର ଆଂଶିକ ଠିକଣା
ବୃକ୍ଷ, ତୃଣ, ଶୁଣି ପାରେନାହିଁ କେବେ ନିଶବ୍ଦରେ କୋଇଲିର ଡାକ
ସେ ପାଇଁ ତ ମଣିଷ ସବୁଠୁ ଶ୍ରେଷ୍ଠ କୋଇଲି ପ୍ରିୟ ପ୍ରାଣ ମିତ ।

ନିଶବ୍ଦେ କୋଇଲି ଡାକ ଶବ୍ଦବ୍ରହ୍ମେ ଜୀବନର ଅଦୃଶ୍ୟ କଂପନ
ତା ବିନା ତ ସବୁ ଶୂନ୍ୟ, ପରାହତ ପଂଚଭୂତେ ଲୀନ ।
କିଏ ବା ମାପିଛି ଏଠି କୋଇଲିର ସପ୍ତଶ୍ୱର
ଗମିଛି କି ତା ଭିତରେ ବହୁଥିବା ମହା ଅନ୍ତର୍ଲୀନ ସ୍ରୋତ
ଜୀବନ ଠୁ ଚିରଞ୍ଜୟୀ ମହାଜୀବନର ।

♥ ବଟେଶ୍ୱର, ସାଲେପୁର, କଟକ-୭୫୪୨୦୨
ଫୋନ:୮୨୮୦୧୩୩୭୧୨



# ପିପାସା

## ବଂଶୀଧର ଚୌଧୁରୀ

ମନୋଜ ଦାସଙ୍କ
'କମ୍ବୁଗ୍ରୀବ'କୁ ପଚାର ନାହିଁ
ଅଜଣାକୁ ଜାଣିବାର ପିପାସା
ଅଜବ ରାଜାଙ୍କର
ନିଶପୋଛା କାହାଣୀର ସ୍ୱାଦ ।

ରାଜକୀୟ 'ବୁଦ୍ଧୁ' କ'ଣ ବୁଝିପାରେ
ପରମ ସତ୍ୟର ରହସ୍ୟ !

ପବନ କିନ୍ତୁ ଦେଖେ
ଅସୀମ ଚିନ୍ତାମାନଙ୍କର ଭିଡ଼ରେ
ବିକଳ ସମୟର ନିର୍ବାକ୍ ଦଉଡ଼
ଅସରନ୍ତି ଦୀର୍ଘଶ୍ୱାସର ଜ୍ୱାଳା
ଉଚ୍ଚ ଅଭିଳାଷମାନଙ୍କର ଆବର୍ତ୍ତରେ
ଉଦ୍‌ଗତ ଆବେଗର ମୁମୂର୍ଷୁ ଉଡ଼ାଣ ।

ହେ ସୂର୍ଯ୍ୟ,
ତମେ ସାମର୍ଥ୍ୟର ପ୍ରତୀକ
ଦିଅ ତୁମର ରଶ୍ମିଟିଏ ମାତ୍ର
ମୁଁ ଅତିକ୍ରମ କରିବି
ସାତ ସମୁଦ୍ର ତେର ନଈ
ବୁଝେଇ ପାରିବି
ମହାମାନୀ ରାଜାଙ୍କୁ
ଦୂର କେତେ ରାଜମଶୋହିରୁ
'ଆକାଶ କଇଁଛ'ର ପୀଡ଼ିତ ଚେତନା ।

ହେ ପୂର୍ଣ୍ଣ, ହେ ଆଲୋକ,
ତମେ କ'ଣ ଶୁଣିପାରୁ ନାହିଁ କି
ନିର୍ଯାତିତ ଜୀବାତ୍ମାର କ୍ଷତବିକ୍ଷତ ପାଦଶବ୍ଦ !
ରକ୍ତାକ୍ତ କପାଳର କରୁଣ ଚିତ୍କାର ।

♥ ମେଘଡମ୍ବରୁ, କୁରୁଡ଼ା, ବାଲେଶ୍ୱର-୭୫୬୦୫୬
ଫୋନ:୯୯୩୭୪୧୩୫୪୩



▲ଛବି ବଂଶୀଧର ଚୌଧୁରୀ

# ଏକ ଏକ ଏକପଦୀ

## ଅଶୋକ କୁମାର ମହାନ୍ତି

॥୧॥
ଆକାଶରେ ଜହ୍ନ ହସୁଛି ସଜନୀ
ଗଛେ ମଲ୍ଲିଫୁଲ ହସେ
ତମେ ଆଜି କେତେ ଦୂରେ ପ୍ରିୟତମା
ଝୁରୁଛି ମୁଁ ପରବାସେ ।

॥୨॥
କଖାରୁ ଫୁଲରୁ ମଧୁ ଶୋଷିବାକୁ
ଭଅଁର ଆସଇ ଉଡ଼ି
ପାଗଳ ମୁଁ ଆଜି ତମ ପ୍ରୀତି ଲାଗି
ମରୁଛି ମୁଁ ଝୁରି ଝୁରି ।

॥ ୩ ॥
ବରଷା ନାଚୁଛି ପାଉଁଜି ପିନ୍ଧି
ରିମି ଝିମିଝିମି ସୁରେ
ଶୁଭିବ କି ଏବେ ତମରି ପାଉଁଜି
ଶବଦ ମୋ ଅଗଣାରେ

॥ ୪ ॥
ସକାଳୁ ସକାଳୁ ବି ଖବର ନେଇ
କୁଆ ରାବେ କା କା
ପ୍ରିୟା ଦେଇଚି କି ଚିଟାଉ କା ହାତେ
ଖୁଦ ଖାଇ ଉଡ଼ିଯା ।

॥ ୫ ॥
ଚମ୍ପା ରଂଗୀ ତୁମ ଗୋରା ଦେହ ଠାରୁ
ଗୋଲାପୀ ବାସନା ଝରେ
ମୁଁ ଆଜି ପାଗଳ ସେ ବାସନା ପାଇଁ
ମନବଥା ମନେ ମରେ ।

॥ ୬ ॥
ସେପଟେ ବଇଁଶୀ ସେପଟେ କଦମ୍ବ
ମଝିରେ ଯମୁନା ନଈ
ଆର ତୁଠେ ବସି ରାଧା ଚାହିଁଥିବ
ତା କୃଷ୍ଣଙ୍କ ଚିଟାଉ ପାଇଁ ।

♥ ପ୍ରଫୁଲ୍ଲ ନଗର, ଜଗନ୍ନାଥପୁର, ଭଦ୍ରକ

▲ପୋଟ୍ରେଟ୍ ଅଙ୍କନ : ଡିମ୍ପଲ ଦାସ



ଏ କବିତାଟି 'ରେବତୀ' ପାଇଁ ପଠେଇବା ବେଳେ କବି ଥିଲେ ଆମ ଗହଣରେ । ପ୍ରକାଶିତ ହେବା ପରେ ଦେଖିବାକୁ ହାୟ ନାହାନ୍ତି ସେ ଇହଲୋକେ । କବି ଓ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କ ସେପ୍ଟେମ୍ବର ୧୬ରେ ଦେହାନ୍ତ ହୋଇ ଯାଇଛି । କବିଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ।

# ଖବର ମିଳୁନି

**ମମତା ଦାଶ**

ସେ ପହଞ୍ଚିବଣି ?
କିଛି ଖବର ମିଳୁନି ଏଯାଏଁ ।
କେଉଁଠି ପହଞ୍ଚିବାର ଥିଲା ତାର
ସେ କହି ନଥିଲା ମୋତେ ।

ସେ ଯିବା କଥା କହୁଥିଲା ।
ମୁଁ ବି କହୁଥିଲି ଯିବା କଥା
ହୁଏତ ଫେରିବା ନ ଫେରିବା କଥା ।
କିନ୍ତୁ ପହଞ୍ଚିବା କଥା ସେ ଠିକ୍
ଗଲାବେଳେ କହିଥିଲା ।
କହିଥିଲା ଅପେକ୍ଷା କର
ମୁଁ ପହଞ୍ଚିଯାଏ,
ଅନ୍ୟମନସ୍କ ମୁଁ କହିଥିଲି
ମୁଁ ବି ଯାଉଛି ଯେ ।

କିଏ କୁଆଡ଼େ ଯାଏ ମୁଁ ପ୍ରାୟ ପଚାରେ ନାହିଁ ।
ଅଥଚ ମୁଁ କୁଆଡ଼େ ଯିବି
ପଚାରନ୍ତି ସମସ୍ତେ ।

ସବୁ ଦିନିଆ ପାରା ଦିଜଣ ବିଜୁଳି ତାର ଉପରେ
ମୁଣ୍ଡକୁ ସବୁ ଜାଣିଲା ଭଳି ହଲାଉଛନ୍ତି ।
ଅବୁଝା ପ୍ରଶ୍ନଟିଏ ପବନରେ ବୁଲୁଛି
ଖବର କାଗଜ ବାଲା ଭଳି ।
ମୁଁ ଗୋଟଏ ଖୁବ୍ ଦୀର୍ଘ ରାସ୍ତା ଦେଖୁଚି ସେଥିରେ
କେହି କେବେ ଚାଲି ନାହିଁ
ସେ ଯଦି ସେଇଥିରେ ଚାଲିବାକୁ ସ୍ଥିର କରିଥିବ ?

ମୋର ପୁଣି ଦଶମ ଶ୍ରେଣୀ ଅଙ୍କ ବହିର
ସେ ଗେଣ୍ଡାକଥା ମନେ ପଡୁଛି ।
ଯିଏ ଗାଟିଏ ମସୃଣ ଖମ୍ବ ଉପରେ
ଟିକିଏ ଚଢ଼େ ପୁଣି ଖସେ, ଯେତିକି ଚଢ଼େ,
ତାର ଅଧା ଖସିଯାଏ
ସେ କେତେବେଳେ କେଉଁଠି କିମିତି
ପହଞ୍ଚିଯିବ ବୁଝି ନପାରି,
ମୁଁ ସେ ହିସାବ ପିଲାଦିନୁ ଆଜିଯାଏଁ କରି ପାରିନି ।
ଯାଃ,
ମୁଁ କଣ ଗେଣ୍ଡା ନା ସେ ଗେଣ୍ଡା ?

ଆମେ ଦୁହେଁ ଏକ ଅସମାହିତ ଗଣିତ ପ୍ରଶ୍ନ
ଫେଡ଼ିଲେ ଭୁଲ୍, ହରିଲେ ମିଶାଇଲେ
ଗୁଣିଲେ ଖାଲି
ଭୁଲ୍ ଉତ୍ତର ହିଁ ବାହାରେ
ସମାଧାନ ହୁଏନା, ଫେଲ୍ ମାର୍କ ମିଳେ ।

କାମବାଲି ଜାନକୀ
କିମିତି ଜାଣିଲା କେଜାଣି
ପଚାରିଲା 'ପହଞ୍ଚିବା ବିଷୟରେ ଭାବୁଛ କି ମା?'
ମୁଁ ଉତ୍ତର ଦେଲି, 'ତୁ ଆଉ ଆଜି କାମ କରନା ଯା'

କାରଣ ସେ ଯଦି ଅଧା ରାସ୍ତାରେ ଥାଏ
ମୋତେ ଘରୁ ଶୀଘ୍ର ବାହାରିଯିବାକୁ ହେବ ।
ଯଦି ପହଞ୍ଚିଥାଏ ତେବେ ବି
ବାହାରି ଯିବାକୁ ହେବ ନିଶ୍ଚୟ ।
ସେ କଥା ନରଖିଲେ ନାଇଁ
ମୋ ପାଇଁ କଥା ରଖିବା
ବହୁତ ବଡ଼ ଘଟଣା ବୋଲି ଜାଣିଥା ।

କାମବାଲି ଜାନକୀ
ଆମର ପହଞ୍ଚ ନପହଞ୍ଚିବା
ନ ପହଞ୍ଚି ପହଞ୍ଚିବା ଜୀବନ ବିଷୟରେ
କିଛି ବି ଜାଣେ ନାହିଁ ।
ଚୁପ୍‌ଚାପ୍ ଫେରିଗଲା ବେଳେ
ପଚାରିଲା ନାଇଁ ଯେ କେହି କେଉଁଠି ବି
ନ ପହଞ୍ଚିଲେ ବି ଅସୁବିଧା କଣ, ମା ?

♥ ୪୦୫, ଅର୍କିଡ୍ ପ୍ରାଇଡ୍, ଶ୍ରୀରାମନଗର,
ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨,
ଫୋନ:୯୪୩୮୧୦୬୩୧୭



▶ଛବି ମମତା ଦାଶ

# ଘର

## ପୀତାମ୍ବର ତରାଇ

ନାଇଁରେ ଭାଇ, ଘରକଥା ନପଚାରିବା ଭଲ !
ସେମିତି ସର୍ତ୍ତ ନଥିଲା ନିଅଁ ପଡ଼ିବା ଦିନ
ଭାଙ୍ଗିବ କି ରହିବ ଘର ଖଣ୍ଡିକ
ନିଜ ସହ ଚୁକ୍ତି କରି ପୋତି ନଥିଲି ଖୁମ୍ବ
କି ଉଠେଇ ନଥିଲି କାନ୍ଥ
ଏମିତି ଢଙ୍ଗରେ କେହି କ'ଣ ଘର ତୋଳେ, ଜାଣିଛ
ଘର ମାନେ ତ ଘର ପ୍ରେମର, ଭଲ ପାଇବାର
ଗୋଟେ ନିବିଡ଼ ଆଲିଙ୍ଗନର
ଘର କ'ଣ ହୋଇପାରେ ଚୁକ୍ତିଭିତ୍ତିକ, ଶୁଣିଛ !

ଘର ଖଣ୍ଡେ ଅଛି ବୋଲି ପାଞ୍ଚଜଣ ପରି ମଥା ଛୁଏଁ
ବାଡ଼ିପଟେ ତାଳଗଛ
ପୁରିଲା ପୁରିଲା ଲାଗେ ଆଖି ହଳକ, ଛୁଏଁ ଦିଗନ୍ତ
ଛାତି ଲାଗୁଥାଏ ଦଶମାଣର ମୁଗ ମାଣ୍ଡିଆ କ୍ଷେତ
ଆଉ କିଛି ଥାଉ କି ନଥାଉ
ଦୁଃଖ ସହ ସଲାସୁତୁରା କରିବା ଆଗରୁ ଟିକେ ଛାଇ
ମୁଣ୍ଡ ଉପରେ ଥିବ ତ ଅବଶ୍ୟ
ଏଇ ଛାଇ ଟିକକ ବାନ୍ଧି ରଖିବା ପାଇଁ କେତେ
ନଜଳିଛି ନକାନ୍ଦିଛି ମଣିଷ ।

ଆମ ଭଳି ଲୋକ ଘରୁ ପାଦ କାଢ଼ିଲେ ସହଜରେ
ସୁରୁ ହୁଏନା ବାଟ
ପଛକୁ ଥରେ ଅଧେ ନଚାହିଁଲେ
ସାରାଦିନ ଛକପକ ଥୟ ଧରେନା ରଙ୍କୁଣା ମନ
ଘଡ଼ିଏ ପହଡ଼ ଛାଡ଼ି ଯାଉଥାଏ ଯୋଉ ଘର
ଫେରିଲା ବେଳକୁ ନିଜର ହୋଇଥିବ ତ !

ଆଉ କାହାର ହେବ, ମାଟିକି ମା' କହି ଉଠେଇଛି କାନ୍ଥ
କାଣ୍ଡଓରା, ପାରିଆ ବତାକୁ ମାନିନେଇଛି
ବାପାଙ୍କ ହାତଗୋଡ଼
ସ୍ୱର୍ଗଫର୍ଗ କହିଲେ ଛୋଟ ମୁଣ୍ଡରେ ବୁଝୁ
ଲୁହ ଲହୁ ଝାଳରେ ଓଦା ଏହି ଘର ଖଣ୍ଡିକ
ସୁଖଦୁଃଖ ସ୍ୱାଭିମାନର କେରାଏ ଭେକ
ଏହା ବି ଜାଣୁ ଘରଟା ଦେଉଳ, ଛାତତଳ ଛାଇତକ
ଛାତି ପାଇଁ ସାକ୍ଷାତ ଈଶ୍ୱର ।

ପିଲାଏ ବୁଝିଲେ ନାହିଁ କାହିଁକି ଗଢ଼ାହୁଏ ଘର !
ବୁଝିଲେ ନାହିଁ ବୋଲି ତ
ଏବେ ଘରସାରା ପ୍ରତିପାଳିତ ହେଉଛି
କ୍ରୁ' ଜିଗର କୁଟିଳ ହସ
ସାପ ନେଉଳର କଳି ପରି ମନ ସହ ମନର ଅମେଳ
ଅର୍ଥ ଅନର୍ଥର ଅଭିଳାଷ, ଆହୁରି ଶୋଷ
ଶିଢ଼ି ଚଢ଼ିବାର ଡହଡହ ଅବଶୋଷ ।

ଦିନେ ଦିନେ ଲାଗେ ଛେପ ଖଙ୍କାର, ପରିସ୍ରା ଗନ୍ଧ ପରି
କୁକର୍ମରେ ଗନ୍ଧଉଛି ଘର
ଦିନେ ଦିନେ ଦେହରେ ବାଜୁଛି ରଣ, ଅବାଧ ରମଣ, ଅସତ ଅଜନ
ମନେ ଭେଛି କୁଆଁରୀ ଝିଅର ପାପଗର୍ଭଠୁ
ଆହୁରି ବଡ଼ ଘର ଭିତର ଅଲକ୍ଷଣ ।

ଏଣିକି ଥାଇ ନଥିଲା ପରି ଲାଗୁଛି ଘର, ଭିଟାମାଟିରେ
ଯେମିତି ଗଢ଼ୁଛି ବ୍ୟଙ୍ଗ ବିଦ୍ରୁପର ଗୋଟେ ମାଦକ
ଲାଗୁଛି ଅଚିହ୍ନା ପର
ନାଇଁରେ ଭାଇ ଆଜିକାଲି ଘରକଥା ନପଚାରିବା ଭଲ ।

♥ 'ଅଶ୍ରୁନୀଡ଼', ମଙ୍ଗରାଜପୁର, କୁଜଙ୍ଗ, ଜଗତସିଂହପୁର-୭୫୪୧୪୧
ଫୋନ:୯୪୩୭୧୬୩୪୨୧


ଫଟୋ ପୀତାମ୍ବର ତରାଇ

# ଆସିବେ କି ମା'

## ଡକ୍ଟର ସୁଷମା ମିଶ୍ର

ଫୁଲ ପରି ଫୁଟେ ଉଛାଟ ମନ
ଗୁଳି ପରି ଫୁଟେ ଉତ୍ତୁରି ପଡୁଥିବା କ୍ରୋଧ
ଭାତ ପରି ଫୁଟେ ଅସୁମାରୀ ଦୁଃଖ
ତାରା ପରି ଫୁଟେ ସ୍ୱର୍ଣ୍ଣିମ ସ୍ୱପ୍ନ
ଏଇସବୁ ଫୁଟିବା ଭିତରେ ହିଁ
ଫୁଟିଥାଏ ଜୀବନ ।

ଆଜିକାଲି ମାନବିକତାର ହତ୍ୟା କରି ,
କଥା କଥାକେ ଫୁଟି ଯାଉଚି ଗୁଳି
ଜେହାଦିର ବର୍ବରତାରେ କେବେ କେମିତି
ମଣିଷ ବି ବାରୁଦର ବୋମା ହୋଇ ଫୁଟୁଛି ।

ଚରମ ଆସୁରିକତାକୁ ମର୍ଦ୍ଦନ କରିବା ପାଇଁ
ଅବତରି ଆସିଲେଣି ପରା ଶକ୍ତିମୟୀ ମା' ।

ଏଇ କାଶତଣ୍ଡୀ ଫୁଟିବାର ବେଳେ
କୃପାମୟୀ ମା' ଅବା ଓହ୍ଲାଇ ଆସିଚନ୍ତି
ଲେଖିବାକୁ ଫୁଟିବାର ଗୀତ
ଦୁର୍ଗତ ମଣିଷର ରକ୍ତାକ୍ତ ଛାତିରେ ।

ଆଦିମାତା ବିରାଜିତ ହୋଇଛନ୍ତି
ଏଇ ବିଷମ କାଳରେ
ଭରି ଦେବାକୁ ଭଲପାଇବାର ଅଞ୍ଜନ
ଫୁଟି ଯାଇଥିବା ଆମ ଚେତନା ଚକ୍ଷୁରେ ।

♥ ସ୍ପନ୍ଦନ
ଖଣ୍ଡଗିରି ଏନ୍‌କ୍ଲେଭ୍
ଏମ୍ଆଇଜି ୩୯, ଫେଜ୍ -୧
ଭୁବନେଶ୍ୱର- ୭୫୧୦୩୦, ଫୋନ: ୯୦୪୦୦୪୨୦୦୭



▶ ଡକ୍ଟର ସୁଷମା ମିଶ୍ର

# ଫେରିବାକୁ ଚାହେଁ

## ଦୀପ୍ତି ଦାସ

ନିଃଶ୍ୱାସକୁ ସେ ନଈବାଲି କରି
ପୋତି ଦେଇଛି ତା ପୋଡ଼ା ପରାଣର
ପଉଟି ପଉଟି ପାରଦ ପାଉଁଶ
ଭୋକର ଦାଉ
ରକ୍ତକୁ ତା'ର ରଡ଼ନିଆଁ କରି
ଜାଳି ଦେଇଛି ତା'
ଦୁଃଖ ଦରଜ ଶୁଖିଲା ପତ୍ର
ପାଉନି ଆଉ ।

କଖାରୁ ଡଙ୍କରୁ କଷି ସବୁ ଖସି
ଝଡ଼ି ଗଲା ପରି
ଝରି ଯାଇଛି ତା' କଅଁଳ ବୟସ କଷି
ମା'ର କାନିରେ ବନ୍ଧା ହୋଇଥିବା
ଗଣ୍ଠିଧନ ପାଇଁ ମନାସିଥିବା ଆଠଣି ପରି ସେ
ଯାଇଛି ଖସି ।

ଗୋବର ଲିପା ତା'
ଛାତିର ଛାତରେ
ଗାର ଗାର ହୋଇ
ଲେଖି ଯାଇଛି ତା
ମାଟି ମୂଲ୍ଲକର ମାୟାର ଛବି
ହଜି ନାହିଁ ତାର
ବାଡ଼ରେ ଆଉଜା ଦରଡ଼ା ତାଟିରେ
ଦଉଡ଼ି ବନ୍ଧା ଚାବି ।


ନଖଦର୍ପଣରେ ଦେଖିଛି ବସି ସେ
ମାଟିମଲାଟରେ
ମହଣ ମହଣ
ଶୋକରେ ଅଙ୍କା ଛବି ।

ଦୁଃଖଦରଦ କଷଣ କରଜ
ଭାଗ୍ୟ ଭୂଗୋଳ ଲେଖା
ସେ ତ ସମୟ ଶିଳାର
ସୁପ୍ତ ଲିପିର, ଗୁପ୍ତ ଦରଜ
ରିକ୍ତ ମରୁର ରେଖା
ସେ ତ ଫେରିବାକୁ ଚାହେଁ
ଦାଦନ ଭାଟିରୁ
ପୋଡ଼ା ଇଟା ପରି
ମାଟିର ଅଗଣା ପରେ
ମାଟି ପଣତର ଶୋଷିତ ଅଶ୍ରୁ
ଶୋଷି ନେବ ତାର ସାଗର ଶୋଷର
ଅନନ୍ତ ଊର୍ମି ପରେ... ।

♥ ଅରଡ଼ବଜାର, ବାଲେଶ୍ୱର-୧
ଫୋନ:୯୮୬୧୪୬୬୪୫୩



▶ ଦୀପ୍ତି ଦାସ



▲ ଚିତ୍ର : ଶିଳ୍ପୀ ପ୍ରଦୀପ୍ତ କିଶୋର ଦାସ

ମହୁ ପରି ମିଠା ପ୍ରୀତିମୟ ସନ୍ଦେଶ
ଦୁଃଖ ପରେ ସୁଖ ଆସିଥିଲା ସତ
ସେତେବେଳକୁ ବାପା ମୋର
ଜୀବନ ସାରା ପରିକ୍ରମ କରି ହାଲିଆ ହେଲେଣି ।
ବାପାଙ୍କୁ ମୁଁ ନିକଟରୁ ଅତ୍ୟନ୍ତ
ଗୋପନତାର ସହିତ ଦେଖିଛି
ତାଙ୍କର ଛାତିର ହାଡ଼ର କଳାପଟାରେ
ଲିଖିତ ପାଠସବୁ ପଢ଼ିଛି, ଧନ୍ୟ ହୋଇଛି
ଏପରି ମହାତ୍ମାଙ୍କ ପାଖରେ ମୁଁ ଜନ୍ମ ନେଇଛି ।

ଅତ୍ୟନ୍ତ ନିର୍ବିକାର ସବୁଜ ଚିନ୍ତାଚେତନାର
କୈବଲ୍ୟ ଝରିପଡୁଛି ।
ଦୁଃଖସୁଖ ଦୁଇଭାଇଙ୍କୁ ବାପା ଦେଖିଛନ୍ତି
ଦୁଃଖର ସୌଦା କରୁକରୁ ସୁଖ ଗୁଡ଼ିକ
ପାଦକୁ ଆଡ଼େଇ ଘରେ ହାଜର ହୁଅନ୍ତି
ବାପାଙ୍କ ପାଦ ପାଖରେ ସୁଖ ଗୁଡ଼ିକ
ହାତ ଧରି କିପରି ବିଭୋର ହୁଅନ୍ତି
ସବୁ ଦେଖିଛି ।

ବାପା ମୋର ମଣିଷ ନଥିଲେ
ସବୁ ସଂସ୍କାରକୁ ଜନ୍ମ ଦେଇଥିବା
ଏକ ବିଶ୍ୱସ୍ତ କାରୀଗର ।

♥ 'କବି ସଂସାର', ସା/ପୋ-ଆରୁହାବୃତ୍ତି,
ଭୋଗରାଇ, ବାଲେଶ୍ୱର
ଫୋନ:୭୯୭୮୨୬୨୮୭୪

# ସୁଖର ପଣତରେ ଲାଜ ଲାଜ ଅଭିମାନ

**ସୁକୁମାର ଦାସ**

ସୁଖର ପଣତରେ ଏତେ ଅଭିମାନ କାହିଁକି ?
ସୁଖ ଚିରକାଳ ହସେ, ହସାଏ ଓ କନ୍ଦାଏ ବୋଲି
ମୁଁ ଜାଣିନଥିଲି ।

ସବୁବେଳେ ଦୁଃଖ ବୋଲି ବନ୍ଧୁ ମୋର
ଲୁହ ପୋଛେ ସଂସାର ହାଟରେ
ସୁଖ ଦୁଃଖ ଦୁଇ ଭାଇ
ଗୋଟିଏ ମାଆ ପେଟର
ଏମାନଙ୍କୁ ମୁଁ ଦେଖିଛି ଶୈଶବ କାଳରୁ
ଯେଉଁଦିନ ବାପା ଘର ସଂସାର ପାଇଁ
ବେପାର ବଣିଜ କରି ପ୍ରତିଷ୍ଠିତ ହେଲେ
ମୁଁ ମାଆଙ୍କ ପାଖରୁ ଶୁଣିଛି
ବାପାଙ୍କର ଜୀବନର ଇତିହାସ ।

କର୍ତ୍ତବ୍ୟର ଚାଟଶାଳୀରେ ବାପା ମୋର
ପାଠ ପଢ଼ି ଗଢ଼ିଥିଲେ, ସବୁଜ ସଂସାର
ତିନି ଭାଇଙ୍କୁ ନେଇ ବାପା ମୋର
ତିଆରି କଲେ ଭାତୃତ୍ୱର ମନ୍ଦିର
ମନ୍ଦିର ବୋଇଲେ ଏକ ଆଦର୍ଶ ପରିବାର
ଯାହା ଭିତରୁ ଝରୁଥିଲା



▶ ଛବି ସୁକୁମାର ଦାସ

# ଇତିହାସ, କିଛି ଦୃଶ୍ୟ

ବୈକୁଣ୍ଠନାଥ ସାହୁ



ଚିତ୍ର : ଶିଳ୍ପୀ ସୁସ୍ମିତା ମିଶ୍ର

॥୧॥
ସେଦିନ ନଥିଲ ତମେ,
ଯେଉଁଠି ଏକ ପ୍ରାଚୀନ ରହସ୍ୟର
ଉଦ୍‌ଘାଟନ କରିଥିଲେ ଆତ୍ମୀୟସ୍ୱଜନ,
ପ୍ରିୟ ପଦାବଳୀର ଲେଖକମାନେ ଏବଂ
ସତ୍ୟକୁ ସିଂହାସନରେ ବସାଉଥିବା ବିଦ୍ୱାନମାନେ ।

॥୨॥
ତମେ ନଥିଲ ସେଦିନ, ନଥିଲ
ଇତିହାସକୁ ସୁବର୍ଣ୍ଣ ଯୁଗରେ ରୂପାନ୍ତରିତ କରିବା ବେଳେ,
ସେମାନେ ତମକୁ ଖୋଜୁଥିଲେ,
ଧୂସର ନିର୍ଜନ ଦେବାଳୟରେ ବନ୍ଦାପନା କରୁଥିବା
ଏକ ଅନିଶ୍ଚିତ ଭବିଷ୍ୟତ ପାଇଁ,
ତମେ କିନ୍ତୁ ଥିଲ ଅସୀମ ଆଶାବାଦୀ !

॥ ୩ ॥
କଜଳନୟନା ନଈ ଯେମିତି ବହି ଚାଲିଥିଲା,
ମେଘମେଦୁର ଆକାଶର ହାତ ଧରି ଚାଲୁଥିଲେ,
ତଥାକଥିତ ନରନାରୀ ପୁରାଣଶାସ୍ତ୍ରର ନାୟକ ନାୟିକାମାନେ,
ତମେ ନଥିଲ ସେତେବେଳେ
ପୂର୍ବ ନିରବତାର ପ୍ରାଚୀନ ଧାରାରେ ।

॥ ୪ ॥
ପରବର୍ତ୍ତୀ ସମୟରେ ଏକ ଯୁଗାନ୍ତକାରୀ
ଇତିହାସର ପୃଷ୍ଠାମଣ୍ଡନ କରିଥିଲା
କେତେବେଳେ ଲୋକ ଆସୁଥିଲେ ପଡ଼ୋଶୀ ରାଜ୍ୟରୁ,
କେତେବେଳେ ଲୋକେ ମିଥ୍ୟା ପ୍ରତିଶ୍ରୁତିର
ଆଲୋକରେ ହସୁଥିଲା ଗୃହାଙ୍ଗନ,
ଦେବାଳୟ, ରାସ୍ତାଘାଟ, ବଜାର, ମଣ୍ଡପ;
ତମେ ସେଦିନ ନଥିଲ, ପୁରସ୍କାର ବିତରଣୀ ସଭାରେ କି
ନଦୀପୋଲ ଉଦ୍‌ଘାଟନରେ ।
ନିରବ ସାଧକ ମେଘମାନେ


॥ ୫ ॥
ସମସ୍ତଙ୍କୁ ବିସ୍ମୟାଭିଭୂତ କରି ପତ୍ର ଲେଖୁଥିଲେ
ନିରବ ସାଧକ ମେଘମାନେ,
ରାସ୍ତାକଡ଼ର ସବୁଜ ସୃଷ୍ଟିମାନେ ପର ଦୁଃଖରେ ମ୍ରିୟମାଣ,
ଅନ୍ତରଙ୍ଗ ପ୍ରିୟପରିଜନ ମାନଙ୍କର
କିଛି ଘଟଣା, ଦୁର୍ଘଟଣାର ପରିକ୍ରମଣ ଭିତରେ
ସେଦିନ ତମେ ନଥିଲ !

॥ ୬ ॥
ସାକ୍ଷୀ ଥିଲେ ନିରପେକ୍ଷ ଦେବତାମାନେ,
ସାକ୍ଷୀ ଥିଲେ ଆକାଶ, ପୃଥିବୀର ମଧ୍ୟ ଭାଗର ଅସହାୟ ଚରିତ୍ରମାନେ
ସେତୁ ନିର୍ମାଣ କରିଥିବା ସ୍ୱପ୍ନମାନେ, ଆତ୍ମୀୟମାନେ
ଏ ଧରାର ପବିତ୍ର ଲେଖକମାନେ ବିସ୍ମିତ ଚକିତ ଥିଲାବେଳେ
ତମେ ନଥିଲ ଜୀବନ ସଂଗ୍ରାମର ନାଟକୋତ୍ସବରେ !!

ଭୁବନେଶ୍ୱର, ଫୋନ : ୯୪୩୭୧୪୮୮୫୫



କବି ବୈକୁଣ୍ଠନାଥ ସାହୁ



▲ ଚିତ୍ର : ଶିଳ୍ପୀ ଯସ୍ମିନ ସାହୁ

# ମୁଁ ପ୍ରୀତି କହୁଛି

**ସରୋଜିନୀ ଷଡ଼ଙ୍ଗୀ**

ଶୁଣିଲି, ଏ' ଚାଞ୍ଚଲ୍ୟକର
ଖବର ପ୍ରକାଶ ପାଇଲାବେଳେ
ସମ୍ବାଦ ପତ୍ରଟି କାଳେ
ଭିଜି ଯାଇଥିଲା ରକ୍ତରେ,
ଟେଲିଭିଜନ୍‌ର ପର୍ଦ୍ଦାରେ
ଭଲପାଇବାର ଇନ୍ଦ୍ରଧନୁ
କାଳେ ଲାଲ୍ ହୋଇଯାଇଥିଲା
ଟୁକୁଡ଼ା ଟୁକୁଡ଼ା କଟାମାଂସରେ,
ଆକାଶବାଣୀର ଘୋଷିକାଙ୍କ ସ୍ୱର
କୋହରେ ଥରିଯାଇଥିଲା
ଏ ଭୟଙ୍କର ସମ୍ବାଦ
ପରିବେଷଣ ବେଳେ
ମୁଁ ପ୍ରୀତି, ଅଶରୀରି
ଏବେ ଶୂନ୍ୟରୁ ହିଁ ପ୍ରଶ୍ନ କରୁଛି-
ସତ କୁହ
କେତେଖଣ୍ଡ କରି କାଟିଥିଲ ମୋ ଦେହକୁ ?
ସତୁରି ଖଣ୍ଡ ନା
ସତର ଶହ ଖଣ୍ଡ କରି ?
ଆଉ ସଜାଇ ଦେଇଥିଲ
ଫ୍ରିଜ୍‌ର ଥାକରେ
ଯେଉଁଠି ମୁଁ ସଜାଇ ରଖୁଥିଲି
ତୁମ ପାଇଁ ଭଳିକି ଭଳି
ସୁସ୍ୱାଦୁକର ଖାଦ୍ୟ ! ଓ ଆଇସ୍‌କ୍ରିମ୍ ?

ବିବାହ ବେଦୀର
ପବିତ୍ର ଯଜ୍ଞଅଗ୍ନିକୁ
ପ୍ରଦକ୍ଷିଣ କଲାବେଳେ
ଶପଥ ନେଇଥିଲ ନା
ଦଶଦୋଷ ନୁହେଁ
ସହସ୍ର ଦୋଷ କ୍ଷମା କରିଦେବ ବୋଲି ?
କେବଳ ଗୋଟିଏ ପ୍ରଶ୍ନ
ତୁମକୁ ପ୍ରିୟତମ
ସତ କୁହ, କ୍ଷୁଧାର୍ଥ ଅସ୍ତ୍ରରେ
ମୋ ଦେହକୁ ଖଣ୍ଡ ଖଣ୍ଡ କଲାବେଳେ
କେଉଁ ଅଂଗକୁ
କାଟିଥିଲ ପ୍ରଥମେ ?
ତୁମ ପାଇଁ ଅବିରତ
ସ୍ପନ୍ଦିତ ହେଉଥିବା ହୃଦୟକୁ ?
ଯେଉଁଠୁ ସାରା ଶରୀରକୁ
ସଂଚାଳିତ ହେଉଥିବା
ପ୍ରତିଟି ରକ୍ତବିନ୍ଦୁ,
ତୁମ ପାଇଁ ଭଲପାଇବାର ସଂଗୀତ ଗାଉଥିଲା-
    ପ୍ରଥମେ କାଟିଥିଲ କି
    ମୋର ଦୁଇ ହାତ ?
    ଯେଉଁ ହାତ
    ଅବିଶ୍ରାନ୍ତ ତୁମର
    ପ୍ରତିଟି ଅଂଗକୁ ଛୁଇଁ ଛୁଇଁ
    ଶ୍ରଦ୍ଧାରେ ଆଉଁସି ଦେଉଥିଲା
    ଆଉ ତୁମେ କ୍ଳାନ୍ତଶ୍ରାନ୍ତ ହୋଇ
    ଫେରି ଆସିଲା ବେଳେ-
    ଗରମ ଖାଦ୍ୟ ପରଷି ଦେଉଥିଲା ?
ଛୁରୀ ଭୁଷି ଥିଲ କି ପ୍ରଥମେ
ମୋର ମୁହଁ, ଆଖି, ନାକ, କାନ
ଚିବୁକ, କପାଳ ?

ଯେଉଁ ଆଖି ତୁମ ବିନା
ଅବିରତ କରୁଥିଲା ଅଶ୍ରୁସ୍ନାନ
କପାଳ ବି' ପିନ୍ଧୁଥିଲା
ତୁମ ପାଇଁ ଆନନ୍ଦରେ
ବିନ୍ଦୁଏ ସିନ୍ଦୂର
ଚିବୁକ ସାଇତିଥିଲା ଚିରକାଳ
ତୁମ ପ୍ରୀତି ଚୁମ୍ବନର
ପ୍ରଥମ ଶୀତ୍କାର ।
    ସତକୁହ ହାଣିଥିଲ
    ପ୍ରଥମେ ପାଦକୁ ?
    ଯେଉଁ ପାଦ ଅଳତା ଓ
    ରୂପାର ପାଉଁଜି ପିନ୍ଧି
    ତୁମ ଘର ଅଗଣାରେ
    ତୋଳିଥିଲା ଅଭିନବ
    ପ୍ରୀତିର ଝଂକାର ?

ଭିତରେ ଭିତରେ, ତୁମେ
କେବେ ଠାରୁ ଜଳୁଥିଲ ?
ନୃଶଂସ ହତ୍ୟାର ଏଇ
ସୁଚିନ୍ତିତ କୌଶଳକୁ
ଗୋପନରେ କେବେ ପୋଷିଥିଲ ?
କେବେଠୁଁ ଲୁଚାଇଥିଲ
ଭଲପାଇବାର ଏ ସୁନ୍ଦର ମନଟିକୁ
ପ୍ରତିଶୋଧର ଧୂଆଁ ଭିତରେ ?
କ୍ରୋଧ ଆଉ ଅସୂୟାର
ଚରମ ଉଗ୍ରତାରେ
ମୋ ଦେହର ଟିକି ଟିକି ମାଂସଖଣ୍ଡ
ଫିଙ୍ଗିଦେବା ବେଳେ
ହାତ ଥରଟିଏ ଥରିଲାନି ?
ପାଦ ଅଟକି ଗଲାନି ?
ମୁହୂର୍ତ୍ତକ ପାଇଁ ?
ଆଉ ଅନୁରାଗରେ
ଭିଜିଗଲାନି ଆଖି ?
ଅଥଚ ଆମ ପ୍ରୀତିର ସେ
ପରମ ପରିଭାଷା,
ଆକୁଳ ଅନୁରାଗରେ ଆର୍ଦ୍ର
ପ୍ରେମର ପ୍ରଥମ ପ୍ରତ୍ୟାଶା
ଏବେବି ସଂଚିତ ମୋର
ଦିବଂଗତ ଦେହ ଦେଉଳରେ ।

(ବିଶେଷ ଦ୍ରଷ୍ଟବ୍ୟ- ଆସାମର ଇଂଜିନିଅର୍ ବିବାହ କରିଥିଲେ ଓଡ଼ିଶାର ଝିଅକୁ ଏବଂ ଦାମ୍ପତ୍ୟ କଳହ ଯୋଗୁଁ ସ୍ତ୍ରୀକୁ ହତ୍ୟା କରି ସତୁରି ଖଣ୍ଡ କରି, ସେ ଖଣ୍ଡ ଖଣ୍ଡ ମାଂସକୁ ଫ୍ରିଜ୍‌ରେ ଲୁଚାଇ ରଖିଥିଲେ ।)

♥ ଲିଙ୍କ୍ ରୋଡ୍, କଟକ - ୭୫୩୦୧୨
ଫୋନ୍:୯୪୩୭୦୫୫୦୦୭




▶ ଡ଼ ସରୋଜିନୀ ଷଡ଼ଙ୍ଗୀ

# ଜୀବନ ଜିନ୍ଦାବାଦ

## ସ୍ୱରୂପ ମହାପାତ୍ର

ସମୟ ଅଟକି ଯାଇଛି
ଗୋଟେ ଭୂତାଣୁ ପାଖରେ
ବେଳେ ବେଳେ ଲାଗୁଛି
ସମୟ କଣ ନାହିଁ କି ?
ପଛ କି ଆଗ
ସବୁକିଛି ଧୂଆଁଳିଆ

ଶକ୍ତ ଦୁଇଟି ଗୋଡ
ମଝି ରାସ୍ତାରେ ଚାଲିଛି
କିନ୍ତୁ ଭୟରେ ସଙ୍କୁଚିତ
ହାତ ଦୁଇଟି ହଲୁଛି
ଖୁବ୍ ଶକ୍ତିଶାଳୀ କିନ୍ତୁ
ଭୟରେ କିଛି ବି ଛୁଇଁବାକୁ
ରାଜି ନୁହେଁ
ମୁହଁରେ ଗୋଟେ ମାସ୍କ ବାନ୍ଧି
ଆଗେଇ ଚାଲିଛି
କଥା କହୁନି କିଛି ବି
ଇଏ କଣ ଆମ ପୃଥିବୀର ମଣିଷ
ମାନେ ଅମୃତର ସନ୍ତାନ
ଜୀବନ କଣ ସତରେ
ପରିପୂର୍ଣ୍ଣ



▲ ଚିତ୍ର : ଶିଳ୍ପୀ ରଶ୍ମିରଂଜନ ଦେ

ଗଦା ଗଦା ବହି ଜମା ହେଇଛି
ଆଖି ପାଖରେ
ନିଦ ଭାଙ୍ଗିଲେ ବି
ଅଧ ରାତିରେ ଉଠି ବହିଖୋଲି
ଅଣ୍ଡାଳି ବସନ୍ତି ଜ୍ଞାନୀ
ପୃଷ୍ଠା ପରେ ପୃଷ୍ଠା
କେଉଁଠି ଅଛି ମଣିଷର
ଏଇ ବିପନ୍ନ ଅବସ୍ଥାର ଗୁମର,
କିଏ ଆମକୁ ଉତ୍ତର ଦେବେ
ବିଧ୍ୱସ୍ତ ଜନବସତି ଓ
ଆକାଶ ଛୁଆଁ ଦୁଃଖର କାରଣ,
କେଉଁ ଇତିହାସରେ ମିଳିବ
ଠିକ ଏଇଭଳି
ଉଜୁଡା ସଭ୍ୟତାର
ଟିକେ ହେଲେ ବି ଚିହ୍ନ
କେଉଁ ଇତିହାସରେ
ଜ୍ଞାନୀ ମାନଙ୍କର ଘୋର
ଦୁର୍ଦ୍ଦଶା ଆଜିକାଲି ।

ଟେଲିସ୍କୋପରେ ଆଖି ରଖି
ଦିନରାତି ଚାହିଁ ରହିଛନ୍ତି
ବୈଜ୍ଞାନିକ ମାନେ ବିସ୍ମୟରେ
ଏକ ଅଚିହ୍ନା ଭୂତାଣୁର
ରୂପ ଗୁଣ ଓ ଚରିତ୍ର
ଖୋଜି ଖୋଜି କ୍ଲାନ୍ତ
ଆତ୍ମରକ୍ଷା ପାଇଁ ନିର୍ମାଣ ଚାଲିଛି
ଅସଂଖ୍ୟ ଟୀକା ଦିନରାତି
ଏକ ପ୍ରକାର ଯୁଦ୍ଧ ଆରମ୍ଭ ହେଇଯାଇଛି ।

ଡାକ୍ତର ମାନଙ୍କର ଘର ନାହିଁ
ହସ୍ପିଟାଲରେ ଅମ୍ଳଜାନ ସରିଯାଇଛି
ପେଟ ମାଡି ଶୋଇଛନ୍ତି
ଏ କଡରୁ ସେକଡ ପର୍ଯ୍ୟନ୍ତ

ସମସ୍ତ ରୋଗୀ
ଦିଅ ଦିଅ ଜୀବନ ଦିଅ ସମସ୍ତଙ୍କୁ
ପ୍ରିୟ ଡାକ୍ତର !
ରକ୍ଷାକର ଆମକୁ
ବିକଳ ଚିତ୍କାରରେ
ଉଠୁଛି ପଡୁଛି ସାରାଟା ହସ୍ପିଟାଲ

ରାଷ୍ଟ୍ରମୁଖ୍ୟମାନଙ୍କ ଚଷମା ଫାଙ୍କରେ
ଟୋପା ଟୋପା ଝାଳ
ଆର୍ଥୀକ ପ୍ୟାକେଜ୍ ଘୋଷଣା
ଓ ଗରିବମାନଙ୍କୁ ବିନା ମୂଲ୍ୟରେ
ରେଶନ୍ ବିତରଣ
ଭିତରେ ବି
ଲୁହ କମି ଯାଇନି
କୁକୁର ପାଇଁ ବଣ୍ଟା ଯାଇଥିବା
ଖାଦ୍ୟକୁ କୁଢେଇ
ଖାଉଥାଏ କଙ୍କାଳ ପରି ପିଲାଟିଏ
କରୋନା ପାଇଁ ଏକ ଘରିଆ
ପରିବାର ଭୋକରେ
ଜୀବନ ସମ୍ଭାଳି ପାରେନି ।

ଏତେ ଦୁର୍ଦ୍ଦିନରେ ବି
ବହୁତ ଦୂରରେ ନୁହେଁ
ଏଇ ଆଖପାଖରେ
ଯୁବକମାନେ ଏକଜୁଟ ହେଲେଣି
ରାନ୍ଧିବାଢି ଖାଇବା ପହଞ୍ଚେଇବା
କାମରେ ମାତିଛନ୍ତି,
ସ୍ୱାମୀସ୍ତ୍ରୀ ଦୁଇଜଣ ମିଶି
ରୁଟି ଡାଲମା ଘର ଘର ବାଣ୍ଟିବାରେ ବ୍ୟସ୍ତ
ଗୋଟେ ନିଶା ଚଢିଯାଇଛି
କିଛି ପିଲାମାନଙ୍କ ଭିତରେ
ରାତି ଅଧରେ ଦୌଡୁଛନ୍ତି
ଅକ୍ସିଜେନ ସିଲିଣ୍ଡର ଧରି ହସ୍ପିଟାଲକୁ,
ଓଡିଶାରୁ ଫୋନ୍ ଯାଇଛି ଦୂର ବମ୍ବେକୁ
ଓ ସହଯୋଗର ହାତ ଲମ୍ବି ଆସୁଛି,
ଏତେ ଭୟଙ୍କର ମୃତ୍ୟୁର ଶୋଭାଯାତ୍ରା
ମଝିରେ ଜୀବନ ରକ୍ଷା କରିବାର
ଛୋଟଛୋଟ ହାତ ଠିଆ ହେଲେଣି
ପର ପାଇଁ କେତେ ଆଶା
କେତେ ଆଗ୍ରହ
ଜୀବନକୁ କୋଳେଇ ଧରିବାର
ଏକ ବିରାଟ ଶୋଭାଯାତ୍ରା
ଜୀବନ ଜିନ୍ଦାବାଦ !
ଜିନ୍ଦାବାଦ ଜୀବନ !

♥ ବି/୨୨୩, ସେକ୍ଟର-୧୬, ରାଉରକେଲା-୩
ଫୋନ: ୯୪୩୭୭୬୭୮୧୨



▲ ଫଟୋ ସ୍ୱରୂପ ମହାପାତ୍ର

# ସ୍ୱୟମ୍ବରା





# ବିଜୟ ନାୟକ

'ଉଦୟରାଗ'
୨୦୩, ଖୁସି ଉପହାର ଆପାର୍ଟମେଣ୍ଟ୍
ବି.ଜେ.ବି. ନଗର, ଭୁବନେଶ୍ୱର-୭୫୧୦୧୪

ଚିତ୍ର : ସଂଜୟ ରାଉଳ



କବାଟ ଖୋଲିଲା କ୍ଷଣି ରୁବିନାକୁ ଦେଖି ଆଶ୍ୱସ୍ତ ହେଲେ ସିନା କିନ୍ତୁ ଏହି କେତେଦିନ ହେବ ତାଙ୍କ ମନ ଭିତରେ ଜମାଟ ବାନ୍ଧିଥିବା ଆଶଂକା ଓ ଅସନ୍ତୋଷ ଅକସ୍ମାତ କାଳ ବୈଶାଖୀର ରୂପ ନେଲା । ତାକୁ ଘର ଭିତରକୁ ପଶିବାକୁ ନଦେଇ ସ୍ମରଣିକା ପଚାରି ଚାଲିଲେ : ଏତେଦିନ ଯାଏଁ ତୁ କେଉଁଠିକୁ ଯାଇଥିଲୁ ? କେଉଁଠି ରହୁଥିଲୁ ? କ'ଣ କରୁଥିଲୁ ? ଇତ୍ୟାଦି, ଅନେକ ଇତ୍ୟାଦି । ରୁବିନା କିନ୍ତୁ ଥିଲା ଅବିଚଳିତ । ମମ୍ମି କଥାକୁ ସେ ଫୁ କରିଦେଲା । କୌଣସି ପ୍ରଶ୍ନର ଉତ୍ତର ନ ଦେଇ ଘର ଭିତରକୁ ଧସେଇ ପଶିଲା ଏବଂ ସିଧା ତା'ରୁମ୍ ଆଡ଼କୁ ଚାଲିଲା ।

ସେତେବେଳେ ରୋଷେୟା କି ହେଲ୍‌ପର କେହି ଘରେ ନଥିଲେ । ବୋଧେ ଗପ ଜମଉଥିଲେ ସର୍ଭେଣ୍ଟ୍ କ୍ୱାର୍ଟର୍ସରେ ବା ତାସ୍ ଖେଳରେ ମାତି ଥିଲେ । ଖରାବେଳେ ସେମାନଙ୍କର କିଛି କାମ ନ ଥାଏ । ଗରମ ସାଙ୍ଗକୁ ଗୁଲୁଗୁଳି । ଏ.ସି. ରୁମ୍‌ରୁ ବାହାରକୁ ବାହାରିଲା କ୍ଷଣି ସ୍ମରଣିକା ଝାଳରେ ଜୁଡୁବୁଡୁ ହୋଇଗଲେ । ତଥାପି ସେ ରୁବିନା ପଛେ ପଛେ ଗଲେ ତା' ରୁମ୍ ପର୍ଯ୍ୟନ୍ତ ।

ତୁ ନିରବ କାହିଁକି ରୁବି ? ମୋ କଥା ତୋତେ ଶୁଭୁ ନାହିଁ କି( ?) ସ୍ମରଣିକାଙ୍କ କଣ୍ଠରେ ପ୍ରଭଞ୍ଜନର ପ୍ରଚଣ୍ଡତା । ପ୍ରଥମ କରି ରୁବିନା ଦେଖିଲା ତା' ମମ୍ମି ଯେମିତି ଉଗ୍ରତାରା ! ଦୈବାତ୍ ତା'କେଶ ବି ମୁକୁଳା ଥିଲା । ରୁବିନାକୁ ଲାଗିଲା ତା' ମମ୍ମି ପାଟି ଭିତରେ ଯେମିତି ରକ୍ତସମୁଦ୍ର । ସେ ଡରିଗଲା । କିନ୍ତୁ ହିମ୍ମତ ହରାଇଲା ନାହିଁ । କହିଲା, "ତୋ ପ୍ରଶ୍ନ ସବୁର ଉତ୍ତର ଦେବାକୁ ମୁଁ ବାଧ୍ୟ ନୁହେଁ । ମୋର କ'ଣ ସ୍ୱାଧୀନତା ନାହିଁ ? ମୋ ରାସ୍ତାରେ ବନ୍ଧବାଡ଼ ଦବାକୁ ତୁ କିଏ ?" "ମୁଁ କିଏ?", ସ୍ମରଣିକାଙ୍କ ପ୍ରତ୍ୟୁତ୍ତର ଥିଲା ଯେମିତି ବଜ୍ରନାଦ ! "ତୁ କେଉଁଠି ଥିଲୁ ଅଲାଜୁକୀ ? ପରିବେଶ, ପରିସ୍ଥିତିକୁ ଯଦି ତୁ ବୁଝି ନ ପାରୁଛୁ, ତୋ ପି.ଜି. କରିବା ଧିକ୍ । ତୁ ପୁଣି ସାଇକୋଲଜି ପଢୁଥିଲୁ ! ତୁ ନା ନିଜର ନା ତୋ' ବାପା ମା'ଙ୍କର ସାଇକୋଲଜି ବୁଝୁ ?"

"ମୁଁ କିଛି ବୁଝିବା ଦରକାର ନାହିଁ" ବୋଲି କହି ତା' ରୁମ୍‌ର କବାଟ ବନ୍ଦ କରିଦେଲା ରୁବିନା ।

ସ୍ମରଣିକା ତାଙ୍କ ବେଡ୍‌ରୁମ୍‌କୁ ଫେରି ଆସିଲେ ଏବଂ ଏ.ସି. ଅନ୍ କରି ବିଛଣାରେ ନିଜକୁ ହାଲୁକା କରି ଅଜାଡ଼ି ଦେଲେ । ସେତେବେଳକୁ ସେ ଗୋଟାପଣେ ଥରୁଥିଲେ । ଝାଳରେ ଭିଜି ସାରିଥିଲା ତାଙ୍କ ଲୁଗାପଟା । ମୋର କ'ଣ କିଛି ହୋଇଗଲା କି ଆଉ ? ଭାବିଦେଲା କ୍ଷଣି ସେ ଆହୁରି ଥରିବାକୁ ଲାଗିଲେ । କିଛି ସମୟ ପରେ ମନରେ ସାହସ ବାନ୍ଧିଲେ । ମନ ଭିତରର ସବୁ ଜଞ୍ଜାଳକୁ ଓପାଡ଼ି ଫିଙ୍ଗି ଦେବାକୁ ଚାହିଁଲେ । କପାଳରୁ ଝାଳ ପୋଛିଲେ । ଏ.ସି.ର ଥଣ୍ଡା ପବନ ଛୁଆଁରେ ତାଙ୍କ ଦେହ ଶିର୍‌ଶିରେଇ ଗଲା । ମୁଦି ହୋଇ ଆସିଲା ଆଖିଯୋଡ଼ିକ । "ଏ ପିଲାମାନଙ୍କ ପାଇଁ ଏତେ ଭାଳି ହେବାରେ କି ଲାଭ ? ଯିଏ ଯାହା କରୁଛନ୍ତି, କରନ୍ତୁ । ଆଜିକାଲି ତ ପିଲାମାନେ ହିଁ ଲାଏବିଲିଟି । ବିଶେଷକରି ଝିଅମାନେ ।" ସେ ନିଜକୁ ନିଜେ କହିଲେ ।

ସ୍ମରଣିକାଙ୍କ ଆଖିପତା ବୋଲ ମାନୁନଥିଲା । ବିଛଣାରେ ଘୁମେଇ ପଡ଼ିବାକୁ ଚାହୁଁଥିଲେ ବି ସେ ଅକସ୍ମାତ ଉଠି ବସିଲେ । ରୁବି ଫେରି ଆସିଛି ବୋଲି ଆଦିତ୍ୟଙ୍କୁ ଯେ ତୁରନ୍ତ ଜଣେଇ ଦିଆଯିବା ଉଚିତ । ପାଖାପାଖି ସପ୍ତାହେ ଧରି ବଢ଼ିଲା ଝିଅ ଘରକୁ ଫେରିବ ନାହିଁ, କୋଉ ମା' ବାପ ଧୈର୍ଯ୍ୟ ଧରି ରହି ପାରିବେ ? ଆଦିତ୍ୟ ପୁଣି ଏକ୍ସଟ୍ରିମ୍‌ଲି ପ୍ରେଷ୍ଟିଜ୍ କନ୍‌ସସ୍ । ଝିଅ କୁଆଡ଼େ ଗଲା ବୋଲି ତାଙ୍କ ମୁହଁରେ କେହି ଆଉ ପଚାରନ୍ତେ କି ? ହେଲେ ଅସଂଖ୍ୟ ପ୍ରଶ୍ନିଳ ଆଖି ତାଙ୍କୁ ଭୂତ ପରି ଭୟଭୀତ କରୁଥିଲେ । ଝିଅ ତାଙ୍କୁ ନଜଣାଇ କେଉଁଆଡ଼େ ଚାଲି ଯାଇଛି ବୋଲି ସେ କେମିତି କାହାକୁ କହନ୍ତେ ? ସ୍ମରଣିକାଙ୍କ ସାନଭାଇଙ୍କୁ ଫୋନ୍ କଲେ ନାହିଁ । ଜଣାଇଲେ ନାହିଁ ଡଜନେ ମନ୍ତ୍ରୀଙ୍କ ପାଖ ଲୋକ ତାଙ୍କ ବଡ଼ ଭାଇଙ୍କୁ । ଥାନାକୁ ଯିବା ତ ଦୂରର କଥା । ତେବେ ପଡ଼ୋଶୀମାନେ ରୁବିନା କଥା ପଚାରିବା ପୂର୍ବରୁ ସେ କହି ଚାଲିଲେ, "ଦିଲ୍ଲୀରେ ତାର ଇଣ୍ଟରଭ୍ୟୁ ଅଛି । ଗୋଟେ ଆଡ଼ଭାନ୍ସ ଷ୍ଟଡି ସେଣ୍ଟର୍‌ରେ ସେ ଅଧ୍ୟାପିକା ପଦ ପାଇଁ କେବେଠୁଁ ଆବେଦନ କରିଥିଲା ।" ଲୋକମାନେ ତାଙ୍କ କଥାକୁ ବିଶ୍ୱାସ ନ କରନ୍ତେ କାହିଁକି ?

ଘୋର ଡିପ୍ରେସନ୍ ଭିତରେ ଥିବେ ଆଦିତ୍ୟ । ସେଥିରେ ପୁଣି ମୁମ୍ବାଇରେ ତାଙ୍କର ଜରୁରୀ ଆଲୋଚନା ଅଛି କଂପାନିର ଟପ୍ ଏକ୍‌ଜିକ୍ୟୁଟିଭ୍ ମାନଙ୍କ ସହିତ । ଅନ୍ତତଃ ରୁବିନା ଫେରି ଆସିଥିବା କଥା ଜାଣିଲେ ସେ ଚାପମୁକ୍ତ ହୋଇଯିବେ । ତାଙ୍କ ଆଚରଣରେ ଆଉ ଅସ୍ୱାଭାବିକତା ଦେଖାଯିବ ନାହିଁ । ଦୂର ସହରରେ ଏକା ରହିବେ ସେ । କେଉଁ ହୋଟେଲ୍‌ରେ କେଜାଣି ? ସେ ଅନ୍ତତଃ ଦୁଶ୍ଚିନ୍ତାମୁକ୍ତ ହେବା ନିହାତି ଦର୍କାର । ଆଜିକାଲି ରାତିରେ ଚୋର

**କାହାଣୀ ପଛର କାହାଣୀ**

**ଆଧୁନିକ ମଣିଷ ପାଇଁ ଜୀବନଯାପନର ସ୍ୱାଚ୍ଛନ୍ଦ୍ୟ ଠାରୁ ବଳି ବଡ଼କଥା କିଛି ନାହିଁ । ଜୀବନ ଜଣେ ବ୍ୟକ୍ତିର ଏକାନ୍ତ ଆପଣାର । ଜୀବନକୁ ସେ କିପରି ବଞ୍ଚିବ, କାହିଁକି ବଞ୍ଚିବ- ସେସବୁ ତା'ର ନିଜସ୍ୱ ସିଦ୍ଧାନ୍ତ । ତା'ର ରୁଚି ଅଭିରୁଚି ଉପରେ ଅନ୍ୟକୁ କାହିଁକି ପ୍ରଶ୍ନବାଚୀ ସୃଷ୍ଟି କରିବ ? ଶଗଡ଼ ଗୁଳାରେ ଚାଲିବାକୁ ମଣିଷ ବାଧ୍ୟ କି ? ସ୍ୱାଚ୍ଛନ୍ଦ୍ୟ ଏକ ମାନସିକତା । ଏ ଗପରେ ଅବାଧ ଜୀବନର ମନସ୍ତତ୍ତ୍ୱ ଗୁଂଫିତ ।**

ଆଟାକ୍‌ର ଭୟ ନାହିଁ, ଭୟ ହାର୍ଟ ଆଟାକ୍‌ର । ସେଥିପାଇଁ ତ ଆଦିତ୍ୟଙ୍କୁ ସେ ସବୁବେଳେ କହନ୍ତି ମୁମ୍ବାଇ ଗଲେ ବାହେଲ୍‌କର ଘରେ ରହିବା ପାଇଁ । ଲୋକଟା ଭାରି ଭଦ୍ର, ଆଦିତ୍ୟଙ୍କର ଜୁନିଅର । ତା ସ୍ତ୍ରୀ ମୁମ୍ବାଇରେ ଗୋଟେ ହାୟର ସେକେଣ୍ଡାରି ସ୍କୁଲର ମାଷ୍ଟ୍ରାଣୀ । ତା'ର ଏକମାତ୍ର ଝିଅ ଦଶମ ଶ୍ରେଣୀର ଛାତ୍ରୀ । ବାହେଲ୍‌କର ଏବେ ଦିଲ୍ଲୀରେ, କିନ୍ତୁ ପିଲାମାନେ ମୁମ୍ବାଇ ଛାଡ଼ିବେ କିପରି ? ପୁଣି ତାଙ୍କ ନିଜଘର ନବି ମୁମ୍ବାଇରେ । ସେ ସପରିବାର କେତେଥର ଭୁବନେଶ୍ୱର ଆସିଛି । ପୁରୀ ତାକୁ ଖୁବ୍ ଭଲ ଲାଗେ । ରୁବି ତା'ର ଓଡ଼ିଶା ଗାଇଡ୍ । ରୁବି କଥାରେ ସେ ଭାରି ପ୍ରଭାବିତ ହୁଏ । ତା' ସହତ ଆଉ କେତେ କେତେ କଥା ଗପେ ରୁବି- ପୁରୀରୁ ପାରଳା ତ ମ୍ୟାକଲେରୁ ମାର୍କ୍ସ । ବାହେଲ୍‌କର ସାଙ୍ଗରେ ବି ସେ ଚ୍ୟାଟିଂ କରେ । ରୁବି ମୁମ୍ବାଇ ଗଲେ ତାଙ୍କ ଘରେ ରହେ । ବାହେଲ୍‌କରର ସ୍ତ୍ରୀ ଓ ଝିଅଙ୍କୁ ସମୁଦ୍ର ଅପେକ୍ଷା ଶ୍ରୀମନ୍ଦିର ଅଧିକ ଭଲ ଲାଗେ । ତାଙ୍କ ଘରେ ଆଦିତ୍ୟ ରହିଲେ ସ୍ମରଣିକାଙ୍କର ଚିନ୍ତା ନଥାଏ । କିନ୍ତୁ ସେ ହୋଟେଲ୍‌ରେ ରହିବେ ବୋଲି କହୁଥିଲେ । ଯେତେଥର ଟ୍ରାୟ କଲେ ବି ଫୋନ୍ ଧରିଲେ ନାହିଁ । ସ୍ମରଣିକା ଅସ୍ଥିର ହୋଇପଡ଼ିଲେ । ଅନେକ ସମୟ ପରେ ଅବଶ୍ୟ ଆଦିତ୍ୟ କଲ୍ ବ୍ୟାକ୍ କଲେ । ରୁବିନା ଫେରି ଆସିଥିବା ଜାଣିଲା ପରେ ବି ବିଶେଷ ପ୍ରତିକ୍ରିୟା ସେ ପ୍ରକାଶ କଲେ ନାହିଁ । କେଉଁଠି ଅଛନ୍ତି କିଛି କହିଲେ ନାହିଁ ।

ସ୍ମରଣିକାଙ୍କୁ କିଛି ଭଲ ଲାଗିଲା ନାହିଁ । ନା ଦେହ, ନା ମନ । ଘର ବାହାରେ ପୃଥିବୀ ଯେମିତି ଜଳୁଥିଲା । ରାସ୍ତାଘାଟ ଫାଙ୍କା, ଶୂନ୍‌ଶାନ । ଚାରିଆଡ଼େ ଗୋଟେ ଖାଁ ଖାଁ ଭାବ । ଡେଙ୍ଗା କୋଠାମାନେ ନିଜନିଜକୁ ଯେମିତି ସମର୍ପି ଦେଉଥିଲେ ନିଦାଘ କୋପାନଳ ନିକଟରେ । ବିକଳ ଦିଶୁଥିଲେ ବିକାଶ-ଟାଙ୍ଗିଆରୁ ବର୍ତ୍ତି ଯାଇଥିବା ଗଛମାନେ । ସୂର୍ଯ୍ୟଙ୍କ ଭୟରେ ବୋଧେ ନିରବି ଯାଇଥିଲା ପବନ । ସ୍ମରଣିକା ତାଙ୍କ ଶୋଇବା ଘରୁ ବୈଠକୀ, ସେଠୁ ରୁବିନାର ରୁମ୍ ପର୍ଯ୍ୟନ୍ତ ଖାଲି ଏପଟ ସେପଟ ହେଉଥିଲେ । ରୁବି କ'ଣ କରୁଥିବ ଘର ଭିତରେ ? ଶୋଇଥିବ ନା ନ ଶୋଇ ଖାଲି ଏକଡ଼ ସେକଡ଼ ହେଉଥିବ ନା ଘନଘନ ଉଠୁଥିବ, ବସୁଥିବ ସେଇ ବିଛଣା ଉପରେ ? ନା ଏଣୁତେଣୁ ଯାବତୀୟ ବାଜେ କଥାସବୁ ଭାବୁଥିବ ? ମନେମନେ ଖୁବ୍ ରାଗିଥିବ ନିଶ୍ଚୟ ତାଙ୍କ ଉପରେ । ତା'ଡାଡିଙ୍କ ଉପରେ ବି ରାଗି ରକ୍ତଚାଉଳ ଚୋବାଉଥିବ । ନା ଆଉ କ'ଣ ଭାବୁଥିବ ? ଭାବୁଥିବ କି ତା' ଚାକିରି ବାକିରି କଥା ? ତା' ବୟଫ୍ରେଣ୍ଡ୍ ବା ବାହାଘର କଥା !

ରୁବି ଦେଖିବାକୁ ଯେମିତି ସୁନ୍ଦର, ତା' ମନଟା ତାଠୁଁ ବଳି ସୁନ୍ଦର । ଉପରକୁ ବେଳେବେଳେ ସେ କଠୋର ଦିଶେ, କିନ୍ତୁ ତା' ହୃଦୟଟି ଗଙ୍ଗଶିଉଳି ପରି ଭାରି କୋମଳ । ଏଣୁତେଣୁ କଥା ସବୁ ନ ଭାବି ନ ଚିନ୍ତି କହିଯିବ ସିନା, ପରେ ପରେ କାନ୍ଦିକାନ୍ଦି ଆକ୍ତାମାକ୍ତା ହୋଇଯିବ । ବେଳେବେଳେ ତା'ର

**ସ୍ମରଣିକା ମନେ ପକାଉଥିଲେ ସେଦିନ ରାତିର କଥା । ରୁବିର ଶୋଇବା ଘରକୁ ଯାଇ କେତେ ବୁଝେଇଲେ ରୁବିକୁ ସେ । ପୁଅ ତ ପୁଅ, ତା' କଥା କୋଉ ବାପା ମା' କେବେ ଭାବନ୍ତି ନା ? କେବେ ନୁହେଁ । ରାତିରେ ଫେରିଲା କି ପାହାନ୍ତିରେ ଫେରିଲା ସେଥିରେ କାହାର କିଛି କହିବାର ନ ଥାଏ । ବାପା ମା' ଭାବନ୍ତି ସେସବୁ ପୁଅର ଚଗଲାମି, ପଡ଼ୋଶୀ ଭାବନ୍ତି ପିଲାଟାର ଫାଜଲାମି ଯାଇନାହିଁ । କିନ୍ତୁ ଝିଅଟେ ଡେରି ରାତିରେ ଘରକୁ ଫେରିଲେ, ତା' ଘରଲୋକଙ୍କ ଛାତିରେ କେବଳ କାତି ବସିଯାଏ ନାହିଁ, ପାଖପଡ଼ିଶାଙ୍କ ମନରୁ ଅସୂୟା ଉତୁରି ପଡ଼େ । ଡିଣ୍ଡିମ ବାଜେ ତୁଚ୍ଛାଟାରେ । ଝିଅଟେ ପାଇଁ ଚଗଲାମି ବା ଫାଜିଲାମି ଶବ୍ଦମାନେ ଉପଯୁକ୍ତ ଅର୍ଥ ବହନ କରିପାରନ୍ତି ନାହିଁ । ସେମାନଙ୍କ ପାଇଁ ତ ଅନେକ କଠୋର ଶବ୍ଦ ସମ୍ଭାର ସୃଷ୍ଟି କରିଛି ସମାଜ । ରୁବିନା କିନ୍ତୁ ସେସବୁ ବୁଝିବାକୁ ପ୍ରସ୍ତୁତ ନ ଥିଲା ।**

କଲେଜ୍‌ରୁ ଫେରିବା ଡେରି ହୁଏ ତ କେତେବେଳେ କେମିତି ଖୁବ୍ ଡେରିରେ ଫେରେ ସେ ବଜାରରୁ । କେବେ କେଉଁ ସାଙ୍ଗସାଥୀଙ୍କ ମେଳରେ କେଉଁଠି ରହିଯିବ ଯେ ଫେରିଲା ବେଳକୁ ସଂଜ ରାତି ହେଇ ସାରିଥିବ । ଦିନେ ଡେରି ରାତିରେ ଫେରୁଥିବା ବେଳେ ପଡ଼ିଗଲା ତା' ଡାଡିଙ୍କ ହାବୁଡ଼ରେ । ଡାଡି ତାକୁ ଭାରି ସ୍ନେହ କରନ୍ତି ସିନା ହେଲେ ରାଗିଗଲେ ସେ କାହାର ନୁହଁନ୍ତି । ଆଦିତ୍ୟ ତାଙ୍କ କର୍ପୋରେଟ୍ ଷ୍ଟାଇଲ୍‌ରେ ପଚାରିଲେ, "ଫେରିବାରେ ଏତେ ଡେରି ? ସି ୱୋର ଓ୍ୱାଚ୍ ।" ଏତିକିରେ ଯେମିତି ହିମାଳୟ ତରଳିଗଲା । ରୁବିର ଆଖି ଦୁଇଟି ପାଲଟିଗଲେ ପ୍ରଳୟ ପୟୋଧି । ଢେର୍ ସମୟ ଧରି ସେ ତା' ରୁମ୍‌ରେ ବସି କାନ୍ଦିଥିଲା । କିନ୍ତୁ ସେ କେଉଁ ଛାଡ଼ିବା ଝିଅ ? ଡାଇନିଂ ଟେବୁଲ୍‌ରେ ତା' ଡାଡିଙ୍କୁ ସିଧା ପ୍ରଶ୍ନ କଲା, "ଭାଇକୁ ଏମିତି ପ୍ରଶ୍ନ କେବେ ପଚାରିଛ ?" ରୁବିକଥା ଶୁଣି ଆଦିତ୍ୟଙ୍କ ଅକଲ ଗୁଡ୍ଡୁମ୍ ହୋଇଗଲା ଯେମିତି । ସେ ରୁଟି ଚୋବେଇଲେ ତ ତରକାରି ଖାଇବାକୁ ଭୁଲିଗଲେ । କିଛି ନ କହି ଅକସ୍ମାତ ଉଠିଗଲେ ଡାଇନିଂ ପାଖରୁ ।

ସ୍ମରଣିକା ମନେ ପକାଉଥିଲେ ସେଦିନ ରାତିର କଥା । ରୁବିର ଶୋଇବା ଘରକୁ ଯାଇ କେତେ ବୁଝେଇଲେ ରୁବିକୁ ସେ । ପୁଅ ତ ପୁଅ, ତା' କଥା କୋଉ ବାପା ମା' କେବେ ଭାବନ୍ତି ନା ? କେବେ ନୁହେଁ । ରାତିରେ ଫେରିଲା କି ପାହାନ୍ତିରେ ଫେରିଲା ସେଥିରେ କାହାର କିଛି କହିବାର ନ ଥାଏ । ବାପା ମା' ଭାବନ୍ତି ସେସବୁ ପୁଅର ଚଗଲାମି, ପଡ଼ୋଶୀ ଭାବନ୍ତି ପିଲାଟାର ଫାଜଲାମି ଯାଇନାହିଁ । କିନ୍ତୁ ଝିଅଟେ ଡେରି ରାତିରେ ଘରକୁ ଫେରିଲେ, ତା' ଘରଲୋକଙ୍କ ଛାତିରେ କେବଳ କାତି ବସିଯାଏ ନାହିଁ, ପାଖପଡ଼ିଶାଙ୍କ ମନରୁ ଅସୂୟା ଉତୁରି ପଡ଼େ । ଡିଣ୍ଡିମ ବାଜେ ତୁଚ୍ଛାଟାରେ । ଝିଅଟେ ପାଇଁ ଚଗଲାମି ବା ଫାଜିଲାମି ଶବ୍ଦମାନେ ଉପଯୁକ୍ତ ଅର୍ଥ ବହନ କରିପାରନ୍ତି ନାହିଁ । ସେମାନଙ୍କ ପାଇଁ ତ ଅନେକ କଠୋର ଶବ୍ଦ ସମ୍ଭାର ସୃଷ୍ଟି କରିଛି ସମାଜ । ରୁବିନା କିନ୍ତୁ ସେସବୁ ବୁଝିବାକୁ ପ୍ରସ୍ତୁତ ନ ଥିଲା । କହିଲା, "ଆଇ ଓ୍ୱଣ୍ଟ ବଦର୍ ।"

ସ୍ମରଣିକା ଜାଣନ୍ତି, ରୁବି ତା' ଆଗ ବ୍ୟାଚ୍‌ରେ ପଢୁଥିବା ଗୋଟେ ପିଲାକୁ ଭଲ ପାଉଥିଲା । ଭେରି ହ୍ୟାଣ୍ଡସମ୍ ବୟ, ବ୍ରିଲିଆଣ୍ଟ୍ ବି । ତା' କଥା ତ ସବୁବେଳେ ଗପୁଥିଲା ରୁବି । ତା' ନାଁ ସମୀର କି ସୁରେଶ ସେମିତି କିଛି ହବ । ସେ ପ୍ରଥମ ଚାନ୍ସରେ ସିଭିଲ ସର୍ଭିସ୍ ଲିଷ୍ଟରେ ସବା ଉପରେ ରହିବ ବୋଲି ରୁବି କହି ହେଉଥିଲା । ଏବେ କାହିଁକି କେଜାଣି ଭାରି ଚୁପ୍‌ଚାପ୍ ସେ ବିଷୟରେ । ତା' ନାଁ ଧରୁନାହିଁ । ତା' ସାଙ୍ଗରେ ଅପଡ଼ ହେଇଚି କି ରୁବିର ? ନା ରୁବିର ହାଇ ଏକ୍ସପେକ୍‌ଟେସନ୍‌କୁ ଛୁଇଁ ପାରିଲା ନାହିଁ ପିଲାଟା । ନା ତା'ର ଆଉ କାହା ସାଙ୍ଗରେ ସଂପର୍କ ଅଛି ? ନା ରୁବି ଆଉ କାହା ପାଲରେ ପଡ଼ିଛି ।

ରୁବି ତ ଏକେ ଖୁବ୍ ଅସ୍ଥିରମନା । ତିନି ଚାରିଥର ଫେରେଇଲା ପରେ ଶାଢ଼ିଟେ ତା' ମନକୁ ପାଏ । ପାଞ୍ଚଥର ମନ ବଦଳେଇ ଶେଷରେ ସାଇକୋଲଜି ଅନର୍ସ ରଖିଥିଲା । ପି.ଜି. କେଉଁଠି କରିବ, ସେଥିପାଇଁ ଦିନ କେତେ ପାଗଳ ପରାଏ ଏଣୁତେଣୁ ଭାବି ବସିଲା । ଶେଷକୁ ସେହି ଉତ୍କଳ । ଆଉ କେଉଁଠାକୁ ଇଣ୍ଟରଭ୍ୟୁ ଦେବାକୁ ଗଲା ନାହିଁ ଯଦିଓ ପାଞ୍ଚ ଛଅଟା ବିଶ୍ୱବିଦ୍ୟାଳୟରେ ଫର୍ମ ପକେଇଥିଲା । ସେମିତି ତା' ଭଲପାଇବା ତାଲିକାରେ କିଏ କେତେବେଳେ ଥାଏ, କିଏ ଜାଣେ ? ଥରେ ସେ ତା'ର ଗୋଟେ ଅନର୍ସମେଟ୍‌କୁ ଚପଲ ଫିଙ୍ଗିଥିଲା । ସେ ପିଲାଟା ପୁଣି ଲୋକାଲ୍ ମାଜିଷ୍ଟ୍ରେଟ୍‌ର ପୁଅ । ପ୍ରିନ୍ସିପାଲ୍ ସିନା କଥାଟାକୁ ଚାପିଦେଲେ ! 'ତୁମେ ମୋତେ ପ୍ରଥମେ ଭଲ ପାଇଛ' ବୋଲି କହିଦବା ଥିଲା ସେ ପିଲାର ଦୋଷ ! ସେଇଠୁଁ ସେ ଦୁହିଁଙ୍କ ପ୍ରେମରେ ଥୁକୁଲ୍ ପଡ଼ିଥିଲା । ରୁବି ଭେରି ଫ୍ରାଙ୍କ୍ । ନିଜେ ଏକଥା ସେ କହିଥିଲା ତାଙ୍କ ପାଖରେ ।

କଲେଜରେ ସେ ମାଜିଷ୍ଟ୍ରେଟ୍ ପୁଅକୁ ରୁବି ଯେମିତି ଧୋକା ଦେଲା, ସେମିତି ଧୋକା ଖାଇଲା ପି.ଜି.ବେଳେ । ତା'ର ଗୋଟେ କ୍ଲାସ୍‌ମେଟ୍ ପି.ଜି. କଲାବେଳକୁ ତିନିଟା ସିନେମାର ହିରୋ ହୋଇ ସାରିଥିଲା । ରୁବି ତା' ପ୍ରେମରେ ପଡ଼ିଲା କି ସେ ରୁବି ପ୍ରେମରେ ପଡ଼ିଲା କିଏ କହି ପାରିବ ? ଗୋଟେଯୋଡ଼େ ସିନେମାରେ ହିରୋଇନ୍ କରିଦବ

★★★ HIGHLAND ★★★
Group


Image: HIGHLAND AGRO PLANT, Balasore, Odisha














/ highlandagro

# HIGHLAND GROUP

**Corporate Office:** Alupur, Near Laxminaryan Temple, O.T. Road, Balasore, Odisha (India) - 756001
+91-6782 - 262550 | info@highlandgroups.com
www.highlandgroups.com

ବୋଲି ସେ ରୁବିକୁ ପ୍ରତିଶ୍ରୁତି ଦେଲା । ରୁବି ସିନା ମାନୁ ନାହିଁ, ହେଲେ ସେ ନାଟୁଆ ପିଲା ରୁବି ସହିତ ଅନେକ ଅନ୍ତରଙ୍ଗ ମୁହୂର୍ତ୍ତ ବିତେଇଥିବ ନିଶ୍ଚୟ । ସିନେମାବାଲାଏ ପୃଥିବୀକୁ ସିନେମା ଠାରୁ ଆହୁରି ରଙ୍ଗୀନ ମନେ କରନ୍ତି, ଭାବନ୍ତି ସମାଜଟା ଗୋଟେ ପର୍ଦ୍ଦା ଆଉ ସେ ପର୍ଦ୍ଦାର ଜୀବନ ମିଛିମିଛିକା । ରୁବିକୁ ସେ ମିଛନଈରେ ଭସେଇ ଦେଲା । ପଢ଼ାଅଧାରୁ କୁଆଡ଼େ ଗଲା ଯେ ଗଲା ଆଉ ଫେରିଲା ନାହିଁ । ପରେ ଯାଇ ରୁବି ଜାଣିଲା ଯେ ସେ ହିରୋମାର୍କା ଟୋକା ହିନ୍ଦୀ ହିରୋ ହବା ପାଇଁ ମୁମ୍ବାଇରେ ବଡ଼ବଡ଼ ପ୍ରଡ୍ୟୁସରମାନଙ୍କ ଜୋତା ମାଲିସ୍ କରୁଛି । ରୁବି ପରି ଅନେକ ଝିଅଙ୍କୁ ହିରୋଇନ୍ କରିବା ପାଇଁ ସେ ଉଦାର ପ୍ରତିଶ୍ରୁତି ଦେଇଥିବ ଏବଂ ସେ କଥା ଉଦାର ଭାବରେ ଭୁଲି ଯାଇଥିବ । ରୁବିର ତଥାପି ଚେତା ପଶୁ ନାହିଁ । ସି ଇଜ୍ ଏ ରୋଲିଂ ଷ୍ଟୋନ୍ ।

ମୁମ୍ବାଇ ଯାଇଥିଲା କି ରୁବି ? ଅସମ୍ଭବ ନୁହେଁ । ସେ ଫିଲ୍ମ ହିରୋଟି ଯେ କୌଣସି ଝିଅକୁ ଯେ କୌଣସି ସମୟରେ ବଶୀଭୂତ କରିବାକୁ ସକ୍ଷମ । ତା' ଫଟୋ ଥରେ ତାଙ୍କୁ ଦେଖାଇଥିଲା ରୁବି । ଟୋକାର ଚେହେରା ଯେମିତି ସଫା, ତା' ଭିତରଟା ତତୋଽଧିକ ଅଳନ୍ଧୁଗ୍ରସ୍ତ ହୋଇଥିବ ପରା ! ସେମିତି ଲାଗିଥିଲା ସ୍ମରଣିକାଙ୍କୁ ତା' ଫଟୋ ଦେଖୁଦେଖୁ । ରୁବି କିନ୍ତୁ ଗୋଟେ ଭିନ୍ନ ପୃଥିବୀରେ ରହୁଥିବା ସେ ଜାଣି ପାରୁଥିଲେ । ଟୋକାଟା ଆଦୌ ବିଶ୍ୱସନୀୟ ନୁହଁ ବୋଲି କହିବେ କହିବେ ହୋଇ ରୁବିକୁ ସେ କିଛି କହି ପାରୁନଥିଲେ । ବାରମ୍ବାର ପ୍ରତାରିତ ହେବା ସତ୍ତ୍ୱେ ରୁବି କିଛି ବି ଶିଖୁନାହିଁ । ପ୍ରେମ ହୋଇପାରେ ଗୋଟେ ଜହ୍ନରାତି କିନ୍ତୁ, ଜୀବନ ଯେ ଧୁଧୁ ଖରାବେଳ । କେବେ ସେ କଥା ବୁଝିବ ରୁବି ? ହିରୋ ତାକୁ ଜିରୋ କରି ସାରିଲାଣି । ତଥାପି ରୁବି ବୋଧେ ତା' ପିଛା ଛାଡୁନାହିଁ । ଦିନରାତି ଫୋନ୍‌ରେ କାହା ସାଙ୍ଗରେ ଗପେ ରୁବି ? ସେ ସେହି ଟୋକା ନୁହେଁ ତ ? ରୁବି ମନରୁ ହିରୋଇନ୍ ହବା ଇଚ୍ଛା ବୋଧେ ମଉଳି ନାହିଁ ।

ତା' ନାଁ ସମୀର ହେଉ କି ହେଉ ସୁରେଶ, ସେ ଆଇ.ଏ.ଏସ୍. ପାଇଗଲା କି ? କାହିଁ ଟି.ଭି. ପର୍ଦ୍ଦା ବା ଖବର କାଗଜ ପୃଷ୍ଠାରେ ସେ ସେମିତି ପିଲାଟିର ନାଁ ଶୁଣି ନାହାନ୍ତି ତ ? ଏମିତି ବି ହୋଇପାରେ, ସେ ପ୍ରଥମ ଗୋଟେ ଯୋଡ଼େ ଚାନ୍ସ ହରାଇଲା ପରେ, ଦିଲ୍ଲୀ କି ଆଉ କେଉଁଠିକୁ ଚାଲି ଯାଇଥିବ । ସେଠି ଭଲ ପ୍ରିପେୟାରେସନ୍ କରି ହୁଏତ ସଫଳତା ହାସଲ କରି ଥାଇପାରେ । ରୁବି ତ ତା' ଖବର ରଖୁଥିବ ନିଶ୍ଚୟ । ତାକୁ ଭେଟିବାକୁ ଦିଲ୍ଲୀ ଯାଇଥିଲା କି ରୁବି ?

କଲିଂବେଲ୍ ଶବ୍ଦ ଶୁଣି ଅନ୍ୟମନସ୍କତାରୁ ଓହରି ଆସିଲେ ସ୍ମରଣିକା । କବାଟ ଖୋଲିଲେ । କାହିଁ କେହି ତ ନାହାନ୍ତି କେଉଁଠି ? ଚାରିଆଡ଼କୁ ଉହୁଁକି ଚାହିଁଲେ ସେ । ନା କେହି ଦିଶୁ ନାହାନ୍ତି । ସେ କ'ଣ ଭୁଲ୍‌ରେ ଶୁଣିଲେ କଲିଂବେଲ୍‌ର ଶବ୍ଦ ? ହୋଇପାରେ । ଖରାର ତେଜ କ୍ରମେ କମି ଆସୁଥିଲା, କିନ୍ତୁ ଗୁଳୁଗୁଳି ଥିଲା ଅବ୍ୟାହତ । ସ୍ମରଣିକା କବାଟ ବନ୍ଦ କରିଦେଲେ । ବୈଠକୀରେ ବସି ପଡ଼ିଲେ ସୋଫା ଉପରେ ।

ମଣିଷ କ'ଣ ଭ୍ରମରେ ବଞ୍ଚେ ? ସ୍ମରଣିକା ନିଜକୁ ପ୍ରଶ୍ନ କଲେ । ସେ ଦର୍ଶନର ଛାତ୍ରୀ ଥିଲେ ଯଦିଓ ହାଉସ୍‌ୱାଇଫ୍ ଭାବରେ ତାଙ୍କ ଅଧାରୁ ଅଧିକ ଜୀବନ ବିତି ସାରିଲାଣି । ହଁ ତ ! ଜୀବନ ଭ୍ରମ ନୁହେଁ ଆଉ କ'ଣ ? କେଉଁଠୁ ଆସି ସେ କେଉଁଠିକି ଯାଏ, କେହି ଜାଣନ୍ତି ନାହିଁ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ତ ଜାଗତିକ ଭ୍ରମ । ସୂର୍ଯ୍ୟ ନା ଉଏଁ ନା ଅସ୍ତ ଯାଏ ? ରୁବି ବିଷୟରେ ସେ ଯାହାସବୁ ଭାବିଲେ, ସେସବୁ ବି ଭ୍ରମ ହୋଇପାରେ । ଆହା – ଜଣେ ନାରୀ ହିଁ ନାରୀକୁ ସନ୍ଦେହ କରେ । ମା' ନିଜ ଝିଅ ବିଷୟରେ ଏମିତି କୁତ୍ସିତ କଥା କ'ଣ ଚିନ୍ତା କରିପାରେ ? ସ୍ମରଣିକା ଶଙ୍କିଗଲେ ।

କେଉଁ ବେଳାରେ କେଜାଣି ଜନ୍ମ ହୋଇଥିଲା ରୁବି ? ତା' ଇଚ୍ଛାମାନେ ଆକାଶଛୁଆଁ କାହିଁକି ? ପିଲାଟି ବେଳେ ସେ ଜହ୍ନକୁ ହାତ ବଢ଼ାଏ ନାହିଁ, ଛୁଇଁବାକୁ ଜିଦ୍ କରେ । ଅଝଟ କରେ ତାରାମାନଙ୍କୁ ତୋଳି ଆଣିବାକୁ ଆକାଶରୁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ତା' ଜିଦ୍ ବଦଳିଛି ସିନା ମନ ବଦଳି ନାହିଁ । ରୁବି ସ୍ୱପ୍ନରେ ବଞ୍ଚେ, ତା ନିଃଶ୍ୱାସ ପ୍ରଶ୍ୱାସରେ ଖାଲି ସ୍ୱପ୍ନ ଆଉ ସ୍ୱପ୍ନ । ରାଜପୁତ୍ରୀ ହୋଇଥିଲେ ତ ସେ ସ୍ୱୟଂମ୍ବରରେ ବର ବାଛିଥା'ନ୍ତା । ଏବେ ବି ସେ ନିଜକୁ ବୋଧେ ଭାବେ ସ୍ୱୟଂବରା । କିନ୍ତୁ ପ୍ରତାରଣାର ଅର୍ଥ ଯାହା ସେ ବୁଝି ପାରୁନାହିଁ । ତା' ଦୁଇ ଆଖିରେ ତଥାପି ସାତ ସମୁଦ୍ରର ସ୍ୱପ୍ନ ।


ରୁବିର ରୁମ୍ ପାଖରେ ପହଞ୍ଚି ସାରିଥିଲେ ସ୍ମରଣିକା । ସେ ଚାଲୁ ଚାଲୁ ଭାବୁଥିଲେ ନା ଭାବୁ ଭାବୁ ଚାଲୁଥିଲେ କେଜାଣି ? ବନ୍ଦ କବାଟ ଆଗରେ ବେଶ୍ କିଛି ସମୟ ଧରି ଠିଆ ହୋଇ ରହିଲେ । କବାଟ ଠକ୍ ଠକ୍ କରିବେ ନା ଡାକିବେ ରୁବି ବୋଲି, ସେ ସ୍ଥିର କରି ପାରିଲେ ନାହିଁ । ହଠାତ୍ କିନ୍ତୁ ରୁବି କବାଟ ଖୋଲିଲା । ବାହାରେ ତାଙ୍କର ଉପସ୍ଥିତି ସେ ଆଉ ଜାଣି ପାରିଲା କି ?

ଗାଢ଼ ନିଦରୁ ଉଠିଲା ପରି ଦିଶୁଥିଲା ରୁବି । ତା' ମୁହଁ ସାରା ଥିଲା ଅବଶିଷ୍ଟ ନିଦର ପ୍ରଲେପ । ହ୍ୟାଙ୍ଗ୍‌ଓଭର୍ ଯାଇ ନଥିଲା ବୋଧେ ତା' ଦେହ, ମନରୁ । ଗମ୍ଭୀର ସ୍ୱରରେ ସେ କିନ୍ତୁ କହିଲା, "ତୋ ପ୍ରଶ୍ନର ଉତ୍ତର ପାଇଁ ତୁ ଏତେ ବ୍ୟାକୁଳ ମମ୍ମି ? ନିଜ ଉପରେ ତୋର ବିଶ୍ୱାସ ନାହିଁ । ଝିଅକୁ ବିଶ୍ୱାସ କରିବୁ କେମିତି ?" ରୁବିର ଅପ୍ରତ୍ୟାଶିତ ଉତ୍ତରରେ ଦୋହଲିଗଲେ ସ୍ମରଣିକା । ତାଙ୍କର ନିଜ ଉପରେ ବିଶ୍ୱାସ ନାହିଁ, ଏହାର ଅର୍ଥ କ'ଣ ? କ'ଣ କହିବାକୁ ଚାହୁଁଛି ରୁବି । "ଆଦିତ୍ୟଙ୍କୁ ମୁଁ ଅନେକ ସମୟରେ ସନ୍ଦେହ କରେ", ତା କଥାର ମର୍ମ ସେୟା କି ? ଆଦିତ୍ୟ ତ ଏ ବୟସରେ ବି ଭେରିସ୍ମାର୍ଟ, ହ୍ୟାଣ୍ଡ୍‌ସମ୍ । କର୍ପୋରେଟ୍ ହାଉସ୍‌ର ଯେ କୌଣସି କାମରେ ସେ ତାଙ୍କ ଉପସ୍ଥିତି ସ୍ୱତଃ ଜାହିର୍ କରନ୍ତି । ତାଙ୍କର ପର୍ସନାଲିଟି ବେଶ୍ ଇଂପୋଜିଂ । ତାଙ୍କ ଲେଡ଼ି କଲିଗ୍‌ମାନେ ଅଯଥାରେ ତାଙ୍କ ସହ ଗପନ୍ତି, କାମ ବାହାନାରେ ତାଙ୍କ ଚ୍ୟାମ୍ବରକୁ ଆସନ୍ତି । କେହି କେହି ଜାଣିଜାଣି ତାଙ୍କ ଉପରେ ପଡ଼ନ୍ତି । ଆଦିତ୍ୟଙ୍କ ଅଫିସ୍‌ରୁ ସବୁ ଖବର ଆସି ସ୍ମରଣିକାଙ୍କ ପାଖରେ ପହଞ୍ଚେ ? ଏସବୁ ଜାଣିଲା ପରେ ସେ କ'ଣ ଆଦିତ୍ୟଙ୍କୁ ରେଷ୍ଟ୍ରିକ୍ଟ କରନ୍ତେ ନାହିଁ ? ଦେଶ ଭିତରେ ହେଉ କି ବାହାରେ, ତାଙ୍କ ଟୁର୍‌କୁ ସ୍କାନର୍‌ରେ ରଖନ୍ତେ ନାହିଁ ? ହ୍ୱାଟ୍ ଡଜ୍ ରୁବି ମିନ୍ ? ଦାମ୍ପତ୍ୟ ଜୀବନ ବୁଝିବାକୁ ତା' ପାଇଁ ଅବସର ଆସିନାହିଁ ? ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଥିବା ସେ ତିକ୍ତ-ମଧୁର ଝଡ଼ବତାସକୁ ସେ ବୁଝିବ କିପରି ?

ତା' ଡାଡି, ମମ୍ମିଙ୍କ କଳହର ଦ୍ୱାହିଦେଇ ରୁବି କ'ଣ କେଉଁ ଦୂର ସହରରେ ସପ୍ତାହେରୁ ଅଧିକ ସମୟ ବିତାଇବା ଘଟଣାକୁ ଜଷ୍ଟିଫାଏ କରିବାକୁ ଚାହେଁ ? ନନ୍‌ସେନ୍ସ ! ନିଜ ମନକଥା ମନରେ ରଖିଲେ ସ୍ମରଣିକା । କେରାଏ ସଫା ହସ ଫିଙ୍ଗିଲେ ରୁବି ଉପରକୁ । ତା' ମୁଣ୍ଡ ଆଉଁସି ଦେଲେ । ମୁହଁ ପୋଛିଦେଲେ କାନିରେ ଏବଂ ତା ଭିତରେ ଭୁଲିଲେ ନାହିଁ ଲକ୍ଷ୍ୟ କରିବାକୁ ରୁବି ମୁହଁର ଭାବକୁ । ରୁବିର ମନ ତ ତା' ମୁହଁରେ ସିଧା ଝଲସି ଉଠେ । ରୁବି ମୁହଁ କିନ୍ତୁ କିଛି କଥା କହୁ ନ ଥିଲା । ହେଲେ ତା' ନାକ ଅଗରୁ ହଟିନଥିଲା ରାଗ । ତା' ଓଠରେ ମୃଦୁ ଅଭିମାନ ଲହଡ଼ି ଭାଙ୍ଗୁଥିଲା ।

ସ୍ମରଣିକାଙ୍କୁ ଆଉଥରେ ଆଉ କିଛି ପଚାରିବାର ସୁଯୋଗ ନଦେଇ ରୁବି କହିଲା, "ମୁଁ ଦିଲ୍ଲୀରେ ଥିଲି । ଦିଲ୍ଲୀରୁ ଦିନେ ତାଜମହଲ ଏବଂ ଆଉ ଦିନେ ଯାଇଥିଲି ଜୟପୁର ପିଙ୍କ୍‌ସିଟି । ଅନ୍ୟ ସବୁଦିନ କଟିଛି ଦିଲ୍ଲୀରେ ।" "ତୁ ଆମକୁ ଜଣେଇଲୁ ନାହିଁ କାହିଁକି ଏକଥା ? ତୋ ଡାଡିଙ୍କୁ ହଜାରେ ହୋଟେଲର ଠିକଣା ଜଣା । ଦିଲ୍ଲୀ କର୍ପୋରେଟ୍ ୱାର୍ଲଡ୍‌ରେ ସେ ବେଶ୍ ପରିଚିତ, ଏକଥା କ'ଣ ତୁ ଜାଣିନାହୁଁ ?" ସ୍ମରଣିକାଙ୍କ ଏପରି କଥାରେ ରୁବିର ପ୍ରତିକ୍ରିୟା ଥିଲା ଅବଜ୍ଞାସୂଚକ– "ମୋର ହୋଟେଲ୍ କ'ଣ ଦରକାର ?" "ମାନେ ?" ସ୍ମରଣିକାଙ୍କ ଚିତ୍କାର ପରାୟ ପ୍ରଶ୍ନରେ ରୁବି ଉତ୍ତର ଦେଲା, "ମୁଁ ଅମ୍ଳାନଙ୍କ ପାଖରେ ଥିଲି ।" "ଅମ୍ଳାନ ନା ସୁରେଶ ତା ନାଁ ମ ? ସେ କଣ ଆଇ.ଏ.ଏସ୍. ପାଇଲା ?" ସ୍ମରଣିକାଙ୍କ ଜିଜ୍ଞାସାର ଉତ୍ତର ବିନା ଉପକ୍ରମଣିକାରେ ଦେଲା ରୁବି, "ଅମ୍ଳାନ ନୁହେଁ, ସେ ପିଲା ନାଁ ସମୀର । ହି ଇଜ୍ ଏ କାୱାର୍ଡ, ଏ କମୋଡିଟି । ସେ କେଉଁଆଡ଼େ ବିକ୍ରି ହୋଇ ସାରିଲାଣି ।" ରୁବି କଥାରେ ଚହଲି ଗଲେ କି ସ୍ମରଣିକା ! ପଚାରିଲେ, "ସେ ହିରୋ କ'ଣ ଏବେ ଦିଲ୍ଲୀରେ ?" "ସେ ହିରୋର ହିରୋ ହବାର କୌଣସି କଳା ନାହିଁ", ରୁବିର ରୋକ୍‌ଠୋକ୍ କଥା ସ୍ମରଣିକାଙ୍କ ଦ୍ୱନ୍ଦ୍ୱକୁ ବହୁଗୁଣିତ କଲା ।

"କିଏ ତେବେ ସେହି ଅମ୍ଳାନ", ସ୍ମରଣିକା ଅସ୍ଥିର ହୋଇ ପଚାରିବାରୁ, "ଅମ୍ଳାନ ବାହେଲକର" ବୋଲି ଧୀରେ ଅଥଚ ସ୍ପଷ୍ଟ ଭାବରେ କହିଲା ରୁବି । ବାହେଲ୍‌କର ? ସ୍ମରଣିକା ବିସ୍ଫୋରଣ କଲେ ।



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।







**॥ ଭାଗ-୨୩ ॥**




**ନେତାଜୀ ଅଭିନନ୍ଦନ**

**ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୧୦୦୩**

**ଫୋନ୍ : ୯୦୪୦୦୦୩୧୨୩**


**ଫଟୋ ସୌଜନ୍ୟ : ଗୁଗୁଲ୍**

# ପତିତପାବନ ବାନା ଆଉ କେତେବେଳକୁ

କାଳିଆ ପାଖରେ ବନ୍ଧା ପଡ଼ିଥିଲା ହୃଦୟ ।

ହେଲେ କାଳିଆ କାହିଁକି ଯେ ଏଭଳି ନିଷ୍ଠୁର ହେଲା, କିଏ କହିପାରିବ ଖୋଦ୍ କାଳିଆ ଛଡ଼ା ।

ସେ ତ ଭାବ ବିନୋଦିଆ । ଭକତ ଭାବରେ ବନ୍ଧା ।

ତାଙ୍କ ଭକ୍ତି ଓ ଭାବରେ ଊଣା ରହିଗଲା କି ?

ଠାକୁରେ ଏତେ ରୁଷ୍ଟ ହେଲେ ଯେ ଏଭଳି ଭୟଙ୍କର ଦଣ୍ଡ ଦେଲେ ତାଙ୍କୁ ? ?

ବୀରକିଶୋର ଭାଳି ହେଉଥିଲେ ।

ଭାବନାର ଅନ୍ତ ନଥିଲା ।

କାଳ କୋଠରୀରେ ଏପରି ତିଳ ତିଳ ବଂଚିବା ଅପେକ୍ଷା ପ୍ରାଣବାୟୁ ଉଡ଼ିଯିବା ଭଲ । ଆଖିରୁ ଧାରଧାର ଲୁହ ବହିବାରେ ଲାଗିଥିଲା । ଅବିଶ୍ରାନ୍ତ ।

ହୃଦୟରେ ବ୍ୟଥା ଲହଡ଼ି ଭାଙ୍ଗୁଥିଲା ।

ବ୍ୟଥାତୁର ହୃଦୟର ଉଦ୍‌ବେଳନ କବିତାର ଧାଡ଼ି ହୋଇ ଆପେ ଆପେ ଲେଖି ହେଇ ଯାଉଥିଲା ।

ବାରବାଟୀରେ ବନ୍ଦୀ ବୀରକିଶୋରଙ୍କ ଅନ୍ତରର କୋହ, ଲୁହ ଓ ଦୀର୍ଘଶ୍ୱାସରୁ ବାହାରିଥିବା ଏହି କାଳଜୟୀ ପଦମାନଙ୍କୁ ଶୁଣିଲେ ଆଜି ବି ମଂଜ ଥରି ଉଠେ । ନିର୍ଭେଜାଲ ଦୁଃଖରୁ ଉତୁରିଥିବା ସାହିତ୍ୟକୁ ସମୟ ବି ଲିଭେଇ ପାରେନି ଶତ ଚେଷ୍ଟା ସତ୍ତ୍ୱେ । **ଯେମିତି ବୀରକିଶୋରଙ୍କ ଏଇ ଜଣାଣଟି :**

ପତିତପାବନ ବାନା

ପତିତପାବନ ବାନା ଆଉ କେତେ ବେଳକୁ,
ପତିତପାବନ ବାନା ଆଉ କେତେ ବେଳକୁ
ଭାସିଗଲି ଭବଜଳେ ନାବ ଦିଅ କୂଳକୁ, ହରି, ନାବ ଦିଅ କୂଳକୁ
ପତିତପାବନ ବାନା ଆଉ କେତେ ବେଳକୁ
ପତିତପାବନ ବାନା ଆଉ କେତେ ବେଳକୁ
ରୋପିବାର ବୃକ୍ଷ ଗୋଟି, କାଟୁଅଛ ମୂଳକୁ,
ରୋପିବାର ବୃକ୍ଷ ଗୋଟି, କାଟୁଅଛ ମୂଳକୁ
ତିନିପୁରେ ଅପକୀର୍ତ୍ତି ହେବ ଆଦିମୂଳକୁ, ହରି, ହେବ ଆଦିମୂଳକୁ
ପତିତପାବନ ବାନା ଆଉ କେତେ ବେଳକୁ
ଲକ୍ଷେ ଯୋଜନରେ ଗଜ, ଡାକ ଦେଲା ତୁମ୍ଭଙ୍କୁ,
ଲକ୍ଷେ ଯୋଜନରେ ଗଜ, ଡାକ ଦେଲା ତୁମ୍ଭଙ୍କୁ
ନକ୍ର ନାଶିବାକୁ ଚକ୍ର ଦେଲ ପେଷି ଜଳକୁ, ହରି, ଦେଲ ପେଷି ଜଳକୁ
ପତିତପାବନ ବାନା ଆଉ କେତେ ବେଳକୁ
ଯୋଗୀଜନମାନେ ହୃଦେ ଧାୟୁଛନ୍ତି ଯାହାକୁ
ଯୋଗୀଜନମାନେ ହୃଦେ ଧାୟୁଛନ୍ତି ଯାହାକୁ
ଭଣିଲେ ବି ରଖେ ସରି ଆଶା ପାଦତଳକୁ, ହରି, ଆଶା ପାଦତଳକୁ
ପତିତପାବନ ବାନା ଆଉ କେତେ ବେଳକୁ ।

କି ତୀବ୍ର ଅଭିମାନ, କ୍ରନ୍ଦନ ଓ ଅନ୍ତର୍ଦାହ ଏ ଧାଡ଼ିଗୁଡ଼ିକରେ । ଏମିତି କେତେ କେତେ ଜଣାଣ ଲେଖା ହୋଇଥିଲା ବାରବାଟୀର କାଳକୋଠରୀରେ । ତାଙ୍କ ରଚିତ ଆଉ ଏକ ପ୍ରସିଦ୍ଧ ଜଣାଣ ପଢ଼ନ୍ତୁ :

ଦୁଃଖ ନାଶନ ହେ
ଦୁଃଖ ନାଶନ ହେ
ସୁଖ ନ ପାଇଲି ଦିନେ
ଦିନକୁ ଦିନ ଦୁଃଖ ପ୍ରବଳ ହେଉଛି
ବିଜୁଳି ଯେସନେ ଘନେ
ଅନାଥର ନାଥ
ନୀଳଗିରି ନାଥ, ଜଗନ୍ନାଥ ଲକ୍ଷ୍ମୀସାଇଁ
ଅରକ୍ଷିତକୁ ତ ରଖି ଦେଉ ନାହିଁ
ଭବଜଳେ ଭସାଇ
କେଡ଼େ ନିଷ୍ଠୁର ତ ହେଲ
ମୋହ ଭଳି ଦୁଃଖୀ ଜନହୀନ ଠାରେ
ଦୀନଜନମାନେ ଗୁହାରି କରନ୍ତି ନଶୁଣ କି ତୁମ୍ଭେ ବାରେ
ପଡୁ ଅଦୃଷ୍ଟ
ଅନ୍ନ ବସ୍ତ୍ର କଷ୍ଟ
ଏଡ଼େ ବଡ଼ ପ୍ରଭୁ ଥାଉ
ବୀର କିଶୋର ମହାରାଜ ବୋଲେ
ଚଂଚଳ ମୋ ମନ
ପଦ୍ମପାଦେ ତୁମ୍ଭ ରହୁ
ଦୁଃଖ ନାଶନ ହେ ସୁଖ ନ ପାଇଲି ଦିନେ ।

ଏଭଳି ଧାଡ଼ି ଲେଖିଥିବା କବିଟି କ'ଣ ପୁତ୍ରହନ୍ତା ହୋଇପାରେ ? ?

ବୀରକିଶୋର ଥିଲେ ନିରୁତା କବି ।


ସେ ସାହିତ୍ୟ ଲେଖୁଥିଲେ, ପଢୁଥିଲେ; ତାଙ୍କ ଶାସନକାଳରେ କବି - ଲେଖକଙ୍କୁ ଅଯାଚିତ ରାଜ-ପ୍ରୋତ୍ସାହନ ମିଳୁଥିଲା । ଓଡ଼ିଆ ସାହିତ୍ୟ ଶିଖର ଛୁଇଁଥିଲା । ନିୟତିର ନିଷ୍ଠୁର ଉପହାସ ଯେ କବି-ଦାର୍ଶନିକ ଭାବେ ଖ୍ୟାତି ଅର୍ଜନ କରିଥିବା ଗଜପତିଙ୍କୁ ଶେଷରେ ପୁତ୍ର ହତ୍ୟା ଅପରାଧରେ ଦଣ୍ଡିତ ହୋଇ ବାରବାଟୀର କାଳ କୋଠରୀରେ ବିତେଇବାକୁ ପଡ଼ିଲା ନିଜ ଶେଷ ଜୀବନ ।

ଯଦିଓ ଏ ଘଟଣାର କୌଣସି ବିଧିବଦ୍ଧ ବିବରଣୀ ନାହିଁ, ୧୧ ଅକ୍ଟୋବର ୧୮୦୯ରେ କଟକ କଲେକ୍ଟରଙ୍କ ଦ୍ୱାରା କମିଶନରଙ୍କ ପାଖକୁ ଲେଖା ଗୋଟିଏ ଚିଠିରେ ବୀରକିଶୋର ଦେବ ନିଜ ପୁତ୍ର ଜଗନ୍ନାଥ ରାୟ ଓ ବଳଭଦ୍ର ରାୟଙ୍କୁ ହତ୍ୟା କରିବା ବିଷୟ ଉଲ୍ଲେଖ ରହିଛି ।

ବୀରକିଶୋର କାରାଗାରକୁ ଯିବା ପରେ, ଶାସନ ଗାଦିରେ ବସିଲେ ନାତି ଦିବ୍ୟସିଂହ ଦେବ । ହେଲେ, ସେ ଥିଲେ ନାଁକୁ ମାତ୍ର ରାଜା । ବର୍ଷକୁ ଦଶ ହଜାର ଟଙ୍କା ପେସ୍‌କିସ୍ ବଦଳରେ ତାଙ୍କୁ ମିଳିଥିଲା ମାତ୍ର ତିନୋଟି ଅଞ୍ଚଳର ଶାସନାଧିକାର - ଖୋର୍ଦ୍ଧା, ବାଣପୁର ଓ ଲେମ୍ବାଇ । ସେ ଦୃଷ୍ଟିରୁ ମରହଟ୍ଟାଙ୍କ ବଶ୍ୟତା ସ୍ୱୀକାର କରିଥିବା ଦିବ୍ୟସିଂହ ଦେବଙ୍କ ମାନ୍ୟତା ଗୋଟେ ଜମିଦାର ଠୁ କୌଣସି ଦୃଷ୍ଟିରୁ ଅଧିକ ନଥିଲା ।

କର୍ପୁର ନଥିଲା କି କନା ବି ନଥିଲା ।

କାଲି ତୁଚ୍ଛା ଗାଟେ ପଦବୀ ଛଡ଼ା ଆଉ କିଛି ବି



ନଥିଲା । ଖଣ୍ଡ-ବିଖଣ୍ଡିତ ରାଜ୍ୟ, ଖଜଣା ଦେଇଦେଇ ଅଣ୍ଟା ଭାଙ୍ଗି ଯାଇଥିବା ପ୍ରଜା, ଶତ୍ରୁ-ଶକ୍ତିର ଆଧିପତ୍ୟ, ଆଉ ଗୋଟେ ପୋକ ଖାଇ ଯାଇଥିବା ଶିରପା- ଏହାକୁ କ'ଣ କୁହାଯାଏ ରାଜପଦ ? ?

କାହାର ରାଜା ?

କେଉଁଠିକାର ରାଜା ?

ବରୁଣେଇ ପଥର ଖୋଲରେ ଗଡ଼ା ହେଲା ଗଡ଼ ।

ସେଇଠି ରହିଲେ ଗଜପତି ଦିବ୍ୟସିଂହ ଦେବ ।

କ୍ଷମତା କି ଧନ ନଥାଉ ପଛକେ ଦିବ୍ୟସିଂହ ଶ୍ରୀମନ୍ଦିରର ଉନ୍ନତି ପାଇଁ ତାଙ୍କ ଚଉଦବର୍ଷ ଶାସନ କାଳରେ ଯଥେଷ୍ଟ ଉଦ୍ୟମ କରିଥିଲେ ।

## ମାଦଳା ପାଞ୍ଜି ଅନୁସାରେ :

'ସେ ବଡ଼ ଦେଉଳକୁ ଚୂନ ଦେଲେ । କୋଣାର୍କ କ୍ଷେତ୍ରରୁ ମୁଗୁନି ପଥରର ଖମ୍ବ ଆଣି ସିଂହଦ୍ୱାର ଚକଡ଼ାରେ ରଖାଇଲେ । ରତ୍ନ ସିଂହାସନ ପଥରକାନ୍ଥ ବସାଇଲେ ।' ତାଙ୍କରି ସମୟରେ ପୁରୀରେ ପ୍ରଥମଥର ପାଇଁ ଶ୍ରୀରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହେଲା, ଯାହା ପରବର୍ତ୍ତୀ ସମୟରେ ଅତ୍ୟନ୍ତ ଲୋକପ୍ରିୟ ଉତ୍ସବରେ ପରିଣତ ହୋଇଥିଲା । ଦିବ୍ୟସିଂହ ଦେବ ୧୭୮୧ ରୁ ୧୭୯୫ ଯାଏଁ ଚଉଦ ବର୍ଷ ବସିଥିଲେ ଶାସନ ଗାଦିରେ ।

## ସଦାଶିବ ଶାସନ :

ବାରବାଟୀ କାରାଗାରରେ ବୀରକିଶୋର ଆଖି ମୁଦିଲେ ୧୭୯୩ରେ । ସେଇ ବର୍ଷ ମଧ୍ୟ ମୃତ୍ୟୁ ଘଟିଲା ବୀରକିଶୋରଙ୍କୁ ବନ୍ଦୀ ବନେଇଥିବା ଏବଂ ସର୍ବାଧିକ ବର୍ଷ ସୁବାଦାର ଆସନରେ ବସିଥିବା ରାଜାରାମ ପଣ୍ଡିତଙ୍କର ।

ରାଜାରାମଙ୍କ ମୃତ୍ୟୁ ପରେ ତାଙ୍କ ଆସନରେ ବସିଲେ ତାଙ୍କ ପୁଅ ସଦାଶିବ ରାଓ । ବାପାଙ୍କ ଶାସନ କାଳରେ ସେ ଥିଲେ ନାଏବ-ସୁବାଦାର । ସେ ସମୟରୁ ଶାସନ ସହ ପ୍ରତ୍ୟକ୍ଷ ସଂପୃକ୍ତି କାରଣରୁ ଶାସନର ରୀତି-ନୀତି ଓ ପ୍ରକ୍ରିୟା ସହ ସେ ଭଲ ଭାବରେ ପରିଚିତ ଥିଲେ । ସ୍ଥାନୀୟ ପରିସ୍ଥିତି ଓ ଲୋକଙ୍କର ସମସ୍ୟା ସଂପର୍କରେ ବି ଅବଗତ ଥିଲେ । ବାପାଙ୍କ ନୀତି ଅବଲମ୍ବନକାରି ସେ ମଧ୍ୟ ବ୍ରିଟିଶଙ୍କୁ ଯଥା ସମ୍ଭବ ସାହାଯ୍ୟ କରୁଥିଲେ । ମରହଟ୍ଟା ଶାସନ ବିରୋଧରେ ମୁଣ୍ଡ ଟେକୁଥିବା ବିଦ୍ରୋହକୁ ଦମନ କରିବାକୁ ସଦାଶିବ ଇଂରେଜମାନଙ୍କର ସହାୟତା ଲୋଡୁଥିଲେ । ବିଶେଷକରି ମଝିରେ ମଝିରେ ବିଦ୍ରୋହର ସ୍ୱର ଉତ୍ତୋଳନ କରୁଥିବା ମୟୁରଭଂଜ ରାଜାଙ୍କୁ ସାବାଡ଼ କରିବା ପାଇଁ ସେ ଇଂରେଜମାନଙ୍କ ସହ ହାତ ମିଳେଇଥିଲେ । ଓଡ଼ିଶାରେ ପ୍ରବେଶର ସୁଯୋଗ ଖୋଜୁଥିବା ଇଂରେଜ ସାମରିକ ସହାୟତା ବିନିମୟରେ କଲିକତାରୁ ମାନ୍ଦ୍ରାଜ ଯାଏଁ ଜିନିଷ ପରିବହନ ଓ ସୈନ୍ୟ ପରିଚାଳନାର ଅନୁମତି ହାତେଇ ନେଇଥିଲେ ଏଇ ମଉକାରେ । ଏଣିକି ଓଡ଼ିଶା ଦେଇ ଇଂରେଜମାନଙ୍କ ଯାତାୟତ ଓ ବାଣିଜ୍ୟ କାରବାର ଆଗ ଅପେକ୍ଷା ଯଥେଷ୍ଟ ବଢ଼ିଗଲା । ସେମାନେ ଓଡ଼ିଶାର ଭୂଗୋଳ ସହ ଯେତେ ଅଧିକ ପରିଚିତ ହେଲେ ଓ ନଦୀ-ସମୁଦ୍ର ପରିବେଷ୍ଟିତ, ଖଣିଜ ସଂପଦରେ ଭରା ଓଡ଼ିଶା ସମ୍ପର୍କରେ ଯେତେ ଅଧିକ ଜାଣିଲେ, ଓଡ଼ିଶାକୁ କରାୟତ୍ତ କରିବା ପାଇଁ ତାଙ୍କ ଲୋଭ ସେତିକି ବଢ଼ିଲା । ପରବର୍ତ୍ତୀ ସମୟରେ ତାଙ୍କର ଏହି ଲୋଭ ଉଭୟ ଓଡ଼ିଶା ଓ ସଦାଶିବଙ୍କ ପାଇଁ କାଳ ହୋଇଥିଲା ।

ମରହଟ୍ଟାମାନେ ଅଧିକରୁ ଅଧିକ ରାଜକୋଷ ପାଇବା ପାଇଁ ଶ୍ରୀମନ୍ଦିରର ଯଥେଷ୍ଟ ଉନ୍ନତି ସାଧନ କରିଥିଲେ । ମନ୍ଦିର ଚାରିପଟେ ପାଚିରୀ ବୁଲାଇଥିଲେ । କୋଣାର୍କରୁ ଅରୁଣ ଖମ୍ବ ଆଣି ଶ୍ରୀମନ୍ଦିର ସମ୍ମୁଖରେ ସ୍ଥାପନ କରିଥିଲେ । ସ୍ନାନବେଦୀର ପାହାଚ ତିଆରି କରିଥିଲେ । ତାଙ୍କ ଅମଳରେ ଅନେକ ନୂଆ ମନ୍ଦିର ମଧ୍ୟ ତିଆରି ହୋଇଥିଲା । ହେଲେ, ଏସବୁ ପଛରେ ଥିଲା ଅର୍ଥ ଲାଳସା । କେବଳ ଜଗନ୍ନାଥ ଯାତ୍ରୀଙ୍କ ଠାରୁ ବାର୍ଷିକ ୯ ଲକ୍ଷ ଟଙ୍କା ଆଦାୟ ହେଉଥିଲା କର ବାବଦକୁ । ଶାସନ-ପ୍ରଶାସନ, ଧର୍ମ-ପରମ୍ପରା କ୍ଷେତ୍ରରେ ମରହଟ୍ଟାଙ୍କର ଯେତେ ଯାହା ଅବଦାନ ଥାଉ ନା କାହିଁକି, ଜନ ମାନସରେ ମରହଟ୍ଟାମାନଙ୍କର ଚିତ୍ର ଥିଲା ବର୍ଗୀ ବା ଲୁଟେରାର । ଗାଁ ଗଣ୍ଡାରେ ଲୋକେ ତାଙ୍କୁ ଡରୁଥିଲେ । ବର୍ଗୀଙ୍କ ଭୟରେ ଲୋକେ ଭଲ ଖାଇବା କି ପିନ୍ଧିବା ଛାଡ଼ି ଦେଇଥିଲେ । ଜାଣିଶୁଣି ସେମାନେ ଦୀନହୀନ ଭଳି ଚଳୁଥିଲେ । ମାଟି ତଳେ ଧନ ଦ୍ରବ୍ୟ ପୋତି ଦେଉଥିଲେ । ତା'କୁ ବି ବର୍ଗୀ ଖୋଳି ନେଇ ଯାଉଥିଲେ । ଗାଁ ଛାଡ଼ି ଲୋକେ ବଣ ଜଙ୍ଗଲକୁ ପଳଉଥିଲେ । ଜୀବନ ଥିଲା ଦୁର୍ବିସହ । ଏବେ ବି ଲୋକେ ବର୍ଗୀଙ୍କ କାହାଣୀ କହି ପିଲାଙ୍କୁ ଡରାନ୍ତି । ସୁରେନ୍ଦ୍ର ମହାନ୍ତି ତାଙ୍କ ଆତ୍ମଜୀବନୀ 'ପଥ ଓ ପୃଥିବୀ'ରେ ଲେଖିଛନ୍ତି:

'ମନେ ପଡୁଛି, ଆମ ଗାଆଁଟି, ବିଲଗହୀର ଭିତରେ, ବାଉଁଶବଣ, ଆମ୍ବତୋଟା, କିଆ ଗୋହିରୀ ଘେରା ଛାୟାନିବିଡ଼ ଗୋଟିଏ ଦ୍ୱୀପ ପରି ଦୂରରୁ ଦେଖାଯାଉଥିଲା... ! ଖରାବେଳେ କିଆ ଗୋହିରୀରେ ବ୍ରହ୍ମରାକ୍ଷସର ଭୟ; ରାତିରେ ଡାଆଣୀ, ଚିରଗୁଣୀ ଓ ଭୂତମାନଙ୍କର... ସେତେବେଳେ ଖାଲି ଆମ ଗାଆଁ ନୁହେଁ, ଅନେକ ଗାଆଁର ଚେହେରା ଥିଲା ଏଇପରି... ବାଉଁଶ ବଣ, କିଆଗୋହିରି ଘେରା । ବହୁ ବହୁ ବର୍ଷ ପରେ ଗାଆଁ ଚାରିପଟେ କାହିଁକି ଲୋକେ ବାଉଁଶ ବଣ ସେତେବେଳେ ବଢ଼ାଉଥିଲେ, ତାହାର ରହସ୍ୟ ବୁଝିଲି । ମରହଟ୍ଟା ବର୍ଗୀମାନଙ୍କର ଶୈନ୍ୟ ଦୃଷ୍ଟିରୁ ଆତ୍ମରକ୍ଷା ପାଇଁ ଲୋକେ ସେତେବେଳେ ଗାଆଁ ଚାରିପଟକୁ ଏଇପରି ଦୁର୍ଗମ ଦୁର୍ଭେଦ୍ୟ କରି ରଖୁଥିଲେ । ବାଉଁଶ ବଣ ସବୁ ଥିଲା ଦୁର୍ଗ ପାଚେରି !' **(ପଥ ଓ ପୃଥିବୀ, ପୃଷ୍ଠା-୨)**


କେବଳ ଯେ ଗାଁ ଗଣ୍ଡା ଲୋକେ ଅତ୍ୟାଚାର ଭୋଗୁଥିଲେ ତା' ନୁହେଁ, ରାସ୍ତା ଘାଟରେ ଯାଉଥିବା ପଥଚାରୀ ବି ଲୁଣ୍ଠନର ଶୀକାର ହେଉଥିଲେ । ଦିନ ଦି'ପହରେ ଲୁଟ୍ ହେଉଥିଲା । ଯେହେତୁ ମରହଟ୍ଟା କର୍ମଚାରୀ ଓଡ଼ିଶାରେ ଅଳ୍ପଦିନ ପାଇଁ ନିଯୁକ୍ତ ହେଉଥିଲେ, ସେ ଭିତରେ ଯେତେ ସମ୍ଭବ ଅର୍ଥ ଲୁଟ୍ କରିବା ସେମାନଙ୍କର ମୂଳ ଲକ୍ଷ୍ୟ ରହୁଥିଲା । ଛୋଟ ଛୋଟ ଗଡ଼ଜାତର ଜମିଦାର ଓ ରାଜାଙ୍କଠୁ ମନ ଇଚ୍ଛା ଶୋଷଣ କରାଯାଉଥିଲା । ଗଜପତିଙ୍କ ଠାରୁ ସୁବାଦାରମାନେ ବର୍ଷକୁ ୧୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ ।

ଚାରିଆଡ଼େ ଥିଲା ଭୟର ବାତାବରଣ । ଶାସନ କହିଲେ ଲୋକେ ଶୋଷଣକୁ ବୁଝୁଥିଲେ । ଶାସକ ଓ ଶାସିତ ଭିତରେ ସର୍ବନିମ୍ନ ଯୋଗାଯୋଗ ନଥିଲା । କର ବା ଖଜଣା ଆଦାୟ ନାଁରେ ଲୋକଙ୍କୁ ଦିନରାତି ଲୁଟିବା ଥିଲା ମରହଟ୍ଟା ପ୍ରଶାସକଙ୍କ କାମ । ଏହି ଖଜଣା ଆଦାୟକୁ ନେଇ ପାଇକ ଓ ମରହଟ୍ଟାଙ୍କ ମଧ୍ୟରେ ଅନବରତ ଯୁଦ୍ଧ ଲାଗି ରହୁଥିଲା । କେତେବେଳେ ପାଇକ ଜିତୁଥିଲେ ତ, କେତେବେଳେ ମରହଟ୍ଟା । ମରହଟ୍ଟା ସମୟରେ ଓଡ଼ିଶାର ଗ୍ରାମ୍ୟ ଅର୍ଥନୀତି ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଲା ଏବଂ ସବୁ ପ୍ରକାର ବେପାର ବଣିଜ ବନ୍ଦ ହୋଇଗଲା । ସବୁ ଦୃଷ୍ଟିରୁ ମରହଟ୍ଟା ଶାସନର ଅର୍ଦ୍ଧଶତାବ୍ଦୀ ଓଡ଼ିଶା ପାଇଁ ଥିଲା ଯନ୍ତ୍ରଣାସିକ୍ତ ଏକ ଲମ୍ବା କାଳରାତି ।

ଏସବୁ ଘନଘଟା ଭିତରେ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ଘଟିଲା ୧୭୯୫ରେ । ତାଙ୍କ ମୃତ୍ୟୁ ପରେ ବୀରକିଶୋର ଦେବଙ୍କ ଦ୍ୱିତୀୟ ପୁତ୍ର ଶ୍ୟାମସୁନ୍ଦର ଦେବ ଓ ଦିବ୍ୟସିଂହଙ୍କ ପୁତ୍ର ମୁକୁନ୍ଦ ଦେବଙ୍କ ଭିତରେ ରାଜଗାଦିକୁ ନେଇ ଝଟାପଟା ଲାଗିଲା । ଶ୍ୟାମସୁନ୍ଦର ବ୍ରିଟିଶ ସୈନ୍ୟ ସାହାଯ୍ୟରେ ଖୋର୍ଦ୍ଧା ଆକ୍ରମଣ କରି ସିଂହାସନ ଅକ୍ତିଆର କରିବାକୁ ଯୋଜନା କରିଥିଲେ । ମରହଟ୍ଟା ସୁବାଦାର ସଦାଶିବ ରାଓ ଏହାର ବିରୋଧ କରି ଦିବ୍ୟସିଂହଙ୍କ ନାବାଳକ ପୁତ୍ର ମୁକୁନ୍ଦ ଦେବଙ୍କୁ ସମର୍ଥନ କରିବାରୁ ସେ ଶାସନ ଗାଦିରେ ବସିଲେ । ତାଙ୍କ ତତ୍ତ୍ୱାବଧାରକ ଭାବରେ ନିଯୁକ୍ତ ହେଲେ ଜୟକୃଷ୍ଣ ରାଜଗୁରୁ, ଯିଏ ଲୋକମୁଖରେ ଜୟୀ ରାଜଗୁରୁ ଭାବରେ ପରିଚିତ ଥିଲେ । ତାଙ୍କ ଉପରେ ଶାସନ ପରିଚାଳନା ନ୍ୟସ୍ତ ହେଲା ।

ଏ ଥିଲା ଘଡ଼ିସନ୍ଧି ମୁହୂର୍ତ୍ତ । ଉଚ୍ଛନ୍ନ ଗାଁ ଗଣ୍ଡା, ପଶୁଠୁ ବି ହୀନ ଅବସ୍ଥାରେ ଥିବା ଲୋକେ, ଦେହ-ମନରେ ଦୁର୍ବଳ ପାଇକ, ଶୂନ୍ୟ ରାଜକୋଷ, ମରହଟ୍ଟାଙ୍କ ଲୁଣ୍ଠନ ଓ ଅତ୍ୟାଚାର, ଅନ୍ୟ ପଟେ କଳେ ବଳେ କୌଶଳେ ଓଡ଼ିଶାକୁ ଦଖଲ କରିବା ପାଇଁ ଇଂରେଜମାନଙ୍କ ଷଣ୍ଢଆସି ଚକ୍ରବ୍ୟୁହ । ସବୁଆଡ଼େ ଶତ୍ରୁ । ମିତ୍ର କେହି ନାହାନ୍ତି । ଏସବୁ ବୁଝିବା ପାଇଁ ମୁକୁନ୍ଦଙ୍କର ବୟସ ହୋଇନଥିଲା । ଜୟୀ ରାଜଗୁରୁ ଅତ୍ୟନ୍ତ ଦକ୍ଷ ଓ ନିପୁଣ ରାଜନୀତିଜ୍ଞ ଥିଲେ । ହେଲେ, ସାମ୍ରାଜ୍ୟକୁ ବଂଚେଇ ରଖିବା ଏକାକୀ ତାଙ୍କ ପକ୍ଷରେ ସମ୍ଭବ ନଥିଲା ।ଦିନକୁ ଦିନ ବିପଦ ଘନେଇ ଆସୁଥିଲା । ଜାତିର ଅସ୍ମିତା ଓ ମନୋବଳ ରକ୍ଷା କରିବା ଥିଲା ସବୁଠୁ ବଡ଼ ପ୍ରଶ୍ନ ।

# ଚିରି ଯାଇଥିବା ପ୍ରଥମ ପ୍ରେମ ଚିଠି



## ପ୍ରଶାନ୍ତ ଦାସ

'ମଣିଷଘର', ବାଗ୍ ବୃନ୍ଦାବନ,
ବାଲେଶ୍ୱର-୭୫୬୦୦୧
ଫୋନ:୯୯୩୭୯୩୨୫୭୦


ଚିତ୍ର : ସଞ୍ଜୟ ରାଉଳ

**"ମୁଁ ପଛ କରି ଚାହିଁଲି ତାଙ୍କୁ । ମୋ ଆଖିକୁ ସେ ସେଇ ନବମ ଶ୍ରେଣୀର ଛାତ୍ରୀ ଭଳି ଦେଖା ଯାଉଥିଲେ । ବାହାର ବଗିଚାରେ ବର୍ଷାଭିଜା ଫୁଲଙ୍କ ପାଇଁ ପ୍ରଜାପତି ମାନେ ଡେଣା ପିଟି ଗାଉଥିଲେ ଗୀତ । ଚିରି ଯାଇଥିବା ପ୍ରଥମ ପ୍ରେମର ଚିଠିର ଅକ୍ଷରମାନେ ଫେରିଆସି ମୋ ମନରେ ଉତ୍ତେଜନା ଭରୁଥିଲେ ।"**



ଝରକା ଫାଙ୍କ ଦେଇ ବାହାରକୁ ଚାହିଁଲି । ସକାଳର ବର୍ଷା ମାପୁଥିଲା ମାଟିର ଛାତି । ଗଛର ପତ୍ର, ଫୁଲର ପାଖୁଡ଼ା ଓ କଅଁଳ ଦୁବଘାସମାନେ ନିର୍ଦ୍ଧୁମ ଖେଳୁଥିଲେ ବର୍ଷା ସହ । ଗୋଟିଏ ନୂଆ ସଂଗୀତରେ ବିଭୋର ହେଉଥିଲେ ସମସ୍ତେ । ସକାଳର ନୀରବତାକୁ ଖଣ୍ଡ ଖଣ୍ଡ କରି ବର୍ଷାର ସଙ୍ଗୀତ ଘୋଡ଼ାଇ ପକାଉଥିଲା ମାଟିଠୁ ଆକାଶ । ବର୍ଷା ବତୁରା ମାଟିର ବାସ୍ନା ଆନମନା କରୁଥିଲା ମତୁଆଲା ଭାସମାନ ଘେମାନଙ୍କୁ । ମୁଁ କଡ଼ ଲେଉଟାଇଲି । ଧିରେ ଧିରେ ଏକ ଗୋପନ ଉଷ୍ମତା ଛୁଉଁଥିଲା ମୋତେ । ସକାଳର ବର୍ଷା ସହ ମନ ବାଣ୍ଟିବାକୁ ବେଳ ନଥିଲା ମୋର । ବର୍ଷାର ଚଲାପଥକୁ ବେଖାତିର କରି ଦେଇ ମନମୋର ଧାଉଁଥିଲା ଗୋଟିଏ ଝଙ୍କାଳିଆ ଗଛତଳକୁ । ଯେଉଁ ଗଛ ତଳେ ଏଇ କେଇଦିନ ହେବ ଏକ ନୂଆ ଇତିହାସ ଲେଖା ଚାଲିଛି । ଜୀବନର ଅଙ୍କ କଷା ହୋଇ ଭାଗଫଳ ଭାଗଶେଷର ହିସାବ ହେଉଛି । ଏଇ ମନମାନେ ଏଇମିତି । କେବେ କେବେ କେଉଁଠି ବସା ବାନ୍ଧି ଦିଅନ୍ତି ଯେ ହିସାବ ରଖି ହୁଏନା । ବହୁତ ସତର୍କତାର ଗହଳ ତାଳପତ୍ର ଭିତରେ କାଳ ବୈଶାଖୀକୁ ଏଡ଼ାଇବା ପାଇଁ ଯୋଜନା କରି ଆଗେଇ ଯାଆନ୍ତି । ବସା ବାନ୍ଧନ୍ତି, ସ୍ୱପ୍ନ ଦେଖନ୍ତି । ଆଉ କେବେ ବି ପାଗଳ ପବନର ଭଉଁରୀ ଭିତରେ ରହିଯାଇ ଲୁହ ଲହୁର ଗଜଲ ଗାଆନ୍ତି ।

କାନ୍ଥ ଘଣ୍ଟାକୁ ଚାହିଁଲି । ସମୟ ସକାଳ ଛଅ । ବଡ଼ ଅସହ୍ୟ ଲାଗୁଥିଲା ବର୍ଷା । ଆଉ ମାତ୍ର ଘଣ୍ଟାଏ ବାକି । ଧିରେ ଧିରେ ନିଶ୍ୱାସର ବେଗ ବଢୁଥିଲା । ମୋତେ ଉଠିବାକୁ ହେବ । ବର୍ଷା ସହିତ ସମ୍ପର୍କ ନରଖି ବାହାରିବାକୁ ପଡ଼ିବ । ନୂଆ ନୂଆ ଲେଖା ହୋଇଥିବା ଗପ, ଅଙ୍କା ହେଉଥିବା ଛବିକୁ ମଝିରୁ ବନ୍ଦ କରି ହେବନି । ହଠାତ୍ ତା'ର ମୁହଁ, ତା'ର ହସ, ତା'ର କଥା ମୋତେ ଆଚ୍ଛନ୍ନ କରୁଥିଲା । ମୁଁ ବିଳମ୍ବ ନକରି ବାହାରି ପଡ଼ିଲି । ପତ୍ନୀ କହୁଥିଲେ- "ଏତେ ବର୍ଷାରେ ଝିଅ ସ୍କୁଲ ଯିବ ?"

ସ୍କୁଲ ଗେଟ୍ ଖୋଲିବାକୁ ପନ୍ଦର ମିନିଟ୍ ବାକି । ଏତେ ପୂର୍ବରୁ ଝିଅ ମୋର କେବେ ସ୍କୁଲ୍ ଆସେନି । କେବଳ ସକାଳର ବର୍ଷା ପାଇଁ ସହଳ ବାହାରି ପଡ଼ିଛି । ରଙ୍ଗୀନ୍ ଛତା ମୁଣ୍ଡାଇ ଚାଲିବାର ଆନନ୍ଦ ସବୁ ପିଲାଙ୍କର ଅଛି । ହେଲେ ମୋ ପାଇଁ ଏହା ଏକ ସୁଯୋଗ । ମୁଁ ଯାଇ ସେ ଝଙ୍କାଳିଆ ଗଛ ତଳେ ଛିଡ଼ା ହେଲି । ଟିକେ ବ୍ୟସ୍ତ ଲାଗୁଥାଏ । କାହିଁକି କେଜାଣି ଆସି ଯାଉନାହାନ୍ତି ସିଏ ? ତାଙ୍କର ଆସିବା ବାଟକୁ ଚାହିଁଲି । ଆରେ ସତେ ତ ଆସୁଛନ୍ତି ନା କ'ଣ ? ଦୂରରୁ ଜଣା ପଡୁଥାଏ । ପିନ୍ଧିଥା'ନ୍ତି ଏକ ମେଘ ରଙ୍ଗର ଶାଢ଼ି, ମୁଣ୍ଡାଇଥିବା ଛତାଟି ମୁହଁକୁ ତାଙ୍କର ଢାଙ୍କି ଦେଇଥାଏ । ଛାତିର ନିଶ୍ୱାସ ଘନେଇଲା । ସତେକି ପ୍ରଥମ ଯୌବନର ସ୍ପର୍ଶ ମୋ ଦେହରେ । ବୟସ ଚାଳିଶ ଅତିକ୍ରମ କରିଛି । ବୈବାହିକ ଜୀବନ ଦଶବର୍ଷରୁ ଉର୍ଦ୍ଧ୍ୱ । ତଥାପି ଏକ ଆବେଗିକ ଚମକ ଶିହରାଇ ଦେଉଥାଏ ଗୋଟାପଣେ ଦେହ । ପହଞ୍ଚିଲା ପରେ ମୋ'ଠୁ ଟିକେ ଦୂରରେ ଥିବା ଗଛ ତଳେ ଠିଆ ହୋଇ ରହିଲେ । ମୁଁ ତାଙ୍କୁ ନମ୍ରତାର ସହ ଚାହିଁଲି । ସେ ବି ମୋତେ । କିଛି ସମୟ ପରେ ତାଙ୍କ ଝିଅ ମୋ ଝିଅ ଗୋଟିଏ ଛତା ତଳେ ଗପରେ ମାତିଲେ । ମୁଁ ଭାବୁଥିଲି ସମ୍ପର୍କ ଯୋଡ଼ିବାକୁ ହେଲେ କଥା ଦୁଇପଦ ଆବଶ୍ୟକ । ଆରମ୍ଭ କଲି- "ସକାଳର ବର୍ଷାଟା ପିଲାମାନଙ୍କୁ ହଇରାଣ କଲା ।" ସେ କହିଲେ- "ଆପଣଙ୍କୁ ହଇରାଣ କରିନାହିଁ ତ ?" ମୁ କହିଲି- "ନାଇଁ, ସକାଳର ବର୍ଷା ମୋତେ ବହୁତ ଭଲ ଲାଗେ । ଏ ବୟସରେ ବି ଭିଜିଭିଜି ଚାଲିବାକୁ ବହୁତ ଭଲ ଲାଗେ । ହେଲେ ତାହା କ'ଣ କରିହୁଏ ?" ସେ କହିଲେ- "ଇଚ୍ଛା ସହିତ ବୟସର ସମ୍ପର୍କ କ'ଣ ? କେବେ କେବେ ଇଚ୍ଛା ପାଖରେ ବୟସ ବି ହାର ମାନେ ।" ମୁଁ ଆଶ୍ଚର୍ଯ୍ୟ ହେଲି । ତାଙ୍କ କଥା ଶୁଣି କହିଲି- "ଆପଣ କେତେ ସିଧା ସିଧା କହୁଛନ୍ତି ? ଶୁଣିବାକୁ ଭାରି ଭଲ ଲାଗୁଛି ।" ସେ କହିଲେ- "ଆପଣ ଯଦି ସବୁକିଛି ସିଧାସିଧା ଲେଖି ପାରନ୍ତି, ମୁଁ କହି ପାରିବିନି କେମିତି ? ମୁଁ ଜାଣେ ଆପଣ ଜଣେ ସଫଳ ପ୍ରେମ ଲେଖକ । ଆପଣ ସିନା ମୋତେ ଚିହ୍ନି ନାହାନ୍ତି, ହେଲେ ମୁଁ ଆପଣଙ୍କୁ ଜାଣେ । ସେଥିପାଇଁ କେବେ କେବେ ଚୁପ୍‌ଚାପ୍ ଚାହିଁ

**ଝିଅଟି ପଛର ଝିଅଟି**

**ଏହି ଗପଟି ଗୋଟିଏ ସତ୍ୟ ଅନୁଭବକୁ କଳ୍ପନା ଦେଇ ବିସ୍ତାର କରାଯାଇଛି । ଏକାଦଶ ଶ୍ରେଣୀରେ ପଢୁଥାଏ । କ୍ଲାସ୍‌ରେ ସଂସ୍କୃତ ସାର୍ ଅମରକୋଷ ପଢ଼ାଉଥାନ୍ତି । ସ୍କୁଲ୍ ପିଅନ ଆସି ମୋତେ ସମସ୍ତଙ୍କ ଆଗରେ ଚିଠିଟିଏ ଦେଲା । କିଏ ଦେଇଛି ଲଫାପା ଉପରେ ନାଁ ନଥିଲା । ପିରିଅଡ଼ ସରିବା ପରେ ମୁଁ ସ୍କୁଲପାଖ ଧାନକ୍ଷେତକୁ ଯାଇ ଚିଠିଟି ଖୋଲିଲି । ପ୍ରଥମ ଧାଡ଼ିରେ ଲେଖାଥିଲା: 'ମୁଁ ତୁମକୁ ଭଲପାଏ ।' ମୁଁ ଏତେ ଡରିଗଲି ଯେ ଆଉ ପଢ଼ି ପାରିଲିନି । ମୋ ଦେହ ଥରୁଥିଲା । ମୁଁ ଚିଠିଟିକୁ ଚିରି କ୍ଷେତରେ ଥିବା ଧାନଗଛ ମଝିକୁ ଫିଙ୍ଗିଦେଲି । ଏମିତିକି ଦେଇଥିବା ଝିଅର ନାଁ ବି ପଢ଼ିନଥିଲି । ସେ ଦିନସାରା ମୋତେ ଖାଲି ଡର ଲାଗୁଥିଲା । ସେ ସ୍ମୃତିକୁ ନେଇ ମୋର ଏ ଗପ ।**

ପ୍ରଶାନ୍ତ ଦାସ

ଦେଖେ । ସତରେ ଆପଣଙ୍କ ପ୍ରେମ ଗଳ୍ପସବୁ ଗଳ୍ପ ଭଳି ଲାଗେନା । ସତେକି ନିଜ ଭିତରେ ଘଟିଥିବା ସତକଥାସବୁ । ମୋ ଭାଗ୍ୟରେ କ'ଣ କେବେ ଆପଣଙ୍କ ମୁହଁରୁ ଗପଟିଏ ଶୁଣିବାକୁ ସୁଯୋଗ ଆସିବ ?" ମୁଁ କହିଲି- "ଥରେ କହି ଦେଖନ୍ତୁନା ।" ସେ ଟିକେ ହସିଦେଇ କହିଲେ- "ତେବେ ଆଜି ଆମ ଘରଆଡ଼େ ଆସନ୍ତୁ । ବାବୁ ଆମ ଭୁବନେଶ୍ୱର ଗସ୍ତରେ ଅଛନ୍ତି । ଏକାଏକା ଘରେ ବୋର୍ ହେଉଛି । ଆସିଲେ ଭଲ ହୁଅନ୍ତା ।" ତାଙ୍କ ଘରର ଠିକଣା ବତାଇ ଦେଲେ ଓ କହିଲେ- "ସତରେ ଆସିବେ ତ ! ବର୍ଷା ପାଗରେ କିଛି ନଦେଇ ପାରିଲେ ଚା' କପେ ଦେବି ତ !" ମୋ ପାଟିରୁ ବାହାରି ପଡ଼ିଲା- "ମୁଁ ଆଜି ଛୁଟିରେ ଅଛି । ଅଫିସ୍ ଯିବାର ନାହିଁ । ଅପରାହ୍ନରେ ଆପଣଙ୍କ ଘରେ ପହଞ୍ଚିବି । କେବେଠୁ ଚାହୁଁଥିଲି ଆପଣଙ୍କ ସହ ସମ୍ପର୍କ ଯୋଡ଼ିବି ବୋଲି । ହେଲେ ପାରୁ ନଥିଲି । ଯାହା ହେଉ ଆଜି ସକାଳର ବର୍ଷା ସେତିକି ସୁଯୋଗ ତିଆରି କଲା ।" ସେ କହିଲେ- "ଏ ବର୍ଷା ଏମିତି । ଯୋଡ଼ିବାରେ ସିଦ୍ଧ । ତା' ନହେଲେ ଆକାଶକୁ ମାଟି ସହିତ କେବେ କ'ଣ ଯୋଡ଼ି ପାରନ୍ତା ?"


ଏତିକି କହି ସେ ହସିଲେ । ବହୁତ ସୁନ୍ଦର ଦିଶୁଥିଲେ ସେ । କଅଁଳ କଇଁଫୁଲ ପରି ଦାନ୍ତଗୁଡ଼ିକ ଶୁଭ୍ରତା ବୁଣି ଆଲୋକିତ କରୁଥିଲା ବର୍ଷାର ଦେହ । ଖୁବ୍ ସୁନ୍ଦର ସେ ଏବଂ ଖୁବ୍ ସୁନ୍ଦର ସବୁକିଛି । ସବୁରି ହୃଦୟରେ ଗୋଟିଏ ଯୋଡ଼ିବାର ନିଶା ଥାଏ । ହେଲେ ଆମେ ସମସ୍ତେ ଜାଣି ଜାଣି ମିଛ କହି ନିଜକୁ ମୁକୁଳେଇ ନେଉ । ବାସ୍- ତା' ପରେ ସେ ଆଉ ମୁଁ ଗଛମୂଳ ଛାଡ଼ି ଫେରିଥିଲୁ । ଘରେ ଆସି ପହଞ୍ଚି ପତ୍ନୀଙ୍କୁ କହିଲି- "ନାଇଁ ଆଜି ମୋର ଅଫିସ୍ ଯିବାର ନାହିଁ । ସକାଳ ଓଳିଟି ତୁମ ସହ କଟାଇବି ।" ମୋର ଆନନ୍ଦପଣକୁ ନିରେଖି ପତ୍ନୀ ମୋର କହିଲେ- "କ'ଣ ସ୍କୁଲ ଗେଟ୍ ପାଖରେ କିଛି ନୂଆ କାହାଣୀ ଘଟିଲା ନା ମନର ବେପାର ହେଲା ।" ମୁଁ କହିଲି- "ନାଇଁ, ତୁମ ଭଳି ସୁନ୍ଦର ପତ୍ନୀ ଥାଉଁ ଥାଉଁ ଏ ମନ କ'ଣ ଆଉ କାହା ସହିତ ବଣିଜ କରିପାରେ ?" ପତ୍ନୀଙ୍କୁ ସିନା ଏମିତି କହୁଥିଲି ହେଲେ ମୁଁ ଠିକ୍ ଜାଣିଥିଲି- ମନ ପାଇଁ କେବେ କେବେ ଆପଣା ମଣିଷମାନଙ୍କୁ ମିଛ କହିବାକୁ ପଡ଼େ ।

ମଧ୍ୟାହ୍ନ ଯାଏଁ ଘରେ ରହିଲି ସିନା, ହେଲେ ମନ ଜମା ଥୟ ହେଉ ନଥାଏ । ବାରମ୍ବାର ଧାଉଁଥାଏ ସେଇ ଗଛମୂଳକୁ । ଭିଜୁଥାଏ ଛତା ଫାଙ୍କ ଦେଇ ଛିଟ୍‌କୁ ଥିବା ପାଣିରେ, ଗୁମୁରି ଯାଉଥାଏ ନିଜକୁ ନିଜେ । କଥାରେ କଥାରେ ଆପଣାପଣ ଜାହିର କରୁଥାଏ ଓ ମେଘ ରଙ୍ଗ ଶାଢ଼ିର ପଣତରେ ଛନ୍ଦି ଯାଉଥାଏ । ଢଳଢଳ ସରଳ ଆଖିରୁ ସାଉଁଟି ଆଣୁଥାଏ ଜୀବନ । ସତେକି ମନ ଆଜି ଲଗାମହୀନ ଘୋଡ଼ା । ପାହାଡ଼, ପର୍ବତ, ନଦନଦୀ ସବୁକୁ ବେଖାତିର କରି ଏକମୁହାଁ ଧାଇଁଛି । କେତେବେଳେ ମଧ୍ୟାହ୍ନ ମଉଳିବ ଓ ଗଜୁରୁଥିବା ଉତ୍କଣ୍ଠାର ଯବନିକା ପଡ଼ିବ । ସେଥିପାଇଁ ସେ ବ୍ୟଗ୍ର ।

ସମୟ ପାଖାପାଖି ତିନି । ବାହାରି ପଡ଼ିଲି ତାଙ୍କ ଘର ଆଡ଼େ । ଗାଡ଼ିଟି ମୋର ରାସ୍ତା ଚିହ୍ନି ଚାଲିଲା ଆଗକୁ ଆଗକୁ । ଶେଷରେ ତାଙ୍କ ଘର । ଖୁବ୍ ସୁନ୍ଦର ଛୋଟ ଘରଟିଏ । ଘର ଆଗରେ ବଗିଚା । ବଗିଚାରେ ଫୁଟୁଥିବା କେତେ ଫୁଲ, କଅଁଳୁଥିବା କେତେ ପତ୍ର ଓ ଉଡୁଥିବା କେତେ ପ୍ରଜାପତି । ମୋର ଗେଟ୍ ଖୋଲିବା ଶବ୍ଦ ଶୁଣି ସେ ବାହାରି ଆସିଲେ । ମୁକୁଳା କେଶ ତାଙ୍କର ବୁଣି ଯାଇଛି ଡାଙ୍କି ପକାଉଥିଲା ଅଧା ଅଧା ମୁହଁ । ପିନ୍ଧିଥିବା ଘନକଳା ରଙ୍ଗର ଶାଢ଼ିତଳୁ ଚମ୍ପାରଙ୍ଗର ଦେହ ବାନ୍ଧି ପକାଉଥିଲା ଆଖିଦୁଇକୁ । ମନ ଓ ଆଖିକୁ ସଂଯତ କଲି ମୁଁ ଏବଂ ପଶିଲି ଡ୍ରଇଂରୁମ୍‌ରେ । ଡ୍ରଇଂରୁମ୍‌ର କାନ୍ଥସାରା ମୋନାଲିସା ଠାରୁ ମମତାଜ୍, ତାଜମହଲ ଠାରୁ କାଶ୍ମୀର ହ୍ରଦ, କେତେ ତୈଳଚିତ୍ର । ମୋତେ ଦେଖି ବ୍ୟସ୍ତ ହୋଇ ପଡୁଥା'ନ୍ତି ସେ । ମୁଁ କହିଲି- "ଜମା ବ୍ୟସ୍ତ ହୁଅନ୍ତୁନି । ଗପ ନସରିବା ଯାଏଁ ମୁଁ କ'ଣ ଯାଇ ପାରୁଛି ?" ସେ ମୋତେ ଟିକେ ଚାହିଁଲେ, କେମିତି ଜଣେ ଆପଣାର ମଣିଷ ଭଳି । ଝିଅଟି ତାଙ୍କ ସ୍କୁଲ୍‌ରୁ ଫେରି ଶୋଇଛି । ଡ୍ରଇଂରୁମ୍ ଭିତରେ ସେ, ମୁଁ ଓ କିଛି ନୀରବତା । ପଡ଼ିଥିବା ସୋଫା ଉପରେ ସେ ବସି ପଡ଼ିଲେ । କମିଗଲା ତାଙ୍କ ଆଖି ଓ ମୋ ଆଖିର ଦୂରତା । ମୁଁ ତାଙ୍କ ଆଖିକୁ ଚାହିଁ ପଢୁଥିଲି- 'ଅ'ରୁ 'କ୍ଷ'ଯାଏଁ । କହିଲି- "ମୁଁ ଯାହା କହୁଛି ଏହା ଗପ ନୁହେଁ ସତ । ଧରାଯାଉ ମୋ ଜୀବନ ଏକ ଗପ । ଯେହେତୁ ଆନ୍ତରିକତାର ସହିତ ତୁମେ କିଛି ଶୁଣିବାକୁ ଚାହିଁଲ, ତେଣୁ ମୁଁ କହିବା ଆରମ୍ଭ କରୁଛି ।

ମନେ ପଡୁଛି ମୋ ଦଶମ ଶ୍ରେଣୀର କଥା । ସ୍କୁଲ ଛାତ୍ରଟିଏ । ଦିନେ ସ୍କୁଲ ଚିଠି ବାକ୍ସରୁ ଏକ ଲଫାପା ଚିଠି ଆଣି କ୍ଲାସ୍‌ରେ ପିଅନଟିଏ ଦେଇଗଲା । ଲଫାପା ପଛପଟେ ଲେଖା ଥିଲା ଏକ ଝିଅର ନାଁ । ମୁଁ ବ୍ୟସ୍ତ ହୋଇ ପକେଟ୍‌ରେ ଭରିଲି । ଦେହସାରା ଝାଳ । ମୁହଁର ରଙ୍ଗ ବଦଳି ଯାଇଥିଲା । ମିଛରେ ସଂସ୍କୃତ ସାର୍‌ଙ୍କୁ ବାହାରକୁ ଯିବି କହି ଚିଠିଟି ପଢ଼ିବା ପାଇଁ ସିଧା ଚାଲିଲି ଧାନ କ୍ଷେତ ପାଖରେ ଥିବା କଣ୍ଟାବୁଦା ପାଖକୁ । ସେଠାରେ ଚିଠିଟି ଖୋଲିଲି । ଚିଠିଟି ଲେଖିଥିଲା- ପାଖ ବାଳିକା ସ୍କୁଲରେ ପଢୁଥିବା ନବମ ଶ୍ରେଣୀର ଛାତ୍ରୀଟିଏ । ଏକା ନିଃଶ୍ୱାସରେ ଥରେ ଦୁଇଥର ଚିଠିଟି ପଢ଼ି ଭୟରେ ଚିରି ଫିଙ୍ଗିଦେଲି ଧାନ କ୍ଷେତକୁ ଓ ମନେମନେ ଖୁସିହେଲି ଅନେକ । ରାସ୍ତାରେ ଅପେକ୍ଷା କଲି ତାକୁ ଅନେକଥର । କଥା ସିନା କହି ହୁଏନି, ହେଲେ ଆଖିରେ ଆଖିରେ ଅନେକ କଥା ଓ କାହାଣୀ । ତା'ପରେ ବାପାଙ୍କ ବଦଳି ଓ ତା'ମୋ ଭିତରେ ଏକ ଲମ୍ବା ବ୍ୟବଧାନ । ହେଲେ ଆଜିଯାଏଁ ସେ ପ୍ରଥମ ଚିଠିର ଅକ୍ଷରସବୁ ମୋ ବାଟ ଓଗାଳେ, କେବେ ଦୁଃଖ ଦିଏ ଓ କେବେ ସୁଖ ।"

ସେ କେମିତି ଚାହିଁ ରହିଥିଲା ମୋତେ । ବୋଧହୁଏ ମୋ କଥା ଶୁଣି ମୋ ଭିତରେ ଗଜୁରୁଥିବା ଦୁଃଖକୁ ଖୋଜୁଥିଲେ । ମୁଁ କହିଲି-



"ଏତିକିରେ ସରିଲାନି । ଏହାପରେ କିଛି ବର୍ଷ ବିତି ଯାଇଛି । ଜଣେ ଲେଖକ ଭାବରେ ପ୍ରତିଷ୍ଠା ଲାଭ କରିଛି । କୌଣସି ଏକ ସହରକୁ ଏକ ସାହିତ୍ୟ ସଭାରେ ଯିବାର ସୁଯୋଗ ମିଳିଲା । ଶୀତଦିନ । ସଭା ଆରମ୍ଭ ହେବା ବେଳକୁ ଦିନ ଦଶଟା । ରହୁଥିବା ଆଇ.ବି.ରୁ ଲମ୍ବି ଯାଇଛି ପିଚୁରାସ୍ତା । ରାସ୍ତା କଡ଼େକଡ଼େ କିଛି ଚା', ପାନ ଓ ପରିବା ଦୋକାନ । ଚା' ପିଇବା ବେଳେ ଲକ୍ଷ୍ୟ କଲି- ସ୍ତ୍ରୀ ଲୋକଟିଏ ନିଜର ଝିଅ ସହ ପରିବା କିଣୁଛି । କେମିତି ଚିହ୍ନା ଚିହ୍ନା ଲାଗିଲା ସିଏ ମୋତେ । ଟିକେ ପାଖେଇ ଗଲି ଏବଂ ମୋ ପାଟିରୁ ବାହରି ପଡ଼ିଲା- ଆରେ ତୁମେ... । ସେ ମୋତେ ଚାହିଁଲା । ବୋଧହୁଏ ଚିହ୍ନି ପାରିଲାନି । ମୁଁ କିନ୍ତୁ ତାକୁ ଠିକ୍ ଚିହ୍ନି ପାରିଲି । ପୁଅ ପିଲାଙ୍କର ରୂପକୁ ବଦଳାଇ ଦିଏ ବୟସ । ଗଜୁରି ଉଠିଥିବା ନିଶ ଦାଢ଼ି ବଦଳାଇ ଦିଏ ମୁହଁର ମାନଚିତ୍ର । ହେଲେ ଝିଅମାନଙ୍କର କିଛି ବଦଳେନି । ଭରିଯାଏ କିଛି ମାଦକତା ଓ ଆକର୍ଷଣ । ମୁଁ କହିଲି- ତୁମେ.... । ସେ ବୋଧହୁଏ ଏତର ଚିହ୍ନି ପାରିଲା । କହିଲା- ହଁ । ପ୍ରତିଟି ଚିଠିରେ ତା' ନାଁର ମୂଳ ଅକ୍ଷର ଓ ମୋ ନାଁର ମୂଳ ଅକ୍ଷର ଥିଲା ଆମର ପରିଚୟ । ପାଖରେ ଠିଆ ହୋଇଥିବା ଝିଅଟିକୁ ଦେଖେଇ କହିଲା- ଏ ମୋର ଝିଅ । ଆଗରେ ଆମର କ୍ୱାର୍ଟର୍ । ଦୀର୍ଘଦିନ ପରେ ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଛି । କିଛି ବଦଳିନ ତୁମେ । ମୁଁ ଚାହିଁ ରହିଥାଏ ତାକୁ । ମୋ ଆଖି ଆଗରେ ଭାସି ଯାଉଥିଲା ପ୍ରଥମ ଚିରା ଚିଠିର କିଛି ଅସ୍ପଷ୍ଟ ଅକ୍ଷର ।"


ଗପ ଶୁଣୁଶୁଣୁ ସେ କେମିତି ଭାବ ବିହ୍ୱଳ ହୋଇ ପଡୁଥିଲେ । ଅସଜଡ଼ା ପଣତ ତାଙ୍କର ଜଣାଇ ଦେଉଥିଲା ତାଙ୍କର ତନ୍ମୟତା । ଗପ ଶୁଣୁଶୁଣୁ ବଦଳି ଯାଉଥିଲା ମୁହଁର ରଙ୍ଗ । ବ୍ୟତିକ୍ରମ ହେଉଥିଲା ନିଶ୍ୱାସର ବେଗ । ଶେଷରେ ସେ କହିଲେ- "ତା'ପରେ ?" ମୁଁ କହିଲି- "ଏଇଠି ଅଟକିଲେ ଚଳିବନି । ଟିକେ ଆଗକୁ ଆସ । ଏହା ଭିତରେ ପଚିଶରୁ ଊର୍ଦ୍ଧ୍ୱ ବୟସ ବିତିଛି । କୌଣସି ଏକ ଲେଖକ ବନ୍ଧୁ ଫୋନ୍ ନମ୍ବରଟିଏ ଦେଇ କହିଥିଲେ- ମୋ ଘର ପାଖ ଭଦ୍ର ମହିଳାଙ୍କ ଫୋନ୍ ନମ୍ବର ଏହା । ଯୋଗାଯୋଗ କରିବାକୁ ଚାହିଁଲେ ମୋତେ ଡାକିଦେବେ । ସେଦିନ ରାତିରେ କ'ଣ ହେଲା କେଜାଣି, ତାଙ୍କ ସହ କଥା ହେବାକୁ ଇଚ୍ଛା ହେଲା । ମୁଁ ଫୋନ୍ ଡାଏଲ କଲି ଏବଂ ଅପର ପାଖରୁ ଏକ ନାରୀର କଣ୍ଠସ୍ୱର । ସେ କେମିତି ଚିହ୍ନା ଚିହ୍ନା ମହିଳା ଜଣଙ୍କ କହୁଥିଲେ- ଆପଣ ବାଲେଶ୍ୱରରୁ ଫୋନ କରିବେ ବୋଲି ଜାଣିଛି । ହେଲେ ନାଁଟା ଶୁଣିବା ପରେ ମୋତେ ଲାଗିଲା ଆପଣ ଯେମିତି ମୋର ପରିଚିତ । ଜୀବନର ଛକରେ ଆପଣଙ୍କ ମୋର ଭେଟା ଭେଟି । ନାଁଟା ଜାଣିବା ପରଠୁ ଅପେକ୍ଷା କରିଛି ଆପଣଙ୍କ ଫୋନ୍‌କୁ । କଥାରେ କଥାରେ ସେ କହୁଥିଲା- ସଂସାରର ବୋଝରେ ବୟସ ଓ ସ୍ମୃତି ସବୁ ପାଉଁଶ ହେଲାଣି । ସ୍ୱାମୀଙ୍କର ଅବସର ମାତ୍ର ଆଉ ଅଳ୍ପଦିନ ବାକି । ବଡ଼ ଝିଅର ବିବାହ ପରେ ସାନଝିଅର ପାଳି । ତା' କଥାରେ ମୋ ଆଖି ଆଗରେ ନାଚି ଯାଉଥିଲା ଆମେ ଅପେକ୍ଷା କରିଥିବା ନାଲିଗୁଡ଼ି ରାସ୍ତାର ଶେଷମୁଣ୍ଡ ବରଗଛ । ହାଇସ୍କୁଲର ଚିଠିବାକ୍ସ, ପିଚୁରାସ୍ତା କଡ଼ର ସକାଳୁଆ ଧୂଆଁଳିଆ ଚା' ।


ଆଉ ଆଗକୁ ଯିବିନି କହି ସ୍ତ୍ରୀଲୋକଟିକୁ ମୁଁ ଚାହିଁଲି । ଦେଖିଲି କେମିତି ତାଙ୍କ ମୁହଁର ରଙ୍ଗ ବଦଳି ଯାଉଥିଲା । ମୋ ଆଖି ସହ ତାଙ୍କ ଆଖି ମିଶି ଲେଖୁଥିଲା ନୂଆ ଏକ କାହାଣୀର ଆଦ୍ୟ କଥା । ଆଖିମାନେ ସବୁ ଏମିତି । ନିଶବ୍ଦରେ ଅନେକ କଥା କହିପାରନ୍ତି । ପ୍ରେମ ଠୁଁ ଦେହର ମିଳନ ପର୍ଯ୍ୟନ୍ତ ମଧ୍ୟ ଯାଇ ପାରନ୍ତି । ମୋ ନିଜ ଭିତରେ ହଜି ଯାଉଥିଲା ମୋର ନିଜର ବୟସ । ନୂଆ ନୂଆ ଶିହରଣମାନ ପକ୍ଷୀ ହୋଇ ଉଡ଼ି ଯାଉଥିଲେ ମେଘାଚ୍ଛନ୍ନ ଆକାଶକୁ । ଶେଷରେ ମୁଁ ତାଙ୍କ ପାଖକୁ ଟିକେ ଲାଗିଯାଇ କହିଲି, "ଆଜି ପାଇଁ ଏଇଠି ଗପର ଶେଷ ।" ସେ କହିଲା, "ନାଇଁ ଏଇଟା ମଧ୍ୟାନ୍ତର । ଆରମ୍ଭ ହୋଇଥିବା କଥାସବୁ ଓ ଗପସବୁ କେବେ କେବେ ମଧ୍ୟାନ୍ତରରୁ ବଦଳାଇ ଦିଏ ବାଟ । ଆଉ ସବୁ ଶେଷଗୁଡ଼ିକ ବି ଆରମ୍ଭ ଠାରୁ ହୋଇଯାଏ ଚମତ୍କାର ।" ଏତିକି କହି ସେ ଓଠଚାପି ହସିଲେ । ହଠାତ୍ ମୋ ଆଖି ଆଗେ ଭାସି ଯାଇଥିଲା ଫ୍ରକ୍ ପିନ୍ଧିଥିବା ଜଣେ ନବମ ଶ୍ରେଣୀ ଛାତ୍ରୀର ମୁହଁ । ପିଚୁ ରାସ୍ତା ପାଖେ ପରିବା କିଣୁଥିବା ଜଣେ ବୈବାହିକ ଜୀବନ ଆରମ୍ଭ କରିଥିବା ନବବଧୂର ହସ । କାନକୁ ଶୁଭୁଥିଲା ଅନେକ ଦୂରରୁ ଫୋନ୍‌ରେ ଶୁଭୁଥିବା କେଇପଦ କଥା... ।

ମୁଁ ଧିରେ ଧିରେ କେମିତି ଦୁର୍ବଳ ହୋଇ ପଡୁଥିଲି । ମୋର ଗୁପ୍ତ ମନରେ ବଦଳି ଯାଉଥିଲା ମୋ ଗପର ପ୍ଲଟ୍ । ବଦଳି ଯାଉଥିଲା ଚରିତ୍ରର ନାମ । ମଧ୍ୟାନ୍ତରରୁ ନୂଆ କିଛି ଆରମ୍ଭ ହେବାର ନିଶା ଧିରେ ଧିରେ ମୋତେ କବଳିତ କରୁଥିଲା । ମୁଁ ଆଉ ଅପେକ୍ଷା ନକରି ଏକମୁହାଁ ହୋଇ ଫେରିବାକୁ ଚାହିଁଲି । ପଛେପଛେ ସେ କହୁଥିଲା- "ଏହା ଚିରି ଯାଇଥିବା ପ୍ରଥମ ପ୍ରେମ ଚିଠି ନା ସରି ଯାଇଥିବା ଶେଷ ଫୋନ୍‌ର କିଛି କଥା !" ମୁଁ ପଛ କରି ଚାହିଁଲି ତାଙ୍କୁ । ମୋ ଆଖିକୁ ସେ ସେଇ ନବମ ଶ୍ରେଣୀର ଛାତ୍ରୀ ଭଳି ଦେଖା ଯାଉଥିଲେ । ବାହାର ବଗିଚାରେ ବର୍ଷାଭିଜା ଫୁଲଙ୍କ ପାଇଁ ପ୍ରଜାପତି ମାନେ ଡେଣା ପିଟି ଗାଉଥିଲେ ଗୀତ । ଚିରି ଯାଇଥିବା ପ୍ରଥମ ପ୍ରେମର ଚିଠିର ଅକ୍ଷରମାନେ ଫେରିଆସି ମୋ ମନରେ ଉତ୍ତେଜନା ଭରୁଥିଲେ ।

ମୋ ଜୀବନ ଗପର ପ୍ଲଟ ଭିତରକୁ ପଶି ଆସୁଥିଲା ନୂଆ ଏକ ଚରିତ୍ର । ନୂଆ ଏକ ମଧ୍ୟାନ୍ତର ସ୍ୱପ୍ନରେ ମୁଁ ହେଉଥିଲି ବିଭୋର ।

**ଗପ ଶୁଣୁଶୁଣୁ ସେ କେମିତି ଭାବ ବିହ୍ୱଳ ହୋଇ ପଡୁଥିଲେ । ଅସଜଡ଼ା ପଣତ ତାଙ୍କର ଜଣାଇ ଦେଉଥିଲା ତାଙ୍କର ତନ୍ମୟତା । ଗପ ଶୁଣୁଶୁଣୁ ବଦଳି ଯାଉଥିଲା ମୁହଁର ରଙ୍ଗ । ବ୍ୟତିକ୍ରମ ହେଉଥିଲା ନିଶ୍ୱାସର ବେଗ । ଶେଷରେ ସେ କହିଲେ- ତା'ପରେ ? ମୁଁ କହିଲି- ଏଇଠି ଅଟକିଲେ ଚଳିବନି । ଟିକେ ଆଗକୁ ଆସ । ଏହା ଭିତରେ ପଚିଶରୁ ଊର୍ଦ୍ଧ୍ୱ ବୟସ ବିତିଛି । କୌଣସି ଏକ ଲେଖକ ବନ୍ଧୁ ଫୋନ୍ ନମ୍ବରଟିଏ ଦେଇ କହିଥିଲେ- ମୋ ଘର ପାଖ ଭଦ୍ର ମହିଳାଙ୍କ ଫୋନ୍ ନମ୍ବର ଏହା । ଯୋଗାଯୋଗ କରିବାକୁ ଚାହିଁଲେ ମୋତେ ଡାକିଦେବେ । ସେଦିନ ରାତିରେ କ'ଣ ହେଲା କେଜାଣି, ତାଙ୍କ ସହ କଥା ହେବାକୁ ଇଚ୍ଛା ହେଲା । ମୁଁ ଫୋନ୍ ଡାଏଲ କଲି ଏବଂ ଅପର ପାଖରୁ ଏକ ନାରୀର କଣ୍ଠସ୍ୱର । ସେ କେମିତି ଚିହ୍ନା ଚିହ୍ନା ମହିଳା ଜଣଙ୍କ କହୁଥିଲେ- ଆପଣ ବାଲେଶ୍ୱରରୁ ଫୋନ କରିବେ ବୋଲି ଜାଣିଛି । ହେଲେ ନାଁଟା ଶୁଣିବା ପରେ ମୋତେ ଲାଗିଲା ଆପଣ ଯେମିତି ମୋର ପରିଚିତ । ଜୀବନର ଛକରେ ଆପଣଙ୍କ ମୋର ଭେଟାଭେଟି । ନାଁଟା ଜାଣିବା ପରଠୁ ଅପେକ୍ଷା କରିଛି ଆପଣଙ୍କ ଫୋନ୍‌କୁ । କଥାରେ କଥାରେ ସେ କହୁଥିଲା- ସଂସାରର ବୋଝରେ ବୟସ ଓ ସ୍ମୃତି ସବୁ ପାଉଁଶ ହେଲାଣି । ସ୍ୱାମୀଙ୍କର ଅବସର ମାତ୍ର ଆଉ ଅଳ୍ପଦିନ ବାକି । ବଡ଼ ଝିଅର ବିବାହ ପରେ ସାନ ଝିଅର ପାଳି । ତା' କଥାରେ ମୋ ଆଖି ଆଗରେ ନାଚି ଯାଉଥିଲା ଆମେ ଅପେକ୍ଷା କରିଥିବା ନାଲିଗୁଡ଼ି ରାସ୍ତାର ଶେଷମୁଣ୍ଡ ବରଗଛ । ହାଇସ୍କୁଲର ଚିଠିବାକ୍ସ, ପିଚୁରାସ୍ତା କଡ଼ର ସକାଳୁଆ ଧୂଆଁଳିଆ ଚା' ।**


SUPRATIK INFRAVENTURES
The best property in the town to live
RERA APPROVED
Few Villas Available
2BHK, 3BHK & 4BHK Flats Available
Ammenities
MULTI FACILITY GYM
SWIMMING POOL
ROOFTOP GARDEN
BANQUET HALL
Supratik Infraventures Private Limited
Branch Office: Alupur,Near Laxminaryan Temple, O.T. Road, Balasore - 756001
+91-7205330222 I sales@supratikinfraventures.com
www.supratikinfraventures.com



# ନର୍କପୁରୀ

# ଅଶ୍ୱିନୀ କୁମାର ମହାନ୍ତି

ଗ୍ରାମ: ପାଳିଆ, ପୋଷ୍ଟ୍ : ପାଳିଆବିନ୍ଧା,
ଭଦ୍ରକ-୭୫୬୧୬୭
ଫୋନ:୯୯୩୭୫୩୮୧୨୦/
୭୩୨୭୯୯୬୧୩୦

ଚିତ୍ର : ସଂଜୟ କୁମାର ରାଉଳ

ନିଜର ଦୋଷ କ'ଣ ଜାଣିପାରୁ ନାହାନ୍ତି ନିକୁଞ୍ଜ ସାର୍ । ଘରଦ୍ୱାର ଅଳିଆ ହୋଇ ପଡ଼ିଥିବ । ଘରର କୋଠରୀ ଗୁଡ଼ିକର ଚାରିକୋଣ ଓ ଛାତରେ ବୁଢ଼ିଆଣି ବସାଭର୍ତ୍ତି । ଚା'କପ୍ ଠାରୁ ପାଣି ଗ୍ଲାସ ବା ଥାଳି, ତାଟିଆ ଯିଏ ଯେଉଁଠି ଖାଇଲା, ସେଇଠି ପଡ଼ିଲା । ଦିନ,ରାତି ସବୁବେଳେ କେହି ଥାଆନ୍ତୁ ବା ନଥାଆନ୍ତୁ ଫ୍ୟାନ ଘଉରୁଥିବ ତ ଲାଇଟ ଜଳୁଥିବ । ରୋଷେଇ ଝରେ ଅନେକ ସମୟରେ ଗ୍ୟାସ ବାହାରୁଥିବ । ଚା' ଓ କ୍ଷୀର ଓ ପ୍ରତିଦିନ ନିଶ୍ଚୟ ଉତୁରିବ । ବାଥରୁମରେ ସେହିପରି ଟେପ୍ ଭଲଭାବେ ବନ୍ଦ କରାନଯିବା ଫଳରେ ଠପ୍ ଠପ୍ ହୋଇପାଣି ପଡୁଥିବ । ଏକଥା ଯେତେଥର ପତ୍ନୀ,ପୁଅ, ବୋହୂକୁ କହିଲେ କ'ଣ ହେବ, କେହି ଶୁଣିବାକୁ କି ମାନିବାକୁ ପ୍ରସ୍ତୁତ ନୁହନ୍ତି । ସବୁ କାମଦାମ ଛାଡ଼ି ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ । ସକାଳ ଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସେଇ ମୋବାଇଲ ? କ'ଣ ଯେ ସେଥିରୁ ଫଳୁଛି, ସେ ଜାଣିପାରନ୍ତିନି । ଆଜିକାଲି ପିଲାଗୁଡ଼ାକ ତ ସେଇ ମୋବାଇଲ ଦ୍ୱାରା ଯାହା ନଷ୍ଟହେଲେ, ଘରେ ଶାଶୁ, ବୋହୂମାନେ ବି ସେଇ ମୋବାଇଲ ପ୍ରେମରେ ବାଇଆ । ଯଦି ଏ ବିଷୟରେ କାହାକୁ କିଛି କହିଲେ ତେବେ ସେ ହେଲେ ଶତ୍ରୁ । ଭଲ କହିଲେ ହେଲାଭେଲ ।

ଅତିଷ୍ଠ ହୋଇ ପଡ଼ିଲେ ନିକୁଞ୍ଜ ସାର । ଏଘର ଏବେ ନର୍କପୁରୀରେ ପରିଣତ ହୋଇଗଲାଣି । ଏଠି ଆଉ ମୁହୂର୍ତ୍ତେବି ରହିହେବନି । ସବୁ ସମୟରେ ଯୁକ୍ତିତର୍କ, ତୁଖୁଣ୍ଡୁ ମୁଖୁଣ୍ଡୁ, କଳିଗୋଳ ଲାଗିଲେ ଜଣେ କିପରିବା ଶାନ୍ତିରେ ଖାଇପାରିବ ନା ଶୋଇପାରିବ ? ଯାହାକୁ ଅନାଇଲା ବେଳକୁ ସିଏ ମୁହଁ ହାଣ୍ଡିକରି ଚାଲିଯାଉଛି । କୁକୁର, ବିରାଡ଼ିକୁ ଦେବା ପରି ଚା' ଟିକେ କି ଖାଇବା ଗଣ୍ଡେ ବଢ଼ାଯାଉଛି ଖାଇବା ଟେବୁଲ ଉପରେ । କିନ୍ତୁ ସିଏ ଖାଇଲେ କି ନଖାଇଲେ କେହି ଦେଖିବାକୁ ନାହିଁ । ପଛରେ କିଛି ଆଉ ଆବଶ୍ୟକ କି ବୋଲି ପ୍ରଶ୍ନ ବି ନାହିଁ । ଯାହା ଥରେ ବଢ଼ାହେଲା ଶେଷ । ସମସ୍ତଙ୍କ ପାଖରେ ସେ ଯେମିତି ଅଲୋଡ଼ା ଜୀବଟିଏ । ତାଙ୍କର ଉପସ୍ଥିତି ଆଉ କାହାରି ଆବଶ୍ୟକ ନାହିଁ ଯେପରି । ପୁଅ, ବୋହୂଙ୍କ କଥା ଛାଡ଼ । କିନ୍ତୁ ଯେଉଁ ଲୋକଟା ସାତଜନ୍ମ ପର୍ଯ୍ୟନ୍ତ ସୁଖରେଦୁଃଖରେ ସାଥୀ ହୋଇ ବାଟ ଚାଲଇବା କଥା, ସେତ ଆଜିକାଲି ବେଶି ବିରକ୍ତ ଓ ରେଜେଇ ଖଜେଇ ହେଉଛି । କହୁଛି କ'ଣନା ଅବସରପରେ ସେ ବେଶି ଚିଡ଼ଚିଡ଼ା ହୋଇଯାଉଛନ୍ତି । ସବୁବେଳେ ଘରେ ରହି ବଡ଼ ଅନର୍ଥ ସୃଷ୍ଟି କରୁଛନ୍ତି ।

ଯେଉଁ ନୀତି, ଆଦର୍ଶ ଦ୍ୱାରା ସେ ସମସ୍ତଙ୍କ ଦ୍ୱାରର ପ୍ରଶଂସିତ ହେଉଥିଲେ, ତାହା ଦିନ କେଇଟା ପରେ ତାଙ୍କରି ଘରେ ମୂଲ୍ୟହୀନ କିପରି ହୋଇଗଲା, ସେ କଥା ସେ ଜାଣି ପାରୁନଥିଲେ । ଅବସର ପରେପରେ ନିଜ ପରିବାରର ସଦସ୍ୟମାନଙ୍କ ନିକଟରେ ସେ ଯେ ଘୃଣ୍ୟ ଓ ଅଦରକାରୀ ପାଲଟିଯିବେ, ଏଥା ସ୍ୱପ୍ନରେ ବି ସେ ଭାବି ପାରିନଥିଲେ । ଅଥଚ ଏ ଘର ପାଇଁ ସେ କ'ଣ ନକରିଛନ୍ତି ସତରେ ? କେତେ ବା ଦରମାର ସେଥିରେ ପିଲା ଦୁହେଁ କିପରି ଭଲ ଖାଇବେ, ଭଲ ପିନ୍ଧିବେ, ଭଲ ପାଠ ପଢ଼ିବେ, ଦୁନିଆଁରେ

ଗଳ୍ପ ପଛର ଗଳ୍ପ

**କ୍ଷୁଦ୍ରଗଳ୍ପକୁ ଯଦି ସମୟ ଓ ଘଟଣାବଳୀର ପ୍ରାଣସ୍ପନ୍ଦନ ବୋଲି ଗ୍ରହଣ କରାଯାଏ, ତେବେ ପ୍ରତ୍ୟେକ ଚରିତ୍ର ଲେଖକର ଲେଖନୀରେ ଗୋଟିଏ ଗୋଟିଏ ଗଳ୍ପ ପାଲଟି ଯାଆନ୍ତି । ମୁଁ ଗଳ୍ପ ରଚନା କଲାବେଳେ ମୋ ଚତୁଃପାର୍ଶ୍ୱରେ ଉଙ୍କି ମାରୁଥିବା ଚରିତ୍ରମାନେ ହଠାତ୍ ମୋ ଚିନ୍ତାରାଜ୍ୟକୁ ପଶି ଆସିଥାନ୍ତି, ଯେଉଁମାନଙ୍କୁ ମୁଁ ପରମ ଆବେଗରେ ମୋ ଗଳ୍ପରେ ସ୍ଥାନିତ କରିଥାଏ । ଏହି ପରିପ୍ରେକ୍ଷୀରେ ଚାକିରିରୁ ଅବସର ଗ୍ରହଣ କରିଥିବା ମୋ ଆଖପାଖର ତିନୋଟି ଚରିତ୍ର, ଯେଉଁମାନଙ୍କ ସହିତ ମୋର ଅନ୍ତରଙ୍ଗ ସଂପୃକ୍ତି ନିବିଡ଼ତା ଭିତରେ ରହି ଆସିଥିଲା, ସେମାନେ ଚାକିରିରୁ ଅବସର ଗ୍ରହଣ ପରେ ଅବସର ସମୟକୁ ସଠିକ୍ ଭାବରେ ବିନିଯୋଗ କରିନପାରି କିପରି ଅସମୟରେ ଝଡ଼ିଗଲେ, ତା'ର କାରଣ ଅନୁସନ୍ଧାନ କଲାବେଳେ ସେମାନଙ୍କ ପାରିବାରିକ ଓ ସାମାଜିକ ପୃଷ୍ଠଭୂମି ମୋ ମନରେ ଗଭୀର ରେଖାପାତ କରିଥିଲା, ଯେଉଁଥିପାଇଁ ଏଭଳି ଗଳ୍ପ ରଚନାର ଉଦ୍ୟମ କରିଥିଲି । ସେହି ଚରିତ୍ରମାନେ ହେଲେ ମୋର ପୂଜ୍ୟ ପିତା ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଆମ ପଡ଼ୋଶୀ ତଥା ମୋ ଗୁରୁ ନିରଞ୍ଜନ ମହାପାତ୍ର ଓ ମୋର ତଥା ଆମ ଭାଇ ଭଉଣୀଙ୍କ ବାଲ୍ୟଗୁରୁ ନୃସିଂହ ଚରଣ ସାହୁ । ଆମ ସମାଜର ଏଇଭଳି ଅନେକ ଦୃଷ୍ଟାନ୍ତ ଯେଉଁମାନେ ଚାକିରିରୁ ଅବସର ଗ୍ରହଣ ପରେ କର୍ମଚଞ୍ଚଳ ନ ରହି ସ୍ଥାଣୁ ଭଳି ପାରିବାରିକ ସୀମାରେଖା ମଧ୍ୟରେ ଅଶାନ୍ତିରେ ଜୀବନ ଅତିବାହିତ କରୁଛନ୍ତି ଏବଂ ଆଉ ଯେଉଁମାନେ ନିକଟ ଭବିଷ୍ୟତରେ ଚାକିରିରୁ ଅବସର ନେଇ କିଭଳି ଜୀବନ ବିତାଇବେ ବୋଲି ଚିନ୍ତାଗ୍ରସ୍ତ ଅଛନ୍ତି, ସେମାନଙ୍କ ମନରେ ସରସତା ଭରି ଦେଇ ସେମାନଙ୍କୁ ପୂର୍ବପରି କର୍ମମଧ୍ୟରେ ବୁଡ଼ାଇ ରଖିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ମୋର ଏଇ ଗଳ୍ପ 'ନର୍କପୁରୀ' ।**

ଅଶ୍ୱିନୀ କୁମାର ମହାନ୍ତି



ମଣିଷଟିଏ ହେବେ, ସେପାଇଁ ନିଜ ସୁଖକୁ ଭୁଲି ସକାଳ ପାଞ୍ଚରୁ ଦେ ଦୌଡୁଥିବେ ତ ଦୌଡୁଥିବେ ପୁଣି ଶୋଇବା ପର୍ଯ୍ୟନ୍ତ । ସାଙ୍ଗସାଥୀ, ସହକର୍ମୀମାନେ ଚାକିରୀକାଳ ଭିତରେ ଜମି, ଘରଦ୍ୱାର, ଗାଡ଼ିଘୋଡ଼ା ସବୁକଲେ । ହେଲେ ସେ କ'ଣ ସେତେବେଳେ କିଛି କରିପାରିଲେ ? ଚାକିରୀ ଶେଷ ବେଳକୁ ଜିପିଏଫ୍ ଓ ଏଲ୍ଆଇସିରୁ ଲୋନ ଆଣି ଝିଅଟାକୁ ଯାହା କଷ୍ଟେମଷ୍ଟେ ଉଠାଇ ଦେଲେ । ବାକି ପୁଅଟା ଇଞ୍ଜିନିୟରିଂ ପରେ ଏଇ ସହରରେ ଚାକିରୀ ପାଇଗଲା । ତାକୁ ବିବାହ କରିବାକୁ ହେବ । ସେ ପାଇଁ ଘରଟିଏ ଦରକାର । ତେଣୁ ଅବସରପରେ ଚାକିରିରୁ ମିଳିଥିବା ବାକିଟଙ୍କା ଓ କିଛି ଲୋନ କରି ଘରଟିଏ ଆରମ୍ଭ କଲେ । ଅବସର ପୂର୍ବରୁ ଚାରି ଡିସିମିଲ ଜଗା ଯା'ହେଉ ସେ କିଣି ପକାଇଥିଲେ । ଘଣ ସରିଛି କି ନାହିଁ, ପୁଅର ବାହାଘର । ସେ ପାଇଁ ପେନସନ ଟଙ୍କାରୁ ଲୋନ । ଆଉ କେତେ ବା ଟଙ୍କା ? ପୁଅଟା ଭଲା ମାସକୁ ମାସ କିଛି ଦିଅନ୍ତା । ସେ ତ ଫୁର୍ତ୍ତି କରି ଚାଲିଛି । ଘରର ଦାୟିତ୍ୱ ଟିକେ ନେଲାନି । ଏଣୁ ଅଭାବ ଦେଖାଦେଲେ, ଯାହା ହେବା କଥା, ତାହାହିଁ ହେଲା ସବୁବେଳେ ଅଶାନ୍ତି ଲାଗିରହିଲା ।

ସେଦିନ କିନ୍ତୁ ନମସ୍ତେ କୁହାକୁହି ହେଉଥିଲେ, ସାର୍ ଏବେ ଶାନ୍ତିରେ, ଖୁସିରେ ରହିବେ । ବିଦ୍ୟାଳୟର ସେହି ବିଦାୟକାଳୀନ ଶୋକାକୁଳ ପରିବେଶରେ ଛାତ୍ର, ଛାତ୍ରୀ, ଶିକ୍ଷକ, କର୍ମଚାରୀ, ଅଭିଭାବକ, ପରିଚାଳନା ସମିତି ସଭାପତି, ଗ୍ରାମବାସୀ କିଏ ବା ତାଙ୍କର ଗୁଣକୀର୍ତ୍ତନ ନ କରିଛନ୍ତି ? ସମସ୍ତେ ତାଙ୍କର ଅବସର ଜୀବନର ସୁଖ, ଶାନ୍ତ କାମନା କରିଥିଲେ । ହ୍ୱାଟ୍ସ୍ଆପ୍‌ରେ ମଧ୍ୟ ଅନେକ 'ହାପି ରିଟାୟାରମେଣ୍ଟ' ମେସେଜ ଛାଡ଼ିଥିଲେ । ବାକି କେତେଜଣ ମେସେଜ ପଠାଇଥିଲେ, "ସାର ଆପଣ ଲକି । ଆପଣ ମୁକ୍ତି ପାଇଗଲେ । ଏବେ ମହା ଆନନ୍ଦରେ, ଶାନ୍ତିରେ ରହିବେ ।" ଖୁସି, ଆନନ୍ଦ ଓ ଶାନ୍ତି ଯେପରି ହଜି ଯାଇଥିଲା ନିକୁଞ୍ଜସାର୍‌ଙ୍କ ଜୀବନରୁ । ଦିନେ ଏମିତି ପାଟିତୁଣ୍ଡ ଲାଗିବାରୁ ରାଗ ତମ୍‌ତମ୍ ହୋଇ ସାର୍ ବାହାରି ଗଲେ ବସାରୁ । କୁଆଡ଼େ ଯିବେ ? କେଉଁଠାକୁ ଯିବେ ? ରାସ୍ତାରେ ଏମିତି ଭାବୁଥିବା ସମୟରେ 'ସାର, ନମସ୍କାର' ପରିଚିତ କଣ୍ଠସ୍ୱର ଶୁଣି ଚାରିଆଡ଼କୁ ଅନାଇଲା ବେଳକୁ ବାମ ପାର୍ଶ୍ୱ ବହି ଦୋକାନୀ ହାତ ଠାରି ତାଙ୍କୁ ଡାକିବା ପରି ମନେହେଲା । ଅଗତ୍ୟା ସେହି ଦୋକାନୀ ପାଖକୁ ଯାଇ ନିରିଖେଇ ଦେଖିଲା ପରେ ଜାଣିଲେ ଯେ ଦୋକାନୀ ଜଣକ ଜଗଦୀଶ ବାବୁ । ହସିହସି ଜଗଦୀଶ ବାବୁ କହିଲେ, "କ'ଣ ଏମିତି ଅନାଇଛନ୍ତି ? ଚିହ୍ନିପାରୁ ନାହାନ୍ତି ନା କ'ଣ ?"


ହସିକରି ନିକୁଞ୍ଜ ସାର୍ କହିଲେ, "ନା, ବହୁଦିନ ପରେ ଦେଖା ତ । ବୟସ ହେଲାଣି । ଏଣୁ ହଠାତ୍ ଚିହ୍ନି ହେଉଛି ବା କିପରି ? ଆଉ କେବେ ଅବସର ନେଲେ ? ଏ ବେପାର କେବେ ଠାରୁ ଆରମ୍ଭ କଲେଣି ?"

"ଆର ଡିସେମ୍ବରରୁ ଅବସର । ଆଉ ଏ ବେପାର ବାବା ନିର୍ଗୁଣାନନ୍ଦଙ୍କ ଉପଦେଶରୁ ଏଇ ଚାରିମାସ ହେବ ଆରମ୍ଭ ।"

"ମୂଳରୁ ଯିଏ ବାବାମାନଙ୍କୁ କଠୋର ସମାଲୋଚନା କରୁଥିଲା, ତାଙ୍କର ନାମ ପଡ଼ିଲେ ଛିଛି, ଥୁ ଥୁ କରୁଥିଲା, ସିଏ ପୁଣି ବାବାଙ୍କ ପ୍ରେମରେ ପଡ଼ିବ, ଏକଥା ଶୁଣି ମୋତେ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି, ସେତିକି ହସବି ଲାଗୁଛି । କେବେ ଏ ବାବାମାନଙ୍କର ମଳୋତ୍ପାଟନ ହେବ ମୁଁ ଜାଣି ପାରୁନି ।" "ଆମେ ସେତେବେଳେ ବାବାମାନଙ୍କୁ ବିରୋଧ କରୁଥିଲେ । ପ୍ରକୃତରେ ସେମାନଙ୍କୁ ନୁହେଁ ବରଂ ସେମାନଙ୍କ ଭଣ୍ଡାମିକୁ ଆମେ ପ୍ରବଳ ମାତ୍ରାରେ ଘୃଣା କରୁଥିଲେ । ଏବେବି ସେ ମନୋଭାବରୁ ଟିକେ ବି ପରିବର୍ତ୍ତନ ହୋଇନାହିଁ ମୋର ।"

"ତେବେ ଏ ବାବା ନିର୍ଗୁଣାନନ୍ଦ ମହାତ୍ମା ଜଣକ କିଏ ? ତାଙ୍କ ଚରଣାଶ୍ରିତ ହେବା କେଉଁ ମାନସିକତା ?" ପ୍ରଥମେ ମୁଁ ଭାବିଥିଲି, ନିର୍ଗୁଣାନନ୍ଦ ବାବା ସାଧୁସନ୍ଥଙ୍କ ପରି ଗୈରିକ ବସନାବୃତ, ଚନ୍ଦନ ଚର୍ଚ୍ଚିତ, କେଶ, ଶ୍ମଶ୍ରୁ ଲମ୍ବିତ ଜଣେ ବୟସ୍କ ବ୍ୟକ୍ତି ହୋଇଥିବେ । ମାତ୍ର ଦେଖିଲା ବେଳକୁ ମୋର କଳନାର ବାହାରେ ଥିବା ଜଣେ ସାଦାସିଧା ସରଳ ମଣିଷଟିଏ । ସେଠାକାର ଲୋକେ ତାଙ୍କୁ ଏହି ନାମରେ ନାମିତ କରିଛନ୍ତି । ସକାଳୁ ସକାଳୁ ଲୋକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରଳ ଉପାୟମାନ ବତାଇଥାନ୍ତି । ଯାହାକୁ ଲୋକେ ଏବେ ବାବାଙ୍କ ପ୍ରବଚନ ବୋଲି ପ୍ରଚାର କଲେଣି । ଅବସର ପରେ ଘରେ ଟିକିଏ ଅଶାନ୍ତି ଦେଖା ଦେବାରୁ ମୁଁ ଆମ ଗାଁର ଲୋକମାନଙ୍କ ସହିତ ତାଙ୍କ ପାଖକୁ ଯାଇଥିଲି । ତାଙ୍କ ଅଗାଧ ଜ୍ଞାନ ଓ ଗଭୀର ପାଣ୍ଡିତ୍ୟ ତଥା ଅଭିନବ ଦର୍ଶନ ମୋତେ ମୁଗ୍ଧ କରିଥିଲା । ତାଙ୍କର ଦର୍ଶିତ ମାର୍ଗ ଦ୍ୱାରା ମୋ ସମସ୍ୟା ଏକା ଥରେ ଶେଷ । ଏବେ ମୁଁ ବହୁତ ଖୁସିରେ ଅଛି ।"

"କିନ୍ତୁ ମୁଁ ବହୁତ ଅଶାନ୍ତି ମଧ୍ୟରେ କାଳ କାଟୁଛି ଜଗଦୀଶ ବାବୁ । ସଂସାରଟା ମୋତେ ନର୍କପୁର ପରି ପ୍ରତୀୟମାନ ହେଉଛି । କେତେବେଳେ କ'ଣ ଯେ କରି ବସିବି, ଭାବି ପାରୁନି । ଆପଣଙ୍କ କଥା ଶୁଣି ମୋର ମଧ୍ୟ ସେଇ ବାବାଙ୍କ ପାଖକୁ ଯିବାକୁ ମନ ହେଉଛି ।"



"ଠିକ୍ ଅଛି । କାଲି ତ ରବିବାର । ମାର୍କେଟ ବନ୍ଦ । ମୋର ବି ବିଶେଷ କିଛି କାମ ନାହିଁ । ଏଠୁ ମାତ୍ର ଘଣ୍ଟାଏ, ଦେଢ଼ଘଣ୍ଟାର ବାଟ । ୪୫/୫୦ କିଲୋମିଟର ରାସ୍ତା । ଆପଣ ଏଇ ଛକକୁ ସକାଳ ଛଅଟା ବେଳକୁ ପହଞ୍ଚନ୍ତୁ । ମୋ ବାଇକ୍‌ରେ ଦୁହେଁ ଚାଲିଯିବା । ଦେଖିବେ ଏକାଥରେ ଆପଣଙ୍କ ସମସ୍ୟା ସମାଧାନ ହୋଇଯିବ ଓ ଆପଣ କେତେ ଖୁସିରେ ଦେଖିବେ ଏକାଥରେ ଆପଣଙ୍କ ସମସ୍ୟା ସମାଧାନ ହୋଇଯିବ ଓ ଆପଣ କେତେ ଖୁସିରେ ରହିବେ ।"

ରାତିସାରା ନିକୁଞ୍ଜସାର୍‌ଙ୍କ ଆଖିକୁ ନିଦ ନାହିଁ । ସକାଳ ହେବା କ୍ଷଣି କିପରି ବାବାଙ୍କ ପାଖରେ ପହଞ୍ଚିବେ, ଭାବି ହେଉଥାନ୍ତି । ସବୁଦିନ ପରି ଭୋର ପାଞ୍ଚଟାରୁ ନିତ୍ୟକର୍ମ ସାରି ଛକଆଡ଼େ ଚାଲିଲେ । ପୂର୍ବ ଯୋଜନା ମୁତାବକ ଜଗଦୀଶବାବୁ ପହଞ୍ଚିଗଲେ ସେହି ସ୍ଥାନରେ । ଆଉ ତା'ପରେ ଦୁଇବନ୍ଧୁ ଆଗେଇଲେ ।

ବାବାଙ୍କ ଆଶ୍ରମ ପାଖରେ ପହଞ୍ଚି ନିକୁଞ୍ଜସାର୍ ଲକ୍ଷ୍ୟ କଲେ ବିଭିନ୍ନ କିସମର ଫୁଲ ଓ ଫଳ ଗଛରେ ଆଚ୍ଛାଦିତ ଛୋଟ କୋଠାଘରଟିଏ । ଘର ଭିତରୁ ଆଳତୀ ଘଣ୍ଟାର ଧ୍ୱନି ଓ ଧୂପର ମଧୁର ବାସ୍ନା ଭାସି ଆସି ଏକ ପବିତ୍ର ଭକ୍ତିଭାବ ସୃଷ୍ଟି କରୁଥାଏ । ବାବା ବୋଧହୁଏ ପୂଜାରେ ବ୍ୟସ୍ତ । ଉଦ୍ୟାନକୁ ଲାଗି ଗୋଟିଏ ପାର୍ଶ୍ୱର ଉପର ଆଜ୍‌ବେସ୍ଟସ୍ ଛାତ ଥିବା ଏକ ଖୋଲା ସ୍ଥାନରେ ଶତାଧିକ ଲୋକ ବସିବା ପାଇଁ ଦରି ପଡ଼ିଛି । ସେଥିରେ ପଚାଶ / ଷାଠିଏ ଜଣ ଲୋକ ବସିଥାନ୍ତି । ସାମ୍ନାରେ ଉଚ୍ଚ ପିଣ୍ଡା ପରି ଏକ ସ୍ଥାନରେ ଆସନଟିଏ ପଡ଼ିଥାଏ ଯେଉଁଥିରେ ବାବା ବସି ପ୍ରବଚନ ଦେଇଥାନ୍ତି ।

ଆଠଟା ବେଳକୁ ବାବା ଆସିଲେ । ଗୌରବର୍ଣ୍ଣ । ହସହସ ମୁଖମଣ୍ଡଳରେ ପ୍ରଶାନ୍ତିର ଆଭା । ବୟସ ପଚାଶ ପାଖାପାଖି । ଦେହରେ ଶୁଭ୍ର ରଙ୍ଗର ଧୋତି ଓ ପଂଜାବୀ । ସମସ୍ତେ ତାଙ୍କୁ ଅଭିବାଦନ କରିବା ପୂର୍ବରୁ ଓଲଟି ସେ ପ୍ରଥମେ ସମସ୍ତଙ୍କୁ ହାତଯୋଡ଼ି ପ୍ରଣାମ ଜଣାଇଲେ । ତତ୍ପରେ ଆସନରେ ଉପବେଶନ କରି କହିଲେ, "ଆପଣମାନେ ସ୍ୱାକ୍ଷର କରିଥିବା ଦୈନିକ ଉପସ୍ଥାନ ଖାତାରୁ ଆଜି ବହୁ ସଂଖ୍ୟାରେ ଅବସର ଗ୍ରହଣ କରିଥିବା ବ୍ୟକ୍ତି ଦୂର ଦୂରାନ୍ତରରୁ ଆସିଥିବା କଥା ଜାଣିଲି ।

ଆପଣମାନେ ନିଶ୍ଚୟ ଆପଣମାନଙ୍କ ସମସ୍ୟା ସମାଧାନ ପାଇଁ ଆସିଛନ୍ତି । ସେଥିପାଇଁ ମୁଁ ଆପଣମାନଙ୍କ ଆଗାମୀ କର୍ମପନ୍ଥା ନିମନ୍ତେ କିଛି ଆଲୋଚନା କରିବାକୁ ଯାଉଛି ।

ଆରମ୍ଭରୁ ମୁଁ ଏତକ କହିରଖେ ଯେ ମୁଁ କୌଣସି ଦିବ୍ୟ ଦ୍ରଷ୍ଟା ସାଧୁ, ସନ୍ୟାସୀ ବା ଚମତ୍କାରୀ ତାନ୍ତ୍ରିକ ବା ଅଲୌକିକ ଗୁଣ ସମ୍ପନ୍ନ ମହାପୁରୁଷ ନୁହେଁ । ଆପଣମାନଙ୍କ ପରି ସାମାନ୍ୟ ଜଣେ ସଂସାରୀ ମଣିଷ ମୁଁ ମାତ୍ର । ଏଇ ଘରେ ମୋର ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି । ଜୀବନରେ ମୁଁ ଯାହା ଶିକ୍ଷା କରିଛି, ଯାହା ଅଙ୍ଗେ ଲିଭାଇଛି ଓ ସମାଜର ଆବଶ୍ୟକତା ପାଇଁ ଯାହା ଦରକାର ବୋଲି ଅନୁଭବ କରିଛି, ସେସବୁକୁ ମୁଁ ସରଳ ଆକାରରେ ସମସ୍ତଙ୍କ ପାଖରେ ଉପସ୍ଥାପନ କରିଥାଏ ତଥା ସମସ୍ୟା ସମାଧାନର ସୂତ୍ର ବତାଇଥାଏ । ଏଣୁ ମୋତେ କେବେ ବି ସାଧାରଣ ମଣିଷଟିଏ ନଭାବି ଅନ୍ୟକିଛି ଭାବିବେ ନାହିଁ ବୋଲି ମୋର ଆପଣମାନଙ୍କୁ ଏକାନ୍ତ ଅନୁରୋଧ ।"

ପ୍ରଥମରୁ ବାବାଙ୍କ ନିରହଙ୍କାର ସ୍ପଷ୍ଟବାଦିତାରେ ମୁଗ୍ଧ ହୋଇ ପଡ଼ିଲେ ନିକୁଞ୍ଜ ସାର୍ । ବାବାଙ୍କ ପ୍ରତି ସ୍ୱତଃ ମନରେ ଏକ ଶ୍ରଦ୍ଧାଭାବ ଜନ୍ମିଲା । ବାବା ଆଉ କ'ଣ କହୁଛନ୍ତି ବୋଲି ଏକ ଲୟରେ ତାଙ୍କର ମୁଖକୁ ଚାହିଁ ରହିଲେ ।

ବାବା ପୁଣି ଆରମ୍ଭ କଲେ: "ସଂସାରରେ ମୁଁ ଦେଖିବାକୁ ପାଇଛି ଯେ ଅନେକ ଅବସର ଗ୍ରହଣ କରୁଥିବା ବ୍ୟକ୍ତି ପାରିବାରିକ ଜୀବନରେ ଅବହେଳିତ ହୋଇପଡ଼ନ୍ତି । ଘର ଠାରୁ ବାହାର ଯାଏଁ ସେମାନଙ୍କୁ ପୂର୍ବ ସମ୍ମାନ ମିଳେନାହିଁ । ଫଳରେ ସେମାନେ ମାନସିକ ସନ୍ତୁଳନ ହରାଇ ବସନ୍ତି ଓ ଅଳ୍ପଦିନରେ ରୋଗଗ୍ରସ୍ତ ହୋଇ ମୃତ୍ୟୁ ଲାଭ କରନ୍ତି ।

ଆପଣମାନଙ୍କ ମଧ୍ୟରୁ ମଧ୍ୟ ଏହି ସମସ୍ୟା ଅନେକଙ୍କର ନିଶ୍ଚୟ ଥିବ । ସ୍ତ୍ରୀ, ପୁଅ, ଝିଅ ଆଦି ପରିବାରଜନମାନେ ଆପଣମାନଙ୍କୁ ଠିକ୍ ଭାବେ ବୁଝିପାରୁ ନଥିବେ । ଫଳରେ ଆପଣମାନଙ୍କର ଏକପ୍ରକା ଚିଡ଼ଚିଡ଼ା ସ୍ୱଭାବ ଆସି ଯାଇଥିବ । ଏଣୁ ସେଥିରୁ ମୁକ୍ତି ଲାଭ କରି କିପରି ସୁନ୍ଦର, ଶାନ୍ତିମୟ, ନିରୋଗ ଜୀବନ କାଟିବେ, ସେଥିପାଇଁ ମୁଁ ଆପଣମାନେ ଜାଣିଥିବା, ଶୁଣିଥିବା ଏକ କାହାଣୀର ପୁନରାବୃତ୍ତି କରୁଛି ।

ବହୁତ ଦିନ ତଳର କଥା । ଗୋଟିଏ ରାଜ୍ୟରେ ଏକ ରାଜା ଦୋଷୀମାନଙ୍କ ପାଇଁ ଏକ କଠୋର ଦଣ୍ଡର ଆଇନ ପ୍ରଣୟନ କଲେ । ଏହି ଆଇନ ଅନୁସାରେ ଦୋଷୀମାନଙ୍କୁ ସମୁଦ୍ର ମଧ୍ୟରେ ଥିବା ହିଂସ୍ରଜନ୍ତୁପୂର୍ଣ୍ଣ ଏକ ଦ୍ୱୀପକୁ ନିର୍ବାସିତ କରାଗଲା । କିଛି ଦିନ ପରେ ସେ ବ୍ୟକ୍ତିର ପତ୍ତା ଆଉ ମିଳି ନଥାଏ ।

ଦିନେ ବହୁଲୋକଙ୍କୁ ଠକେଇ ଅନେକ ଧନ ଆତ୍ମସାତ କରିଥିବା ଠକକୁ ରାଜା ଭକ୍ତ ଦ୍ୱୀପକୁ ନିର୍ବାସିତ କଲେ । ରାଜକର୍ମଚାରୀମାନେ ଠକକୁ ନେଇ ଦ୍ୱୀପରେ ଛାଡ଼ିଦେଇ ରାଜନବରକୁ ଫେରିଗଲେ । ଠକ ଜଣକ କୁଆଡ଼େ ଯିବ, କ'ଣ କରିବ ବୋଲି ଭାବୁଥିବା ସମୟରେ ଦଳେ ଜଙ୍ଗଲୀ ଲୋକ ବାଜା ବଜାଇ ତା' ପାଖରେ ପହଞ୍ଚିଲେ । ସେ କିଛି କହିବ ପୂର୍ବରୁ ସେମାନେ ଜୟ ଜୟକାର ଧ୍ୱନି ଦେଇ ତାକୁ ଟେକି ନେଇଗଲେ । ଠକ କିଛି ବୁଝି ପାରୁନଥାଏ । ତାକୁ କେଉଁଠାକୁ ନେଉଛନ୍ତି, କାହିଁକି ନେଉଛନ୍ତି ବୋଲି ପଚାରିବାକୁ ଠକର ସାହସ ଆସୁନଥାଏ । ତଥାପି ଡରି ଡରି ଜଣକୁ ପଚାରିଲା ତାକୁ କୁଆଡ଼େ ନେଉଛନ୍ତି ? ଲୋକଟି ହସି ଦେଇ ବିନୀତ ସ୍ୱରରେ କହିଲା, "ତୁଇ ଆଜି ଠାରୁ ଆମର ରାଜା । ଏ ଦ୍ୱୀପକୁ କେଇ ନୂଆ ଆସିଲେ ସେ ଆମର ରାଜା ହୁଏ । ପାଞ୍ଚ ବରଷ ଯାଏଁ ସେ ଶାସନ କରିବ ।"

ଠକ ଶୁଣୁଥାଏ ଲୋକଟି କଥା । ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରାଜା । ଆଉ ତା'ପରେ ? ଲୋକଟି କହିଲା, "ପାଞ୍ଚ ବରଷ ପରେ ତୁତେ ନେଇ ଜଙ୍ଗଲ ମଝିରେ ଛାଡ଼ି ଦେଇ ଆସିବା । ସେଠାରେ ବାଘ, ସିଂହ, ଭାଲୁ ଯାହା କର୍‌ବା କଥା କର୍‌ବେ" କହି ହିହି ହୋଇ ହସି ଉଠିଲା ଲୋକଟି । ଠକ କିନ୍ତୁ ମହାଚାଲାକ ଓ ଦୂରଦୃଷ୍ଟିସମ୍ପନ୍ନ ଥିଲା । ଏଣୁ ରାଜା ହେବାର ଅଳ୍ପ ଦିନ ପରେ ପୂର୍ବୋକ୍ତ ଘଞ୍ଚ ଜଙ୍ଗଲ ପୂର୍ଣ୍ଣ ଅଞ୍ଚଳକୁ କାଟି ସଫା କରାଇଲା ଓ ସେଠାରେ ଗୃହନିର୍ମାଣ କରାଇଲା । ରାଜ୍ୟରୁ ଉକ୍ତ ଅଞ୍ଚଳକୁ ରାସ୍ତା ନିର୍ମାଣ କରାଇ ସେଠାରେ ଦୋକାନ, ବଜାର ବସାଇଲା । ଜଙ୍ଗଲ କାଟି ତାହାକୁ କୃଷି ଉପଯୋଗୀ ଭୂମିରେ ପରିଣତ କରାଇଲା । ଅନେକ ଜଳାଶୟ ସେଠାର ଖନନ କରାଇଲା । ସେଠାରେ ଅନେକ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ବାସଗୃହ ଯୋଗାଇ ଦିଆଗଲା । ଫଳରେ ଲୋକେ ସେଠାରେ କୃଷି, ପଶୁପାଳନ କରି ମହାଆନନ୍ଦରେ ରହିଲେ ଓ ରାଜାଙ୍କ ଜୟଜୟକାର ଗାନ କରିବାକୁ ଲାଗିଲେ । ସେହି ମଉକାରେ ରାଜା ଏକ ନୂତନ ରାଜପ୍ରାସାଦ ସେଠାରେ ନିର୍ମାଣ କରାଇ ନେଲେ ଓ ସେଠାକାର ବାସିନ୍ଦାମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଲେ ।

ଠକର ଜୀବନରେ ନିର୍ଦ୍ଧାରିତ ଦିନ ଆସି ପହଞ୍ଚିଗଲା । ମନ୍ତ୍ରୀ, ସେନାପତି, ରାଜ ପୁରୋହିତ ସମସ୍ତେ ରାଜାଙ୍କୁ ସସମ୍ମାନେ ଭକ୍ତ ସ୍ଥାନକୁ ବିଦାୟ ଦେଲେ । ରାଜା ସେଠାରେ ପହଞ୍ଚିବା ମାତ୍ରେ ସେଠାକାର ଅଧିବାସୀ ଆଦରରେ ରାଜାଙ୍କୁ ନୂତନ ରାଜପ୍ରାସାଦକୁ ପାଛୋଟି ନେଇଥିଲେ ଓ ସେଠାକାର ରାଜା ଭାବେ ଅଭିଷିକ୍ତ କରାଇଥିଲେ । ରାଜା ସେଠାକାର ଲୋକମାନଙ୍କୁ ନେଇ ଏକ ସୈନ୍ୟବାହିନୀ ଗଠନ କରି ପୂର୍ବ ରାଜ୍ୟକୁ ଆକ୍ରମଣ କରିବାକୁ ଅଗ୍ରସର ହେଲେ । ସେତେବେଳକୁ ସେଠାରେ ନୂତନ ରାଜା ସିଂହାସନରୂଢ଼ ହୋଇ ନଥାନ୍ତି । ଏଣୁ ମନ୍ତ୍ରୀ, ସେନାପତି ବାଧ୍ୟ ହୋଇ ରାଜାଙ୍କ ସହ ସନ୍ଧି କରି ଦୁଇ ରାଜ୍ୟର ରାଜା ଭାବେ ଠକକୁ ଗ୍ରହଣ କରିନେଲେ ।

ଏଣୁ ଏ କାହାଣୀରୁ ଆପଣମାନେ ଜାଣି ସାରିଥିବେ ନିଶ୍ଚୟ ଠକ ଦୂରଦୃଷ୍ଟିସମ୍ପନ୍ନ ଥିଲା । ଆଳସ୍ୟ ପରାୟଣ ହୋଇ ସାମୟିକ

ଭୋଗବିଳାସରେ ବୁଡ଼ି ରହିବାକୁ ଚାହିଁ ନଥିଲା । ଏଣୁ ରାଜା ହେବା ଦିନରୁ ଆଗାମୀ କର୍ମପନ୍ଥା ସ୍ଥିର କରି ତା' ଯୋଜନାରେ ଲାଗିପଡ଼ିଲା । ଯେଉଁଥିପାଇଁ ସେ ଅନ୍ୟମାନଙ୍କ ପରି ଅସହାୟ ଭାବେ ହିଂସ୍ରଜନ୍ତୁଙ୍କର ଖାଦ୍ୟ ପାଲଟି ନଯାଇ ଜୀବନର ଅବଶିଷ୍ଟ ଦିନ ସୁଖରେ କାଟିଥିଲା ।

ସମସ୍ତେ ସେହିପରି ନିଜ ସରକାରୀ କର୍ମମୟ ଜୀବନର ଶେଷଦିନ କେବେ ଆସୁଛି ଜାଣିଥିବେ ନିଶ୍ଚୟ । ତେଣୁ ତା'ପରେ କ'ଣ କରିବେ ସେପାଇଁ ବହୁପୂର୍ବରୁ ଏକ ଯୋଜନା ପ୍ରସ୍ତୁତ କରିନେବା ଉଚିତ । ଗୋଟିଏ କଥା ଲକ୍ଷ୍ୟ କରିଥିବେ, ଅର୍ଥ ହିଁ ସବୁ ଅନର୍ଥର ମୂଳକାରଣ । ଅର୍ଥ ସରିଗଲେ ବା କମିଗଲେ ଭୋଗ କରିଆସୁଥିବା ସୁବିଧା ଊଣା ହୋଇଯାଏ । ଫଳରେ ନିଜ ଭିତରେ, ପରିବାର ଭିତରେ ଓ ବାହାରେ ମଧ୍ୟ ତୀବ୍ର ବିରୋଧ ଆରମ୍ଭ ହୋଇଯାଏ । ମାନସିକ ଅଶାନ୍ତି ମଧ୍ୟକୁ ନାନା ରୋଗ ଆପେ ଆପେ ପେଲି ହୋଇଆସେ ଏବଂ ଶେଷରେ ଯାହାହୁଏ, ଆପଣମାନେ ବୁଝି ପାରୁଥିବେ ।

ସମସ୍ତେ ଅବସର ଜୀବନ କଥା କୁହନ୍ତି । ସେ ଶବ୍ଦଟା ଶୁଣି ମୋତ ହସ ଲାଗେ । କାହିଁକି ଜାଣନ୍ତି ? ଏ କର୍ମମୟ ଜୀବନରେ ଅବସର ଆସିଲା କେଉଁଠୁଁ ଆପଣମନେ ସରକାରଙ୍କ ତାଲିକାଭୁକ୍ତ ଗୋଟିଏ କର୍ମରେ ନିଯୁକ୍ତ ଥିଲେ, ଷାଠିଏ ବର୍ଷ ପରେ ସେଠାରୁ ଆସି ଆଉ ପଚାଶଟା କର୍ମାର ନିଯୁକ୍ତି ହେଲେ । ପୂର୍ବ କର୍ମରେ ମନଇଚ୍ଛା ବୁଲିବାରୁ ଥିଲେ, ଖର୍ଚ୍ଚ କରି ପାରୁଥିଲେ ଆଉ ଯାହା ଯାହା କରୁଥିଲେ । କିନ୍ତୁ ପରକର୍ମରେ ଯାହା ବି କରା ହେବ, ସବୁ ଭାବି ଭାଗମାପ କରି କରାହେବ । ଇଚ୍ଛା ଥିଲେ ମଧ୍ୟ କେଉଁଠି ବେଶି ସମୟ ଗପି ପରିବେନି କି କେଉଁଠି ପାଞ୍ଚଦିନ ରହି ପାରିବେନି । ଆପଣମାନଙ୍କ ଆଖି ଆଗରେ ଗୋଟାକ ପରେ ଗୋଟାଏ କନି ନାଚି ଉଠିବ । ସେଥିପାଇଁ ଗୋପବନ୍ଧୁଙ୍କର ଗୋଟାଏ ପଦ ମନେ ପଡ଼ିଯାଉଛି-

"ରହିତା ଜଞ୍ଜାଳ ବିଷମ ଜଗତେ, ସଂସାରୀ ସୋଦର ବାନ୍ଧବ ସଙ୍ଗତେ / ଇଚ୍ଛାମତେ କାହୁଁ ଚଳିବ ବା ଜନ, ସମାଜେ ନିଜର ନିଜ ନୁହେଁ ମନ ।"

ଏତକ ମନେ ରଖନ୍ତୁ ଯେ ପ୍ରତ୍ୟେକଙ୍କର କର୍ମରେ ତିନିଙ୍କର ଉପକାର ସାଧିତ ହୋଇଥାଏ । ପ୍ରଥମେ ନିଜର, ଦ୍ୱିତୀୟରେ ଆପଣଙ୍କ ପରିବାରର ଓ ତୃତୀୟରେ ସମାଜର । ସମସ୍ତଙ୍କ ମଧ୍ୟରେ ଅନେକ ଗୁଣ ଭରି ରହିଥାଏ । ପୁଣି ସମସ୍ତଙ୍କର ଗୁଣ, ରୁଚି, ଆଗ୍ରହ ଭିନ୍ନ ଭିନ୍ନ । ଏଣୁ ଆପଣମାନେ ଆପଣଙ୍କ ମଧ୍ୟରେ ଥିବା ସେଇ ଗୁଣ, ରୁଚି, ଆଗ୍ରହକୁ ବର୍ତ୍ତମାନ ସୁନ୍ଦର ଭାବେ ଉପଯୋଗ କରନ୍ତୁ । ଦୀର୍ଘ ଅଭିଜ୍ଞତା ବି ଆପଣମାନଙ୍କର ଅଛି । ଉଦାହରଣ ସ୍ୱରୂପ ଶିକ୍ଷକଟିଏ ସରକାରୀ କାର୍ଯ୍ୟରୁ ଅବସର ପରେ ଘରେ ବସି ନରହି ବିଭିନ୍ନ ବେସରକାରୀ ଆବାସିକ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରି ପାରିବେ । କିମ୍ବା ନିଜେ କୋଚିଂ ସେଣ୍ଟରଟିଏ ଖୋଲି ଶିକ୍ଷାଦାନ କରି ପାରିବେ । ଏହାଛଡ଼ା ଘରୋଇ ଭାବେ ପିଲାମାନଙ୍କୁ ମଧ୍ୟ ଶିକ୍ଷାଦାନ କରି ପାରିବେ । ଏହାଦ୍ୱାରା ଆପଣଙ୍କର ଜ୍ଞାନ ବୃଦ୍ଧି ହେଲା, ଦ୍ୱିତୀୟରେ ପାଇଥିବା ପାରିଶ୍ରମିକରେ ପରିବାରର ଅଭାବ ମେଣ୍ଟିଲା ଓ ତୃତୀୟରେ ଆପଣଙ୍କ ସଫଳ ଶିକ୍ଷାଦାନରେ କୃତୀ ଛାତ୍ରଟିଏ ବାହାରି ସମାଜର ହିତ ସାଧନ କଲା ।

**ପରିବାର ଏକ ମନ୍ଦିର ସଦୃଶ । ସେଠାରେ ନିଷ୍ଠାବାନ ପୂଜାରୀର ଆବଶ୍ୟକ ଥାଏ । କ୍ରୋଧ, ଲୋଭ, ହିଂସା, ଆସକ୍ତି, ପରଶ୍ରୀକାତରତା, ସ୍ୱାର୍ଥପରତା, ଆଳସ୍ୟପରାୟଣତା, ନିର୍ଭରଶୀଳତାକୁ ତ୍ୟାଗ କଲେ ଜଣେ ନୀତିନିଷ୍ଠ ପୂଜାରୀ ହୋଇ ପାରିବ । ଆଉ ଏହି ପୂଜାରୀର କର୍ମ ପରିବାରର ବଡ଼ମାନେ କରିଥାନ୍ତି । ବଡ଼ ଆଗେ ହାତ ବଢ଼ାଏ, ସାନ ପରେ । ବଡ଼ ଆଗ ଉଦାହରଣ ସୃଷ୍ଟି କରେ, ତାଙ୍କୁ ଦେଖି ଅନ୍ୟମାନେ ହୁଅନ୍ତି । ଏଣୁ ଆପଣମାନେ ପ୍ରଥମେ ବ୍ୟବହାର, ସ୍ୱଭାବ ପରିବର୍ତ୍ତନ କରି ଏମିତି ଏକ ସୁସ୍ଥ ବାତାବରଣ ସୃଷ୍ଟି କରନ୍ତୁ, ଯେଉଁଥିରେ ନର୍କପୁରୀ ସଦୃଶ ମନେ ହେଉଥିବା ଘର ସ୍ୱର୍ଗପୁରୀରେ ପରିଣତ ହୋଇଯିବ ।**

ସେହିପରି କେହି ନିଜର ସଂଚିତ ଅର୍ଥରେ ବ୍ୟବସାୟଟିଏ ଆରମ୍ଭ କରିପାରିବ । ବଡ଼ ନହେଉ ଛୋଟ ଏକ ଦୋକାନଟିଏ ତ କରିପାରିବେ । ବ୍ୟବସାୟ କିଛି ଲଜ୍ଜାର କଥା ନୁହେଁ । ବିଭିନ୍ନ ସେବା ମଧ୍ୟରେ ବ୍ୟବସାୟ ମଧ୍ୟ ଏକ ସେବା । ଏଥିରେ ସମ୍ମାନ ଚାଲିଯିବାର ଭୟନାହିଁ । ଆପଣମାନଙ୍କ ରୁଚି ଅନୁଯାୟୀ ଯେକୌଣସି ବ୍ୟବସାୟ ଆରମ୍ଭ କରିପାରନ୍ତି । ଅଳ୍ପରେ ପ୍ରଥମେ ଆରମ୍ଭ କରନ୍ତୁ । ଦେଖନ୍ତୁ କେତେ ଖୁସି ଲାଗୁଛି ଓ ଶାନ୍ତି ମିଳୁଛି ।

ସେହିପରି ନିଜ ଘର ପାଖ ଛୋଟ ବାଡ଼ି, ବଗିଚାରେ ବା ଜାଗା ନଥିଲେ ଘରର ଛାତ ଉପରେ କିଚେନ୍ ଗାର୍ଡେନଟିଏ ଆରମ୍ଭ କରନ୍ତୁ । ଥରେ ସେଥିରେ ମଜ୍ଜିଗଲେ, ସମୟ ପାଇବେ ନାହିଁ ଆଉ କେଉଁଠାକୁ ଯିବାକୁ ବା କାହାସହ ଗପିବାକୁ । ଗେଣ୍ଡୁଫୁଲର ଚାହିଦା ବର୍ଷସାରା ବଜାରରେ ଅଧିକ । ତାକୁ ଚାଷ କରିପାରନ୍ତି ବା ପନିପରିବା କରିପାରନ୍ତି । ଘରେ ଖାଇ ଖାଇ ଶେଷରେ ବିକ୍ରିକରି ଅର୍ଥ ରୋଜଗାର କରି ପାରିବେ । ଶାରୀରିକ ପରିଶ୍ରମ ଦ୍ୱାରା ଦ୍ୱାରା କ୍ଷୁଧା ନିଦ୍ରା ସଠିକ ଭାବେ ହେଲା । ଶରୀର ସୁସ୍ଥ ରହିଲା ।

ଏହା ବ୍ୟତୀତ ଯେଉଁମାନଙ୍କର ସାହିତ୍ୟ ଜ୍ଞାନ ଅଛି, ଏବେ ପ୍ରଚୁର ସମୟ ସେମାନଙ୍କ ଠାରେ । ଜୀବନସାରା ସେମାନଙ୍କ ଅଭିଜ୍ଞତା ଓ ଅନୁଭବକୁ ରୂପ ଦିଅନ୍ତୁ । ଏବେବି ଆମ ଭାଷାରେ ଭଲ ସାହିତ୍ୟର ଅଭାବ ଅଛି । ଗୋଟିଏ ସଫଳ ସୃଷ୍ଟି ସେମାନଙ୍କୁ କେଉଁଠୁ ନେଇ କେଉଁଠି ପହଞ୍ଚାଇବ, ସେମାନେ ଭାବି ପାରିବେ ନାହିଁ । ବାକି ବାଦ୍ୟକାର, ସଙ୍ଗୀତଜ୍ଞଙ୍କର ଆଦର ସବୁବେଳେ ରହିଛି । ମିଡ଼ିଆବୃନ୍ଦ ସେମାନଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ବେଶି ସମୟ ଲାଗିବ ନାହିଁ ।

ଏସବୁ ଛଡ଼ା ଗାଁ ବା ସହରରେ ଥିବା ବିଭିନ୍ନ ଅନୁଷ୍ଠାନ ସହ ନିଜକୁ ଜଡ଼ିତ କରାଇ ଲୋକହିତକର କାର୍ଯ୍ୟ କରିପାରନ୍ତି । ଲୋକମାନଙ୍କର ସମସ୍ୟାକୁ ସ୍ୱତଃ ପ୍ରବୃତ୍ତ ଭାବେ ବିଭିନ୍ନ କାର୍ଯ୍ୟାଳୟରେ ପହଞ୍ଚାଇ ସମାଧାନ କରାନ୍ତୁ । ଦେଖିବେ ଅଳ୍ପଦିନରେ ଆପଣଙ୍କ ସୁନାମ ଚାରିଆଡ଼େ ବ୍ୟାପିଯିବ ଓ ବିଭିନ୍ନ ରାଜନୈତିକ ଦଳ ଆପଣଙ୍କୁ ନିର୍ବାଚନରେ ପ୍ରାର୍ଥୀ କରାଇବାକୁ ପ୍ରସ୍ତାବ ଦେବେ ।

ସର୍ବୋପରି ଏହି ସମୟରେ ଆପଣମାନେ ନୀତିନିଷ୍ଠ ଭାବେ ଈଶ୍ୱରୋପାସନା କରନ୍ତୁ । ପ୍ରତ୍ୟହ ଗୀତା, ଭାଗବତ କିଛି ସମୟ ପାଠ କରନ୍ତୁ । ଗାଁ ବା ସହରରେ ଥିବା ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା କରନ୍ତୁ ଓ ନିଜକୁ ଈଶ୍ୱରଙ୍କ ସହିତ ଜଡ଼ିତ କରାଇଦିଅନ୍ତୁ ।

କେବେ ବି ନିଜକୁ ବୃଦ୍ଧ ଓ ଅକର୍ମଣ୍ୟ ବୋଲି ଭାବନ୍ତୁ ନାହିଁ । ଯିଏ ଅନ୍ୟ ଉପରେ ନିର୍ଭର କରନ୍ତି, ତାକୁ ବାଳ ବା ବୃଦ୍ଧ ବା ଶାରୀରିକ ବିକଳାଙ୍ଗ କୁହାଯାଏ । ଆପଣ ମାନେ ତ ସକ୍ଷମ, ନିଜେ ଚାଲବୁଲ୍ କରି ପାରୁଛନ୍ତି, ନିଜର କର୍ମ କରି ପାରୁଛନ୍ତି । ଏଣୁ ଆପଣମାନେ ବୃଦ୍ଧ କିପରି ? ଆପଣମାନେ ଷାଠିଏ ବା ପଞ୍ଚଷଠି ବା ସତୁରି ଆଦି ବର୍ଷର ଯୁବକ । ଆପଣମାନଙ୍କ ଦ୍ୱାରା ଆଉ କିଛି ହେବ ନାହିଁ ବୋଲି ଭାବନ୍ତୁ ନାହିଁ କିମ୍ବା ଆପଣମାନେ ଏବେ ଖାଲି ଖାଇପିଇ ବିଶ୍ରାମ ନେବା ଉଚିତ ବୋଲି ଭାବନ୍ତୁ ନାହିଁ । ଆପଣମାନଙ୍କ ଦ୍ୱାରା ସବୁକିଛି ସମ୍ଭବ । ଅସାଧ୍ୟ ମଧ୍ୟ ସାଧନ ହେବ । ଖାଲି ଦୃଢ଼ ବିଶ୍ୱାସ ଓ ପ୍ରଗାଢ଼ ଚେଷ୍ଟାର ଆବଶ୍ୟକ ।

କେବେ ଭାବନ୍ତୁ ନାହିଁ ଯେ ଘରେ ମୁଁ ଏ କାମ କଲି ବା କରୁଛି । ଅନ୍ୟମାନେ କାହିଁକି ନକରିବେ ?



ମୁଁ କାହିଁକି ବେଶି ଖର୍ଚ୍ଚ କରିବି ? ସମସ୍ତେ ସମାନ ଖର୍ଚ୍ଚ ବହନ ନକରିବେ କାହିଁକି ? ମୁଁ ବେଶି ଭୋଗ କରିବା ଉଚିତ । ବେଶି ସମ୍ମାନ ପାଇବା ଉଚିତ । କିଛି ମନେ କରିବେ ନାହିଁ, ଅପ୍ରିୟ ସତ୍ୟକଥା ଏହି ଯେ, ଏହିସବୁ ସ୍ୱଭାବ ଚାକିରିଆ ବାଲାଙ୍କର ବେଶ ମାତ୍ରାରେ ଥାଏ । ଚାକିରି ଜୀବନ ପରେ ସେମାନେ ଖଟିଖିଆ, ଚିଡ଼ଚିଡ଼ା ସ୍ୱଭାବର ହୋଇ ଯାଆନ୍ତି । ଏହାର କାରଣ ହେଉଛି କର୍ମକ୍ଷେତ୍ରରେ ସେମାନେ ଶୃଙ୍ଖଳିତ, ଆଜ୍ଞାବହ ଓ ନୀତି ପରାୟଣ ହୋଇଥାନ୍ତି । ସମୟାନୁବର୍ତ୍ତିତା, ପରିଷ୍କାର, ପରିଚ୍ଛନ୍ନତା, କର୍ତ୍ତବ୍ୟ ପରାୟଣତା ମଧ୍ୟରେ ନିଜର ଜୀବନ କାଟି ଆସିଥାନ୍ତି । ବହୁଦିନ ଧରି ସେହି ସ୍ୱଭାବରେ ଅଭ୍ୟସ୍ତ ହୋଇଯିବା ଫଳରେ ନିଜ ଘରେ ମଧ୍ୟ ସେମାନେ ସେହି ପ୍ରକାରର ବ୍ୟବହାର ଦେଖାଇଥାନ୍ତି ଓ କାର୍ଯ୍ୟକ୍ଷେତ୍ରରେ ପାଉଥିବା ସମ୍ମାନକୁ ନିଜ ଘରେ ଆଶା କରନ୍ତି । ଯେଉଁଥିପାଇଁ ଦେଖାଦିଏ ନାନା ଅଶାନ୍ତି । କିନ୍ତୁ ସେମାନେ ଭୁଲି ଯାଆନ୍ତି ଯେ ସେମାନଙ୍କ ଘର ଏପରି ଏକ ସ୍ଥାନ, ସେଠାରେ ଆଦେଶ ବଦଳରେ ଅନୁରୋଧ ଚାଲେ । ଦୟା, ଅନୁକମ୍ପା ନୁହେଁ, ସ୍ନେହ, ମମତା ଓ ସ୍ମିତ ହାସ୍ୟରେଖାଟିଏ ସମସ୍ତେ ଚାହିଁଥାନ୍ତି । ସବୁ ରାଗ, ରୁଷା, ମାନ ଅଭିମାନ, ପାଟି ତୁଣ୍ଡ ମଧ୍ୟରେ ଏକ ମଧୁର ଅନାବିଳ ଭଲପାଇବାର ଫଲଗୁ ପ୍ରବାହିତ ହେଉଥାଏ ।

ପିଲାମାନେ ବୁଢ଼ା ବୁଢ଼ୀ ହେବା ଯାଏଁ ବାପା, ମା' ପାଖରେ ଛୁଆ । ଶିଶୁଥିବା ବେଳେ ସେମାନଙ୍କ ଅଳି, ଅଝଟ ସହୁଥିଲେ । ସେମାନେ ପାରିବେ ନାହିଁ ବୋଲି ସବୁ ନିଜେ କରୁଥିଲେ । ଏବେ ସେହି ପୂର୍ବ ମନୋଭାବ ସେମାନଙ୍କ ପାଖରେ ରଖିଲେ କ୍ଷତି କ'ଣ ?

ସେହିପରି ନବ ବିବାହିତା ପତ୍ନୀଙ୍କ ପ୍ରତି ଆପଣ ଦେଖାଇଥିବା ପୂର୍ବ ସ୍ନେହ, ପ୍ରେମ ଭାବ ଶେଷ ପର୍ଯ୍ୟନ୍ତ ନ ରଖିବେ କାହିଁକି ? ଏ ବୟସରେ ଆପଣ ଯେପରି ତାଙ୍କ ଠାରୁ ସ୍ନେହ, ଆଦର, ସେବା ସମ୍ମାନ ଆଶା କରୁଛନ୍ତି, ସେ ମଧ୍ୟ ସମପରିମାଣର ବ୍ୟବହାର ଆପଣଙ୍କ ଠାରୁ ଆଶା କରୁଥିବେ । ଆପଣଙ୍କ ସ୍ୱାଭିମାନ, ମାନ ମର୍ଯ୍ୟାଦା ଅଛି, ଅଥଚ ସେହି ଭାବ ତାଙ୍କର ନାହିଁ ବୋଲି ଆପଣ ଭାବୁଛନ୍ତି କିପରି ?

ବାକି ପୁଅ, ବୋହୂଙ୍କ କର୍ଯ୍ୟର ଅଙ୍କୁଶ ଲଗାନ୍ତୁ ନାହିଁ । ସେମାନେ ଠକନ୍ତୁ । ଠକିଲେ ଶିଖିବେ । ସେଥିରେ ସେମାନଙ୍କ ଅଭିଜ୍ଞତା ଆସିବ । ଆପଣମାନେ ତ ଆଉ ସବୁଦିନ ରହିବେନି କି ମୃତ୍ୟୁ ପରେ ସେମାନେ କ'ଣ କରୁଛନ୍ତି ଦେଖିବେନି । ଏଣୁ ଆପଣମାନଙ୍କ ଜୀବିତାବସ୍ଥାରେ ସେମାନଙ୍କୁ ଘରର ଦାୟିତ୍ୱ ଦିଅନ୍ତୁ । ଆବଶ୍ୟକ ନପଡ଼ିଲେ କିଛି ମତାମତ କିମ୍ବା ଉପଦେଶ ଦିଅନ୍ତୁ ନାହିଁ ।

ଆଉ ଆପଣମାନଙ୍କ ଗେହ୍ଲା ଝିଅ ଯେପରି ଅନ୍ୟ ଘରର ବୋହୂ, ସେହିପରି ଆପଣଙ୍କ ବୋହୂ ମଧ୍ୟ ଅନ୍ୟ କାହାର ଗେହ୍ଲେଇ ଝିଅ ବା ନାତୁଣୀ ହୋଇଥିବ । ଏଣୁ ବୋହୂକୁ ଝିଅ ପରି ମନେକରି ତା'ର ସକଳ ଦୋଷକୁ କ୍ଷମା କଲେ ସେ ଆପଣଙ୍କୁ ତା'ର ପିତାଙ୍କ ପରି ଯଥୋଚିତ ସମ୍ମାନ ଦେବାକୁ କେବେ ଭୁଲିବ ନାହିଁ ।

ପରିବାର ଏକ ମନ୍ଦିର ସଦୃଶ । ସେଠାରେ ନିଷ୍ଠାବାନ ପୂଜାରୀର ଆବଶ୍ୟକ ଥାଏ । କ୍ରୋଧ, ଲୋଭ, ହିଂସା, ଆସକ୍ତି, ପରଶ୍ରୀକାତରତା, ସ୍ୱାଧରପତା, ଆଳସ୍ୟପରାୟଣତା, ନିର୍ଭରଶୀଳତାକୁ ତ୍ୟାଗ କଲେ ଜଣେ ନୀତିନିଷ୍ଠ ପୂଜାରୀ ହୋଇ ପାରିବ । ଆଉ ଏହି ପୂଜାରୀର କର୍ମ ପରିବାରର ବଡ଼ମାନେ କରିଥାନ୍ତି । ବଡ଼ ଆଗେ ହାତ ବଢ଼ାଏ, ସ୍ଥାନ ପରେ । ବଡ଼ ଆଗ ଉଦାହରଣ ସୃଷ୍ଟି କରେ, ତାଙ୍କୁ ଦେଖି ଅନ୍ୟମାନେ ହୁଅନ୍ତି । ଏଣୁ ଆପଣମାନେ ପ୍ରଥମେ ବ୍ୟବହାର, ସ୍ୱଭାବ ପରିବର୍ତ୍ତନ କରି ଏମିତି ଏକ ସୁସ୍ଥ ବାତାବରଣ ସୃଷ୍ଟି କରନ୍ତୁ, ଯେଉଁଥିରେ ନର୍କପୁରୀ ସଦୃଶ ମନେ ହେଉଥିବା ଘର ସ୍ୱର୍ଗପୁରୀରେ ପରିଣତ ହୋଇଯିବ ।

ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କର ସବୁ ଅନୁଶୋଚନାର ପରିସମାପ୍ତି ଘଟିଥିଲା ଯେପରି । ଗଭୀର ଆନନ୍ଦରେ ସମସ୍ତ ମନପ୍ରାଣ ଭରି ଉଠିଥିଲା । ନିଜ ଠାରେ ପରମଶାନ୍ତି ସମସ୍ତେ ଅନୁଭବ କରୁଥିଲା । ଭବିଷ୍ୟତ କର୍ମପନ୍ଥା ସମସ୍ତଙ୍କୁ ଜଳଜଳ ହୋଇ ଦିଶୁଥିଲା । ହସ ହସ ମୁଖରେ ସମସ୍ତେ ବାବାଙ୍କ ଠାରୁ ବିଦାୟ ନେଇଥିଲେ ।

କିନ୍ତୁ ନିଜ ସ୍ଥାନରେ ତଳକୁ ମୁହଁ ପୋତି ଗୁମ୍ ହୋଇ ବସିଥିଲେ ନିକୁଞ୍ଜ ସାର୍ । ବାବା ଆସି ତାଙ୍କ ପାଖରେ ପହଞ୍ଚି କହିଲେ, "କ'ଣ ଆପଣ ଘରକୁ ଫେରିବେନି ?"

କୋହ ମିଶା ସ୍ୱରରେ ନିକୁଞ୍ଜ ସାର୍ କହିଲେ, "ଆଜ୍ଞା, ମୋ ଘର ନର୍କପୁରୀର ପରିଣତ ହୋଇସାରିଛି । ମୋର ସକଳ ଚେଷ୍ଟା ଧୂଳିସାତ ହୋଇଯାଇଛି । ଏଣୁ ସେଠାକୁ ଯିବାକୁ ମୋର ଆଉ ଆଗ୍ରହ ନାହିଁ । ଏପରି କୌଣସି ପବିତ୍ର ସ୍ଥାନର ସନ୍ଧାନ ମୋତେ ଦିଅନ୍ତୁ । ଯେଉଁଠାରେ ମୁଁ ଶାନ୍ତିରେ ଅବଶିଷ୍ଟ ଦିନ କାଟି ପାରିବି ।" ବାବା ହସି ଦେଇ ତାଙ୍କୁ କହିଲେ, "ଆପଣଙ୍କୁ ଏପରି ଏକ ସ୍ୱର୍ଗପୁରୀକୁ ଯାଆନ୍ତୁ । ଠିକ୍ ସାତଦିନ ପରେ ଏଠାକୁ ଆସିବେ । ମୁଁ ଆପଣଙ୍କୁ ଏପରି ଏକ ସ୍ୱର୍ଗପୁରୀକୁ ନେଇଯିବି, ଯେଉଁଠାରେ ଆପଣ ପରମ ଶାନ୍ତିରେ ଜୀବନ କାଟିବେ । କିନ୍ତୁ ଏହି ସାତଦିନ ମୋ ଉପଦେଶ ଅନୁସାରେ କାର୍ଯ୍ୟ କରିବାକୁ ମୋର ଅନୁରୋଧ ।"

ବିଦାୟ ନେଇ ଚାଲିଗଲେ ନିକୁଞ୍ଜସାର୍ । ତାଙ୍କ ଯିବା ପରେ ବାପାଙ୍କ ପାଖରେ ଥିବା ଯୁବକଟି ବାବାଙ୍କୁ କହିଲେ, "ବାବା ସାତଦିନ ପରେ ସେ ଆସିଲେ, ଆପଣ କେଉଁଠକୁ ନେଇଯିବେ ?" ବାବା ହସିଦେଇ କହିଲେ, "ସେ ନର୍କପୁରୀରୁ ସାର୍ ଆଉ କେବେ ବି ଆସିବେନି ।" କିଛି ବୁଝିନପାରି ବୋକାଙ୍କ ପରି ବାବାଙ୍କ ମୁହଁକୁ ଚାହିଁ ରହିଲା ଯୁବକଟି ।



# ମଧୁମୟୀ ମଧୁମାଳତୀ

# ମଧୁମାଳତୀ


## ଶ୍ୱେତା ରାଉତ

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର-୭୫୧୦୦୬
ଫୋନ : ୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ଲେଖିକା

ଭାରତବର୍ଷକୁ ସମଗ୍ର ବିଶ୍ୱ ମଧ୍ୟରେ ଦେବତାମାନଙ୍କ ବାସସ୍ଥଳୀ ବା ଆଧ୍ୟାତ୍ମର ଦେଶ କୁହାଯାଇଥାଏ । ହିନ୍ଦୁ ସଭ୍ୟତାର ପ୍ରଗାଢ଼ ବିଶ୍ୱାସ ଯେ ମହାଦେବ ଶିବଶମ୍ଭୁ ଭାରତର ଶିଖର କୁହାଯାଇଥିବା ହିମାଳୟ ପର୍ବତରେ ବାସ କରନ୍ତି । ପୌରାଣିକ କିମ୍ବଦନ୍ତୀ ଅନୁସାରେ ହିମାଳୟ କ୍ଷେତ୍ରରେ ଏକ ସ୍ଥାନ ଅଛି 'ପିଣ୍ଡର ଘାଟୀ' ଯେଉଁଠି ହଜାର ହଜାର ପ୍ରଜାତିର ସୁଶୋଭିତ ଫୁଲର ଉଦ୍ୟାନ ଦେଖିବାକୁ ମିଳେ । ଏହି କ୍ଷେତ୍ରରେ ଶିବଗଣ ତଥା ଦେବତାମାନେ ବାସ କରନ୍ତି । ବିଶ୍ୱର ସବୁଠୁ ସୁନ୍ଦର ସ୍ଥାନ ଭାବେ ୧୯୮୨ ମସିହାରେ ଏହି 'ପିଣ୍ଡର ଘାଟୀ'କୁ 'ନନ୍ଦାଦେବୀ ଅଭୟାରଣ୍ୟ' ଭାବେ ଘୋଷିତ କରାଯାଇଛି । ଏହାର ଏକ କାରଣ ମଧ୍ୟ ରହିଛି । ଫୁଲକୁ ଖୁବ୍ ଭଲ ପାଉଥିବା ଆଦିଶକ୍ତି ଦେବୀ ନନ୍ଦାଙ୍କୁ ହିମାଳୟ ପର୍ଯ୍ୟନ୍ତ ଓ ଭଗବାନ ଶିବଙ୍କ ତପସ୍ୟା ସ୍ଥାନ ପର୍ଯ୍ୟନ୍ତ ଛାଡ଼ିବାକୁ ମାତା ପାର୍ବତୀ ଶିବପାର୍ବତୀ ନିବାସ ସ୍ଥଳରୁ ଯାତ୍ରା କରିଥାନ୍ତି । ଏହି ଯାତ୍ରାକୁ 'ନନ୍ଦାଦେବୀ ଯାତ୍ରା' ବା 'ଭଗବତୀ ଭେଟ' କୁହାଯାଇଥାଏ । ନନ୍ଦାଦେବୀ ଯାତ୍ରା କରୁଥିବା ପାଲିଙ୍କି ବିଭିନ୍ନ ପୁଷ୍ପମଣ୍ଡିତ ହୋଇଥାଏ । ଏହି ପିଣ୍ଡର ଘାଟିରେ ଏମିତି ଅନେକ ପ୍ରକାର ଫୁଲ ରହିଛି, ଯାହା ଅଲୌକିକ ଓ ଦେବତାମାନେ ଆସ୍ଥାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ହିମାଳୟ, ଅନେକ ସୁନ୍ଦର, ସୁଗନ୍ଧଯୁକ୍ତ ଦିବ୍ୟ ଫୁଲମାନଙ୍କ ଏକ ଦୈବୀକ୍ଷେତ୍ର । କୋମଳ ଫୁଲ ଆଚ୍ଛାଦିତ ଏହି କ୍ଷେତ୍ର ଲାଗେ ଯେମିତି ଭାରତମାତା କଣ୍ଠରେ ମାଳା ସଦୃଶ ସୁଶୋଭିତ ହେଉଛି । ଏହି ଫୁଲମାନଙ୍କ ମଧ୍ୟରୁ ଆମେ ଆଜି ଏମିତି ଏକ ଲତା ଜାତୀୟ ଫୁଲ ବିଷୟରେ ଜାଣିବା, ଯିଏ ତା'ର ସୌନ୍ଦର୍ଯ୍ୟରେ ପ୍ରକୃତିକୁ ଋଦ୍ଧିମନ୍ତ କରେ ଓ କୀଟ ପତଙ୍ଗଠୁ ମନୁଷ୍ୟ ଯାଏ ସମସ୍ତଙ୍କୁ ଆକର୍ଷିତ କରିଥାଏ । ମଧୁର ମହକ ବିତରୁଥିବା ଏହି ଫୁଲ ହେଉଛି 'ମଧୁମାଳତୀ' ଫୁଲ ।

### ମଧୁମାଳତୀର ପରିଚୟ

ମଧୁମାଳତୀ ଏକ ପୁଷ୍ପ ଲତା ବୃକ୍ଷ । ଏହାକୁ ହନି ସକଲ ବା ରଙ୍ଗୁନ୍ କ୍ରିପର କହିଥାନ୍ତି । ଏହି ଲତା ବୃକ୍ଷ ପ୍ରଥମେ ବୁଦା ଭଳି ହୋଇଥାଏ ଓ ପରେ ୧୨ ଫୁଟ୍‌ରୁ ୩୦ ଫୁଟ୍ ପର୍ଯ୍ୟନ୍ତ ଉଚ୍ଚତା ଯାଏଁ ବଢେ ଓ ଝଙ୍କାଳିଆ ଚିରସବୁଜ ଲତା ବୃକ୍ଷ ହୋଇଥାଏ । ଏହାର ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟିଥାଏ ଓ ଗୋଟିଏ ପେନ୍ଥାରେ ବିଭିନ୍ନ ରଙ୍ଗ, ଯଥା- ଧଳା, ଫିକା ଗୋଲାପୀ, ଗାଢ଼ ଗୋଲାପୀ ଆଦି ରଙ୍ଗର ମିଶ୍ରିତ ଫୁଲ ଥାଏ । ପାଚେରୀ କଡ଼ମାନଙ୍କରେ ବା ଘରର ଗେଟ୍ ସମ୍ମୁଖରେ ମଧୁମାଳତୀକୁ ଏକ ସୁନ୍ଦର ଅଳଙ୍କାର ପୁଷ୍ପଲତା ଭାବରେ ସଜାଇବା ଉଦ୍ଦେଶ୍ୟରେ ଲଗା ଯାଇଥାଏ । ଏହା ଖୁବ୍ ଶୀଘ୍ର ବଢେ ଓ ପ୍ରଚୁର ଫୁଲ ଫୁଟାଇଥାଏ । ଏହି ପୁଷ୍ପ ବୃକ୍ଷ ଭାରତ ସମେତ ମ୍ୟାମାର୍, ମଲେସିଆ, ନ୍ୟୁଗିନି ଏବଂ ଫିଲିପାଇନ୍ସ, ବର୍ମା, ଚୀନ, ଥାଇଲାଣ୍ଡରେ ଅଧିକ ଦେଖିବାକୁ ମିଳିଥାଏ । ଆମେରିକାର ଦକ୍ଷିଣ ଫ୍ଲୋରିଡାରେ ମଧୁମାଳତୀ ବହୁଳ ଭାବରେ ଦେଖାଯାଏ । ମଧୁମାଳତୀ ଏକ ସୁଗନ୍ଧଯୁକ୍ତ ସୁନ୍ଦର ଚିରସବୁଜ ପୁଷ୍ପଲତା ହୋଇଥିବାରୁ ସମସ୍ତେ ଘର ଚତୁଃପାର୍ଶ୍ୱ ସଜାଇବା ପାଇଁ ଏହାକୁ ଲଗାଇଥାନ୍ତି । ମଧୁମାଳତୀକୁ 'ଅମୃତକାଳସୀ' କହିଥାନ୍ତି କାରଣ ଏହା ମହୁମାଛି, କୀଟପତଙ୍ଗ ସମସ୍ତଙ୍କୁ ଆକର୍ଷିତ କରିଥାଏ, ଯେଉଁମାନଙ୍କ ପରାଗଣ ପାଇଁ ଏହି ଫୁଲ ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥାଏ । ମଧୁମାଳତୀର ପତ୍ର ପାଖାପାଖି ୫ ସେ.ମି. ଲମ୍ବ ଓ ଅଣ୍ଡାକାର ସବୁଜ ରଙ୍ଗର ହୋଇଥାଏ । ଏହାର ଫୁଲଗୁଡ଼ିକ ୩ ଇଞ୍ଚ ଲମ୍ବ ବିଶିଷ୍ଟ ହୋଇଥାଏ ଏବଂ ଏହି ଫୁଲଗୁଡ଼ିକ ରଙ୍ଗ ବଦଳାଉଥାନ୍ତି । ପ୍ରଥମେ ଧଳା, ପରେ ଫିକା ଗୋଲାପୀ ଓ ତା'ପରେ ଗାଢ଼ ଗୋଲାପୀ ବା ଲାଲ ରଙ୍ଗର ହୋଇଥାଏ । ତେଣୁ ପେନ୍ଥା ପେନ୍ଥା ହୋଇ ଫୁଟୁଥିବା ଏହି ମଧୁମାଳତୀ ପେନ୍ଥାରେ ତିନୋଟି ରଙ୍ଗର ଫୁଲ ଦେଖିବାକୁ ମିଳେ । ଏହି ଲତା ବୃକ୍ଷ ପୂର୍ଣ୍ଣ ସୂର୍ଯ୍ୟକିରଣରୁ ଆଂଶିକ ଛାଇଥିବା ସ୍ଥାନରେ ଭଲ ବଢିପାରେ ଏବଂ ଉଷ୍ଣକଟୀବନ୍ଧୀୟ ଜଳବାୟୁ ପସନ୍ଦ କରିଥାଏ । ମଧୁମାଳତୀ ଫୁଲ ତିନି ଦିନ ଯାଏ ସତେଜ ରହିଥାଏ ଓ ପରେ ଝଡ଼ିପଡ଼େ । ରାତିରେ ଧଳା ରଙ୍ଗର ମଧୁମାଳତୀ ଉପରେ ବାଜ ଓ ପତଙ୍ଗମନେ ଆସିଥାନ୍ତି । ଏବଂ ଦିନରେ ଗୋଲାପୀ ବା ଲାଲ ରଙ୍ଗର ଫୁଲ ଉପରେ ପରାଗଣଙ୍କ (ମଧୁମକ୍ଷୀଙ୍କ) ବହୁଳ ଭାବରେ ଅବସ୍ଥାନ ହୋଇଥାଏ । ଏହି ଫୁଲର ସୁଗନ୍ଧ ରାତିରେ ଅଧିକ ଆକର୍ଷକ ହୋଇଥାଏ । ଏହି ଲତା ଘନ ଛାୟା ଦେବା ସହିତ ଏଥିରେ ଧଳାରଙ୍ଗର ଛୋଟ ଛୋଟ ଫଳ ହୋଇଥାଏ । ଧିରେ ଧିରେ ଏହି ଫଳ ପାଉଁଶିଆ ରଙ୍ଗ ଦେଖାଯାଏ । ଅଧିକ ପରାଗଣ ହେତୁ ଏହି ଫୁଲରୁ ପ୍ରଚୁର ପରିମାଣରୁ ମଧୁସଂଗ୍ରହ କରା ଯାଇଥିବାରୁ ଏହାକୁ 'ମଧୁମାଳତୀ' କୁହାଯାଇଥାଏ ।



◀ ଲେଖିକା ଶ୍ୱେତା ରାଉତ

## ମଧୁମାଳତୀର ବିଭିନ୍ନ ନାମକରଣ

ମଧୁମାଳତୀର ବନସ୍ପତିକ ନାମ ହେଉଛି 'କମ୍ବ୍ରିଟମ୍ ଇଣ୍ଡିକମ୍' । ଏହାକୁ କାରମୋନା ରିଟୁସା, ଆଣ୍ଟିଗୋନନ୍ ଲେପଟପସ୍ କ୍ୱିସ୍ କ୍ୱାଲିସ୍, ହିପ୍‌ଟେକ୍ ବେଙ୍ଗା ଲେନସିସ୍ କମ୍ବ୍ରିଟମ୍, ଭିଟେକ୍ସ ନେଟୁନଡୋ, ବ୍ଲୁମିଆ ବାଲସାମିଫେରା କୁହାଯାଏ । ବିଭିନ୍ନ ସ୍ଥାନ ବିଶେଷରେ ଏହାକୁ ବିଭିନ୍ନ ନାମରେ ସମସ୍ତେ ଜାଣନ୍ତି ଯଥା- ମରାଠୀରେ ମଧୁମାଳତୀ, ରଙ୍ଗୁନାଚଭେଲ୍, ଭିଲୟତି ଚମେଲି, ହିନ୍ଦୀରେ ରଙ୍ଗୁନ୍ କି ବେଲ୍, ମଧୁମାଳତୀ, ବଙ୍ଗାଳୀରେ ସନ୍ଧ୍ୟାମାଲତୀ, ମଧୁମଞ୍ଜରୀ, ଗୁଜୁରାଟୀରେ ବମାସିନୀ ବେଲ, କାନାଡାରେ ସନ୍ଧ୍ୟାରାନୀ, ରଙ୍ଗୁନ୍ କେମ୍ପୁମଲ୍ଲୀ, ପଞ୍ଜାବରେ ଲାଲ୍‌ମାଲତୀ, ତାମିଲ୍‌ରେ ଇରାଙ୍ଗୁନ ମଲ୍ଲି, ତେଲଗୁରେ ରାଧାମନୋହରମ୍, ଇଟାଗୁଚ୍ଛିଲାଟିଲା, ମଣିପୁରୀରେ ପାରିଜାତ୍, ଆସାମିଜ୍‌ରେ ମାଧବୀଲତା, ଓଡ଼ିଆରେ ମଧୁମାଳତୀ, ଉର୍ଦ୍ଦୁରେ ଟୁମ୍‌କା ବେଲ, ଇସ୍କ ପେଚାନ, ଚାଇନାରେ ଚାଇନିଜ୍ ହନିସକଲ, ମାଲାୟଲମ୍‌ରେ ମନସୁଙ୍ଗ, ନେପାଳୀରେ ବାଜାଫୁଲ, ଇଂରାଜୀରେ କ୍ୱିସ୍‌କ୍ୱାଲିସ୍, ରଙ୍ଗୁନ୍ କ୍ରିପର୍, ହନିସକଲ୍, ଡ୍ରଙ୍କନ ସେଲ୍‌ର, ବର୍ମା କ୍ରିପର, ଆଫ୍ରିକାରେ ହୋଏଡାନିଗକ୍ଲିମୋପ, ଇଣ୍ଡୋନେସିଆରେ ଚେଗୁକ୍, ନେଦରଲାଣ୍ଡରେ କ୍ୱିସ୍ କ୍ୱାଲିସ୍, ହେଏଡାନିଙ୍ଗ, ଫ୍ରାନ୍ସରେ କ୍ୱିସ୍‌କ୍ୱାଲିସ୍ ଇଣ୍ଡିକା, ସଂସ୍କୃତରେ ରଙ୍ଗୁନ ମାଳତୀ ଓ କୁଦିତ ପୁଷ୍ପୀ କୁହାଯାଏ । ମଧୁମାଳତୀକୁ ଅନେକ ସ୍ଥାନରେ ଅନେକ ନାମରେ ଜାଣିଥିଲେ ମଧ୍ୟ ପ୍ରାୟ ସବୁ ସ୍ଥାନରେ ମଧୁମାଳତୀ ଏକ ସାଧାରଣ ନାମ ଭାବରେ ପରିଚିତ । ଏହାର ବିଭିନ୍ନ ପ୍ରଜାତି ଓ ପ୍ରକାର ରହିଛି ଯାହା ସାମାନ୍ୟ ପାର୍ଥକ୍ୟ ଥିଲେ ମଧ୍ୟ ପ୍ରାୟ ଏକ ପ୍ରକାର ପେନ୍ଥା ଭଳି ଫୁଟିଥାଏ ।

## ପ୍ରଜାତି ଓ ପ୍ରକାର

ମଧୁମାଳତୀର ବନସ୍ପତିକ ନାମ ହେଉଛି 'କ୍ୱିସ୍‌କ୍ୱାଲିସ୍ ଇଣ୍ଡିକା' ବା 'ହନିସକଲ' । ଏହା କମ୍ବ୍ରିଟସ୍ ବଂଶର ଏକ ଲତାଜାତୀୟ ବୃକ୍ଷ । ଏହାକୁ ରଙ୍ଗୁନ୍ କ୍ରିପର ମଧ୍ୟ କହିଥାନ୍ତି । ଏହାର ଏକ ପ୍ରଜାତି ଖୁବ୍ ଛୋଟ ଛୋଟ ଫୁଲ ଫୁଟାଇଥାଏ ଏବଂ ଝାଡ଼ି ବା ବୁଦା ଭଳି ହୋଇଥାଏ । ଆମ ଓଡ଼ିଶାରେ ଆମେ ତାକୁ 'ରଙ୍ଗଣୀ ଫୁଲ' କହିଥାଉ । ସମସ୍ତ ବିଶ୍ୱରେ ପ୍ରାୟତଃ ୧୮୦ଟି ପ୍ରଜାତିର ମଧୁମାଳତୀ ରହିଅଛି । ଏହା ମଧ୍ୟ ପାଖାପାଖି ୧୦୦ଟି ପ୍ରଜାତି ଚୀନରେ, ୨୦ଟି ପ୍ରଜାତି ୟୁରୋପରେ, ୨୦ଟି ପ୍ରଜାତି ଉତ୍ତର ଆମେରିକାରେ ଓ ୨୦ଟି ପ୍ରଜାତି ଭାରତରେ ଦେଖିବାକୁ ମିଳେ । ମଧୁମାଳତୀର ସବୁଠୁ ଉତ୍କୃଷ୍ଟ ଓ ସୁନ୍ଦର ପ୍ରଜାତି ହେଉଛି 'ଲିନିକେରା ଜୈପୋନିକ୍' (ଜାପାନୀ ବା ଚୀନ୍ ମଧୁମାଳତୀ) ଓ 'ଲିନ୍‌କେରା ପେରିକ୍ଲିମେନ୍ସ (ଟେମ୍ପେଟ୍ ହନିସକଲ) । ଶଙ୍କରୀକରଣ ଦ୍ୱାରା ଅଧୁନା ଅନେକ ପ୍ରଜାତି ଓ ପ୍ରକାରର ମଧୁମାଳତୀ ବଜାରରେ ଉପଲବ୍ଧ ହେଉଛି ଯଥା - କୋରୋଫିଟମ୍ ମଧୁମାଳତୀ, ପ୍ଲାଣ୍ଟ ହେଭେନ୍, ଉଗାନିଓ, ଏଣ୍ଡାକ୍ୱୋ, ପେନ୍‌ଗ୍ରିନ୍, ଷ୍ଟାରଲଙ୍କ, ଏହି ଖୁସବୁ, ସେଲ୍‌ଲାଇନ୍ ଟ୍ରୋଥିକ୍ ହେଲେନ୍ ଅଫ୍ ସାଫଲିଙ୍ଗସ୍, ଇତ୍ୟାଦି ।

ଓସୋନ୍ ମଧୁମାଳତୀ, ଆର୍ଥ ଆଞ୍ଜେଲ୍, ଏଡେନ୍ସ ପିଲ୍ସ, ଓରେଟିକ୍, ଗ୍ରୀନ୍ ହରିଜନ୍, ଇଲାଇଟି ଗ୍ରୀନ୍ ଆଦି ପ୍ରମୁଖ । ଏହି ପ୍ରଜାତି ଗୁଡ଼ିକ ଅଧିକ ସୁନ୍ଦର ଓ ସବୁ ସ୍ଥାନରେ ପ୍ରାୟ ଦେଖିବାକୁ ମିଳେ । ଉଷ୍ଣକଟୀବନ୍ଧୀୟ ଓ ସମଶୀତୋଷ୍ଣ ଜଳବାୟୁରେ ଏହା ଅଧିକ ଉର୍ବର ହୋଇଥାଏ । ଏହାର ମଧୁର ସୁଗନ୍ଧ ଚତୁର୍ଦ୍ଦିଗରେ ବାତାବରଣକୁ ଏକ ଅନନ୍ୟ ଉପଲବ୍ଧି ଦେଇଥାଏ । ଏହି ସୁନ୍ଦର ଫୁଲ ମଧୁ ମାଳତୀକୁ ନେଇ ରହିଛି ଏକ ରୋଚକ କାହାଣୀ ।

## ଫୁଲନଗରୀ ଓ ମଧୁମାଳତୀ

ଗୁରୁ ବେଦାନ୍ତଙ୍କ ଗୁରୁକୁଳରେ ବହୁତ ରାଜକୁମାର ଶିକ୍ଷାପ୍ରାପ୍ତ କରିବା ପାଇଁ ଦୂର ଦୂରରୁ ଆସି ରହିଥାନ୍ତି । ଗୁରୁକୁଳର ସମସ୍ତ ନିୟମ ପାଳନ କରି ନିପୁଣ ହୋଇ ଫେରିଥାନ୍ତି । ସମସ୍ତ ଶିଷ୍ୟମାନେ ଗୁରୁଙ୍କୁ ବହୁତ ଭକ୍ତି କରନ୍ତି ଓ ଆଶ୍ରମରେ ମନ ଲଗାଇ କାମ କରନ୍ତି । ଯେତେବେଳେ ଦୁଇ ରାଜକୁମାରଙ୍କର ଗୁରୁକୁଳ ଶିକ୍ଷା ସମାପ୍ତ ହୋଇଗଲା ଏବଂ ଆଶ୍ରମ ଛାଡ଼ିବାର ସମୟ ଆସିଲା, ଗୁରୁ ବେଦାନ୍ତ ଦୁହିଁଙ୍କୁ ପାଖକୁ ଡାକି କହିଲେ 'ମୁଁ ତୁମକୁ କିଛି ପରାମର୍ଶ ଦେବି, ଯଦି ତୁମେ ମାନିବ, ତା'ହେଲେ ତୁମ ରାଜ୍ୟରେ ସଦା ପ୍ରସନ୍ନତା ରହିବ, ପ୍ରଜାମାନେ ଆନନ୍ଦରେ ରହିବେ । "ଅମୃତ ଓ ଅନିରୁଦ୍ଧ ଦୁହେଁ ମୁଣ୍ଡ ନୁଆଁଇ ଗୁରୁଙ୍କୁ ନିଜର ସ୍ୱୀକାରୋକ୍ତି ଦେଲେ ଏବଂ ଗୁରୁ ହସି ହସି କହିଲେ ତାହା ହେଉଛି 'ଅହିଂସା ଧର୍ମ' । ଦୁଇ ରାଜକୁମାର ଗୁରୁଙ୍କୁ ସହାସ୍ୟ ବଦନରେ ପ୍ରଣାମ କରି ନିଜ ନିଜ ରାଜ୍ୟକୁ ଫେରିଲେ । କିଛି ବର୍ଷ ଦୁହେଁ ଗୁରୁଙ୍କ ପରାମର୍ଶ ଓ ଶିକ୍ଷା ଅନୁସାରେ ରାଜ୍ୟ ଚଳାଇଲେ, କିନ୍ତୁ କିଛିଦିନ ପରେ ଅନୁରୁଦ୍ଧ ରାଜା ହେବାପରେ ଶୀକାର କରିବା ଆରମ୍ଭ କରିଦେଲା ଓ ଗଛ ବୃକ୍ଷ କାଟି ଚାରିକଡେ ନଗର ତୋଳିବାକୁ ଲାଗିଲା । ଧିରେ ଧିରେ ଅନିରୁଦ୍ଧ ରାଜ୍ୟରେ ହାହାକାର ପଡ଼ିଗଲା । ଗଛ ସବୁ କାଟିଦେବା ଫଳରେ ଭୂଇଁ ଟାଙ୍ଗରା ପଡ଼ିଲା, ପରିବେଶ ଅସନ୍ତୁଳନ ହୋଇ ଦୁର୍ଭିକ୍ଷ ଦେଖାଗଲା । କିନ୍ତୁ ଅମୃତକୁ ଗୁରୁଙ୍କ ବଚନ ମନେଥିଲା ଓ ସେ ଗୁରୁଙ୍କ ପରାମର୍ଶ ମାନି ରାଜା ହେବାପରେ ଶୀକାର ଉପରେ କଟକଣା ଲଗାଇଲେ । ଗଛ ବୃକ୍ଷ ନ କାଟି ଚାରିଆଡ଼େ ବିଭିନ୍ନ ଗଛ ଲଗାଇବା ଆରମ୍ଭ କଲା । ଯେଉଁଠି ଖୋଲା ପଡ଼ିଆ ଦେଖୁଥିଲା ନାନା ରକମର ଫୁଲ ଗଛ ଲଗାଇ ବଗିଚା କରୁଥିଲା । ଯେତେବେଳେ ବଗିଚା ଭର୍ତ୍ତି ହୋଇ ନାନା ରଙ୍ଗର ଫୁଲ ଫୁଟୁଥିଲା ଓ ପ୍ରଜାପତିମାନେ ଉଡି ବୁଲୁଥିଲେ, ଅମୃତ ରାଜ୍ୟର ପିଲାଠୁ ବୁଢ଼ା ସମସ୍ତେ ଖୁବ୍ ଆନନ୍ଦ ହେଉଥିଲେ ଏବଂ ରାଜା ଅମୃତକୁ ବୃକ୍ଷରୋପଣ କରିବା, ଫୁଲ ବଗିଚା କରିବାକୁ ସହଯୋଗ କରୁଥିଲେ । ଦିନେ ରାଜା ଦରବାରରେ ବସି ନିଜ ପ୍ରଜାମାନଙ୍କ ସହ ରାଜ୍ୟର ହିତ ଉଦ୍ଦେଶ୍ୟରେ ବାର୍ତ୍ତାଳାପ କରୁଥିବା ବେଳେ, ଜଣେ ଦୂତ ଧାଇଁ ଆସି କହିଲା "ମହାରାଜ ପଡ଼ୋଶୀ ରାଜ୍ୟର ରାଜା ଅନିରୁଦ୍ଧ ଆମ ରାଜ୍ୟକୁ ଆକ୍ରମଣ କରିବାକୁ ଯୋଜନା କରୁଛି ।" ଦୂତଠାରୁ ଅମୃତ ଏ ସମ୍ବାଦ ଶୁଣି ଆଶ୍ଚର୍ଯ୍ୟ ହେଲା । ଯଦି ଯୁଦ୍ଧ ହୁଏ ଅନେକ ପ୍ରଜାମାନଙ୍କର ପ୍ରାଣହାନୀ ହେବ । ରାଜ୍ୟରେ ଧନଜୀବନ ନଷ୍ଟ ହେବ । ମହାମନ୍ତ୍ରୀ ଧିର ସ୍ୱରରେ କହିଲେ, "ମହାରାଜ, ଯଦି ଯୁଦ୍ଧ ନକରିବା, ତଥାପି ସେମାନେ ଆମ ରାଜ୍ୟକୁ ଆକ୍ରମଣ କରିବେ ଏବଂ ଆମକୁ ବନ୍ଦୀ ବନେଇ ଉପହସିତ କରିବେ । ମହାମନ୍ତ୍ରୀଙ୍କ କଥା ଶୁଣି ରାଜା ଅମୃତଙ୍କୁ ଭଲ ଲାଗିଲା ନାହିଁ,



ସେ ବିରସ ମନରେ ନିଜ ପ୍ରାସାଦ ଭିତରକୁ ଯାଇ ନଖାଇ ନଶୋଇ ସାରା ରାତି ଯୁଦ୍ଧ ଚଳିବାକୁ ଯୋଜନା ଚିନ୍ତାକଲା । ସକାଳ ହେବାରୁ ଅମୃତ ବଗିଚା ଭିତରକୁ ଯାଇ ବୁଲୁବୁଲୁ ନାନା ରଙ୍ଗର ଫୁଲ ଓ ପାଚେରୀ ଉପରେ ଲଦି ହୋଇ ଫୁଟିଥିବା ପେନ୍ଥା ପେନ୍ଥା ମଧୁମାଳତୀକୁ ଦେଖି ତା' ମୁଣ୍ଡରେ ଏକ ଯୋଜନା ଯୁଟିଲା । ସେ ତୁରନ୍ତ ମହାମନ୍ତ୍ରୀଙ୍କୁ ଡକାଇ ମହାମନ୍ତ୍ରୀଙ୍କ କାନରେ କିଛି କହିଦେଲା । ଏକଥା ଶୁଣି ମହାମନ୍ତ୍ରୀ ମଧ ଖୁସି ହୋଇଗଲେ । ଏହାପରେ ଅମୃତ ନିଶ୍ଚିନ୍ତରେ ଯାଇ ପ୍ରାସାଦରେ ବସିଲା । ପରଦିନ ଅନିରୁଦ୍ଧ ନିଜର ହଜାର ହଜାର ସୈନ୍ୟଙ୍କୁ ଧରି ଆକ୍ରମଣ କରିବାକୁ ଆସିଲା । ଅମୃତ ରାଜ୍ୟର ସୀମାନ୍ତରେ ପହଞ୍ଚିବା କ୍ଷଣି ଦେଖିଲା ରାଜ୍ୟସାରା ହରାଉରା ଦିଶୁଛି, ନାନା ରକମର ଫୁଲ ଓ ମହକଭରା ପରିବେଶ ଦେଖି ସେ ଆଶ୍ଚର୍ଯ୍ୟ ହେଲା । ଅନିରୁଦ୍ଧର ମନ୍ତ୍ରୀ ସେତିକିବେଳେ ଆକ୍ରମଣ କରିବାକୁ ଜଣାଇ ଅନୁମତି ମାଗିବାରୁ - ଅନିରୁଦ୍ଧ ରାଜା ସମ୍ମତି ଜଣାଇ ଯୁଦ୍ଧ ଆରମ୍ଭ କରିବାକୁ ଅନୁମତି ଦେଲା । ସୈନିକମାନେ ନିଜ ନିଜର ତଲୱାର ବାହାର କରିବା କ୍ଷଣି ମଧୁମାଳତୀ ଲଟା ଉହାଡ଼ରୁ ଦଳଦଳ ମହୁମାଛି ରାଜା ଅନିରୁଦ୍ଧ ସମେତ ସମସ୍ତ ସୈନିକମାନଙ୍କୁ ରୁନ୍ଧି ପକାଇଲେ । ଭୟରେ ସୈନିକମାନେ ପଛକୁ ଫେରିଗଲେ । ରାଜା ଅନିରୁଦ୍ଧ, ମହାମାଛି ବିନ୍ଧିବାରୁ ଘୋଡାରୁ ତଳେ ପଡ଼ି ଯାଇଥିଲେ । ଗୋଟେ ପଥରରେ ମୁଣ୍ଡ ବାଜି ଫାଟି ଯାଇଥିଲା ଓ ଦେହ ହାତ ଫୁଲି ପ୍ରବଳ ବିନ୍ଧୁଥିଲା । କିଛି କ୍ଷଣ ପରେ ଅନିରୁଦ୍ଧ ଚେତା ଫେରି ଦେଖେତ ପ୍ରାସାଦ ଭିତରେ ଏକ ଭବ୍ୟ ପଲଙ୍କରେ ଶୋଇଛି । ଅମୃତ ଧିରେ ଧିରେ ତା' ମୁଣ୍ଡ ଆଉଁସି ଦେଉଛି । ଅମୃତକୁ ଦେଖି ଅନିରୁଦ୍ଧ ଆଖିରୁ ଲୁହ ଝରି ଆସିଲା । ସେ ଲଜ୍ଜିତ ହୋଇ କହିଲା, "ସାଙ୍ଗ, ମୁଁ ତୋ ରାଜ୍ୟରେ ଆକ୍ରମଣ କରି ସମସ୍ତଙ୍କୁ ମାରିଦେବାକୁ ଆସିଥିବାବେଳେ, ତୁ ମୋ ଜୀବନ ରକ୍ଷା କରି ମୋ ସେବା କରୁଛୁ । ଅମୃତ ଛଳଛଳ ଆଖିରେ ଅନିରୁଦ୍ଧକୁ କୋଳେଇ ନେଇ କହିଲା, "ସାଙ୍ଗ ତୁ ଗୁରୁଦେବଙ୍କ ବଚନ ଭୁଲି ଯାଇଥିଲୁ, ମୁଁ କିନ୍ତୁ ମନେ ରଖିଥିଲି ଏବଂ ତଦନୁସାରେ ରାଜ୍ୟକାର୍ଯ୍ୟ କରୁଥିଲି । 'ଅହିଂସା ପରମ ଧର୍ମ' ଯାହା ମୁଁ ଆଜିଯାଏ ମାନି ଆସିଛି ।" ଅନିରୁଦ୍ଧ ଖୁବ୍ ବିନୟ ହୋଇ ଅମୃତକୁ କ୍ଷମା ମାଗିଲା ଏବଂ ଏବେଠାରୁ ମୁଁ କେବଳ ଏହି ମାର୍ଗରେ ଅନୁସରଣ କରିବି କହି ରାଜ୍ୟକୁ ଫେରିଯିବାକୁ ବାହାରିଲା । ଅନିରୁଦ୍ଧ ରାଜ୍ୟର ଅବସ୍ଥା ଭଲ ନଥିଲା, ତେଣୁ ଅମୃତ ରାଜ୍ୟବାସୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ସହିତ କିଛି ବସ୍ତା ଫୁଲମାନଙ୍କର ମଞ୍ଜି ଉପହାର ଦେଲା । ସେହି ଫୁଲ ମଞ୍ଜିକୁ ରୋପଣ କରି ତା' ରାଜ୍ୟକୁ ପୁଷ୍ପମୟ କରିବ ବୋଲି ଅନିରୁଦ୍ଧ ଅମୃତକୁ ବଚନ ଦେଲା । ପ୍ରସ୍ଥାନ କରିବା ପୂର୍ବରୁ ଅନିରୁଦ୍ଧ ଜିଜ୍ଞାସା ଦୂର କରିବାକୁ ଅମୃତକୁ ପଚାରିଲା "ସାଙ୍ଗ, ମହୁମାଛିଙ୍କ ଏ ଦଳ ଆସିଲେ କୋଉଠୁ ଓ କେମିତି ଆକ୍ରମଣ କଲେ ?" ଅନିରୁଦ୍ଧର ସନ୍ଦେହ ଦୂର କରିବାକୁ ଅମୃତ କହିଲା "ରାଜ୍ୟର ସମସ୍ତ ସୀମାନ୍ତରେ ମୁଁ ବହୁତ ବୃକ୍ଷରୋପଣ କରିଛି, ପୁଷ୍ପ ଉଦ୍ୟାନ କରିଛି, ଉଦ୍ୟାନର ଚାରିକଡ଼େ ବହୁଳଭାବେ ମଧୁମାଳତୀ ଫୁଲ ଫୁଟିଛି, ଯାହା ଯେକୌଣସି ଆଗନ୍ତୁକଙ୍କୁ ଆକର୍ଷିତ କରେ । ମଧୁମାଳତୀ ଯେହେତୁ ମହୁମାଛିଙ୍କ ପ୍ରିୟ ଫୁଲ, ସବୁ ଲଟା ତଳେ ବହୁଳ ଭାବେ ମହୁମାଛି ବସା କରିଥାନ୍ତି । ଯେତେବେଳେ ତୋର ସୈନିକମାନେ ଆମକୁ ଆକ୍ରମଣ କରିବାକୁ ଆସିଲେ, ମୁଁ ଯୁଦ୍ଧ କରିବି ନାହିଁ ବୋଲି ଦୂରରୁ ଥାଇ ଢେଲାଟିଏ ସେଇ ବସା ଉପରକୁ ଫିଙ୍ଗିଦେଲି ଓ ଚାଲିଗଲି । ସେମାନେ ଭାବିଲେ ସୈନିକମାନେ ତାଙ୍କର ବସା ଭାଙ୍ଗିଛନ୍ତି । ତେଣୁ ସେମାନେ ଦଳଦଳ ହୋଇ ଉଡିବୁଲି ଆକ୍ରମଣ କଲେ ।" ଅମୃତର କଥା ଶୁଣିବା ପରେ ଦୁଇ ସାଙ୍ଗ ଠୋ ଠୋ ହୋଇ ହସି ଉଠିଲେ ଏବଂ ତଲୱାର ଠାରୁ ଫୁଲ ଶକ୍ତିଶାଳୀ ବୋଲି କୁହାକୁହି ହେଲେ । ଅମୃତର ରାଜ୍ୟର ମଧୁମାଳତୀର ପୁଲ ନଗରୀ ଭାବେ ପ୍ରଖ୍ୟାତ୍ ହେଲା ଅନିରୁଦ୍ଧ ମଧ ତା' ରାଜ୍ୟର ସମସ୍ତ ସୀମାନ୍ତରେ ଫୁଲ ଉଦ୍ୟାନ କରି ମଧୁମାଳତୀ ରୋପଣ କରିବାକୁ ଲାଗିଲା ।



## ରୋପଣ ବିଧି

ଗ୍ରୀଷ୍ମ ଋତୁରେ ଅନେକ ଫୁଲ ଫୁଟିବା ବନ୍ଦ କରି ଦେଉଥିବା ବେଳେ ମଧୁମାଳତୀ ପେନ୍ଥା ପେନ୍ଥା ହୋଇ ପ୍ରଚୁର ପରିମାଣରେ ଫୁଟିଥାଏ । ଥରେ ଭଲ ଭାବେ ମାଟିକୁ ଚେର ଧରିଲେ ଏହାର ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ ପଡିନଥାଏ । ଏହି ଗଛକୁ ୪-୫ ଫୁଟ ଦୂରତା ରଖି ଲଗା ଯାଇଥାଏ । ଯେତେବେଳେ ପର୍ଯ୍ୟାପ୍ତ ଉଚ୍ଚତାଯାଏ ଗଛ ବଢିଥାଏ, ଆପେ ଆପେ ଝଙ୍କାଳିଆ ହୋଇ ଘରର ଗେଟ୍ ବା ପାଚେରୀମାନଙ୍କରେ ଫୁଲ ସହ ସୌନ୍ଦର୍ଯ୍ୟମୟ କରିଥାଏ । ଯେତେବେଳେ ଏହି ଗଛ ଲଗାଯାଏ, ମାଟିରେ କିଛି ଖତ ଓ ଜୈବିକ ସାର ପ୍ରୟୋଗ କରା ଯାଇଥାଏ । ଦୁଇ ଇଞ୍ଚ ପତ୍ର କରି ଚାରା ରୋପଣ କରା ଯାଇଥାଏ । ଚାରାଟିର ଚତୁଃପାର୍ଶ୍ୱରେ ମାଟିକୁ ଭିଡ଼ି ରଖିବା ଓ ଉର୍ବର କରିବା ପାଇଁ ମାଟିରେ ଗୋବର ମିଶା ଯାଇଥାଏ । ଗଛ ଟିକେ ବଡ଼ ହେଲା ପରେ ବସନ୍ତ ଋତୁ ଆରମ୍ଭରେ ଅଗ୍ରଭାଗରୁ ଅଳ୍ପ କାଟିଦେଲେ ଗ୍ରୀଷ୍ମ ସମୟକୁ ଏହା ଭଲ ଭାବେ ବୁଦା ଭଳି ଝଙ୍କାଳିଆ ହୋଇ ବଢେ । ବର୍ଷକୁ ଦୁଇଥର ବସନ୍ତ ଋତୁ ଓ ପତ୍ରଝଡ଼ା ସମୟରେ ଏହି ଗଛ ମୂଳରେ ଖାଦ ମିଶା ଯାଇଥାଏ ବା ଉର୍ବରକ ସାର ଦିଆ ଯାଇଥାଏ । ମଧୁମାଳତୀ ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ଆବଶ୍ୟକ କରେ ଏବଂ ଆର୍ଦ୍ରମାଟି ପସନ୍ଦ କରିଥାଏ । ମାର୍ଚ୍ଚରୁ ଜୁନ୍ ଓ ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ମଧୁମାଳତୀ ପ୍ରଚୁର ଫୁଟିଥାଏ । ଅନ୍ୟ ସମୟରେ ଏହା ଯଦିଓ କମ୍ ପରିମାଣର ଫୁଲ ଫୁଟେ, କିନ୍ତୁ ଏହା ବର୍ଷ ତମାମ୍ ଫୁଲ ଫୁଟାଇଥାଏ । ମଧୁମାଳତୀକୁ କଟିଂ କରି ଲଗାଇବାକୁ ଚାହୁଁଥିଲେ ୫-୬ ଇଞ୍ଚ ଫୁଲ କିମ୍ବା କଢ ଧରିନଥିବା ଡାଳର ଆବଶ୍ୟକ ହୋଇଥାଏ । ଏକ କଣ୍ଡରେ ଜଳ ନିଷ୍କାସନ ପାଇଁ ତଳ



ପଟ ଛିଦ୍ର କରି ସେଥିରେ ମାଟି ଭରି ଦିଆଯାଏ ଏବଂ ହାଲୁକା ପାଣି ସିଞ୍ଚି ମାଟିକୁ ଆର୍ଦ୍ର କରାଯାଏ । କଟିଂ କରିଥିବା ଡାଳକୁ ରୁଟିଂ ହରମୋନ୍ ଦେଇ ଦୁଇ ଇଞ୍ଚ ଗାତ କରି ପୋତି ଦିଆଯାଏ ଓ ହାଲୁକା ପାଣି ସିଞ୍ଚନ କରା ଯାଇଥାଏ । ଏହାକୁ ଏଭଳି ସ୍ଥାନରେ ରଖା ଯାଇଥାଏ, ଯେଉଁଠିକି ୩-୪ ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ଏବଂ ପରେ ଛାଇ ରହୁଥିବା । ପ୍ରତିଦିନ ଅଳ୍ପ ମାତ୍ରାରେ ପାଣି ଦେବା ସହିତ ଦେଖାରେଖା କରା ଯାଇଥାଏ ୨୫-୩୦ ଦିନ ଭିତରେ ଏହା ଭଲ ଭାବେ ଚେର ଧରିବା ଆରମ୍ଭ କରି ନେଇଥାଏ । ଗଛଟି ଅଙ୍କୁରିତ ହେବା ପରେ ସ୍ଥାୟୀ ସ୍ଥାନରେ ଲଗା ଯାଇଥାଏ । ମଧୁମାଳତୀ କୀଟମାନଙ୍କୁ ଆକର୍ଷିତ କରିଥାଏ ଏବଂ ଏଥିରେ ସଂବାଳୁଆ ମଧ ହୋଇଥାଏ ।



## ମଧୁମାଳତୀର ଔଷଧୀୟ ଉପଯୋଗ

ମଧୁମାଳତୀ ବୃକ୍ଷ ଈଶ୍ୱରଙ୍କ ସୃଷ୍ଟ ଏକ ଔଷଧୀୟ ଲତା । ଏହା ସୌମ୍ୟ ପ୍ରକୃତିର ହୋଇଥାଏ, ଯାହାକି କୌଣସି କ୍ଷତି କରିନଥାଏ । ଭାରତରେ ପ୍ରାୟ ସମସ୍ତଙ୍କ ଘର ଚାରିକଡ଼ରେ ଏହି ସୌନ୍ଦର୍ଯ୍ୟମୟ ମଧୁମାଳତୀକୁ ଦେଖିବାକୁ ମିଳେ । ବିଶେଷ କରି ମଧୁମାଳତୀ ଫୁଲ ଓ ପତ୍ରର ରସ ମଧୁମେହ ରୋଗୀମାନଙ୍କ ପାଇଁ ଉପଯୋଗୀ ଔଷଧ । ଏହାର ଫୁଲରୁ ଆୟୁର୍ବେଦ ବିଶେଷଜ୍ଞମାନେ ଏକ ଔଷଧ ପ୍ରସ୍ତୁତ କରିଛନ୍ତି 'ବସନ୍ତ କୁସୁମାକାର ରସ', ଯାହାକୁ ୨-୫ ଗ୍ରାମ୍ ମାତ୍ରାରେ ନେଲେ ଶରୀରରେ ହରମୋନ୍‌ର ମାତ୍ରା ଠିକ୍ ହୋଇଥାଏ ବା ସନ୍ତୁଳନ ସଠିକ୍ ରହିଥାଏ ।

### ଶୁଗାର୍

କଲରା, କାକୁଡି ଓ ଟମାଟୋ ସହିତ ମଧୁମାଳତୀ ଫୁଲ ମିଶାଇ ଜୁସ୍ ପ୍ରସ୍ତୁତ କରି ପିଇଲେ ଅଥବା ମଧୁମାଳତୀ ପତ୍ରର ରସ ୫-୭ ଗ୍ରାମ୍ ସେବନ କଲେ ଶୁଗାର୍ କମ୍ ହୋଇଥାଏ । ଏହାକୁ ଖାଲି ପେଟରେ ସକାଳୁ ନେବାକୁ ପଡ଼ିଥାଏ ।

### ଦୁର୍ବଳତା

ମଧୁମାଳତୀର ଫୁଲ ଓ ପତ୍ରକୁ ଭଲଭାବେ ଧୋଇ ରସ ବାହାର କରି ୩ ଗ୍ରାମ୍ ଲେଖାଏଁ ଦିନକୁ ଦୁଇଥର ସେବନ କଲେ ଦୁର୍ବଳତା ଦୂର ହୋଇଥାଏ ।



### ବଦହଜମି

ବଦହଜମି ଦୂର କରିବାକୁ ହେଲେ ମଧୁମାଳତୀର ରସ ଦିଆ ଯାଇଥାଏ କିମ୍ବା ଏହାର ପତ୍ରକୁ ଦିନକୁ ୩-୪ ଥର ଚୋବାଇ ଖାଇଲେ ଉପଶମ ମିଳିଥାଏ ।

### ସଂକ୍ରାମକ କୀଟାଣୁ

ମଧୁମାଳତୀର ଦଶଟି ମଞ୍ଜିକୁ ରାତ୍ରଭୋଜନର ଦୁଇଘଣ୍ଟା ପୂର୍ବରୁ ଖାଇଲେ ସଂକ୍ରାମକ ଜୀବାଣୁ ନଷ୍ଟ ହୋଇଥାନ୍ତି । ପିଲାମାନଙ୍କୁ ୪ଟି ଲେଖାଏଁ ଦିଆ ଯାଇଥାଏ ।

### କୃମି ରୋଗ ।

ମଧୁମାଳତୀର ଦୁଇ ତିନୋଟି ପାକଳ ମଞ୍ଜିକୁ ବାଟି ସେଥିରେ ମହୁ ମିଶାଇ ସେବନ କଲେ କୃମି ରୋଗ ଭଲ ହୋଇଥାଏ ।

### ଗର୍ଭ କଷ୍ଟ

ଏହାର ୨୦ଟି ପତ୍ରକୁ ୩୦୦ ମିଲି.ଲି. ଜଳରେ ଫୁଟାଇ (୭୫ ମିଲି.ଲି. ରହିବା ଯାଏ) ପିଇଲେ ଗର୍ଭ କଷ୍ଟ ଦୂର ହୋଇଥାଏ ।

### ଜ୍ୱର

ମଧୁମାଳତୀର ଦୁଇ ଚାରିଟି ମଞ୍ଜିକୁ ହାଲୁକା ଭାଜି ଚୂର୍ଣ୍ଣ କରି ମହୁ ମିଶାଇ ପିଇଲେ ଜ୍ୱର କମିଯାଇଥାଏ ।

### ଡାଇବେଟିସ୍

ମଧୁମାଳତୀର ଫୁଲ କିମ୍ବା ପତ୍ର ୫-୬ଟି ରୁ ରସ ବାହାର କରି ୪ମିଲି.ଲି. ଲେଖାଏଁ ଦିନକୁ ଦୁଇଥର ପିଇଲେ ଡାଇବେଟିସ୍ ବା ମଧୁମେହ ଦୂର ହୋଇଥାଏ ।


### ସର୍ଦ୍ଦି, ଥଣ୍ଡା, କଫ

୧ ଗ୍ରାମ୍ ତୁଳସୀପତ୍ର, ୨-୩ ଗ୍ରାମ୍ ଲବଙ୍ଗ, ୧ ଗ୍ରାମ, ମଧୁମାଳତୀର ଫୁଲ ପତ୍ରର କାଢ଼ା ପ୍ରସ୍ତୁତ କରି ପିଇଲେ (ଦିନକୁ ଦୁଇଥର) ଥଣ୍ଡା କାଶ ଛିଙ୍କ ଦୂର ହୋଇଥାଏ । ମଧୁମାଳତୀର ସବୁ ଭାଗ ଆୟୁର୍ବେଦ ଉପଚାର ପାଇଁ ପ୍ରୟୋଗ କରାଯାଇଥାଏ ।

ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମଧୁମାଳତୀକୁ ନେଇ ଭାରତର ବିଭିନ୍ନ ଭାଷାରେ ବିଭିନ୍ନ ଗୀତ ଓ କବିତାମାନ ରହିଛି । ତନ୍ମଧ୍ୟରୁ 'ମଧୁମାଳତୀ ଡାକେ ଆଏ' ବଙ୍ଗଳା ଗୀତ, ଓଡ଼ିଆରେ 'ମଧୁମାଳତୀ ମୋ ମଧୁମାଳତୀ, ମୋତେ ଝୁରିବୁନି ମଧୁମାଳତୀ' ବହୁଳ ଲୋକପ୍ରିୟତା ପ୍ରାପ୍ତ କରିଥିବା ଆଲବମ୍ ଗୀତ, ହିନ୍ଦୀରେ ନରେନ୍ଦ୍ର ଶର୍ମାଙ୍କ ଲିଖିତ 'ମେରେ ହୃଦୟ ନିକୁଞ୍ଜ କି ମଧୁମାଳତୀ' ଓ ଶ୍ରୀ ଦେବୀ ଦର୍ଶନ ଚଳଚ୍ଚିତ୍ରର 'ମାଧବୀ - ମଧୁମାଳତୀ' ଲୋକପ୍ରିୟ ଗୀତ । ଅନେକ କବି ମଧୁମାଳତୀର ସୌନ୍ଦର୍ଯ୍ୟକୁ ନେଇ ସୁନ୍ଦର କବିତାମାନ ଲେଖି ଯାଇଛନ୍ତି । ସମ୍ଭବତଃ ଜୟଦେବଙ୍କ ଗୀତଗୋବିନ୍ଦରେ 'ଲବଙ୍ଗଲତା' ତୁଳନୀୟ । ଓଡ଼ିଆ ଚଳଚ୍ଚିତ୍ର 'ଗୃହଲକ୍ଷ୍ମୀ'ରେ ଏକ ଲୋକପ୍ରିୟ ଗୀତ ରହିଛି 'ଆଗୋ ମୋର ମଧୁମାଳତୀ' ।

## ପୌରାଣିକ ଆଖ୍ୟାନରେ ମଧୁମାଳତୀ

ପ୍ରକୃତିକୁ ଚମତ୍କୃତ କରୁଥିବା ପ୍ରତ୍ୟେକ ଫୁଲ ପରି ମଧୁମାଳତୀର ମଧ୍ୟ ଏକ ପୌରାଣିକ କଥା ବା ଆଖ୍ୟାନ ରହିଛି । ବିଧାତା ଲତାରୁ ଏକ ଦୁହିତା ସୃଷ୍ଟି କରି ମାଳତୀ ନାମ ଦେଇଥିଲେ । କଥାଟି ଏହିପରି - ଭଗବାନ ବିଷ୍ଣୁଙ୍କ ଭକ୍ତ ପ୍ରହଲ୍ଲାଦ ଅସୁର ଲୋକର ସମ୍ରାଟ ଥିଲେ । ପ୍ରହଲ୍ଲାଦଙ୍କ ପୁତ୍ର ବୈରୋଚନ ବ୍ରହ୍ମାଙ୍କ ଉପାସନା କରି ପ୍ରପିତା ହିରଣ୍ୟକଶ୍ୟପ ଭଳି ବରପ୍ରାପ୍ତ



କରିଥିଲା ଘରେ କି ବାହାରେ ଦିନରେ କି ରାତିରେ, ମର୍ତ୍ତରେ କି ସ୍ୱର୍ଗରେ ତା'ର ମୃତ୍ୟୁ ହେବ ନାହିଁ, ନାରୀଙ୍କୁ ସେ ଅତ୍ୟନ୍ତ ଦୁର୍ବଳ ମନେ କରି, ଏହା ବି ମାଗିଥିଲା ଯେ କୌଣସି ପୁରୁଷ ତାଙ୍କୁ ବଧ କରିପାରିବେ ନାହିଁ, ପବନ ବହୁଥିବା ସମୟରେ ତା'ର ମୃତ୍ୟୁ ହେବ ନାହିଁ । ବ୍ରହ୍ମାଙ୍କ ବରପ୍ରାପ୍ତ ପରେ ସୁଧୀର ସରଳ ବୈଲୋଚନ ଧିରେ ଧିରେ ଅସୁର ପ୍ରବୃତ୍ତି ଓ ଅହଂକାରର ବଶବର୍ତ୍ତୀ ହୋଇ ଅସୁର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ତିନିଲୋକରେ ଆଧିପତ୍ୟ ରଖି ଦେବତାମାନଙ୍କୁ ବୈକୁଣ୍ଠରୁ ବିତାଡିତ କଲା । ବୈଲୋଚନର ଉପଦ୍ରବରେ ଦେବଲୋକରେ ହାହାକାର ପଡ଼ିଲା । ଅପସରା, ପାରିଜାତ ଫୁଲ ସମସ୍ତେ ଦେବଲୋକ ଛାଡ଼ି ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ । ବିଷ୍ଣୁ ଏ ସମ୍ବନ୍ଧରେ କଥା ହେବାକୁ ବ୍ରହ୍ମାଙ୍କ ନିକଟକୁ ଗଲେ । ବ୍ରହ୍ମା ସାନ୍ତ୍ୱନା ଦେଇ କହିଲେ 'ପ୍ରଭୁ' ତୁମେ ପରା ବଇରି ଗଞ୍ଜନ, ବୈଲୋଚନକୁ ବଧ କରି ତୁମେ ହିଁ ଦେବଲୋକର ଉଦ୍ଧାର କରିବ । ମୁଁ ତା ଶୀରରେ ତମ୍ବା ଖିଅଟିଏ ଦେଇଛି, ସେ ଖିଅ ଉପୁଡିଗଲେ ତା'ର ମୃତ୍ୟୁ ହୋଇଯିବ ।ତେଣୁ ମାଧବ ତୁମେ ହିଁ ସେ ଖିଅକୁ ବାହାର କରି ତାର ଦୌରାତ୍ମ୍ୟକୁ ରୋକି ପାରିବ ଓ ଦେବତାମାନଙ୍କୁ ନ୍ୟାୟ ଦେଇପାରିବ ।' ବ୍ରହ୍ମାଙ୍କ ସମେତ ସମସ୍ତ ଦେବତାମାନେ ମାଳା ଜପି ମାଧବ ବିଷ୍ଣଙ୍କ ଆରାଧନା କଲେ । ଆରାଧନା ସମୟରେ ବ୍ରହ୍ମାଙ୍କ ହାତରୁ ମାଳ ଖସି ପଡ଼ିଲା ଓ ସେଥିରୁ ଏକ ସୁନ୍ଦର କନ୍ୟା ଜାତ ହେଲା । ମାଧବ ନିଜେ କନ୍ୟା ରୂପରେ ଆବିର୍ଭୂତା ହୋଇଥିବାରୁ ଏବଂ ମାଳାରୁ ଜାତ ହୋଇଥିବାରୁ ତାର ନାମ ରଖାଗଲା ମାଳତୀ । ମାଳତୀ ଅରଣ୍ୟରେ ଥିବା ଏକ ଆଶ୍ରମରେ ରହୁଥିଲା ଏବଂ ଶ୍ରୀବିଷ୍ଣୁଙ୍କ ତପସ୍ୟା କରୁଥିଲା । ଏକଦା ଅସୁର ବୈଲୋଚନ ପାରିଧିରେ ଯିବାବେଳେ, ମାଳତୀକୁ ଦେଖି ଅଭିଭୂତ ହୋଇଗଲା । ଏତେ ସୁନ୍ଦର କନ୍ୟା ଦେଖି ପାଗଳ ପ୍ରାୟ ହୋଇ ମାଳତୀକୁ ପରିଚୟ ପଚାରିଲା ଓ ବିବାହ ପାଇଁ ନିବେଦନ କଲା । କିନ୍ତୁ ମାଳତୀ, ବୈଲୋଚନକୁ ବିବାହ ପାଇଁ ଅସ୍ୱୀକାର କରି କହିଲା 'ବୀରବର ମୁଁ ଜାଣିଛି ତୁମେ ରାଜାପୁଅ ମହାପ୍ରତାପୀ, ତୁମକୁ ବିବାହ କରିବାରେ ମୋର ଆପତ୍ତି ନାହିଁ କିନ୍ତୁ ତୁମ ବଡ଼ବାପା କାଳନେମିଙ୍କ ଛଅପୁତ୍ରଙ୍କୁ ବ୍ରହ୍ମଙ୍କର ଅଭିଶାପ ଅଛି, ସେମାନେ ବ୍ରହ୍ମାଙ୍କ ଉପହାସ କରି ପିତାହସ୍ତରେ ପ୍ରାଣ ନେବେ ଏବଂ ଦ୍ୱାପରରେ କଂସ ସେମାନଙ୍କୁ କଚାଡ଼ି ମାରିବ । ଏ ଅନ୍ତେ ସମସ୍ତ ପରିବାରକୁ ପାପ ଲାଗିବ, ତେଣୁ ପ୍ରାୟଶ୍ଚିତ ସ୍ୱରୂପ ମୁଁ ଛଅମାସ ଅରଣ୍ୟରେ ରହି ତପସ୍ୟା କରିବାକୁ ଚାହେଁ ଏବଂ କୌଣସି ପୁରୁଷ ମୁଖ ଚାହିଁବି ନାହିଁ । ତା' ପରେ ତୁମ ଇଚ୍ଛା ମୋତେ ବିବାହ କରିପାର କି ନକରିପାର ।' ବୈଲୋଚନ, ସୁନ୍ଦରୀ ମାଳତୀର କଥା ଶୁଣି ତାର ସବୁ ସର୍ତ୍ତରେ ରାଜିହୋଇ ନିଜ ପ୍ରାସାଦକୁ ଫେରିଗଲା ଏବଂ ଛଅମାସ ସରିବାକୁ ଅପେକ୍ଷା କଲା । ଏହା ମଧ୍ୟରେ ବୈଲୋଚନ ଦିନରେ ଆରାମ କରୁକରୁ ନିଦ୍ରା ଚାଲିଗଲା ଓ ସେ ସ୍ୱପ୍ନରେ ନାରୀ ସହ ସମ୍ଭୋଗର ସ୍ୱପ୍ନ ଦେଖିଲା । ଦିବସରେ ନାରୀ ସମ୍ଭୋଗର ସ୍ୱପ୍ନ ମୃତ୍ୟୁର ସନ୍ଦେଶ ଦେଇଥାଏ, ତେଣୁ ବୈଲୋଚନ ଭୟଭୀତ ହୋଇ ବିଚଳିତ ଭାବେ ଅରଣ୍ୟରେ ଥିବା ମାଳତୀର ଆଶ୍ରମକୁ ଧାଇଁଲା । ଛଅମାସ ପୂର୍ବରୁ ବୈଲୋଚନକୁ ଦେଖି ମାଳତୀ ଆଶ୍ଚର୍ଯ୍ୟ ହେଲା ଏବଂ ସେ ଜାଣିନେଲା ଏବେ ତା'ର ବଧ କରିବାର ସମୟ, ତେଣୁ କାଳ ତାକୁ ଡାକି ଆଣିଛି । ମାଳତୀ ଅତି ଶ୍ରଦ୍ଧାରେ କଥା ଛଳରେ ବୈଲୋଚନକୁ ଦ୍ୱାରବନ୍ଧକୁ ଡାକିନେଇ କୋଳରେ ଶୁଆଇ ମୁଣ୍ଡ ଆଉଁସି ମନମୋହୁଥାଏ । ପବନକୁ ସ୍ମରଣ କରି ମାଳତୀ କ୍ଷଣଟିଏ ପବନ ସ୍ଥିର ହେବାକୁ ଗୁହାରି କରି ଦିନ ନୁହେଁ କି ରାତି ସନ୍ଧ୍ୟା ସମୟରେ, ଘର ନୁହେଁ କି ବାହାରେ, ଦ୍ୱାରବନ୍ଧରେ, ମାଟି ନୁହେଁ କି ଆକାଶ, ନିଜ କୋଳରେ ଶୁଆଇ ମୁଣ୍ଡ ଆଉଁସିବା ବେଳେ ମୁଣ୍ଡରୁ ସେ ତାମ୍ର ଖିଅଟିକୁ ଉପାଡ଼ି ଦେଲା ଓ ବୈଲୋଚନ ତଳେ ପଡ଼ି ଛଟପଟ ହୋଇ ମରିଗଲା । ମାଧବଙ୍କ ଏ ମାଳତୀ ରୂପ ଦେଖି ଦେବତାମାନେ ନତମସ୍ତକ କଲେ ଏବଂ ବ୍ରହ୍ମା ତାଙ୍କୁ 'ମଧୁମାଳତୀ' ନାମ ଦେଇ ସେଇ ଆଶ୍ରମରେ ଏକ ସୁନ୍ଦର ପୁଷ୍ପ କରି ରଖିଦେଲେ । କନ୍ଦର୍ପ, ମଧୁମାଳତୀଙ୍କ ଅପରୂପ କାନ୍ତିକୁ ନିଜ ତନୁରେ ଜଡ଼େଇ ଧରିବା ଆଶରେ ତାକୁ ଲତା ପୁଷ୍ପ କରି ବିବାହ କଲେ । କିନ୍ତୁ ମଧୁମାଳତୀର ଜନ୍ମ କେବଳ ବୈଲୋଚନର ହତ୍ୟା ବା ବଧ ହୋଇଥିବାରୁ ପ୍ରାୟତଃ ପୂଜା ପାଇଁ ଯୋଗ୍ୟ ହୋଇନଥାଏ ।

## ଅଭିମତ



ମଧୁମାଳତୀ ବର୍ଷଧିକାରୀ ଲତା । ଏହାର ଫୁଲ ଚତୁର୍ଦ୍ଦଳ ଓ ଫୁଲର ଡେମ୍ଫ ଲମ୍ବା । ପ୍ରଥମେ ଫୁଟିଲା ବେଳେ ଫୁଲ ଧଳା ଦିଶେ । ୧୨ ଘଣ୍ଟା ପରେ ନାଲିଆ ହୋଇଯାଏ । ଏଥିପାଇଁ ଏକ ସମୟରେ ଲତାରେ ଧଳା ଓ ନାଲି ପାଖୁଡ଼ାଯୁକ୍ତ ଫୁଲ ଫୁଟିଥିବା ଦେଖାଯାଏ । ଏହାର ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟେ, ସନ୍ଧ୍ୟା ସମୟରେ ଫୁଟିଲା ବେଳେ ଫୁଲର ପାଖୁଡ଼ା ନାଲିଥାଏ ଓ ସକାଳକୁ ଧଳା ହୋଇଯାଏ । ସମ୍ଭବତଃ ଜୟଦେବଙ୍କ ଗୀତଗୋବିନ୍ଦର 'ଲବଙ୍ଗଲତା' ଏହି ମଧୁମାଳତୀ ଲତା ଅଟେ; ଡେମ୍ଫ ଲଗା ଫୁଲ ଲବଙ୍ଗ ସଙ୍ଗେ ତୁଳନୀୟ । ମୋତେ ମଧୁମାଳତୀ ବହୁତ ପସନ୍ଦ । ସେଥିପାଇଁ ମୋ ଗେଟ୍ ଉପରେ, ପାଚେରୀ ଉପରେ ସବୁବେଳେ ମଧୁମାଳତୀ ଶୋଭା ପାଉଥାଏ । ତାର ସୁଗନ୍ଧ ଖୁବ୍ ମୃଦୁ ଓ ମନୋହର । ମାଧବଙ୍କ ପ୍ରିୟ ହୋଇଥିବାରୁ ତାକୁ ମଧୁମାଳତୀ କୁହାଯାଏ । ଏବେ ମଧୁମାଳତୀକୁ ନେଇ ଅନେକ ଗବେଷଣା ଚାଲିଛି । ବନସ୍ପତି ବିଜ୍ଞାନୀମାନେ ଏହାକୁ ଏକ ଉପଯୋଗୀ ଫୁଲ ବୋଲି ଦାବି କରୁଥିବା ବେଳେ, ଆୟୁର୍ବେଦରେ ବିଭିନ୍ନ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି । ପରିବେଶ ବିଜ୍ଞାନୀମାନେ ଏହାକୁ ପ୍ରକୃତିର ଅନନ୍ୟ ସୌନ୍ଦର୍ଯ୍ୟମୟ ଉପହାର କହିଥାନ୍ତି ।

**ଡକ୍ଟର ମାଙ୍ଗଳିକା ମହାପାତ୍ର**

ପ୍ରାଧ୍ୟାପିକା: ପରିବେଶ ବିଜ୍ଞାନ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

# ସ୍ୱାସ୍ଥ୍ୟକର ବ୍ୟଞ୍ଜନ



# ମାଖ୍ନା ଲଡୁ



**ରଷିକା ରୁଚିରମ୍ୟା**

ଶ୍ରୀସ୍ୱସ୍ତିକ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ-୨୦୪,
ବୈଦ୍ୟନାଥ ନଗର, ସେଲ୍ସ୍‌ଟ୍ୟାକ୍ସ ଅଫିସ୍
ସ୍କୋୟାର, ବ୍ରହ୍ମପୁର-୭୬୦୦୧୦,
ଫୋନ:୯୦୭୮୪୪୧୭୧୧

## ମାଖ୍ନା ଲଡୁ

**ଆବଶ୍ୟକ ସାମଗ୍ରୀ :** ମାଖ୍ନା- ୨ଗିନା / କପ୍, ଚିନାବାଦାମ-୧ ଗିନା / କପ୍, ଶୁଖିଲା ନଡ଼ିଆ କୋରା-୧ ଗିନା / କପ୍, କିସ୍‌ମିସ୍-୨୦ଗ୍ରାମ୍, ବାଦାମ-୧୫/୨୦ଟି, କାଜୁ-୧୫/୨୦ଟି, ଗୁଡ଼-୧ ଗିନା / କପ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍‌ରେ ମୋଟା କଡ଼େଇ ବା ପ୍ୟାନ୍ ବସାଇ ଗରମ କରନ୍ତୁ । ସେଥିରେ ଚିନାବାଦାମ୍ ଶୁଖିଲାରେ ବାସ୍ନା ଆସିବା ଯାଏଁ ଭଲ ଭାବେ ଭାଜି ଦିଅନ୍ତୁ । ସେଇ କଡ଼େଇରେ ଶୁଖିଲା କୋରା ନଡ଼ିଆକୁ ୫ ମିନିଟ୍ ଯାଏ ଭାଜି ବାହାର କରି ରଖନ୍ତୁ । ଏହାପରେ କଡ଼େଇରେ ୨ ଟେବୁଲ ଚାମଚ ଦେଶୀ ଘିଅ ପକାଇ ସେଥିରେ ୨ ଗିନା ମାଖ୍ନାକୁ ମିଡ଼ିୟମ୍ ଫ୍ଲେମ୍‌ରେ ହାଲୁକା ଓ କ୍ରିସ୍ପି ହେବାଯାଏଁ ଭାଜନ୍ତୁ । ମାଖ୍ନାକୁ ହାତରେ ଚିପିଲେ ଯଦି ଭାଙ୍ଗି ଯାଉଛି ତା ହେଲେ ଜାଣିବେ ତାହା ଭଲ ଭାବେ ଭାଜି ହୋଇ ଗଲାଣି । ତାକୁ ବାହାର କରି ଅନ୍ୟ ଏକ ପ୍ଲେଟ୍‌ରେ ରଖନ୍ତୁ । କଡ଼େଇରେ ଅଳ୍ପ ଘିଅ ଦେଇ କିସ୍‌ମିସ୍‌କୁ ଭାଜି ବାହାର କରି ରଖନ୍ତୁ । କଡ଼େଇରେ ପୁଣି ଅଳ୍ପ ଘିଅ ଦେଇ କାଜୁ ଓ ବାଦାମ୍‌କୁ ଛୋଟ ଛୋଟ ଖଣ୍ଡ କରି ଭାଜି ରଖନ୍ତୁ । ବର୍ତ୍ତମାନ ଚିନାବାଦାମ୍‌ର ନାଲି ଚୋପାକୁ ହାତରେ ଘଷି ଛଡ଼ାଇ ଦିଅନ୍ତୁ । ଚିନାବାଦାମ୍ ଓ ମାଖ୍ନାକୁ ମିକ୍ସିରେ ଖଦଡ଼ିଆ କରି ଗୁଣ୍ଡ କରନ୍ତୁ । ଏହି ଗୁଣ୍ଡରେ କାଜୁ, ବାଦାମ୍ ଖଣ୍ଡ କିସ୍‌ମିସ୍, ନଡ଼ିଆ କୋରା ଭଜା ସବୁକୁ ମିଶାଇ ଦିଅନ୍ତୁ । ଗୁଡ଼ ତରଳି ଗଲେ ମାଖନା ଆଦିର ମିଶ୍ରଣକୁ ଗୁଡ଼ରେ ପକାଇ ଘାଣ୍ଟି ଦିଅନ୍ତୁ । ଯଦି ଦରକାର ହୁଏ ଘିଅ ୧/୨ ଚାମଚ ଦିଅନ୍ତୁ । ଲଡୁ ବଳିଲା ଭଳି ହେଲେ କଡ଼େଇ ତଳକୁ ଆଣନ୍ତୁ । ହାତକୁ ସୁହାଇଲା ଭଳି ଉଷୁମ ଥିବା ଅବସ୍ଥାରେ ଲଡୁ ଗଢ଼ି ଦିଅନ୍ତୁ । ଥଣ୍ଡା ହୋଇଗଲେ ସଫା ଜାର୍‌ରେ ଲଡୁ ରଖି ୧୫ଦିନ ଯାଏଁ ରଖି ଖାଇ ପାରିବେ ।



## ମାଖ୍ନା କ'ଣ ?

ମାଖ୍ନା ପଦ୍ମଫୁଲ ମଞ୍ଜିରୁ ବାହାରୁଥିବା ଧଳା ଅଂଶ । ଏହା ସାଧାରଣତଃ ଆମ ପୋଖରୀ ଗାଡ଼ିଆ ଆଦିରେ ଫୁଟୁଥିବା ପଦ୍ମଫୁଲ ନୁହେଁ । କଣ୍ଟାଳିଆ ପତ୍ର ଥିବା ପାଣିରେ ବଢୁଥିବା ପଦ୍ମଫୁଲର ଏକ ପ୍ରଜାତି । ଦକ୍ଷିଣ ଏସିଆରେ ଏହାକୁ ଚାଷ କରାଯାଇ ମାଖ୍ନା ଅମଳ କରାଯାଏ । ଭାରତର ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ବିହାରରେ ଚାଷ କରାଯାଏ । ବିହାରରେ ଏହା ଏକ ଲାଭଜନକ ଫସଲ ଭାବେ ପରିଗଣିତ ହୁଏ ।

**ମାଖ୍ନାର ଖାଦ୍ୟ ମୂଲ୍ୟ :** ମାଖ୍ନା ଏକ ସୁପର ଫୁଡ଼୍ । ଏହା ପ୍ରଚୁର ପ୍ରୋଟିନ୍ ଯୁକ୍ତ ଅତି କମ୍ ଫ୍ୟାଟ୍ ଓ ଅଧିକ ଫାଇଭର୍ ଥିବା ଖାଦ୍ୟ । ୧୦୦ ଗ୍ରାମ ମାଖ୍ନାରେ ପ୍ରାୟ ୩୪୭ କ୍ୟାଲୋରୀର ଏନର୍ଜି ମିଳିଥାଏ । ମାଖ୍ନାରେ ବେଶୀ ପରିମାଣରେ କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ, ଆଇରନ୍ ଓ ଫସ୍‌ଫରସ୍ ମିଳିଥାଏ । -ମାଖନାରେ ପ୍ରଚୁର କ୍ୟାଲସିୟମ୍ ଥିବା ଯୋଗୁଁ, ଏହା ଖାଇଲେ ହାଡ଼ ମଜଭୁତ ହୁଏ । କଲୋଷ୍ଟେରାଲ୍ ମାତ୍ରା କମ୍ ହୁଏ ଓ ବ୍ଲଡ୍ ପ୍ରେସର ନିୟନ୍ତ୍ରଣ କରେ ।

● ମାଖ୍ନାରେ ଥିବା ମ୍ୟାଗ୍ନେସିୟମ୍ ଶରୀରରେ ମେଟାବୋଲିକ୍ ରିଆକ୍ସନ୍ ପାଇଁ ଆବଶ୍ୟକ ହେଇଥାଏ । ଏହାଛଡ଼ା ଶରୀରର ପ୍ରୋଟିନ୍ ସିନ୍ଥେସିସ୍‌ରେ ସାହାଯ୍ୟ କରିବା ସହ ନର୍ଭ ସିଷ୍ଟମ୍‌କୁ ସୁସ୍ଥ ରଖେ । ● ମାଖ୍ନା ଆଣ୍ଟି ଅକ୍ସିଡେଣ୍ଟରେ ଭରପୂର । ଆଣ୍ଟିଅକ୍ସିଡେଣ୍ଟ ଶରୀରର ଇନ୍‌ଫ୍ଲାମେଶନ୍ କମ୍ କରିବାରେ ସାହାଯ୍ୟ କରେ । ● ରିମାଟଏଡ୍ ଆର୍ଥରାଇଟ୍ସ ସୋରିଆସିସ୍, ଇନ୍‌ଫ୍ଲାମେଟୋରୀ ବାଓ୍ୱେଲ୍ ଆଦି ରୋଗ ହେବାରୁ ରକ୍ଷା କରେ । ମାଖ୍ନା ଓଜନ ହ୍ରାସରେ ସାହାଯ୍ୟ କରେ । ଭୋକ କମାଇବା ସହ ଖାଦ୍ୟ ଲାଳସାକୁ ନିୟନ୍ତ୍ରଣ କରେ । ● ମାଖ୍ନାରେ ବିଭିନ୍ନ ପ୍ରକାର ଆମିନୋ ଏସିଡ୍ ଯଥା Glutamine, Cystine, Ariginine, Metatheonine ଆଦି ଥିବାରୁ ଏସବୁ ତ୍ୱଚାର ଜଳୀୟ ଅଂଶ ଧରି ରଖିବା ସହ ଇଲାଷ୍ଟିସିଟି ରକ୍ଷା କରନ୍ତି । ଯାହା ଶରୀରକୁ ଶୀଘ୍ର ବାର୍ଦ୍ଧକ୍ୟ ଭୋଗିବାରୁ ରକ୍ଷା କରେ । ତେଣୁ ମାଖ୍ନାକୁ ବୃଦ୍ଧତ୍ୱରୁ ରକ୍ଷା କରିବାର ଏକ ଶକ୍ତିଶାଳୀ ସ୍ରୋତ ଭାବେ ଗ୍ରହଣ କରାଯାଏ । Makhana is a powerful source of anti-aging properties. ●୧୦୦ ଗ୍ରାମ୍ ମାଖ୍ନା ଆମକୁ ୯.୭ ଗ୍ରାମ ପ୍ରୋଟିନ୍, ୧୪.୫ ଗ୍ରାମ୍ ଫାଇଭର୍ ଦିଏ । ● ମାଖ୍ନା ଶରୀରକୁ ବିଷାକ୍ତ ପଦାର୍ଥ ବାହାର କରିଦିଏ (Makhana is a great detoxifying agent) ଶରୀରରୁ RBC (Red Blood Cells) କମାଇବାରେ ସାହାଯ୍ୟ କରିଥାଏ । ●ଯେଉଁମାନଙ୍କର Wheat ଆଲର୍ଜି, Gluten intollerence ଅଛି ସେମାନେ ମାଖ୍ନା ଅଟାରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଉଚିତ । ଏହା ପ୍ରଚୁର ପ୍ରୋଟିନ୍, ଫାଇଭର୍ ଯୁକ୍ତ ଓ Gluten ମୁକ୍ତ ଖଶଦ୍ୟ ଅଟେ ।

**ନିଦ୍ରାହୀନତା ରୋଗ Insomania ପାଇଁ ମାଖ୍ନା ଦ୍ୱାରା ଘରୋଇ ଉପଚାର:** ●୨ ମୁଠା ମାଖ୍ନା ଓ କିଛି ଖଜୁରୀକୁ ୨/୩ ଘଣ୍ଟା ପାଇଁ ପାଣିରେ ଭିଜାଇ ଦିଅନ୍ତୁ । ତା'ପରେ ଏକ ଗ୍ଲାସ୍ କ୍ଷୀର ଦେଇ ବ୍ଲେଣ୍ଡର୍‌ରେ ଚିକ୍କଣ କରି ବାଟି smoothie ପ୍ରସ୍ତୁତ କରି ରୋଗୀକୁ ଶୋଇବାର ଅଧଘଣ୍ଟା ପୂର୍ବରୁ ପିଇବାକୁ ଦିଅନ୍ତୁ । ମିଠା ପାଇଁ ମହୁ ବ୍ୟବହାର କରିପାରନ୍ତି । ● ଏହିପରି କିଛିଦିନ ପିଇଲା ପରେ ରୋଗୀର ଅବସ୍ଥାରେ ଉନ୍ନତି ଲକ୍ଷ୍ୟ କରିବେ ।

● ମାଖ୍ନା ଶରୀରର ତ୍ରି-ଦୋଷ (ବାତ, ପିତ୍ତ, କଫ)ର ସନ୍ତୁଳନ ରକ୍ଷା କରିଥାଏ । ● ଉପରୋକ୍ତ କାରଣ ଯୋଗୁଁ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ମାଖ୍ନା ଏକ ଉତ୍ତମ ପୁଷ୍ଟିକର ଖାଦ୍ୟ । ଏହାକୁ ବିଭିନ୍ନ ଭାଗରେ ପ୍ରତିଦିନ ଖିଆ ଯାଇପାରେ । ● ମାଖ୍ନାକୁ ଘିଅରେ ଭାଜି କଳାଲୁଣ ମିଶାଇ ଚା ପିଇବା ସମୟରେ ଖାଇପାରିବେ । ● ଭଜା ମାଖ୍ନାରେ ଭଜା ଚିନାବାଦାମ୍ ମିଶାଇ ହିଙ୍ଗୁ, କଞ୍ଚାଲଙ୍କା, ଜିରା, ଭୃସଙ୍ଗ ପତ୍ର ଛୁଙ୍କ ଦେଇ ଚାର୍ଟ ମସଲା କଳା ଲୁଣ ପକାଇ ଚାର୍ଟ ପ୍ରସ୍ତୁତ କରି ଖାଇପାରନ୍ତି ।



# ନବରାତ୍ରୀର ନିଆରା ସ୍ୱାଦ



# ସୁଆଦିଆ ସାବୁଦାନା




## ରୋନାଲିସା ପଣ୍ଡା

ମାର୍ଫତ : ଅରୁଣାଂଶୁ ପାଣିଗ୍ରାହୀ, ସହଦେବଖୁଣ୍ଟା,
ବାଲେଶ୍ୱର-୭୫୬୦୦୧
ଫୋନ:୭୦୦୮୪୮୬୬୩୮


ଫଟୋ ସୌଜନ୍ୟ : ଲେଖିକା



### ସାବୁଦାନା ଉପମା

**ଆବଶ୍ୟକ ସାମଗ୍ରୀ :** ସାବୁଦାନ ୧କପ୍, ବାଦାମ ୨ ଚାମଚ, କଟା ଗାଜର, ଆଳୁ ୧/୨କପ୍, ମଟର ଅଳ୍ପ, ଜିରା ୧ଚାମଚ, କଞ୍ଚା ଲଙ୍କା ୧ଟା, ଟିକେ କରି ପତ୍ର, କଟା ଟମାଟୋ ଅଳ୍ପ । ଲୁଣ ସ୍ୱାଦ ଅନୁସାରେ ଓ ହଳଦୀ ଗୁଣ୍ଡ ଅଳ୍ପ । ତେଲ କିମ୍ବା ଘିଅ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସାବୁଦାନାକୁ ଧୋଇ ପାଣି ନିଗାଡ଼ି ଦିଅନ୍ତୁ । ୧କପ୍ ସାବୁଦାନାକୁ ୧/୪କପ୍ ପାଣି ଦେଇ ୧ଘଣ୍ଟା ପାଇଁ ବତୁରାଇ ଦିଅନ୍ତୁ । କରେଇରେ ଘିଅ ପକାନ୍ତୁ ଓ ସେଥିରେ ଜିରା ଓ କରିପତ୍ର ପକାଇ ଭଲ ଭାବରେ ଫୁଟାନ୍ତୁ । ସେଥିରେ କଂଚା ଲଙ୍କା, କଂଚା ବାଦାମ ଓ ପରେ ସବୁଯାକ କଂଚା ପରିବା ପକାଇ ଲୁଣ ଓ ହଳଦୀ ଗୁଣ୍ଡ ପକାଇ ଘୋଡ଼ଣି ଢାଙ୍କି ଦିଅନ୍ତୁ । ପରିବା ଟିକେ ସିଝିଗଲେ ସେଥିରେ ବତୁରା ସାବୁଦାନା ପକାଇ ଭଲ ଭାବରେ ଗୋଳାନ୍ତୁ ଓ ଚୁଲି ବନ୍ଦ କରି ଦିଅନ୍ତୁ । ଏହି ଉପମା ମଧ୍ୟ ନବରାତ୍ରୀ ଖାଇବା ଉପଯୋଗୀ ।



### ସାବୁଦାନା ହାଲୁଆ

**ଆବଶ୍ୟକ ସାମଗ୍ରୀ :** ସାବୁଦାନା ୧କପ୍, ଚିନି ୧କପ୍, କେଶର ଅଳ୍ପ, କାଜୁ, କିସ୍‌ମିସ୍ ଅଳ୍ପ, ଗୁଜୁରାତି ଗୁଣ୍ଡ, ଅଳ୍ପ, ଲୁଣ ଚିମୁଟେ, ଘିଅ ୩ ଚାମଚ,ତେଜପତ୍ର ୧ଟା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସାବୁଦାନାକୁ ଭଲ ଭାବରେ ଧୋଇ ତାର ପାଣି ନିଗାଡ଼ି ତାକୁ ୧ଘଣ୍ଟା ପାଇଁ ଅଳ୍ପ ପାଣି ଦେଇ ରଖି ଦିଅନ୍ତୁ । କରେଇ ଗରମ କରି ସେଥିରେ ଘିଅ ପକାଇ କାଜୁ ଓ କିସ୍‌ମିସ୍ ପକାଇ ସେଥିରେ ବତୁରା ସାବୁଦାନା ଓ ତେଜପତ୍ର ପକାଇ ସେଥିରେ ପାଣି ୧/୨କପ୍ ପକାନ୍ତୁ । ତାପରେ ସବୁଯାକ ଚିନି ଓ ଅଳ୍ପ ଲୁଣ ପକାଇ ଧୀରେ ଧୀରେ ଘାଣ୍ଟି ଦିଅନ୍ତୁ । ଚିନି ପାଣି ହୋଇ ଶୁଖିଗଲା ପରେ ସେଥିରେ ଗୁଜୁରାତି ଗୁଣ୍ଡ ଓ କେଶର ପକାନ୍ତୁ । ଶେଷରେ ଘିଅ ପକାଇ ଚୁଲି ବନ୍ଦ କରି ଦିଅନ୍ତୁ । ଏହି ହାଲୁଆ ମଧ୍ୟ ନବରାତ୍ରୀ ପୂଜା ସମୟରେ ଖାଇବା ଉପଯୋଗୀ ।


### ସାବୁଦାନା ଖିରି

**ଆବଶ୍ୟକ ସାମଗ୍ରୀ :** ସାବୁଦାନା ୧କପ୍, କ୍ଷୀର ୫୦୦ମିଲି, ଚିନି କିମ୍ବା ଗୁଡ଼ ୧୦୦ଗ୍ରାମ, ଗୁଜୁରାତି ଗୁଣ୍ଡ ୧ଚାମଚ, କେଶର ଟିକେ, ୧ ଚାମଚ ଘିଅ, କାଜୁ ଓ କିସ୍‌ମିସ୍ ଅଳ୍ପ । ଟିକେ ସୈନ୍ଧବ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସାବୁଦାନାକୁ ଭଲଭାବରେ ଧୋଇ ୧ଘଣ୍ଟା ପାଇଁ ବତୁରାଇ ଦିଅନ୍ତୁ । ଗୋଟେ କରେଇରେ ଟିକେ ଘିଅ ପକାନ୍ତୁ ଓ ସେଥିରେ ଅଳ୍ପ ଚିନି ପକାଇ ଗରମ କରନ୍ତୁ । ଚିନି ଲାଲ ହୋଇଗଲେ ସେଥିରେ ୧କପ୍ ପାଣି ପକାଇ ବତୁରା ସାବୁଦାନାକୁ ପକାନ୍ତୁ ଓ ପରେ ସେଥିରେ ଅଳ୍ପ ଅଳ୍ପ କରି କ୍ଷୀର ପକାନ୍ତୁ । କ୍ଷୀର ଟିକେ ମରିଗଲେ ସେଥିରେ ଗୁଡ଼ କିମ୍ବା ଚିନି ମିଶାଇ ଫୁଟାନ୍ତୁ । ପରେ କେଶର ଓ ଭଜା କାଜୁ ଓ କିସ୍‌ମିସ୍ ପକାଇ ସେଥିରେ ଅଳ୍ପ ସୈନ୍ଧବ ଲୁଣ ପକାଇ ଓ ଗୁଜରାତି ଗୁଣ୍ଡ ପକାଇ ଚୁଲି ବନ୍ଦ କରନ୍ତୁ । ଏହି ଖିରି ନବରାତ୍ରୀର ବ୍ରତରେ ସେବନ ଉପଯୋଗୀ ।



# ଗୀତିକାଙ୍କ ରାନ୍ଧଣା



# ଚିକେନ୍‌ର ଚମକ




## ଗୀତିକା ବିଶ୍ୱାଳ

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା

### ଚିକେନ୍ ଟିକ୍କା

**ଆବଶ୍ୟକ ସାମଗ୍ରୀ :** ୪୦୦ଗ୍ରାମ ବୋନ୍‌ଲେସ୍ ଚିକେନ୍, ୨ଟି ବଡ଼ ଆକାରର କଟା ହୋଇଥିବା କ୍ୟାପସିକମ୍ ଏବଂ ପିଆଜ, ୨ ଚାମଚ ବସାଦହି, ୨ ଚାମଚ ଅଦାରସୁଣ ବଟା, ୧ଚାମଚ ଲଙ୍କା ପାଉଡ଼ର, ୧ ଚାମଚ ଧନିଆ ଗୁଣ୍ଡ, ଅଧାଚାମଚ ଗରମ ମସଲା, ଅଧା ଚାମଚ ଚିକେନ୍ ମସଲା, ଅଧା ଚାମଚ ଜୀରାଗୁଣ୍ଡ, ଅଧା ଚାମଚ ଚାଟ୍ ମସଲା, ୩ ରୁ ୪ ଚାମଚ ରିଫାଇନ୍ ତେଲ, ୨ ଚାମଚ ବଟର, ସ୍ୱାଦ ଅନୁଯାୟୀ ଲୁଣ, କିଛି ଉଡେନ୍‌ଷ୍ଟିକ୍ (କାଠି) ଚିକେନ୍‌କୁ ଫ୍ରାଏ କରିବା ପାଇଁ (ଆପଣ ବିନା ଷ୍ଟିକ୍‌ରେ ମଧ୍ୟ ଚିକେନ୍‌କୁ ଫ୍ରାଏ କରିପାରିବେ)

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ସେଥିରେ ଦହି, ସମସ୍ତ ମସଲାଗୁଣ୍ଡ, ଲେମ୍ବୁରସ ଏବଂ ଲୁଣ ପକାଇ ୩୦ରୁ ୪୦ମିନିଟ୍ ମେରିନେଟ୍ ହେବା ପାଇଁ ରଖି ଦିଅନ୍ତୁ ।




**ଚିକେନ୍ ଟିକ୍କା:** କ୍ୟାପସିକମ୍ ଏବଂ ପିଆଜକୁ ବଡ଼ ଫାଳ କରି କାଟି ରଖନ୍ତୁ । ବର୍ତ୍ତମାନ ଉଡେନ୍‌ଷ୍ଟିକ୍‌ରେ ଗୋଟେ ଚିକେନ୍ ସହିତ ପିଆଜ ଏବଂ କ୍ୟାପସିକମ୍ ପୁରେଇ କ୍ରମ ଆକାରରେ ସଜାଇ ଦିଅନ୍ତୁ । ପ୍ରତ୍ୟେକ ଷ୍ଟିକ୍‌ରେ ୩ଟି ଚିକେନ୍ ଏବଂ ୩ଟି କଟା ପିଆଜ, କ୍ୟାପସିକମ୍ ରଖନ୍ତୁ । ଏହି ପ୍ରଣାଳୀରେ ସମସ୍ତ ଚିକେନ୍, ପିଆଜ ଏବଂ କ୍ୟାପସିକମ୍‌କୁ କ୍ରମ ଆକାରରେ ସଜାଇ ଗୋଟିଏ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ବର୍ତ୍ତମାନ ଗ୍ୟାସ୍‌ରେ ଏକ ତାୱା ବସାଇ ୧ରୁ ୨ ଚାମଚ ତେଲ ପକାନ୍ତୁ । ଚିକେନ୍ କାଠିକୁ ପକାଇ ଭାଜନ୍ତୁ ଏବଂ ଗ୍ୟାସ୍‌ର ଫ୍ଲେମ୍‌କୁ କମ୍ ରଖନ୍ତୁ । ମଝିରେ ମଝିରେ ଏକ ବ୍ରଶ୍ ସହାୟତାରେ ଚିକେନ୍‌ଗୁଡ଼ିକ ଉପରେ ବଟର୍ ଲଗାଇ ଦିଅନ୍ତୁ । ଚିକେନ୍ ଗୁଡ଼ିକୁ ୨ ସାଇଡ଼ରୁ ଭାଜି ହେବା ପାଇଁ ଓଲଟାଇ ଦିଅନ୍ତୁ । ଏହି ପ୍ରଣାଳୀରେ ସମସ୍ତ ଚିକେନ୍‌କୁ ଫ୍ରାଏ କରିନେଇ ଏହାକୁ ପ୍ଲେଟ୍‌କୁ କାଢ଼ି ଆଣନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକ୍କା, ଏହାକୁ ପୁଦିନା ଚଟଣି ସହିତ ପରଷି ଦିଅନ୍ତୁ । ଚିକେନ୍ ଟିକ୍କାକୁ ମୁଖ୍ୟତଃ ଷ୍ଟାର୍ଟର୍ ଆକାରରେ ରଖା ଯାଇଥାଏ ।

### ମଟର୍ ପନିର୍

**ଆବଶ୍ୟକ ସାମଗ୍ରୀ :** ୨୦୦ ଗ୍ରାମ ପନିର୍, ୧୦୦ଗ୍ରାମ ଗ୍ରୀନ ମଟର, ୨ଟି କଟା ହୋଇଥିବା ପିଆଜ, ୩ଟି କଟା ହୋଇଥିବା ଟମାଟୋ, ୧ କପ୍ କାଜୁ, ୨ ଇଞ୍ଚ କଟା ହୋଇଥିବା ଅଦା, ୪ କୋଲା ରସୁଣ, ୧ ଚାମଚ ଜୀରା, ୧ ଚାମଚ ରେଡ୍ ଚିଲ୍ଲି ପାଉଡର, ଅଧା ଚାମଚ ହଳଦୀଗୁଣ୍ଡ, ୧ ଚାମଚ କସ୍ତୁରୀ ମେଥି, ଅଧାଚାମଚ ଗରମ ମସଲା, ୧ ଚାମଚ ମଟର ପନିର୍ ମସଲା (ଇଚ୍ଛାଧୀନ), ୧ ଚାମଚ ଧନିଆଗୁଣ୍ଡ, ୨ରୁ ୩ ଚାମଚ ରିଫାଇନ୍ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପ୍ୟାନ୍‌ରେ ତେଲ ପକାଇ ପନିର୍‌କୁ ଅଳ୍ପ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ବର୍ତ୍ତମାନ ସେହି ପ୍ୟାନ୍‌ରେ ୧ ଚାମଚ ତେଲ ପକାଇ କଟା ହୋଇଥିବା ପିଆଜ, ଟମାଟୋ, ଜୀରା, ଅଦା, ରସୁଣ ଏବଂ ୧ କପ୍ ଭିଜା ହୋଇଥିବା କାଜୁ ପକାଇ ୨ରୁ ୩ ମିନିଟ୍ ମଉଳିବା ପର୍ଯ୍ୟନ୍ତ ଭାଜି ନିଅନ୍ତୁ ଏବଂ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ଏବେ ଫ୍ରେଶ୍ ମଟରକୁ ଭଲ ଭାବେ ଧୋଇ ଏକ ପାତ୍ରରେ କାଢ଼ି ରଖନ୍ତୁ । ପିଆଜ ମଉଳା ଥଣ୍ଡା ହେବା ପରେ ଏହାକୁ ମିକ୍ସିରେ ଚଲାଇ ଏକ ପେଷ୍ଟ ପ୍ରସ୍ତୁତ କରି ରଖନ୍ତୁ । ବର୍ତ୍ତମାନ ପ୍ୟାନ୍‌ରେ ୨ରୁ ୩ ଚାମଚ ତେଲ ଦେଇ ରେଡ୍ ଚିଲ୍ଲି ପକାନ୍ତୁ (ଏହାଦ୍ୱାରା ତରକାରୀରେ ଭଲ ରଙ୍ଗ ଆସିଥାଏ) ଏବଂ ପ୍ରସ୍ତୁତ ଥିବା ପେଷ୍ଟ ପକାଇ ଭଲ ଭାବେ କଷନ୍ତୁ । ମସଲାରୁ ତେଲ ବାହାରିବା ପରେ ସେଥିରେ ଗ୍ରୀନ ମଟର୍ ପକାଇ ମଟରକୁ ସିଝିବା ପାଇଁ ୫ରୁ ୭ ମିନିଟ୍ ଢାଙ୍କୁଣି ଦେଇ କଷନ୍ତୁ । ମସଲା ଭଲ ଭାବେ କଷିହେବା ପରେ ବର୍ତ୍ତମାନ ସେଥିରେ ଥିବା ପନିର୍ ପକାନ୍ତୁ ଏବଂ ଭଲ ଭାବେ ମିଶାଇ ଦିଅନ୍ତୁ । ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଏବଂ କସ୍ତୁରୀ ମେଥି ପକାନ୍ତୁ । ଶେଷରେ ଗରମ ମସଲା ଛିଞ୍ଚି ପନିର୍‌କୁ ଏକ ପାତ୍ରକୁ କାଢ଼ି ଆଣନ୍ତୁ । ପ୍ରସ୍ତୁତ ହୋଇଗଲା ମଟର୍ ପନୀର୍ । ଏହାକୁ ଗରମ ରୁଟି, ନାନ୍ ଅଥବା ଭାତ ସହିତ ପରଷି ଦିଅନ୍ତୁ । ଏହି ମଟର୍ ରେସିପିଟି ଢାବା ଷ୍ଟାଇଲ୍ ମଟର୍ ନାମରେ ମଧ୍ୟ ପରିଚିତ ।



ଶ୍ରେଷ୍ଠପୃଷ୍ଠା

# ॥ ସୃଜନଶୀଳତା ଓ ମାତୃଶକ୍ତି ॥

ଥରେ ଜଣେ ଅଳ୍ପବୟସ୍କା ଲେଖିକାଙ୍କ ସୃଜନ ଉପଲବ୍ଧି ଶୁଣୁଥିବା ବେଳେ ଗୋଟିଏ କଥାରେ ମୁଁ ସ୍ତବ୍ଧ ହେଲି । ସେ କହିଲେ, "ବହୁତ ଜଣ ମୋ ସହ ଭେଦଭାବ କରିଛନ୍ତି ମୁଁ ଝିଅଟେ ବୋଲି । କେବେ କାହାଠାରେ ଏକଥା ପ୍ରକାଶ କରିବାର ଅବସର ଆସି ନାହିଁ । ବା ପ୍ରକାଶ କରି ପାରି ନାହିଁ । କିନ୍ତୁ ମୋତେ ବହୁବାର ଅନୁଭବ ହୋଇଛି କି ମୁଁ ଝିଅଟେ ବୋଲି ମୋତେ ବି ଅନେକ ଲେଖକ, ପ୍ରକାଶକ ଅନ୍ୟ ପୁରୁଷ ଲେଖକ ଠୁଁ ହୀନଦୃଷ୍ଟିରେ ଦେଖିଛନ୍ତି । କିନ୍ତୁ ମୁଁ ସେସବୁକୁ ଗୁରୁତ୍ୱ ନ ଦେଇ ଲେଖି ଚାଲିଛି । କିନ୍ତୁ କେଉଁଠି ନା କେଉଁଠି କଷ୍ଟ ହୁଏ ସାର୍ । ଆତ୍ମାକୁ ବାଧେ ।"

ପ୍ରଥମତଃ, ମୁଁ ଏହା ପୂର୍ବରୁ କହିଛି ଓ ପୁନରାୟ କହିବି ଯେ ଲେଖକର କୌଣସି ଲିଙ୍ଗଭେଦ ନାହିଁ ବା ରହିବା ଉଚିତ ନୁହେଁ । ଲେଖକଙ୍କୁ ଜେଣ୍ଡର୍ ଭିତ୍ତିରେ ଦେଖିବା ଏକ ପୁରୁଷତାନ୍ତ୍ରିକ ମାନସିକତା ଛଡ଼ା ଆଉ କିଛି ନୁହେଁ । ଆଜିର ସମୟକୁ ଆମେ ଲକ୍ଷ୍ୟ କଲେ ଭୁଲିଯିବା ଉଚିତ ନୁହେଁ ଯେ, ନାରୀଟିଏ ପ୍ରତିଟି କ୍ଷେତ୍ରରେ ନିଜର କ୍ଷମତା ଓ ସାମର୍ଥ୍ୟକୁ ନେଇ କେତେ ବେଶୀ ଆଗେଇ ପାରିଛି । ପ୍ରତିଟି କ୍ଷେତ୍ରରେ ସେ ନିଜକୁ ପ୍ରତିପାଦିତ କେବଳ କରିନି, ସଫଳତାର ବାନା ଉଡ଼ାଇଛି । ଶିକ୍ଷା, ରାଜନୀତି, ବିଜ୍ଞାନ, କ୍ରୀଡ଼ା- ଯେକୌଣସି କ୍ଷେତ୍ରରେ ଦେଖିଲେ ଏହାର ପ୍ରାମାଣିକତାକୁ ନେଇ ସନ୍ଦେହ ରହିବ ନାହିଁ । ସାହିତ୍ୟ ଓ ସର୍ଜନା କ୍ଷେତ୍ରଟିରେ ମଧ୍ୟ ଅନୁରୂପ ଭାବେ ନାରୀମାନଙ୍କର ପ୍ରବେଶ ଆଜି ବେଶ୍ ଆଶ୍ୱାସନାମୂଳକ ଓ ଆନନ୍ଦଦାୟକ ବୋଲି କହିପାରିବା ।

ନାରୀଟିଏ, କୌଣସି ନା କୌଣସି ସ୍ଥାନରେ, ପୁରୁଷଟି ଠାରୁ ଅଧିକ କ୍ରିୟାଶୀଳ ଓ ନିଷ୍ଠାବାନ । ଯେଉଁ କାମଟି କରିବା ପାଇଁ ସେ ପାଦ ବଢ଼ାଏ, ସେଠି ସେ ନିଜର ମୌଳିକ ଗୁଣ ଓ ଶକ୍ତିକୁ ଉପଯୋଗ କରିଥାଏ । ଫଳରେ ସେ ଅନେକ କ୍ଷେତ୍ରରେ ଆଗେଇ ଯାଏ, ବସ୍ତୁତଃ ଆଗେଇଛି ମଧ୍ୟ । ଆମେ ଯଦି ସୃଜନଶୀଳତାକୁ ଦେଖିବା, ତେବେ ଏ ଦିଗରେ ମଧ୍ୟ ନାରୀଟିଏ ଆଜି ବହୁ ଭାବରେ ଆଗରେ ଅଛି । ବୋଧହୁଏ ନାରୀଟିଏକୁ ଆଗେଇ ଯିବା ଦେଖି ବା ସଫଳ ହେବା ଦେଖି ଆମ ସମାଜର ପୁରୁଷତାନ୍ତ୍ରିକ ଦୃଷ୍ଟିଭଙ୍ଗୀ ତାକୁ ସହ୍ୟ କରି ପାରେନା । ଫଳରେ ଆରମ୍ଭ ହୋଇଯାଏ ଅସହଯୋଗ ବା ଉପହାସ । ଆରମ୍ଭରେ ଯେଉଁ ଅଳ୍ପବୟସ୍କା ଲେଖିକା ଜଣକ ତାଙ୍କର ଉପଲବ୍ଧି ବଖାଣୁଥିଲେ, ତା'ର ହେତୁ ମଧ୍ୟ ଏୟା । ମୁଁ ଜାଣେ ସେ ଜଣେ ପ୍ରତିଭାବାନ ଲେଖିକା ଏବଂ ତାଙ୍କ ଲେଖାର ଗୁଣାତ୍ମକ ମାନକୁ ବିଚାର କଲେ ସେ ବହୁ ପୁରୁଷ ଲେଖକଙ୍କ ଠାରୁ ଭଲ ଲେଖୁଥିବାର ଧାରଣା ମୋର ଅଛି । ତଥାପି ଆମର ସାହିତ୍ୟ ସଂସାର ଭିତରେ ଏପରି ଜଣେ ନାରୀଶକ୍ତିକୁ ନିରୁତ୍ସାହିତ କରାଯିବା ଘଟଣା କେବଳ ନିନ୍ଦନୀୟ ନୁହେଁ, ଲଜ୍ଜାଜନକ ମଧ୍ୟ ।

ଲେଖାଲେଖି କ୍ଷେତ୍ରଟିରେ ଆଜି ଯେମିତି ଅବାଧ ଭାବେ ନାରୀମାନଙ୍କର ପ୍ରବେଶ ଘଟିଛି, କିଛି ଦଶନ୍ଧି ତଳେ ସମୟ ଏପରି ନଥିଲା । ଥରେ ଜନୈକା ବିଶିଷ୍ଟ ଲେଖିକା କେଉଁଠି ଏକ ବକ୍ତବ୍ୟ ରଖିବା ବେଳେ ତାଙ୍କର ଆଦ୍ୟ ଲେଖାଲେଖି ସମୟର କଥା ବଖାଣୁଥିଲେ । ସେତେବେଳେ ସେମାନେ ଘର ଓ ପରିବାର ଠାରୁ ଲୁଚେଇ ଯାହା କିଛି ଲେଖୁଥିଲେ । ଘରର ଯାବତୀୟ କାମ ଶେଷ କରିବା ପରେ ସମସ୍ତେ ଶୋଇଗଲା ପରେ ସେମାନେ ଲେଖୁଥିଲେ । କାରଣ ଲେଖାଲେଖି କରିବା କଥାକୁ ସେତେବେଳେ ଭଲ ଦୃଷ୍ଟିରେ ଗ୍ରହଣ କରା ଯାଉନଥିଲା । ଯେମିତି ଫକୀରମୋହନଙ୍କ ସମୟରେ ନାରୀଶିକ୍ଷାକୁ ବିରୋଧ କରା ଯାଉଥିଲା, ଠିକ୍ ସେହିପରି ଲେଖାଲେଖି କରିବାକୁ ପ୍ରୋତ୍ସାହନ ମିଳୁ ନଥିଲା । ହେଲେ ଆଜିର ସମୟ ବଦଳି ଯାଇଛି । ସମାଜ ଓ ପରିବାର ନାରୀଟିଏକୁ ଅନେକ ପ୍ରତିବନ୍ଧକରୁ ମୁକ୍ତ କରିଛି । ଲେଖାଲେଖି ଏକ ସମ୍ମାନ ଜନକ କାର୍ଯ୍ୟ ବୋଲି ବିବେଚିତ ହେଉଛି । ଏହା ସତ୍ତ୍ୱେ କେଉଁଠି ନା କେଉଁଠି ନାରୀଟିଏ ଲେଖାଲେଖିରେ ପୁରୁଷ ଠାରୁ ଆଗକୁ ଚାଲିଗଲେ, କୌଣସି ଏକ ବଡ଼ ପୁରସ୍କାର ବିଜୟିନୀ ହୋଇଗଲେ ଅବା ନାରୀ ଲେଖିକାମାନେ ଛପାଛପିରେ ଅଧିକ ଭାବେ ସ୍ଥାନ ପାଇଲେ, ଜ୍ୱଳନ ହେଉଛି ଆମମାନଙ୍କର । କିନ୍ତୁ କାହିଁକି ? ପରିବାରରେ ଆମେ ଆମ ଝିଅଟିକୁ ମାଆଟିକୁ କିମ୍ବା ଭଉଣୀ ବା ପତ୍ନୀଟିକୁ ଆଦର ଓ ଶ୍ରଦ୍ଧା କରୁଥିବା ବେଳେ ସାମାଜିକ କ୍ଷେତ୍ରରେ କାହିଁକି ତାର ଜୟ-ବିଜୟକୁ ଦେଖି ଆମର ଭ୍ରୂକୁଞ୍ଚନ ହେଉଛି । କେଉଁଠି ନା କେଉଁଠି ଆମର ପୁରୁଷ-ଅହଂଟି ଆହତ ହେଉଛି କାହିଁକି ?

ଯଦି ଆଜିର ସମୟରେ ନାରୀଟିଏ ପତ୍ରପତ୍ରିକାରେ ନିଜର ଲେଖକୀୟ କୃତିର ଉତ୍କୃଷ୍ଟତାକୁ ନେଇ ଅଧିକ ପ୍ରକାଶିତ ହେଉଛି, ତେବେ ଏଥିରେ ଅସୁବିଧା କେଉଁଠି ? ସାହିତ୍ୟ ତ କାହାର ଏକଚାଟିଆ ଅଧିକାରର କ୍ଷେତ୍ର ନୁହଁ କି ଏହା କେବଳ ପୁରୁଷର ରଣକ୍ଷେତ୍ର ନୁହଁ । ତା'ଛଡ଼ା ନାରୀମାନେ କେତେବେଳେ ଆମର ପ୍ରତିଦ୍ୱନ୍ଦ୍ୱୀ ହେଲେ ଯେ ! ଯେଉଁ ନାରୀ ପୁରୁଷଟିକୁ ଜନ୍ମଦିଏ ଓ ଲାଳନପାଳନ କରେ, ସେଇ ନାରୀଟିର ସୃଜନକ୍ଷମତାରେ ଆମେ ଅସହିଷ୍ଣୁ ହୋଇ ପଡ଼ିବା, କେଉଁ ପୁରୁଷପଣିଆ ସତରେ ! ଏପରି ଏକ ପ୍ରକାର ହୀନ ମାନସିକତା ସାହିତ୍ୟ ଭିତରେ କାୟା ବିସ୍ତାର କରୁଥିବା ଦେଖି ବେଳେବେଳେ କଷ୍ଟ ହୁଏ ମନରେ । ଯେତେ ବେଶି ମାତୃଶକ୍ତିର ବିକାଶ ଘଟିବ, ସମାଜ ସେତେ ବେଶି ସଶକ୍ତ ହେବ, ସେତେ ବେଶି ଆଲୋକିତ ହେବ । ସୁତରାଂ ସର୍ଜନଶୀଳତା କ୍ଷେତ୍ରରେ ନାରୀମାନଙ୍କର ଅଧିକରୁ ଅଧିକ ପ୍ରବେଶ ଆମ ପାଇଁ କେବଳ ସୁଖଦ ଓ ଆନନ୍ଦଦାୟୀ ନୁହଁ, ମଙ୍ଗଳପ୍ରଦ ମଧ୍ୟ- ଏପରି ଏକ ପରିବେଶ ଯଦି ସାହିତ୍ୟ ଜଗତରେ ଆମେ ସୃଷ୍ଟି ନକରି ପାରିବା ତେବେ ସାହିତ୍ୟିକ ବୋଲାଇବା ଧିକ୍ ?

ମାତୃଶକ୍ତି ହେଉ କି ନାରୀଶକ୍ତି, ତାକୁ ସମ୍ମାନ ଦେବା, ଶ୍ରଦ୍ଧା କରିବା ପ୍ରତିଟି ମଣିଷର କର୍ତ୍ତବ୍ୟ । ସେ ସର୍ଜନା ହେଉ କି ସଂସାର । ସେମାନଙ୍କ ଆଶିଷପ୍ରାପ୍ତ ଓ ଆଦରଣୀୟ ହୋଇ ପାରିଲେ ଜୀବନ ଆଲୋକିତ ହେବ, ଅନ୍ୟଥା ସେମାନଙ୍କ ଅଭିସମ୍ପାତରେ ଜୀବନ ଭସ୍ମ ହୋଇଯିବ, କେହି ରକ୍ଷା କରିପାରିବେ ନାହିଁ । ଯିଏ ଜନ୍ମ ଦେଇ ଜାଣିଛି ସେ ମାରି ବି ଜାଣିଛି- ଏକଥା ଆମେ ଭୁଲିଯିବା ଭୁଲ ।



Azadi Ka Amrit Mahotsav

adventz



DEFINING
A NEW
PRESENT
ENVISAGING
A BETTER
FUTURE

canonfire

PARADEEP PHOSPHATES LIMITED
www.paradeepphosphates.com


Har sip mein dum
Ruchi Tea has a delightful blend of taste and strength which constantly energises you, keeps pushing you, for not just more. A lot more.
Introducing
RUCHI
FOODLINE
Since 1976
Tea
Dum Hardam
FREE RUCHI Haldi Powder ₹5 (12g)
Utkal
Dust
OFFER MRP.
FREE Frozit Ruskdip ₹10 (60g)
Utkarsh
PREMIUM
KADAK CHAI